# ଧରିତ୍ରୀ DHARITRI

52 Years

ଭୁବନେଶ୍ୱର, ସୋମବାର, ଡିସେମ୍ବର ୨୯/୨୦୨୫ (୧୬ ପୃଷ୍ଠା) | Bhubaneswar, Monday, December 29/2025 | Page 16 | ₹ 7.00 | SAMBALPUR

୫୨ଶ ଭାଗ ୩୬ ସଂଖ୍ୟା | www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul | VOLUME 52 ISSUE 36 | ମୂଲ୍ୟ ₹୭/-




**ମନ୍ଧାନାଙ୍କ ମାଇଲଖୁଣ୍ଟ**

ଥିରୁଭାନନ୍ତପୁରମ୍‌ରେ ରବିବାର ଅନୁଷ୍ଠିତ ଶ୍ରୀଲଙ୍କା ବିପକ୍ଷ ଟି୨୦ ମ୍ୟାଚ୍‌ରେ ଭାରତର ସ୍ମୃତି ମନ୍ଧାନା ଅନ୍ତର୍ଜାତୀୟ କ୍ରିକେଟରେ ୧୦ ହଜାର ରନ୍ ପୂରଣ କରିଛନ୍ତି।

୧୬

୧୨

**ଏଲିଜାବେଥ ଅବତାରରେ ହୁମା କୁରେଶୀ**

କନ୍ନଡ଼ ସୁପରଷ୍ଟାର୍ ୟଶଙ୍କ ଚଳଚ୍ଚିତ୍ର 'ଟକ୍ସିକ୍: ଏ ଫେୟାରୀଟେଲ୍ ଫର୍ ଗ୍ରୋନ୍-ଅପ୍ସ'ରେ ବଲିଉଡ ଅଭିନେତ୍ରୀ ହୁମା କୁରେଶୀ 'ଏଲିଜାବେଥ' ଚରିତ୍ରରେ ଅଭିନୟ କରୁଛନ୍ତି।






ଉନ୍ନାଓ ବଳାତ୍କାର ପୀଡ଼ିତାଙ୍କୁ ନ୍ୟାୟ ପ୍ରଦାନ ଦାବିରେ ରବିବାର ନୂଆଦିଲ୍ଲୀର ଯନ୍ତରମନ୍ତରଠାରେ ବିଭିନ୍ନ ସଂଗଠନ ପକ୍ଷରୁ ବିକ୍ଷୋଭ କରାଯାଉଛି। **(ଫଟୋ– ପି.ଟି.)**

# ଜଙ୍ଗଲରେ ବିଷ ପିଇ ଦମ୍ପତି ମୃତ

ଦେବଗଡ଼/ଛେଣ୍ଡିପଦା,୨୮।୧୨
(ଶଶାଙ୍କ ଶେଖର ଝାଙ୍କର/ଅଜିତ ଧଳ)

## ଶିଶୁପୁତ୍ର ଗୁରୁତର

ଗୋଟିଏ ପରିବାରର ୩ ଜଣ ବିଷ ପିଇଲେ। ସେମାନଙ୍କ ମଧ୍ୟରୁ ମା' ବାପାଙ୍କ ମୃତ୍ୟୁ ଘଟିଥିବାବେଳେ ୫ ବର୍ଷର ଶିଶୁପୁତ୍ର ଗୁରୁତର ହୋଇଛନ୍ତି। ଶନିବାର ରାତିରେ ଏଭଳି ଏକ ଅଭାବନୀୟ ଘଟଣା ଘଟିଛି ଦେବଗଡ଼ ଜିଲା ରିଆମାଳ ବ୍ଲକ୍ କୁଣ୍ଢେଇଗୋଳା ଥାନା ଅଧୀନ ନିଛାଟିଆ ଜଙ୍ଗଲରେ।

ପୋଲିସ ସୂଚନା ଅନୁଯାୟୀ, କୁଣ୍ଢେଇଗୋଳା ଥାନା ଖଇରପାଲି ଫାଣ୍ଡି ଅନ୍ତର୍ଗତ ଜିଅନ୍ତାପାଲି ଗ୍ରାମର ଦୁଷ୍ମନ୍ତ ମାଝୀ(୩୨), ସ୍ତ୍ରୀ ରିଙ୍କି ସାହୁ(୨୭) ଓ ପୁଅ ଗୌରବ ମାଝୀ(୫)ଙ୍କୁ ନେଇ ୩ ଦିନ ତଳେ ନିଜ ଶ୍ୱଶୁର ଘର ସେହି ଥାନା ଅଧୀନ ଝରାବେରନି ଗ୍ରାମକୁ ଭୋଜି କରିବାକୁ ଯାଇଥିଲେ। ଶନିବାର ସନ୍ଧ୍ୟାରେ ସେମାନେ ନିଜ ଘରକୁ ବାଇକ୍‌ରେ ଫେରୁଥିଲେ। ସେମାନଙ୍କ ସହିତ ପୁଅ ମଧ୍ୟ ଆସୁଥିଲେ। ବାଟରେ କୌଣସି କାରଣକୁ ନେଇ ଦୁଷ୍ମନ୍ତ ଓ ରିଙ୍କିଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ପରେ କାଇପାଲ ଗ୍ରାମ ନିକଟ ରାସ୍ତାପାର୍ଶ୍ୱରେ ବାଇକ୍ ରଖି ସେମାନେ ଜଙ୍ଗଲ ଭିତରକୁ ଚାଲିଯାଇଥିଲେ। ପାଖରେ ରଖିଥିବା କୀଟନାଶକକୁ ସେମାନେ ସେଠାରେ ପିଇବା ସହ ଗୌରବଙ୍କୁ ପିଆଇ ଦେଇଥିଲେ। ଏହାପରେ ଦୁଷ୍ମନ୍ତ ଓ ରିଙ୍କି ଅଚେତ ହୋଇପଡ଼ିଥିଲେ। ଗୌରବ ବିଷ ପିଇଥିଲେ ମଧ୍ୟ ଉପାୟଶୂନ୍ୟ ହୋଇ ରାତିସାରା ଜଙ୍ଗଲରେ ମା',ବାପାଙ୍କୁ ଜଗି ରହିଥିଲେ। ରବିବାର ସକାଳ ହେବା ପରେ ଶିଶୁପୁତ୍ର ଜଙ୍ଗଲରୁ ବାହାରି ଆସି ରାସ୍ତାରେ ଯାଉଥିବା ଲୋକଙ୍କୁ ଅଟକାଇବା ସହିତ ଘଟଣା ବିଷୟରେ ଜଣାଇଥିଲେ। ସ୍ଥାନୀୟ ଲୋକେ ଏନେଇ କୁଣ୍ଢେଇଗୋଳା ଥାନା ଓ ଖଇରପାଲି ଫାଣ୍ଡି ପୋଲିସକୁ ସୂଚନା ଦେଇଥିଲେ। ପୂର୍ବାହ୍ନ ପ୍ରାୟ ୧୦ଟାରେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଦୁଷ୍ମନ୍ତ, ରିଙ୍କି ଓ ଗୌରବଙ୍କୁ ଉଦ୍ଧାର କରି ଅନୁଗୋଳ ଜିଲା ଛେଣ୍ଡିପଦା ଡାକ୍ତରଖାନାରେ ଭର୍ତ୍ତି କରିଥିଲା। ସେଠାରେ ଦୁଷ୍ମନ୍ତଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଗୁରୁତର ଅବସ୍ଥାରେ ରିଙ୍କିଙ୍କୁ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ରବିବାର ସନ୍ଧ୍ୟାରେ ତାଙ୍କର ମୃତ୍ୟୁ ଘଟିଛି। ଅପରପକ୍ଷେ ଅବସ୍ଥା ଗୁରୁତର ହେବାରୁ ଗୌରବଙ୍କୁ କଟକ ସ୍ଥାନାନ୍ତର କରାଯାଇଛି। ଏନେଇ କୁଣ୍ଢେଇଗୋଳା ପୋଲିସ ଏକ ଅପମୃତ୍ୟୁ ମାମଲା(ନଂ.୨୪/୨୫) ରୁଜୁକରି ତଦନ୍ତ ଚଳାଇଛି। ବିଷ ପିଇବାର କାରଣ ଜଣାପଡ଼ି ନ ଥିବାବେଳେ ପାରିବାରିକ କଳହରୁ ଦମ୍ପତି ଏଭଳି ନିଷ୍ପତ୍ତି ନେଇଥିବା ସନ୍ଦେହ କରାଯାଉଛି ବୋଲି କୁଣ୍ଢେଇଗୋଳା ଥାନା ଅଧିକାରୀ ଯୋହନ କୁଜୁରୁ ସୂଚନା ଦେଇଛନ୍ତି।

# ଉନ୍ନାଓ ମାମଲା: ସୁପ୍ରିମକୋର୍ଟରେ ଶୁଣାଣି ଆଜି

ନୂଆଦିଲ୍ଲୀ,୨୮।୧୨(ପି.ଟି.)

ଉତ୍ତରପ୍ରଦେଶର ଉନ୍ନାଓ ବଳାତ୍କାର ମାମଲାରେ ଭାଜପାର ବହିଷ୍କୃତ ବିଧାୟକ କୁଲଦୀପ ସିଂ ସେନ୍‌ଗାରଙ୍କ ଆଜୀବନ ଜେଲ ଦଣ୍ଡାଦେଶକୁ ଦିଲ୍ଲୀ ହାଇକୋର୍ଟ ସ୍ଥଗିତ ରଖିଥିବାବେଳେ ସିବିଆଇ ଏହି ରାୟକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିଥିଲା। ସର୍ବୋଚ୍ଚ ଅଦାଲତ ସୋମବାର ସିବିଆଇ ଆବେଦନର ଶୁଣାଣି କରିବାକୁ ଯାଉଛନ୍ତି। ପ୍ରଧାନ ବିଚାରପତି ସୂର୍ଯ୍ୟ କାନ୍ତ, ଜଷ୍ଟିସ୍ ଜେ.କେ. ମାହେଶ୍ୱରୀ ଏବଂ ଅଗଷ୍ଟାଇନ୍ ଜର୍ଜ ମସିହଙ୍କୁ ନେଇ ୩ ଜଣିଆ ଅବକାଶକାଳୀନ ଖଣ୍ଡପୀଠ ପିଟିଶନ୍‌ର ଶୁଣାଣି କରିପାରନ୍ତି। ଏହା ବ୍ୟତୀତ ହାଇକୋର୍ଟଙ୍କ ରାୟକୁ ଚ୍ୟାଲେଞ୍ଜ କରି ଆଇନଜୀବୀ ଅଞ୍ଜାଲେ ପଟେଲ ଏବଂ ପୂଜା ଶିଳ୍ପକର ଦାଖଲ କରିଥିବା ଅଲଗା ପିଟିଶନର ମଧ୍ୟ ଉକ୍ତ ଖଣ୍ଡପୀଠ ଶୁଣାଣି କରିବେ। ☞ପୃଷ୍ଠା–୪

**ଆଜିର ସମ୍ପାଦକୀୟ**

**ଓଟ ଉପରେ ବରଫ**

# ପ୍ରଦୂଷଣ: ଲୋକେ ଅଣନିଃଶ୍ୱାସୀ

**ଶିଳ୍ପାୟନ ଓ ସହରୀକରଣ ଯୋଗୁ ନିର୍ମାଣ କାର୍ଯ୍ୟ ଜୋର୍‌ସୋରରେ ଚାଲିଛି। କଳକାରଖାନାରୁ ନିର୍ଗତ ଅଙ୍ଗାରକାମ୍ଳ ବାୟୁ ପ୍ରଦୂଷଣର ମୁଖ୍ୟ କାରକ ହୋଇଥିବାବେଳେ କୋଠାବାଡ଼ି, ରାସ୍ତାଘାଟ ନିର୍ମାଣ ଯୋଗୁ ଉଠୁଥିବା ଧୂଳି ପରିବେଶକୁ ଆହୁରି ବିଷାକ୍ତ କରିଦେଉଛି। କୁହୁଡ଼ି ସହ ଧୂଆଁ ଓ ଧୂଳିର ଆସ୍ତରଣ ସହର ଏବଂ ଶିଳ୍ପାଞ୍ଚଳ ଆକାଶକୁ ଆଚ୍ଛାଦିତ କରି ରଖୁଛି। ଫଳରେ ଦୃଶ୍ୟମାନତା କମ୍ ରହୁଛି। ଏହି କାରଣରୁ ଅନେକ ଦୁର୍ଘଟଣା ଘଟୁଛି। ଶୀତରେ ଲୋକେ ବାହାରକୁ ବାହାରିବା କଷ୍ଟକର ହୋଇଯାଇଥିବାବେଳେ ରାସ୍ତାରେ ପ୍ରାତଃଭ୍ରମଣକାରୀଙ୍କ ସଂଖ୍ୟା ମଧ୍ୟ କମିବାରେ ଲାଗିଛି। ମର୍ଣ୍ଣିଂ ୱାକ୍ କରିବାକୁ ଗଲେ ସ୍ୱାସ୍ଥ୍ୟ ଚିନ୍ତା ଆହୁରି ବଢ଼ିଯାଉଛି। ଓଡ଼ିଶାରେ ବାୟୁ ପ୍ରଦୂଷଣ ରୋକିବା ପାଇଁ ସରକାରୀ ସ୍ତରରେ ପ୍ରୟାସ ଚାଲିଥିଲେ ମଧ୍ୟ ସୁଫଳ ମିଳିବା ସମୟ ସାପେକ୍ଷ। ଏଭଳି ଗମ୍ଭୀର ସ୍ଥିତିକୁ ଦୃଷ୍ଟିରେ ରଖି ପ୍ରଦୂଷଣ ହ୍ରାସ ଦିଗରେ ଉପଯୁକ୍ତ ପଦକ୍ଷେପ ନେବା ପାଇଁ ଜିଲାପାଳମାନଙ୍କୁ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ତଦନୁସାରେ ସମସ୍ତ ପକ୍ଷଙ୍କୁ ସାମିଲ କରି ସହର/ଜିଲାସ୍ତରୀୟ ଟାସ୍କଫୋର୍ସ ଗଠନ କରାଯିବ। ଟାସ୍କଫୋର୍ସ ସଦସ୍ୟମାନେ ନିୟମିତ ଭାବେ ବର୍ଜ୍ୟବସ୍ତୁ ଜଳାଯାଉଥିବା ଏବଂ ଧୂଳି ବାହାରୁଥିବା ଅଞ୍ଚଳରେ ପ୍ରଦୂଷଣର ଉତ୍ସଗୁଡ଼ିକୁ ଚିହ୍ନଟ କରିବେ। ଏଥିସହ ପ୍ରଦୂଷଣ ରୋକିବା ପାଇଁ ଆବଶ୍ୟକ ପଦକ୍ଷେପ ନେବେ ବୋଲି ଜିଲାପାଳମାନଙ୍କ ନିକଟକୁ ପଠାଯାଇଥିବା ପତ୍ରରେ ଉଲ୍ଲେଖ କରାଯାଇଛି।**

ଭୁବନେଶ୍ୱର,୨୮।୧୨
(ରବିନାରାୟଣ ଜେନା)

ରାଜ୍ୟରେ ପ୍ରଦୂଷଣ ମାତ୍ରା ଦିନକୁ ଦିନ ବଢ଼ିଚାଲିଛି। ଏହାକୁ ନେଇ ଜନସାଧାରଣ ଏବେ ବହୁବିଧ ସମସ୍ୟାରେ ପଡ଼ିଲେଣି। କେଉଁଠି ଯକ୍ଷ୍ମା ଭଳି ରୋଗ ବ୍ୟାପୁଛି ତ ଆଉ କେଉଁଠି ଛାତ୍ରୀଛାତ୍ର ଯାତାୟାତରେ ଅଣନିଃଶ୍ୱାସୀ ଅନୁଭବ କରୁଛନ୍ତି। ବାୟୁ ପ୍ରଦୂଷଣ ଏପରି ହେଲାଣି ଯେ, ସରକାର ପରିବହନ ଆଇନ କଡ଼ାକଡ଼ି ଲଗାଇବା ପର୍ଯ୍ୟନ୍ତ କଥା ଗଲାଣି। ଯେଉଁ ଗାଡ଼ିର ପ୍ରଦୂଷଣ କ୍ଲିୟରାନ୍ସ ପ୍ରମାଣପତ୍ର ନାହିଁ ତାକୁ ପେଟ୍ରୋଲ ମିଳିବ ନାହିଁ ବୋଲି ରାଜ୍ୟ ପରିବହନ ବିଭାଗ ପକ୍ଷରୁ ସ୍ପଷ୍ଟ ନିର୍ଦ୍ଦେଶନାମା ଜାରି ହେବା ପରେ ଲୋକେ ଏବେ ଆତଙ୍କିତ ହୋଇପଡ଼ିଛନ୍ତି। ଏହାକୁ ନେଇ ଏବେ ବିଭିନ୍ନ ପ୍ରଦୂଷଣ ଯାଞ୍ଚ କେନ୍ଦ୍ର ଆଗରେ ଲମ୍ବାଧାଡ଼ି ଦେଖିବାକୁ ମିଳୁଛି। ଏପରିକି ଲୋକଙ୍କୁ ଦିନତମାମ୍ ଏଥିପାଇଁ ଅପେକ୍ଷା କରିବାକୁ ପଡୁଥିବାରୁ ଅସନ୍ତୋଷ ଦେଖାଦେଲାଣି।

ଏହି ପରିପ୍ରେକ୍ଷୀରେ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପକ୍ଷରୁ ଏକ କଠୋର ପଦକ୍ଷେପ ଗ୍ରହଣ କରାଯାଇଛି। ସହର ଓ ଖଣି ଅଞ୍ଚଳରେ ପ୍ରଦୂଷଣ ମାତ୍ରା ଅତ୍ୟଧିକ ରହୁଥିବାରୁ ୧୨ ଜିଲାପାଳଙ୍କୁ ପ୍ରଦୂଷଣ ମୁକାବିଲା ପଦକ୍ଷେପ ଗ୍ରହଣ କରିବାକୁ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ସଦସ୍ୟ ସଚିବ ଉମା ନନ୍ଦୁରୀ ପତ୍ର ଲେଖିଛନ୍ତି। ଉମା ନିକଟରେ ଅନୁଗୋଳ, ବାଲେଶ୍ୱର, କଟକ, ଗଞ୍ଜାମ, ଯାଜପୁର, ଜଗତ୍‌ସିଂହପୁର, ଝାରସୁଗୁଡ଼ା, କେନ୍ଦୁଝର, ଖୋର୍ଦ୍ଧା, ପୁରୀ, ସମ୍ବଲପୁର ଓ ସୁନ୍ଦରଗଡ଼ ଜିଲାପାଳଙ୍କୁ ପତ୍ର ଲେଖି ଦର୍ଶାଇଛନ୍ତି, ବିଭିନ୍ନ ସହରର ବାୟୁରେ ପ୍ରଦୂଷଣ ମାତ୍ରା(ଏକ୍ୟୁଆଇ) ଅଧିକ ରହୁଛି। ଜିଲାରେ ଥିବା ଶିଳ୍ପପ୍ରକଳ୍ପଗୁଡ଼ିକ ସହରାଞ୍ଚଳ ଉପକଣ୍ଠରେ ରହୁଥିବାରୁ ଏକ୍ୟୁଆଇର ମାତ୍ରା ବଢୁଛି। ସଂପ୍ରତି ଶୀତଋତୁ ହୋଇଥିବାରୁ ବାୟୁ ପ୍ରଦୂଷଣ ଅଧିକ ରହୁଛି। ଏହା ଯେପରି ନିର୍ଦ୍ଦିଷ୍ଟ ମାନ ଭିତରେ ରହିବ ସେଥିପ୍ରତି ତୀକ୍ଷ୍ଣ ନଜର ଦେବା ସହ କଡ଼ା ☞ପୃଷ୍ଠା–୪

## ୧୨ ଜିଲାପାଳଙ୍କୁ ନିୟନ୍ତ୍ରଣ ଦାୟିତ୍ୱ




## ଦିଲ୍ଲୀ ପ୍ରଦୂଷଣ: ଗମ୍ଭୀର ସ୍ଥିତି

ନୂଆଦିଲ୍ଲୀ,୨୮।୧୨

ଦିଲ୍ଲୀ ବାୟୁ ପ୍ରଦୂଷଣର ଗମ୍ଭୀର ସ୍ଥିତି ରବିବାର ଜାରି ରହିଛି। ଜାତୀୟ ରାଜଧାନୀର ଅନେକ ଅଞ୍ଚଳରେ ବାୟୁ ଗୁଣବତ୍ତା ସ୍ତର ଅତ୍ୟନ୍ତ ନିକୃଷ୍ଟ ଏବଂ ଗମ୍ଭୀର ରହିଛି। ଧୂଳା ଧୂଆଁ ସାଙ୍ଗକୁ କୁହୁଡ଼ିର ବହଳ ଆସ୍ତରଣ ସହରକୁ ଆଚ୍ଛାଦନ କରି ରଖିଛି। ରବିବାର ଦିଲ୍ଲୀର ହାରାହାରି ବାୟୁ ଗୁଣବତ୍ତା ସୂଚକାଙ୍କ (ଏକ୍ୟୁଆଇ) ୩୯୧ ରହିଛି, ଯାହାକି ଗମ୍ଭୀର ବର୍ଗର। କେତେକ ଅଞ୍ଚଳରେ ଏହା ୪୦୦ ଅତିକ୍ରମ କରିଥିବା କେନ୍ଦ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ (ସିପିସିବି) ପକ୍ଷରୁ ସୂଚନା ଦିଆଯାଇଛି। ରବିବାର ସକାଳେ ଧୂଳି ଓ କୁହୁଡ଼ି ☞ପୃଷ୍ଠା–୪

# ମହାପ୍ରଭୁଙ୍କୁ ରାତି ଅନିଦ୍ରା କରା ନ ଯାଉ

ପୁରୀ,୨୮।୧୨
(ଅଜିତ୍ କୁମାର ମହାନ୍ତି)

## ଶ୍ରୀମନ୍ଦିର ପରିଚାଳନା କମିଟି ସଦସ୍ୟଙ୍କ ଉଦ୍‌ବେଗ

ଭକ୍ତଙ୍କ ଭାବାବେଗ ଆଗ ନା ମହାପ୍ରଭୁଙ୍କୁ ରାତି ଅନିଦ୍ରା କରାଇ ଭକ୍ତଙ୍କୁ ଦର୍ଶନ କରାଇବା ଆଗ, ଏହି ପ୍ରସଙ୍ଗକୁ ନେଇ ଏବେ ଉପୁଜିଛି ଦ୍ୱନ୍ଦ୍ୱ। ମହାପ୍ରଭୁଙ୍କ ନୀତିକାନ୍ତି ସନାତନ ଧର୍ମଶାସ୍ତ୍ର ଅନୁଯାୟୀ ଅନୁଷ୍ଠିତ ହେଉଥିବାବେଳେ କିଛିବର୍ଷ ହେବ ଜାନୁଆରୀ ୧ ବା ନୂଆବର୍ଷ ପାଇଁ ଅଧରାତିରେ ଖୋଲାଯାଉଛି ଶ୍ରୀମନ୍ଦିର। ବର୍ଷର ପ୍ରଥମ ଦିନରେ ମହାପ୍ରଭୁଙ୍କ ଦର୍ଶନକରି ବର୍ଷକୁ ଆରମ୍ଭ କରିବା ପାଇଁ ପ୍ରତି ଓଡ଼ିଆ ତଥା ଅଗଣିତ ଜଗନ୍ନାଥପ୍ରେମୀଙ୍କ ମଧ୍ୟରେ ଉତ୍କଣ୍ଠା ରହିଥାଏ। ତେଣୁ ମହାପ୍ରଭୁଙ୍କ ଦର୍ଶନ ନିମନ୍ତେ ପୁରୀରେ ପ୍ରତିବର୍ଷ ଲକ୍ଷାଧିକ ଭକ୍ତଙ୍କ ଭିଡ଼ ଜମିଥାଏ। ଭକ୍ତଙ୍କ ସମାଗମକୁ ଦୃଷ୍ଟିରେ ରଖି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥାଏ। ଗତ କିଛିବର୍ଷ ହେବ ନୂଆବର୍ଷରେ ଭକ୍ତଙ୍କ ସମାଗମ ଅଧିକ ରହୁଥିବାରୁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ପୂର୍ବ ତାରିଖରେ ମହାପ୍ରଭୁଙ୍କ ନୀତିକାନ୍ତି ଶୀଘ୍ର କରାଯାଇ ରାତ୍ରପହୁଡ଼ କରାଯିବା ସହ ମଧ୍ୟରାତ୍ରରୁ ଦ୍ୱାରଫିଟା କାର୍ଯ୍ୟ କରାଯାଉଛି। ଏହାକୁ ନେଇ ବିଭିନ୍ନ ମହଲରେ ଅସନ୍ତୋଷ ଦେଖିବାକୁ ମିଳିଛି।

ଡିସେମ୍ବର ୩୧ ରାତିରେ ମହାପ୍ରଭୁଙ୍କୁ ରାତି ଅନିଦ୍ରା ନ କରିବା ସହ ଅଧରାତିରେ ଶ୍ରୀମନ୍ଦିର ନ ଖୋଲିବାକୁ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ, ଗଜପତି ମହାରାଜା ଓ ଆଇନ ମନ୍ତ୍ରୀଙ୍କୁ ଚିଠି ଲେଖିଛନ୍ତି ପରିଚାଳନା କମିଟିର ସଦସ୍ୟ ପଣ୍ଡିତ ମହେଶ ସାହୁ। ପରିଚାଳନା କମିଟି ସଦସ୍ୟ ସାହୁ ଇଂରାଜୀ ନବବର୍ଷ ଅର୍ଥାତ୍ ଜାନୁଆରୀ ୧ ପୂର୍ବରାତିରେ ଶ୍ରୀମନ୍ଦିର ଦ୍ୱାର ଖୋଲି ଶ୍ରୀବିଗ୍ରହଙ୍କୁ ଅନିଦ୍ରା ନ ରଖିବାକୁ ଅନୁରୋଧ କରିଛନ୍ତି।

ସଦସ୍ୟ ସାହୁ ତାଙ୍କ ଚିଠିରେ ଉଲ୍ଲେଖ କରିଛନ୍ତି, ଶ୍ରୀଜଗନ୍ନାଥ ମହାପ୍ରଭୁ ହିନ୍ଦୁଙ୍କ ଆସ୍ଥା ତଥା ଆରାଧ୍ୟ ଦେବତା। ମହାପ୍ରଭୁଙ୍କ ସକଳ ପରମ୍ପରା ସନାତନ ହିନ୍ଦୁଶାସ୍ତ୍ର ଅନୁଯାୟୀ ଅନୁଷ୍ଠିତ ହୋଇଆସୁଛି। କିଛିବର୍ଷ ହେବ ଜାନୁଆରୀ ୧ ପାଇଁ ଅଧରାତ୍ରରୁ ମନ୍ଦିର ଖୋଲିବା ଏକ ନିୟମିତ କାର୍ଯ୍ୟ ହୋଇଗଲାଣି, ଯାହା ଧାର୍ମିକ ତଥା ପରମ୍ପରା ଦୃଷ୍ଟିକୋଣରୁ ଆଦୌ ସମୀଚୀନ ହେବାଭଳି ଅନୁଭବ ହେଉନାହିଁ। ଯେଉଁ କାରଣରୁ ପ୍ରତିବର୍ଷ ଧର୍ମଶାସ୍ତ୍ରବିତ୍ ତଥା ପରମ୍ପରା ସଂସ୍କୃତି ସମ୍ପର୍କରେ କାମ କରୁଥିବା ବ୍ୟକ୍ତିବିଶେଷ ତଥା ଅନୁଷ୍ଠାନଗୁଡ଼ିକ ☞ପୃଷ୍ଠା–୪

# ହୋମଗାର୍ଡ ଚାକିରି ପାଇଁ ଉଚ୍ଚଶିକ୍ଷିତଙ୍କ ଲମ୍ବାଧାଡ଼ି

**ସମ୍ପ୍ରତି ନିଯୁକ୍ତି ଏକ ପ୍ରମୁଖ ସମସ୍ୟା ଭାବେ ଉଭା ହେଲାଣି। ଯୁବଗୋଷ୍ଠୀ ଉଚ୍ଚ ଶିକ୍ଷା ଲାଭ କରୁଥିଲେ ସୁଦ୍ଧା ସେମାନଙ୍କୁ ସୁଯୋଗ ମିଳିପାରୁ ନାହିଁ। ସେଥିପାଇଁ ବହୁ ଉଚ୍ଚଶିକ୍ଷିତ ଡିଗ୍ରୀଧାରୀ ହୋମ୍‌ଗାର୍ଡ ଭଳି ଚାକିରି ପାଇଁ ଆବେଦନ କରୁଥିବା ଦେଖିବାକୁ ମିଳୁଛି। ଏପରି କି ଅଳ୍ପ କେତେକ ପଦବୀ ପାଇଁ ବହୁ ହଜାର ଆଶାୟୀ ଆବେଦନ କରୁଛନ୍ତି। ରବିବାର ଝାରସୁଗୁଡ଼ା ଏବଂ ମୟୂରଭଞ୍ଜ ଜିଲାରେ ହୋମ୍‌ଗାର୍ଡ ନିଯୁକ୍ତି ପାଇଁ ଲିଖିତ ପରୀକ୍ଷା ହୋଇଥିବେଳେ ଅଳ୍ପ କେତେକ ପଦବୀ ପାଇଁ ବହୁ ଆଶାୟୀଙ୍କ ଲମ୍ବା ଧାଡ଼ି ଦେଖିବାକୁ ମିଳିଛି।**

ଝାରସୁଗୁଡ଼ା/ ବାରିପଦା,୨୮।୧୨ (ଆଶିଷ ରଞ୍ଜନ ଦାଶ/ ନୀଳାଦ୍ରି ବିହାରୀ ଦଣ୍ଡପାଟ)



ହୋମ୍‌ଗାର୍ଡ ପରୀକ୍ଷା ପାଇଁ ବାରିପଦା ରିଜର୍ଭ ପୋଲିସ ଗ୍ରାଉଣ୍ଡରେ ଉପସ୍ଥିତ ପରୀକ୍ଷାର୍ଥୀ।

- **ଝାରସୁଗୁଡ଼ାରେ ୧୦୨ ହୋମ୍‌ଗାର୍ଡ ଚାକିରି ପାଇଁ ୪ ହଜାର ଆଶାୟୀ**
- **ମୟୂରଭଞ୍ଜରେ ୩୧୦ ପଦବୀ ପାଇଁ ୨୦ହଜାର ପରୀକ୍ଷା ଦେଲେ**

ଝାରସୁଗୁଡ଼ା ଜିଲାରେ ଖାଲି ପଡ଼ିଥିବା ୧୦୨ ହୋମ୍‌ଗାର୍ଡ ପଦବୀ ପାଇଁ ରବିବାର ସକାଳ ୮ଟାରେ ଲିଖିତ ପରୀକ୍ଷା ଅନୁଷ୍ଠିତ ହୋଇଯାଇଛି। ଏହି ପରୀକ୍ଷାରେ ମୋଟ୍ ୪୦୪୦ ପରୀକ୍ଷାର୍ଥୀ ଅଂଶଗ୍ରହଣ କରିଥିଲେ। ସ୍ଥାନୀୟ ଓଏସ୍‌ଏପି ବାଟାଲିୟନ ପଡ଼ିଆରେ ଏହି ପରୀକ୍ଷା ଆୟୋଜନ କରାଯାଇଥିଲା। ଉକ୍ତ ପରୀକ୍ଷାରୁ ୧୦୧୦ ପ୍ରାର୍ଥୀ ମନୋନୀତ ହୋଇ ପରବର୍ତ୍ତୀ ☞ପୃଷ୍ଠା–୪

ପରିବେଶ ସନ୍ତୁଳନ ରକ୍ଷାରେ ପ୍ରାଣୀଜଗତର ରହିଛି ବିଶେଷ ଭୂମିକା। ମାତ୍ର ମନୁଷ୍ୟକୃତ ତଥା ଅନ୍ୟ କାରଣ ପାଇଁ କେତେ ପ୍ରଜାତିର ପ୍ରାଣୀଙ୍କ ବଂଶ ବିଲୁପ୍ତ ହୋଇଥିବାବେଳେ ଏବେ ସଙ୍କଟରେ ବହୁ ପ୍ରଜାତିର ପ୍ରାଣୀ। ପ୍ରକୃତିର ବିଭବ ଭାବେ ପରିଗଣିତ ପ୍ରାଣୀଙ୍କ ସୁରକ୍ଷାକୁ ପ୍ରାଧାନ୍ୟ ଦେବା ଏବେ ଜରୁରୀ ହୋଇପଡ଼ିଛି। ତେବେ ୨୦୨୫ରେ ଆମ ରାଜ୍ୟରେ ଠାବହୋଇଥିବା ନୂତନ ପ୍ରଜାତିର ଜୀବ, ନନ୍ଦନକାନନକୁ ଅନ୍ୟ ରାଜ୍ୟରୁ ଆସିଥିବା ପ୍ରାଣୀ ତଥା ଏ ସମ୍ପର୍କିତ କେତେକ ଉଲ୍ଲେଖନୀୟ ଘଟଣାକୁ ନେଇ ଉପସ୍ଥାପନା...........

# ପ୍ରକୃତିର ବୈଭବ



## ନ୍ୟାଶନାଲ ଜିଓଗ୍ରାଫିକ୍ ପତ୍ରିକାରେ ଶିମିଳିପାଳର କଳା ବାଘ

ଶିମିଳିପାଳର ବିରଳ କଳା ବାଘ ନ୍ୟାଶନାଲ ଜିଓଗ୍ରାଫିକ୍ ପତ୍ରିକା(ଅକ୍ଟୋବର ୨୦୨୫ ସଂସ୍କରଣ)ର ପ୍ରଚ୍ଛଦପଟରେ ସ୍ଥାନ ପାଇଥିଲା, ଯାହାକୁ ଫଟୋଗ୍ରାଫର ପ୍ରସେନଜିତ ଯାଦବ ନିଖୁଣ ଭାବେ ଉତ୍ତୋଳିତ କରିଛନ୍ତି। ଏହି ବିଶ୍ୱସ୍ତରୀୟ ମାନ୍ୟତା ଓଡ଼ିଶାର ଅନନ୍ୟ ପରିବେଶଗତ ଐତିହ୍ୟକୁ ଉଜ୍ଜ୍ୱଳ କରିବା ସହ ବନ୍ୟପ୍ରାଣୀ ସଂରକ୍ଷଣ ପ୍ରତି ପ୍ରତିବଦ୍ଧତାକୁ ଆହୁରି ଦୃଢ଼ କରୁଛି।



## ଭିନ୍ନ ପ୍ରଜାତିର ଉଡ଼ନ୍ତା ମାଛ

ଗଞ୍ଜାମ ଜିଲା ଗୋପାଳପୁରସ୍ଥିତ ଭାରତୀୟ ପ୍ରାଣୀ ସର୍ବେକ୍ଷଣ କେନ୍ଦ୍ର ଦ୍ୱାରା ଭାରତ ମହାସାଗରରୁ ପ୍ରଥମ ଥର ପାଇଁ ଏକ ଭିନ୍ନ ପ୍ରଜାତିର ଉଡନ୍ତା ମାଛ 'ଟେଲିଓପୋଗାନ୍ ଅକ୍ଟିସେସ୍ସ' ଚିହ୍ନଟ କରାଯାଇଛି। ବୈଜ୍ଞାନିକ ଡ. ଅନିଲ ମହାପାତ୍ରଙ୍କ ମତରେ ଏହି ମାଛ ପଶ୍ଚିମବଙ୍ଗର ପେଟୁଆଘାଟ ମାଛ ଅବତରଣ କେନ୍ଦ୍ରରୁ ଚିହ୍ନଟ ହୋଇଥିଲା। ଏହି ମାଛର ଚଳାଚଳ ପରିସର ପଶ୍ଚିମ ପ୍ରଶାନ୍ତ ମହାସାଗରରୁ ବଙ୍ଗୋପସାଗର ପର୍ଯ୍ୟନ୍ତ ବୋଲି ଜଣାପଡିଛି। ଏହି ମାଛର ପକ୍ଷ ବହୁତ ଲମ୍ବା ଓ ପ୍ରଶସ୍ତ। ହେଲେ ଅନ୍ୟ ସମଜାତି ଭଳି କୌଣସି କଳାଦାଗ ନାହିଁ। ପୂର୍ବରୁ ଏହା ଚାଇନା, ଫିଲିପାଇନ୍ସ, ଇଣ୍ଡୋନେସିଆ, ଭିଏଟନାମ, ଜାପାନ, ଥାଇଲାଣ୍ଡରୁ ଚିହ୍ନଟ କରାଯାଇଛି। ଏହି ପ୍ରଜାତିଗୁଡିକ ନିକଟ ଉପକୂଳ ଭୂପୃଷ୍ଠ ଜଳରେ ମିଳିଥାଏ।



## ଉଡ଼ନ୍ତା ସାପ

ଚଳିତ ବର୍ଷ ଏକ ବିରଳ (ଟ୍ରାଇସୋପିଲିଆ ଅର୍ନାଟା) ପ୍ରଜାତିର ବା ଉଡ଼ନ୍ତା ସାପ ଉଦ୍ଧାର କରାଯାଇଛି। ସେପ୍ଟେମ୍ବର ୧୫ ସକାଳେ କୋରାପୁଟ ଜିଲାର ଜୟପୁର ସହରର ଗୌଡ଼ସାହିରେ ଜଣେ ବାସିନ୍ଦାଙ୍କ ଘରର ବାଥରୁମ୍ ଭିତରେ ଏକ ସାପ ଦେଖାଯାଇଥିଲା। କୃଷ୍ଣକେଶବ ଷଡ଼ଙ୍ଗୀଙ୍କ ନେତୃତ୍ୱରେ ପରିବେଶ ସଚେତନତା ଓ ପରିଚାଳନା ପାଇଁ ପ୍ରତିଷ୍ଠିତ ବନ୍ୟ ପ୍ରାଣୀ ଉଦ୍ଧାର ଟିମ୍ ସେଠାରେ ପହଞ୍ଚି ସାପଟିକୁ ଚିହ୍ନଟ କରି ସୁରକ୍ଷିତ ଭାବରେ ଉଦ୍ଧାର କରିଥିଲା। ପରେ ଜୟପୁର ବନ ବିଭାଗର ବରିଷ୍ଠ ଅଧିକାରୀଙ୍କ ତତ୍ତ୍ୱାବଧାନରେ ସାପଟିକୁ ନିକଟସ୍ଥ ଏକ ନିରାପଦ ଅଞ୍ଚଳରେ ଛାଡ଼ି ଦିଆଯାଇଥିଲା।



ରୂପେଲି କୁକ୍କୁଟ



ପାଣିଓଧ



ତାରା କଇଁଛ

ଡେବ୍ରିଗଡ଼ ଅଭୟାରଣ୍ୟରେ ବିରଳ ତଥା ଲୁପ୍ତପ୍ରାୟ ବଳିଆ କୁକୁରକୁ ଠାବ କରାଯାଇଛି। ଅଭୟାରଣ୍ୟ ମଧ୍ୟରେ ସ୍ୱଚ୍ଛନ୍ଦରେ ବିଚରଣ କରୁଥିବା ୨ଟି ଅଣ୍ଡିରା ଓ ଗୋଟିଏ ମାଈକୁ ମିଶାଇ ୩ଟି ବଳିଆ କୁକୁରଙ୍କୁ ବନ କର୍ମଚାରୀମାନେ ଠାବ କରିଥିବା ବନ୍ୟପ୍ରାଣୀ ବନଖଣ୍ଡ ଅଧିକାରୀ ଅଂଶୁପ୍ରଜ୍ଞା ଦାସ କହିଛନ୍ତି।

## ଡେବ୍ରିଗଡ଼ରେ ବଳିଆ କୁକୁର



## ନନ୍ଦନକାନନରେ ନୂଆ ଅତିଥି

ନନ୍ଦନକାନନ ପ୍ରାଣୀ ଉଦ୍ୟାନକୁ ପଶୁପକ୍ଷୀ ଅଦଳବଦଳ ପ୍ରକ୍ରିୟାରେ ଏଥର ୧୯ଟି ନୂଆ ଅତିଥି ଆସିଛନ୍ତି। ନୂଆଦିଲ୍ଲୀସ୍ଥିତ କେନ୍ଦ୍ରୀୟ ଚିଡ଼ିଆଖାନା କର୍ତ୍ତୃପକ୍ଷଙ୍କ ଅନୁମୋଦନ ପରେ ଚଳିତବର୍ଷ ୨୦୨୫-୨୬ ମସିହାର ପ୍ରଥମ ପର୍ଯ୍ୟାୟ ଅଦଳବଦଳ ପ୍ରକ୍ରିୟା ନନ୍ଦନକାନନ ଓ ଗୁଜରାଟର ଡ. ଶ୍ୟାମାପ୍ରସାଦ ମୁଖାର୍ଜୀ ପ୍ରାଣୀ ଉଦ୍ୟାନ ମଧ୍ୟରେ ହୋଇଛି। ଉକ୍ତ ପ୍ରାଣୀଙ୍କ ମଧ୍ୟରେ ୩ ପୁରୁଷ ଓ ୨ ମାଈକୁ ମିଶାଇ ୫ ପାଣିଓଧ, ୨ ପୁରୁଷ ଭାରତୀୟ ଧୂସର ଗଧିଆ, ୫ ପୁରୁଷ ଓ ୫ ମାଈକୁ ମିଶାଇ ୧୦ ତାରା କଇଁଛ, ୧ ପୁରୁଷ ଓ ୧ ମାଈକୁ ମିଶାଇ ୨ଟି ରୂପେଲି କୁକ୍କୁଟ ରହିଛନ୍ତି। ଏମାନଙ୍କ ମଧ୍ୟରେ ପାଣିଓଧ ନୂଆ ହୋଇଥିବା ବେଳେ ଅନ୍ୟ ସବୁ ପ୍ରଜାତିର ପଶୁପକ୍ଷୀ ନନ୍ଦନକାନନରେ ରହିଛନ୍ତି। ଏହି ନୂଆ ଅତିଥି ଆସିବା ପରେ ଚିଡ଼ିଆଖାନାର ପଶୁପକ୍ଷୀ ପ୍ରଜାତି ସଂଖ୍ୟା ୧୭୬ରୁ ୧୭୭କୁ ବୃଦ୍ଧି ପାଇଛି।




### ୨୪ ବର୍ଷ ପରେ ଆସିଲା ପାଣିଓଧ

୨୦୦୦ ମସିହାରେ ନନ୍ଦନକାନନରେ ପାଣିଓଧ ବଂଶ ଲୋପ ପାଇଯାଇଥିଲା। ତେବେ ଦୀର୍ଘ ୨୪ବର୍ଷର ବ୍ୟବଧାନ ପରେ ପାଣିଓଧକୁ ପର୍ଯ୍ୟଟକମାନେ ଦେଖିବାର ସୁଯୋଗ ପାଇବେ। ନୂଆବର୍ଷର ଭେଟି ସ୍ୱରୂପ ପାଣିଓଧ ପର୍ଯ୍ୟଟକଙ୍କ ମନୋରଞ୍ଜନର ମାଧ୍ୟମ ହେବ ବୋଲି କର୍ତ୍ତୃପକ୍ଷ ଆଶା ରଖିଛନ୍ତି। ଅପରପକ୍ଷେ ଅଦଳବଦଳ ପ୍ରକ୍ରିୟାରେ ନନ୍ଦନକାନନକୁ ୨ଟି ପର୍ଯ୍ୟାୟରେ ୧୪ଟି ଜୀବଜନ୍ତୁଙ୍କୁ ଡ. ଶ୍ୟାମାପ୍ରସାଦ ମୁଖାର୍ଜୀ ପ୍ରାଣୀ ଉଦ୍ୟାନକୁ ଦେବାକୁ ପଡୁଛି। ସେଥିମଧ୍ୟରେ ୨ଟି ବାଘ, ୨ଟି ମାଈ ଧୂସର ଗଧିଆ, ୩ଟି ଚଉଶିଙ୍ଗା, ୨ଟି କୁଟୁରା, ୫ଟି ବିଲୁଆ ରହିଛନ୍ତି। ତେବେ ପ୍ରଥମ ପର୍ଯ୍ୟାୟରେ ୩ଟି ଚଉଶିଙ୍ଗା, ୨ଟି କୁଟୁରା ଓ ୫ଟି ବିଲୁଆ ଦିଆଯିବ ବୋଲି ଉପନିର୍ଦ୍ଦେଶକ ସନତ କୁମାର ନାରାୟଣ ସୂଚନା ଦେଇଛନ୍ତି।

ଚିଲିକା ହ୍ରଦରେ ନୂତନ ସାମୁଦ୍ରିକ ଗୋଲକୃମି ପ୍ରଜାତି ଆବିଷ୍କୃତ ହୋଇଛି। ସାତପଡ଼ା ନିକଟସ୍ଥ ଚିଲିକା ହ୍ରଦର ବାହ୍ୟ ଚାନେଲରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ଗବେଷକ, ନ୍ୟୁଜିଲ୍ୟାଣ୍ଡର ଡାନିଏଲ ଲେଡକ ଓ ସହକର୍ମୀଙ୍କ ସହିତ ଏହି ନୂତନ ଅଣୁବୀକ୍ଷଣିକ ସାମୁଦ୍ରିକ ଗୋଲକୃମି ପ୍ରଜାତି ଆବିଷ୍କାର କରିଛନ୍ତି। ଯାହାର ନାମ ଆଡମିରାଣ୍ଡସ ଓଡିଶାଏନ୍ସିସ। ଏହି କ୍ଷୁଦ୍ର ପ୍ରାଣୀ ପୂର୍ବରୁ କେବଳ ଆଫ୍ରିକୀୟ ଜଳରୁ ଜଣାଶୁଣା ଏକ ପ୍ରଜାତି ସହ ଜଡିତ।

## ଚିଲିକା ହ୍ରଦରେ ସାମୁଦ୍ରିକ ଗୋଲକୃମି



### ଗୟଳ ମହୋତ୍ସବ

ଡେବ୍ରିଗଡ଼ ଅଭୟାରଣ୍ୟରେ ବନ୍ୟପ୍ରାଣୀ ବିଭାଗ ପକ୍ଷରୁ ମାର୍ଚ୍ଚ ୨୬ରେ ପ୍ରଥମ ଗୟଳ ମହୋତ୍ସବ ଅନୁଷ୍ଠିତ ହୋଇଥିଲା। ଏହି ଅଭୟାରଣ୍ୟରେ ବର୍ତ୍ତମାନ ୨୧୦ଟି ବୟସ୍କ ଶାବକ ଓ ୩୦ଟି ଶିଶୁ ଶାବକଙ୍କୁ ମିଶାଇ ମୋଟ ୬୭୦ରୁ ଅଧିକ ଗୟଳ ରହିଛନ୍ତି।

# ଛାତ୍ରୀଛାତ୍ରଙ୍କ ଲୁକ୍କାୟିତ ପ୍ରତିଭାର ବିକାଶ ଜରୁରୀ: ମୁଖ୍ୟମନ୍ତ୍ରୀ

## ପିଏମ୍‌ଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ

କେନ୍ଦୁଝର,୨୮।୧୨(ନରେଶ ଚନ୍ଦ୍ର ପଟ୍ଟନାୟକ/ଦୀପକ ମିଶ୍ର)

ସମସ୍ତ ଛାତ୍ରୀଛାତ୍ରଙ୍କ ପାଖରେ କିଛି ନା କିଛି ଲୁକ୍କାୟିତ ପ୍ରତିଭା ରହିଛି। ଲୁଚି ରହିଥିବା ପ୍ରତିଭାକୁ ଚିହ୍ନି ପାରିଲେ ଆମେ ଜୀବନରେ ସଫଳ ହୋଇପାରିବା। ଲୁକ୍କାୟିତ ପ୍ରତିଭାର ବିକାଶ ଜରୁରୀ। ଏଥିପାଇଁ ପାଠପଢ଼ାରେ ବୈଷୟିକ ଜ୍ଞାନ ବ୍ୟବହାରକୁ ଗୁରୁତ୍ୱ ଦେବା ଆବଶ୍ୟକ। କେନ୍ଦୁଝର ଜିଲା ତେଲକୋଇ ବ୍ଲକ୍‌ର ସିରିଗିଡ଼ାଠାରେ ପିଏମ୍‌ଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟ ସୁବର୍ଣ୍ଣ ଜୟନ୍ତୀ ସମାରୋହରେ ମୁଖ୍ୟ ଅତିଥିଭାବେ ଯୋଗଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏଭଳି ମତବ୍ୟକ୍ତ କରିଛନ୍ତି।

ମୁଖ୍ୟମନ୍ତ୍ରୀ ଆହୁରି କହିଥିଲେ, ଜାତୀୟ ଶିକ୍ଷା ନୀତି ୨୦୨୦ ଆମକୁ ସ୍ପଷ୍ଟ କରିଛି ଯେ, ଶିକ୍ଷାର ଉଦ୍ଦେଶ୍ୟ କେବଳ ଚାକିରି ପାଇବା ନୁହେଁ, ବରଂ ଲାଇଫ୍ ସ୍କିଲ ବା ଜୀବନ କୌଶଳ, ସୃଜନଶୀଳତା ଏବଂ ମୂଲ୍ୟବୋଧଭିତ୍ତିକ ଶିକ୍ଷା ଗ୍ରହଣ କରିବା। ତେଣୁ ନିଜର ପ୍ରତିଭା ବଳରେ ଆଗକୁ ଯିବା ଉପରେ ଛାତ୍ରୀଛାତ୍ର ଗୁରୁତ୍ୱ ଦେବା ଆବଶ୍ୟକ। ବହୁ ପିଲା ନିଷ୍ପତ୍ତି ନେବାରେ ଦୋ ଦୋ ପାଞ୍ଚ ହୁଅନ୍ତି। କିନ୍ତୁ ଯେଉଁମାନେ ପ୍ରକୃତରେ ସ୍ମାର୍ଟ ସେମାନେ ଶୀଘ୍ର ନିଷ୍ପତ୍ତି ନେଇ କାମ କରିଦିଅନ୍ତି। ରାଜ୍ୟ ସରକାର ଶିକ୍ଷାର ଗୁଣାତ୍ମକ ମାନ ବୃଦ୍ଧି ନିମନ୍ତେ ଅନେକ ପଦକ୍ଷେପ ନେଇଛନ୍ତି। ଯାହା ରାଜ୍ୟରେ ଶିକ୍ଷାର ଗୁଣାତ୍ମକମାନ ବୃଦ୍ଧିରେ ସହାୟକ ହେଉଛି। ଆଦିବାସୀ ପିଲାଙ୍କ ପାଇଁ ମାଧୋ ସିଂ ହାତଖର୍ଚ୍ଚ ଯୋଜନା କାର୍ଯ୍ୟକାରୀ ହୋଇଛି। ମାତୃଭାଷାରେ ଶିକ୍ଷା ଦିଆଯାଉଛି। ଏହିସବୁ ପଦକ୍ଷେପ ଯୋଗୁ ସ୍କୁଲରେ ଡ୍ରପ୍ ଆଉଟ୍ ହାର କମିବା ଆରମ୍ଭ କରିଛି। ନୂତନ ଶିକ୍ଷାନୀତିକୁ ଗ୍ରହଣ କରି ସରକାର ରାଜ୍ୟର ୪୫ ହଜାର ବିଦ୍ୟାଳୟରେ ଶିଶୁ ବାଟିକା ଆରମ୍ଭ କରିଛନ୍ତି। ଛୋଟ ପିଲାଙ୍କ ଯତ୍ନ ଏବଂ ପ୍ରାରମ୍ଭିକ ଶିକ୍ଷା ପାଇଁ ଶିଶୁ ସେବିକାଙ୍କୁ ନିଯୁକ୍ତ କରାଯିବ। ଶିକ୍ଷାର୍ଥୀଙ୍କୁ ଭବିଷ୍ୟତ ନିମନ୍ତେ ପ୍ରସ୍ତୁତ କରିବା ପାଇଁ ପ୍ରକଳ୍ପ କାର୍ଯ୍ୟ ଆଇଟି (କୋଡିଂ) ଦକ୍ଷତା, ପୁସ୍ତକ ସମୀକ୍ଷା ଏବଂ କ୍ରୀଡ଼ା ଆଧାରିତ ଜୀବନ କୌଶଳ ଶିକ୍ଷା ଦିଆଯାଉଛି ବୋଲି କହିଥିଲେ। ଚଳିତ ବଜେଟ୍‌ରେ ସରକାର ରେକର୍ଡ ୪୧ ହଜାର ୨୭୩ କୋଟି ଟଙ୍କା ପ୍ରାବଧାନ କରିଛନ୍ତି। ଓଡ଼ିଶାରେ ସବୁ ବିଭାଗ ମଧ୍ୟରୁ ଶିକ୍ଷା ବିଭାଗରେ ଖର୍ଚ୍ଚ ସବୁଠାରୁ ଅଧିକ। ଏଥିରୁ ପ୍ରାଥମିକ ଶିକ୍ଷା କ୍ଷେତ୍ରର ଖର୍ଚ୍ଚ ହେଉଛି ସିଂହ ଭାଗ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ସମ୍ମାନିତ ଅତିଥିଭାବେ ପାଟଣା ବିଧାୟକ ଅଖିଳ ଚନ୍ଦ୍ର ନାୟକ, ତେଲକୋଇ ବିଧାୟକ ଡା. ଫକୀର ମୋହନ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।



ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ଅନ୍ୟ ଅତିଥିମାନେ ସ୍କୁଲର ସ୍ମରଣିକା ଉନ୍ମୋଚନ କରୁଛନ୍ତି।

# ନିଖୋଜ ଯୁବକଙ୍କ ମୃତଦେହ ମାଟିତଳୁ ଜବତ

ସୋନପୁର/ବିନିକା,୨୮।୧୨(ମୃତ୍ୟୁଞ୍ଜୟ ଶତପଥୀ/ରାମ ଗୋପାଳ ବାଘ)


ପୋଲିସ ଟିମ ଘଟଣାସ୍ଥଳରେ ତଦନ୍ତ କରୁଛି।

- ୧୦ ଦିନ ଧରି ନିଖୋଜ ଥିଲେ
- ଟଙ୍କା ଭାଗବଣ୍ଟାକୁ ନେଇ ହତ୍ୟା ଅଭିଯୋଗ
- ପୋଲିସର ତନାଘନା, ୫ ସହଯୋଗୀ ଅଟକ

ସୁବର୍ଣ୍ଣପୁର ଜିଲା ବିନିକା ସହର ଗୁଲାପଡାର ପ୍ରକାଶ ମହାନ୍ତି(୩୭)ଙ୍କ ଗଳିତ ମୃତଦେହକୁ ପୋଲିସ ରବିବାର ମାଟିତଳୁ ଉଦ୍ଧାର କରିଛି। ପ୍ରକାଶ ୧୦ଦିନ ଧରି ନିଖୋଜ ଥିଲେ। ତାଙ୍କୁ ହତ୍ୟା କରି ପ୍ରମାଣ ନଷ୍ଟ ପାଇଁ ଅଭିଯୁକ୍ତମାନେ ଉଦ୍ୟମ କରିଥିଲେ। ଗଣେଶପୁର କୁଲେରଯୋର ନିକଟରେ ମାଟି ତଳେ ତାଙ୍କୁ ପୋତି ଦିଆ ଯାଇଥିଲା। ଏଥିରେ ପ୍ରକାଶଙ୍କ ସହଯୋଗୀମାନେ ସମ୍ପୃକ୍ତ ଅଛନ୍ତି। ଟଙ୍କା ଭାଗବଣ୍ଟାକୁ କେନ୍ଦ୍ରକରି ଏହି ହତ୍ୟାକାଣ୍ଡ ଘଟିଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ବିନିକା ପୋଲିସ ଏହି ଘଟଣାରେ ୫ ଜଣଙ୍କୁ ଅଟକ ରଖି ପଚରା ଉଚରା କରୁଛି। ଏହି ବିଭତ୍ସ ହତ୍ୟାକାଣ୍ଡ ବିନିକା ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି।

ସୂଚନା ଅନୁଯାୟୀ ପ୍ରକାଶ ଗୋଟିଏ ଜେସିବି ଓ ୩ଟି ଟ୍ରାକ୍ଟର ଭଡ଼ାରେ ଆଣି ବିନିକା ଓ ଆଖପାଖ ଅଞ୍ଚଳରେ ଜମି ସମତଳ କାମ କରୁଥିଲେ। ଗୁଲାପଡାର କେତେଜଣ ଯୁବକ ଏହି କାମରେ ସହାୟତା କରୁଥିଲେ। ଏଥିର ଭଲ ରୋଜଗାର କରି ସେ ପରିବାର ପ୍ରତିପୋଷଣ କରୁଥିଲେ। ଗତ ୧୮ ତାରିଖରେ ପ୍ରକାଶ ଚପଲ କିଣିବାକୁ ଯାଉଛି ବୋଲି ଘରେ କହି ମାର୍କେଟ ଯାଇଥିଲେ। ତେବେ ସେ ଆଉ ଘରକୁ ଫେରି ନ ଥିଲେ। ଏ ସମ୍ପର୍କରେ ପରିବାର ପକ୍ଷରୁ ପ୍ରକାଶଙ୍କ ନିଖୋଜ ନେଇ ବିନିକା ଥାନାରେ ଅଭିଯୋଗ ହୋଇଥିଲା। ପୋଲିସ ଏହି ଘଟଣାକୁ ସେତେଟା ଗୁରୁତ୍ୱ ଦେଇ ନ ଥିଲା। ପରେ କେତେଜଣ ଦୁର୍ବୃତ୍ତ ମିଶି ତାଙ୍କ ସ୍ୱାମୀଙ୍କୁ ସୁଚିନ୍ତିତ ଭାବେ ହତ୍ୟା କରିଥିବା ସ୍ତ୍ରୀ ବନିତା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏହାପରେ ପୋଲିସ ପକ୍ଷରୁ ତତ୍ପରତା ପ୍ରକାଶ ପାଇଥିଲା। ପୋଲିସର ତଦନ୍ତ ପରେ ଏହା ଏକ ହତ୍ୟାକାଣ୍ଡ ବୋଲି ସ୍ପଷ୍ଟ ହୋଇଥିଲା। ତନାଘନା ପରେ ସହଯୋଗୀମାନେ ପ୍ରକାଶଙ୍କୁ ହତ୍ୟା କରି ମାଟି ତଳେ ପୋତିଥିବା ପୋଲିସକୁ ସୁରାଗ ମିଳିଥିଲା। ହତ୍ୟାକାରୀଙ୍କ ସ୍ୱୀକାରୋକ୍ତି ପରେ ରବିବାର ପୋଲିସ ଝରାପଡା ନିକଟ କୁଲେରଯୋର ନିକଟରୁ ମୃତଦେହ ମାଟିତଳୁ ଉଦ୍ଧାର କରିଛି। ଏହି ସମୟରେ ସୋନପୁର ଉପଖଣ୍ଡ ପୋଲିସ ଅଧିକାରୀ ପ୍ରତାପ ଚନ୍ଦ୍ର ତ୍ରିପାଠୀ, ବିନିକା ଥାନା ଆଇଆଇସି ସତ୍ୟନାରାୟଣ ପ୍ରଧାନ, ସାଇଣ୍ଟିଫିକ ଟିମ୍ ଉପସ୍ଥିତ ଥିଲେ।

# ମୃତ ଶିଶୁର ଚିକିତ୍ସା ପାଇଁ ଜିଲା ଚିକିତ୍ସାଳୟକୁ ପଠାଇଲେ ଡାକ୍ତର

ପାରଳାଖେମୁଣ୍ଡି,୨୮।୧୨ (ଗିରିଧାରୀ ପରିଚ୍ଛା)

ଗଜପତି ଜିଲାରେ ସ୍ୱାସ୍ଥ୍ୟସେବା ବିଗିଡ଼ିବାରେ ଲାଗିଛି। ଜଣଙ୍କର ମୃତ୍ୟୁ ଘଟିଥିଲେ ସୁଦ୍ଧା ତାକୁ ଉଚ୍ଚ ଚିକିତ୍ସା ପାଇଁ ଡାକ୍ତର ଅନ୍ୟତ୍ର ସ୍ଥାନାନ୍ତର କରିବା ପରି ଘଟଣା ଜିଲାର ଆର୍.ଉଦୟଗିରି ବ୍ଲକ ଅନ୍ତର୍ଗତ ରାମଗିରି ସ୍ୱାସ୍ଥ୍ୟକେନ୍ଦ୍ରରେ ଦେଖିବାକୁ ମିଳିଛି। ଏହି ଖବର ଜଣାପଡ଼ିବା ପରେ ଦୁର୍ଗମ ଅଞ୍ଚଳରେ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଡାକ୍ତରଙ୍କ ଦାୟିତ୍ୱହୀନତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ଆର. ଉଦୟଗିରି ବ୍ଲକ ଭାଲିଆସାହି ଡଲକୋଟା ଗ୍ରାମର ସରସ୍ୱତୀ ମଣ୍ଡଳ ତାଙ୍କ ତିନି ମାସର ଶିଶୁପୁତ୍ରର ସ୍ୱାସ୍ଥ୍ୟ ଖରାପ ଥିବାରୁ ରବିବାର ସକାଳେ ରାମଗିରି ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ତେବେ ଶିଶୁପୁତ୍ରର ସ୍ୱାସ୍ଥ୍ୟ ଅବସ୍ଥା ଗୁରୁତର ହୋଇପଡ଼ିଥିବା କହି କାର୍ଯ୍ୟରତ ଡାକ୍ତର ତାଙ୍କୁ ପାରଳାଖେମୁଣ୍ଡିସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଦେଇଥିଲେ। ଜିଲା ମୁଖ୍ୟ ଚିକିତ୍ସାଳୟରେ ଡାକ୍ତର ଶିଶୁର ଚିକିତ୍ସା ଆରମ୍ଭ କରିବାବେଳକୁ ତା'ର ଦୀର୍ଘ ଘଣ୍ଟା ପୂର୍ବରୁ ମୃତ୍ୟୁ ହୋଇଯାଇଥିବା ସରସ୍ୱତୀଙ୍କୁ କହିଥିଲେ। ଡାକ୍ତରଙ୍କଠାରୁ ଏପରି ଶୁଣି ସରସ୍ୱତୀ ତାଙ୍କ ଶିଶୁପୁତ୍ରକୁ ରାମଗିରି ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚିବା ପୂର୍ବରୁ ତା'ର ମୃତ୍ୟୁ ହୋଇ ସାରିଥିବା ସନ୍ଦେହ କରୁଛନ୍ତି। ସେ ଅତି ଗରିବ ଶ୍ରେଣୀର ହୋଇଥିବାବେଳେ ତାଙ୍କ ସ୍ୱାମୀ ପ୍ରଦୀପ ରଇତ ବାହାର ରାଜ୍ୟରେ ଦାଦନ ଖଟି ପରିବାର ଚଳାଉଛନ୍ତି। ଯଦି ରାମଗିରି ଡାକ୍ତର ତାଙ୍କ ଶିଶୁଟିର ମୃତ୍ୟୁ ହୋଇଥିବା ଜାଣିଥିଲେ, ତେବେ କାହିଁକି ଆମକୁ ପାରଳାଖେମୁଣ୍ଡି ପଠାଇଲେ ବୋଲି ସରସ୍ୱତୀ ପ୍ରଶ୍ନ ଉଠାଇଛନ୍ତି। ଅନ୍ୟପକ୍ଷରେ ଏ ସମ୍ପର୍କରେ ରାମଗିରି ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର ସୁବ୍ରତ କୁମାର ସାହୁଙ୍କୁ ପଚାରିବାରୁ ସେ କହିଛନ୍ତି, ସମ୍ପୃକ୍ତା ମହିଳା ଶିଶୁଟିକୁ ଶନିବାର ରାତିରେ ରାମଗିରି ଡାକ୍ତରଖାନା ଆଣିଥିଲେ। ଶିଶୁଟିର ଚିକିତ୍ସା କରାଯାଇଥିଲା। ରବିବାର ଶିଶୁଟିର ସୁଗାର ଲେବଲ କମିଥିଲା। ଶିଶୁଟି କିଛି ଖାଉ ନ ଥିଲା କି କାନ୍ଦୁ ନ ଥିଲା। ଫଳରେ ତା'ର ଅଧିକ ଚିକିତ୍ସା ପାଇଁ ତାକୁ ପାରଳାଖେମୁଣ୍ଡି ଜିଲା ମୁଖ୍ୟ ଚିକିତ୍ସାଳୟକୁ ରବିବାର ସକାଳ ୮ଟା ୪୦ରେ ପଠାଯାଇଥିଲା। ସେତେବେଳକୁ ଶିଶୁଟି ଜୀବିତ ଥିଲା ବୋଲି ଡାକ୍ତର ସାହୁ କହିଛନ୍ତି। ଏ ସମ୍ପର୍କରେ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ମୁବାରକ ଅଲ୍ଲିଙ୍କୁ ପଚାରିବାରେ, ଯଦି ଏପରି ଘଟଣା ଘଟିଛି ତେବେ ଏହାର ତଦନ୍ତ ହେବ। ଯିଏ ଦୋଷୀ ହେବେ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି।







10 YEAR WARRANTY | BAJAJ SECURE • AMC • ROAD SIDE ASSISTANCE | 72198 21111 | SHRIRAM Finance | IDFC FIRST Bank ALWAYS YOU FIRST | BAJAJ AUTO CREDIT | L&T Finance | TATA CAPITAL Two Wheeler Loans

*ସର୍ତ୍ତ ଓ ନିୟମାବଳୀ ଲାଗିବ । ସଞ୍ଚୟ 22 ଡିସେମ୍ବର ଠାରୁ 31 ଡିସେମ୍ବର 2025 ପର୍ଯ୍ୟନ୍ତ ପ୍ରଯୁଜ୍ୟ । ଉଦ୍ଧୃତ ମୋଟ ସଞ୍ଚୟ ହେଉଛି କ୍ୟାଶ୍ ବ୍ୟାକ୍‌ଜନିତ ସଞ୍ଚୟ । ଶୂନ୍ୟ ପ୍ରୋସେସିଙ୍ଗ ଫୀ ଓ 5 ମାଗଣା ସର୍ଭିସ୍ (3 ଷ୍ଟାଣ୍ଡାର୍ଡ ମାଗଣା ସର୍ଭିସ୍ ଓ 2 ଅତିରିକ୍ତ ମାଗଣା ସର୍ଭିସ୍) । ମାଗଣା ସର୍ଭିସ୍ ଙ୍କ ସଞ୍ଚୟସବୁ ନିର୍ଘଣ୍ଟିତ ଲେବର୍ ଚାର୍ଜେସ୍ ଉଦିଷ୍ଟ । ପ୍ରଯୁଜ୍ୟ ଅଫର୍‌ସବୁ ମଡେଲ/ପ୍ରଦେଶ ଅନୁସାରେ ଭିନ୍ନ ହୋଇପାରେ । ଶୂନ୍ୟ ପିଏଫ୍ ରେ ସଞ୍ଚୟ, ଫାଇନାନ୍‌ସର୍ ଉପରେ ନିର୍ଭର କରି ବିଭିନ୍ନ ଅଞ୍ଚଳରେ ଭିନ୍ନ ହୋଇପାରେ । ଫାଇନାନ୍‌ସର୍ ଙ୍କ ନିଜସ୍ୱ ବିବେଚନା ଆଧାରରେ ଫାଇନାନ୍‌ସ । ଷ୍ଟଣ୍ଟଗୁଡ଼ିକ ଏକ୍ସପର୍ଟ ମାନଙ୍କ ଦ୍ୱାରା, ପେଶାଦାରମାନଙ୍କ ତତ୍ତ୍ୱାବଧାନରେ, ନିୟନ୍ତ୍ରିତ ଓ ଆବଦ୍ଧ ବାତାବରଣରେ, ଜନସାଧାରଣ ବା ପବ୍ଲିକ୍ ରୋଡ୍ ଠାରୁ ଅଲଗାରେ କରାଯାଇଛି । ଏସବୁ ଷ୍ଟଣ୍ଟ ନକଲ କରିବାର ଅପଚେଷ୍ଟା କରନ୍ତୁ ନାହିଁ ଏବଂ ସବୁବେଳେ ଟ୍ରାଫିକ୍ ଓ ସୁରକ୍ଷା ନିୟମଗୁଡ଼ିକ ପାଳନ କରନ୍ତୁ । ପଲ୍‌ସର 125 ଅଫର୍ ନିଅନ୍ ଓ କାର୍ବନ୍ ଫାଇବର୍ ମଡେଲ୍ ସକାଶେ ।

Authorised Dealers for BAJAJ Auto Ltd.: Sambalpur: UJJWAL BAJAJ 9853155550, Sonepur UJJWAL BAJAJ 9348711920 • Bargarh UJJWAL BAJAJ 9124042012 •• Rourkela: RM BAJAJ 90780 83803 • Sundergarh RM BAJAJ 9078083500 • • Bolangir URBASI BAJAJ 7381052046 • Bhawanipatna KALINGA AUTO SERVICE 8763863692 • Jharsuguda UTKAL BAJAJ 9337200356.

# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ଉତ୍କଳ ବିକାଶ ପରିଷଦ ପକ୍ଷରୁ ୨୭ତମ ଶାରଦୀୟ ଅଧିବେଶନ ଉତ୍ସବ, ସ୍ଥାନ: ବୁଦ୍ଧମନ୍ଦିର, ସମୟ: ପୂର୍ବାହ୍ନ ୧୦ଟା।
- ରାଜ୍ୟ ସଂସ୍କୃତି ଓ ପର୍ଯ୍ୟଟନ ବିଭାଗ ଆନୁକୂଲ୍ୟରେ ୧୯ତମ ଦେବଦାସୀ ଆନ୍ତର୍ଜାତିକ ନୃତ୍ୟ ସମାରୋହ, ସ୍ଥାନ: ଭଞ୍ଜ କଳାମଣ୍ଡପ, ସମୟ: ସନ୍ଧ୍ୟା ୬ଟା।

## ଖୋର୍ଦ୍ଧା

- ରାଜ୍ୟସ୍ତରୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ, ସ୍ଥାନ: କଣ୍ଟାବାଡ଼ ଉଚ୍ଚ ବିଦ୍ୟାଳୟ ଖେଳପଡ଼ିଆ, ସମୟ: ପୂର୍ବାହ୍ନ ୧୧ଟା।

## ବାଲେଶ୍ୱର

- ହସ୍ତଶିଳ୍ପ ଓ ହସ୍ତତନ୍ତ ପ୍ରଦର୍ଶନୀ, ସ୍ଥାନ: ସୁରଭି ପ୍ଲାଜା, ସହଦେବଖୁଣ୍ଟା, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ଅଲ ଇଣ୍ଡିଆ ଗୋପନାରାୟଣ ଦାସ ମେମୋରିଆଲ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ, ସ୍ଥାନ: ପରମିଟ୍ ପଡ଼ିଆ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ବ୍ଲକ କାର୍ଯ୍ୟାଳୟ, ଖଇରା, ସମୟ: ପୂର୍ବାହ୍ନ ୧୦ଟା।
- ଅନ୍ନପୂର୍ଣ୍ଣା ଯୋଜନାରେ ମାଗଣା ମଧ୍ୟାହ୍ନ ଭୋଜନ, ସ୍ଥାନ: ମିଶନ ପଡ଼ିଆ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୧ଟା
- ସରକାରୀ ଧାନ ମଣ୍ଡି ଶୁଭାରମ୍ଭ କାର୍ଯ୍ୟକ୍ରମ, ସ୍ଥାନ: ଅନ୍ତରା ସେବା ସମବାୟ ସମିତି, ଖଇରା, ସମୟ: ପୂର୍ବାହ୍ନ ୧୧ଟା।
- ପୁରାତନ ଛାତ୍ର ସଂସଦ ପ୍ରତିଷ୍ଠା ଦିବସ ପାଳନ ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: ନୀଳମଣି ମହାବିଦ୍ୟାଳୟ, ରୂପସା, ବାଲେଶ୍ୱର, ସମୟ: ଅପରାହ୍ନ ୨ଟା ୩୦।
- ଧାନ କ୍ରୟ ନିମନ୍ତେ ପ୍ରସ୍ତୁତି ବୈଠକ, ସ୍ଥାନ: ରାଉତପଡ଼ା ସମବାୟ ସମିତି, ରୂପସା, ବାଲେଶ୍ୱର, ସମୟ: ଅପରାହ୍ନ ୩ଟା।
- ଉତ୍ସବ ଉତ୍ତର ଓଡ଼ିଶା ଦ୍ୱିତୀୟ ସନ୍ଧ୍ୟା, ସ୍ଥାନ: ଆଇଟିଆଇ ପଡ଼ିଆ, ବାଲେଶ୍ୱର, ସମୟ: ସନ୍ଧ୍ୟା ୬ଟା।

## ଭଦ୍ରକ

- କଂଗ୍ରେସ ପକ୍ଷରୁ ଇଲେକ୍ଟ୍ରିକ ଅଫିସ ଘେରାଉ, ସ୍ଥାନ: ବାଇପାସ୍ ବିଦ୍ୟୁତ୍ କାର୍ଯ୍ୟାଳୟ, ଭଦ୍ରକ, ସମୟ: ପୂର୍ବାହ୍ନ ୧୦ଟା।
- ମିଳିତ ଜନଶୁଣାଣି ଶିବିର, ସ୍ଥାନ: ବ୍ଲକ ସମ୍ମିଳନୀ କକ୍ଷ, ଧାମନଗର, ସମୟ: ପୂର୍ବାହ୍ନ ୧୦ଟା।
- ସାଧାରଣତନ୍ତ୍ର ଦିବସ ପାଳନ ପାଇଁ ପ୍ରଶାସନିକ ପ୍ରସ୍ତୁତି ବୈଠକ, ସ୍ଥାନ: ଜିଲ୍ଲା ସଂସ୍କୃତି ଭବନ, ଭଦ୍ରକ, ସମୟ: ଅପରାହ୍ନ ୫ଟା।
- ଆଗରପଡ଼ା ମହୋତ୍ସବର ୫ମ ସନ୍ଧ୍ୟା, ସ୍ଥାନ: ହେମପଦ୍ମା ଗାଲାକ୍ସି, ଆଗରପଡ଼ା, ସମୟ: ଅପରାହ୍ନ ୫ଟା।
- ବାଣିଜ୍ୟ ମେଳାର ୬ଷ୍ଠ ସନ୍ଧ୍ୟା, ସ୍ଥାନ: ସାମରାଇପୁର, ଭଦ୍ରକ, ସମୟ: ସନ୍ଧ୍ୟା ୬ଟା।

## ଗଞ୍ଜାମ

- ପଞ୍ଚାୟତସ୍ତରୀୟ ଜନ ଶୁଣାଣି, ସ୍ଥାନ:ଦିଗପହଣ୍ଡି ବ୍ଲକ ଫାସିଗୁଡ଼ା ପଞ୍ଚାୟତ କାର୍ଯ୍ୟାଳୟ,ସମୟ: ପୂର୍ବାହ୍ନ ୧୦ଟା।
- ପଞ୍ଚାୟତ ସ୍ତରୀୟ ମିଳିତ ଜନଶୁଣାଣି, ସ୍ଥାନ: ବୁଗୁଡ଼ା ବ୍ଲକ ମାଣିତରା ପଞ୍ଚାୟତ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- କଂଗ୍ରେସର ଘେରାଉ, ସ୍ଥାନ: ଭଞ୍ଜନଗର ଟାଟା ପାୱାର କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।
- ଭଜନ ସମାରୋହ ଓ ପ୍ରବଚନ ମହାଯଜ୍ଞ, ସ୍ଥାନ: ବୁଗୁଡ଼ା ବ୍ଲକ କରଚୁଲି ମାନସ ମଣ୍ଡପ,ସମୟ: ସନ୍ଧ୍ୟା ୭ଟା।

## ଗଜପତି

- ଜିଲ୍ଲାସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା ଉଦ୍‌ଘାଟ, ସ୍ଥାନ: ପାରଳାଖେମୁଣ୍ଡିସ୍ଥିତ ଗଜପତି ଷ୍ଟାଡିୟମ, ସମୟ: ସକାଳ ୮ଟା ୩୦।

## ଢେଙ୍କାନାଳ

- ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: କାମାକ୍ଷାନଗର ବ୍ଲକ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା ।
- ତ୍ରିରଙ୍ଗା–ସୁପ୍ରଭାତ ରୌପ୍ୟ ଜୟନ୍ତୀ ଉତ୍ସବ, ସ୍ଥାନ: ଗୋପବନ୍ଧୁ ଟାଉନହଲ, ଢେଙ୍କାନାଳ, ସମୟ: ସନ୍ଧ୍ୟା ୬ଟା୩୦ ।

## ଅନୁଗୋଳ

- ରାଜ୍ୟସ୍ତରୀୟ ଅଷ୍ଟକିଲା ଫୁଟବଲ ଟୁର୍ଣ୍ଣାମେଣ୍ଟ ର ଫାଇନାଲ ମ୍ୟାଚ, ସ୍ଥାନ : ଆଠମଲ୍ଲିକ ପତାକା ଖେଳ ପଡିଆ, ସମୟ : ଅପରାହ୍ନ ୨ ଟା ୩୦ ।

## ଜଗତ୍‌ସିଂହପୁର

- ପାରାଦୀପ ମହୋତ୍ସବ ପଞ୍ଚମ ସନ୍ଧ୍ୟାରେ ବ୍ଲାକ ସ୍ୱାଇଡର ସଂସ୍ଥା ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ଜୟଦେବ ସଦନ, ବଡ଼ପଡ଼ିଆ, ପାରାଦୀପ, ସମୟ: ସନ୍ଧ୍ୟା ୬ଟା।

## କେନ୍ଦ୍ରାପଡ଼ା

- ଜିଲ୍ଲା କଂଗ୍ରେସ ବିଦ୍ୟୁତ କାର୍ଯ୍ୟାଳୟ ଘେରାଉ, ସ୍ଥାନ: ବିଦ୍ୟୁତ କାର୍ଯ୍ୟାଳୟ, କଜଳା, କେନ୍ଦ୍ରାପଡ଼ା ସହର, ସମୟ: ସକାଳ ୯ଟା।
- ବିପ୍ଳବୀ କବି ଆନନ୍ଦ ଜେନା ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ, ସ୍ଥାନ: ସରସ୍ୱତୀ ଷ୍ଟାଡିୟମ, ଡାଳିକାଏନ୍ଦା, ରାଜକନିକା, ସମୟ: ପୂର୍ବାହ୍ନ ୧୦ଟା।

## କୋରାପୁଟ

- ମା'ଗାୟତ୍ରୀ ପାଞ୍ଚକୁଣ୍ଡିୟ ମାହାଯଜ୍ଞ, ସ୍ଥାନ: କୁମ୍ଭାରଗୁଡ଼ା, କୋରୁକୋଣ୍ଡା ବ୍ଲକ୍, ସମୟ: ପ୍ରାତଃ ୫ଟା।
- ଜିଲ୍ଲାସ୍ତରୀୟ ଜନଶୁଣାଣି, ସ୍ଥାନ: ସଦ୍‌ଭାବନା ସଭାଗୃହ, କୋରାପୁଟ, ସମୟ: ପୂର୍ବାହ୍ନ ୧୦ଟା।
- ପଞ୍ଚାୟତସ୍ତରୀୟ ଜନଶୁଣାଣି, ସ୍ଥାନ: ଖେମୁଣ୍ଡୁଗୁଡା ପଞ୍ଚାୟତ କାର୍ଯ୍ୟାଳୟ, ନନ୍ଦପୁର ବ୍ଲକ, ସମୟ: ପୂର୍ବାହ୍ନ ୧୦ଟା।
- ପଞ୍ଚାୟତସ୍ତରୀୟ ଜନଶୁଣାଣି, ସ୍ଥାନ: ଭନସୁଲି ପଞ୍ଚାୟତ, କୋଟପାଡ଼ ବ୍ଲକ୍, ସମୟ: ପୂର୍ବାହ୍ନ ୧୦ଟା।
- ପଞ୍ଚାୟତସ୍ତରୀୟ ଜନଶୁଣାଣି, ସ୍ଥାନ: ପଞ୍ଚାୟତ କାର୍ଯ୍ୟାଳୟ,ଗୁଣ୍ଡାପୁଟ, ସେମିଳିଗୁଡ଼ା ବ୍ଲକ, ସମୟ: ପୂର୍ବାହ୍ନ ୧୦ଟା।
- ବନବାସୀ କମାର ସମାଜ ୧୫ତମ ବାର୍ଷିକ ଉତ୍ସବ, ସ୍ଥାନ: ପକନାଗୁଡା ଆସନା ପଞ୍ଚାୟତ, କୁନ୍ଦୁରା ବ୍ଲକ, ସମୟ: ମଧ୍ୟାହ୍ନ ୧୨ଟା।

## ମାଲକାନଗିରି

- ମା'ଗାୟତ୍ରୀ ପାଞ୍ଚକୁଣ୍ଡିୟ ମାହାଯଜ୍ଞ, ସ୍ଥାନ: କୁମ୍ଭାରଗୁଡ଼ା, କୋରୁକୋଣ୍ଡା ବ୍ଲକ୍, ସମୟ: ପ୍ରାତଃ ୫ଟା।

## ସମ୍ବଲପୁର

- ଜିଲ୍ଲା ପ୍ରଶାସନ ଆୟୋଜନରେ ତ୍ରିରଙ୍ଗା ରାଲି ଓ ପଦଯାତ୍ରା, ସ୍ଥାନ : କୁଦୋପାଲି, ସମୟ : ସକାଳ ୮ଟା।
- ଜିଲ୍ଲା ପ୍ରଶାସନ ପକ୍ଷରୁ ମିଳିତ ଜନ ଶୁଣାଣି, ସ୍ଥାନ : ମାନେଶ୍ୱର ବ୍ଲକ ପରିସର, ସମୟ : ପୂର୍ବାହ୍ନ ୧୦ଟା।
- ନିଖିଳ ଓଡ଼ିଶା ଓକିଲ ସଂଘର ବାର୍ଷିକ ସମ୍ମିଳନୀ–୨୦୨୫, ସ୍ଥାନ : ଜିଏମ୍‌ୟୁ ପ୍ରେକ୍ଷାଳୟ, ସମୟ : ପୂର୍ବାହ୍ନ ୧୦ଟା।
- ଜିଲ୍ଲା ଘରୋଇ ବସ୍ ମାଲିକ ସଂଘର ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ, ସ୍ଥାନ : ଅଇଁଠାପାଲି ବସ୍ ଟର୍ମିନାଲ, ସମୟ : ପୂର୍ବାହ୍ନ ୧୧ଟା।
- ଯୁବ ଉଦୟନ ଆୟୋଜିତ ନାଟକ କର୍ମଶାଳା ଓ ଆଲୋଚନାଚକ୍ର, ସ୍ଥାନ: ଝାଡୁଆପଡା ସ୍ଥିତ ଆରଣ୍ୟକ ମଞ୍ଚ, ସମୟ : ପୂର୍ବାହ୍ନ ୧୧ଟା।
- ବରଗଡ଼ ଜିଲ୍ଲା ତଳିପଡା ସମଲେଶ୍ୱରୀ ସଂଘର କଳାକାରମାନେ ପ୍ରସ୍ତୁତ ନାଟକ ଜୀବନ ତାକର ସ୍ୱାଧୀନତା ଆମର (ମାଧୋ ସିଂ) ମଞ୍ଚନ, ସ୍ଥାନ : ଝାଡୁଆପଡାସ୍ଥିତ ଆରଣ୍ୟକ ମଞ୍ଚ, ସମୟ : ସନ୍ଧ୍ୟା ୬ଟା।
- ଯୁବ ଉଦୟନ ଆୟୋଜିତ ବୀର ସୁରେନ୍ଦ୍ର ସାଏ ୨୮ତମ ରାଜ୍ୟସ୍ତରୀୟ ସମ୍ବଲପୁରୀ ନାଟକ ପ୍ରତିଯୋଗୀର ଉଦ୍‌ଯାପନୀ କାର୍ଯ୍ୟକ୍ରମ, ସ୍ଥାନ : ଝାଡୁଆପଡାସ୍ଥିତ ଆରଣ୍ୟକ ମଞ୍ଚ, ସମୟ : ରାତି ୯ଟା।

## ବଲାଙ୍ଗୀର

- ଜିଲ୍ଲାସ୍ତରୀୟ ଯୁଗ୍ମ ଜନଅଭିଯୋଗ ଶୁଣାଣି, ସ୍ଥାନ: ପଞ୍ଚାୟତ ସମିତି କାର୍ଯ୍ୟାଳୟ, ତୁରେକେଲା, ବଲାଙ୍ଗୀର, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ବିଦ୍ୟୁତ୍ ବିଭାଗ ଅଧୀକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ, ସ୍ଥାନ: ବିଦ୍ୟୁତ୍ ବିଭାଗ ଅଧୀକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ, ପେଲେସଲାଇନ୍, ବଲାଙ୍ଗୀର, ସମୟ: ପୂର୍ବାହ୍ନ ୧୧ଟା।
- ସର୍ବଭାରତୀୟ ବହୁଭାଷୀ ନାଟକ ସମାରୋହ ମଠଖାଇ ମହୋତ୍ସବର ଉଦ୍‌ଯାପନୀ, ସ୍ଥାନ: କୋଶଳ କଳାମଣ୍ଡଳ ରଙ୍ଗମଞ୍ଚ, ବଲାଙ୍ଗୀର, ସମୟ: ସନ୍ଧ୍ୟା ୬ଟା।

## ରାଉରକେଲା

- ଏବିଭିପି ୫୦ତମ ରାଜ୍ୟ ଅଧିବେଶନ, ସ୍ଥାନ: ସେକ୍ଟର– –୬ ସରସ୍ୱତୀ ବିଦ୍ୟାମନ୍ଦିର, ମାଡ୍ରିକଲୋ ନଗର, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଗୁରୁସଭା ପକ୍ଷରୁ ନଗର କୀର୍ତ୍ତନ, ସ୍ଥାନ: ରାଉରକେଲା ଗୁରୁଦ୍ୱାରା, ସମୟ: ଅପରାହ୍ନ ୪ଟା।

## ସୁନ୍ଦରଗଡ଼

- ଜିଲ୍ଲାପାଳଙ୍କ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: କୁତ୍ରା ବ୍ଲକ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା ୩୦।

## ବରଗଡ଼

- ନିଷ୍ଠା ପରିବାର ପକ୍ଷରୁ ରକ୍ତଦାନ ଶିବିର, ସ୍ଥାନ: ଜର୍ଜ ହାଇସ୍କୁଲ ପଡ଼ିଆ, ବରଗଡ଼, ସମୟ: ଅପରାହ୍ନ ୩ଟା।

## କଳାହାଣ୍ଡି

- ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି ଓ ସମାଧାନ ଶିବିର, ସ୍ଥାନ: ଏମ୍ ରାମପୁର ବ୍ଲକ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା।
- ଧନୁଯାତ୍ରା ମହୋତ୍ସବର ପଞ୍ଚମ ସନ୍ଧ୍ୟା, ସ୍ଥାନ: ଭବାନୀପାଟଣା ବ୍ଲକ ସେପୁର, ସମୟ: ସନ୍ଧ୍ୟା ୬ଟା।

## ବୌଦ୍ଧ

- ଜିଲ୍ଲାପାଳଙ୍କ ଯୁଗ୍ମ ଜନଶୁଣାଣି ଶିବିର, ସ୍ଥାନ: ଲମ୍ବସରୀ ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ, କଣ୍ଟାମାଳ ବ୍ଲକ, ସମୟ: ପୂର୍ବାହ୍ନ ୧୦ଟା।

## ଦେବଗଡ଼

- ଜିଲ୍ଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି, ସ୍ଥାନ: ରିଆମାଳ ବ୍ଲକ୍ କୁଣ୍ଡେଇଗଲା ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ମା' କନକଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ଦେବଗଡ଼ ମଠସାହିସ୍ଥିତ ମା' କନକଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।

## ସୁବର୍ଣ୍ଣପୁର

- ଜିଲ୍ଲାପାଳ ଓ ଏସ୍‌ପିଙ୍କ ମିଳିତ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ବୀରମହାରାଜପୁର ବ୍ଲକର ଲୁଡୁରପଙ୍କ ପଞ୍ଚାୟତ କାର୍ଯ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୦ଟା ୩୦।
- ରାମଲୀଳା ମହୋତ୍ସବର ଶେଷ ରଜନୀ, ସ୍ଥାନ: ହନୁମାନ ବାଟିକା ପଥରଘାଟ, ବୀରମହାରାଜପୁର ବ୍ଲକ, ସମୟ: ସନ୍ଧ୍ୟା ୬ଟା।

## ନୂଆପଡ଼ା

- କଲେଜର ବାର୍ଷିକ କ୍ରୀଡ଼ା ଉଦ୍‌ଘାଟନ, ସ୍ଥାନ: କୋମନା ବ୍ଲକ ବୁଦ୍ଧି କୋମନା ପଞ୍ଚାୟତ କଲେଜ ପଡିଆ, ସମୟ: ସକାଳ ୯ଟା ୩୦
- ପ୍ରଥମ ଜୋନସ୍ତରୀୟ ୟୁନିଟ କପ୍ କ୍ରିକେଟ ତ୍ରୟୋଦଶ ଦିବସ, ସ୍ଥାନ: ଖଡିଆଳ ବ୍ଲକ ସାନମହେଶ୍ୱର ପଞ୍ଚାୟତ ଦେବାହାଲ ଗାଁ, ସମୟ: ପୂର୍ବାହ୍ନ ୧୦ଟା।
- ୩ୟ ଶହୀଦ ପୀତବାସ ମେମୋରିଆଲ କ୍ରିକେଟ ଟୁର୍ଣ୍ଣାମେଣ୍ଟର ସେମି ଫାଇନାଲ ମ୍ୟାଚ, ସ୍ଥାନ: କୋମନା ବ୍ଲକ ଦାନୋଝଲା ଶହୀଦ ପୀତବାସ ଖେଳପଡିଆ, ସମୟ: ପୂର୍ବାହ୍ନ ୧୦ଟା।
- ୫ମ ଜୟ ମା' ବସ୍ରେଣ କପ୍ କ୍ରିକେଟ ଟଉର୍ନାମେଣ୍ଟର ଦ୍ୱିତୀୟ ଲିଗ ମ୍ୟାଚ, ସ୍ଥାନ: କୋମନା ବ୍ଲକ ମାନିଗୁଡା ପଞ୍ଚାୟତ ସିହିନାମୁଣ୍ଡା ତ୍ରିକୋଣୀୟ ଖେଳପଡିଆ, ସମୟ: ପୂର୍ବାହ୍ନ ୧୦ଟା।
- ଜିଲ୍ଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ପଞ୍ଚାୟତ ସମିତି କାର୍ଯ୍ୟାଳୟ ସିନାପାଲି, ସମୟ: ପୂର୍ବାହ୍ନ ୧୦ଟା।
- ବର୍ଦ୍ଧିତ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ସିନାପାଲି ବ୍ଲକ ଖର୍ସେଲ ପଞ୍ଚାୟତ କାର୍ଯ୍ୟାଳୟ, ସମୟ: ଅପରାହ୍ନ ୩ଟା।
- ଶ୍ରୀଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କ ସତ୍‌ସଙ୍ଗ ଓ ନାମ ସଂକୀର୍ତ୍ତନ, ସ୍ଥାନ: ସତ୍‌ସଙ୍ଗ ବିହାର ନୂଆପଡା, ସମୟ: ଅପରାହ୍ନ ୫ଟା।
- ୩ୟ ବିରାଟ ଆଞ୍ଚଳିକ ଧନୁଯାତ୍ରା ମହୋତ୍ସବ ଚତୁର୍ଥ ରଜନୀ, ସ୍ଥାନ: ନୂଆପଡା ସଦର ବ୍ଲକ ସାରାବଙ୍ଗ ମିନି ଷ୍ଟାଡିୟମ, ସମୟ: ସନ୍ଧ୍ୟା ୬ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ପ୍ରିୟ ବ୍ୟକ୍ତିଙ୍କର ଅନୁପସ୍ଥିତି ଆଶଙ୍କା କରି ମନ ବ୍ୟାକୁଳ ହୋଇପାରେ। ବନ୍ଧୁଙ୍କଠାରୁ ଅର୍ଥ ସାହାଯ୍ୟ ଅଯାଚିତ ଭାବେ ପାଇ ଖୁସି ହୋଇଯିବେ। ଉପରିସ୍ଥଙ୍କ ଅନୁକମ୍ପାରୁ କର୍ମକ୍ଷେତ୍ରରେ ବହୁତ ଦାୟିତ୍ୱ ହାତକୁ ନେବାକୁ ପଡ଼ିପାରେ। ଆପଣଙ୍କ କୃତି ଓ କୃତିତ୍ୱ କାରଣରୁ ସାମାଜିକ ସ୍ତରରେ ସମ୍ମାନ ଲାଭ କରିବେ।

**ବୃଷ** ସହକର୍ମୀଙ୍କ ସହାୟତାରେ ସ୍ଥଗିତ କାମକୁ ତ୍ୱରାନ୍ୱିତ କରିବାକୁ ପ୍ରସ୍ତୁତି ଚଳାଇପାରନ୍ତି। ସ୍ୱାର୍ଥକୈନ୍ଦ୍ରିକ ଚିନ୍ତାଧାରାସମ୍ପନ୍ନ ବନ୍ଧୁଟି ନିଜ କାମକୁ ଗୁରୁତ୍ୱ ଦେଇପାରେ। ପରିବାର ଭିତରେ ସବୁକଥାକୁ ହାଲୁକା ଭାବେ ଗ୍ରହଣ କଲେ କ୍ଷତିରେ ପଡ଼ିବେ। କର୍ମକ୍ଷେତ୍ରରେ ସାଧାରଣ କଥାରେ ଅନ୍ୟ ଉପରେ ବିରକ୍ତି ପ୍ରକାଶ କରିପାରନ୍ତି।

**ମିଥୁନ** ମଧୁର ବ୍ୟବହାର ଦ୍ୱାରା ଅନ୍ୟକୁ ସହଜରେ ଆକର୍ଷିତ କରିପାରିବେ। ଆନୁଷ୍ଠାନିକ କ୍ଷେତ୍ରରେ ସମସ୍ୟା ସମାଧାନ ସକାଶେ କଷ୍ଟ ସ୍ୱୀକାର କରିବାକୁ ପଡ଼ିବ। ପାରିବାରିକ ଅଶାନ୍ତି କ୍ରମଶଃ ବଢୁଥିବାରୁ ଜାଣିଶୁଣି ମଧ୍ୟ ନୀରବ ରହିବାକୁ ବାଧ ହେବେ। ଯେତେ ଭଲ କାମ କଲେ ମଧ ସମାଲୋଚିତ ହେବାକୁ ପଡ଼ିପାରେ।

**କର୍କଟ** ବିଭିନ୍ନ ପ୍ରତିବନ୍ଧକ କାରଣରୁ କର୍ମକ୍ଷେତ୍ରରେ ଅସ୍ଥିରତା ସୃଷ୍ଟି ହୋଇପାରେ। ଅନ୍ୟଦ୍ୱାରା ପ୍ରଭାବିତ ନ ହୋଇ ବନ୍ଧୁଙ୍କ ବିବାଦରୁ ଦୂରେଇ ରହିବା ଭଲ। ମନ ଅସ୍ଥିର ରହିବା କାରଣରୁ କାମଗୁଡ଼ିକ ସମ୍ପନ୍ନ ହେବା କଷ୍ଟକର ହୋଇପଡ଼ିବ। ପଡ଼ୋଶୀଙ୍କ ପରୋକ୍ଷ ଶତ୍ରୁତା ହେତୁ କାମଗୁଡ଼ିକ ସକାଶେ ସାମୟିକ ବାଧା ସୃଷ୍ଟି କରିପାରେ।

**ସିଂହ** ଆଜି ସକାଳୁ କୌଣସି ଦୁଃଖଦ ଖବର ମନକୁ ବିଚଳିତ କରିପାରେ। ସଭାସମିତି କିମ୍ବା ବନ୍ଧୁଙ୍କ ସହ ଆଲୋଚନା କ୍ଷେତ୍ରରେ ବିତର୍କ ସୃଷ୍ଟି ହୋଇପାରେ। ଥଣ୍ଡାଜନିତ ସାମାନ୍ୟ ଶାରୀରିକ ଅସୁସ୍ଥତା ଅନୁଭବ କରି ନିଜକୁ ସଂକୁଚିତ ମନେକରିପାରନ୍ତି। କର୍ମକ୍ଷେତ୍ରରେ କୌଣସି କର୍ମଚାରୀଙ୍କ ଦ୍ୱାରା ସମସ୍ୟା ସମାଧାନ ହେବାର ଆଶା ରହିଛି।

**କନ୍ୟା** କୌଣସି କର୍ମାରମ୍ଭ ସକାଶେ ଅର୍ଥାଭାବକୁ ବନ୍ଧୁ ସୁଧାରି ନେଇପାରନ୍ତି। ଆନୁଷ୍ଠାନିକ କାମରେ ଅନ୍ୟମାନଙ୍କ ସହ ସନ୍ଦେହ ଓ ଭୁଲ୍ ବୁଝାମଣା ଘଟିବାର ଆଶଙ୍କା ମଧ୍ୟ ରହିଛି। କର୍ମକ୍ଷେତ୍ରରେ ଭୁଲ୍ ଖବର ପାଇ ବିବ୍ରତ ହୋଇପାରନ୍ତି। ଆଲୋଚନା ପରିସରରେ ଅପ୍ରିୟ ସତ୍ୟ କଥା ପ୍ରକାଶ କରି ସମସ୍ୟାକୁ ବଢ଼ାଇ ଦେଇପାରନ୍ତି।

**ତୁଳା** ଆଜି ପାରିବାରିକ ଅଶାନ୍ତି କର୍ମକ୍ଷେତ୍ରକୁ ପ୍ରଭାବିତ କରିପାରେ। ଦୀର୍ଘ ଦିନରୁ ଆଶା କରିଥିବା କୌଣସି ଖବର ଆଜି ବନ୍ଧୁଙ୍କ ଜରିଆରେ ପାଇ ଖୁସି ହେବେ। ଦିନଚର୍ଯ୍ୟାରେ ଆର୍ଥିକ ସଂକଟ ବ୍ୟତିକ୍ରମ ସୃଷ୍ଟି କରିବାର ଆଶଙ୍କା ରହିଛି। ପଡ଼ୋଶୀଙ୍କ ପରାମର୍ଶରେ ଦୀର୍ଘଦିନରୁ ଚିନ୍ତା କରିଥିବା କାମ ନିମନ୍ତେ ପ୍ରସ୍ତୁତି ଆରମ୍ଭ କରିବେ।

**ବିଛା** ଅନ୍ୟମାନଙ୍କ ସମର୍ଥନ ନ ପାଇବା ହେତୁ କେତେକ କାମରୁ ଦୂରେଇ ରହିବାକୁ ବାଧ ହେବେ। ଗାଡ଼ି, ମୋଟର, ଘର ମରାମତି ସକାଶେ ଯୋଜନା ପ୍ରଣୟନ କରିବେ। ବନ୍ଧୁଙ୍କ ଆଶ୍ୱାସନାରୁ ଟେନ୍‌ସନ ଦୂର ହେବ ଓ ଅଟକିଥିବା କାମ ଯଥାବିଧି ସମ୍ପନ୍ନ ହେବ। ସାହିତ୍ୟ ଓ କ୍ରୀଡ଼ା, ଚଳଚ୍ଚିତ୍ର ତଥା ସଙ୍ଗୀତ କ୍ଷେତ୍ରରେ ସମସ୍ୟାକୁ ସୁଧାରି ନେବେ।

**ଧନୁ** ଆଜି ପ୍ରତ୍ୟେକ କ୍ଷେତ୍ରରେ ପରିସ୍ଥିତି ପ୍ରତି ଦୃଷ୍ଟି ରଖି କାମ କରିବା ଭଲ। କର୍ମକ୍ଷେତ୍ରରେ ନିଜର ଅନିଚ୍ଛାଜନିତ ପ୍ରତିକ୍ରିୟାକୁ ହଠାତ୍ ପ୍ରକାଶ କରନ୍ତୁ ନାହିଁ। ଥଣ୍ଡା ପ୍ରଭାବରୁ ଶାରୀରିକ ଅସୁସ୍ଥତାଜନିତ ପୀଡ଼ାରେ କଷ୍ଟ ପାଇପାରନ୍ତି। ମନର ଗୋପନ ବ୍ୟଥାକୁ ସହି ପାରିବେ ନାହିଁ କିମ୍ବା କହି ପାରିବେ ନାହିଁ ଫଳରେ ମନ କଥା ଅପ୍ରକାଶ୍ୟ ରହିଯିବ।

**ମକର** ଆକସ୍ମିକ ପରିବର୍ତ୍ତନରେ ନିଜ ଲୋକଙ୍କୁ ଛାଡ଼ିପାରିବେ ନାହିଁ କିମ୍ବା ସେମାନଙ୍କ ଉପରେ ଭରସା ମଧ୍ୟ କରି ପାରିବେ ନାହିଁ। ସଭାସମିତି, ପରିବହନ, ସାହିତ୍ୟ ଓ ସାମ୍ବାଦିକତାରୁ ସୁଫଳ ମିଳିବ। ଭାଙ୍ଗି ପଡ଼ିଥିବା ସମ୍ପର୍କ ପୁଣି ଯୋଡ଼ିବା ସକାଶେ ବିଭିନ୍ନ ଯୋଜନା କରିପାରନ୍ତି। ସମସ୍ୟା ସମାଧାନ କ୍ଷେତ୍ରରେ ପ୍ରତିବନ୍ଧକ ଦେଖାଦେଇପାରେ।

**କୁମ୍ଭ** ବିଭିନ୍ନ ସମସ୍ୟାଜନିତ ମାନସିକ ଚାପଗ୍ରସ୍ତ ହୋଇ ପାରିବାରିକ ସମସ୍ୟା ପ୍ରତି ବୀତସ୍ପୃହ ରହିପାରନ୍ତି। ସ୍ୱକୀୟ ମତ ପୋଷଣକରି ସମାଲୋଚିତ ହୋଇପାରନ୍ତି। ପିଲାଙ୍କ ବିବାହ ସକାଶେ ବନ୍ଧୁଙ୍କ ସହ ଆଲୋଚନା କରିବେ। ବ୍ୟବସାୟ କ୍ଷେତ୍ରରେ କର୍ମଚାରୀଙ୍କୁ ଅପ୍ରିୟ ସତକଥା କହି ବିରୋଧର ସମ୍ମୁଖୀନ ହୋଇପାରନ୍ତି।

**ମୀନ** ଜମିଜମା କ୍ରୟବିକ୍ରୟ କ୍ଷେତ୍ରରେ ଆଶାନୁରୂପ ସଫଳତା ମିଳିପାରେ। କର୍ମକ୍ଷେତ୍ରରେ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଅପ୍ରୀତିକର ପରିସ୍ଥିତିର ସମ୍ମୁଖୀନ ହେବାକୁ ପଡ଼ିପାରେ। ଆଜିର ପଶ୍ଚିମ ଯାତ୍ରାରେ ସଫଳତା ହାସଲ କରିବା କଷ୍ଟକର ହୋଇପଡିବ। ପର କଥାରେ ମୁଣ୍ଡ ନ ପୂରାଇବା ଭଲ, କାରଣ ଟେନ୍‌ସନ ବଢ଼ିବା ବ୍ୟତୀତ ଲାଭ କିଛି ହେବନି।

ଆଜି ଡିସେମ୍ବର ୨୯ ତାରିଖ, ପୌଷ ଶୁକ୍ଳ ନବମୀ ଯୁକ୍ତ ଦଶମୀ ସୋମବାର। ରାଶିନକ୍ଷତ୍ର–ସକାଳ ଘ.୦୭.୪୦ ଗତେ ଅଶ୍ୱିନୀ/ମେଷ, ଦଶମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ସକାଳ ଘ.୦୬.୨୪ ଗତେ ଘ.୦୭.୪୫ ମଧ୍ୟେ, ଘ.୦୯.୧୭ ଗତେ ଘ.୧୧.୨୭ ମଧ୍ୟେ ଶୁଦ୍ଧ ଶୁଭ ବେଳା । ସକାଳ ଘ.୦୭.୪୫ ଗତେ ଘ.୦୯.୦୬ ମଧ୍ୟେ ରାହୁ କାଳ ।

# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା–ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଏଇ ପଦକ ଶୁଣୁଥିବି
ସୁନ୍ଦର ବଦନ ଚାହୁଁଥିବି
ଲୁଣ ଘିନି ଭାତ ଖାଉଥିବି ।**

ପତିପତ୍ନୀଙ୍କ ମଧ୍ୟରେ ଭାବର ଆଦାନପ୍ରଦାନ ଠିକ ଥିଲେ ଦାମ୍ପତ୍ୟ ଜୀବନ ସୁଖମୟ ହୋଇଥାଏ। ଯେତେ ଅଭାବ ଅନଟନ ଲାଗିରହିଲେ ମଧ ତା'ର କଷ୍ଟ ଜମା ଜଣାପଡି ନଥାଏ କି ଅଭାବ ମନକୁ ସେତେ ବ୍ୟଥିତ କରି ନଥାଏ। ପତିର ମଧୁର ଭାଷା, ଚାହାଣି ଓ ବ୍ୟବହାର ପାଖେ ପତ୍ନୀ ମନ ବନ୍ଧା ପଡିଯାଇଥାଏ। ଏପରି ସ୍ଥଳେ କିଛି ନଥିଲେ ସୁଦ୍ଧା ସେ ମନ ଊଣା କରୁ ନଥିବା ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

**ଏକା ମାଘକେ
ଶୀତ ଯାଏ ନାହିଁ ।**

ମାଘ ମାସ ଶୀତ ମାସ। ଗୋଟିଏ ମାଘ ଗଲେ ଶୀତ ଚାଲି ଯାଏନି। ପୁଣି ଆର ବର୍ଷକୁ ମାଘ ମାସ ହେଲେ ଶୀତ ହୁଏ। ବିପଦଟି ସରିଗଲେ ପୁଣି କେବେ ନା କେବେ ଆସିବା ଭଳି କୌଣସି ଅସୁବିଧା ସବୁଦିନ ପାଇଁ ଏକାବେଳେ ଦୂର ହୋଇଯାଏ ନାହିଁ। ଘଟଣାର ପୁନରାବୃତ୍ତି ହେବା ପରିପ୍ରେକ୍ଷୀରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ ପବ୍ଲିଶର୍ସ



ରବିବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ପ୍ରଥମ ପୃଷ୍ଠାରୁ...

## ମହାପ୍ରଭୁଙ୍କୁ ରାତି ...

ନିଜର ଅସନ୍ତୋଷ ତଥା ପ୍ରତିକ୍ରିୟା ପ୍ରକାଶ କରୁଛନ୍ତି। ତେଣୁ ଏହା ଧାର୍ମିକ ଦୃଷ୍ଟିକୋଣରୁ ସମ୍ବେଦନଶୀଳ ପ୍ରସଙ୍ଗ ହୋଇଥିବାରୁ କ୍ୟାଲେଣ୍ଡର ବଦଳୁଥିବା ଜାନୁଆରୀ ୧ ତାରିଖ ପାଇଁ ମହାପ୍ରଭୁଙ୍କୁ ରାତିଅନିଦ୍ରା ନ କରି ସ୍ୱାଭାବିକ ଦୈନନ୍ଦିନ ନୀତି ସମ୍ପନ୍ନ କରାଯାଉ ବୋଲି ସାହୁ ଅନୁରୋଧ କରିଛନ୍ତି। ତେବେ ପୂର୍ବରୁ ଅନେକ ବ୍ୟକ୍ତିବିଶେଷଙ୍କଠାରୁ ଅନୁଷ୍ଠାନ ମଧ୍ୟ ରାତ୍ରିରେ ଦ୍ୱାରଫିଟାକୁ ନେଇ ଆପତ୍ତି କରିଆସୁଥିବା ବେଳେ ଶ୍ରୀମନ୍ଦିର ପରିଚାଳନା କମିଟିର ଜଣେ ସଦସ୍ୟ ମହାପ୍ରଭୁଙ୍କୁ ରାତି ଅନିଦ୍ରା କରା ନ ଯାଉ ବୋଲି ଚିଠି ଲେଖିବା ପରେ ବିଭିନ୍ନ ମହଲରେ ପ୍ରତିକ୍ରିୟା ପ୍ରକାଶ ପାଇଛି। ଏନେଇ ବରିଷ୍ଠ ଦଇତାପତି ସେବକ ବିନାୟକ ଦାସ ମହାପାତ୍ର କହିଛନ୍ତି, ମହାପ୍ରଭୁଙ୍କର ଏବେ ପହିଲି ଭୋଗ ନୀତି ଜାରି ରହିଛି। ପହିଲି ଭୋଗର ନୀତିନିର୍ଘଣ୍ଟ ଅନୁଯାୟୀ ରାତି ୧୧ଟାରେ ରାତ୍ରପହୁଡ଼ କରାଯାଇ ରାତି ୨ଟା ପରେ ଶ୍ରୀମନ୍ଦିର ଦ୍ୱାରଫିଟା ନୀତି କରାଯାଉଛି। ବର୍ତ୍ତମାନ ନୀତିନିର୍ଘଣ୍ଟ ଅନୁଯାୟୀ ରାତି ୧୧ଟାରେ ପହୁଡ଼ କରାଯାଉଛି। ଲକ୍ଷାଧିକ ଭକ୍ତଙ୍କ ସମାଗମକୁ ଦେଖି ଶୀଘ୍ର ପହୁଡ଼ କରାଯାଇ ଦ୍ୱାରଫିଟା ଯାଉଛି, ତାହାକୁ ଆମେ ପ୍ରତିବାଦ କରୁଛୁ ବୋଲି ସେ କହିଛନ୍ତି।

ଏନେଇ ଜଗନ୍ନାଥଙ୍କ ମୁଖ୍ୟ ବାଡ଼ଗ୍ରାହୀ ଜଗନ୍ନାଥ ସ୍ୱାଇଁ ଦାସମହାପାତ୍ର କହିଛନ୍ତି, ଭକ୍ତଙ୍କ ଭାବାବେଗକୁ ଦେଖିବା ଆବଶ୍ୟକ। ଭକ୍ତଙ୍କ ଭାବାବେଗକୁ ପ୍ରାଧାନ୍ୟ ନ ଦିଆଯାଇ ମନଇଚ୍ଛା କାର୍ଯ୍ୟ କରାଯାଉଛି। ମହେଶ ସାହୁ ଯାହା କହିଛନ୍ତି ତାହା ସ୍ୱାଗତଯୋଗ୍ୟ। ସେ ତାଙ୍କ ଧାର୍ମିକ ଦୃଷ୍ଟିକୋଣରୁ ଏହା କହିଛନ୍ତି। ସମସ୍ତ ଭକ୍ତ ସୁବିଧାରେ ଦର୍ଶନ କରିବା ଉଚିତ୍ ନ ହେଲେ ବିଶୃଙ୍ଖଳା ସୃଷ୍ଟିହେବ। ସାହୁଙ୍କ ମତରେ ଯଦି ଅନ୍ୟ ଲୋକ ସ୍ୱର ମିଶାନ୍ତେ, ତେବେ ଠିକ୍ ହୁଅନ୍ତା ବୋଲି ମହାପାତ୍ର କହିଛନ୍ତି। ସେହିପରି ଜାପାନରେ ପ୍ରବାସୀ ଭାରତୀୟ ବିଜୟ ବେହେରା କହିଛନ୍ତି, ପଣା ସଂକ୍ରାନ୍ତି ହେଉଛି ଓଡ଼ିଆଙ୍କ ନବବର୍ଷ। ସେହିପରି ଚୈତ୍ର ଶୁକ୍ଳ ପ୍ରତିପଦାରେ ରାଷ୍ଟ୍ରୀୟ ନବବର୍ଷ ତଥା ହିନ୍ଦୁ ନବବର୍ଷ ପଡ଼ିଥାଏ। ଇଂରାଜୀ କ୍ୟାଲେଣ୍ଡରରେ ପରିବର୍ତ୍ତନ ହୋଇ ନୂଆ ଇଂରାଜୀ ବର୍ଷ ଆରମ୍ଭ ହୋଇଥାଏ। ଏହା ଶ୍ରୀମନ୍ଦିର ପରମ୍ପରା ଓ ସଂସ୍କୃତି ସହ କୌଣସିମତେ ଜଡ଼ିତ ନୁହେଁ। ତେଣୁ ଉକ୍ତ ଦିନ ମହାପ୍ରଭୁଙ୍କୁ ରାତି ଅନିଦ୍ରା କରିବାର କୌଣସି କାରଣ ନାହିଁ। ତେଣୁ ପରମ୍ପରାକୁ ଅକ୍ଷୁଣ୍ଣ ରଖି ମହାପ୍ରଭୁଙ୍କ ରାତ୍ର ପହୁଡ଼ ହେବା ସହ ନିର୍ଦ୍ଧାରିତ ସମୟରେ ଦ୍ୱାର ଫିଟାଯାଉ।

## ପ୍ରଦୂଷଣ: ଲୋକେ ...

କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନନ୍ଦୁରୀ ନିର୍ଦ୍ଦେଶ ଦେଇଛନ୍ତି। ସେ ପ୍ରଦାନ କରିଥିବା ଆକ୍ସନ ଟେକେନ୍ ରିପୋର୍ଟ(ଏଟିଆର)ରେ ଦର୍ଶାଇଛନ୍ତି, ଏଥିନେଇ ଗୋଟିଏ ସ୍ୱତନ୍ତ୍ର ସ୍କ୍ୱାଡ୍ ଗଠନ କର। ଯେଉଁ ସ୍କ୍ୱାଡ୍ ପ୍ରତିଦିନ ଜିଲ୍ଲା ତଥା ସହରର ବିଭିନ୍ନ ସ୍ଥାନରୁ ବାହାରୁଥିବା ଧୂଳିକଣା ଉପରେ ନଜର ରଖିବ। କେଉଁ କାରଣରୁ ଧୂଳିକଣା ସୃଷ୍ଟି ହେଉଛି ଏବଂ ତାହା କିଭଳି ପ୍ରତିହତ ହୋଇପାରିବ, ସେଦିଗରେ ପଦକ୍ଷେପ ଗ୍ରହଣ କରିବ। ଏହାସହିତ ପ୍ରତିଦିନ ରାସ୍ତାଘାଟ ରୋଡ୍‌କ୍ଲିନର ମାଧ୍ୟମରେ ସଫା ରଖିବାକୁ ପଡ଼ିବ। ଏହାବାଦ୍ ରାସ୍ତାରେ ପାଣି ମଧ ସିଞ୍ଚନ କରିବାକୁ ହେବ।

ନନ୍ଦୁରୀ ପୁଣି ଦର୍ଶାଇଛନ୍ତି, ରାସ୍ତାପାଖ ଢାବା ନିକଟରେ ଯେପରି କୋଇଲା ପ୍ରଭୃତି ବ୍ୟବହାର ନ ହୁଏ ସେଥିପ୍ରତି ଗୁରୁତ୍ୱ ଦେବାକୁ ପଡ଼ିବ। କୋଇଲା ଓ କାଠ ଜଳାଯାଉଥିବା ଢାବା ବିରୋଧରେ ପ୍ରଦୂଷଣ ନିୟମ ୧୯୫୪ ଅନୁଯାୟୀ କଠୋର ପଦକ୍ଷେପ ଗ୍ରହଣ କରାଯାଇପାରିବ। ସେହିପରି ସରକାରଙ୍କ ପକ୍ଷରୁ ଯେତେସବୁ ସ୍ଥାନରେ ନିର୍ମାଣ କାର୍ଯ୍ୟ ଜାରି ରହିଛି ସେଠାରେ ୧୦ ମିଟର ଜିସିଆଇ ଶିଟ୍ ବ୍ୟବହାର ହେଉଛି କି ନାହିଁ ତାହା ପରଖିବାକୁ ହେବ। ଯଦି କୌଣସିଠାରେ ଏହା କରାଯାଉ ନ ଥିବ ତେବେ ନିୟମ ଅନୁଯାୟୀ ପଦକ୍ଷେପ ଗ୍ରହଣ କରିବାକୁ ହେବ ବୋଲି ନନ୍ଦୁରୀ ଦର୍ଶାଇଛନ୍ତି।

ସେହିପରି ଯେଉଁଠାରେ ଘର ଭଙ୍ଗାହେଉଛି ସେଠାରେ ପ୍ରଦୂଷଣ ନିୟମ ପାଳନ ହେଉଛି କି ନାହିଁ ତାହା ମଧ୍ୟ ପରଖିବାକୁ ହେବ। ବର୍ଜ୍ୟ ପରିଚାଳନା ନିୟମ–୨୦୧୬ ଅନୁଯାୟୀ, ସେଠାରୁ ବ୍ୟବସ୍ଥିତ ଢଙ୍ଗରେ ବର୍ଜ୍ୟ ଉଠାଇ ସ୍ଥାନାନ୍ତର କରିବାକୁ ପଡ଼ିବ। ଏହାସହିତ ରାସ୍ତାରେ ଗଡୁଥିବା ଗାଡ଼ି ମଧ୍ୟରୁ କେଉଁ ଗାଡ଼ି ଅଧିକ ଧୂଆଁ ଛାଡୁଛି ଏବଂ ବାୟୁମଣ୍ଡଳକୁ ପ୍ରଦୂଷିତ କରୁଛି ତାହାକୁ ନିୟମିତ ଯାଞ୍ଚ କର। ଏହାବାଦ୍ ଶିଶୁ, ବୃଦ୍ଧବୃଦ୍ଧାମାନେ ଯେପରି ବାୟୁ ପ୍ରଦୂଷଣରେ ଛନ୍ଦି ନ ହେବେ ତାହାକୁ ଦୃଷ୍ଟିରେ ରଖି ଟ୍ରାଫିକ୍ ଭିଡ଼ ଏଡ଼ାଇବା ଏବଂ ବିଦ୍ୟାଳୟକୁ ଯିବା ଓ ଛୁଟି ସମୟରେ ନିୟମିତ ତଦାରଖ କରିବାକୁ ସଦସ୍ୟ ସଚିବ ଦର୍ଶାଇଛନ୍ତି।

## ଦିଲ୍ଲୀ ପ୍ରଦୂଷଣ...

ଯୋଗୁ ଅକ୍ଷରଧାମ ମନ୍ଦିର ଝାପ୍‌ସା ଦେଖାଯାଉଥିଲା। ଉକ୍ତ ଅଞ୍ଚଳରେ ଏକ୍ୟୁଆଇ ୪୪୫ ଥିଲା। ଏମ୍ସ ଓ ଏହାର ଆଖପାଖ ଅଞ୍ଚଳରେ ଏକ୍ୟୁଆଇ ୩୪୦ ଥିଲା। ବାୟୁ ପ୍ରଦୂଷଣର ଗମ୍ଭୀର ସ୍ଥିତିକୁ ଲକ୍ଷ୍ୟ କରି ଦିଲ୍ଲୀ–ଏନ୍‌ସିଆର୍‌ରେ ଗ୍ରେଡେଡ୍ ରେସ୍ପନ୍ସ ଆକ୍ସନ ପ୍ଲାନ୍ (ଜିଆର୍‌ଏପି)ର ତୃତୀୟ ପର୍ଯ୍ୟାୟ ଲାଗୁ କରାଯାଇଛି। ତଦନୁଯାୟୀ ସହର ମଧ୍ୟରେ ନିର୍ମାଣ କାର୍ଯ୍ୟ ଉପରେ ସମ୍ପୂର୍ଣ୍ଣ ନିଷେଧାଦେଶ ଲାଗିଥିବାବେଳେ କଳକାରଖାନା କାର୍ଯ୍ୟ ଉପରେ କଟକଣା ଜାରି ହୋଇଛି। ଅଙ୍ଗାରକାମ୍ଳ ନିର୍ଗମନ କମାଇବା ପାଇଁ ଗାଡ଼ିର ପିୟୁସି (ପଲ୍ୟୁଶନ ଅଣ୍ଡର କଣ୍ଟ୍ରୋଲ ସାର୍ଟିଫିକେଟ୍) ନାହିଁ ତ ତେଲ ନାହିଁ ନୀତି ଲାଗୁ ହୋଇଛି। ରାଜଧାନୀର ବିଭିନ୍ନ ଅଞ୍ଚଳରେ ବାୟୁ ଗୁଣବତ୍ତା ସୂଚକାଙ୍କ ୪୦୦ ଅତିକ୍ରମ କରିଥିବା କାରଣରୁ ଆକ୍ୟୁମ୍‌ସ ଡ୍ରଗ୍ସ ଆଣ୍ଡ ଫାର୍ମାସୁଟିକାଲ୍ସ ଫାଇନାନ୍ସ ଅଧ୍ୟକ୍ଷ ରାଜକୁମାର ବାଫ୍‌ନା ରବିବାର ଇସ୍ତଫା ଦେଇଛନ୍ତି। ଦିଲ୍ଲୀର ସାମ୍ପ୍ରତିକ ପ୍ରଦୂଷଣ ସ୍ତରକୁ ନେଇ ସେ ଚାକିରି ଛାଡୁଥିବା କମ୍ପାନୀର ମୁଖ୍ୟ ଫାଇନାନ୍ସ ଅଫିସର (ସିଏଫ୍‌ଓ) ସୁମିତ ସୁଦ୍‌ଙ୍କୁ ଇମେଲ୍ ଯୋଗେ ଜଣାଇଥିବା ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜରେ ଦାଖଲ ହୋଇଥିବା ତଥ୍ୟରୁ ଜଣାପଡ଼ିଛି। ବାଫ୍‌ନାଙ୍କ ସ୍ୱାସ୍ଥ୍ୟାବସ୍ଥାକୁ ବିଚାରକୁ ନେଇ କମ୍ପାନୀ ତାଙ୍କୁ ଡିସେମ୍ବର ୩୧ରୁ କାର୍ଯ୍ୟରୁ ଅବ୍ୟାହତି ଦେବାକୁ ନିଷ୍ପତ୍ତି ନେଇଥିବା ସିଏଫ୍‌ଓ କହିଛନ୍ତି।

## ହୋମ୍‌ଗାର୍ଡ ଚାକିରି ...

ଶାରୀରିକ ପରୀକ୍ଷାକୁ ଯିବେ ବୋଲି ଜଣାପଡ଼ିଛି। ଏହି ପରୀକ୍ଷା ପଞ୍ଚମ ଶ୍ରେଣୀ ଉତ୍ତୀର୍ଣ୍ଣ ହୋଇଥିବା ଯୁବତୀ ଯୁବକମାନଙ୍କ ପାଇଁ ଆୟୋଜିତ ହୋଇଥିଲା। କିନ୍ତୁ ସ୍ନାତକୋତ୍ତର, ସ୍ନାତକ ପାସ କରିଥିବା ଯୁବତୀ ଯୁବକମାନେ ହୋମ୍‌ଗାର୍ଡ ପରୀକ୍ଷା ଦେବାକୁ ଆସିଥିଲେ। ଏଥିସହିତ ଜିଲ୍ଲା ବାହାରୁ ମଧ ବହୁ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିବାରୁ ଝାରସୁଗୁଡ଼ା ଜିଲ୍ଲାର ପରୀକ୍ଷାର୍ଥୀମାନେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ନିଜ ଜିଲ୍ଲାର ପରୀକ୍ଷାର୍ଥୀଙ୍କୁ ଅଗ୍ରାଧିକାର ଦେବାପାଇଁ ଆଗାମୀ ଦିନରେ ଜିଲ୍ଲାପାଳ ଓ ଆରକ୍ଷୀ ଅଧୀକ୍ଷକଙ୍କୁ ଭେଟିବେ ବୋଲି ସେମାନେ ନିଷ୍ପତ୍ତି ନେଇଥିବା ଜଣାପଡ଼ିଛି। ରବିବାର ଅନୁଷ୍ଠିତ ପରୀକ୍ଷାରେ ୫୦ ନମ୍ବର ବିଶିଷ୍ଟ ମଲ୍ଟିପୁଲ୍ ଚଏସ୍ ପ୍ରଶ୍ନପତ୍ରର ପରୀକ୍ଷା ଦେଇଥିବା ପରୀକ୍ଷାର୍ଥୀମାନେ ପ୍ରକାଶ କରିଛନ୍ତି। ପ୍ରଶ୍ନପତ୍ର ଲିକ୍ ଯେଭଳି ନ ହୁଏ, ସେଥିପାଇଁ ଛାତ୍ରୀଛାତ୍ର ଏବଂ ଡ୍ୟୁଟିରେ ଥିବା ପୋଲିସ ଅଧିକାରୀଙ୍କୁ ବି ମୋବାଇଲ ନେବା ଲାଗି ବାରଣ କରାଯାଇଥିଲା।

ସେହିପରି ମୟୂରଭଞ୍ଜ ଜିଲ୍ଲାରେ ହୋମ୍‌ଗାର୍ଡ ନିଯୁକ୍ତି ପାଇଁ ଲିଖିତ ପରୀକ୍ଷା ଅନୁଷ୍ଠିତ ହୋଇଯାଇଛି। ୨୦,୧୨୦ ପରୀକ୍ଷାର୍ଥୀ ବାରିପଦା ରିଜର୍ଭ ପୋଲିସ ଗ୍ରାଉଣ୍ଡ ଓ ରାଇରଙ୍ଗପୁର ଷ୍ଟାଡିୟମ୍‌ରେ ପରୀକ୍ଷା ଦେଇଛନ୍ତି। ଜିଲ୍ଲାର ଗୃହରକ୍ଷୀ କମାଣ୍ଡାଣ୍ଟ କାର୍ଯ୍ୟାଳୟ ସୂଚନା ଅନୁଯାୟୀ, ମୋଟ ୩୧୦ ପଦବୀ ପାଇଁ ଏହି ପରୀକ୍ଷା ହୋଇଛି। ଏଥିପାଇଁ ଚଳିତବର୍ଷ ମାର୍ଚ୍ଚରୁ ଆବେଦନ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ଚାକିରି ଖଣ୍ଡିଏ ପାଇଁ ବି. ଟେକ୍‌ଠାରୁ ଆରମ୍ଭ କରି ଏମ୍. ଟେକ, ଏମ୍‌ବିଏ, ଏମ୍‌ସିଏ, ପିଜି ଓ ସ୍ନାତକ କରିଥିବା ଆଶାୟୀ ଆବେଦନ କରିଛନ୍ତି। ମୋଟ ୨୪ ହଜାରରୁ ଊର୍ଦ୍ଧ୍ୱ ଆବେଦନକାରୀଙ୍କ ମଧ୍ୟରୁ ୨୦ ହଜାର ୧୨୦ ପରୀକ୍ଷାର୍ଥୀ ଲିଖିତ ପରୀକ୍ଷା ଦେଇଛନ୍ତି। ବାରିପଦା ସଦର, ବେତନଟୀ ଓ ଉଦଳା ସବ୍‌ଡିଭିଜନ ପାଇଁ ବାରିପଦାର ରିଜର୍ଭ ପୋଲିସ ଗ୍ରାଉଣ୍ଡରେ ୧୨ ହଜାର ୭୨୦, ରାଇରଙ୍ଗପୁର ଓ କରଞ୍ଜିଆ ସବ୍‌ଡିଭିଜନ ପାଇଁ ରାଇରଙ୍ଗପୁର ଷ୍ଟାଡିୟମ୍‌ରେ ୭୪୦୦ ପରୀକ୍ଷାର୍ଥୀ ପରୀକ୍ଷା ଦେଇଛନ୍ତି।

## ଉନ୍ନାଓ ମାମଲା...

ସିବିଆଇ ଏହାର ଅପିଲ୍‌ରେ ଏଲ୍.କେ. ଆଡଭାନୀ ମାମଲାର ରାୟକୁ ଉଲ୍ଲେଖ କରିଛି। ଏମ୍‌ପି, ବିଧାୟକଙ୍କ ଭଳି ପଦବୀରେ ଥିବା ଯେକୌଣସି ବ୍ୟକ୍ତି ଜନସାଧାରଣଙ୍କ ସେବକ ବୋଲି ସର୍ବୋଚ୍ଚ ଅଦାଲତ ଉକ୍ତ ରାୟରେ କହିଥିଲେ। ସେନ୍‌ଗାର ଅପରାଧ କଲାବେଳେ ବିଧାୟକ ଥିଲେ। ଗତ ୨୩ ତାରିଖରେ ହାଇକୋର୍ଟ ପୋକ୍‌ସୋ ଆଇନ ଅନୁଯାୟୀ ମାମଲାର ବିଚାର କଲାବେଳେ ତାଙ୍କୁ ଜନସାଧାରଣଙ୍କ ସେବକ ବିବେଚନା ନ କରି ଜାମିନ ପ୍ରଦାନ କରିବା ତ୍ରୁଟିପୂର୍ଣ୍ଣ ବୋଲି ସିବିଆଇ ଦର୍ଶାଇଥିଲା। ସେନ୍‌ଗାରଙ୍କୁ ଜାମିନ ପ୍ରଦାନକୁ ବିଭିନ୍ନ ସଂଗଠନ ପକ୍ଷରୁ ଦୃଢ଼ ପ୍ରତିବାଦ କରାଯାଇଛି।

# ରାମ୍‌କୋ ସିମେଣ୍ଟକୁ ଏନ୍‌ଜିଟିର ଜବାବ ତଲବ

ଯାଜପୁର,୨୮।୧୨(ହର୍ଷବର୍ଦ୍ଧନ ବେହେରା)

ଯାଜପୁର ଜିଲା ଧର୍ମଶାଳା ବ୍ଲକ ଅଧୀନ ହରିଦାସପୁରରେ ଗଢ଼ି ଉଠିଥିବା ରାମ୍‌କୋ ସିମେଣ୍ଟ୍ ଗ୍ରାଇଣ୍ଡିଂ ୟୁନିଟ୍ କାରଖାନା ପରିସରରେ ବିନା ପରିବେଶଗତ ମଞ୍ଜୁରୀରେ ଡ୍ରାଏ ମୋର୍ଟାର ନାମରେ ଏକ ଅତିରିକ୍ତ ସିମେଣ୍ଟ ମିଲ୍ ପ୍ରତିଷ୍ଠା କରାଯାଇଛି। ଏହାଦ୍ୱାରା ବାର୍ଷିକ ୦.୯୦ ମିଲିୟନ ଟନ୍(ଏମ୍‌ଟି)ରୁ ୧.୮୦ ଏମ୍‌ଟି(ଲାଇନ-୨)କୁ ଉତ୍ପାଦନ ବୃଦ୍ଧି ଘଟିଛି। ଏନେଇ ନ୍ୟାଶନାଲ ଗ୍ରୀନ୍ ଟ୍ରିବ୍ୟୁନାଲ(ଏନ୍‌ଜିଟି)ରେ ୟୁଥ୍ ୟୁନାଇଟେଡ୍ ଫର ସଷ୍ଟେନେବୁଲ ଏନ୍‌ଭାଇରନ୍‌ମେଣ୍ଟ ଟ୍ରଷ୍ଟ ପକ୍ଷରୁ ଅଭିଯୋଗ ହୋଇଛି। ଅଭିଯୋଗକୁ ଆଧାର କରି ଏନ୍‌ଜିଟିରେ ୨୧୧/୨୦୨୫/ଇଜେଡ ନମ୍ବରରେ ଏକ ମାମଲା ରୁଜୁ ହେବା ସହ ରାମକୋ ସିମେଣ୍ଟ କମ୍ପାନୀ କର୍ତ୍ତୃପକ୍ଷଙ୍କୁ ଏକ ସପ୍ତାହ ମଧ୍ୟରେ ଉତ୍ତର ରଖିବାକୁ ଏନ୍‌ଜିଟି ପକ୍ଷରୁ ଜଷ୍ଟିସ ଅରୁଣ କୁମାର ତ୍ୟାଗୀ ଓ ଏକ୍ସପର୍ଟ ମେମ୍ବର ଈଶ୍ୱର ସିଂହଙ୍କୁ ନେଇ ଗଠିତ ଖଣ୍ଡପୀଠ ଗତ ୨୩ ତାରିଖରେ ନିର୍ଦ୍ଦେଶ ଜାରି କରିଛନ୍ତି।


ରାମ୍‌କୋ ସିମେଣ୍ଟ ୟୁନିଟ୍

ଏନଜିଟିରେ ହୋଇଥିବା ଅଭିଯୋଗ ଅନୁଯାୟୀ, ରାମକୋ ସିମେଣ୍ଟ ଗ୍ରାଇଣ୍ଡିଂ ୟୁନିଟ ପକ୍ଷରୁ ରେଲୱେ ଦ୍ୱାରା ପରିବହନ ୯୦%ରୁ କମ ନ ହେବା, ଭୂତଳ ଜଳ ଉତ୍ତୋଳନ, ୩୩% ସବୁଜ ବଳୟର ବିକାଶ ଏବଂ ୬ ମାସିଆ ରିପୋର୍ଟ ଦାଖଲ କରିବା ସମ୍ବନ୍ଧୀୟ ସର୍ତ୍ତାବଳୀ ଉଲ୍ଲଂଘନ କରାଯାଇଛି। ଏହି କମ୍ପାନୀ ୧୦।୬।୨୦୨୫ରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ(ଏସ୍‌ପିସିବି)ଠାରୁ ମାସିକ ୮୩୦୦ ଏମ୍‌ଟି ଡ୍ରାଏ ମୋର୍ଟାର ଉତ୍ପାଦନ ପାଇଁ ଅନୁମତି ପାଇଛି। କିନ୍ତୁ ପୂର୍ବରୁ ୨୬।୫।୨୦୨୨ରେ ପାଇଥିବା ପରିବେଶ ଅନୁମତି ପତ୍ରରେ ଡ୍ରାଏ ମୋର୍ଟାର ଉତ୍ପାଦନ ସମ୍ପର୍କରେ କୌଣସି ଉଲ୍ଲେଖ ନାହିଁ। ବାର୍ଷିକ ୦.୯ ଏମ୍‌ଟି କ୍ଷମତା ବିଶିଷ୍ଟ ପୋର୍ଟଲ୍ୟାଣ୍ଡ ପୋଜୋଲାନା ସିମେଣ୍ଟ, ପୋର୍ଟଲ୍ୟାଣ୍ଡ ସ୍ଲାଗ୍ ସିମେଣ୍ଟ, ସାଧାରଣ ପୋର୍ଟଲ୍ୟାଣ୍ଡ ସିମେଣ୍ଟ, ସଲଫେଟ ପ୍ରତିରୋଧୀ ପୋର୍ଟଲ୍ୟାଣ୍ଡ ସିମେଣ୍ଟ, ମ୍ୟାସରୀ ସିମେଣ୍ଟ ଏବଂ କମ୍ପୋଜିଟ ସିମେଣ୍ଟ ଉତ୍ପାଦନ ପାଇଁ ଏସ୍‌ପିସିବିରୁ ୧୦।୬।୨୦୨୫ରେ ଦୁଇଟି ଭିନ୍ନ ନାମରେ କନସେଣ୍ଟ ଟୁ ଅପରେଟ(ସିଟିଓ) ପାଇଥିଲା। ଚକ୍ରଧରପୁରର ପ୍ଲଟ ନଂ.୮୮ରେ ଥିବା ଗ୍ରାମ୍ୟ ଜଙ୍ଗଲ ଜମିକୁ ଜବରଦଖଲ କରି ସେହି ଜମିରେ ବିଦ୍ୟୁତ ସବଷ୍ଟେଶନ ନିର୍ମାଣ କରିଥିଲା। ବନ ସଂରକ୍ଷଣ ନିୟମ-୧୯୬୦ ଉଲ୍ଲଂଘନ କରି

- ■ ପରିବେଶ ଅନୁମତି ନ ଥାଇ ଅତିରିକ୍ତ ସିମେଣ୍ଟ ମିଲ୍
- ■ ୧ ସପ୍ତାହ ମଧ୍ୟରେ ରିପୋର୍ଟ ଦାଖଲ ନିର୍ଦ୍ଦେଶ
- ■ ଗ୍ରାମ୍ୟ ଜଙ୍ଗଲ ଜମି ଜବରଦଖଲ

ସେମାନଙ୍କର ସୀମା ପ୍ରାଚୀର ମଧ୍ୟରେ ଏହାକୁ ଅନ୍ତର୍ଭୁକ୍ତ କରିଥିଲା। ଆବେଦନକାରୀ ଏବଂ ଅନ୍ୟ ଗ୍ରାମବାସୀ ଏହି ଅନିୟମିତତା ନେଇ ୧୫।୯।୨୦୨୫ରେ ଜିଲା ପ୍ରଶାସନ ନିକଟରେ ଅଭିଯୋଗ କରିଥିଲେ ହେଁ କୌଣସି ସୁଫଳ ଏଯାଏ ମିଳି ନାହିଁ। ସୂଚନାଯୋଗ୍ୟ, ରାମ୍‌କୋ ସିମେଣ୍ଟ ଗ୍ରାଇଣ୍ଡିଂ ୟୁନିଟ କାରଖାନା ଆଇନଗତ ଅଧିକାର ନ ଥିବା ୫.୪୨ ଏକର ଶ୍ମଶାନ, ଜଳାଶୟ ଏବଂ ଗ୍ରାମ୍ୟ ଜଙ୍ଗଲକୁ ଦଖଲ କରିଛି। ଏନେଇ ପ୍ରିନ୍ସିପାଲ ଆକାଉଣ୍ଟ ଜେନେରାଲ(ଏଜି)ର ଅଡିଟ-୧ ରିପୋର୍ଟରେ ଧରାପଡ଼ିଛି। ଏହାପରେ ଧର୍ମଶାଳା ତହସିଲଦାର ଏଜି ରିପୋର୍ଟକୁ ଭିତ୍ତିକରି ୧ କୋଟି ୫୨ ଲକ୍ଷ ୯୪ ହଜାର ୩୧୮ ଟଙ୍କା ଜରିମାନା ସରକାରଙ୍କ ନିକଟରେ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହାସହ ଉପରୋକ୍ତ ସରକାରୀ ଜମି ଖାଲି କରିବାକୁ ରାମକୋ ସିମେଣ୍ଟ ଲିଃର ୟୁନିଟ ହେଡଙ୍କୁ ନିର୍ଦ୍ଦେଶ ଜାରି ହୋଇଛି। ଏହାପରେ ରାମକୋ ସିମେଣ୍ଟର ଜମି ଅଧିଗ୍ରହଣ ପ୍ରକ୍ରିୟାରେ କଳାକାରନାମା ସ୍ପଷ୍ଟ ହୋଇଛି। ଏହାପୂର୍ବରୁ ରାମକୋ ସିମେଣ୍ଟ ବିନା ଜନଶୁଣାଣିରେ କାରଖାନା ପ୍ରତିଷ୍ଠା କରିଛି। ଏନେଇ ପୂର୍ବରୁ ବହୁବାର ଅଭିଯୋଗ ହୋଇଥିଲେ ହେଁ କେହି କର୍ଣ୍ଣପାତ କରୁନାହାନ୍ତି। ରେଲ୍‌ୱେରେ ସମସ୍ତ ଉତ୍ପାଦନ ଓ କଞ୍ଚାମାଲ ସାମଗ୍ରୀ ପରିବହନ କରାଯିବ ବୋଲି ପ୍ରତିଶ୍ରୁତି ଦେଇ ଜନଶୁଣାଣିକୁ ବାଦ ଦିଆଯାଇଥିବାବେଳେ ବାସ୍ତବରେ ରାସ୍ତା ଉପରେ ପରିବହନ ପାଇଁ ଏହି କମ୍ପାନୀ ନିର୍ଭର କରୁଛି। ଏ ସଂକ୍ରାନ୍ତରେ ଏସ୍‌ପିସିବିର କଳିଙ୍ଗନଗର ଆଞ୍ଚଳିକ ଅଧିକାରୀ ମଦନ ସାହୁଙ୍କୁ ପଚାରିବାରେ ସେ କହିଛନ୍ତି, ରେଲ୍‌ୱେରେ ପରିବହନ ହେଉଥିଲେ କୌଣସି ଜନଶୁଣାଣିର ଆବଶ୍ୟକତା ନାହିଁ। ମାତ୍ର ଏନ୍‌ଜିଟିର ନିର୍ଦ୍ଦେଶ ଅନୁସାରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ।

# ସୁନାବେଡ଼ା ଅଞ୍ଚଳରେ ବାଘ ଆତଙ୍କ


ଭାଇରାଲ ଭିଡ଼ିଓରେ ବାଘ ବୁଲୁଥିବା ଦୃଶ୍ୟ।

ନୂଆପଡ଼ା,୨୮।୧୨(ମକାରୁ ବେମାଲ)

ନୂଆପଡ଼ା ଜିଲା କୋମନା ବ୍ଲକ ଅନ୍ତର୍ଗତ ସୁନାବେଡ଼ା ଅଭୟାରଣ୍ୟ ଦେଇ ଛତିଶଗଡ଼ ରାଜ୍ୟକୁ ସଂଯୋଗ କରୁଥିବା ସୁନାବେଡ଼ା-ଦାତୁନାମା ରାସ୍ତାରେ ଏକ କଲରାପତରିଆ ବାଘ ବୁଲୁଥିବା ଭିଡିଓ ଭାଇରାଲ ହେଉଛି। ଏହାକୁ ନେଇ ସୁନାବେଡ଼ା ଅଞ୍ଚଳର ଲୋକେ ଆତଙ୍କିତ ହୋଇପଡ଼ିଛନ୍ତି। ସୂଚନା ଅନୁଯାୟୀ ଛତିଶଗଡ଼ ଗରିଆବନ୍ଦ ଜିଲା ମେନପୁର ଥାନା ଓଏଡ ଗାଁର କେତେଜଣ ଲୋକ କୌଣସି କାମରେ ସୁନାବେଡା ଅଞ୍ଚଳକୁ ଆସିଥିଲେ। କାମସାରି ଶନିବାର ସନ୍ଧ୍ୟା ପ୍ରାୟ ସାଢେ ୭ଟାରେ ସେମାନେ ଏକ କାର୍‌ରେ ଓଏଡ ଗାଁକୁ ଫେରୁଥିଲେ। ଏହି ସମୟରେ ସୁନାବେଡାରୁ ଦାତୁନାମା ଗାଁ ମଧ୍ୟସ୍ଥ କେବଡି ଯୋର (ଆମ୍ବନାଳା) ନିକଟରେ ଏକ କଲରାପତରିଆ ବାଘ ରାସ୍ତା ଉପରେ ଥିବା ସେମାନେ ଦେଖିଥିଲେ। ଗାଡି ଲାଇଟ୍ ପଡିବାରୁ ବାଘ ଅଟକି ଯାଇ ପ୍ରାୟ ୧୦ ମିନିଟ ଧରି ଏଣେତେଣେ ଘୂରି ବୁଲିଥିଲା। ଗାଡି ଭିତରେ ଥିବା ଲୋକମାନେ ଭୟଭୀତ ହୋଇ ଚୁପ୍‌ଚାପ ବସିରହିଥିଲେ। ବାଘ ରାସ୍ତା ଛାଡି ଜଙ୍ଗଲକୁ ଚାଲିଯିବା ପରେ ସେମାନେ ଗାଡି ନେଇ ଚାଲିଯାଇଥିଲେ। ଏହି ଘଟଣା ଜାଣିବା ପରେ ସୁନାବେଡ଼ା ଅଭୟାରଣ୍ୟ ଭିତରେ ବସବାସ କରୁଥିବା ଲୋକେ ଆତଙ୍କିତ ଅବସ୍ଥାରେ ରହିଛନ୍ତି। ତାଟିକବାଟ ବନ୍ଦ କରି ରହୁଛନ୍ତି। ନିହାତି ଆବଶ୍ୟକ ଥିଲେ ହାତରେ ଠେଙ୍ଗାବାଡି ଧରି ବାହାରକୁ ଯାଉଛନ୍ତି। ଏ ସଂକ୍ରାନ୍ତରେ ସୁନାବେଡ଼ା ବନ୍ୟପ୍ରାଣୀ ବିଭାଗ ଏସିଏଫ୍ ସଞ୍ଜୀବ ବନଗୋଲାଙ୍କୁ ପଚାରିବାରୁ ଅଭୟାରଣ୍ୟ ଭିତରେ କଲରାପତରିଆ ବାଘ ସଂଖ୍ୟା ବଢିବାରେ ଲାଗିଛି। ଖାଦ୍ୟ ଅନ୍ୱେଷଣରେ ସେମାନେ ସବୁବେଳେ ପଦାକୁ ଆସୁଛନ୍ତି। ଏଥିପ୍ରତି ସତର୍କ ରହିବାକୁ ଲୋକଙ୍କୁ ସଚେତନ କରୁଛୁ ବୋଲି କହିଥିଲେ।

# ବିଜୁ ଯୁବ ଓ ଛାତ୍ର ଜନତା ଦଳର ନୂଆ ରାଜ୍ୟ କମିଟି

ଭୁବନେଶ୍ୱର,୨୮।୧୨(ରବିନାରାୟଣ ଜେନା)

ବିଜୁ ଜନତା ଦଳ(ବିଜେଡି) ସଭାପତି ନବୀନ ପଟ୍ଟନାୟକଙ୍କ ଅନୁମୋଦନକ୍ରମେ ବିଜେଡିର ଯୁବ ଓ ଛାତ୍ର ଶାଖା ରାଜ୍ୟ କମିଟିରେ ନୂତନ କର୍ମକର୍ତ୍ତା ଘୋଷଣା କରାଯାଇଛି। ସେଥିମଧ୍ୟରେ ଯୁବ ବିଜେଡିର ୪ ଜଣ କାର୍ଯ୍ୟକାରୀ ସଭାପତିଙ୍କୁ ମିଶାଇ ୧୬୦ କର୍ମକର୍ତ୍ତା ଓ ଛାତ୍ର ବିଜେଡିର ୫ ଜଣ କାର୍ଯ୍ୟକାରୀ ସଭାପତିଙ୍କୁ ମିଶାଇ ୧୪୫ କର୍ମକର୍ତ୍ତା ରହିଛନ୍ତି।

ଏନେଇ ଶଙ୍ଖ ଭବନଠାରେ ରବିବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ବିଜୁ ଯୁବ ଜନତା ଦଳର ସଭାପତି ଚିନ୍ମୟ ସାହୁ କହିଥିଲେ, ପ୍ରତିଷ୍ଠା ଦିବସରେ ସଭାପତି ଯେଉଁ ମାର୍ଗଦର୍ଶନ କରିଛନ୍ତି ତାହାକୁ ନେଇ ବିଜେଡି ଯୁବମୋର୍ଚ୍ଚା ପକ୍ଷରୁ ନୂତନ ରଣନୀତି ପ୍ରସ୍ତୁତ ହୋଇଛି। ରାଜ୍ୟ ସରକାରଙ୍କ ଅବହେଳା ଓ ସମ୍ବେଦନହୀନ ଶାସନ ବିରୋଧରେ ପ୍ରତ୍ୟେକ ସ୍ତରରେ ବିଜୁ ଯୁବ ଜନତା ଦଳ ରାଜ୍ୟବାସୀଙ୍କ ସ୍ୱର ହୋଇ ଦୃଢ଼ ପ୍ରତିବାଦ କରିବ।

ଏହି ଅବସରରେ ବିଜୁ ଛାତ୍ର ଜନତା ଦଳର ସଭାପତି ଇପ୍ସିତା ସାହୁ କହିଛନ୍ତି, ରାଜ୍ୟରେ ଭାଜପା ସରକାର ଆସିବା ପରଠାରୁ ଆଇନଶୃଙ୍ଖଳା ସ୍ଥିତି ବିପନ୍ନ ହୋଇଛି। ମହିଳାବିରୋଧୀ ହିଂସା ଓ ଛାତ୍ରୀମାନଙ୍କ ଉପରେ ଅତ୍ୟାଚାର ଉଦ୍‌ବେଗଜନକ ଭାବେ ବୃଦ୍ଧି ପାଇଛି। ଛାତ୍ର ସମାଜର ସ୍ୱାର୍ଥ ରକ୍ଷା ପରିବର୍ତ୍ତେ ସରକାର ଛାତ୍ରବୃତ୍ତି ବନ୍ଦ କରିବା ଭଳି ପଦକ୍ଷେପ ନେଇଛନ୍ତି। ସଭାପତିଙ୍କ ନେତୃତ୍ୱ ଓ ଦିଗ୍‌ଦର୍ଶନରେ ବିଜୁ ଛାତ୍ର ଜନତା ଦଳର ଏହି ନୂଆ କର୍ମକର୍ତ୍ତାମାନେ ଆଗାମୀ ଦିନରେ ରାଜ୍ୟ ସରକାରଙ୍କ ପ୍ରତ୍ୟେକ ଜନବିରୋଧୀ କାର୍ଯ୍ୟ ଓ ବିଫଳତା ବିରୋଧରେ ସଶକ୍ତ ଲଢ଼େଇ ଜାରି ରଖିବେ। ତୃଣମୂଳସ୍ତରରେ ଦଳର କାର୍ଯ୍ୟକ୍ରମକୁ ଲୋକଙ୍କ ପାଖରେ ପହଞ୍ଚାଇବା ପାଇଁ ଏହି କମିଟିଗୁଡ଼ିକ ପ୍ରମୁଖ ଭୂମିକା ଗ୍ରହଣ କରିବ ବୋଲି ଇପ୍ସିତା କହିଥିଲେ।

# ବିଶ୍ୱରେ ସ୍ୱତନ୍ତ୍ର ଛାପ ଛାଡ଼ିଛି ଭାରତ: ମନମୋହନ



ଭୁବନେଶ୍ୱର,୨୮।୧୨(ରବିନାରାୟଣ ଜେନା)

## ପ୍ରଧାନମନ୍ତ୍ରୀଙ୍କ ୧୨୯ତମ 'ମନ୍ କି ବାତ୍'

ଜାତୀୟ ସୁରକ୍ଷାଠାରୁ ଆରମ୍ଭକରି କ୍ରୀଡ଼ା ଓ ବିଜ୍ଞାନ କ୍ଷେତ୍ରରେ କିଭଳି ସାରା ବିଶ୍ୱରେ ଭାରତ ନିଜର ସ୍ୱତନ୍ତ୍ର ଛାପ ଛାଡ଼ିଛି ସେ ବିଷୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତାଙ୍କ ୧୨୯ତମ ମନ୍ କି ବାତ୍ କାର୍ଯ୍ୟକ୍ରମରେ ଦେଶବାସୀଙ୍କୁ ସମ୍ବୋଧନ କରିଛନ୍ତି ବୋଲି ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ କହିଛନ୍ତି।

ଭୁବନେଶ୍ୱର ଉତ୍ତର ନିର୍ବାଚନମଣ୍ଡଳୀର ଶ୍ରୀକୃଷ୍ଣ ମଣ୍ଡଳ ଅନ୍ତର୍ଗତ ୱାର୍ଡ ନଂ.୨୭ରେ ମନ୍ କି ବାତ୍ ରେଡିଓ କାର୍ଯ୍ୟକ୍ରମରେ ସାମଲ ଯୋଗଦେଇ କହିଛନ୍ତି, ନୂତନ ଉଦ୍ଭାବନ ଏବଂ ପ୍ରଯୁକ୍ତିବିଦ୍ୟାର ବ୍ୟାପକ ପ୍ରସାର କରି ବିଶ୍ୱର ଦେଶଗୁଡ଼ିକୁ ବହୁତ ପ୍ରଭାବିତ କରିଛି। ଭାରତ ତା'ର ସୁରକ୍ଷା ସହ କୌଣସି ପ୍ରକାର ସାଲିସ୍ କରେନାହିଁ ବୋଲି ଅପରେଶନ ସିନ୍ଦୂର ମାଧ୍ୟମରେ ଦେଖାଇଛି। ଆତ୍ମନିର୍ଭର ଭାରତ ପାଇଁ ମୋଦି ସ୍ୱଦେଶୀ ଅଭିଯାନ ଉପରେ ଗୁରୁତ୍ୱ ଦେବା ଯୋଗୁ ସ୍ୱଦେଶୀ ସାମଗ୍ରୀ କ୍ରୟ ଉପରେ ଆଜି ଭାରତ ସମେତ ଓଡ଼ିଶାର ଲୋକଙ୍କ ମଧ୍ୟରେ ଆକର୍ଷଣ ବଢ଼ିଛି। ମନମୋହନ ପୁଣି କହିଛନ୍ତି, ସ୍ୱାଧୀନତା ସଂଗ୍ରାମରେ ଓଡ଼ିଶାର ପାର୍ବତୀ ଗିରିଙ୍କ ଯୋଗଦାନକୁ ମୋଦି ଲୋକଲୋଚନକୁ ଆଣିଛନ୍ତି। ମାତ୍ର ୧୬ ବର୍ଷ ବୟସରେ ଭାରତ ଛାଡ଼ ଆନ୍ଦୋଳନରେ ଅଂଶଗ୍ରହଣ କରିଥିବା ପାର୍ବତୀ ସମସ୍ତଙ୍କ ପାଇଁ ପ୍ରେରଣାର ଉତ୍ସ। ସ୍ୱାଧୀନତା ସଂଗ୍ରାମ ପରେ ସେ ସମାଜସେବା ଓ ଆଦିବାସୀ କଲ୍ୟାଣ ପାଇଁ ନିଜ ଜୀବନ ଉତ୍ସର୍ଗ କରିଥିଲେ। ସେ ଅନେକ ଅନାଥାଶ୍ରମ ପ୍ରତିଷ୍ଠା କରିଥିଲେ। ମାତ୍ର ପାର୍ବତୀ ଗିରିଙ୍କ ଏପରି ଉତ୍ସର୍ଗୀକୃତ କାର୍ଯ୍ୟ ଲୋକଲୋଚନକୁ ଆସିପାରୁ ନ ଥିଲା। ମୋଦି ଏହି ମହାନ୍ ନାୟିକାଙ୍କୁ କେବଳ ମନେ ପକାଇନାହାନ୍ତି, ତାଙ୍କ ସମ୍ମାନରେ ଜନ୍ମଶତବାର୍ଷିକୀ ପାଳନ କରିବାକୁ ଯାଉଛନ୍ତି ବୋଲି ସାମଲ କହିଛନ୍ତି।

ସେ ଆହୁରି କହିଛନ୍ତି, ରାଷ୍ଟ୍ର ନିର୍ମାଣ କ୍ଷେତ୍ରରେ ମୋଦି ଯୁବପିଢ଼ିଙ୍କ ଯୋଗଦାନକୁ ଅଧିକ ଗୁରୁତ୍ୱ ଦେଉଛନ୍ତି। ଏଥିପାଇଁ ଜାନୁଆରୀ ୧୨ରେ ସ୍ୱାମୀ ବିବେକାନନ୍ଦଙ୍କ ଜନ୍ମବାର୍ଷିକୀ ଅବସରରେ ସାରାଦେଶରେ ଜାତୀୟ ଯୁବ ଦିବସ ପାଳନ କରାଯିବ। ଏଥିରେ ଯୁବପିଢ଼ି ନବସୃଜନ, ଫିଟ୍‌ନେସ୍, ଷ୍ଟାର୍ଟଅପ୍ ଏବଂ କୃଷି ଭଳି ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ବିଷୟ ଉପରେ ସେମାନଙ୍କ ଚିନ୍ତାଧାରା ବାଣ୍ଟିବେ। ପ୍ରଧାନମନ୍ତ୍ରୀ ମୋଦିଙ୍କ ନେତୃତ୍ୱରେ ୨୦୨୬ରେ ନୂଆ ସଂକଳ୍ପ ନେଇ ଭାରତ ସହ ତାଳଦେଇ ଓଡ଼ିଶା ଆଗକୁ ବଢ଼ିବାକୁ ପ୍ରସ୍ତୁତ ହୋଇସାରିଛି ବୋଲି ସାମଲ କହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଏହି କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ କେ.ଭି. ସିଂଦେଓ, ରାଜ୍ୟ ସମ୍ପାଦକ ସରୋଜ କର, ପୂର୍ବତନ ସାଂସଦ ଅମର ପଟ୍ଟନାୟକ ଉପସ୍ଥିତ ଥିଲେ।

# ଛତିଶଗଡ଼ ଗଲା ଆଉ ୨ ମାଓବାଦୀଙ୍କ ମୃତଦେହ


ମୃତଦେହ ନେବାକୁ ଆସିଥିବା ପରିବାର ଲୋକେ।

ଫୁଲବାଣୀ,୨୮।୧୨(ରାକେଶ କୁମାର ରାଉତ)

କନ୍ଧମାଳ ଜିଲାରେ ସୁରକ୍ଷା କର୍ମୀଙ୍କ ଗୁଳିରେ ନିହତ ଗଣେଶ ଉଇକେଙ୍କ ମୃତଦେହ ପରିବାର ଲୋକଙ୍କୁ ଶନିବାର ହସ୍ତାନ୍ତର ପରେ ଏବେ ଅନ୍ୟ ମାଓବାଦୀଙ୍କ ମୃତଦେହ ନେବାକୁ ସେମାନଙ୍କ ପରିବାର ଲୋକେ ପୋଲିସ ସହ ଯୋଗାଯୋଗ କରିଛନ୍ତି। ରବିବାର ଆଉ ୨ ଜଣ ମାଓବାଦୀଙ୍କ ମୃତଦେହକୁ ପୋଲିସ ହସ୍ତାନ୍ତର କରିଛି। ସେମାନେ ହେଲେ ଛତିଶଗଡ ରାଜ୍ୟ ସୁକମା ଜିଲା ପୋଲାମପାଲି ଥାନା ଆର୍ଲମପାଲି ଗ୍ରାମର ଉମେଶ ମଡକାମ ଓରଫ ଗଙ୍ଗା ଓ ଜାଗରମୁଣ୍ଡା ଥାନା ଗୋଣ୍ଡାପଲି ଗ୍ରାମର ଗଣେଶ ଓରଫ ଲେଖମା ହୁଙ୍ଗା।

ଉଭୟଙ୍କ ପରିବାର ଲୋକେ ଏକ ଆମ୍ବୁଲାନ୍ସରେ ଆସି ଫୁଲବାଣୀରେ ପହଞ୍ଚିବା ପରେ ପୋଲିସ ପକ୍ଷରୁ ସେମାନଙ୍କୁ ସହାୟତା କରାଯାଇଥିଲା। ଶବ ସଂରକ୍ଷଣ ଗୃହ ପାଖରେ ଆବଶ୍ୟକ କାଗଜପତ୍ର ପୂରଣ ପରେ ଉମେଶ ଓ ଗଣେଶଙ୍କ ମୃତଦେହକୁ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା। ପରିବାର ଲୋକଙ୍କ ବେଶଭୂଷାରୁ ସେମାନେ ଅତ୍ୟନ୍ତ ଗରିବ ଶ୍ରେଣୀର ହୋଇଥିବା ଜଣାପଡୁଥିଲା। ଏପରିକି ଜଣେ ମହିଳା ଲୁଙ୍ଗି ପିନ୍ଧି ଆସିଥିଲେ। ସେମାନଙ୍କ ପାଖରେ କୌଣସି ଶୀତବସ୍ତ୍ର ନ ଥିଲା। ପୋଲିସ ପକ୍ଷରୁ କମ୍ବଳ ଏବଂ ଅନ୍ୟାନ୍ୟ ସାମଗ୍ରୀ ଯୋଗାଇ ଦିଆଯାଇଛି। ରାତି ୧୧ଟାରେ ଆଉ ଜଣେ ମାଓବାଦୀଙ୍କ ମୃତଦେହ ହସ୍ତାନ୍ତର କରାଯିବ। ବାକି ଥିବା ୨ ମୃତଦେହ ନେବାକୁ ପରିବାର ଲୋକେ ଯୋଗାଯୋଗରେ ଅଛନ୍ତି ବୋଲି ସଦର ଏସ୍‌ଡିପିଓ ଶୁଭ୍ରଜିତ ବିଶ୍ୱାଳ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସୂଚନା ଦେଇଛନ୍ତି।

# ଭିତରକନିକାରେ ୪,୧୫୬ ପର୍ଯ୍ୟଟକ

ରାଜନଗର,୨୮।୧୨(ଭାସ୍କର ରାଉତରାୟ)

ବର୍ଷର ଶେଷ ରବିବାର ଥିବାରୁ ରାଜ୍ୟ ତଥା ରାଜ୍ୟ ବାହାରୁ ପର୍ଯ୍ୟଟକଙ୍କ ସମାଗମରେ ଭିତରକନିକା ଚଳଚଞ୍ଚଳ ହୋଇପଡ଼ିଛି। ଗୁପ୍ତିରୁ ଭିତରକନିକା ଜାତୀୟ ଉଦ୍ୟାନ, ଚାନ୍ଦବାଲିରୁ ଭାୟା ଖୋଳା ଦେଇ ଭିତରକନିକାକୁ ସଂଯୋଗ କରୁଥିବା ନଦୀରେ ବହୁ ପର୍ଯ୍ୟଟକ ନୌବିହାର କରି ପ୍ରକୃତିର ଅନବଦ୍ୟ ସୌନ୍ଦର୍ଯ୍ୟକୁ ଉପଭୋଗ କରିବା ସହ ଆତ୍ମବିଭୋର ହେଉଥିବା ଦେଖିବାକୁ ମିଳିଛି। ଡାଙ୍ଗମାଳ ମୁଖ୍ୟ ଗେଟ ଦେଇ ୨,୨୮୭ଜଣ ପର୍ଯ୍ୟଟକ ପ୍ରବେଶ କରି ବୁଲିବାର ମଜା ନେଇଥିଲେ। ଖୋଳାରୁ ୧୦୬ ଟ୍ରିପ ବୋଟରେ ୧,୩୯୦ ପର୍ଯ୍ୟଟକ, ଚାନ୍ଦବାଲିରୁ ୧୬ଟ୍ରିପ ବୋଟରେ ୨୩୭ ପର୍ଯ୍ୟଟକ ଓ ଗୁପ୍ତିରୁ ୨୫ ଟ୍ରିପ ବୋଟରେ ୨୪୨ଙ୍କୁ ମିଶାଇ ମୋଟ ୪,୧୫୬ ପର୍ଯ୍ୟଟକ ଭିତରକନିକା ନଦୀରେ ବୁଲି ବୋଟିଂର ମଜା ନେଇଥିଲେ ବୋଲି ବନ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ପର୍ଯ୍ୟଟକମାନେ ବୋଟରେ ବସି ନଦୀରେ ବୁଲିବା ସମୟରେ ନଦୀପଠାରେ ଶୋଇ



ଖରା ଖାଉଥିବା କୁମ୍ଭୀର, ହରିଣ ପଲ ଓ ବିଭିନ୍ନ ରଙ୍ଗବେରଙ୍ଗର ପକ୍ଷୀ ସେମାନଙ୍କୁ ଆନମନା କରିଥିଲେ। ଭିତରକନିକା ସେଲ୍‌ଫି ପଏଣ୍ଟରେ ଫଟୋ ଉଠାଇବାକୁ ପର୍ଯ୍ୟଟକମାନେ ଭିଡ଼ ଜମାଇଥିଲେ। ମେଟା ନର୍ସରୀ, ସଂଗ୍ରହାଳୟ, ଗୋରୀ ଓ ମଲ୍ଲୀ କୁମ୍ଭୀର ରହୁଥିବା ପୋଖରୀ ନିକଟରେ ମଧ୍ୟ ଭିଡ଼ ପରିଲକ୍ଷିତ ହୋଇଥିଲା। ସ୍କାଏୱାକରେ ବହୁସଂଖ୍ୟାରେ ପର୍ଯ୍ୟଟକ ଚାଲିବା ସହିତ ନୂଆ ଅନୁଭୂତି ସଂଗ୍ରହ କରିଥିଲେ। ହ୍ୟାଚେରୀରେ ଛୋଟ ଛୋଟ କୁମ୍ଭୀର ଛୁଆଙ୍କୁ ଦେଖିବା ସହ ଧଳା କୁମ୍ଭୀର ଶ୍ୱେତାକୁ ଦେଖିବାକୁ ଗହଳି ଲାଗିଥିଲା।

# ଘର ଭାଙ୍ଗି ଗାଈ ମାରିଲେ, ଫସଲ ଖାଇଲେ ହାତୀପଲ

## ଘୁମୁସର ବନଖଣ୍ଡରେ ବାଘ, ହାତୀଙ୍କ ଦୌରାତ୍ମ୍ୟ


ହାତୀପଲ କରଡ଼ାବଣି ନର୍ସରି ଚାରା ନଷ୍ଟ କରିଛନ୍ତି।

ଭଞ୍ଜନଗର,୨୮।୧୨(ବାବୁଲା ପ୍ରଧାନ)

ଗଞ୍ଜାମ ଜିଲା ଭଞ୍ଜନଗର ଘୁମୁସର ଉତ୍ତର ବନଖଣ୍ଡରେ ଗତ କିଛି ଦିନ ହେବ ବାଘ ଓ ହାତୀଙ୍କ ଦୌରାତ୍ମ୍ୟ ବୃଦ୍ଧି ପାଇଛି। ଉକ୍ତ ଦୁଇ ବନ୍ୟପ୍ରାଣୀ ଜଙ୍ଗଲ ଖାଦ୍ୟ ଅପେକ୍ଷା ଜଙ୍ଗଲ ବାହାର ଖାଦ୍ୟ ଅନେକ ସମୟରେ ପସନ୍ଦ କରୁଛନ୍ତି। ଫଳରେ ବିଭିନ୍ନ ସମୟରେ ଉଭୟ ପ୍ରାଣୀ ଜଙ୍ଗଲ ବାହାରକୁ ଆସି ଲୋକଙ୍କ କ୍ଷତି କରୁଛନ୍ତି। ଶନିବାର ରାତିରେ ହାତୀପଲ ଡୁରୁମୁରେ ଧାନ ଗଦା ନଷ୍ଟ କରିଛନ୍ତି। କୋଟିପଡ଼ା, ଗୁଜରାଲି, ବୋରିବନ୍ଧ, ବେରୁଆବାଡ଼ି, ସାମରଡ଼ା, ମୁଜାଗଡ଼, ଖଣ୍ଡିକୋଟି, ଗୁଣ୍ଡିରିବାଡି ଆଦି ଗ୍ରାମରେ ହାତୀପଲ ବ୍ୟାପକ ଫସଲ କ୍ଷତି କରିଛନ୍ତି। କଦଳୀ ବଗିଚା, ଆଖୁ ବଗିଚା ମଧ୍ୟ ନଷ୍ଟ କରିଛନ୍ତି। ଏଥିସହ ଖଣ୍ଡିକୋଟି ଗ୍ରାମର ଗୋଟିଏ ଗାଈକୁ ଦନ୍ତା ହାତୀ ଆକ୍ରମଣ କରିଛି। ଚିକିତ୍ସିତ ହେଉଥିବା ବେଳେ ଗାଈଟିର ମୃତ୍ୟୁ ହୋଇଛି। ୨୩ ଟିକିଆ ହାତୀପଲ ଗାଲେରି ରେଞ୍ଜ କରଡ଼ାବଣୀ ସ୍ଥାୟୀ ନର୍ସରି ପାଚେରି ଭାଙ୍ଗି ବ୍ୟାପକ ଚାରା ନଷ୍ଟ କରିଛନ୍ତି। ଏଥିସହ ସେଠାରେ ଶ୍ରମିକମାନେ ରହିବା ପାଇଁ ଥିବା ଘରଟିକୁ ମଧ୍ୟ ଭାଙ୍ଗି ଦେଇଛନ୍ତି। ବାଉଁଶ ଗଛ ଭାଙ୍ଗି କନ୍ଦା ଖାଇଛନ୍ତି। ଖବର ପାଇ ରବିବାର ବନପାଳ ଶୁଭସ୍ମିତା ପାତ୍ର ଘଟଣା ସ୍ଥଳରେ ପହଞ୍ଚି କ୍ଷୟକ୍ଷତି ଆକଳନ କରିଛନ୍ତି। ଏହି ବନଖଣ୍ଡରେ ରବିବାର ସକାଳ ସୁଦ୍ଧା ୭୦ଟି ହାତୀ ମୁଜାଗଡ଼, ଗାଲେରି ଓ ତାରସିଂ ରେଞ୍ଜରେ ଥିବା ଜଣାପଡିଛି ସୂଚନାଯୋଗ୍ୟ, ଗୋଟିଏ କଲରାପତରିଆ ବାଘ ପୂର୍ବରୁ ମୁଜାଗଡ ରେଞ୍ଜ ସିଧାପଦର ଗ୍ରାମରେ ଗୃହପାଳିତ ପ୍ରାଣୀ ଗୋରୁ, ଛେଳି ମାରି ଖାଇଥିଲା।

# କଂଗ୍ରେସର ୧୪୦ତମ ପ୍ରତିଷ୍ଠା ଦିବସ

# ବିପଦରେ ସମ୍ବିଧାନ: ଭକ୍ତ

ଭୁବନେଶ୍ୱର,୨୮।୧୨(ରବିନାରାୟଣ ଜେନା)

ଦେଶର ପୂର୍ବତନ ପ୍ରଧାନମନ୍ତ୍ରୀମାନେ ମହାତ୍ମା ଗାନ୍ଧୀଙ୍କ ନୀତି, ଆଦର୍ଶ ଓ ନାମକୁ ଟେକ ରଖିଥିବାବେଳେ ବର୍ତ୍ତମାନ ସମ୍ବିଧାନ ପ୍ରତି ବିପଦ ସୃଷ୍ଟି ହୋଇଛି ବୋଲି ପିସିସି ସଭାପତି ଭକ୍ତ ଚରଣ ଦାସ କହିଛନ୍ତି। କଂଗ୍ରେସ ଭବନରେ କଂଗ୍ରେସ ପକ୍ଷରୁ ୧୪୦ତମ ପ୍ରତିଷ୍ଠା ଦିବସ ପାଳନ ଅବସରରେ ଭକ୍ତ କହିଛନ୍ତି, ଭାରତୀୟ ଜାତୀୟ କଂଗ୍ରେସ ପ୍ରତିଷ୍ଠା ଓ ଦେଶକୁ ସ୍ୱାଧୀନ କରିବାରେ ଆମ ପୂର୍ବସୂରୀମାନଙ୍କ ଅସୀମ ତ୍ୟାଗ ଓ ସେବା ପାଇଁ ଆମେ ଆଜି ଗର୍ବ କରୁଛୁ। ହେଲେ ବର୍ତ୍ତମାନ ମହାତ୍ମା ଗାନ୍ଧୀଙ୍କ ନାମକୁ ପ୍ରତ୍ୟେକ ସ୍ଥାନରୁ ହଟାଇବା ପାଇଁ ଚକ୍ରାନ୍ତ ଚାଲିଛି। କିନ୍ତୁ କଂଗ୍ରେସ ଏହାକୁ କଦାପି ବରଦାସ୍ତ କରିପାରିବ ନାହିଁ। ରାହୁଲ ଗାନ୍ଧୀଙ୍କ ନେତୃତ୍ୱରେ କଂଗ୍ରେସ ଦେଶବାସୀଙ୍କ ପାଇଁ ତା'ର କାର୍ଯ୍ୟ ଜାରି ରଖିବ ବୋଲି ଭକ୍ତ କହିଛନ୍ତି।



ସେ ପୁଣି କହିଛନ୍ତି, ଦଳକୁ ସଶକ୍ତ କରିବା ପାଇଁ ସମସ୍ତଙ୍କ ସହଯୋଗ ଆବଶ୍ୟକ। ତେଣୁ ସମସ୍ତ କଂଗ୍ରେସ ନେତୃବୃନ୍ଦ ଓ କର୍ମୀ ଏକଜୁଟ ହୋଇ କାର୍ଯ୍ୟ କରିବାକୁ ସେ ପରାମର୍ଶ ଦେଇଛନ୍ତି।

ଏହି କାର୍ଯ୍ୟକ୍ରମକୁ ପ୍ରଦେଶ କଂଗ୍ରେସ ସେବାଦଳ ଅଧ୍ୟକ୍ଷ ଶୁଭେନ୍ଦୁ ମହାନ୍ତି, ଜ୍ୟୋତିଷ କୁମାର ସାହୁ, ଏମ୍.ଡି. ସାହାଦୁଲ୍ଲା ପରିଚାଳନା କରିଥିବାବେଳେ ଅନ୍ୟମାନଙ୍କ ମଧ୍ୟରେ କଂଗ୍ରେସ ବିଧାୟକ ନେତା ରାମଚନ୍ଦ୍ର କାଡାମ୍, କଂଗ୍ରେସ ନେତୃବୃନ୍ଦ ଡ. ରାମଚନ୍ଦ୍ର ଖୁଣ୍ଟିଆ, ଶ୍ରୀକାନ୍ତ ଜେନା, ପଞ୍ଚାନନ କାନୁନ୍‌ଗୋ, ଜଗନ୍ନାଥ ପଟ୍ଟନାୟକ, ସୁରେଶ କୁମାର ରାଉତରାୟ ପ୍ରମୁଖ ଅଂଶଗ୍ରହଣ କରିଥିଲେ।

## କଂଗ୍ରେସର ପ୍ରତିଷ୍ଠା ଦିବସରେ ସଫେଇ କାର୍ଯ୍ୟକ୍ରମ

ଭୁବନେଶ୍ୱର,୨୮।୧୨(ରବିନାରାୟଣ ଜେନା)

ଜାତିର ପିତା ମହାତ୍ମା ଗାନ୍ଧୀଙ୍କୁ ସମ୍ମାନ ଜଣାଇ କଂଗ୍ରେସର ପ୍ରତିଷ୍ଠା ଦିବସ ଅବସରରେ ଭୁବନେଶ୍ୱର ଜିଲା କଂଗ୍ରେସ ସଭାପତି ପ୍ରକାଶ ଜେନାଙ୍କ ନେତୃତ୍ୱରେ ଏକ ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଜେନା କହିଥିଲେ, ଜନସାଧାରଣଙ୍କର ଯେକୌଣସି ସମସ୍ୟା ପାଇଁ କଂଗ୍ରେସ ଲଢ଼ିବାକୁ ପ୍ରସ୍ତୁତ। କଂଗ୍ରେସ ହେଉଛି ଗଣତନ୍ତ୍ର, ସମ୍ବିଧାନ ପାଳନ କରୁଥିବା ଓ ଗରିବ, ଶ୍ରମିକ, କୃଷକ ଏବଂ ଅସହାୟଙ୍କ ପାଇଁ ଛିଡ଼ା ହେଉଥିବା ଏକମାତ୍ର ଦଳ। ଭୁବନେଶ୍ୱରକୁ ସ୍ୱଚ୍ଛ, ସୁନ୍ଦର ଓ ଅର୍ଥନୈତିକ ପ୍ରଗତିର ସହର ରୂପେ ଗଢ଼ିବାକୁ କଂଗ୍ରେସ ବଦ୍ଧପରିକର ବୋଲି ସେ କହିଥିଲେ। ଏହି ସଫେଇ କାର୍ଯ୍ୟକ୍ରମରେ କଂଗ୍ରେସ ନେତୃବୃନ୍ଦ ମିହିର ଆଚାର୍ଯ୍ୟ, ରାଜୁ ବାରିକ, ମନୋରଞ୍ଜନ ରାଉତ, ଧନେଶ୍ୱର ନାୟକ, ପ୍ରସନ୍ନ ଚମ୍ପତି, ବିନୁ ପାଣି ପ୍ରମୁଖ ଭାଗ ନେଇଥିଲେ।

"ପ୍ରଭୁ ! ଆମ ଭିତରେ ଯାହାକିଛି କୃତ୍ରିମତା ଓ ମିଥ୍ୟାଚାର ରହିଛି– ଯାହାକିଛି ରହିଛି ପ୍ରତାରଣା, ଛଳନା– ସେସବୁ କିଛି ଏହି ବର୍ଷଟି ସହିତ ଲୋପ ପାଇଯାଉ। ଯାହାକିଛି ସଂପୂର୍ଣ୍ଣ ସତ୍ୟ, ନିଷ୍ପାପର, ସରଳ ଓ ଶୁଦ୍ଧ ତାହା ଯେପରି ଆଗାମୀ ବର୍ଷଟି ଆମ ପ୍ରକୃତି ଭିତରେ ସଂଚାରିତ ହେଉ। –ଶ୍ରୀମା



# ଓଟ ଉପରେ ବରଫ

ଓଟକୁ ମରୁଭୂମିର ଜାହାଜ ବୋଲି କୁହାଯାଏ। ବିସ୍ତୀର୍ଣ୍ଣ ବାଲୁକା ଉପରେ ଏହି ପ୍ରାଣୀ ମାଇଲ ମାଇଲ ଯାଉଥିବାର ଦୃଶ୍ୟ ଆଖିରେ ଯେଉଁମାନେ ଦେଖି ନ ଥିବେ ସେମାନେ ନିଶ୍ଚୟ ଛବି ହେଉ ବା ୟୁଟ୍ୟୁବ ମାଧ୍ୟମରେ ସନ୍ଦର୍ଶନ କରିଥିବେ। ଏବେ ଓଟ ଚାଲୁଥିବା ରାସ୍ତା ଓ ତା' ଉପରେ ବରଫ ପଡ଼ିଥିବାର ଦୃଶ୍ୟ ଦେଖିବାକୁ ମିଳିଲାଣି। ନିକଟରେ ସାଉଦି ଆରବର ତାବୁକ, ଅଲ୍‌–ଜାଓ୍ୱଫ୍ ସମେତ କିଛି ଅଞ୍ଚଳରେ ହୋଇଥିବା ହିମପାତ ମରୁଭୂମିଯୁକ୍ତ ପର୍ବତମାଳାକୁ ବରଫଯୁକ୍ତ ଦୃଶ୍ୟରେ ପରିଣତ କରିଦେଇଛି। ଏଭଳି ଅଞ୍ଚଳରେ ତାପମାତ୍ରା ବିୟୁକ୍ତ ୪ ଡିଗ୍ରୀ ସେଲସିୟସ ପର୍ଯ୍ୟନ୍ତ ହ୍ରାସ ପାଇଥିଲା। ଫଳରେ ବାଲି ଉପରେ ବରଫ ପାହାଡ଼ ଦେଖାଦେଇଥିଲା। ୩୦ ବର୍ଷ ତଳେ ସମ୍ପୃକ୍ତ ଅଞ୍ଚଳରେ ହାଲୁକା ବରଫ ପଡ଼ିଥିବା ବେଳେ ଏବର ହିମପାତ ଆକାର ଚିନ୍ତା ସୃଷ୍ଟି କରିଛି। ଉଲ୍ଲେଖ କରାଯାଇପାରେ ଯେ, ସାଉଦି ଆରବ ଉଷ୍ଣ ଜଳବାୟୁ ପାଇଁ ଜଣାଶୁଣା। ବାର୍ଷିକ ହାରାହାରି ତାପମାତ୍ରା ୨୫ରୁ ୨୮ ଡିଗ୍ରୀ ରହୁଥିବା ବେଳେ ଶୀତ ଦିନରେ କେତେକ ଅଞ୍ଚଳରେ ୮ରୁ ୧୦ ଡିଗ୍ରୀ ପର୍ଯ୍ୟନ୍ତ ମଧ୍ୟ ଯାଏ। ପ୍ରାୟ ଗ୍ରୀଷ୍ମ ଋତୁ ୫୦ ଡିଗ୍ରୀ ତାପମାତ୍ରାରେ କଟେ। ଏବର ସ୍ଥିତିରେ ସେଠାରେ ଶୀତଳ ତରଙ୍ଗ ବିଭିନ୍ନ ଅଞ୍ଚଳରେ ବରଫପାତ କରାଇବା ସହ ବ୍ୟାପକ ବର୍ଷା ଆଣିଦେଇଛି। ସ୍ଥାନୀୟ ବାସିନ୍ଦା ଏହାକୁ ଦେଖି ଆଶ୍ଚର୍ଯ୍ୟ ହେବା ସ୍ୱାଭାବିକ। ବରଫଯୁକ୍ତ ମରୁଭୂମି ଦୃଶ୍ୟର ଭିଡିଓଗୁଡ଼ିକ ଭାଇରାଲ ହେବା ଅନେକଙ୍କୁ କ୍ଷଣିକ ଆନନ୍ଦ ଦେଇପାରେ। କିନ୍ତୁ ତାହା ଏକ ସୁନ୍ଦର ଦୃଶ୍ୟ ନୁହେଁ, ବରଂ ଏହା ଖରାପ ସଙ୍କେତ ଦେଉଛି। ଏଭଳି ବ୍ୟତିକ୍ରମ ଜଳବାୟୁ ପରିବର୍ତ୍ତନ କେତେ ମାତ୍ରାରେ ହୋଇଗଲାଣି, ତାହାକୁ ସୂଚାଉଛି।

ଉତ୍ତର ସାଉଦି ଆରବ ଉପର ଦେଇ ଏକ ଶୀତଳ ବାୟୁ ପ୍ରବାହ ଯୋଗୁ ପ୍ରବଳ ବର୍ଷା, ପବନ ସହ ତାପମାତ୍ରା ଯଥେଷ୍ଟ କମିଯିବା ହିମପାତ ପାଇଁ ଅନୁକୂଳ ସ୍ଥିତି ସୃଷ୍ଟି କରିଛି ବୋଲି ଜଳବାୟୁ ବିଶେଷଜ୍ଞ ମତ ଦେଇଛନ୍ତି। ମରୁଭୂମିରେ ହିମପାତ ପୃଥିବୀର ଜଳବାୟୁ ବ୍ୟବସ୍ଥାରେ ମୌଳିକ ପରିବର୍ତ୍ତନ ଘଟୁଛି ବୋଲି ଦର୍ଶାଇଥିବାରୁ ଏହା ସ୍ପଷ୍ଟ କୁହାଯାଇପାରେ ଯେ, ପ୍ରାଣୀଜଗତ ପାଇଁ ବିପଦ ବେଶି ଦୂରରେ ନାହିଁ। ଜଳବାୟୁ ବିଜ୍ଞାନୀମାନେ ଏହି ଘଟଣାକୁ 'ସମ୍ପୂର୍ଣ୍ଣ ବିପରୀତ' ବୋଲି ବର୍ଣ୍ଣନା କରିଛନ୍ତି । ଏହାକୁ ସାଉଦି ଆରବ ଇତିହାସରେ ସର୍ବାଧିକ ଚରମ ଜଳବାୟୁ ଘଟଣାଗୁଡ଼ିକ ମଧ୍ୟରୁ ଗୋଟିଏ ବୋଲି କହିଛନ୍ତି। ଡିସେମ୍ବର ଶେଷ ସପ୍ତାହରେ ମରୁ ଅଞ୍ଚଳରେ ବରଫ ପଡ଼ିଥିବା ବେଳେ ଆଇସ୍‌ଲାଣ୍ଡ ଭଳି ପ୍ରବଳ ଥଣ୍ଡା ଭୂଖଣ୍ଡରେ ସର୍ବାଧିକ ତାପମାତ୍ରା ପାଖାପାଖି ୨୦ ଡିଗ୍ରୀରେ ପହଞ୍ଚିଛି। ଏଠାରେ କୁହାଯାଇପାରେ ଯେ, ପୃଥିବୀର ପ୍ରତ୍ୟେକ ଅଞ୍ଚଳ ସମାନ ସ୍ଥିତି ଅନୁଭବ କରୁନାହିଁ। ସାଉଦି ଆରବରେ ଏହି ବିରଳ ହିମପାତ ବିଶ୍ୱବ୍ୟାପୀ ପାଣିପାଗ ଅସ୍ଥିରତାର ତାଲିକାରେ ସଦ୍ୟ ଯୋଡ଼ି ହୋଇଯାଇଛି। ସଂଯୁକ୍ତ ଆରବ ଏମିରେଟ୍ସରେ ଅପ୍ରତ୍ୟାଶିତ ବର୍ଷା, ଦକ୍ଷିଣ ଏସିଆରେ ତୀବ୍ର ଉଷ୍ଣ ବାୟୁ, ଶୁଷ୍କ ମଧ୍ୟପ୍ରାଚ୍ୟ ଅଞ୍ଚଳରେ ଆକସ୍ମିକ ବନ୍ୟା, ଉତ୍ତର ଆଫ୍ରିକାର କିଛି ଅଂଶରେ ହିମପାତ, ଉତ୍ତର ଆମେରିକା ଓ ୟୁରୋପରେ ଅତ୍ୟଧିକ ଶୁଷ୍କ–ଉଷ୍ଣ ବାୟୁ ପ୍ରବାହ ବିଶ୍ୱବ୍ୟାପୀ ପାଣିପାଗର ଅସନ୍ତୁଳନ ସ୍ଥିତିକୁ ଦର୍ଶାଉଛି।

> ଭାରତୀୟଙ୍କ ସମେତ ସମଗ୍ର ବିଶ୍ୱ ସାଉଦି ଜଳବାୟୁ ପରିବର୍ତ୍ତନରୁ ଶିକ୍ଷା ନେଇ ଅସ୍ୱାଭାବିକ ସ୍ଥିତିର ମୁକାବିଲା ପାଇଁ ସଘନ ପ୍ରୟାସ କରିବାର ସମୟ ଉପନୀତ। ଏଥିରେ ଅବହେଳା କଲେ ପୃଥିବୀର କେତେକ ଅଞ୍ଚଳର ଜଳବାୟୁ ସହ ଖାପ ଖାଇ ବଞ୍ଚୁଥିବା ଜୀବ ଓ ଉଦ୍ଭିଦ ଲୋପ ପାଇଯିବେ, ଯାହା ଅନେକ ସ୍ଥାନରେ ଆରମ୍ଭ ହୋଇଗଲାଣି। ଏମିତିବି ହୋଇପାରେ ଓଟ ଉପରେ ବରଫର ଦୃଶ୍ୟକୁ ଉପଭୋଗ କରୁଥିବା ଆଜିର ଲୋକେ ଆଗାମୀ ସମୟରେ ଏହି ପ୍ରାଣୀର ଛବି ସେମାନଙ୍କ ପରପିଢ଼ିକୁ ଦେଖାଇବେ।

ଅନ୍ୟ ଦେଶ ବିଷୟରେ ଆଲୋଚନା ହେଉଥିବା ବେଳେ ଭାରତରେ ସ୍ଥିତି କିଭଳି ହେଲାଣି ସମସ୍ତେ ପ୍ରାୟ ଅନୁଭବ କଲେଣି। ଏଠାରେ ଆମେ ତାପଦାହ, ଅତ୍ୟଧିକ ବର୍ଷା ଏବଂ ଅପ୍ରତ୍ୟାଶିତ ଅଞ୍ଚଳରେ ଅଚାନକ ପ୍ରବଳ ଥଣ୍ଡା ଅନୁଭବ କରୁଛେ। ଏସବୁ ପଛରେ ମନୁଷ୍ୟକୃତ କାର୍ଯ୍ୟକଳାପ ଦାୟୀ ବୋଲି ଢେର ଆଲୋଚନା ହେଲାଣି। ସେଥିପାଇଁ ଅତ୍ୟଧିକ ଚାରାରୋପଣର ଆବଶ୍ୟକତା ବିଷୟରେ ଉଲ୍ଲେଖ କରାଯାଉଛି। କିନ୍ତୁ ଯେଉଁଭଳି ହାରରେ ଜଳବାୟୁ ପରିବର୍ତ୍ତନ ଘଟୁଛି, ତାହା ମଣିଷର ନିୟନ୍ତ୍ରଣ ବାହାରକୁ ଚାଲିଯାଉଥିବା ଲକ୍ଷ୍ୟ କରାଗଲାଣି। ଏଭଳି ପ୍ରଚ୍ଛଦପଟରେ ଭାରତରେ ବିତର୍କ ସୃଷ୍ଟି କରିଥିବା 'ଆରାବଳି' ପ୍ରସଙ୍ଗ ସମସ୍ତଙ୍କ ଆଖି ଖୋଲିଦେବା କଥା। ନୂଆ ପରିଭାଷା ସୃଷ୍ଟି କରାଯାଇ ତାହାର ବିଭିନ୍ନ ଅଂଶକୁ ଯଦି ନଷ୍ଟ କରି ଦିଆଯାଏ, ତାହା ହେଲେ ଆଗକୁ ସୃଷ୍ଟି ହେବାକୁ ଥିବା ବିପଦ ପାଇଁ ପ୍ରକୃତିକୁ ଦାୟୀ କରାଯାଇପାରିବ ନାହିଁ। ଏବେ ଚାରାରୋପଣ କଲେ ତାହା ପୁଣି ଦ୍ରୁମରେ ପରିଣତ ହେବାକୁ ଢେର ବର୍ଷ ଲାଗିଯିବ। ସେହି କଥା ନ ଭାବି ଅବିଚାରିତ ଭାବେ ଗଛ କାଟି ଦିଆଗଲେ ପରିଣତି ଭୟାବହ ହେବା ସୁନିଶ୍ଚିତ। ଏହି ସମୟରେ ଭାରତୀୟଙ୍କ ସମେତ ସମଗ୍ର ବିଶ୍ୱ ସାଉଦି ଜଳବାୟୁ ପରିବର୍ତ୍ତନରୁ ଶିକ୍ଷା ନେଇ ଅସ୍ୱାଭାବିକ ସ୍ଥିତିର ମୁକାବିଲା ପାଇଁ ସଘନ ପ୍ରୟାସ କରିବାର ସମୟ ଉପନୀତ। ଏଥିରେ ଅବହେଳା କଲେ ପୃଥିବୀର କେତେକ ଅଞ୍ଚଳର ଜଳବାୟୁ ସହ ଖାପ ଖାଇ ବଞ୍ଚୁଥିବା ଜୀବ ଓ ଉଦ୍ଭିଦ ଲୋପ ପାଇଯିବେ, ଯାହା ଅନେକ ସ୍ଥାନରେ ଆରମ୍ଭ ହୋଇଗଲାଣି। ଏମିତିବି ହୋଇପାରେ ଓଟ ଉପରେ ବରଫର ଦୃଶ୍ୟକୁ ଉପଭୋଗ କରୁଥିବା ଆଜିର ଲୋକେ ଆଗାମୀ ସମୟରେ ଏହି ପ୍ରାଣୀର ଛବି ସେମାନଙ୍କ ପରପିଢ଼ିକୁ ଦେଖାଇବେ।

# ଭାରତର ସାଗରକେନ୍ଦ୍ର



ପ୍ର. ରମେଶ ଚନ୍ଦ୍ର ପରିଡ଼ା

ସାମଗ୍ରିକ ଭାବେ ମହାକାଶ ଏବଂ ବିଶେଷକରି ଚନ୍ଦ୍ର ଓ ମଙ୍ଗଳ ଉପରେ ବିଗତ ବର୍ଷ ବର୍ଷ ଧରି ଚାଲିଛି ବିବିଧ ଗବେଷଣା। ଏବେ ସେଠାରେ ନିୟମିତ ଭାବେ ମହାକାଶଯାନ ଅବତରଣ କରାଇ ସେଗୁଡ଼ିକର ପୃଷ୍ଠଦେଶଗୁଡ଼ିକରୁ ପୁଙ୍ଖାନୁପୁଙ୍ଖ ପରୀକ୍ଷାନିରୀକ୍ଷା କରାଯାଉଛି । ସେଠାରେ ବସତି ସ୍ଥାପନ କରିବା, କଳକାରଖାନା ବସାଇବା, ସୁଗଭୀର ମହାକାଶକୁ ଯାତ୍ରା କରିବା ଲାଗି କେନ୍ଦ୍ରମାନ ସ୍ଥାପନ କରିବା ଏବଂ ସେଠାରୁ ମୂଲ୍ୟବାନ ସମ୍ପଦସବୁ ଆହରଣ କରିବା ଉଦ୍ଦେଶ୍ୟରେ। ଏହା ବ୍ୟତୀତ ପୃଥିବୀ କକ୍ଷରେ ମହାକାଶ କେନ୍ଦ୍ର ସ୍ଥାପନ କରି, ତନ୍ମଧ୍ୟରେ ମହାକାଶଚାରୀମାନେ ମାସ ମାସ ଧରି ରହି ଗବେଷଣା କରିବା ଲାଗି ବ୍ୟବସ୍ଥା କରାଗଲାଣି। କିନ୍ତୁ ପୃଥିବୀପୃଷ୍ଠର ଏକ ବିଶାଳ ଅଂଶ ହୋଇଥିବା ସମୁଦ୍ର, ମହାସମୁଦ୍ରଗୁଡ଼ିକର ଗଭୀରତମ ପ୍ରଦେଶ ଉପରେ ସେହି ଅନୁରୂପ କାର୍ଯ୍ୟକଳାପ ହୋଇଛି ଅତି ସୀମିତ ରୂପେ। ବିଳମ୍ବରେ ହେଲେ ବି ଏବେ ଏକଥା ଅନୁଭବ କରି ପୃଥିବୀର ଅନେକ ଦେଶ ଏଥିପ୍ରତି ଗୁରୁତ୍ୱ ଦେବା ଆରମ୍ଭ କରିଛନ୍ତି। ମହାକାଶ ଗବେଷଣାରେ ଯଥାଯୋଗ୍ୟ ଅଂଶଗ୍ରହଣ କଲାଭଳି ଭାରତ ମଧ୍ୟ ଏ କ୍ଷେତ୍ରରେ ଯୋଗଦାନ ଦେବାକୁ ଆରମ୍ଭ କରିଛି। ସେଥିପାଇଁ ଆଗାମୀ ୨୦୪୭ ମସିହା ସୁଦ୍ଧା ସମୁଦ୍ରର ୬୦୦୦ ମିଟର (୬ କିଲୋମିଟର) ଗଭୀରତାରେ 'ସାଗର କେନ୍ଦ୍ର'ଟିଏ ସ୍ଥାପନ କରିବାକୁ ଯୋଜନା କରିଛି ନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଓସେନ୍ ଟେକ୍ନୋଲୋଜି ବା ଏନ୍‌ଆଇଓଟି ଏହା ହେବ ପୃଥିବୀର ଗଭୀରତମ ପ୍ରଦେଶରେ ସ୍ଥାପିତ ଏପ୍ରକାର କେନ୍ଦ୍ର।

ଭିଜନ–୨୦୪୭ର ଅନ୍ୟତମ ଅଂଶ ହୋଇଥିବା ଏହି କାର୍ଯ୍ୟକ୍ରମ ଏବେ ଆରମ୍ଭ ହୋଇଗଲାଣି। କେନ୍ଦ୍ରଟି ସମ୍ପୂର୍ଣ୍ଣ ହୋଇଗଲା ପରେ ଗବେଷକମାନେ ତନ୍ମଧ୍ୟରେ ରହି ନାନାଦି ଗବେଷଣା କରିବେ। ଏଗୁଡିକ ମଧ୍ୟରୁ ଗୋଟିଏ ହେବ ଟିଟାନିୟମ ଏବଂ ଏହା ମିଶ୍ରିତ ପଦାର୍ଥରେ ନିର୍ମିତ ସଂରଚନାଟିଏ, ଯାହାକି ୬୦୦୦ ମିଟର ଗଭୀରତା ମଧ୍ୟରେ ୬୦୦ ବାୟୁମଣ୍ଡଳୀୟ ଚାପ ସହ୍ୟ କରିପାରିବ। ପୁନଶ୍ଚ ଏଥିରେ ରହିବ ସମୁଦ୍ରତଳର ଜୀବଜଗତକୁ ପର୍ଯ୍ୟବେକ୍ଷଣ କରିବା ଲାଗି ୩୬୦ ଡିଗ୍ରୀ ସ୍ୱଚ୍ଛଫଳକ, ଅମ୍ଳଜାନ ଓ ତାପମାତ୍ରା ନିୟନ୍ତ୍ରିତ ତଥା ସ୍ୱାଧୀନ ଭାବେ କାର୍ଯ୍ୟ କରିବା ଲାଗି ବିଜ୍ଞାନାଗାର ପ୍ରକୋଷ୍ଠ। ଏହା ବ୍ୟତୀତ ଏଥିସହିତ ସଂଯୁକ୍ତ ହେବ ଗବେଷଣା ଲାଗି ଜଳ ମଧ୍ୟରେ ବୁଡି ରହୁଥିବା ବ୍ୟବସ୍ଥାରେ ଡକିଂ ସୁବିଧା ଏବଂ ଯୋଗାଣ ଯାନ ସମେତ ଧ୍ୱନିଭିତ୍ତିକ 'ଫାଇବର–ଅପ୍‌ଟିକ୍ସ' ସଂଯୋଗ ବ୍ୟବହାର କରୁଥିବା ଯୋଗାଯୋଗ ବ୍ୟବସ୍ଥା। ମଣିଷ ସେଠାରେ କିପରି ଦୀର୍ଘକାଳ ଧରି ରହିପାରିବ ତାହା ଉପରେ ମଧ୍ୟ ପରୀକ୍ଷା ନିରୀକ୍ଷା କରାଯିବ।



ଏନ୍‌ଆଇଓଟିର ନିର୍ଦ୍ଦେଶକ ଡ. ବାଲା ରାମକ୍ରିଷ୍ଣନଙ୍କ ସୂଚନା ଅନୁସାରେ ଏଥି ପୂର୍ବରୁ ପ୍ରଥମେ ପରୀକ୍ଷାମୂଳକ ଭାବେ ୫୦୦ ମିଟର ଗଭୀରତାରେ ଛୋଟ 'ସାଗର କେନ୍ଦ୍ର'ଟିଏ ସ୍ଥାପନ କରାଯିବ। ତନ୍ମଧ୍ୟରେ ୩ ଜଣ ବୈଜ୍ଞାନିକ ପ୍ରାୟ ୨୪ ଘଣ୍ଟା ରହି ଏ ପ୍ରଯୁକ୍ତି ବିଦ୍ୟାର ବିଭିନ୍ନ ଦିଗର ପ୍ରାଥମିକ ପରୀକ୍ଷା କରିବେ। ଅତଏବ ମୂଳ ବ୍ୟବସ୍ଥାଟିକୁ ସଫଳତାର ସହ ସ୍ଥାପନ ଏବଂ ପରିଚାଳନା ଲାଗି ତହିଁରୁ ଦିଗ୍‌ଦର୍ଶନ ମିଳିବ।

ବର୍ତ୍ତମାନ ଗଭୀର ସମୁଦ୍ର ତଳେ ଏ ପ୍ରକାର ମାତ୍ର ଗୋଟିଏ ବିଜ୍ଞାନାଗାର କାର୍ଯ୍ୟକ୍ଷମ ରହିଛି। ତାହା ହେଲ ଆମେରିକାର ଫ୍ଲୋରିଡା ଅନ୍ତର୍ଜାତୀୟ ବିଶ୍ୱବିଦ୍ୟାଳୟ ଦ୍ୱାରା ନିର୍ମିତ ତଥା ପରିଚାଳିତ 'ଆକ୍ୱାରିସ ରିଫ୍ ବେସ୍'। ବିଗତ ୧୯୯୦ ଦଶକରେ ୧୯ ମିଟର ଗଭୀରତାରେ ଅବସ୍ଥାପିତ ଏହି ସାଗରକେନ୍ଦ୍ରଟି ଫ୍ଲୋରିଡାର କି' ଲାର୍‌ଗୋଠାରେ ଏବେ ମଧ୍ୟ କାର୍ଯ୍ୟରତ। ତହିଁରେ ୬ ଜଣ ଗବେଷକ ୧୦ ଦିନ ପର୍ଯ୍ୟନ୍ତ ରହିପାରିବାର ବ୍ୟବସ୍ଥା ଅଛି। ଇତି ମଧ୍ୟରେ ଚାଇନା ଏଭଳି ଏକ କେନ୍ଦ୍ର ସ୍ଥାପନ ଲାଗି କାର୍ଯ୍ୟକ୍ରମ ଆରମ୍ଭ କରିଦେଇଛି। ଆଗାମୀ ୨୦୩୦ ମସିହା ସୁଦ୍ଧା ଦକ୍ଷିଣ ଚାଇନା ସାଗରରେ ଏହାକୁ ପ୍ରତିଷ୍ଠା କରିବାର ଯୋଜନା ରହିଛି। ଏହା ବ୍ୟତୀତ ଆମେରିକା ୨୦୨୮ ମସିହା ସୁଦ୍ଧା ୨୦ ମିଟର ସମୁଦ୍ର ପୃଷ୍ଠ ତଳେ ଅନ୍ୟ ଏକ 'ସାଗର କେନ୍ଦ୍ର' ସ୍ଥାପନ କରିବାର ଯୋଜନା କଲାଣି। ଏଥିରେ ୧୨ ଜଣ ଗବେଷକ ୩୦ ଦିନ ପର୍ଯ୍ୟନ୍ତ ରହିପାରିବେ। ସେହିପରି ଇଂଲଣ୍ଡ ଓ କେତେକ ୟୁରୋପୀୟ ଦେଶ ମିଳିତ ଭାବେ ୬ ଜଣ ଯାତ୍ରୀ ୨୮ ଦିନ ରହିପାରିବା ଭଳି 'ସାଗର କେନ୍ଦ୍ର'ଟିଏ ୨୦୦ ମିଟର ଗଭୀରତାରେ ୨୦୨୭ ମସିହା ସୁଦ୍ଧା ସ୍ଥାପନ କରିବା ଦିଗରେ ପଦକ୍ଷେପ ଆରମ୍ଭ କରିଛନ୍ତି।

ଅତୀତରେ ସମୁଦ୍ର ତଳେ ବସତି ସ୍ଥାପନ ଲାଗି କେତେକ ଯୋଜନା କାର୍ଯ୍ୟକାରୀ ହୋଇଛି। ତନ୍ମଧ୍ୟରେ ରହିଛି ୧୯୬୦ ଦଶକରେ ଆମେରିକାର ନୌବାହିନୀ ଦ୍ୱାରା ସ୍ଥାପିତ ଏବଂ ପରିଚାଳିତ ସିଲାବ(SEALAB) ୧। ୨। ୩ଗୁଡ଼ିକ ୫୯ ମିଟରରୁ ୧୯୦ ମିଟର ଗଭୀରତାରେ ଅବସ୍ଥାନ କରି ବିଭିନ୍ନ ପରୀକ୍ଷା ନିରୀକ୍ଷା କରିଥିଲେ। ତତ୍ପରେ ୧୯୮୦ ଦଶକରେ ହାଓ୍ୱାଇ ବିଶ୍ୱବିଦ୍ୟାଳୟ ନିର୍ମାଣ କରିଥିଲେ। ପିନ୍‌ସସ୍ ୪ ଏବଂ ୫ ବୁଡ଼ାଜାହାଜ, ଯାହାକି ସମୁଦ୍ର ତଳେ ୨୦୦୦ ମିଟର ପର୍ଯ୍ୟନ୍ତ ଅନୁଧ୍ୟାନ କରି ନାନାଦି ତଥ୍ୟ ସଂଚାର କରିଥିଲା। ବର୍ତ୍ତମାନ ଏ ଉଭୟ ସାମୟିକ ଭାବେ ବନ୍ଦ ରହିଛି।

ଆମ ଦେଶ ୨୦୪୭ ମସିହା ସୁଦ୍ଧା ପ୍ରତିଷ୍ଠା କରିବାକୁ ଥିବା 'ସାଗରକେନ୍ଦ୍ର'ର ନାମ ରହିବ 'ମତ୍ସ୍ୟ–୬୦୦୦' ଏବଂ ଏହା ପ୍ରତିଷ୍ଠିତ ହେବ ଭାରତ ମହାସାଗର ମଧ୍ୟରେ। ଏହାର ଡିଜାଇନଟି ଅତି ଜଟିଳ। କାରଣ ମରାମତି ପାଇଁ ଏହାକୁ ବିଭିନ୍ନ ସମୟରେ ଜଳସ୍ତରର ଉପରକୁ ଆଣିବାକୁ ପଡ଼ିବ ଏବଂ ପୁନର୍ବାର ସମୁଦ୍ର ଚଟାଣକୁ ନେଇ ଦୃଢ଼ଭାବେ ଅବସ୍ଥାପିତ କରିବାକୁ ହେବ। ପୁନଶ୍ଚ ଏହାର କାର୍ଯ୍ୟକ୍ରମ ମଧ୍ୟ ହେବ ଅତି ବ୍ୟାପକ। ସେଗୁଡ଼ିକ ମଧ୍ୟରେ ରହିବ:–୧) ସାମୁଦ୍ରିକ ଜୈବ ବିବିଧତା ଅଧ୍ୟୟନ– ଗଭୀର ସମୁଦ୍ର ତଳର ବିରଳ ଜୀବ ଶ୍ରେଣୀର ଆବିଷ୍କାର, ସେ ଗୁଡ଼ିକର ଅଧ୍ୟୟନ ଏବଂ ସେଠାର ସୂକ୍ଷ୍ମଜୀବମାନଙ୍କଠାରୁ ଜୈବ ସକ୍ରିୟ ଯୌଗିକମାନ ସନ୍ଧାନ। ୨) ଜୈବ ପ୍ରଯୁକ୍ତି ବିଦ୍ୟା– ଅତ୍ୟଧିକ ପ୍ରତିକୂଳ ପରିବେଶ ମଧ୍ୟରେ କାର୍ଯ୍ୟ କଲାଭଳି ଏଞ୍ଜାଇମ୍ ବହନ କରୁଥିବା ଜୀବମାନଙ୍କ ସନ୍ଧାନ ଏବଂ ତାହା ସେମାନଙ୍କଠାରୁ ଆହରଣ। ୩) ଭୂ–ବିଜ୍ଞାନ ସମ୍ପର୍କରେ ଗବେଷଣା– ସମୁଦ୍ର ତଳର ଚଟାଣରେ 'ଟେକ୍ଟୋନିକ୍' ଏବଂ ଆଗ୍ନେୟଗିରି ସମ୍ବନ୍ଧିତ କ୍ରିୟାକଳାପ ଅଧ୍ୟୟନ। ୪) ମଣିଷ ଉପରେ ପ୍ରଭାବ– ସମୁଦ୍ରର ଗଭୀରତମ ପ୍ରଦେଶରେ ଅଧିକ କାଳ ବସବାସ କଲେ ସେଠାରେ ଉଚ୍ଚ ଚାପ ବିଶିଷ୍ଟ ପରିବେଶର ମଣିଷ ଶରୀର ଓ ସ୍ୱାସ୍ଥ୍ୟ ଉପରେ ପ୍ରଭାବ ଅଧ୍ୟୟନ।

ଏହି ଯୋଜନାଟି ପ୍ରାଥମିକ ଅବସ୍ଥାରେ ଆମ ଦେଶର ଗଭୀର ସମୁଦ୍ର ମଧ୍ୟରେ ବିବିଧ ଅନୁସନ୍ଧାନ ଏବଂ ସାମୁଦ୍ରିକ ସଂସାଧନର ସଂଗ୍ରହ ପ୍ରକ୍ରିୟାକୁ ବିକଶିତ କରିବା ଦିଗରେ କାର୍ଯ୍ୟରତ। ଡିପ୍ ଓସେନ ମିଶନ ଅଧୀନରେ କାର୍ଯ୍ୟକାରୀ ହେବ। ଏଥିରେ ସଫଳତା ମିଳିସାରିଲା ପରେ ଆମ ଦେଶ ଏହାର ଏକ ସ୍ୱତନ୍ତ୍ର ଅଂଶ ସ୍ୱରୂପ ଆରମ୍ଭ କରିବ। ତା'ର ସମୁଦ୍ରାୟନ ମିଶନ। ତତ୍ପରେ ଅଧିକ ସାଗର କେନ୍ଦ୍ରମାନ ପ୍ରତିଷ୍ଠା ଏବଂ ଗଭୀର ସମୁଦ୍ର ତଥା ତା'ର ଚଟାଣକୁ ପୁଙ୍ଖାନୁପୁଙ୍ଖ ଅଧ୍ୟୟନ କରାଯିବ। ସେଠାରୁ ଜୈବିକ ତଥା ଖଣିଜ ସମ୍ପଦ ଆଦିର ଆହରଣ ଲକ୍ଷ୍ୟ ନେଇ।

**ଉଷାନିବାସ, ୧୨୪/୨୪୪୫, ଖଣ୍ଡଗିରି ବିହାର, ଭୁବନେଶ୍ୱର**
**ମୋ:୯୯୩୭୩୦୧୪୬୦**

# ସତରେ ଆମେ କ'ଣ ମଣିଷ



ଡ. ସୀତାକାନ୍ତ ତ୍ରିପାଠୀ

ସାତପଡ଼ାରୁ ପୁରୀ ଫେରିବା ବାଟରେ ଏକ ଅଜବ ତଥା ଭାରାକ୍ରାନ୍ତ ଅନୁଭୂତି ନେଇ ଘରକୁ ଫେରିଲି। ବିଶେଷକରି ସାତପଡ଼ାରୁ ବ୍ରହ୍ମଗିରି ମୁଖ୍ୟ ରାସ୍ତାରେ ପଲପଲ ଗାଈ, ବାଛୁରୀ, ଷଣ୍ଢ ଇତ୍ୟାଦି ଛିଡ଼ା ହୋଇଥାଆନ୍ତି। ଉଭୟ ପଟରୁ ଆସୁଥିବା ଦୁଇଚକିଆ, ଚାରିଚକିଆ ଯାନଗୁଡ଼ିକର ବିକଟାଳ ହର୍ନ ଏବଂ ସମସ୍ତେ କେମିତି ରାସ୍ତା ପାରିହେବେ, ସେଥିପାଇଁ ବିଭିନ୍ନ କଳାକୌଶଳ ଲଗାଇବାରେ ବ୍ୟସ୍ତ; ଯାହା ଫଳରେ ରାସ୍ତାରେ ଅସମ୍ଭାଳ ଭିଡ଼ । ମନେମନେ ଭାବୁଥିଲି ଡଲ୍‌ଫିନ, ନାଲି କଙ୍କଡ଼ା ତଥା ଚିଲିକାର ମନୋରମ ଦୃଶ୍ୟ ସାଙ୍ଗକୁ ମନକୁ ହାଲୁକା କରିବା ପାଇଁ ଦେଶ ବିଦେଶରୁ ଧାଇଁ ଆସୁଥିବା ପର୍ଯ୍ୟଟକମାନଙ୍କର ମାନସିକତା ଓଡ଼ିଶାରୁ କି ଅନୁଭୂତି ନେଇ ଫେରିବେ ? କଥା ହେଉଛି, ଯେଉଁ ଗାଈମାନଙ୍କର କ୍ଷୀର ଦୁହିଁ ସ୍ଥାନୀୟ ଲୋକମାନେ ପରିବାର ପ୍ରତିପୋଷଣ କରିଥାଆନ୍ତି, ସେମାନେ କେମିତି ଉକ୍ତ ଗାଈମାନଙ୍କୁ ରାସ୍ତାରେ ଶୀତ, କାକର, ବର୍ଷା ଓ ଖରାରେ ନିଶ୍ଚିନ୍ତରେ ଛାଡ଼ିଦେଇ ପାରୁଛନ୍ତି ତାହା ଏକ ବିରାଟ ପ୍ରଶ୍ନବାଚୀ। ତା' ଛଡ଼ା ଯେଉଁମାନେ ଗାଈକୁ ଗୋମାତା କହି ପୂଜା କରିଥାଆନ୍ତି, ବୃଷଭକୁ ଶିବଙ୍କର ବାହନ ଭାବେ ଶ୍ରଦ୍ଧା କରିଥାଆନ୍ତି, ହଳ ଲଙ୍ଗଳକୁ ବଳଭଦ୍ରଙ୍କର ଅସ୍ତ୍ର ଭାବେ ପୂଜା କରି ଆମେ ବଳଦମାନଙ୍କୁ ସମ୍ମାନ ଦେଇଥାଉ, ସେମାନଙ୍କ ପ୍ରତି ଏ ପ୍ରକାର ହତାଦର କେତେ ସମୀଚୀନ ? ଦିନଥିଲା ଗାଈ, ବଳଦ, ଷଣ୍ଢ ଆମ କୃଷି ପରମ୍ପରାର ଏକ ମୁଖ୍ୟ ଅଙ୍ଗ ଭାବେ ପରିଗଣିତ ହେଉଥିଲା। ବାହାଘର ସମୟରେ ଏଇ ପଶୁ ଜନ୍ତୁମାନେ ବର ଓ କନ୍ୟାଘରର ଆର୍ଥିକ ପରିସ୍ଥିତିର ପ୍ରତୀକ ଥିଲେ। ତେବେ ଜାଣିଶୁଣି ଉକ୍ତ ଗୃହପାଳିତ ପଶୁମାନଙ୍କୁ ଆମେ ଶୀତ, କାକର, ବର୍ଷା ଏବଂ ଖରାରେ ଛାଡ଼ିଦେବା ସହିତ ଟ୍ରାଫିକ୍ ବ୍ୟବସ୍ଥାକୁ ବିପର୍ଯ୍ୟସ୍ତ କରିଦେବା କ'ଣ ମଣିଷପଣିଆ ?

ନିକଟରେ ହାତୀମାନଙ୍କ ଦାଉରୁ ଲୋକମାନେ ନିଜକୁ ରକ୍ଷା କରିବା ପାଇଁ ଖାଦ୍ୟରେ ବିସ୍ଫୋରକ ରଖିଦେବା ଫଳରେ ହାତୀ ତା'ର ଶୁଣ୍ଢ ଦ୍ୱାରା ଖାଦ୍ୟ ଖାଇବା ଆରମ୍ଭ କରୁକରୁ ମୃତ୍ୟୁବରଣ କରିବା କଥାକୁ ନେଇ ଅନେକ ଆଲୋଚନା ଚାଲିଛି। ଜୈବ ବିବିଧତାର ସୁରକ୍ଷା ପାଇଁ ଆମେ ଅଣ୍ଟା ଭିଡୁଥିବାବେଳେ ଏ ପ୍ରକାର ଅମାନବୀୟ କାର୍ଯ୍ୟକଳାପ ମଣିଷପଣିଆର ପରିପନ୍ଥୀ ନୁହେଁ କି? ଅନେକ ସମୟରେ ଦେଖାଯାଉଛି, ବିଭିନ୍ନ ବଣ୍ୟପ୍ରାଣୀଙ୍କ ଦାଉରୁ ରକ୍ଷା ପାଇବା ତଥା ପଶୁ ଶିକାର ପାଇଁ ବିଦ୍ୟୁତ ସଂଯୁକ୍ତ ହୋଇଥିବା ତାରବାଡ଼ ସଂସ୍ପର୍ଶରେ ଆସିବା ଯୋଗୁ ସାଧାରଣ ଜନତାଙ୍କର ମୃତ୍ୟୁ ଘଟୁଛି। ଏଥିପାଇଁ ଆମେ କାହାକୁ ଦାୟୀ କରିବା ? ଆମ ବିପର୍ଯ୍ୟସ୍ତ ଆଇନ ଓ ଦଣ୍ଡ ବ୍ୟବସ୍ଥା ନା ଆମର ମଣିଷପଣିଆ ? ସୂକ୍ଷ୍ମ ରୂପରେ ଦେଖିବାକୁ ଗଲେ ଅନ୍ୟ ସମସ୍ତ ପଶୁ ଓ ପକ୍ଷୀମାନଙ୍କ ଅପେକ୍ଷା ମଣିଷ ଅନ୍ୟମାନଙ୍କ ଉପରେ ଅଧିକ ନିର୍ଭରଶୀଳ। କାରଣ ତା'ର ଚାହିଦା ଅନେକ। ସିଏ କେବଳ ବଞ୍ଚିବା କଥା ଚିନ୍ତା ନ କରି ବିକାଶର କଥା ଭାବେ । ଆଉ ଏହି ବିକାଶ କଥା ଚିନ୍ତା କଲାବେଳେ ସିଏ ଅନ୍ୟମାନଙ୍କ ବିନାଶ କଥା ପ୍ରତି ଆଖି ବୁଜିଦିଏ। ସମୟକ୍ରମେ ଏହି ବିନାଶ ପ୍ରକ୍ରିୟାରେ ନିଜକୁ ମଧ୍ୟ ସାମିଲ କରିଦେଇଥାଏ । ଯେଉଁ ପଶୁ–ପକ୍ଷୀ, ନଦୀ–ନାଳ, ବୃକ୍ଷ–ଲତାଗୁଡ଼ିକୁ ଗୁରୁତ୍ୱ ଦେଇ ସେମାନଙ୍କୁ ପୂଜା କରିବା ପାଇଁ ବିଧାନ ରଚିଥିବା ମଣିଷ ଅନ୍ୟ କେଉଁ ଆଳ ଦେଖାଇ ସେମାନଙ୍କୁ ସମୂଳେ ବିନାଶ କରିବା ପାଇଁ ଯୁକ୍ତି ଖୋଜି କହେ 'ଯେ ହେଲା ପ୍ରାଣର ବଇରୀ, ଗୁରୁ ବ୍ରାହ୍ମଣ ହେଲେ ମାରି' । ଏଠାରେ ଯେଉଁ ବଇରୀ କଥା କୁହାଯାଇଛି ତାହା କ'ଣ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ? ଖୁବ୍ କମ୍ କ୍ଷେତ୍ରରେ ପଶୁ–ପକ୍ଷୀମାନେ ନିଜ ତରଫରୁ ମଣିଷମାନଙ୍କ ପ୍ରତି ଶତ୍ରୁତା ଆଚରଣ କରିଥାଆନ୍ତି ବରଂ ମଣିଷ ନିଜର ସ୍ୱାର୍ଥ ହାସଲ ନିମିତ୍ତ ସେମାନଙ୍କ ପ୍ରତି ଶତ୍ରୁତା ଆଚରଣ କରିଥାଏ। ନିଜର ସ୍ୱାର୍ଥ ସରିଗଲେ ମଣିଷ ସେମାନଙ୍କୁ ବିନାଶ କରିବା ପାଇଁ ପଛଘୁଞ୍ଚା ଦେଇନଥାଏ।



ମହାକବି କାଳିଦାସଙ୍କ ସସେମିରା ଉପାଖ୍ୟାନ ଏଠାରେ ବେଶ୍ ପ୍ରଯୁଜ୍ୟ । ଭାଲୁଟିଏ ଗଛ ଉପରେ ମଣିଷ ସାଙ୍ଗରେ ବନ୍ଧୁ ବାନ୍ଧି ତା'ର ଜୀବନ ସୁରକ୍ଷା ପାଇଁ ସବୁ ପ୍ରକାର ଉଦ୍ୟମ କରିଥିଲେ ମଧ୍ୟ ମଣିଷ କିନ୍ତୁ ତା' ପ୍ରତି ଶତ୍ରୁ ଆଚରଣ କରିଥିଲା। ପଶୁର ହୃଦୟ ଆଗରେ ମାନବିକତା ତୁଚ୍ଛ ମନେହେଲା। ତେଣୁ ମଣିଷର ସଂଜ୍ଞା କ'ଣ, ତା'ର ଗୁଣ କ'ଣ ସେକଥା ଚିନ୍ତା କରିବା କିମ୍ବା ସ୍ଥିର କରିବା ଏକ କଷ୍ଟକର ବ୍ୟାପାର। କାରଣ ଅନ୍ୟ ସମସ୍ତ ପ୍ରାଣୀ, ଜୀବ, ଜନ୍ତୁ, ଗଛ ସମସ୍ତଙ୍କର ଅଳ୍ପ ବହୁତେ ସମାନ ଗୁଣ ରହିଛି ଏବଂ ଖୁବ୍ କମ୍‌ମାତ୍ରାରେ ପରିବର୍ତ୍ତନଶୀଳ । କିନ୍ତୁ ସର୍ବଶ୍ରେଷ୍ଠ ଜୀବ ବୋଲାଉଥିବା ମଣିଷର ଗୁଣ, କର୍ମ ସବୁ ସମୟରେ ପରିବର୍ତ୍ତନଶୀଳ, ଯାହାକୁ ବୁଝିବା କିମ୍ବା ବୁଝାଇବା ବଡ଼ କଷ୍ଟକର ବ୍ୟାପାର। ସେଥିପାଇଁ ଲୋକମାନେ ଶାସକମାନଙ୍କ ଦ୍ୱାରା ଅତ୍ୟାଚାରିତ ଏବଂ ଅସମ୍ମାନିତ ହେବାର ଅନେକ ଉଦାହରଣ ରହିଛି । ଯେଉଁମାନେ ମଣିଷମାନଙ୍କୁ ବୁଝି ବା ବୁଝାଇ ସମାଜର ମୁଖ୍ୟ ସ୍ରୋତରେ ସାମିଲ କରିବାକୁ ପ୍ରୟାସ କରିଥାଆନ୍ତି, ସେମାନଙ୍କୁ ଆମେ ମହାମାନବ ବୋଲି ସମ୍ମାନ କରିଥାଉ । ସେମାନଙ୍କ ମତରେ ମଣିଷ କେବଳ ନିଜ ପାଇଁ ବଞ୍ଚେ ନାହିଁ ବରଂ ଅନ୍ୟମାନଙ୍କ ପାଇଁ ବଞ୍ଚିଥାଏର ଆଦର୍ଶକୁ କେବଳ କହିବା ସହଜ, କିନ୍ତୁ କାମରେ ଦେଖାଇବା କଷ୍ଟକର ହୋଇପାରେ ; କିନ୍ତୁ ଅସମ୍ଭବ ନୁହେଁ । ଏହି ଉକ୍ତିଟି ସ୍ୱତଃ ପ୍ରଶ୍ନ କରେ ଆମେ କ'ଣ ସତରେ ମଣିଷ !

**ଅର୍ଣ୍ଣପାଳ, ଭଦ୍ରକ**
**ମୋ: ୯୭୭୮୭୬୪୩୯୪**

## ଏଇ ଭାରତରେ

ତ୍ରିପୁରା ସେପାହିଜାଲା ଜିଲାରେ ଅତ୍ୟଧିକ ବାଲ୍ୟବିବାହ ହୋଇଥାଏ। ଏବେ କିନ୍ତୁ ତାହା ବହୁ ପରିମାଣରେ କମିଯାଇଛି। ସେପାହିଜାଲା ଜିଲାପାଳ ସିଦ୍ଧାର୍ଥ ଜୟସ୍ୱାଲଙ୍କ ଦ୍ୱାରା ଏହା ସମ୍ଭବ ହୋଇପାରିଛି। ସେ ଜିଲାର ବିଭିନ୍ନ ଗାଁରୁ ୧୦୦ ପିଲାଙ୍କୁ ବାଲ୍ୟବିବାହ ପଞ୍ଝାରୁ ମୁକୁଳାଇ ସାରିଲେଣି। ଏଥିପାଇଁ ସେ 'ମିଶନ ସଙ୍କଳ୍ପ' ଚଳାଇଛନ୍ତି। ଏହି ମିଶନ ଏବେସୁଦ୍ଧା ଜିଲାର ୧୦ଟି ଗାଁକୁ ସମ୍ପୂର୍ଣ୍ଣ ବାଲ୍ୟବିବାହମୁକ୍ତ ଘୋଷଣା କରିସାରିଛି। ଏହି ଗାଁର ଗ୍ରାମବାସୀ, ଅଭିଭାବକ, ଶିକ୍ଷକମାନେ ଏକାଠି ହୋଇ ଏଥିପାଇଁ କାମ କରୁଛନ୍ତି। ସେମାନେ ପିଲାମାନଙ୍କ ଶିକ୍ଷା ଉପରେ ଏବେ ବିଶେଷ ଗୁରୁତ୍ୱ ଦେଉଛନ୍ତି। ନ୍ୟାଶନାଲ ଫ୍ୟାମିଲି ହେଲ୍‌ଥ ସର୍ଭେ–୫(ଏନ୍‌ଏଫ୍‌ଏଚ୍‌ଏସ୍–୫) ଅନୁଯାୟୀ, ସେପାହିଜାଲାର ୫୧% ବାଳିକାଙ୍କୁ ୧୮ ବର୍ଷ ପୂର୍ବରୁ ବିବାହ କରିଦିଆଯାଏ। ଏପରିକି ୨୬% କିଶୋରୀ ମା' ହୋଇଥାନ୍ତି। ହେଲେ ଜୟସ୍ୱାଲଙ୍କ ପଦକ୍ଷେପ ଏଥିରେ ଯଥେଷ୍ଟ ସୁଧାର ଆଣିପାରିଛି।

## ୫୦ ବର୍ଷ ତଳର ଧରିତ୍ରୀ

**୨୯ ଡିସେମ୍ବର ୧୯୭୬**

- କୁମ୍ଭମେଳାର ଇତିହାସରେ ପ୍ରଥମ ଥର ଲାଗି ୮ ରାଜ୍ୟରୁ ବହୁସଂଖ୍ୟକ ପୋଲିସ କର୍ମଚାରୀ ଅଣାଯାଇ ଯାତ୍ରୀଙ୍କ ସୁଖସୁବିଧା ଦେଖିବା ଲାଗି ମୁତୟନ କରାଯାଇଛି।
- ଲାକ୍ଷାଦ୍ୱୀପର କାଲପେନୀଠାରେ ନୂତନ କାରିଗରୀ କୌଶଳ ଅବଲମ୍ବନ ଦ୍ୱାରା ମାତ୍ର ୧୧ ଲକ୍ଷ ଟଙ୍କା ବ୍ୟୟରେ ଏକ ନୂତନ ବତୀଘର ସ୍ଥାପନ କରାଯାଇଛି।
- ବଡ଼ଦିନ ପର୍ବ ଉପଲକ୍ଷେ କେପ୍‌ଟାଉନ୍ ସହର ନିକଟବର୍ତ୍ତୀ ଅଞ୍ଚଳରେ ଦଙ୍ଗାଗୋଳରେ ୧୯ ଜଣ ନିହତ ଓ ୯୭ ଜଣ ଆହତ।

## ସୁଡୋକୁ

su|do|ku
Puzzles by Srikant Ghosh

ସୁ–ଡୋ–କୁ

| | | | | | | | | |
|---|---|---|---|---|---|---|---|---|
| | 2 | | | | | | | |
| | | | | | 5 | 6 | 9 | |
| 5 | | 8 | | | 4 | | 3 | |
| | | | 5 | | 8 | | | 9 |
| 3 | | 2 | | 6 | | 8 | | |
| 6 | | | 1 | | | | | |
| | 4 | | 8 | | | | | 6 |
| 8 | 7 | | | 1 | | 5 | | |
| | 6 | | | | | | 7 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 1 | 9 | 4 | 2 | 8 | 3 | 5 | 7 | 6 |
| 2 | 6 | 5 | 4 | 1 | 7 | 9 | 3 | 8 |
| 8 | 3 | 7 | 5 | 6 | 9 | 4 | 2 | 1 |
| 4 | 2 | 9 | 1 | 3 | 5 | 8 | 6 | 7 |
| 5 | 1 | 8 | 9 | 7 | 6 | 2 | 4 | 3 |
| 6 | 7 | 3 | 8 | 4 | 2 | 1 | 5 | 9 |
| 9 | 4 | 6 | 7 | 5 | 1 | 3 | 8 | 2 |
| 3 | 8 | 2 | 6 | 9 | 4 | 7 | 1 | 5 |
| 7 | 5 | 1 | 3 | 2 | 8 | 6 | 9 | 4 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ହୋ ଭାଷାକୁ ସ୍ୱୀକୃତି ନାହିଁ

ମହାଶୟ,

ବର୍ଷ ବର୍ଷ ଧରି ଦାବି, ଆନ୍ଦୋଳନ ପରେ ବି ହୋ ଭାଷାକୁ ମିଳୁନି ସାମ୍ବିଧାନିକ ସ୍ୱୀକୃତି। ଓଡ଼ିଶାର କେନ୍ଦୁଝର, ମୟୂରଭଞ୍ଜ, ସୁନ୍ଦରଗଡ଼ ଭଳି ଆଦିବାସୀବହୁଳ ଜିଲା ସମେତ ରାଜ୍ୟରେ ପ୍ରାୟ ୧୫ ଲକ୍ଷରୁ ଅଧିକ ହୋ ଭାଷାଭାଷୀ ଲୋକ ଅଛନ୍ତି। ହୋ ଭାଷାର ନିଜସ୍ୱ ଲିପି ୱାରାଂଚିତ ରହିଛି। ଅଟଳ ବିହାରୀ ବାଜପେୟୀ ପ୍ରଧାନମନ୍ତ୍ରୀ ଥିବା ସମୟରେ ୨୦୦୩ ଡିସେମ୍ବର ୨୨ରେ ସାନ୍ତାଳୀ, ବୋଡ଼ୋ, ମୈଥିଳୀ, ଡୋଗ୍ରୀ ଭାଷାକୁ ସରକାରୀ ମାନ୍ୟତା ମିଳିଥିଲା। ପ୍ରଥମକରି ଦୁଇଟି ଆଦିବାସୀ ଭାଷା ସାନ୍ତାଳୀ ଓ ବୋଡ଼ୋକୁ ସାମ୍ବିଧାନିକ ସ୍ୱୀକୃତି ମିଳିବାରୁ ଏହି ଭାଷାଭାଷୀ ଲୋକେ ଆନନ୍ଦ ପ୍ରକାଶ କରିଥିଲେ। ଓଡ଼ିଶା ସରକାର ହୋ ଭାଷା ସମେତ ସଉରା, କୁଇ, ମୁଣ୍ଡାରୀ ଓ କୋଶଳୀ ଭାଷାକୁ ସାମ୍ବିଧାନିକ ମାନ୍ୟତା ପ୍ରଦାନ ପାଇଁ ମଧ୍ୟ କେନ୍ଦ୍ରକୁ ସୁପାରିସ୍ କରିଛନ୍ତି। ହେଲେ କିଛି ସୁଫଳ ମିଳୁନି। ଝାଡ଼ଖଣ୍ଡରେ ୨୦୧୧ରେ ହୋ ଭାଷାକୁ ସେଠାକାର ସରକାର ଦ୍ୱିତୀୟ ରାଜଭାଷାର ମାନ୍ୟତା ଦେଇଥିଲେ। ଅଥଚ ଓଡ଼ିଶା ସରକାର ହୋ ଭାଷାକୁ ଦ୍ୱିତୀୟ ରାଜଭାଷା ମାନ୍ୟତା ଦେଉନାହାନ୍ତି। ଝାଡ଼ଖଣ୍ଡରେ ହୋ ଭାଷାରେ ପାଠ୍ୟକ୍ରମ ପ୍ରଚଳିତ ହୋଇଛି। ମାତ୍ର ଓଡ଼ିଶାରେ ତାହା ସମ୍ଭବ ହେଉନାହିଁ। କିଛିବର୍ଷ ତଳେ ରାଜ୍ୟ ସରକାର ୩୧୫ ବହୁଭାଷୀ ଶିକ୍ଷକ ନିଯୁକ୍ତକରି ପ୍ରାଥମିକ ସ୍ତରରେ ହୋ ଭାଷାରେ ପାଠପଢ଼ା ବ୍ୟବସ୍ଥା କରିଥିଲେ। ହେଲେ ଏହାର କୌଣସି ସୁଫଳ କୋହ୍ଲ ସଂପ୍ରଦାୟକୁ ମିଳୁନାହିଁ। ଯେଉଁ ଅଞ୍ଚଳରେ ଅଙ୍ଗନୱାଡ଼ି କେନ୍ଦ୍ରଗୁଡ଼ିକରେ ୭୦ ପ୍ରତିଶତରୁ ଅଧିକ କୋହ୍ଲ ସଂପ୍ରଦାୟର ଶିଶୁ ଥିବେ, ସେଠାରେ ହୋ ଭାଷାରେ ପ୍ରାକ୍ ବିଦ୍ୟାଳୟ ଶିକ୍ଷାଦାନ ହେବା କଥା। ମାତ୍ର ତାହା ହେଉନାହିଁ।

**–ଶ୍ୟାମସୁନ୍ଦର ସାମଲ, ସୁଭଦ୍ରା ନଗର, ବିଡ଼ାନାସୀ, କଟକ**

## ଚିରନ୍ତନୀ

ଚାଲିଛି ମୁଁ ସଙ୍ଗେ ତା'ର
କି ବିରାଟ ଅଭିସାର !
ଚାଲିଛି ମୁଁ ଦୂରେ କେଉଁ ଦୂରେ ଗୋ
କି ବା ଗନ୍ଧେ ଅନ୍ତର ପୂରେ ମୋ ।
–(ଶରତ–ସନ୍ଧ୍ୟା)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସଂକ୍ଷେପରେ

### ସାପ୍ତାହିକ ବଜାରରେ ୨ ବେପାରୀଙ୍କୁ ମରଣାନ୍ତକ ଆକ୍ରମଣ

**ଲୋଇସିଂହା, ୨୮।୧୨ (ସୁଶାନ୍ତ ବାରିକ)**

ବଲାଙ୍ଗୀର ଜିଲା ଲୋଇସିଂହା ଥାନା ଅନ୍ତର୍ଗତ ହୀରାପୁର ଛକ ସାପ୍ତାହିକ ବଜାରରେ ରବିବାର ୨ ବେପାରୀଙ୍କୁ ମରଣାନ୍ତକ ଆକ୍ରମଣ କରାଯାଇଛି। ସେମାନେ ହେଲେ ଗୁର୍ଜିଭଟା ଗ୍ରାମର ଅଚ୍ୟୁତ ସା ଓ କମଳ ସା। ଖବରପାଇ ପୋଲିସ ସାପ୍ତାହିକ ବଜାରରେ ପହଞ୍ଚି ଆହତଙ୍କୁ ଲୋଇସିଂହା ଡାକ୍ତରଖାନା ପଠାଇଥିଲା। ଅବସ୍ଥା ଗୁରୁତର ଥିବାରୁ ସେମାନଙ୍କୁ ବଲାଙ୍ଗୀର ମେଡିକାଲ କଲେଜକୁ ସ୍ଥାନାନ୍ତର କରାଯାଇଛି। ଅପରପକ୍ଷେ ଆକ୍ରମଣକାରୀ ଫେରାର ହୋଇଯାଇଛନ୍ତି। ପୋଲିସ ସୂଚନା ଅନୁଯାୟୀ, ଅପରାହ୍ନ ସମୟ ହୋଇଯାଇଥିବାରୁ ବେପାରୀମାନେ ତାଙ୍କ ପସରା ବନ୍ଦ କରିଦେଇଥିଲେ। ଏହି ସମୟରେ ଫାସଡ ଗ୍ରାମର କେତେକ ଯୁବକ ପହଞ୍ଚି ବେପାରୀ ଦ୍ୱୟଙ୍କୁ ପରିବା ଦେବାକୁ ବାଧ କରିଥିଲେ। କିନ୍ତୁ ସେମାନେ ମନା କରି ଦେଇଥିଲେ। ଏହାପରେ ଯୁବକମାନେ ଉତ୍କ୍ଷିପ୍ତ ହୋଇ କାଠଫାଳିଆରେ ବ୍ୟବସାୟୀ ଦ୍ୱୟଙ୍କୁ ଆକ୍ରମଣ କରିବା ସହ ବଜାରରେ ଆତଙ୍କ ଖେଳାଇଥିଲେ। ଥାନା ଏସ୍ଆଇ ଶ୍ରୀନିବାସ ବିଶ୍ୱାଳ କହିଛନ୍ତି, ଏ ସମ୍ପର୍କରେ ଲିଖିତ ଅଭିଯୋଗ ହୋଇ ନ ଥିବାବେଳେ ପୋଲିସ ତଦନ୍ତ ଚଳାଇଛି। ସୂଚନାଯୋଗ୍ୟ, କିଛିଦିନ ପୂର୍ବେ ଫାସଡ ଗ୍ରାମର କେତେଜଣ ଅସାମାଜିକ ଯୁବକ ହୀରାପୁର ଗ୍ରାମର କେତେକଙ୍କୁ ଆକ୍ରମଣ କରିଥିଲେ। ସେମାନଙ୍କ ମଧ୍ୟରୁ ୨ ଜଣଙ୍କୁ ଅପହରଣ କରିନେଇଥିଲେ। ଖବରପାଇ ପୋଲିସ ଅପହୃତ ଯୁବକଙ୍କୁ ଫାସଡରୁ ଉଦ୍ଧାର କରିଥିଲା। ଫାସଡ ଗ୍ରାମର ଅସାମାଜିକ ଯୁବକଙ୍କ କାର୍ଯ୍ୟକଳାପକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି।

### କଳାହାଣ୍ଡି ଜିଲା ବିଜେଡିର ନୂତନ କର୍ମକର୍ତ୍ତା

**ଭବାନୀପାଟଣା, ୨୮।୧୨ (ଉତ୍ତମ କୁମାର ଦାଶ)**

ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ଅନୁମୋଦନକ୍ରମେ କଳାହାଣ୍ଡି ଜିଲା ବିଜେଡିର ନୂତନ କର୍ମକର୍ତ୍ତା ଚୟନ କରାଯାଇଛି। ଏଥିରେ ଜିଲା ଉପସଭାପତି ଭାବେ ପ୍ରଦୀପ ମୁଣ୍ଡ, ଜିତେନ୍ଦ୍ର ନାରାୟଣ ସିଂହଦେଓ, ଗିରୀଶ ଚନ୍ଦ୍ର ବେହେରା, ଟିକେଲାଲ ସାହୁ, ଥବିର ପ୍ରସାଦ ସାହୁ, ଧର୍ମେନ୍ଦ୍ର ନାଏକ, ବଦ୍ରି ପଟ୍ଟନାୟକ, ଦିଗମ୍ବର ନାଏକ, ସରୋଜ ରାଉତ, ସାଧାରଣ ସମ୍ପାଦକ ରାଜୀବ ଅଗ୍ରୱାଲ, ଦିଲୀପ ଠାକୁର, ସଚ୍ଚିଦାନନ୍ଦ ମହାଖୁଡ଼, ଯଯାତିକେଶରୀ ନାଏକ, ଦିବ୍ୟସିଂ ମହାନ୍ତି, ମାଣିକ୍ୟ ଚନ୍ଦ୍ର ନାଏକ, ରୁତୁରାଜ ମାଝୀ, ସୁରେନ୍ଦ୍ର ସାହୁ, ଜୟନ୍ତ ଗଉଡ଼, କୋଷାଧ୍ୟକ୍ଷ ଆଶୁତୋଷ ପୁରୋହିତ ଓ ସମ୍ପାଦକ ଭାବେ ଜଗଦୀଶ ବେନିଆ, ଗୋବିନ୍ଦ ପ୍ରଧାନୀ, ରାମଚନ୍ଦ୍ର ମାଝୀ, ରବୀନ୍ଦ୍ର ମୁଣ୍ଡ, ତାରାଶଙ୍କର ରାୟଗୁରୁ, ପ୍ରଶାନ୍ତ ତିୱାରୀ, ନବୀନ ପଣ୍ଡା, ରାଜିନ୍ଦ୍ର ନାଏକ, ୟୁସୁଫ ମହମ୍ମଦ ଖାନ, ଶିଶିର ପରିଡ଼ା, ଗୋପାଳ ସାହୁ, ରାଜେଶ ପ୍ରସାଦ ସାହୁ, ପଞ୍ଚାନନ ଦାସ, ହରିଶ ଚନ୍ଦ୍ର ବୁଢ଼ିଆ, ଲକ୍ଷ୍ମଣ ନିଆଲ, ମଦନ ସାହୁ, ପ୍ରେମ ଘି, ଲବଣୀ ରାଉତ, କ୍ଷୀରୋଦ ବାଗ, ବେନୁ ନାଏକ, ପଙ୍କଜ ପୋଢ଼, ସଦାନନ୍ଦ ଚନ୍ଦନ, ବୃନ୍ଦାବନ ରାଉତ, ଜୟ ମେହେର, ଭୁବନେଶର ସାହୁ, ଯୁଗଳ କିଶୋର ନାଏକ, ପ୍ରଦୀପ ସାହୁ, ଦୀନେଶ ପ୍ରଧାନ, ଦିଲୀପ ସାହୁ, ରଜନୀକାନ୍ତ ମହାଖୁଡ଼, ଭୀଷ୍ମଚନ୍ଦ୍ର ସାହୁଙ୍କୁ ନିଯୁକ୍ତି ଦିଆଯାଇଛି।



ସର୍ବଭାରତୀୟ ବହୁଭାଷୀ ନାଟକ ସମାରୋହ ମଠଖାଇ ମହୋତ୍ସବର ରବିବାର ଚତୁର୍ଥ ସନ୍ଧ୍ୟାରେ 'ସାଗୁଆ ବଲାଙ୍ଗୀର' ସଙ୍ଗଠନର ସଦସ୍ୟଙ୍କୁ ମଠଖାଇ ସମ୍ମାନ ପ୍ରଦାନ କରାଯାଉଛି।

# 'ନାଟକ ସାମାଜିକ ଏକତାର ମାଧ୍ୟମ'

**ସର୍ବଭାରତୀୟ ମଠଖାଇ ମହୋତ୍ସବ ଚତୁର୍ଥ ସନ୍ଧ୍ୟା**

**ନାଟକ 'ସାତଘରିୟା' ମଞ୍ଚସ୍ଥ**

**ବଲାଙ୍ଗୀର, ୨୮।୧୨ (ବୀରେନ୍ଦ୍ର କୁମାର ଝାଙ୍କର)**

ସର୍ବଭାରତୀୟ ବହୁଭାଷୀ ନାଟକ ସମାରୋହ ମଠଖାଇ ମହୋତ୍ସବର ରବିବାର ଚତୁର୍ଥ ସନ୍ଧ୍ୟାରେ ପଶ୍ଚିମବଙ୍ଗ ରଙ୍ଗପୀଠ ଅନୁଷ୍ଠାନର ଚର୍ଚ୍ଚିତ ହିନ୍ଦୀ ବଙ୍ଗଳା ଦ୍ୱିଭାଷୀ ନାଟକ 'ସାତଘରିୟା' ମଞ୍ଚସ୍ଥ ହୋଇଛି। ବ୍ୟାସଦେବ ନନ୍ଦଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ନାଟ୍ୟ ନିର୍ଦ୍ଦେଶକ ସୁବୋଧ ପଟ୍ଟନାୟକ ଯୋଗଦେଇ ନାଟକ ସାମାଜିକ ଏକତାର ମାଧ୍ୟମ ବୋଲି କହିଥିଲେ। ସେହିପରି ମଠଖାଇ ମହୋତ୍ସବ କମିଟି ଅଧ୍ୟକ୍ଷ ନରସିଂହ ମିଶ୍ର କହିଥିଲେ, ନାଟକ ସମାଜରେ ସଂସ୍କାର ଆଣିଥାଏ। କୋଶଳ କଳା ମଣ୍ଡଳ ପଡିଆର ଉନ୍ନତି ଏବଂ ବଲାଙ୍ଗୀରରେ ନିର୍ମାଣାଧୀନ ଅଡିଟୋରିୟମ ଶୀଘ୍ର ସମ୍ପୂର୍ଣ୍ଣ କରାଯାଉ ବୋଲି ସେ କହିଥିଲେ। ରବିବାର ମଞ୍ଚକୁ ନାଟ୍ୟକାର ସ୍ୱର୍ଗତ ଉଗ୍ରସେନ ଷଡ଼ଙ୍ଗୀଙ୍କ ଉଦ୍ଦେଶ୍ୟରେ ସମର୍ପଣ କରାଯାଇଥିଲା। ଏହି ଅବସରରେ ପରିବେଶ ସୁରକ୍ଷା ଦିଗରେ କାର୍ଯ୍ୟ କରୁଥିବା 'ଶାଗୁଆ ବଲାଙ୍ଗୀର' ସଙ୍ଗଠନକୁ ମଠଖାଇ ସମ୍ମାନ ପ୍ରଦାନ କରାଯାଇଥିଲା। ସମ୍ପାଦକ ରଶ୍ମୀରଞ୍ଜନ ବକ୍ସି ଅତିଥି ପରିଚୟ ଓ ସୌମେନ୍ଦ୍ର ପରିଛା ଧନ୍ୟବାଦ ଦେଇଥିଲେ। ପ୍ରଥମ ଅର୍ଘ୍ୟ ଭାବେ ସନ୍ଧ୍ୟାରେ ସଙ୍ଗୀତ ଓ ନୃତ୍ୟ ଅନୁଷ୍ଠାନ 'ପଞ୍ଚମ'ର କଳାକାରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ରାଜେନ୍ଦ୍ର ମିଶ୍ର ମଞ୍ଚ ସମର୍ପଣ ପତ୍ର ଓ ଗୋପାଳ ଚନ୍ଦ୍ର ମିଶ୍ର ମଠଖାଇ ସମ୍ମାନ ପତ୍ର ପାଠ କରିଥିଲେ। ସଭା ପରେ ପଶ୍ଚିମବଙ୍ଗ ଶାନ୍ତିପୁର ରଙ୍ଗପୀଠ ଅନୁଷ୍ଠାନର ନାଟକ 'ସାତଘରିୟା' ମଞ୍ଚସ୍ଥ ହୋଇଥିଲା। ନାଟ୍ୟକାର ପ୍ରଫୁଲ୍ଲ ରାୟଙ୍କ ଲିଖିତ ଓ ବିଶ୍ୱଜିତ୍ ବିଶ୍ୱାସଙ୍କ ନିର୍ଦ୍ଦେଶିତ ଏହି ନାଟକ ଦର୍ଶକଙ୍କୁ ଭିନ୍ନ ସ୍ୱାଦର ଅନୁଭୂତି ଦେଇଥିଲା।



ନାଟକ 'ସାତଘରିୟା'ର ଏକ ଦୃଶ୍ୟ।

# କୁବେର ସମାଜର ସାମାଜିକ, ଅର୍ଥନୈତିକ ବିକାଶକୁ ଗୁରୁତ୍ୱ



କାର୍ଯ୍ୟକ୍ରମରେ ଅତିଥିଙ୍କ ସମେତ ଅନ୍ୟମାନେ।

**କୁବେର ସମାଜର ପଶ୍ଚିମାଞ୍ଚଳ ସ୍ତରୀୟ ମହାସଭା ଉଦ୍‌ଯାପିତ**

**ଖପ୍ରାଖୋଲ, ୨୮।୧୨ (ଅଭୟ ତ୍ରିପାଠୀ)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ୍ ଧଣ୍ଡାମୁଣ୍ଡା ପଞ୍ଚାୟତ ଶାନ୍ତିପୁରର ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ପଡିଆଠାରେ କୁବେର ସମାଜର ପଶ୍ଚିମାଞ୍ଚଳ (ଓଡ଼ିଶା ଓ ଛତିଶଗଡ଼) ସ୍ତରୀୟ ୨୨ତମ ଦୁଇଦିନିଆ ମହାସଭା ରବିବାର ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଯାଇଛି। କୁବେର ସମାଜର ଯୁବାମଞ୍ଚ ସଭାପତି ଲିଙ୍ଗରାଜ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସମାଜର ପଶ୍ଚିମାଞ୍ଚଳ (ଓଡ଼ିଶା ଓ ଛତିଶଗଡ଼) ସଭାପତି ଲକ୍ଷ୍ମଣ ସାହୁ, ସମ୍ମାନିତ ଅତିଥି ଭାବେ ଧଣ୍ଡାମୁଣ୍ଡା ସରପଞ୍ଚ ବୈଦ୍ୟନାଥ ମିଶ୍ର, ଖପ୍ରାଖୋଲ ବ୍ଲକ୍ ଅଧ୍ୟକ୍ଷାଙ୍କ ପ୍ରତିନିଧି ପବିତ୍ର ପଟେଲ, କୁବେର ସମାଜ ସମ୍ପାଦକ ରମେଶ ସାହୁ, ମାତୃମଞ୍ଚ ସଭାନେତ୍ରୀ ସସ୍ମିତା ସାହୁ, ଭାରତ ସାହୁ, ଅଚ୍ୟୁତାନନ୍ଦ ସାହୁ ପ୍ରମୁଖ ଯୋଗଦେଇଥିଲେ। ଏଥିରେ କୁବେର ସମାଜର ସାମାଜିକ, ଅର୍ଥନୈତିକ ଓ ସାଂସ୍କୃତିକ ବିକାଶ ଉପରେ ଗୁରୁତ୍ୱାରୋପ କରାଯାଇଥିଲା। କୁବେର ସମାଜର ପଶ୍ଚିମାଞ୍ଚଳ ସ୍ତରୀୟ ସଂଶୋଧିତ ନିୟମାବଳୀ-୨୦୨୫ ଉନ୍ମୋଚିତ ହୋଇଥିଲା। ଏହି ଅବସରରେ ମାତୃମଞ୍ଚ, ଯୁବା ମଞ୍ଚର ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବାବେଳେ ସଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଏଥିସହ ସମାଜର ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ବ୍ୟକ୍ତି, ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

### 'ଖାଉଟି ସୁରକ୍ଷା ପାଇଁ ସଚେତନତା ଜରୁରୀ'

**ବଲାଙ୍ଗୀର, ୨୮।୧୨ (ବୀରେନ୍ଦ୍ର କୁମାର ଝାଙ୍କର)**

ସ୍ଥାନୀୟ ବୈଧମାପ ବିଜ୍ଞାନ ବିଭାଗ ସହଯୋଗରେ ପତିତପାବନ ଏକାଡେମୀ ସଭାଗୃହଠାରେ ଜାତୀୟ ଖାଉଟି ଦିବସ ପାଳିତ ହୋଇଯାଇଛି। ଅଖିଳ ଭାରତୀୟ ଗ୍ରାହକ ପଞ୍ଚାୟତ ବଲାଙ୍ଗୀରର ସଭାପତି ଗୋପବନ୍ଧୁ ଶତପଥୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବଲାଙ୍ଗୀର ପୌରାଧ୍ୟକ୍ଷା ଲିକା ସାହୁ, ମୁଖ୍ୟବକ୍ତା ଭାବେ ଆଡଭୋକେଟ୍ ଜୟକୃଷ୍ଣ ସାହୁ ଯୋଗଦେଇଥିଲେ। ଜିଲା ଯୋଗାଣ ବିଭାଗ ନିରୀକ୍ଷକ ଜ୍ୟୋତି ପ୍ରକାଶ ଦାଶ, ଡେପୁଟି କଲେକ୍ଟର ପ୍ରଶାନ୍ତ କୁମାର ମହାପାତ୍ର, ଅବସରପ୍ରାପ୍ତ ପ୍ରାଧ୍ୟାପକ ପ୍ରେମଚାନ୍ଦ ମହାନ୍ତି, ରସରାଜ ଅଚ୍ୟୁତ ପୁରୋହିତ, ଗ୍ରାହକ ପଞ୍ଚାୟତ ପ୍ରାନ୍ତ ସଭାପତି ଇଂ. କିଶୋର ମୋହନ ମିଶ୍ର ଯୋଗଦେଇ ଗ୍ରାହକ ସଚେତନତା ଏବଂ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଉପରେ ଗୁରୁତ୍ୱାରୋପ କରିଥିଲେ। ସମ୍ପାଦକ ଅଶୋକ କୁମାର ମିଶ୍ର ସଭା ସଂଯୋଜନା କରିଥିଲେ। ଅଖିଳ ଭାରତୀୟ ଗ୍ରାହକ ପଞ୍ଚାୟତ ପୂର୍ବ ପଶ୍ଚିମ ପ୍ରାନ୍ତ ସଂଯୋଜକ ମାଣିକ ଲାଲ ବର୍ମା, ବୈଧମାପ ବିଭାଗର ବଲାଙ୍ଗୀର ନିରୀକ୍ଷକ ମିଳନ ସାହୁ, ଜିଲା ଉପସଭାପତି ମହେଶ୍ୱର ସାହୁ, କୋଷାଧ୍ୟକ୍ଷ ନବକିଶୋର ପଟେଲ, କାର୍ଯ୍ୟକାରୀ ସଦସ୍ୟା ସଞ୍ଜୁକ୍ତା ମିଶ୍ର, ମହିଳା ପ୍ରମୁଖ ନୀହାରିକା ମିଶ୍ରଙ୍କ ସମେତ ଅନ୍ୟମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥଲେ।

### ମା' ବଳସଘରେନ କ୍ରିକେଟ
## ଗାନ୍ଧିନଗର ଚାମ୍ପିୟନ

**ବୋଡ଼େନ, ୨୮।୧୨ (ଟିକେଶ୍ୱର ନାଗ):** ନୂଆପଡ଼ା ଜିଲା ବୋଡ଼େନ ବ୍ଲକର ଖଇରାଠାରେ ମା' ବଳସଘରେନ ସ୍ପୋର୍ଟ୍ସ କ୍ଲବ ଆନୁକୂଲ୍ୟରେ ଚାଲିଥିବା କ୍ରିକେଟ ପ୍ରତିଯୋଗିତାର ଫାଇନାଲ ମ୍ୟାଚ୍‌ରେ ଡ଼ମଝରକୁ ହରାଇ ଖରିଆର ଗାନ୍ଧୀ ନଗର ଚାମ୍ପିୟନ ହୋଇଛି। ଉଦ୍‌ଯାପନୀ ସଭାରେ ଜିଲା ବିଜେଡି ସଭାପତି ଅବନୀ କୁମାର ଯୋଷୀ ମୁଖ୍ୟ ଅତିଥି, ଭୁବନେଶ୍ୱର ରାଉତ ମୁଖ୍ୟବକ୍ତା ଓ ମଝିଆ ମାଝି, ପୁରାନ୍ଦର ମାଝି, ମୁରଲୀ ହଂସ, ନନ୍ଦଲାଲ ଦଣ୍ଡସେନା, ହରିହର ସାହୁ, ବୈଶାମ୍ପନ ଶବର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ପୁରସ୍କାର ବିତରଣ କରିଥିଲେ। ଅମ୍ପାୟାର ଭାବେ ଯୋଗେନ୍ଦ୍ର ମାଝି ଓ ଦେବସନ ଦଳ କାର୍ଯ୍ୟ ତୁଲାଇଥିବାବେଳେ ଜିତେନ ବେହେରା ଓ ପ୍ରଶାନ୍ତ ଦଳ ଧାରାବିବରଣୀ ପ୍ରଦାନ କରିଥିଲେ।

# ଅର୍ଦ୍ଧନିର୍ମିତ ଘରେ ଦୟନୀୟ ଜୀବନ କାଟୁଛନ୍ତି ବୃଦ୍ଧ ଦମ୍ପତି

**■ ପର କରିଦେଲେ ପୁଅ**

**■ ଦାଦନ ଖଟିବାକୁ ଯାଇଛନ୍ତି ଝିଅ, ଜ୍ୱାଇଁ**

**ଲୋଇସିଂହା, ୨୮।୧୨ (ସୁଶାନ୍ତ ବାରିକ)**

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ୍ ହୀରାପୁର ପଞ୍ଚାୟତ ଅଧୀନ ପନେସରା ଗ୍ରାମର ବୃଦ୍ଧ ଦମ୍ପତି ବିଜୁଳି ନାଏକ(୬୫), ସ୍ୱାମୀ ସୁରଭି ନାଏକ(୭୦) ବେସାହାରା ହୋଇ ଅଧାଗଢ଼ା ଘରେ ଦୟନୀୟ ଭାବେ ଜୀବନ ବିତାଉଛନ୍ତି। ଏବେ ପ୍ରବଳ ଶୀତ ସାଙ୍ଗକୁ କାକର ପଡୁଥିବାବେଳେ ଭାଗ୍ୟକୁ ଆଦରି ସେମାନେ ଉକ୍ତ ଘରେ ରହିଛନ୍ତି। ତୁରନ୍ତ ସେମାନଙ୍କୁ ଘର ଯୋଗାଇ ଦେବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି।

ସୂଚନା ଅନୁଯାୟୀ, ବୃଦ୍ଧାବସ୍ଥାରେ ଏହି ଦମ୍ପତିଙ୍କର ସାହାରା ହେବା କଥା ତାଙ୍କର ଏକମାତ୍ର ପୁଅ। ହେଲେ ସେ ତାଙ୍କ ମା', ବାପାଙ୍କୁ ଅଣଦେଖା କରି ପରିବାର ସହ ଶ୍ୱଶୁରଘର ଗ୍ରାମରେ ରହୁଛନ୍ତି। ଅନ୍ୟର ଆଶ୍ରୟରେ ଆଶ୍ରିତ ଏହି ବୃଦ୍ଧ ମା', ବାପା ପନେସରା ଗାଁ ମୁଣ୍ଡରେ ଥିବା ଅର୍ଦ୍ଧନିର୍ମିତ ଘରେ ଜୀବନ ଅତିବାହିତ କରୁଛନ୍ତି। ଉକ୍ତ ଘରର କବାଟ ନ ଥିବାବେଳେ ମୁଣ୍ଡ ଉପରେ ଛାତ ନାହିଁ। ଘର ବାରଣ୍ଡାରେ ପଲିଥିନ ଢାଙ୍କି ଶୀତ, କାକରରେ ଦିନ କାଟୁଛନ୍ତି। ଏହି ଦମ୍ପତିଙ୍କର ଗୋଟିଏ ପୁଅ ଓ ଗୋଟିଏ ଝିଅ ଅଛନ୍ତି। ଝିଅ, ପୁଅଙ୍କ ବିବାହ ସରିଯାଇଛି। ପୁଅ ବିବାହ କରିବା ପରେ ପରିବାର ସହ ଗୋଟିଏ ଦଶନ୍ଧି ହେଲା ଶ୍ୱଶୁର ଘର ଗୌରେନମୁଣ୍ଡାରେ ରହି ଆସୁଛନ୍ତି। ଏହାପରେ ବୃଦ୍ଧ ଦମ୍ପତି ଲୋଇସିଂହା ଥାନା ଅନ୍ତର୍ଗତ ବଘାପାଲି ଗ୍ରାମର ଝିଅ ଘରେ ୫ ବର୍ଷ ଧରି ରହିଆସୁଥିଲେ। କିନ୍ତୁ ଦାରିଦ୍ର୍ୟ କାରଣରୁ ଝିଅ, ଜ୍ୱାଇଁ ତାଙ୍କ ସନ୍ତାନକୁ ଗ୍ରାମରେ ଛାଡି ଦାଦନ ଖଟିବା ପାଇଁ ତାମିଲନାଡୁ ଚାଲିଯାଇଥିଲେ। ପରେ ଏହି ଦମ୍ପତି ପନେସରା ଗ୍ରାମକୁ ଚାଲିଆସିଥିଲେ। ଘରେ କେହି ନ ଥିବାରୁ ପୁଅ ମା', ବାପାଙ୍କୁ ନିଜ ପାଖକୁ ନେଇଥିଲେ। ହେଲେ ସେଠାରେ କିଛିମାସ ରଖିଲା ପରେ ପ୍ରାୟ ୭ ମାସ ହେବ ସେମାନଙ୍କୁ ପନେସରା ଗ୍ରାମକୁ ଆଣି ଛାଡି ଚାଲିଯାଇଥିବା ଗ୍ରାମବାସୀ କହିଛନ୍ତି। ହୀରାପୁର ପଞ୍ଚାୟତ ପକ୍ଷରୁ ଏହି ଦମ୍ପତିଙ୍କୁ ବାର୍ଦ୍ଧକ୍ୟ ଭତ୍ତା ବାବଦକୁ ୧ ହଜାର ଟଙ୍କା ଲେଖାଏ ଓ ଅନ୍ତ୍ୟୋଦୟ ଯୋଜନାରେ ୩୫ କେଜି ଚାଉଳ ମିଳୁଛି। ହେଲେ ବାର୍ଦ୍ଧକ୍ୟ ଯୋଗୁ ନିଜେ ରୋଷେଇ କରି ଖାଇବା ସେମାନଙ୍କ ପକ୍ଷରେ କଷ୍ଟକର ବ୍ୟାପାର ହୋଇପଡିଛି। ଗ୍ରାମକୁ ଆସିଲା ପରେ କିଛିଦିନ ରୋଷେଇ କରି ଖାଇ ନ ପାରି ଉପବାସରେ ଏହି ଦମ୍ପତି ଦିନ କାଟିଥିଲେ। ସେବେଠାରୁ ତାଙ୍କ ସମ୍ପର୍କୀୟ ପୁଅ ଚନ୍ଦ୍ରଭାନୁଙ୍କ ପରିବାର ଦିନକୁ ଦୁଇବେଳା ଖାଦ୍ୟପେୟ ଦେଉଥିବା ଗ୍ରାମବାସୀ କହିଛନ୍ତି। ସ୍ଥାନୀୟ ସରପଞ୍ଚ ରମାକାନ୍ତ ବିଶ୍ୱାଳ ସେମାନଙ୍କ ଅସହାୟତା ଦେଖି ବୃଦ୍ଧାଶ୍ରମରେ ରହିବା ପାଇଁ କହିଥିଲେ। କିନ୍ତୁ ଜନ୍ମକଲା ପୁଅ ହତାଦର କଲା, ଖାଇବାକୁ ମିଳୁ କିମ୍ବା ନ ମିଳୁ ଏଠାରେ ମରି ମାଟିରେ ମିଶିବୁ ପଛେ କୌଣସି ବୃଦ୍ଧାଶ୍ରମକୁ ଯିବୁ ନାହିଁ ବୋଲି ରୋକ୍‌ଠୋକ୍ ଭାବେ ସରପଞ୍ଚଙ୍କୁ ଶୁଣାଇଥିବା ଏହି ବୃଦ୍ଧ ଦମ୍ପତି କହିଥିଲେ। ଅପରପକ୍ଷେ ଉକ୍ତ ଦମ୍ପତିଙ୍କୁ ପ୍ରଶାସନ ପକ୍ଷରୁ ମୁଣ୍ଡ ଗୁଞ୍ଜିବା ପାଇଁ ଘର ଯୋଗାଇ ଦେବାକୁ ଗ୍ରାମର କବିତା ନାଏକ, ସରିତା ନାଏକ, ରୁକ୍ମିଣୀ ପଧାନ, ଅନ୍ତର୍ଯ୍ୟାମୀ ବିଶ୍ୱାଳଙ୍କ ସମେତ ଗ୍ରାମବାସୀ ପ୍ରକାଶ କରିଛନ୍ତି। ଏସମ୍ପର୍କରେ ସରପଞ୍ଚ ବିଶ୍ୱାଳ କହିଛନ୍ତି, ବୃଦ୍ଧ ଦମ୍ପତିଙ୍କ ଅସୁବିଧା ସମ୍ପର୍କରେ ବ୍ଲକ୍ ପ୍ରଶାସନର ଦୃଷ୍ଟି ଆକର୍ଷଣ କରାଯାଇଛି। ଏଥର ଆଲର୍ଟରେ ଘର ବ୍ୟବସ୍ଥା ପାଇଁ ବିଡିଓ ପ୍ରତିଶ୍ରୁତି ଦେଇଥିବା ସରପଞ୍ଚ କହିଛନ୍ତି।



ଅସହାୟ ବୃଦ୍ଧ ଦମ୍ପତି।

### ଜାତୀୟ ସାରସ୍ୱତ ସମାବେଶ

**କଣ୍ଟାବାଞ୍ଜି, ୨୮।୧୨ (ଗୁରୁ ଦୟାଲ ହଂସ)**

ବଲାଙ୍ଗୀର ଜିଲା କଣ୍ଟାବାଞ୍ଜିସ୍ଥିତ ଜିଆର୍ ପ୍ୟାଲେସ୍‌ରେ ନିର୍ଝରିଣୀ ସାହିତ୍ୟ ସଂସଦ ଦ୍ୱାରା ସାରସ୍ୱତ ସମାବେଶ ରବିବାର ଅନୁଷ୍ଠିତ ହୋଇଯାଇଛି। ସଂସଦ ସଭାପତି ରାମଚନ୍ଦ୍ର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମାବେଶରେ ସ୍ଥାନୀୟ ବିଧାୟକ ଲକ୍ଷ୍ମଣ ବାଗ୍ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଏଥିରେ ରାଜ୍ୟର ବିଭିନ୍ନ ଅଞ୍ଚଳରୁ ଶତାଧିକ କବି ଓ ଲେଖକ ଯୋଗଦେଇଥିଲେ। ଏହି ଅବସରରେ ଅନେକ କବି ଓ ଲେଖକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସଂସଦର ସମ୍ପାଦକ ବିରଞ୍ଚି ନାରାୟଣ ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ସମାବେଶରେ ଜଣେ କବିଙ୍କୁ ବିଧାୟକ ସମ୍ବର୍ଦ୍ଧିତ କରୁଛନ୍ତି।

### ଜିଲା କଂଗ୍ରେସ କମିଟି ପକ୍ଷରୁ ରକ୍ତଦାନ ଶିବିର

**ବଲାଙ୍ଗୀର, ୨୮।୧୨ (ବୀରେନ୍ଦ୍ର କୁମାର ଝାଙ୍କର)**

ଭାରତୀୟ ଜାତୀୟ କଂଗ୍ରେସର ୧୪୦ ତମ ପ୍ରତିଷ୍ଠା ଦିବସ ଅବସରରେ ଜିଲା କଂଗ୍ରେସ କମିଟି ପକ୍ଷରୁ ରବିବାର ସ୍ଥାନୀୟ ଜିଲା ମୁଖ୍ୟ ଚିକିତ୍ସାଳୟ ପରିସରସ୍ଥ ରକ୍ତଭଣ୍ଡାରଠାରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବରିଷ୍ଠ କଂଗ୍ରେସ ନେତା ତଥା କଣ୍ଟାବାଞ୍ଜିର ପୂର୍ବତନ ବିଧାୟକ ସନ୍ତୋଷ ସିଂ ସାଲୁଜା, ଜିଲା କଂଗ୍ରେସ କମିଟି ସଭାପତି ଅନୀଲ ମେହେର, କଂଗ୍ରେସ ମିଡିଆ ପ୍ରମୁଖ ଅରବିନ୍ଦ ଦାସ ଓ ଅନ୍ୟମାନେ ଉପସ୍ଥିତ ଥିଲେ। ପୂର୍ବତନ ବିଧାୟକ ସାଲୁଜା କହିଥିଲେ, ଭାରତୀୟ ଜାତୀୟ କଂଗ୍ରେସର ପ୍ରତିଷ୍ଠା ଦିବସ ଅବସରରେ କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ ନେତୃତ୍ୱ ଏବଂ ଆଦର୍ଶରେ ଅନୁପ୍ରାଣିତ ହୋଇ ଯୁବକମାନେ ରକ୍ତଦାନ କରୁଛନ୍ତି। ଆଜିର ଦିନରେ ରକ୍ତଦାନ କରି ଲୋକଙ୍କୁ ସେବା ଯୋଗାଇବା ପାଇଁ ଯୁବତୀ, ଯୁବକମାନେ ଆଗେଇ ଆସନ୍ତୁ।



ଶିବିରରେ ପୂର୍ବତନ ବିଧାୟକ ସନ୍ତୋଷ ସିଂ ସାଲୁଜା ଓ ଅନ୍ୟମାନେ।

OFFICE OF THE PRINCIPAL CUM SECRETARY
**PANCHAYAT SAMITI DEGREE COLLEGE, TUREKELA**
**AFFILIATED TO RAJENDRA UNIVERSITY**
AT/PO-TUREKELA, DIST-BALANGIR (ODISHA) PIN-767060
Email Id-psdegreecollege2018@gmail.com, Contact-9827157275
No: 356/PSDCT Dated: 23.12.2025

**ADVERTISEMENT FOR WALK-IN INTERVIEW**

Applications are invited from the eligible candidate for the following post to be engaged on Contractual basis at **Panchayat Samiti Degree College, Turekela, Dist-Balangir**. Interested candidates having requisite qualification should report at the Office of the undersigned with their CV with original and Xerox copies of all Educational Certificate and Mark sheet from H.S.C onwards and two passport size photograph duly self attested by them and attain interview at 10:00 am on **Dt: 11.01.2026 (Sunday)** in the College Premises.

**Requirement Post and Qualification:**
1. **Lecturer in History** (2nd Post), M.A. in History with Aggregate 55% Mark. (M.Phil or Ph.D) Candidates are more preferable.
2. **Physical Education Teacher** (P.E.T) M.Ped or B.Ped with Aggregate 55% Mark.
3. **Data Entry Operator** (D.E.O), Graduation in any Stream with Computer Proficiency like PGDCA from any recognized University or Institution/ AICTE/ NIELIT/ OS-CIT.

**N.B**
*No TA/ DA will be paid for attending the said interview.
*The engagement will be purely temporary and may be terminated at any time without assigning any reason thereof.
*The Governing Body reserves the right of appointment.
*Candidate must have attained the age of 21 and must not be above to 42.
*Candidate must obtain their Degree from a Recognized University on Regular mode.
*Preference will be given to candidate having Higher Qualification.

Sd./-Principal - Cum- Secretary
P.S. Degree College, Turekela

ଭା.କ.ନି. CCI
**ଭାରତୀୟ କପା ନିଗମ ଲିମିଟେଡ୍**
ଶାଖା କାର୍ଯ୍ୟାଳୟ: ରାୟଗଡା
ପ୍ଲଟ ନଂ-୧୩୮/୨୦୩୦/୨୫/୮ ପ୍ରଥମ ମହଲା
ସ୍ୱାମୀ ବିବେକାନନ୍ଦ ବିଦ୍ୟା ମନ୍ଦିର ନିକଟ, ରିଙ୍ଗ୍ ରୋଡ୍, ରାୟଗଡ଼ା -୭୬୫୦୦୧ (ଓଡିଶା)
ସଂଖ୍ୟା: ଭାକନି / ରାୟଗଡ଼ା / ୨୦୨୫-୨୬ ତାରିଖ: ୨୮.୧୨.୨୦୨୫

**କପା ଚାଷୀଙ୍କୁ ନିବେଦନ**

ସିସିଆଇ ନଜରକୁ ଏହା ଆସିଛି ଯେ, କେତେକ ଚାଷୀ କପାସ୍ କିଷାନ ମୋବାଇଲ୍ ଆପ୍ ସ୍ଲଟ୍‌ରେ ବୁକ୍ କରିଥିବା ପରିମାଣରୁ ବହୁ ଅଧିକ ପରିମାଣର ଉତ୍ପାଦ ଆଣୁଛନ୍ତି, ଯାହାଫଳରେ କାରଖାନାଗୁଡ଼ିକରେ ଗହଳି ଓ ଆଇନଶୃଙ୍ଖଳା ସମସ୍ୟା ସୃଷ୍ଟି ହେଉଛି।

ସିସିଆଇ ଏତଦ୍ୱାରା ସମସ୍ତ କପା ଚାଷୀଙ୍କୁ ନିବେଦନ କରୁଅଛି ଯେ, ଆପଣମାନେ ଯତ୍ନପୂର୍ବକ ପରିମାଣ ବୁକ୍ କରନ୍ତୁ ଏବଂ ୨-୩ କୁଇଣ୍ଟାଲର ସହନୀୟ ଓଜନରୁ ଅଧିକ ପରିମାଣର ଅତିରିକ୍ତ ଉତ୍ପାଦ ଆଣନ୍ତୁ ନାହିଁ। ଯେଉଁ ଚାଷୀମାନେ ବୁକ୍ କରିଥିବା ପରିମାଣରୁ ସହନୀୟ ସୀମାରୁ ଅଧିକ ପରିମାଣର ଉତ୍ପାଦ ଆଣିବେ ସେମାନଙ୍କ ଉତ୍ପାଦକୁ ଗ୍ରହଣ କରାଯିବ ନାହିଁ।

ତେଣୁକରି, ସିସିଆଇ ସମସ୍ତ କପା ଚାଷୀମାନଙ୍କୁ ନିବେଦନ କରୁଅଛି କି, ସ୍ଲଟ୍‌ରେ ଯତ୍ନପୂର୍ବକ ପରିମାଣ ବୁକ୍ କରନ୍ତୁ। ଏହାଦ୍ୱାରା କପାରେ ସୁରୁଖୁରୁ, ପାରଦର୍ଶୀ ଏବଂ ଚାଷୀ ଅନୁକୂଳ ଏମ୍ଏସ୍‌ପି କାର୍ଯ୍ୟ ପରିଚାଳନାରେ ସହାୟତା ମିଳିବ।

ସ୍ୱା./- ଶାଖା ମୁଖ୍ୟ

ଭା.କ.ନି. CCI
**ଭାରତୀୟ କପା ନିଗମ ଲିମିଟେଡ୍**
ମୋବାଇଲ ଆପ
ଶାଖା କାର୍ଯ୍ୟାଳୟ: ରାୟଗଡା
ପ୍ଲଟ ନଂ-୧୩୮/୨୦୩୦/୨୫/୮ ପ୍ରଥମ ମହଲା
ସ୍ୱାମୀ ବିବେକାନନ୍ଦ ବିଦ୍ୟା ମନ୍ଦିର ନିକଟ, ରିଙ୍ଗ୍ ରୋଡ୍, ରାୟଗଡ଼ା -୭୬୫୦୦୧ (ଓଡିଶା)
ସଂଖ୍ୟା: ଭାକନି / ରାୟଗଡ଼ା / ୨୦୨୫-୨୬ ତାରିଖ: ୨୮.୧୨.୨୦୨୫

**କପା ଚାଷୀଙ୍କୁ ଆହ୍ୱାନ**

ଚଳିତ କପା ବିପଣନ ଋତୁ ୨୦୨୫-୨୬ ରେ, ଭାରତୀୟ କପା ନିଗମ (CCI) କପାଚାଷୀଙ୍କ ପାଇଁ "କପାସ କିଷାନ" ମୋବାଇଲ୍ ଆପ୍ ଲଞ୍ଚ କରିଛି, ଯାହା ମାଧ୍ୟମରେ ଚାଷୀମାନେ ସ୍ୱୟଂ-ପଞ୍ଜିକରଣ କରି ପାରିବେ ଏବଂ ସର୍ବନିମ୍ନ ସହାୟକ ମୂଲ୍ୟ (MSP)ରେ CCI କ୍ରୟ କେନ୍ଦ୍ରରେ ସେମାନଙ୍କର କପା ବିକ୍ରୟ କରିପାରିବେ। ସମ୍ପୃକ୍ତ ରାଜ୍ୟ ଦ୍ୱାରା ସ୍ୱୟଂ-ପଞ୍ଜିକରଣ ଅନୁମୋଦନ ହେବା ପରେ ପଞ୍ଜିକରଣ ସମ୍ପୂର୍ଣ୍ଣ ବୋଲି ବିବେଚନା କରାଯିବ, ଯାହା ପରେ ଚାଷୀମାନେ ମୋବାଇଲ୍ ଆପରେ ଉପଲବ୍ଧ ନିକଟତମ କ୍ରୟ କେନ୍ଦ୍ର / ଅଧିସୂଚିତ କାରଖାନାରେ ସେମାନଙ୍କର କପା ବିକ୍ରୟ କରିବା ପାଇଁ ଏକ ସ୍ଲଟ୍ ବୁକ୍ କରିପାରିବେ।

**ରାଜ୍ୟଗୁଡ଼ିକର ଅନୁରୋଧ ଏବଂ କୃଷକମାନଙ୍କ ସୁବିଧାକୁ ଦୃଷ୍ଟିରେ ରଖି, ପଞ୍ଜୀକରଣର ଶେଷ ତାରିଖ ୩୧ ଅକ୍ଟୋବର ୨୦୨୫ ରୁ ୩୧ ଡିସେମ୍ବର ୨୦୨୫ କୁ ବୃଦ୍ଧି କରାଯାଇଛି।**

**ଚାଷୀମାନଙ୍କର ସ୍ୱୟଂ ପଞ୍ଜିକରଣ ତାରିଖ ଶୀଘ୍ର ପାଖେଇ ଆସୁଛି ଏବଂ ତେଣୁ, ସମସ୍ତ ବାକି ଚାଷୀମାନଙ୍କୁ ଶେଷ ମୁହୂର୍ତ୍ତକୁ ଅପେକ୍ଷା ନକରି ପଞ୍ଜିକରଣ ସମାପ୍ତ କରିବାକୁ ଅନୁରୋଧ କରାଯାଉଛି।**

ତେଣୁ, ସମସ୍ତ କପା ଚାଷୀଙ୍କୁ ଅନୁରୋଧ କରାଯାଉଛି ଯେ ସେମାନେ ନିର୍ଦ୍ଧାରିତ ସମୟ ମଧ୍ୟରେ କପାସ କିଶାନ ମୋବାଇଲ୍ ଆପ୍ ଡାଉନଲୋଡ୍ କରନ୍ତୁ ଏବଂ ସେମାନଙ୍କର ପଞ୍ଜୀକରଣ ସମାପ୍ତ କରନ୍ତୁ ଯାହା ଦ୍ୱାରା ସେମାନେ MSP ଯୋଜନାର ଲାଭ ପାଇପାରିବେ।

ଗୁଣବତ୍ତା ମାନଦଣ୍ଡ ଅନୁଯାୟୀ ଯଦି କପାରେ ଆର୍ଦ୍ରତା ୮% ଅତିକ୍ରମ ନକରେ, ତେବେ ଚାଷୀମାନଙ୍କୁ ସମ୍ପୂର୍ଣ୍ଣ ସର୍ବନିମ୍ନ ସହାୟକ ମୂଲ୍ୟ (MSP) ପ୍ରଦାନ କରାଯିବ। କିନ୍ତୁ, ଯଦି ଆର୍ଦ୍ରତା ୮% ଅତିକ୍ରମ କରି ୧୨% ପର୍ଯ୍ୟନ୍ତ ପହଞ୍ଚିଯାଏ, ତେବେ ୮% ରୁ ଅଧିକ ଆର୍ଦ୍ରତା ଅନୁପାତରେ ହ୍ରାସ କରି MSP ପ୍ରଦାନ କରାଯିବ।

ତେଣୁ, ନିଗମ ସମସ୍ତ କପା ଚାଷୀଙ୍କୁ ଅତ୍ୟଧିକ ଆର୍ଦ୍ରତା ଯୋଗୁଁ କୌଣସି କଟନିତୀକୁ ଏଡାଇବା ପାଇଁ କେବଳ ଶୁଖିବା ପରେ ସେମାନଙ୍କର କପା କେନ୍ଦ୍ରକୁ ଆଣିବାକୁ ଅନୁରୋଧ କରୁଛି। ତଥାପି, କୌଣସି ପରିସ୍ଥିତିରେ କପାରେ ଆର୍ଦ୍ରତା ୧୨% ଅତିକ୍ରମ କରିବା ଉଚିତ୍ ନୁହେଁ।

ଯଦି କୌଣସି ପ୍ରକାରର ସହାୟତା ଆବଶ୍ୟକ ହୁଏ, ତେବେ ଚାଷୀମାନେ ନିଗମର ରାୟଗଡ଼ା ଶାଖା କାର୍ଯ୍ୟାଳୟ ସହିତ ହ୍ୱାଟସଆପ୍ ହେଲ୍ପଲାଇନ୍ ନମ୍ବର ୬୩୭୦୦୧୧୯୨୦ରେ ଯୋଗାଯୋଗ କରିପାରିବେ।

ସ୍ୱା/-ଶାଖା ପ୍ରମୁଖ

## ସଂକ୍ଷେପରେ

### କଂଗ୍ରେସର ପ୍ରତିଷ୍ଠା ଦିବସ ପାଳିତ

ଡୁଙ୍ଗୁରିପାଲି, ୨୮।୧୨(ଦୀନବନ୍ଧୁ ସୁନା)

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ଆରଏମ୍‌ସି ପରିସରରେ ରବିବାର ବ୍ଲକ କଂଗ୍ରେସ ସଭାପତି ତଥା ସରପଞ୍ଚ ଚିତ୍ତରଞ୍ଜନ ମିଶ୍ରଙ୍କ ନେତୃତ୍ୱରେ ଜାତୀୟ କଂଗ୍ରେସର ୧୪୮ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଛି। ବ୍ଲକ କଂଗ୍ରେସ ସଭାପତି ମିଶ୍ର ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଜାତୀୟ କଂଗ୍ରେସ ପ୍ରତିଷ୍ଠା ଦିବସରୁ ଆରମ୍ଭ କରି ଉମେଶ ଚନ୍ଦ୍ର ବାନାର୍ଜୀ ଓ ବର୍ତ୍ତମାନର ସଭାପତି ମଲ୍ଲିକାର୍ଜୁନ ଖଡ଼ଗେଙ୍କ କାର୍ଯ୍ୟକ୍ରମ ସମ୍ବନ୍ଧରେ ଆଲୋଚନା କରିଥିଲେ। ଦେଶର ସ୍ୱାଧୀନତା ପ୍ରାପ୍ତି ହେବାରେ କଂଗ୍ରେସ ପାର୍ଟି ଭୂମିକା ବିଷୟରେ କଂଗ୍ରେସ କର୍ମୀମାନେ ମତ ରଖିଥିଲେ। ପ୍ରତିଷ୍ଠା ଦିବସରେ ବରିଷ୍ଠ କର୍ମୀ ରାଜିନ୍ଦ୍ର ନାଗ ଓ ଅନ୍ୟମାନେ ଯୋଗ ଦେଇଥିଲେ।

### ଏନ୍‌ଏସି ଅଫିସରେ ରାତ୍ର ଜଗୁଆଳିଙ୍କ ମୃତ୍ୟୁ

ବିନିକା, ୨୮।୧୨(ରାମ ଗୋପାଳ ବାଘ)

ସୁବର୍ଣ୍ଣପୁର ଜିଲା ବିନିକା ଏନଏସି ଅଫିସରେ ରବିବାର ରାତ୍ର ଜଗୁଆଳ ଜଗନ୍ନାଥ ବାଘ



(୫୯)ଙ୍କର ମୃତ୍ୟୁ ଘଟିଛି। ଭିତର ପଟୁ ତାଲା ଦେଇ ସେ ଅଫିସ ଗୃହରେ ଜଗି ରହିଥିଲେ। ପ୍ରତିଦିନ ସକାଳ ୬ଟାରେ ଅଫିସ ଖୋଲି ସଫାସୁତୁରା କରନ୍ତି। ପରେ ପାଖରେ ଥିବ ଘରକୁ ଯାଇ ପୂର୍ବାହ୍ନ ୧୦ଟାରେ ପୁଣି ଅଫିସ ଆସିଥାନ୍ତି। ହେଲେ ରବିବାର ସେ ଘରକୁ ନ ଆସିବାରୁ ଜଗନ୍ନାଥଙ୍କ ସାନଭାଇ ଆର୍ତ୍ତ ବାଘ ଅଫିସକୁ ଆସି ଡାକିଥିଲେ। ହେଲେ ନ ଶୁଣିବାରୁ ଏ ନେଇ ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ମାନସ ରଞ୍ଜନ ଭୋଇ, ନଗରପାଳ ସୁବାଷ ଚନ୍ଦ୍ର ଭୁଏଙ୍କୁ ଜଣାଇଥିଲେ। ଖବରପାଇ ପୋଲିସ ପହଞ୍ଚି ଜଗନ୍ନାଥଙ୍କୁ ବିନିକା ହସ୍ପିଟାଲ ନେଇଥିଲା। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପରେ ମୃତଦେହ ବ୍ୟବଚ୍ଛେଦ କରାଯାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା। ମୃତ୍ୟୁର ପକୃତ କାରଣ ବ୍ୟବଚ୍ଛେଦ ରିପୋର୍ଟ ଆସିଲା ପରେ ଜଣାପଡିବ ବୋଲି ପୋଲିସ କହିଛି।

### ଆଧ୍ୟାତ୍ମିକବାଦୀ ଦୁଃଖୁ ପାଢ଼ୀଙ୍କ ପରଲୋକ

ବୀରମହାରାଜପୁର, ୨୮।୧୨(ଯୁଗଳ କିଶୋର ମିଶ୍ର)

ସୁବର୍ଣ୍ଣପୁର ଜିଲଶ ବୀରମହାରାଜପୁର ବ୍ଲକ ବାଗବର ପଞ୍ଚାୟତ ଦେଉଳମୁଣ୍ଡା ଗ୍ରାମର



ବିଶିଷ୍ଟ ରୋଷେୟା ତଥା ଆଧ୍ୟାତ୍ମିକବାଦୀ ପୁରୁଷ ଦୁଃଖୁ ପାଢ଼ୀଙ୍କ ୮୯ବର୍ଷ ବୟସରେ ରବିବାର ପରଲୋକ ଘଟିଛି। ମୃତ୍ୟୁଶଯ୍ୟା ନିକଟରେ ଶାଳକ ଗୋବର୍ଦ୍ଧନ ଚାନ୍ଦ, ଆଲ୍ହାଦିନୀ ଚାନ୍ଦ ଓ ଜ୍ଞାତି ପରିଜନ ଉପସ୍ଥିତ ଥିଲେ। ଅନ୍ତିମ ସତ୍କାର ଦେଉଳି ମହାନଦୀ ସ୍ୱର୍ଗଦ୍ୱାରରେ ଅନୁଷ୍ଠିତ ହୋଇଥିଲା। ପାଳିତ ପୁତ୍ର ପଦ୍ମଲୋଚନ ପାଢୀ ମୁଖାଗ୍ନି ଦେଇଥିଲେ। ସତ୍କାର ସମୟରେ ବରିଷ୍ଠ ନାଗରିକ ସନ୍ତୋଷ ଚାନ୍ଦ, ସତ୍ୟ ନାରାୟଣ ଚାନ୍ଦ, ସୁଜିତ ଚାନ୍ଦ, ସୂର୍ଯ୍ୟ କୁମାର ଚାନ୍ଦ, ଧିରେନ୍ଦ୍ର ବାଘ, ଗଙ୍ଗା ନାଏକ ପ୍ରମୁଖ ଥିଲେ। ତାଙ୍କ ପରଲୋକରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

### ଚକ୍ଷୁ ପରୀକ୍ଷଣ ଶିବିର

ବିନିକା, ୨୮।୧୨(ରାମ ଗୋପାଳ ବାଘ)

ସୁବର୍ଣ୍ଣପୁର ଜିଲା ବିନିକା ନୂଆବଜାରସ୍ଥିତ ରାଜ୍ୟସ୍ତରୀୟ ଅଭିଜିତ ସ୍ମୃତି କମିଟି ଓ ସମ୍ବଲପୁର ତ୍ରିଲୋଚନ ନେତ୍ରାଳୟ ପକ୍ଷରୁ ମାଗଣା ଚକ୍ଷୁ ପରୀକ୍ଷା ଶିବିର ରବିବାର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ୮୩ ଜଣଙ୍କ ଚକ୍ଷୁ ପରୀକ୍ଷା ଓ ପରାମର୍ଶ ଶିବରରେ ୬୦ ଜଣଙ୍କୁ ମାଗଣା ଚଷମା ପ୍ରଦାନ କରାଯାଥିଲା। ଅଧିକ ଚିକିତ୍ସା ଓ ଆଖି ଅପରେଶନ ପାଇଁ ୧୩ ଜଣଙ୍କୁ ମୁଖ୍ୟ ଚିକିତ୍ସାଳୟ ସମ୍ବଲପୁରକୁ ରେଫର କରାଯାଇଛି। ଏହି ଅବସରରେ କମିଟି ପରାମର୍ଶଦାତା ବୃନ୍ଦାବନ ମିଶ୍ର ବିନିକା କୋର୍ଟ ପାଇଁ ସରକାରୀ ଓକିଲ ଭାବେ ଯୋଗଦାନ କରିଥିବାରୁ ସ୍ମୃତି କମିଟି କାର୍ଯ୍ୟାଳୟରେ ତାଙ୍କୁ ସମ୍ମାନୀତତ କରାଯାଇଥିଲା। ସଭାପତି ଅର୍ଚ୍ଚନା ପୂଜାହାରୀ, ସମ୍ପାଦକ ପ୍ରିୟରଞ୍ଜନ ହୋତା, କମିଟି ଉପଦେଷ୍ଟା ସୂର୍ଯ୍ୟନାରାୟଣ ସାହୁ, ଅଶୋକ ପାଣ୍ଡେ, ସୋମିତ୍ରୀ ପତି, ନିଳମଣୀ ସାହୁ, କୈଳାସ ଗଣ୍ଡ, ଦିଲ୍ଲିପ ସାହୁ, ମୁକେଶ ବରର୍ଗ୍ତି, ସାହିତ୍ୟ ସଂସଦ ସଭାପତି ଗୀତାଞ୍ଜଳି ପୂଜାହାରୀଙ୍କ ସମେତ ଅଞ୍ଚଳର ମାନ୍ୟଗଣ୍ୟ ବ୍ୟକ୍ତି ସହଯୋଗ କରିଥିଲେ।



ରବିବାର ବୀରମହାରାଜପୁର ବ୍ଲକ ସଭାଗୃହଠାରେ ଲୋକ ମହୋତ୍ସବ ପାଇଁ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ଜନ ପ୍ରତିନିଧି, ଅଧିକାରୀ ଓ ମାନ୍ୟଗଣ୍ୟ ବ୍ୟକ୍ତି।

# ଅଧିକ ଆକର୍ଷଣୀୟ କରିବାକୁ ଗୁରୁତ୍ୱ

**ଲୋକ ମହୋତ୍ସବ ମାଲେଶ୍ରୀ ପାଇଁ ପ୍ରସ୍ତୁତି ବୈଠକ**

**ମାର୍ଚ୍ଚ ଦ୍ୱିତୀୟ ସପ୍ତାହରେ ଦୁଲୁକିବ ମଞ୍ଚ**

ବୀରମହାରାଜପୁର, ୨୮।୧୨(ଯୁଗଳ କିଶୋର ମିଶ୍ର)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ସଭାଗୃହଠାରେ ରବିବାର ସନ୍ଧ୍ୟା ୭ଟାରେ ବୀରମହାରାଜପୁର ଲୋକ ମହୋତ୍ସବ ମାଲେଶ୍ରୀ ପାଇଁ ପ୍ରଥମ ପ୍ରସ୍ତୁତି ବୈଠକ ବ୍ଲକ ଉପାଧ୍ୟକ୍ଷ ନାରାୟଣ ଲୁହାଙ୍କ ଆବାହକତ୍ୱରେ ଅନୁଷ୍ଠିତ ହୋଇଯାଇଛି। ବୀରମହାରାଜପୁର ବିଧାୟକ ରଘୁନାଥ ଜଗଦଲା ମୁଖ୍ୟ ଅତିଥିଭାବେ ଯୋଗଦେଇ ଲୋକ ମହୋତ୍ସବକୁ ଆହୁରି ଆକର୍ଷଣୀୟ କରିବା ପାଇଁ ମତ ରଖିଥିଲେ। ଆଲୋଚନାଚକ୍ର, ବନ୍ଧୁତ୍ୱପୂର୍ଣ୍ଣ ଫୁଟବଲ ମ୍ୟାଚ, ବିଭିନ୍ନ ପ୍ରକାର ଖାଦ୍ୟ ପ୍ରତିଯୋଗିତା, ବୁକ ଫେୟାର ସହିତ ବୀରମହାରାଜପୁର ସୁନ୍ଦରୀ ଆଦି ନୂତନ କାର୍ଯ୍ୟକ୍ରମ କରିବା ପାଇଁ ସେ ପ୍ରସ୍ତାବ ଦେଇଥିଲେ। ଆସନ୍ତା ମାର୍ଚ୍ଚ ଦ୍ୱିତୀୟ ସପ୍ତାହରେ ବୀରମହାରାଜପୁର ଲୋକ ମହୋତ୍ସବ ପାଇଁ ସର୍ବସମ୍ମତ୍ତ ପ୍ରସ୍ତାବ ଗ୍ରହଣ କରାଯାଇଛି। ଏଥିପାଇଁ ବୀରମହାରାଜପୁର ଉପଖଣ୍ଡ ସ୍ତରୀୟ ମହୋତ୍ସବ ପାଇଁ ଏକ ପ୍ରସ୍ତୁତି ବୈଠକ ଜାନୁଆରୀ ୬ ତାରିଖ ଅପରାହ୍ନ ୩ଟାରେ ସ୍ଥାନୀୟ ମୈତ୍ରୀ ସଦନଠାରେ ଅନୁଷ୍ଠିତ ହେବ ବୋଲି ସ୍ଥିର କରାଯାଇଛି। ସେହି ବୈଠକରେ ନୂତନ କମିଟି ସହିତ ସବ କମିଟି ଗୁଡିକ ଗଠନ କରିବା ପାଇଁ ପ୍ରସ୍ତାବ ଗ୍ରହଣ କରାଯାଇଛି। ଏହି ବୈଠକରେ ବରିଷ୍ଠ ନାଗରିକ ସଙ୍ଗଠନ ସଭାପତି ଡ଼ ପ୍ରଫୁଲ୍ଲ କୁମାର ରଥ, ବରିଷ୍ଠ ଆଇନଜୀବୀ ତଥା ଉପଖଣ୍ଡ ସାମ୍ବାଦିକ ସଂଘ ସଭାପତି ସ୍ୱୟମ୍ଭୁନାଥ ଖଣ୍ଡଗିରି, ବୀରମହାରାଜପୁର ବିଡ଼ିଓ ରାଜିବ କୁମାର ହାଁସଦା, ଭାଜପା ଜିଲା ସଭାପତି ବେଣୁଧର ଦାସ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ସନ୍ତୋଷ କୁମାର ଭୋଇ, ଜିଲା ପରିଷଦ ସଦସ୍ୟ ସଦସ୍ୟ ଲବ କୁମାର ସାହୁ ପ୍ରମୁଖ ମଞ୍ଚାସୀନ ଥିଲେ। ସଭା ପ୍ରାରମ୍ଭରେ ଯୁଗଳ କିଶୋର ମିଶ୍ର ବୀରମହାରାଜପୁର ଲୋକ ମହୋତ୍ସବ ମାଲେଶ୍ରୀ କିଭଳି ଭାବରେ ଆୟୋଜନ ହେଉଥିଲା ଓ ତା'ର ରୂପରେଖ ଉପରେ ସୂଚନା ପ୍ରଦାନ କରିଥିଲେ। ଏହି ପ୍ରସ୍ତୁତି ବୈଠକରେ ଏମ୍‌ପି ନୋମିନୀ ନଳିନୀ ପଣ୍ଡା, ବରିଷ୍ଠ ସାମ୍ବାଦିକ କିଶୋର କୁମାର ହୋତା, ଯୁବ ସମାଜସେବୀ ବିବସ୍ୱତି ପଣ୍ଡା, ଚମ୍ପାମାଳ ସମିତି ସଭ୍ୟ ଲକ୍ଷ୍ମୀ ନାରାୟଣ ପୁରୋହିତ, ସରକାରୀ ଓକିଲ ସତ୍ୟବ୍ରତ ମିଶ୍ର, ଆଇନଜୀବୀ ଉମା ଶଙ୍କର ପଣ୍ଡା, ଶରତ କୁମାର ମିଶ୍ର, ଜିଲା ଭାଜପା ଏସି ମୋର୍ଚ୍ଚା ସଭାପତି ସୁମନ୍ତ ଜଗଦଲା, କଳାକାର ପ୍ରଭାସ କୁମାର ଦାସ, ପୀତବାସ ଶତପଥୀ, ବିପିନ ବିହାରୀ ପଣ୍ଡା,ଏକଲବ୍ୟ ବେହେରା, ରାଧା ଚରଣ ମେହେର, ନୃତ୍ୟଗୁରୁ ଦଶରଥ ମେହେର, ରୋହିତ ହୋତାଙ୍କ ସମେତ ଶତାଧିକ ବ୍ୟକ୍ତିବିଶେଷ ଉପସ୍ଥିତ ଥିଲେ। ଶେଷରେ ବ୍ଲକ ଉପାଧ୍ୟକ୍ଷ ନାରାୟଣ ଲୁହା ଧନ୍ୟବାଦ ଅର୍ପଣ କରିଥିଲେ।

## ବୌଦ୍ଧ ଜିଲା କଲ୍‌ଚରାଲ ଏକାଡେମୀର ବାର୍ଷିକ ଉତ୍ସବ



କଲ୍‌ଚରାଲ ଏକାଡେମୀର ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥି ।

ବୌଦ୍ଧ, ୨୮।୧୨( ଅଜିତ କୁମାର ବାରିକ)

ବୌଦ୍ଧ ଜିଲା କଲଚରାଲ ଏକାଡେମୀର ତ୍ରିଂଶତମ ବାର୍ଷିକ ଉତ୍ସବ ରବିବାର ଟାଉନ ହଲଠାରେ ଅନୁଷ୍ଠିତ ହୋଇଯାଇଛି। ଏକାଡେମୀର ସଭାପତି ଧ୍ରୁବଚରଣ ଘିବେଲାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥିଭାବେ ପ୍ରଫେସର ବୈରାଗୀ ଚରଣ ପଟନାୟକ, ସମ୍ମାନୀତ ଅତିଥିଭାବେ ଜ୍ୟୋତିର୍ମୟୀ କହଁର, ଟଙ୍କଧର ସାହୁ, ରାଧାମୋହନ ମାହାଣା ଓ ମୁଖ୍ୟବକ୍ତା ଭାବେ ମଦନ ମୋହନ କ୍ଷେତୀ ଯୋଗ ଦେଇଥିଲେ। କାର୍ତ୍ତିକେଶ୍ୱର ନାୟକ ଅତିଥି ପରିଚୟ ପ୍ରଦାନ କରିଥିଲେ । ମୁଖ୍ୟ ଅତିଥି ପଟନାୟକ ବୌଦ୍ଧ ମାଟିର ଭୂୟସୀ ପ୍ରଶଂସା କରି ବୌଦ୍ଧ ରାଜତନ୍ତ୍ରର ଇତିହାସ ଏକ ବିରଳ ରାଜତନ୍ତ୍ର ବୋଲି ମତବ୍ୟକ୍ତ କରି ଯାହାର ମୂକସାକ୍ଷୀ ସାରସ୍ୱତ ସାହିତ୍ୟ ବୋଲି କହିଥିଲେ। ଅନୁଷ୍ଠାନ ସଭାପତି ଘିବେଲା କହିଥିଲେ, ଆମେ କେବଳ ସାହିତ୍ୟରେ ନୁହେଁ, ବୌଦ୍ଧ ମାଟିର ସଂସ୍କୃତି, କଳା, ନୃତ୍ୟ ସଙ୍ଗୀତକୁ ନେଇ ଆଗକୁ ବଢି ଚାଲିଛି । ହସ୍ତକଳାକୁ ମଧ୍ୟ ଆଗାମୀ ଦିନରେ ଯୋଡିବାକୁ ଆମେ ଚେଷ୍ଟା କରିବୁ ବୋଲି କହିଥିଲେ। ମଞ୍ଚରେ ରଶ୍ମିତା କୁମାରୀ ବେହେରା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ସାହିତ୍ୟ କ୍ଷେତ୍ରରେ ବିଶିଷ୍ଟ ପ୍ରତିଭାଧାରୀ ବ୍ୟକ୍ତିଙ୍କୁ ସମ୍ମାନୀତ କରାଯାଇଥିଲା। ବିବେକାନନ୍ଦ ସାହିତ୍ୟ ପୁରସ୍କାର ରାଜୀବ କୁମାର ନାୟକ, ବୌଦ୍ଧ ପ୍ରଫୁଲ୍ଲ ମହାକୁଡ ସାହିତ୍ୟ ପୁରସ୍କାର ମହାଦେବ ପ୍ରଧାନ, ଭିକାରି ନାଏକ କଳା ଓ ସଙ୍ଗୀତ ପୁରସ୍କାର ଗୋପାଳକୃଷ୍ଣ ବେହେରା, ବେଣୁଧର ମିଶ୍ର ସାହିତ୍ୟ ପୁରସ୍କାର ଦୀନବନ୍ଧୁ ସାହୁ, ଶିଶୁ ସାହିତ୍ୟିକ ପୁରସ୍କାର ଡ. ଧିରେନ ମିଶ୍ର, ଭକ୍ତି ସାହିତ୍ୟ ପୁରସ୍କାର ପ୍ରେମଲତା ସାହୁ , ଅଭିଷେକ ପ୍ରଧାନ ଯୁବ ପୁରସ୍କାର ଆକାଶ କୁମାର ସାହୁ ଓ ଦ୍ୱିତୀୟ ଶିଶୁ ସାହିତ୍ୟ ପୁରସ୍କାର ବୃନ୍ଦାବନ କୁମ୍ଭାରଙ୍କୁ ପ୍ରଦାନ କରାଯାଇଥିଲା। ମଞ୍ଚରେ ନୃତ୍ୟ, ସଙ୍ଗୀତ, ଦଣ୍ଡନାଚ, ଓଡ଼ିଶୀ, ସମ୍ବଲପୁରୀ ଓ ଆଞ୍ଚଳିକ ନୃତ୍ୟ ପରିବେଷିତ ହୋଇଥିଲା । ରାଜୀବ କୁମାର ନାୟକ ଧନ୍ୟବାଦ ପ୍ରଦାନ କରିଥିଲେ।

## ଯାଦବ ମହାସଭା ଜିଲାସ୍ତରୀୟ କାର୍ଯ୍ୟକାରିଣୀ ବୈଠକ

ବିନିକା, ୨୮।୧୨(ରାମ ଗୋପାଳ ବାଘ)

ବିନିକା ପୁଣ୍ୟପୀଠ ପାପକ୍ଷୟ ଘାଟରେ ଜିଲା ଯାଦବ ମହାସଭାର ସୁବର୍ଣ୍ଣପୁର ଜିଲାସ୍ତରୀୟ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲା ସଭାପତି ତପନ ଯୁଆଡିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଜିଲାର ସମସ୍ତ ବ୍ଲକ ସଭାପତି, ସମ୍ପାଦକ ଯୋଗଦେଇଥିଲେ। ସମସ୍ତ ଗ୍ରାମ ତଥା ପଞ୍ଚାୟତସ୍ତରରୁ ଯାଦବ ମାନଙ୍କର ଜନଗଣନା କରାଯିବାକୁ ବୈଠକରେ ନିଷ୍ପତ୍ତି ନିଆଯାଇଛି। ସମସ୍ତ ବ୍ଲକରୁ ୩ଜଣ ସଦସ୍ୟଙ୍କୁ ଜିଲାସ୍ତରୀୟ କାର୍ଯ୍ୟକାରୀ କମିଟିରେ ସାମିଲ କରାଯିବାକୁ ପ୍ରସ୍ତାବ ଗୃହୀତ ହୋଇଛି। ପ୍ରତେକ ବ୍ଲକରେ ମାସକୁ ଥରେ ସଭା କାର୍ଯ୍ୟ କରାଯିବା ସହିତ ପଞ୍ଚାୟତସ୍ତରରେ ସମାଜର ସଙ୍ଗଠନକୁ ମଜଭୁତ କରାଯିବାକୁ ପଞ୍ଚାୟତ ଏବଂ ବ୍ଲକ ସଭାପତିମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ସଭାକୁ ବିନିକା ବ୍ଲକ ଯାଦବ ସମାଜ ସଭାପତି ଶୀତଳ ପ୍ରସାଦ ମହାକୁର ପରିଚାଳନା କରିଥିଲେ। ସମ୍ପାଦକ ବୃନ୍ଦାବନ ଦୀପ ଧନ୍ୟବାଦ ଅର୍ପଣ କରିଥିଲେ। ବୈଠକରେ ଜିଲା ସମ୍ପାଦକ ପୀତବାସ ଭୋଇ, ରାଜ୍ୟକାରିଣୀ ସଦସ୍ୟ ମୁକେଶ ବରର୍ଗ୍ତୀ, ଆଦିତ୍ୟ ପ୍ରସାଦ ବାଗ, ଅଭିମନ୍ୟୁ ବରର୍ଗ୍ତୀ, ବିରଞ୍ଚି ନାରାୟଣ ଷାଣ୍ଡେ, ଗୋଲକ ବିହାରୀ ଭୋଇ, ବଳରାମ କାଣ୍ଡ, ଶତ୍ରୁଘନ ବରର୍ଗ୍ତୀ, ସନ୍ତୋଷ କୁଦେଇ, ପ୍ରଶାନ୍ତ ବରର୍ଗ୍ତୀ, ରବି ପୋଢ଼, ନାରାୟଣ ବରର୍ଗ୍ତୀ, ଚକ୍ରଧର ହାତୀ ପ୍ରମୁଖ ଉପସ୍ଥିତ ଥିଲେ।

## ଶୃଙ୍ଖଳିତ ହେଲେ ପ୍ରତିଷ୍ଠିତ ହୋଇପାରିବ



ବାର୍ଷିକ ଉତ୍ସବର ଉଦ୍‌ଯାପନୀ ସନ୍ଧ୍ୟାରେ ମଞ୍ଚାସୀନ ଅତିଥିବୃନ୍ଦ।

**କୋଶଳ ଉଚ୍ଚ ବିଦ୍ୟାଳୟ ବାର୍ଷିକ ଉତ୍ସବ**

ସୋନପୁର, ୨୮।୧୨(ମୃତ୍ୟୁଞ୍ଜୟ ଶତପଥୀ)

ସୁବର୍ଣ୍ଣପୁର ସହର ପଟାଭାଡିସ୍ଥିତ କୋସଳ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ଓ ସ୍କାଉଟ୍ କ୍ୟାମ୍ପୋରି ରବିବାର ରାତିରେ ଉଦ୍‌ଯାପିତ ହୋଇଯାଇଛି। ସୁବର୍ଣ୍ଣପୁରର ପ୍ରାକ୍ତନ ଜିଲାପାଳ ତଥା ଓଡ଼ିଶା ବିଧାନସଭାର ପ୍ରାକ୍ତନ ସଚିବ ଦାଶରଥି ଶତପଥୀ ମୁଖ୍ୟ ଅତିଥିଭାବେ ଯୋଗଦେଇ ଆଜିର ଛାତ୍ର କାଲିର ନାଗରିକ। ତେଣୁ ଛାତ୍ର ସମାଜର ସର୍ବାଙ୍ଗୀନ ବିକାଶ ହେବା ଆବଶ୍ୟକ। ଆଜିର ଦିନରେ ଶୃଙ୍ଖଳାର ଆବଶ୍ୟକତା ରହିଛି। ଯିଏ ଶଙ୍ଖଳିତ ଭାବେ କାର୍ଯ୍ୟ କରେ ସେ ଦିନେନା ଦିନେ ପ୍ରତିଷ୍ଠିତ ଲାଭ କରେ ବୋଲି ଶତପଥୀ କହିଥିଲେ। ସମ୍ମାନିତ ଅତିଥିଭାବେ ସୋନପୁର ଉପଜିଲାପାଳ ଡ. ସୌମ୍ୟରୂପା ରଥ ଯୋଗଦାନ କରି ନିଜର ଆକାଂକ୍ଷାକୁ ପିଲାମାନଙ୍କ ଉପରେ ଲଦି ନ ଦେଇ ସେମାନଙ୍କ ଆଗ୍ରହ ଅନୁଯାୟୀ ସୁଯୋଗ ଦେଲେ ଛାତ୍ରୀଛାତ୍ରମାନେ ଜୀବନରେ ଅଗ୍ରସର ହୋଇ ପାରିବେ ବୋଲି କହିଥିଲେ। ଅଭିମନ୍ୟୁ କୁଶଳ ଅନ୍ୟତମ ସମ୍ମାନିତ ଅତିଥିଭାବେ ଯୋଗଦେଇ ଆମକୁ ନିର୍ଦ୍ଦିଷ୍ଟ ଲକ୍ଷ୍ୟ ରଖି ଆଗକୁ ବଢିବାକୁ ପଡିବ ବୋଲି କହିଥିଲେ। ବିଦ୍ୟାଳୟ ସଭାପତି ଶ୍ରୀବତ୍ସ ମଲ୍ଲିକ ସଭାରେ ଅଧ୍ୟକ୍ଷତା କରିଥିଲେ। ପ୍ରଧାନ ଆଚାର୍ଯ୍ୟ ପରମା ନାଏକ ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ପରିଚାଳନା କମିଟିର ସମ୍ପାଦକ ସଞ୍ଜୟ କୁମାର ସାହୁ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ବିଦ୍ୟାଳୟର ଉପସଭାପତି ପ୍ରଫୁଲ୍ଲ କୁମାର ନାୟକ ଧନ୍ୟବାଦ ପ୍ରଦାନ କରିଥିଲେ। ଏହି ଅବସରରେ କୃତୀ ଛାତ୍ରୀଛାତ୍ରଙ୍କୁ ମୁଖ୍ୟ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ପରେ ଛାତ୍ରୀଛାତ୍ରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ପୂର୍ବାହ୍ନ ଅଧିବେଶନରେ ଜିଲା ପଞ୍ଚାୟତ ଅଧିକାରୀ ଅର୍ଜୁନ ମାଝୀ ଓ ଏସ୍‌ଆଇ ସସ୍ମିତା ଭୁତିଆ ଅତିଥି ଭାବେ ଯୋଗ ଦେଇଥିଲେ। ଶନିବାର ଅପରାହ୍ନରେ ବିଦ୍ୟାଳୟ ପରିସରରେ ସ୍କାଉଟ କ୍ୟାମ୍ପରୀ ଅନୁଷ୍ଠିତ ହୋଇଥିଲା। ଏଥିରେ ଏସ୍‌ପି ନାରାୟଣ ନାୟକ ମୁଖ୍ୟ ଅତିଥି, ଅତିରିକ୍ତ ଜିଲାପାଳ ଅଞ୍ଜଳିନା ପ୍ରଧାନ ଓ ଅବସରପ୍ରାପ୍ତ କ୍ରୀଡା ନିରୀକ୍ଷକ ଦୁର୍ଯ୍ୟୋଧନ ରାଉତ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ।

## ଜିଲା ବିଜେଡି କମିଟିରେ ବୀରମହାରାଜପୁରକୁ ଗୁରୁତ୍ୱ

**୪ ଉପସଭାପତି, ୪ ସାଧାରଣ ସମ୍ପାଦକ, ୨ ସମ୍ପାଦକ**

ବୀରମହାରାଜପୁର, ୨୮।୧୨(ଯୁଗଳ କିଶୋର ମିଶ୍ର)

ସୁବର୍ଣ୍ଣପୁର ଜିଲା ନୂତନ ବିଜେଡ଼ି କମିଟି ଶନିବାର ପ୍ରକାଶ ପାଇଛି। ଏହି କମିଟିରେ ବୀରମହାରାଜପୁର ବ୍ଲକକୁ ଗୁରୁବ ଦିଆଯାଇଛି। ବୀରମହାରାଜପୁରରୁ ଉପସଭାପତି ଭାବେ ବରିଷ୍ଠ ବିଜେଡି ନେତା ମୃତ୍ୟୁଞ୍ଜୟ ପ୍ରଧାନ, ସ୍ୱୟମ୍ଭୁନାଥ ଖଣ୍ଡଗିରି, କିଶୋର କୁମାର ହୋତା, ରଞ୍ଜିତ କୁମାର ରଥଙ୍କୁ ଉପସଭାପତି ଭାବେ ନିଯୁକ୍ତି ମିଳିଛି। ସେହିପରି ସାଧାରଣ ସମ୍ପାଦକ ଭାବେ ସତ୍ୟଞ୍ଜିବ ମିଶ୍ର, ଧୀରେନ୍ଦ୍ର ନାରାୟଣ ପଣ୍ଡା, ବିନୋବାନନ୍ଦ ପ୍ରଧାନ, ମନୋଜ କୁମାର ସାହୁ ନିଯୁକ୍ତ ହୋଇଛନ୍ତି। ସମ୍ପାଦକ ଭାବେ ସଞ୍ଜିବ ଦେହୁରୀଙ୍କୁ ମନୋନୀତ କରାଯାଇଛି। ସମୟ ଅଭିଜ୍ଞତା ଥିବା ବ୍ୟକ୍ତିମାନଙ୍କୁ ଦଳ ନିଯୁକ୍ତି କରିଛି। ଏଥିପାଇଁ ବୀରମହାରାଜପୁର ବିଜେଡି ନେତା ଓ କର୍ମୀଙ୍କ ମଧ୍ୟରେ ଖୁସିର ଲହରି ଖେଳିଯାଇଛି। ଆଗାମୀ ଦିନରେ ଦଳ ତୃଣମୂଳସ୍ତରରେ ମଜଭୁତ ହେବା ସହିତ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ଦଳ ଭଲ ପ୍ରଦର୍ଶନ କରିବ ବୋଲି ଜଲା ବିଜେଡ଼ି ସାଧାରଣସମ୍ପାଦକସତ୍ୟଞ୍ଜିବମିଶ୍ରକହିଛନ୍ତି।

## ଗ୍ୟାରେଜକୁ ପଶିଗଲା କାର୍, ୨ ଗୁରୁତର

ବଘିଆପଡା, ୨୮।୧୨(ଶ୍ରୀକାନ୍ତ ସାହୁ)

ବୌଦ୍ଧ ଥାନା ବଘିଆପଡାଠାରେ ରବିବାର ଏକ କାର୍ ଭାରସାମ୍ୟ ହରାଇ ଗ୍ୟାରେଜ୍ ମଧ୍ୟକୁ ପଶିଯିବାରୁ କାର୍‌ରେ ଥିବା ଦୁଇ ଜଣ ଗୁରୁତର ହୋଇଛନ୍ତି। ସୂଚନା ଅନୁଯାୟୀ, ଟିକରପଡା ପଟୁ ବଘିଆପଡା ଆଡକୁ ଦ୍ରୁତଗତିରେ ଆସୁଥିବା ବିଜାପଦର ଗ୍ରାମର ଏକ କାର୍ ବଘିଆପଡା ନୂଆସାହି ନିକଟରେ ଭାରସାମ୍ୟ ହରାଇ ଗୋଟିଏ ବାଇକ୍ ଗ୍ୟାରେଜ୍‌କୁ ପଶିଯାଇ ଓଲଟି ପଡିଥିଲା। ଫଳରେ କାରରେ ଥିବା ୫ ଜଣଙ୍କ ମଧ୍ୟରୁ ୨ ଜଣ ଗୁରୁତର ହୋଇଥିବା ବେଳେ ଅନ୍ୟ ୩ ଜଣ ଘଟଣାସ୍ଥଳରୁ ଫେରାର ମାରିଥିବା ପ୍ରତ୍ୟକ୍ଷଦର୍ଶୀ ସୂଚନା ଦେଇଛନ୍ତି। ଘଟଣାସ୍ଥଳରେ ବଘିଆପଡ଼ା ପୋଲିସ ପହଞ୍ଚି ଦୁଇ ଗୁରୁତରଙ୍କୁ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସ ଯୋଗେ ବୌଦ୍ଧ ଡାକ୍ତରଖାନା ପଠାଇ ଗାଡ଼ିକୁ ଜବତ କରିଥିବା ଜଣାପଡିଛି।

## ଜେଏନ୍‌ଭି ପୁରାତନ ଛାତ୍ର ସଂସଦ ବାର୍ଷିକ ଉତ୍ସବ




ବାର୍ଷିକ ଉତ୍ସବରେ ଉପସ୍ଥିତ ପ୍ରାକ୍ତନ ଓ ବର୍ତ୍ତମାନର ଛାତ୍ରୀଛାତ୍ର।

ତରଭା, ୨୮।୧୨(ମାନଭଞ୍ଜନ ମିଶ୍ର)

ସୁବର୍ଣ୍ଣପୁର ଜିଲା ତରଭା ଜବାହର ନବୋଦୟ ବିଦ୍ୟାଳୟ(ଜେଏନ୍‌ଭି)ର ୧୮ତମ ପୂର୍ବତନ ଛାତ୍ର ସଂସଦର ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ବିଦ୍ୟାଳୟ ଅଧ୍ୟକ୍ଷ ନିଶିକାନ୍ତ କେଶବ ସାମକୁଓରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ନବୋଦୟ ବିଦ୍ୟାଳୟରୁ ପଢ଼ିଥିବା ଶତାଧିକ ଛାତ୍ରୀଛାତ୍ର ଯୋଗଦେଇଥିଲେ। ବିଦ୍ୟାଳୟ ଅଧ୍ୟକ୍ଷଙ୍କ ସମେତ ଭୂଗୋଳ ଶିକ୍ଷକ ବିକ୍ରମ କେଶରୀ ଭୋଇ, କଳା ଶିକ୍ଷକ ସୂର୍ଯ୍ୟପ୍ରକାଶ ମହାନ୍ତି, ସାମାଜିକ ବିଜ୍ଞାନ ଶିକ୍ଷକ ରବି ଶଙ୍କର ଝା, ପୂର୍ବତନ ଛାତ୍ର ସଂସଦର ପ୍ରକାଶ ଡାଙ୍ଗ, ପ୍ରେମଲାଲ ସେଠ, ଡ଼. ଆଶୁତୋଷ ମିଶ୍ର, ଡ଼. ଶୁଭାଶିଷ ବାରିକ, ଓଜଶି ତାଣ୍ଡି ଓ ରାମଚନ୍ଦ୍ର ମୁର୍ମୁ ମଞ୍ଚାସୀନ ଥିଲେ। ଶଙ୍କର୍ଷଣ ସାହୁ ସୁନ୍ଦର କବିତା ମାଧ୍ୟମରେ ଅତିଥି ମାନଙ୍କୁ ସ୍ୱାଗତ କରିଥିଲେ। ବରିଷ୍ଠ ଶିକ୍ଷକ ବିକ୍ରମ କେଶରୀ ଭୋଇ ଉଦେଶ ଜ୍ଞାପନ କରିଥିଲେ। ପୂର୍ବତନ ଛାତ୍ର ଡ. ଆଶୁତୋଷ ମିଶ୍ର, ସୁଭାଶିଷ ବାରିକ ମଞ୍ଚ ପରିଚାଳନା କରିଥିଲେ। ଶ୍ରେଷ୍ଠ ନମ୍ବର ରଖିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ସମସ୍ତ କ୍ଷେତ୍ରରେ ପାରଦର୍ଶିତା କରିଥିବା ରିତେଶ କୁଅଁରଙ୍କୁ ଅଭିଜିତ ସ୍ମୃତି ସମ୍ମାନରେ ସମ୍ମାନିତ କରାଯାଇଥିଲା। ପ୍ରଥମ ପର୍ଯ୍ୟାୟରେ ଅନୁଷ୍ଠିତ ହୋଇଥିବା ସାଧାରଣ ପରିଷଦ ବୈଠକ ୨୦୨୬ ରେ ହେବାକୁ ଥିବା ବିଦ୍ୟାଳୟର ରୌପ୍ୟ ଜୟନ୍ତୀ ନେଇ ବ୍ୟାପକ ଆଲୋଚନା ହୋଇଥିଲା। ଏହି ଅବସରରେ ଶିକ୍ଷକ ପ୍ରଦୀପ କୁମାର ପଟେଲ, ବିଶ୍ୱଜିତ ଛତ୍ରିଆ, ପ୍ରବୀର କୁମାର ମଲ୍ଲିକ, ମନୋଜ କୁମାର ମେହେର, ରାକେଶ ଦାସ, ବିକାଶ ସାହୁ ମନମୋହନ ପଟେଲ ଉପସ୍ଥିତ ଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।


OFFICE OF THE PRINCIPAL CUM SECRETARY
**PANCHAYAT SAMITI DEGREE COLLEGE, TUREKELA**
**AFFILIATED TO RAJENDRA UNIVERSITY**
AT/PO-TUREKELA, DIST-BALANGIR (ODISHA) PIN-767060
Email Id-psdegreecollege2018@gmail.com, Contact-9827157275
No: 356/PSDCT Dated: 23.12.2025

**ADVERTISEMENT FOR WALK-IN INTERVIEW**

Applications are invited from the eligible candidate for the following post to be engaged on Contractual basis at **Panchayat Samiti Degree College, Turekela, Dist-Balangir**. Interested candidates having requisite qualification should report at the Office of the undersigned with their CV with original and Xerox copies of all Educational Certificate and Mark sheet from H.S.C onwards and two passport size photograph duly self attested by them and attain interview at 10:00 am on **Dt: 11.01.2026 (Sunday)** in the College Premises.

**Requirement Post and Qualification:**
1. **Lecturer in History** (2nd Post), M.A. in History with Aggregate 55% Mark. (M.Phil or Ph.D) Candidates are more preferable.
2. **Physical Education Teacher** (P.E.T) M.Ped or B.Ped with Aggregate 55% Mark.
3. **Data Entry Operator** (D.E.O), Graduation in any Stream with Computer Proficiency like PGDCA from any recognized University or Institution/ AICTE/ NIELIT/ OS-CIT.

**N.B**
*No TA/ DA will be paid for attending the said interview.
*The engagement will be purely temporary and may be terminated at any time without assigning any reason thereof.
*The Governing Body reserves the right of appointment.
*Candidate must have attained the age of 21 and must not be above to 42.
*Candidate must obtain their Degree from a Recognized University on Regular mode.
*Preference will be given to candidate having Higher Qualification.

Sd./-Principal - Cum- Secretary
P.S. Degree College, Turekela



ଭାରତୀୟ କପା ନିଗମ ଲିମିଟେଡ୍
ଶାଖା କାର୍ଯ୍ୟାଳୟ: ରାୟଗଡା
ସଂଖ୍ୟା: ଭାକନି / ରାୟଗଡ଼ା / ୨୦୨୫-୨୬ ତାରିଖ: ୨୮.୧୨.୨୦୨୫

**କପା ଚାଷୀଙ୍କୁ ନିବେଦନ**

ସ୍ୱା./- ଶାଖା ମୁଖ୍ୟ



ଭାରତୀୟ କପା ନିଗମ ଲିମିଟେଡ୍
ଶାଖା କାର୍ଯ୍ୟାଳୟ: ରାୟଗଡା

**କପା ଚାଷୀଙ୍କୁ ଆହ୍ୱାନ**

ସ୍ୱା./-ଶାଖା ମୁଖ୍ୟ

**ଅଜଣା ମହିଳାଙ୍କ ମୃତଦେହ ଉଦ୍ଧାର**
ରାଉରକେଲା,(ସଙ୍ଗୀତା ଜେନା): ଉଦିତନଗର ଥାନା ମାଲଗୋଦାମ ଅଞ୍ଚଳରେ ଶନିବାର ଅପରାହ୍ନ ୫ଟାରେ ଜଣେ ଅପରିଚିତ ମହିଳାଙ୍କ ମୃତଦେହ ଉଦ୍ଧାର କରାଯାଇଛି। ରାଉରକେଲା ସରକାରୀ ଡାକ୍ତରଖାନାରେ ତାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ମହିଳାଙ୍କ ପରିଚୟ ମିଳି ନ ଥିବା ଯୋଗୁ ସରକାରୀ ପ୍ରକ୍ରିୟା ଅନୁଯାୟୀ, ମୃତଦେହକୁ ମର୍ଗରେ ରଖାଯାଇଛି। ପୋଲିସ ଏ ନେଇ ମାମଲା (ନଂ.୧୯/୨୫) ରୁଜୁ କରି ତଦନ୍ତ କରୁଛି।

# କୂଅରୁ ଚିକିତ୍ସକଙ୍କ ମୃତଦେହ ଉଦ୍ଧାର

ବାଲିଶଙ୍କରା,୨୮।୧୨(ହୃଦାନନ୍ଦ ବାରିକ)

ସୁନ୍ଦରଗଡ଼ ଜିଲା ତଳସରା ଥାନା ଅଧୀନ କୁରେଇ ଗ୍ରାମର ଗୁଲୁଗୁଡ଼ିପଡ଼ାର ଏକ କୂଅରୁ ରବିବାର ଜଣେ ଗ୍ରାମ୍ୟ ଚିକିତ୍ସକଙ୍କ ମୃତଦେହକୁ ପୋଲିସ ଉଦ୍ଧାର କରିଛି। ମୃତକ ହେଲେ ପ୍ରବୀଣ କୁମାର ନନ୍ଦ (୪୩)। ସେ ବହୁ ବର୍ଷ ହେବ ଭୁବନେଶ୍ୱର ଛାଡ଼ି କୁରେଇ ଗ୍ରାମ ଗୁଲୁଗୁଡ଼ିପଡ଼ାରେ ରହି ଘରୋଇ ଭାବେ ଲୋକଙ୍କ ଚିକିତ୍ସା କରୁଥିଲେ। ସେ କୂଅରୁ ପାଣି କାଢ଼ୁଥିବା ବେଳେ ଅସାବଧାନତା ଯୋଗୁ କୂଅରେ ପଡ଼ିଯାଇଥିବା ଅନୁମାନ କରାଯାଉଛି। ଜଣେ ଗ୍ରାମବାସୀ କୂଅକୁ ପାଣି ପାଇଁ ଯାଇଥିବାବେଳେ ତାଙ୍କ ମୃତଦେହ ଭାସୁଥିବା ଦେଖିଥିଲେ। ଗ୍ରାମବାସୀଙ୍କୁ କହିଥିଲେ। ଖବର ପାଇ ତଳସରା ପୋଲିସ ଓ ବାଲିଶଙ୍କରା ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚି ପ୍ରବୀଣଙ୍କ ମୃତଦେହକୁ ଉଦ୍ଧାର କରିଥିଲେ। ପୋଲିସ ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ସୁନ୍ଦରଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି।

# ବେଆଇନ ପାର୍କିଂ ବଢ଼ାଉଛି ଟ୍ରାଫିକ୍ ସମସ୍ୟା

## ଡେଲିମାର୍କେଟ-ପାନପୋଷ ରାସ୍ତା

ରାଉରକେଲା,୨୮।୧୨(ବିପ୍ଳବ ରଞ୍ଜନ ଦାଶ)

ରାଉରକେଲା ସହରର ମୁଖ୍ୟମାର୍ଗ ଡେଲି ମାର୍କେଟରୁ-ପାନପୋଷ ଛକ ପର୍ଯ୍ୟନ୍ତ ୧୨କିମି ରାସ୍ତାରେ ଦିନକୁ ଦିନ ବେଆଇନ ପାର୍କିଂ ବଢ଼ିଚାଲିଛି। ସହରରେ ଆବଶ୍ୟକ ପାର୍କିଂ ଟର୍ମିନାଲ ଅଭାବ ଯୋଗୁ ଏଭଳି ସମସ୍ୟା ସୃଷ୍ଟି ହେଉଛି। ଏହି ମୁଖ୍ୟମାର୍ଗରେ ସକାଳ ୬ଟା ପରେ ମାଲବାହୀ ଟ୍ରକ୍, ଟିପର ଆଦି ଭାରି ଯାନଗୁଡ଼ିକୁ ଯାତାୟାତ ବାରଣ ଥିବା ସତ୍ତ୍ୱେ ଏଗୁଡ଼ିକ ଚଳାଚଳ କରୁଥିବାରୁ ଅସମ୍ଭାଳ ଟ୍ରାଫିକ ଜାମ୍ ହେଉଛି। ଏହି ମାର୍ଗ ମଧ୍ୟରେ ସହରର ପ୍ରମୁଖ ବାଣିଜ୍ୟ କେନ୍ଦ୍ର ଓ ସରକାରୀ କାର୍ଯ୍ୟାଳୟ ରହିଛି। ମାତ୍ର ଅନାବଶ୍ୟକ ଭେଣ୍ଡିଂ ଜୋନ୍ ସହିତ ଅବୈଧ ପାର୍କିଂ ଓ ଟ୍ରାଫିକ୍ ଅବ୍ୟବସ୍ଥା ମୁଖ୍ୟମାର୍ଗକୁ ସଂକୀର୍ଣ୍ଣ କରିଚାଲିଛି। ଫଳରେ



ଡେଲିମାର୍କେଟ-ପାନପୋଷ ଛକରେ ଟ୍ରାଫିକ୍ ଜାମ୍ ହୋଇଛି।

ସହରର ହଜାର ହଜାର ସାଧାରଣ ଯାତ୍ରୀ ନାନା ସମସ୍ୟା ଭୋଗୁଛନ୍ତି। ଟ୍ରାଫିକ୍ ଜାମ୍ ଯୋଗୁ ୧କି.ମି ଯିବା ପାଇଁ ଲୋକଙ୍କୁ ଘଣ୍ଟା ଘଣ୍ଟା ରାସ୍ତାରେ ଅଟକି ରହିବାକୁ ପଡୁଛି। ଏହାସତ୍ତ୍ୱେ ଏହି ରାସ୍ତାରେ ଯାନବାହାନ ରଖିବା ପାଇଁ ଆବଶ୍ୟକ ପାର୍କିଂ ଟର୍ମିନାଲ ନିର୍ମାଣ ହେଉନାହିଁ। ଏ ଦିଗରେ ବିଭାଗୀୟ କର୍ତ୍ତୃପକ୍ଷ ବିହିତ ପଦକ୍ଷେପ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି। ଏ ନେଇ ରାଉରକେଲା ଆଞ୍ଚଳିକ ପରିବହନ ଅଧିକାରୀ ବିଭବ ସାମନ୍ତ ସିଂହାରଙ୍କୁ ପଚାରିବାରୁ ସେ କହିଲେ, ରାଉରକେଲା ଡେଲିମାର୍କେଟ-ପାନପୋଷ ରାସ୍ତାରେ ପାର୍କିଂ ସମସ୍ୟା ନିଶ୍ଚିତ ଭାବେ ଚିନ୍ତାଜନକ। ଏ ଦିଗରେ ଆମ ବିଭାଗ ପକ୍ଷରୁ ବିହିତ ପଦକ୍ଷେପ ଗ୍ରହଣ କରାଯାଉଛି। ମାତ୍ର ଡେଲି ମାର୍କେଟ-ପାନପୋଷ ରାସ୍ତାରେ ପାର୍କିଂ ବ୍ୟବସ୍ଥା କରିବା ଉନ୍ନୟନ ବିଭାଗ ହାତରେ ନ୍ୟସ୍ତ। ଏଣୁ ପାର୍କିଂ ଟର୍ମିନାଲ ବ୍ୟବସ୍ଥା ଉନ୍ନୟନ ବିଭାଗ ଦ୍ୱାରା ସମ୍ଭବ ବୋଲି ସେ କହିଥିଲେ।

# ଛାତ୍ରୀଛାତ୍ରଙ୍କ ବିବିଧ ପ୍ରତିଯୋଗିତା



କାର୍ଯ୍ୟକ୍ରମରେ ଉପସ୍ଥିତ ବିଚାରକ ଏବଂ ପ୍ରତିଯୋଗୀ।

ରାଉରକେଲା,୨୮।୧୨(ବିପ୍ଳବ ରଞ୍ଜନ ଦାଶ)

ରାଉରକେଲା ଧାମରା ସଂଘର ୩୭ତମ ବାର୍ଷିକୋତ୍ସବ ଉପଲକ୍ଷେ ବିଭିନ୍ନ ପ୍ରତିଯୋଗିତା ସମ୍ପାଦକ ସୁଶାନ୍ତ କୁମାର ନାୟକଙ୍କ ତତ୍ତ୍ୱାବଧାନରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଉପସଭାପତି ରମାକାନ୍ତ ପରିଡା ସଂଘର ବହୁମୁଖୀ କାର୍ଯ୍ୟକ୍ରମ ବିଷୟରେ ଉଲ୍ଲେଖ କରିଥିଲେ। ପ୍ରତିଯୋଗିତାରେ ଅନିଲ କୁମାର ଦାଶ ଅତିଥି ଭାବେ ଯୋଗଦାନ କରିଥିଲେ। ଗୁରୁ ଜ୍ୟୋତିର୍ମୟ ଆଚାର୍ଯ୍ୟ, ରାଜଶ୍ରୀ ଦେବୀ, ଗୀତାରାଣୀ ସ୍ୱାଇଁ ବିଚାରକ ଥିଲେ। ସେହିପରି ନୃତ୍ୟ ପ୍ରତିଯୋଗିତା ପାଇଁ ସାଗରିକା ପରିଡା, ପୁଷ୍ପା ମାଡାମ, ମାଷ୍ଟର ବାପି, ମାଷ୍ଟର ଦେବାଶିଷ, ନିରୁପମା ନାୟକ, ସବିତା ପରଡା ବିଚାରକ ଥିଲେ। ନୃତ୍ୟ ପ୍ରତିଯୋଗିତାରେ ୧୪୨ ଜଣ ଏବଂ ସଙ୍ଗୀତରେ ୫୭ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ପ୍ରାରମ୍ଭରେ କାର୍ଯ୍ୟକାରୀ ସଭ୍ୟ ବଳରାମ ମଲ୍ଲିକ ସ୍ୱାଗତ ଭାଷଣ ଦେଇଥିଲା ବେଳେ ଜଗନ୍ନାଥ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ।

# ମାସିକ ସାହିତ୍ୟ ଆସରରେ ସାଇବର କ୍ରାଇମ୍ ଆଲୋଚନାଚକ୍ର

ରାଉରକେଲା,୨୮।୧୨(ଦିନେଶ ମିଶ୍ର)

ରାଉରକେଲା ବାସନ୍ତୀ ପାଠାଗାର ପକ୍ଷରୁ ମାସିକ ସାହିତ୍ୟ ଆସର ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଡିଜିଟାଲ ଠକାମିରୁ ସୁରକ୍ଷା ଉପରେ ଏକ ଆଲୋଚନାଚକ୍ର ହୋଇଥିଲା। ସଭାପତି ପ୍ରସନ୍ନ କୁମାର ସାବତ ସଭାପତିତ୍ୱ କରିଥିଲେ। ସମ୍ପାଦକ ବିକ୍ରମ ଚନ୍ଦ୍ର ଆଚାର୍ଯ୍ୟଙ୍କ ଆବାହକତ୍ୱରେ ଆୟୋଜିତ ଏହି ଆସରରେ ଗୀତିକବି ସମାଜର ସାଧାରଣ ସମ୍ପାଦକ ଭୋଳେଶ୍ୱର ବେହେରା ମୁଖ୍ୟଅତିଥି ଓ ସାଇବର କ୍ରାଇମ୍‌ର ସବ୍‌ଇନ୍ସପେକ୍ଟର ତ୍ରିଲୋଚନ ସାମଲ ଆଲୋଚକ ଭାବେ ଯୋଗଦେଇ ଡିଜିଟାଲ ଠକାମିରୁ ସୁରକ୍ଷା ବିଷୟରେ ଆଲୋଚନା କରିଥିଲେ। ଆର୍‌ଏସ୍‌ପିର ପ୍ରାକ୍ତନ ଅଧିକାରୀ ଇଂ. ସୁବାସ ମହାପାତ୍ର ପ୍ରୋଜେକ୍ଟର ମାଧ୍ୟମରେ ସାଇବର ଅପରାଧ ଉପରେ ବୁଝାଇଥିଲେ। ମୁଖ୍ୟଅତିଥି ବେହେରା ତାଙ୍କ ବକ୍ତବ୍ୟରେ ସାଇବର ଠକେଇରୁ ବଞ୍ଚିବାକୁ ହେଲେ ତାର ମୂଳକୁ ଉପାଡି ଫିଙ୍ଗିବା ଦରକାର ବୋଲି କରିଥିଲେ। ସାଇବର ଅପରାଧୀମାନେ ବିଭିନ୍ନ ଆଳରେ ପ୍ରଲୋଭନ ଦେଖାଇ ଡିଜିଟାଲ ପେମେଣ୍ଟ ଠକେଇ ଦ୍ୱାରା ଚିନ୍ତା ବଢେଇଛନ୍ତି। କିଛି ଅଜଣା ଫୋନ ଆସିଲେ ନମ୍ବର ମନେ ରଖି ତୁରନ୍ତ ପୋଲିସକୁ ଫୋନ କଲେ କାର୍ଯ୍ୟାନୁଷ୍ଠାନ ନେଇହବ। ଅନଲାଇନ ବ୍ୟାଙ୍କିଙ୍ଗ୍ ପଦ୍ଧତି ବ୍ୟବହାର କରି ଠକାମୀ କରାଯାଇଥାଏ। ସେଥିପାଇଁ ସତର୍କ ରହିବା ପାଇଁ ସବ୍‌ଇନ୍ସପେକ୍ଟର ସାମଲ ପରାମର୍ଶ ଦେଇଥିଲେ। ଗାଳ୍ପିକ ବ୍ରଜେନ୍ଦ୍ର ଦାଶ ଗଳ୍ପପାଠ କରିଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ ଓଡ଼ିଆ ବିଭାଗର ଛାତ୍ର ଦୀପକ କୁମାର ସାହୁ ଓ ଗୀତାରାଣୀ ବେହେରାଙ୍କ ସଂଯୋଜନାରେ କବିତା ପାଠୋତ୍ସବ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ବିଭୁଦତ୍ତ ବେହେରା, ଅଜୟ ମହାନ୍ତି, ଡ. ଶକ୍ତି ପ୍ରସାଦ ସାମନ୍ତରାୟ, କମଳ ଆଚାର୍ଯ୍ୟ, ଶରତ କୁମାର ସ୍ୱାଇଁ, ଶ୍ରୀକାନ୍ତ ପାଣିଗ୍ରାହୀ, ଶରତ ରାଉତ, ବସନ୍ତ ମହାରଣା, ମୀନକେତନ ପଶାୟତ, ଜୟା ବଡାଇକ, ନିରୁପମା ଚାନ୍ଦ, ରମେଶ ଚନ୍ଦ୍ର ସାହୁ, ରବୀନ୍ଦ୍ର ଠାକୁରଙ୍କ ସମେତ ମହାବିଦ୍ୟାଳୟର ଛାତ୍ରମାନେ ଯୋଗଦାନ କରିଥିଲେ। ସାଂସ୍କୃତିକ ସମ୍ପାଦିକା କବିତା ଦାଶ ସଭା ପରିଚାଳନା ଏବଂ ଉପସଭାପତି ଅଜୟ କୁମାର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।



ସାହିତ୍ୟ ଆସରରେ ମଞ୍ଚାସୀନ ଅତିଥି।

# କ୍ୟାପ୍ଟିଭ ପାୱାର ପ୍ଲାଣ୍ଟ-୧ର ଉତ୍ପାଦନରେ ରେକର୍ଡ ହାସଲ



ଆଲୋକ ବର୍ମା ନିର୍ବାହୀ ନିର୍ଦ୍ଦେଶକଙ୍କ ସହିତ ବିଭାଗ ପରିଦର୍ଶନ କରୁଛନ୍ତି।

ରାଉରକେଲା,୨୮।୧୨(ବିପ୍ଳବ ରଞ୍ଜନ ଦାଶ)

ଆର୍‌ଏସ୍‌ପିର କ୍ୟାପ୍ଟିଭ ପାୱାର ପ୍ଲାଣ୍ଟ-୧ ଡିସେମ୍ବର ୨୫ତାରିଖ ମଧ୍ୟରେ ସର୍ବକାଳୀନ ଶ୍ରେଷ୍ଠ ୫୩.୧୭ ମେଗାୱାଟ ବିଦ୍ୟୁତ୍ ଉତ୍ପାଦନ କରି ନୂତନ ଏକ ଦିବସୀୟ ରେକର୍ଡ ସୃଷ୍ଟି କରିଛି। ଷ୍ଟିମ୍ ଟର୍ବାଇନ ଜେନେରେଟର-୧ ଏବଂ ୨ ୩୩,୧୬ ମେଗାୱାଟ୍, ବ୍ୟାକ୍ ପ୍ରେସର ଟର୍ବାଇନ ଜେନେରେଟର ୩.୭୧ ମେଗାୱାଟ ଉତ୍ପାଦନ କରିଥିବା ବେଳେ ଟପ୍ ରିକଭରି ଟର୍ବାଇନ ଜେନେରେଟର ୧୬.୩୦ ମେଗାୱାଟ ବିଦ୍ୟୁତ୍ ଉତ୍ପାଦନ କରି ସମୁଦାୟ ୫୩.୧୭ ମେଗାୱାଟ୍ ବିଦ୍ୟୁତ୍ ଉତ୍ପାଦନର ରେକର୍ଡ ସୃଷ୍ଟି କରିଥିଲା। ଏହାର ପୂର୍ବ ସର୍ବୋତ୍ତମ ଉତ୍ପାଦନ ରେକର୍ଡ ୨୦୨୩ ଅଗଷ୍ଟ ୧୧ ତାରିଖରେ ୫୨.୪୧ ମେଗାୱାଟ ଥିଲା। ଏହି ରେକର୍ଡ ନେଇ ଶନିବାର ଆର୍‌ଏସ୍‌ପି ଭାରପ୍ରାପ୍ତ ନିର୍ଦ୍ଦେଶକ ଆଲୋକ ବର୍ମାଙ୍କ ସହିତ ମାନବ ସମ୍ବଳ ବିଭାଗ ନିର୍ବାହୀ ନିର୍ଦ୍ଦେଶକ ତରୁଣ ମିଶ୍ର, କାର୍ଯ୍ୟ ବିଭାଗ ନିର୍ବାହୀ ନିର୍ଦ୍ଦେଶକ ବିଶ୍ୱରଞ୍ଜନ ପଲାଇ, ସାମଗ୍ରୀ ପରିଚାଳନା ବିଭାଗ ନିର୍ବାହୀ ନିର୍ଦ୍ଦେଶକ ଅନୀଲ କୁମାର, ଖଣି ଏବଂ ଓଜିଓଏମ-ସିଏମଏଲଓ ବିଭାଗ ନିର୍ବାହୀ ନିର୍ଦ୍ଦେଶକ ଏମ.ପି ସିଂହ ଏବଂ ପ୍ରକଳ୍ପ ବିଭାଗ ନିର୍ବାହୀ ନିର୍ଦ୍ଦେଶକ ସୁଦୀପ ପାଲ ଚୌଧୁରୀ କ୍ୟାପ୍ଟିଭ ପାୱାର ପ୍ଲାଣ୍ଟ-୧ ବିଭାଗ ପରିଦର୍ଶନ କରିଥିଲେ ଏବଂ ସିପିପି-୧ ସାମୂହିକଙ୍କୁ ସେମାନଙ୍କ ନିରନ୍ତର ପ୍ରୟାସ ପାଇଁ ଅଭିନନ୍ଦନ ଜଣାଇଥିଲେ। ଏହି ଅବସରରେ କାରଖାନାର ବହୁ ସିଜିଏମ ଏବଂ ବରିଷ୍ଠ ଅଧିକାରୀ ଉପସ୍ଥିତ ରହିଥିଲେ।

ସିପିପି-୧ ବିଭାଗର ସାମୂହିକଙ୍କ ପ୍ରୟାଶକୁ ଆଲୋକ ବର୍ମା ପ୍ରଶଂସା କରି ନିରନ୍ତର ଉନ୍ନତି ହିଁ ପ୍ରଗତିର ଚାବିକାଠି ବୋଲି ଉଲ୍ଲେଖ କରିଥିଲେ। ଏଥିସହ ସିପିପି-୧ ଖୁବ୍‌ଶୀଘ୍ର ୬୨ ମେଗାୱାଟ୍‌ର ପରବର୍ତ୍ତୀ ଲକ୍ଷ୍ୟ ହାସଲ କରିବ ବୋଲି କହିବା ସହ ୨୦୨୯ ସୁଦ୍ଧା ଆର୍‌ଏସ୍‌ପିକୁ ସବୁଠାରୁ କମ୍ ମୂଲ୍ୟର ଇସ୍ପାତ ଉତ୍ପାଦନକାରୀ ହେବା ପାଇଁ ସମସ୍ତ ପ୍ରୟାସ କରିବାକୁ ପଡିବ ଏବଂ ଏହି ଲକ୍ଷ୍ୟ ହାସଲ ପାଇଁ ସମଷ୍ଟିବଦ୍ଧତା ଓ ନବସୃଜନ ସହ କାମ କରିବାକୁ ସେ ସାମୁଦାୟିକଙ୍କୁ ଆହ୍ୱାନ ଦେଇଥିଲେ। ସମସ୍ତ ନିର୍ବାହୀ ନିର୍ଦ୍ଦେଶକ ଏହି ଧାରା ବଜାୟ ରଖିବା ଓ ଉତ୍କୃଷ୍ଟ ପ୍ରଦର୍ଶନର ପୁନରାବୃତ୍ତି କରିବାକୁ ସାମୁଦାୟିକଙ୍କୁ ଉତ୍ସାହିତ କରିଥିଲେ। ପୂର୍ବରୁ ସିପିପି-୧ ବିଭାଗର ଜିଏମ୍ ଏନ୍. ସି ପରିଡା ଏହି ଲକ୍ଷ୍ୟ ହାସଲର ଯାତ୍ରା ଓ ପରବର୍ତ୍ତୀ ଯୋଜନା ବିଷୟରେ ବରିଷ୍ଠ ଅଧିକାରୀମାନଙ୍କୁ ସୂଚନା ଦେଇଥିଲେ। ଏହି ଉପଲକ୍ଷେ ପାୱାର ବିଭାଗର ସିଜିଏମ୍ ଦୀପକ ରାୟ ପ୍ରବନ୍ଧନ ଓ ସହଯୋଗୀ ବିଭାଗ ଗୁଡିକୁ ସେମାନଙ୍କ ସମର୍ଥନ ପାଇଁ ଧନ୍ୟବାଦ ଜଣାଇଥିଲେ।

# ରେଳ ଷ୍ଟେଶନ ଷ୍ଟୋର ସୀମାରେ ନବଜାତକର ମୃତଦେହ

ରାଉରକେଲା,୨୮।୧୨(ସଙ୍ଗୀତା ଜେନା)

ରାଉରକେଲା ରେଳ ଷ୍ଟେଶନ ନିକଟସ୍ଥ ଇସ୍ପାତ କାରଖାନା ଷ୍ଟୋର କମ୍ପ୍ଲେକ୍ସ ସୀମା ମଧ୍ୟରେ ଶନିବାର ଏକ ନବଜାତ ଶିଶୁର ମୃତଦେହ ଦେଖିବାକୁ ମିଳିଥିଲା। ଚିକିତ୍ସା ଅଭାବରୁ ନବଜାତକର ମୃତ୍ୟୁ ହୋଇଥିବା କୁହାଯାଇଥବା ବେଳେ ଅଞ୍ଚଳରେ ଅସନ୍ତୋଷ ଦେଖାଯାଇଛି। ସୂଚନା ପାଇ ପ୍ଲାଣ୍ଟସାଇଟ୍ ଥାନା ପୋଲିସ ସେଠାରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ପୋଲିସ ଏହି ଘଟଣାରେ ରବିବାର ନବଜାତକଙ୍କ ମାତାପିତାଙ୍କୁ ଅଟକ ରଖି ପଚରାଉଚୁରା କରୁଛି। ସୂଚନା ଅନୁଯାୟୀ, ଶୁକ୍ରବାର ରାତିରେ ପ୍ଲାଟଫର୍ମରେ ଜଣେ ମହିଳା ପ୍ରସବଯନ୍ତ୍ରଣା ଭୋଗୁଥିଲେ। ପରେ ମହିଳା ଏକ କନ୍ୟା ସନ୍ତାନ ପ୍ରସବ କରିଥିଲେ। ତେବେ ଉଭୟ ମା' ଓ ଶିଶୁକୁ ଡାକ୍ତରୀ ଚିକିତ୍ସା ପ୍ରଦାନ କରାଯାଇ ନ ଥିଲା। ଫଳରେ ଚିକିତ୍ସା ଅଭାବରୁ କୁଆଡେ ଉକ୍ତ ଶିଶୁର ମୃତ୍ୟୁ ହୋଇଥିଲା। ଏହାପରେ ମହିଳାଙ୍କ ସ୍ୱାମୀ ଉକ୍ତ ଶିଶୁର ମୃତଦେହକୁ ଷ୍ଟୋର ସୀମାରେ ପକାଇ ଦେଇଥିଲେ। ଶନିବାର ସକାଳେ ଏହା ଦେଖି ସ୍ଥାନୀୟ ଲୋକେ ପୋଲିସକୁ ସୂଚନା ଦେଇଥିଲେ। ଏହି ଘଟଣାର ଭିଡ଼ିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଥିଲା।

OFFICE OF THE PRINCIPAL CUM SECRETARY
**PANCHAYAT SAMITI DEGREE COLLEGE, TUREKELA**
**AFFILIATED TO RAJENDRA UNIVERSITY**
AT/PO-TUREKELA, DIST-BALANGIR (ODISHA) PIN-767060
Email Id-psdegreecollege2018@gmail.com, Contact-9827157275
No: 356/PSDCT Dated: 23.12.2025

**ADVERTISEMENT FOR WALK-IN INTERVIEW**

Applications are invited from the eligible candidate for the following post to be engaged on Contractual basis at **Panchayat Samiti Degree College, Turekela, Dist-Balangir**. Interested candidates having requisite qualification should report at the Office of the undersigned with their CV with original and Xerox copies of all Educational Certificate and Mark sheet from H.S.C onwards and two passport size photograph duly self attested by them and attain interview at 10:00 am on **Dt: 11.01.2026 (Sunday)** in the College Premises.

**Requirement Post and Qualification:**
1. **Lecturer in History** (2nd Post), M.A. in History with Aggregate 55% Mark. (M.Phil or Ph.D) Candidates are more preferable.
2. **Physical Education Teacher** (P.E.T) M.Ped or B.Ped with Aggregate 55% Mark.
3. **Data Entry Operator** (D.E.O), Graduation in any Stream with Computer Proficiency like PGDCA from any recognized University or Institution/ AICTE/ NIELIT/ OS-CIT.

**N.B**
*No TA/ DA will be paid for attending the said interview.
*The engagement will be purely temporary and may be terminated at any time without assigning any reason thereof.
*The Governing Body reserves the right of appointment.
*Candidate must have attained the age of 21 and must not be above to 42.
*Candidate must obtain their Degree from a Recognized University on Regular mode.
*Preference will be given to candidate having Higher Qualification.

Sd./-Principal - Cum- Secretary
P.S. Degree College, Turekela

# ଗୁରୁଗୋବିନ୍ଦ ସିଂଙ୍କ ଭବ୍ୟ ନଗର କୀର୍ତ୍ତନ

ରାଉରକେଲା,୨୮।୧୨(ସଙ୍ଗୀତା ଜେନା)

ସେକ୍ଟର-୧୮ ଇସ୍ପାତ ଗୁରୁଦ୍ୱାରା ପକ୍ଷରୁ ୧୦ମ ଶିଖ୍‌ଗୁରୁ ଓ ଖାଲସା ପନ୍ଥର ପ୍ରତିଷ୍ଠାତା ଶ୍ରୀ ଗୁରୁ ଗୋବିନ୍ଦ ସିଂହଙ୍କୁ ସମ୍ମାନ ଓ ତାଙ୍କ ଜୀବନଦର୍ଶନର ସ୍ମୃତିଚାରଣ କରିବା ପାଇଁ ରବିବାର ଏକ ଭବ୍ୟ ନଗର କୀର୍ତ୍ତନ ଆୟୋଜନ କରାଯାଇଥିଲା। ଶୋଭାଯାତ୍ରାରେ ଗୁରୁବାଣୀ ପାଠ କରାଯାଇଥିଲା। ଗୁରୁ ଗୋବିନ୍ଦ ସିଂଙ୍କ ଦ୍ୱାରା ତିଆରି କରାଯାଇଥିବା ସାହସ, ବଳିଦାନ, ସମାନତା ଓ ଧାର୍ମିକତାର ମୂଳମନ୍ତ୍ର ପ୍ରଚାର କରାଯାଇଥିଲା। ପବିତ୍ର ଗୁରୁସାହେବ ଗ୍ରନ୍ଥକୁ ବହନ କରି ଅଞ୍ଚଳ ପରିକ୍ରମା କରି ପୁନଃ ଗୁରୁଦ୍ୱାରାକୁ ଉକ୍ତ ନଗରକୀର୍ତ୍ତନ ପ୍ରତ୍ୟାବର୍ତ୍ତନ କରିଥଲା।



ରାଉରକେଲା ସେକ୍ଟର-୧୮ରେ ନଗର କୀର୍ତ୍ତନ କରାଯାଉଛି।

# ଦେଶ ହିତରେ କାମ କରୁଛି ଗଣମାଧ୍ୟମ

ରାଉରକେଲା,୨୮।୧୨(ବିପ୍ଳବ ରନ ଦାଶ)

ରାଉରକେଲା ସାମ୍ବାଦିକ ସଂଘର ୨୧ତମ ବାର୍ଷିକୋତ୍ସବ ରବିବାର ସେକ୍ଟର-୭ ସ୍ଥିତ ଇସ୍ପାତ ସାହିତ୍ୟ ସଂସଦର ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ସଂଘ ସଭାପତିବିରଞ୍ଚି ନାରାୟଣ ପଟ୍ଟନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମନୋରଞ୍ଜନ ଦାଶ, ଲକ୍ଷ୍ମୀ ନାରାୟଣ ହୋତା, ସ୍ତମ୍ଭକାର ଅରବିନ୍ଦ ଦାସ, ମୃତ୍ୟୁଞ୍ଜୟ ମହାପାତ୍ର, ଡକ୍ଟର ପୀତବାସ ମିଶ୍ର, ଶିବ ଶରଣ ମିଶ୍ର, ମନୋରଞ୍ଜନ ମିଶ୍ର, ସନ୍ତୋଷ କୁମାର ସ୍ୱାଇଁ ଏବଂ ସଂଘର ସମ୍ପାଦକ ଅରୁଣ ଦାଶ ପ୍ରମୁଖ ଆଲୋଚକ ଭାବେ ଯୋଗ ଦେଇଥିଲେ। ଗଣମାଧ୍ୟମ ହେଉଛି ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭ। ଗଣତାନ୍ତ୍ରିକ ବ୍ୟବସ୍ଥାରେ ୪ଟି ସ୍ତମ୍ଭ ଯଦି ଅସାମ୍ବାଧାନିକ କାର୍ଯ୍ୟ କରେ ତେବେ ଚତୁର୍ଥ ସ୍ତମ୍ଭ ଗଣମାଧମ ଏହାକୁ ରୋକିବା ପାଇଁ ଜନଚେତନା ସୃଷ୍ଟି କରେ ବୋଲି ଏଥିରେ ମତପ୍ରକାଶ ପାଇଥିଲା। ଏହି ଅବସରରେ ସଂଘର ମୁଖପତ୍ର ଉନ୍ମୋଚିତ ହୋଇଥିଲା। ଗନ୍ଦରୁ ଓରାମ, ଶୈଳେନ୍ଦ୍ର ସାହୁ, ସୁମନ୍ତ ଜେନା, ବିମଳ ପଟ୍ଟନାୟକ, ଧନଲକ୍ଷ୍ମୀ ବେହେରା, ସୁରେଶ ନନ୍ଦ, ପଞ୍ଚାନନ ପାତ୍ର, ପ୍ରତାପ ପଣ୍ଡା, ରିତ ବୋଷ ଓ ବସନ୍ତ ମିଶ୍ର ପ୍ରମୁଖ ସହଯୋଗ କରିଥିଲେ।

**ଭାରତୀୟ କପା ନିଗମ ଲିମିଟେଡ୍**
ଭା.କ.ନି. CCI
ଶାଖା କାର୍ଯ୍ୟାଳୟ: ରାୟଗଡା
ପ୍ଲଟ ନଂ-୧୩୮/୨୦୩୦/୨୫/୮ ପ୍ରଥମ ମହଲା
ସ୍ୱାମୀ ବିବେକାନନ୍ଦ ବିଦ୍ୟା ମନ୍ଦିର ନିକଟ, ରିଙ୍ଗ୍ ରୋଡ୍, ରାୟଗଡ଼ା -୭୬୫୦୦୧ (ଓଡିଶା)
ସଂଖ୍ୟା: ଭାକନି / ରାୟଗଡ଼ା / ୨୦୨୫-୨୬ ତାରିଖ: ୨୮.୧୨.୨୦୨୫

**କପା ଚାଷୀଙ୍କୁ ନିବେଦନ**

ସିସିଆଇ ନଜରକୁ ଏହା ଆସିଛି ଯେ, କେତେକ ଚାଷୀ କପାସ୍ କିଷାନ ମୋବାଇଲ୍ ଆପ୍ ସ୍ଲଟ୍‌ରେ ବୁକ୍ କରିଥିବା ପରିମାଣରୁ ବହୁ ଅଧିକ ପରିମାଣର ଉତ୍ପାଦ ଆଣୁଛନ୍ତି, ଯାହାଫଳରେ କାରଖାନାଗୁଡ଼ିକରେ ଗହଳି ଓ ଆଇନଶୃଙ୍ଖଳା ସମସ୍ୟା ସୃଷ୍ଟି ହେଉଛି।

ସିସିଆଇ ଏତଦ୍ୱାରା ସମସ୍ତ କପା ଚାଷୀଙ୍କୁ ନିବେଦନ କରୁଅଛି ଯେ, ଆପଣମାନେ ଯତ୍ନପୂର୍ବକ ପରିମାଣ ବୁକ୍ କରନ୍ତୁ ଏବଂ ୨-୩ କୁଇଣ୍ଟାଲର ସହନୀୟ ଓଜନରୁ ଅଧିକ ପରିମାଣର ଅତିରିକ୍ତ ଉତ୍ପାଦ ଆଣନ୍ତୁ ନାହିଁ। ଯେଉଁ ଚାଷୀମାନେ ବୁକ୍ କରିଥିବା ପରିମାଣରୁ ସହନୀୟ ସୀମାରୁ ଅଧିକ ପରିମାଣର ଉତ୍ପାଦ ଆଣିବେ ସେମାନଙ୍କ ଉତ୍ପାଦକୁ ଗ୍ରହଣ କରାଯିବ ନାହିଁ।

ତେଣୁକରି, ସିସିଆଇ ସମସ୍ତ କପା ଚାଷୀମାନଙ୍କୁ ନିବେଦନ କରୁଅଛି କି, ସ୍ଲଟ୍‌ରେ ଯତ୍ନପୂର୍ବକ ପରିମାଣ ବୁକ୍ କରନ୍ତୁ। ଏହାଦ୍ୱାରା କପାରେ ସୁରୁଖୁରୁ, ପାରଦର୍ଶୀ ଏବଂ ଚାଷୀ ଅନୁକୂଳ ଏମ୍‌ଏସ୍‌ପି କାର୍ଯ୍ୟ ପରିଚାଳନାରେ ସହାୟତା ମିଳିବ।

ସ୍ୱା./- ଶାଖା ମୁଖ୍ୟ

# ରାଉରକେଲା ସ୍ପୋର୍ଟସ ଆସୋସିଏଶନ ଚାମ୍ପିୟନ

## ଅଲ୍ ଓଡ଼ିଶା ୱିଣ୍ଟର କପ୍ କ୍ରିକେଟ୍ ଟୁର୍ନାମେଣ୍ଟ

ରାଉରକେଲା,୨୮।୧୨(ଦିନେଶ ମିଶ୍ର)

ରାଉରକେଲା ବାସନ୍ତୀ କଲୋନିସ୍ଥିତ ଡିଏଭି ଖେଳ ପଡିଆରେ ୟୁଥ୍ କ୍ରିକେଟ୍ ଆସୋସିଏଶନ ପକ୍ଷରୁ ୧୯ମ ୱିଣ୍ଟର କପ୍ କ୍ରିକେଟ୍ ଟୁର୍ନାମେଣ୍ଟ-୨୦୨୫ ରବିବାର ଉଦ୍‌ଯାପିତ ହୋଇଯାଇଛି। ଏହି ଟୁର୍ନାମେଣ୍ଟରେ ରାଉରକେଲା ଜିମ୍‌ଖାନା ଦଳକୁ ରାଉରକେଲା ସ୍ପୋର୍ଟସ ଆସୋସିଏଶନ (ଆର୍‌ଏସ୍‌ଏ) ଦଳ ପରାସ୍ତ କରି ଚାମ୍ପିୟନ ହୋଇଥିଲା। ଏହି ମ୍ୟାଚ୍‌ରେ ରାଜ୍ୟ ଭାଜପା ସମ୍ପାଦକ ଧୀରେନ ସେନାପତି ମୁଖ୍ୟ ଅତିଥି, ନୀଳମଣି ସାହୁ, ନିମ୍ମୁ ଜେନ୍, ସତୀଶ ସିଂ, ବିକ୍ରମ ସ୍ୱାଇଁ, ରମାକାନ୍ତ ପାତ୍ର ଓ ଶୁଶାନ୍ତ ରାଉତ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଫାଇନାଲ ମ୍ୟାଚ୍ ରାଉରକେଲା ଜିମ୍‌ଖାନା ଓ ଆରଏସ୍‌ଏ ମଧ୍ୟରେ ଖେଳାଯାଇଥିଲା। ଏଥିରେ




ଅତିଥିମାନଙ୍କ ଗହଣରେ ଚାମ୍ପିୟନ ଦଳର ଖେଳାଳି।

ରାଉରକେଲା ସ୍ପୋର୍ଟସ ଆସୋସିଏଶନ ଦଳ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିବାର ନିଷ୍ପତ୍ତି ନେଇଥିଲା। ଆରଏସ୍‌ଏ ଦଳ ନିର୍ଦ୍ଧାରିତ ୩୦ ଓଭରରେ ୯ ଉଇକେଟ ହରାଇ ୧୯୦ ରନ୍ କରିଥିଲା। ଦଳ ପକ୍ଷରୁ ସୌମ୍ୟ ସିଂ ୫୯ ବଲ୍ ଖେଳି ସର୍ବାଧିକ ୪୬ ରନ୍ କରିଥିଲେ। ଜବାବରେ ଜିମ୍‌ଖାନା ଦଳ ୩୦ ଓଭରରେ ତାର ୮ ଉଇକେଟ ହରାଇ ମାତ୍ର ୧୬୭ ରନ୍ କରି ପରାଜିତ ହୋଇଥିଲା। ଚାମ୍ପିୟନ ଦଳ ଆର୍‌ଏସ୍‌କୁ ମୁଖ୍ୟ ଅତିଥି ୩୫ ହଜାର ଟଙ୍କା ସହ ଟ୍ରଫି ଓ ରନର୍ସ ଅପ୍ ଦଳକୁ ୨୦ ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରିଥିଲେ। ମ୍ୟାନ ଆର୍‌ଏସ୍‌ଏ ଦଳର ସୌମ୍ୟ ସିଂଙ୍କୁ ଅଫ୍ ଦି ମ୍ୟାଚ୍ ଏବଂ ସରୋଜ ମହତୋଙ୍କୁ ମ୍ୟାନ୍ ଅଫ୍ ଦି ସିରିଜ୍ ପୁରସ୍କାର ପ୍ରଦାନ କରାଯାଇଥିଲା। ଅମ୍ପାୟାର ରାଜୀବ ନାୟକ ଓ ସରୋଜ ପରିଡା ମ୍ୟାଚ୍ ପରିଚାଳନା କରିଥିବାବେଳେ କୌସ୍ତିକ ମହାନ୍ତି ଓ ଆଦିତ୍ୟ ସାଗର ରନ୍ ତଦାରଖ କରିଥିଲେ। ଆସୋସିଏଶନର ଶୁଭେନ୍ଦୁ ଧଳ, ଅଂଶୁମାନ ଗୋପ, ଆତିଶ ଜେନା, ଭରତ କୁମାର ପରିଡା, ବିଶ୍ୱଜିତ ସାହୁ, ସୌରଭ ବେହେରା, ଦେବେନ୍ଦ୍ର ସେଠୀ, ସ୍ମୃତିରଞ୍ଜନ ନାୟକ, ଶତ୍ରୁଘ୍ନ ସୁବୁଦ୍ଧି, ସୋମନାଥ ଦାସ, ସନ୍ତୋଷ ପରିଡା, କମଳାକାନ୍ତ ବେଉରିଆ ପ୍ରମୁଖ ସହଯୋଗ କରିଥିଲେ।

**ଭାରତୀୟ କପା ନିଗମ ଲିମିଟେଡ୍**
ଭା.କ.ନି. CCI
ମୋବାଇଲ ଆପ
ଶାଖା କାର୍ଯ୍ୟାଳୟ: ରାୟଗଡା
ପ୍ଲଟ ନଂ-୧୩୮/୨୦୩୦/୨୫/୮ ପ୍ରଥମ ମହଲା
ସ୍ୱାମୀ ବିବେକାନନ୍ଦ ବିଦ୍ୟା ମନ୍ଦିର ନିକଟ, ରିଙ୍ଗ୍ ରୋଡ୍, ରାୟଗଡ଼ା -୭୬୫୦୦୧ (ଓଡିଶା)
ସଂଖ୍ୟା: ଭାକନି / ରାୟଗଡ଼ା / ୨୦୨୫-୨୬ ତାରିଖ: ୨୮.୧୨.୨୦୨୫

**କପା ଚାଷୀଙ୍କୁ ଆହ୍ୱାନ**

ଚଳିତ କପା ବିପଣନ ଋତୁ ୨୦୨୫-୨୬ ରେ, ଭାରତୀୟ କପା ନିଗମ (CCI) କପାଚାଷୀଙ୍କ ପାଇଁ "କପାସ କିଷାନ" ମୋବାଇଲ୍ ଆପ୍ ଲଞ୍ଚ କରିଛି, ଯାହା ମାଧ୍ୟମରେ ଚାଷୀମାନେ ସ୍ୱୟଂ-ପଞ୍ଜିକରଣ କରି ପାରିବେ ଏବଂ ସର୍ବନିମ୍ନ ସହାୟକ ମୂଲ୍ୟ (MSP)ରେ CCI କ୍ରୟ କେନ୍ଦ୍ରରେ ସେମାନଙ୍କର କପା ବିକ୍ରୟ କରିପାରିବେ। ସମ୍ପୃକ୍ତ ରାଜ୍ୟ ଦ୍ୱାରା ସ୍ୱୟଂ-ପଞ୍ଜିକରଣ ଅନୁମୋଦନ ହେବା ପରେ ପଞ୍ଜିକରଣ ସମ୍ପୂର୍ଣ୍ଣ ବୋଲି ବିବେଚନା କରାଯିବ, ଯାହା ପରେ ଚାଷୀମାନେ ମୋବାଇଲ୍ ଆପରେ ଉପଲବ୍ଧ ନିକଟତମ କ୍ରୟ କେନ୍ଦ୍ର / ଅଧିସୂଚିତ କାରଖାନାରେ ସେମାନଙ୍କର କପା ବିକ୍ରୟ କରିବା ପାଇଁ ଏକ ସ୍ଲଟ୍ ବୁକ୍ କରିପାରିବେ।

**ରାଜ୍ୟଗୁଡ଼ିକର ଅନୁରୋଧ ଏବଂ କୃଷକମାନଙ୍କ ସୁବିଧାକୁ ଦୃଷ୍ଟିରେ ରଖି, ପଞ୍ଜୀକରଣର ଶେଷ ତାରିଖ ୩୧ ଅକ୍ଟୋବର ୨୦୨୫ ରୁ ୩୧ ଡିସେମ୍ବର ୨୦୨୫ କୁ ବୃଦ୍ଧି କରାଯାଇଛି।**

**ଚାଷୀମାନଙ୍କର ସ୍ୱୟଂ ପଞ୍ଜିକରଣ ତାରିଖ ଶୀଘ୍ର ପାଖେଇ ଆସୁଛି ଏବଂ ତେଣୁ, ସମସ୍ତ ବାକି ଚାଷୀମାନଙ୍କୁ ଶେଷ ମୁହୂର୍ତ୍ତକୁ ଅପେକ୍ଷା ନକରି ପଞ୍ଜିକରଣ ସମାପ୍ତ କରିବାକୁ ଅନୁରୋଧ କରାଯାଉଛି।**

ତେଣୁ, ସମସ୍ତ କପା ଚାଷୀଙ୍କୁ ଅନୁରୋଧ କରାଯାଉଛି ଯେ ସେମାନେ ନିର୍ଦ୍ଧାରିତ ସମୟ ମଧ୍ୟରେ କପାସ କିଶାନ ମୋବାଇଲ୍ ଆପ୍ ଡାଉନଲୋଡ୍ କରନ୍ତୁ ଏବଂ ସେମାନଙ୍କର ପଞ୍ଜୀକରଣ ସମାପ୍ତ କରନ୍ତୁ ଯାହା ଦ୍ୱାରା ସେମାନେ MSP ଯୋଜନାର ଲାଭ ପାଇପାରିବେ।

ଗୁଣବତ୍ତା ମାନଦଣ୍ଡ ଅନୁଯାୟୀ ଯଦି କପାରେ ଆର୍ଦ୍ରତା ୮% ଅତିକ୍ରମ ନକରେ, ତେବେ ଚାଷୀମାନଙ୍କୁ ସମ୍ପୂର୍ଣ୍ଣ ସର୍ବନିମ୍ନ ସହାୟକ ମୂଲ୍ୟ (MSP) ପ୍ରଦାନ କରାଯିବ। କିନ୍ତୁ, ଯଦି ଆର୍ଦ୍ରତା ୮% ଅତିକ୍ରମ କରି ୧୨% ପର୍ଯ୍ୟନ୍ତ ପହଞ୍ଚିଯାଏ, ତେବେ ୮% ରୁ ଅଧିକ ଆର୍ଦ୍ରତା ଅନୁପାତରେ ହ୍ରାସ କରି MSP ପ୍ରଦାନ କରାଯିବ।

ତେଣୁ, ନିଗମ ସମସ୍ତ କପା ଚାଷୀଙ୍କୁ ଅତ୍ୟଧିକ ଆର୍ଦ୍ରତା ଯୋଗୁଁ କୌଣସି କଟନିତୀକୁ ଏଡାଇବା ପାଇଁ କେବଳ ଶୁଖିବା ପରେ ସେମାନଙ୍କର କପା କେନ୍ଦ୍ରକୁ ଆଣିବାକୁ ଅନୁରୋଧ କରୁଛି। ତଥାପି, କୌଣସି ପରିସ୍ଥିତିରେ କପାରେ ଆର୍ଦ୍ରତା ୧୨% ଅତିକ୍ରମ କରିବା ଉଚିତ୍ ନୁହେଁ।

ଯଦି କୌଣସି ପ୍ରକାରର ସହାୟତା ଆବଶ୍ୟକ ହୁଏ, ତେବେ ଚାଷୀମାନେ ନିଗମର ରାୟଗଡ଼ା ଶାଖା କାର୍ଯ୍ୟାଳୟ ସହିତ ହ୍ୱାଟସଆପ୍ ହେଲ୍ପଲାଇନ୍ ନମ୍ବର ୬୩୭୦୦୧୧୯୨୦ରେ ଯୋଗାଯୋଗ କରିପାରିବେ।

ସ୍ୱା/-ଶାଖା ପ୍ରମୁଖ

**ସପ୍ତାହବ୍ୟାପୀ ଭାଗବତ କଥାମୃତ**

ଲଖନପୁର,(ଗୌତମ ସାହୁ): ଲଖନପୁର ବ୍ଲକ ସୀମାନ୍ତ କନକତୋରା ଗାଁ ଗଣ୍ଡପଡ଼ାଠାରେ ସପ୍ତାହବ୍ୟାପୀ ଭାଗବତ କଥାମୃତ ଅନୁଷ୍ଠିତ ହୋଇଯାଇଛି। ବରଗଡ଼ ଜିଲାରୁ ଆସିଥିବା ପ୍ରବଚିକା ବିନୋଦିନୀ ରାଉତ, ଅନନ୍ତରାମ ଖୁଣ୍ଟେଲ ଓ ସାଥୀଙ୍କ ଦ୍ୱାରା କଥାମୃତ ପରିବେଷଣ କରାଯାଉଛି। ତୃତୀୟ ଦିନ କାର୍ଯ୍ୟକ୍ରମରେ ଗ୍ରାମବାସୀଙ୍କ ସହ ଆଖପାଖ ଅଞ୍ଚଳର ଶତାଧିକ ଶ୍ରୋତା ଉପସ୍ଥିତ ରହି କଥାମୃତ ଶ୍ରବଣ କରି ପ୍ରଭୁକୃପା ଲାଭ କରୁଛନ୍ତି। ଏହି କାର୍ଯ୍ୟକ୍ରମକୁ ଗଣ୍ଡପଡ଼ାବାସୀ ଆୟୋଜନ କରିଛନ୍ତି।

## କଂଗ୍ରେସ ଭବନରେ ୧୪୦ତମ ପ୍ରତିଷ୍ଠା ଦିବସ

**କୁଚିଣ୍ଡା,୨୮।୧୨(ବିରଞ୍ଚି ଦର୍ଶୀ)**

ସମ୍ବଲପୁର ଜିଲା କୁଚିଣ୍ଡା କଂଗ୍ରେସ ଭବନରେ କୁଚିଣ୍ଡା କଂଗ୍ରେସ ପକ୍ଷରୁ ୧୪୦ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ପୂର୍ବତନ ପଞ୍ଚାୟତ ସମିତି ଅଧ୍ୟକ୍ଷ କେଦାରନାଥ ବରିହା, ପୂର୍ବତନ ନଗରପାଳ ଅଖିଳ ପ୍ରତାପ ସିଂ, ସଞ୍ଜିତ କୁମାର ଶର୍ମା, ମହମ୍ମଦ ସଫିକ ଖାଁ, ମନ୍ଟୁ ନାଏକ, ଜୀତେନ୍ଦ୍ର ସାହୁ,ଡିଲେଶ୍ୱର ବେହେରା, ଆଶିଷ ପ୍ରତାପ ସିଂ ପ୍ରମୁଖ ଯୋଗଦେଇ ୧୪୦ର୍ଷ ପୂର୍ବେ କଂଗ୍ରେସ ଦଳ ଗଠନ ହୋଇ ଲୋକଙ୍କ ସେବାରେ ଉତ୍ସର୍ଗୀକୃତ ହୋଇଥିବା କହିଥିଲେ। ଏହାଛଡା ଦଳକୁ ସୁଦୃଢ଼ କରି ପୁଣି ଲୋକଙ୍କ ସେବାରେ ନିୟୋଜିତ ହେବାକୁ ନେତାମାନେ ତାଙ୍କ ବକ୍ତବ୍ୟରେ କହିଥିଲେ। ପରେ କୁଚିଣ୍ଡା ଡ଼ାକ୍ତରଖାନାର ରୋଗୀମାନଙ୍କୁ ଫଳ ବଣ୍ଟନ କରାଯାଇଥିଲା। ଏଥିରେ ଯୁବ ଓ ଛାତ୍ର କଂଗ୍ରେସର ବହୁସଂଖ୍ୟକ କର୍ମୀ ସାମିଲ ହୋଇଥିଲେ।

# ବିଜୁ ଏକ୍ସପ୍ରେସ୍ ୱେଠାରୁ କେ. କଣ୍ଟାପାଲି ରାସ୍ତା ନିର୍ମାଣ ଦାବି

**ଝାରସୁଗୁଡ଼ା,୨୮।୧୨(ଆଶିଷ ରଞ୍ଜନ ଦାଶ)**

ଝାରସୁଗୁଡ଼ା ଜିଲା ସଦର ବ୍ଲକ ଅନ୍ତର୍ଗତ ବିଜୁ ଏକ୍ସପ୍ରେସ୍ ୱେଠାରୁ କେ. କଣ୍ଟାପାଲି ଗ୍ରାମକୁ ଯାଇଥିବା ରାସ୍ତାର ନିର୍ମାଣ ପାଇଁ ଗ୍ରାମବାସୀ ଦାବି କରିଛନ୍ତି। ହିର୍ମା ଗ୍ରାମପଞ୍ଚାୟତ ଅନ୍ତର୍ଗତ କେ. କଣ୍ଟାପାଲି ଗ୍ରାମରୁ ବିଜୁ ଏକ୍ସପ୍ରେସ୍ ୱେ ପର୍ଯ୍ୟନ୍ତ ଯାଇଥିବା ରାସ୍ତାଟି ବର୍ତ୍ତମାନ ପର୍ଯ୍ୟନ୍ତ ପିଚୁ କିମ୍ବା କଂକ୍ରିଟ କରାଯାଇନାହିଁ। ଗତ କିଛିମାସ ହେବ ଏହି ରାସ୍ତାକୁ ହିର୍ମା ଗ୍ରାମପଞ୍ଚାୟତଠାରୁ ଗ୍ରାମ୍ୟ ଉନ୍ନୟନ ବିଭାଗକୁ ହସ୍ତାନ୍ତର କରାଯାଇଥିଲା। ରାସ୍ତାଟି ଗ୍ରାମପଞ୍ଚାୟତ ଅଧୀନରେ ଥିବାବେଳେ ରାସ୍ତାରେ ମାଟି ଓ ମୋରମ ପକାଇ ଥରେ ନିର୍ମାଣ କରାଯାଇଥିଲା। ଫଳରେ ବର୍ତ୍ତମାନ ବର୍ଷାଋତୁ ସରିଥିବା ବେଳେ ରାସ୍ତାରେ ବହୁ ଖାଲଖମା ସୃଷ୍ଟି ହେବା ସହିତ ରାସ୍ତାଟି ବିପର୍ଯ୍ୟସ୍ତ ହୋଇପଡ଼ିଛି। ଫଳରେ କେ. କଣ୍ଟାପାଲିରେ ବାସ କରୁଥିବା ପ୍ରାୟ ୬ ଶହରୁ ଉର୍ଦ୍ଧ୍ୱ ଜନସାଧାରଣ, ଛାତ୍ରୀଛାତ୍ର ବହୁ ହଇରାଣ ହେବା ସହିତ ଛୋଟ ବଡ଼ ଦୁର୍ଘଟଣାର ଶିକାର ହେଉଛନ୍ତି। ଏହାସହ ରାସ୍ତାର ଉଭୟ ପାର୍ଶ୍ୱରେ ଲଟାବୁଦା ମାଡ଼ିଯାଇଥିବାରୁ ରାତିବେଳା ଯିବା ଆସିବା କଲାବେଳେ ବିଷଧର ସାପ ତଥା ସରୀସୃପ ଭୟ ରହୁଛି। ତେଣୁ ଗ୍ରାମବାସୀଙ୍କ ସୁବିଧା ପାଇଁ ତୁରନ୍ତ ବିଜୁ ଏକ୍ସପ୍ରେସ୍ ୱେଠାରୁ କେ. କଣ୍ଟାପାଲି ରାସ୍ତାଟିର ନିର୍ମାଣ ପାଇଁ ଗ୍ରାମର ଅବଧୂତ ପ୍ରଧାନ, ଅମୂଲ୍ୟ ପ୍ରଧାନ, ଶରତ ସା ତଥା ଗ୍ରାମବାସୀ ଦାବି କରିଛନ୍ତି। ଏ ନେଇ ଗ୍ରାମ୍ୟ ଉନ୍ନୟନ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ ବିନୋଦ ଛୁରିଆଙ୍କୁ ପଚାରିବାରୁ ସେ କହିଛନ୍ତି, ଗତ ଏକମାସ ହେବ ମୋର ଏଠାରୁ ବଦଳି ହୋଇଯାଇଛି ଏବଂ ଏହି ରାସ୍ତା ନିର୍ମାଣ ପାଇଁ ଗ୍ରାମ୍ୟ ଉନ୍ନୟନ ବିଭାଗ ତରଫରୁ ମାପ ସରିଥିବା ବେଳେ ନୂତନ ଅଧୀକ୍ଷଣ ଯନ୍ତ୍ରୀଙ୍କ ଯୋଗଦାନ ପରେ ରାସ୍ତାକାମ ତୁରନ୍ତ କରାଯିବ ବୋଲି ସେ କହିଛନ୍ତି।



କେ. କଣ୍ଟାପାଲିଠାରୁ ବିଜୁ ଏକ୍ସପ୍ରେସ୍ ୱେ ରାସ୍ତା ବିପର୍ଯ୍ୟସ୍ତ ।

## ପୁରୁଷୋତ୍ତମ ବିଜେଡି ରାଜ୍ୟ ଛାତ୍ର ଉପସଭାପତି

**ଝାରସୁଗୁଡ଼ା,୨୮।୧୨(ଆଶିଷ ରଞ୍ଜନ ଦାଶ)**



ପୁରୁଷୋତ୍ତମ ମହାନ୍ତି।

ବିଜେଡି ଛାତ୍ର ରାଜ୍ୟ ଉପସଭାପତି ଭାବେ ପୁରୁଷୋତ୍ତମ ମହାନ୍ତି (ଦୁର୍ଗେଶ) ନିଯୁକ୍ତ ହୋଇଛନ୍ତି। ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ଝାରସୁଗୁଡ଼ାର ପୂର୍ବତନ ବାଚସ୍ପତି, ବିଧାୟକ, ଏମ୍‌ପି ସ୍ୱର୍ଗତ କିଶୋର ମହାନ୍ତି ଏବଂ ବ୍ରଜରାଜନଗରର ପୂର୍ବତନ ବିଧାୟିକା ଅଳକା ମହାନ୍ତିଙ୍କ ସୁପୁତ୍ର ପୁରୁଷୋତ୍ତମଙ୍କୁ ବିଜେଡି ଛାତ୍ର ରାଜ୍ୟ ଉପସଭାପତି ଭାବରେ ରବିବାର ନିଯୁକ୍ତ କରିଛନ୍ତି। ପୁରୁଷୋତ୍ତମ ବର୍ତ୍ତମାନ ଝାରସୁଗୁଡ଼ା ଜିଲା ରାଜନୀତିରେ ସକ୍ରିୟ ଥିବାବେଳେ ସବୁପ୍ରକାର ସାମାଜିକ କାର୍ଯ୍ୟରେ ଯୋଗଦେଉଛନ୍ତି। ସେ ଜଣେ ଉଚ୍ଚଶିକ୍ଷିତ, ମେଳାପି, ଶାନ୍ତ ଓ ଛାତ୍ର ସଂଗଠକ ହୋଇଥିବାରୁ ବିଜେଡି ସୁପ୍ରିମୋ ତାଙ୍କ ଉପରେ ଭରସା ରଖି ରାଜ୍ୟ ଛାତ୍ର ବିଜେଡିର ଉପସଭାପତି ଦାୟିତ୍ୱ ନ୍ୟସ୍ତ କରିଛନ୍ତି। ଏଥିପାଇଁ ପୁରୁଷୋତ୍ତମ ବିଜେଡି ସୁପ୍ରିମୋଙ୍କୁ କୃତଜ୍ଞତା ଜଣାଇଛନ୍ତି ଏବଂ ସେ ରାଜ୍ୟ ଉପସଭାପତି ହେବାରୁ ଝାରସୁଗୁଡ଼ା ଜିଲା ବିଜେଡି ଓ ଜନସାଧାରଣଙ୍କ ମଧ୍ୟରେ ଖୁସିର ଲହରି ଖେଳିଯାଇଛି।

# ରତନ ଟାଟାଙ୍କ ଜୟନ୍ତୀ ପାଳିତ



ରତନ ଟାଟାଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଉଛି।

**ବେଲପାହାଡ,୨୮।୧୨(ସୁବାସ ପ୍ରଧାନ)**

ବେଲପାହାଡ଼ସ୍ଥିତ ଟିଆର୍‌ଏଲ୍ କ୍ରୋସାକି କମ୍ପାନୀ ପକ୍ଷରୁ ଭାରତ ବର୍ଷର ବିଶିଷ୍ଟ ଶିଳ୍ପପତି ତଥା ସମାଜସେବୀ ରତନ ଟାଟାଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଅବସରରେ ଟାଟା ପାର୍କଠାରେ ସ୍ଥାପିତ ରତନ ଟାଟାଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ ତଥା ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି। ସେ ୧୯୯୧ରୁ ୨୦୧୨ ପର୍ଯ୍ୟନ୍ତ ଟାଟା ଗ୍ରୁପ ଏବଂ ଟାଟା ସନ୍ସର ଅଧ୍ୟକ୍ଷ ଭାବରେ କାର୍ଯ୍ୟ କରିଥିଲେ ଏବଂ ଅକ୍ଟୋବର ୨୦୧୬ ରୁ ଫେବ୍ରୁଆରୀ ୨୦୧୭ ପର୍ଯ୍ୟନ୍ତ ମଧ୍ୟବର୍ତ୍ତୀକାଳୀନ ଅଧ୍ୟକ୍ଷ ପଦରେ ରହିଥିଲେ। ୨୦୦୦ରେ, ସେ ଭାରତର ତୃତୀୟ ସର୍ବୋଚ୍ଚ ନାଗରିକ ସମ୍ମାନ ପଦ୍ମଭୂଷଣ ଏବଂ ୨୦୦୮ରେ ଦେଶର ଦ୍ୱିତୀୟ ସର୍ବୋଚ୍ଚ ନାଗରିକ ସମ୍ମାନ ପଦ୍ମ ବିଭୂଷଣ ପାଇଥିଲେ। ତାଙ୍କ ଜୟନ୍ତୀ ଅବସରରେ ଟିଆର୍‌ଏଲ୍ କ୍ରୋସାକି କମ୍ପାନୀର ପରିଚାଳନା ନିର୍ଦ୍ଦେଶକ ପ୍ରଶାନ୍ତ କୁମାର ନାଏକଙ୍କ ସମେତ ବରିଷ୍ଠ ଅଧିକାରୀ ଡ. ତାରାପଦ ଦାଶ, ସୁଶାନ୍ତ ଦାଶ, ସୁରେଶ ନାଏକ, ମନୋଜ ପଟେଲ, ସୋମେଶ ସାହୁ, ବିଶ୍ୱାଳ ସାହୁ, ଏମ.ଭି.ଜେ. ଦୁରାଇରାଜ, ଶୁଭାଶିଷ ଦାଶ, ଶ୍ରମିକ ସଂଘର ସଭାପତି ପୂର୍ଣ୍ଣଚନ୍ଦ୍ର ତ୍ରିପାଠୀ, ସାଧାରଣ ସମ୍ପାଦକ ରାଜକିଶୋର ରାଉତ ପ୍ରମୁଖ ଯୋଗଦେଇ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡ. ସନ୍ତୋଷ ମିଶ୍ର, ଶଶାଙ୍କ ଦୀକ୍ଷିତ, ଦୀପକ ସାହୁ, ସାଗର ଦାଶ, ବିନୋଦ ରାଉଳ, ଡ. ସୁବାସ ଚନ୍ଦ୍ର ପ୍ରଧାନ, ଏମ୍‌ଡି ଅରିଫ, ବବନ ସିଂ, ସଚ୍ଚିଦାନନ୍ଦ ପଣ୍ଡା, କୁଳମଣି ବଗାର, ଗୋକୁଳାନନ୍ଦ ପ୍ରଧାନ, ସାଗର ସାହୁ, ଶ୍ୟାମଲେନ୍ଦୁ ସେନଗୁପ୍ତା, ଦେବରାଜ ରଣସିଂହ, ରଞ୍ଜିତ ବିଶ୍ୱାଳ, ବବିତା ପଟ୍ଟନାୟକ ପ୍ରମୁଖ ସାମିଲ ରହିଥିଲେ।

# ସ୍ୱାମୀଙ୍କ ମୃତ୍ୟୁର ଦୁଇଦିନ ପରେ ଆଖିବୁଜିଲେ ସ୍ତ୍ରୀ

**ଗ୍ୟାସ୍ ସିଲିଣ୍ଡର ବିସ୍ଫୋରଣ ଘଟଣା**

**କୋଲାବିରା,୨୮।୧୨(ସଞ୍ଜୟ ପୂଜାରୀ)**

କୋଲାବିରା ଗ୍ରାମରେ ଗ୍ୟାସ୍ ସିଲିଣ୍ଡର ବିସ୍ଫୋରଣରେ ଗୁରୁତର ଶକୁନ୍ତଳା ହୋଟେଲ ମାଲିକ ତଥା ସମାଜସେବୀ ସୁରେନ ଟଣ୍ଡକାରଙ୍କ ଗତ ୨୬ ତାରିଖରେ ମୃତ୍ୟୁ ଘଟିଥିଲା। ସ୍ୱାମୀଙ୍କ ମୃତ୍ୟୁର ଦୁଇଦିନ ପରେ ରବିବାର ସନ୍ଧ୍ୟାରେ ସୁରେନଙ୍କ ସ୍ତ୍ରୀ ପୁଷ୍ପାଞ୍ଜଳି(୬୦)ଙ୍କ ମଧ୍ୟ ଚିକିତ୍ସାଧୀନ ଅବସ୍ଥାରେ ରାଉରକେଲା ଆଇଜିଏଚ୍‌ରେ ମୃତ୍ୟୁ ଘଟିଛି। ଗତ ୨୫ ତାରିଖ ଭୋରୁ ରନ୍ଧନ ଗ୍ୟାସ୍ ସିଲିଣ୍ଡର ଫାଟିଯାଇ ନିଆଁ ଲାଗିଯିବାରୁ ସୁରେନ ଓ ସ୍ତ୍ରୀ ପୁଷ୍ପାଞ୍ଜଳି ଗୁରୁତର ଆହତ ହୋଇଥିଲେ। ରାଉରକେଲା ଆଇଜିଏଚ୍ ଡାକ୍ତରଖାନାରେ ଉଭୟଙ୍କର ଚିକିତ୍ସା ଚାଲିଥିଲା। ମାତ୍ର ୨୬ ତାରିଖ ସକାଳୁ ସ୍ୱାମୀ ସୁରେନଙ୍କ ଚିକିତ୍ସାଧୀନ ଅବସ୍ଥାରେ ପରଲୋକ ହୋଇଥିଲା। ସୋମବାର ବ୍ୟବଚ୍ଛେଦ ପରେ କୋଲାବିରାକୁ ମୃତଦେହ ଅଣାଯାଇ ଶେଷକୃତ୍ୟ କରାଯିବ ବୋଲି ସୂଚନା ମିଳିଛି। ସ୍ୱର୍ଗତ ସୁରେନଙ୍କ ବଡ଼ପୁଅ ରକି, ସାନପୁଅ ବ୍ଲକ ଭାଜପା ସାଧାରଣ ସମ୍ପାଦକ ଲିଙ୍କନ ଟଣ୍ଡକାର, ଦୁଇ ବୋହୂ, ଝିଅ ରିଙ୍କି ଓ ଜ୍ୱାଇଁ, ନାତି ନାତୁଣୀ, ସୁରେନଙ୍କ ଭାଇ ରବୀନ୍ଦ୍ର, ବୁଲୁ ଓ ଭଉଣୀ ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷା ମିନି ଟଣ୍ଡକାରଙ୍କ ସହ ପରିବାରବର୍ଗ ଉପସ୍ଥିତ ଥିଲେ।

## ଲଙ୍କେ ଇଲେଭେନ୍‌କୁ ହରାଇ କୁଡ଼ାଲୋଇ ଚାମ୍ପିୟନ



ବିଜେତା ଓ ଉପବିଜେତା ଦଳ ସହିତ ଅତିଥି।

**ସମଲେଶ୍ୱରୀ ଫୁଟବଲ ଉଦ୍‌ଯାପିତ**

**ଲଖନପୁର,୨୮।୧୨(ଗୌତମ ସାହୁ)**

ଲଖନପୁର ବ୍ଲକ ବଂଜାରୀ ପଞ୍ଚାୟତ ସମଲେଶ୍ୱରୀ ଫୁଟବଲ ପଡ଼ିଆରେ ଦୁଇ ଦିବସିୟ ଫୁଟବଲ ପ୍ରତିଯୋଗିତା ରବିବାର ଉଦ୍‌ଯାପିତ ହୋଇଯାଇଛି। ଏହି ପ୍ରତିଯୋଗିତାକୁ ବଞ୍ଜାରୀ ଗାଁ ସମଲେଶ୍ୱରୀ ଯୁବକ ସଂଘ ଆୟୋଜନ କରିଥିବା ବେଳେ ୧୬ଟି ଦଳ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ଫାଇନାଲ ମ୍ୟାଚ୍ କୁଡ଼ାଲୋଇ ଓ ଲଙ୍କେ ଇଲେଭେନ୍ ମଧ୍ୟରେ ହୋଇଥିଲା। ଏଥିରେ କୁଡ଼ାଲୋଇ ଚାମ୍ପିୟନ ହୋଇଥିବା ବେଳେ ଲଙ୍କେ ଇଲେଭେନ୍ ନରନର୍ସଅପ ହୋଇଥିଲା। ମ୍ୟାଚ୍‌ରେ ମୁଖ୍ୟଅତିଥି ଭାବେ ବେଳପାହାଡ଼ ରେଞ୍ଜର ପ୍ରଦୀପ କୁମାର ନାଏକ, ସମ୍ମାନିତ ଅତିଥି ଭାବେ ସ୍ଥାନୀୟ ସରପଞ୍ଚ ସୀମା ସାହୁ, ସମିତି ସଭ୍ୟ ପ୍ରତିଭା ବଡ଼େଇ ଉପସ୍ଥିତ ରହି ବିଜେତା ଓ ଉପ ବିଜେତା ଦଳକୁ ଟ୍ରଫି ପ୍ରଦାନ କରିଥିଲେ। ଫାଇନାଲ ଖେଳକୁ ଗିରିଷ ପଧାନ, ରମଣୀ ମାଝୀ ପରିଚାଳନା କରିଥିଲେ।

# ଏନ୍‌ଏନ୍‌ଏନ୍ କପ କ୍ରିକେଟ: ବାଉରୀଗୋଡ଼ା ଚାମ୍ପିୟନ

**କୁଚିଣ୍ଡା,୨୮।୧୨(ବିରଞ୍ଚି ଦର୍ଶୀ)**

ସମ୍ବଲପୁର ଜିଲା କୁଚିଣ୍ଡା ବ୍ଲକ ପାରୁଆଭାଡି ପଞ୍ଚାୟତ ଅନ୍ତର୍ଗତ ରାମତିଲେଇମାଲ ଗ୍ରାମରେ ପାଞ୍ଚଦିନ ଧରି ଚାଲିଥିବା ଏନ୍‌ଏନ୍‌ଏନ୍ (ନୀରାକାର, ନରେନ୍ଦ୍ର ଓ ନରେଶ)କପ୍ କ୍ରିକେଟ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ଏହି ଏନ୍‌ଏନ୍‌ଏନ୍ ଯୁବକମାନେ ଦେଶ ସେବାରେ ନିୟୋଜିତ ଥିବା ବେଳେ ପ୍ରଥମ ଥର ପାଇଁ ସେମାନେ ଗାଁକୁ ଆସି ଟୁର୍ନାମେଣ୍ଟ ଆୟୋଜନ କରିଥିଲେ। ରାମତିଲେଇମାଲ ଉଦ୍ଦାମ ଯୁବକ ସଂଘ ଓ ଛୁଟିପଡା କ୍ରିକେଟ କ୍ଲବ ମିଳିତ ଆନୁକୂଲ୍ୟରେ ହୋଇଥିବା ଟୁର୍ନାମେଣ୍ଟରେ ମୋଟ ୧୬ଟି ଦଳ ଅଂଶଗ୍ରହଣ କରିଥିଲେ। ଫାଇନାଲ ମ୍ୟାଚ ବାଉରୀଗୋଡା ଏବଂ ପତ୍ରାପାଲି ମଧ୍ୟରେ ହୋଇଥିଲା। ଟସ୍ ଜିତି ବାଉରୀଗୋଡା ପ୍ରଥମେ ବ୍ୟାଟିଂ କରିଥିଲା ଏବଂ ୭ ଓଭରରେ ୫ ଉଇକେଟ ହରାଇ ୮୧ରନ ସଂଗ୍ରହ କରିଥିଲା। ଜବାବରେ ପତ୍ରାପାଲି ୮ ଉଇକେଟ ହରାଇ ମାତ୍ର ୩୨ରନ କରିଥିଲେ। ଫଳରେ ୪୯ ରନରେ ବାଉରୀଗୋଡା ଚାମ୍ପିୟନ ହୋଇଥିଲା। ଟୁର୍ନାମେଣ୍ଟକୁ ବବୁଲ ବେହେରା ଓ ବନ୍ଧନ କିଷାନ ଅମ୍ପେୟାର ଦାୟିତ୍ୱ ତୁଲାଇଥିଲେ। ଲିଙ୍ଗରାଜ ବାଘଙ୍କ ସଭାପତିତ୍ୱରେ ହୋଇଥିବା ପୁରସ୍କାର ବିତରଣ ଉତ୍ସବରେ ପୂର୍ବତନ ବିଧାୟକ କିଶୋର ଚନ୍ଦ୍ର ନାଏକ ମୁଖ୍ୟଅତିଥି, ବିରଞ୍ଚି ନାରାୟଣ ଦର୍ଶୀ ମୁଖ୍ୟବକ୍ତା, ସରପଞ୍ଚ ସୁବାସିନୀ ଧାନ, ପୂର୍ବତନ ସମିତି ସଭ୍ୟ ପ୍ରଦୀପ୍ତ ଛତ୍ରିଆ, ଅମିତ ମାଝି, ଶଶୀ ଲୁହା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଅତିଥିମାନେ ବିଜେତା ବାଉରୀଗୋଡା ଦଳକୁ ଚାମ୍ପିୟନ ଟ୍ରଫି ଓ ପରାଜିତ ପତ୍ରାପାଲି ଦଳକୁ ରନର ଅପ ଟ୍ରଫି ପ୍ରଦାନ କରିଥିଲେ। ଟୁର୍ନାମେଣ୍ଟକୁ ଏନ୍‌ଏନ୍‌ଏନ୍ କପ ସଭାପତି ପ୍ରକାଶ ଚନ୍ଦ୍ର ଭୋଇ, ସମ୍ପାଦକ ସୋନୁ କୁମାର ଭୋଇଙ୍କ ସମେତ ସମସ୍ତ ସଦସ୍ୟ ଟୁର୍ନାମେଣ୍ଟ ପରାଚାଳନାରେ ସହଯୋଗ କରିଥିଲେ।



ଅତିଥିମାନେ ବିଜେତା ଦଳକୁ ଚାମ୍ପିୟନ ଟ୍ରଫି ପ୍ରଦାନ କରୁଛନ୍ତି।

# ସୋନପୁରକୁ ହରାଇ ଝାରସୁଗୁଡା ଚାମ୍ପିୟନ

**ଫୁଟବଲ୍ ପ୍ରତିଯୋଗିତା**

**ବ୍ରଜରଜନଗର,୨୮।୧୨(ବିଜୟ ବରାଡ଼)**

ବ୍ରଜରଜନଗର ସହରାଞ୍ଚଳ ଅନ୍ତର୍ଗତ ଓପିଏମ ଫୁଟବଲ ପଡ଼ଆରେ ଚାଲିଥିବା ପ୍ରଥମ ଅନିଲ ଶର୍ମା ମେମୋରିଆଲ ଫୁଟବଲ ପ୍ରତିଯୋଗିତାର ଫାଇନାଲ ମ୍ୟାଚ ସୋନପୁର ଓ ଝାରସୁଗୁଡା ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଉଭୟ ଦଳ ଚିତାକର୍ଷକ ଖେଳ ପ୍ରଦର୍ଶନ କରିଥିଲେ। ନିର୍ଦ୍ଧାରିତ ସମୟ ଭିତରେ କେହି କାହାକୁ ଗୋଲ ଦେଇନଥିଲେ। ଫଳରେ ଟାଇବ୍ରେକାର ସହାୟତାରେ ଝାରସୁଗୁଡା ଦଳ ୫/୪ଗୋଲରେ ବିଜୟୀ ହୋଇଥିଲା। ଉଦ୍‌ଯାପନୀ ସମାରୋହରେ ରାଜ୍ୟ ଭାଜପା ଯୁବମୋର୍ଚ୍ଚା ଉପ ସଭାପତି ବିଶ୍ୱଜିତ ସରଙ୍ଗୀ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ।

**OFFICE OF THE PRINCIPAL CUM SECRETARY**

**PANCHAYAT SAMITI DEGREE COLLEGE, TUREKELA**

**AFFILIATED TO RAJENDRA UNIVERSITY**

AT/PO-TUREKELA, DIST-BALANGIR (ODISHA) PIN-767060

Email Id-psdegreecollege2018@gmail.com, Contact-9827157275

No: 356/PSDCT Dated: 23.12.2025

**ADVERTISEMENT FOR WALK-IN INTERVIEW**

Applications are invited from the eligible candidate for the following post to be engaged on Contractual basis at **Panchayat Samiti Degree College, Turekela, Dist-Balangir**. Interested candidates having requisite qualification should report at the Office of the undersigned with their CV with original and Xerox copies of all Educational Certificate and Mark sheet from H.S.C onwards and two passport size photograph duly self attested by them and attain interview at 10:00 am on **Dt: 11.01.2026 (Sunday)** in the College Premises.

**Requirement Post and Qualification:**

1. **Lecturer in History** (2nd Post), M.A. in History with Aggregate 55% Mark. (M.Phil or Ph.D) Candidates are more preferable.
2. **Physical Education Teacher** (P.E.T) M.Ped or B.Ped with Aggregate 55% Mark.
3. **Data Entry Operator** (D.E.O), Graduation in any Stream with Computer Proficiency like PGDCA from any recognized University or Institution/ AICTE/ NIELIT/ OS-CIT.

**N.B**

*No TA/ DA will be paid for attending the said interview.
*The engagement will be purely temporary and may be terminated at any time without assigning any reason thereof.
*The Governing Body reserves the right of appointment.
*Candidate must have attained the age of 21 and must not be above to 42.
*Candidate must obtain their Degree from a Recognized University on Regular mode.
*Preference will be given to candidate having Higher Qualification.

Sd./-Principal - Cum- Secretary
P.S. Degree College, Turekela

**ଭାରତୀୟ କପା ନିଗମ ଲିମିଟେଡ୍**

ଶାଖା କାର୍ଯ୍ୟାଳୟ: ରାୟଗଡା

ପ୍ଲଟ ନଂ-୧୩୮/୨୦୩୦/୨୫/୮ ପ୍ରଥମ ମହଲା

ସ୍ୱାମୀ ବିବେକାନନ୍ଦ ବିଦ୍ୟା ମନ୍ଦିର ନିକଟ, ରିଙ୍ଗ୍ ରୋଡ୍, ରାୟଗଡ଼ା -୭୬୫୦୦୧ (ଓଡିଶା)

ସଂଖ୍ୟା: ଭାକନି / ରାୟଗଡ଼ା / ୨୦୨୫-୨୬ ତାରିଖ: ୨୮.୧୨.୨୦୨୫

**କପା ଚାଷୀଙ୍କୁ ନିବେଦନ**

ସିସିଆଇ ନଜରକୁ ଏହା ଆସିଛି ଯେ, କେତେକ ଚାଷୀ କପାସ୍ କିଷାନ ମୋବାଇଲ୍ ଆପ୍ ସ୍ଲଟ୍‌ରେ ବୁକ୍ କରିଥିବା ପରିମାଣରୁ ବହୁ ଅଧିକ ପରିମାଣର ଉତ୍ପାଦ ଆଣୁଛନ୍ତି, ଯାହାଫଳରେ କାରଖାନାଗୁଡ଼ିକରେ ଗହଳି ଓ ଆଇନଶୃଙ୍ଖଳା ସମସ୍ୟା ସୃଷ୍ଟି ହେଉଛି ।

ସିସିଆଇ ଏତଦ୍ୱାରା ସମସ୍ତ କପା ଚାଷୀଙ୍କୁ ନିବେଦନ କରୁଅଛି ଯେ, ଆପଣମାନେ ଯତ୍ନପୂର୍ବକ ପରିମାଣ ବୁକ୍ କରନ୍ତୁ ଏବଂ ୨-୩ କୁଇଣ୍ଟାଲର ସହନୀୟ ଓଜନରୁ ଅଧିକ ପରିମାଣର ଅତିରିକ୍ତ ଉତ୍ପାଦ ଆଣନ୍ତୁ ନାହିଁ । ଯେଉଁ ଚାଷୀମାନେ ବୁକ୍ କରିଥିବା ପରିମାଣରୁ ସହନୀୟ ସୀମାରୁ ଅଧିକ ପରିମାଣର ଉତ୍ପାଦ ଆଣିବେ ସେମାନଙ୍କ ଉତ୍ପାଦକୁ ଗ୍ରହଣ କରାଯିବ ନାହିଁ ।

ତେଣୁକରି, ସିସିଆଇ ସମସ୍ତ କପା ଚାଷୀମାନଙ୍କୁ ନିବେଦନ କରୁଅଛି କି, ସ୍ଲଟ୍‌ରେ ଯତ୍ନପୂର୍ବକ ପରିମାଣ ବୁକ୍ କରନ୍ତୁ । ଏହାଦ୍ୱାରା କପାରେ ସୁରୁଖୁରୁ, ପାରଦର୍ଶୀ ଏବଂ ଚାଷୀ ଅନୁକୂଳ ଏମ୍‌ଏସ୍‌ପି କାର୍ଯ୍ୟ ପରିଚାଳନାରେ ସହାୟତା ମିଳିବ ।

ସ୍ୱା./- ଶାଖା ମୁଖ୍ୟ

# ସର୍ବଭାରତୀୟ ଟିଆର୍‌ଏଲ୍ କ୍ରୋସାକି କପ୍ ଫୁଟ୍‌ବଲ୍ ଉଦ୍‌ଯାପିତ

**ବେଲପାହାଡ଼ ୟୁନାଇଟେଡ ଚାମ୍ପିୟନ**

**ବେଲପାହାଡ,୨୮।୧୨(ସୁବାସ ପ୍ରଧାନ)**

ଝାରସୁଗୁଡ଼ା ଜିଲା ବେଲପାହାଡ଼ ଟିଆରଏଲ କ୍ରୋସାକି କମ୍ପାନୀ ପକ୍ଷରୁ ସ୍ଥାନୀୟ ରତନ ଟାଟା ଷ୍ଟାଡିୟମ୍‌ରେ ଚାଲିଥିବା ୨ୟ ସର୍ବଭାରତୀୟ ଟିଆର୍‌ଏଲ୍ କ୍ରୋସାକି କପ୍ ଫୁଟବଲ୍ ପ୍ରତିଯୋଗିତା-୨୦୨୫ ରବିବାର ଉଦ୍‌ଯାପିତ ହୋଇଯାଇଛି। ଏହା ଚଳିତ ଡିସେମ୍ବର ୨୧ରେ ଆରମ୍ଭ ହୋଇଥିଲା। ଏଥିରେ ଓଡ଼ିଶା ସମେତ ବିଭିନ୍ନ ରାଜ୍ୟରୁ ମୋଟ ୮ ଗୋଟି ଦଳ ଅଂଶଗ୍ରହଣ କରିଥିଲେ। ଫାଇନାଲ ଖେଳ ଆୟୋଜକ ବେଲପାହାଡ଼ ୟୁନାଇଟେଡ ଓ ଭୁବନେଶ୍ୱର ଜଗା ୟୁନାଇଟେଡ ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଉଭୟ ୧-୧ ଗୋଲରେ ଡ୍ର ହେବାରୁ ଖେଳଟି ଅମୀମାଂସିତ ରହିଥିଲା। ପରେ ଟାଇବ୍ରେକର ଜରିଆରେ ବେଲପାହାଡ଼ ୟୁନାଇଟେଡ ଦଳ ୪-୨ ଗୋଲରେ ଜଗା ୟୁନାଇଟେଡକୁ ପରାସ୍ତକରି ଚାମ୍ପିୟନ ଟ୍ରଫି ହାସଲ କରିଥିଲା। ଚାମ୍ପିୟନ ଦଳକୁ ନଗଦ ୧ ଲକ୍ଷ ଓ ଉପବିଜେତା ଦଳକୁ ନଗଦ ୭୦ ହଜାର ଟଙ୍କା ସହିତ ଉଭୟ ଦଳକୁ ଟ୍ରଫି ପ୍ରଦାନ କରାଯାଇଥିଲା। ଖେଳାଳିଙ୍କ ମଧ୍ୟରୁ ରୋହିତ ମହାନନ୍ଦିଆ ମ୍ୟାନ୍ ଅଫ୍ ଦି ମ୍ୟାଚ୍, ସଞ୍ଜୀବ ଓରାମ୍ ମ୍ୟାନ୍ ଅଫ୍ ଦି ସିରିଜ, ରାହୁଲ ଲାଲ ଶ୍ରେଷ୍ଠ ଡିଫେଣ୍ଡର, ତୁଷାର ନାଗ ଶ୍ରେଷ୍ଠ ସ୍କୋରର, ଅନିଲ ରଣା ଶ୍ରେଷ୍ଠ ଗୋଲ କିପର, ସୁମିତ ଓରାମ ଶ୍ରେଷ୍ଠ ମିଡ୍‌ଫିଲ୍ଡର ଭାବେ ପୁରସ୍କୃତ ହୋଇଥିଲେ। ମ୍ୟାଚ୍ କମିଶନର ଗିରିଶ୍ ଚନ୍ଦ୍ର ଜୟପୁରିଆ, ରେଫରି ଭାବରେ ଅରୁଣ କୁମାର ନାଏକଙ୍କ ସମେତ ପ୍ରଦୀପ୍ତ ନାୟକ, ଶଶିକାନ୍ତ ଦାସିଆ ଓ ପ୍ରଶାନ୍ତ ବେହେରା ଖେଳକୁ ପରିଚାଳନା କରିଥିବା ବେଳେ ଭାଗୀରଥି ପାତ୍ର ଖେଳର ଧାରାବିବରଣୀ ପ୍ରଦାନ କରିଥିଲେ। ଖେଳଟି ଉଚ୍ଚକୋଟୀର ହୋଇଥିବାରୁ ଷ୍ଟାଡିୟମ୍‌ରେ ହଜାର ହଜାର ଦର୍ଶକଙ୍କ ମହଲରେ ଅନେକ ଉତ୍ସାହ ଦେଖିବାକୁ ମିଳିଥିଲା। ଉଦ୍‌ଯାପନୀ ସମାରୋହରେ ମୁଖ୍ୟ ଅତିଥି ଭାବେ ଆୟୋଜକ ଟିଆର୍‌ଏଲ୍ କ୍ରୋସାକି କମ୍ପାନୀର ପରିଚାଳନା ନିର୍ଦ୍ଦେଶକ ପ୍ରଶାନ୍ତ କୁମାର ନାଏକ, ସମ୍ମାନିତ ଅତିଥି ଭାବେ ଏଆଇଏଫ୍‌ଏଫ୍ ମ୍ୟାଚ୍ କମିଶନର ସୁଶାନ୍ତ ମହାନ୍ତି, ବରିଷ୍ଠ ଅଧିକାରୀ ଡ. ତାରାପଦ ଦାଶ ଯୋଗଦେଇ ବିଜେତା ଓ ଉପବିଜେତା ଦଳକୁ ପୁରସ୍କୃତ କରିଥିଲେ। ଆୟୋଜନରେ ଟିଆର୍‌ଏଲ୍ କ୍ରୋସାକିର ଅଧିକାରୀ ଓ ସ୍ୱେଚ୍ଛାସେବୀଙ୍କ ମଧ୍ୟରେ ଡ. ସନ୍ତୋଷ ମିଶ୍ର, ଶଶାଙ୍କ ଦୀକ୍ଷିତ, ଦୀପକ ସାହୁ, କିଶନ ଦାଶ, ସ୍ମୃତିରଞ୍ଜନ ପ୍ରଧାନ, ଶକ୍ତି ମହାପାତ୍ର, ସୌମ୍ୟକାନ୍ତ ଦତ୍ତ, ଯଦୁମଣି ସାହୁ, ଅଭିଳାଷ ସାହୁ, ବ୍ରଜବନ୍ଧୁ ଶତପଥୀ, କାର୍ତ୍ତିକ ଦାଶ, ରାମ ସେନ୍ଦ୍ରିଆ, ରମଣି ମାଝୀ ପ୍ରମୁଖ ସହଯୋଗ କରୁଛନ୍ତି।




ଟ୍ରଫି ସହିତ ବିଜୟୀ ଦଳ।

**ଭାରତୀୟ କପା ନିଗମ ଲିମିଟେଡ୍**

ମୋବାଇଲ ଆପ

ଶାଖା କାର୍ଯ୍ୟାଳୟ: ରାୟଗଡା

ପ୍ଲଟ ନଂ-୧୩୮/୨୦୩୦/୨୫/୮ ପ୍ରଥମ ମହଲା

ସ୍ୱାମୀ ବିବେକାନନ୍ଦ ବିଦ୍ୟା ମନ୍ଦିର ନିକଟ, ରିଙ୍ଗ୍ ରୋଡ୍, ରାୟଗଡ଼ା -୭୬୫୦୦୧ (ଓଡିଶା)

ସଂଖ୍ୟା: ଭାକନି / ରାୟଗଡ଼ା / ୨୦୨୫-୨୬ ତାରିଖ: ୨୮.୧୨.୨୦୨୫

**କପା ଚାଷୀଙ୍କୁ ଆହ୍ୱାନ**

ଚଳିତ କପା ବିପଣନ ଋତୁ ୨୦୨୫-୨୬ ରେ, ଭାରତୀୟ କପା ନିଗମ (CCI) କପାଚାଷୀଙ୍କ ପାଇଁ "କପାସ କିଷାନ" ମୋବାଇଲ୍ ଆପ୍ ଲଞ୍ଚ କରିଛି, ଯାହା ମାଧ୍ୟମରେ ଚାଷୀମାନେ ସ୍ୱୟଂ-ପଞ୍ଜିକରଣ କରି ପାରିବେ ଏବଂ ସର୍ବନିମ୍ନ ସହାୟକ ମୂଲ୍ୟ (MSP)ରେ CCI କ୍ରୟ କେନ୍ଦ୍ରରେ ସେମାନଙ୍କର କପା ବିକ୍ରୟ କରିପାରିବେ। ସମ୍ପୃକ୍ତ ରାଜ୍ୟ ଦ୍ୱାରା ସ୍ୱୟଂ-ପଞ୍ଜିକରଣ ଅନୁମୋଦନ ହେବା ପରେ ପଞ୍ଜିକରଣ ସମ୍ପୂର୍ଣ୍ଣ ବୋଲି ବିବେଚନା କରାଯିବ, ଯାହା ପରେ ଚାଷୀମାନେ ମୋବାଇଲ୍ ଆପରେ ଉପଲବ୍ଧ ନିକଟତମ କ୍ରୟ କେନ୍ଦ୍ର / ଅଧିସୂଚିତ କାରଖାନାରେ ସେମାନଙ୍କର କପା ବିକ୍ରୟ କରିବା ପାଇଁ ଏକ ସ୍ଲଟ୍ ବୁକ୍ କରିପାରିବେ।

**ରାଜ୍ୟଗୁଡ଼ିକର ଅନୁରୋଧ ଏବଂ କୃଷକମାନଙ୍କ ସୁବିଧାକୁ ଦୃଷ୍ଟିରେ ରଖି, ପଞ୍ଜୀକରଣର ଶେଷ ତାରିଖ ୩୧ ଅକ୍ଟୋବର ୨୦୨୫ ରୁ ୩୧ ଡିସେମ୍ବର ୨୦୨୫ କୁ ବୃଦ୍ଧି କରାଯାଇଛି।**

**ଚାଷୀମାନଙ୍କର ସ୍ୱୟଂ ପଞ୍ଜିକରଣ ତାରିଖ ଶୀଘ୍ର ପାଖେଇ ଆସୁଛି ଏବଂ ତେଣୁ, ସମସ୍ତ ବାକି ଚାଷୀମାନଙ୍କୁ ଶେଷ ମୁହୂର୍ତ୍ତକୁ ଅପେକ୍ଷା ନକରି ପଞ୍ଜିକରଣ ସମାପ୍ତ କରିବାକୁ ଅନୁରୋଧ କରାଯାଉଛି।**

ତେଣୁ, ସମସ୍ତ କପା ଚାଷୀଙ୍କୁ ଅନୁରୋଧ କରାଯାଉଛି ଯେ ସେମାନେ ନିର୍ଦ୍ଧାରିତ ସମୟ ମଧ୍ୟରେ କପାସ କିଶାନ ମୋବାଇଲ୍ ଆପ୍ ଡାଉନଲୋଡ୍ କରନ୍ତୁ ଏବଂ ସେମାନଙ୍କର ପଞ୍ଜୀକରଣ ସମାପ୍ତ କରନ୍ତୁ ଯାହା ଦ୍ୱାରା ସେମାନେ MSP ଯୋଜନାର ଲାଭ ପାଇପାରିବେ।

ଗୁଣବତ୍ତା ମାନଦଣ୍ଡ ଅନୁଯାୟୀ ଯଦି କପାରେ ଆର୍ଦ୍ରତା ୮% ଅତିକ୍ରମ ନକରେ, ତେବେ ଚାଷୀମାନଙ୍କୁ ସମ୍ପୂର୍ଣ୍ଣ ସର୍ବନିମ୍ନ ସହାୟକ ମୂଲ୍ୟ (MSP) ପ୍ରଦାନ କରାଯିବ। କିନ୍ତୁ, ଯଦି ଆର୍ଦ୍ରତା ୮% ଅତିକ୍ରମ କରି ୧୨% ପର୍ଯ୍ୟନ୍ତ ପହଞ୍ଚିଯାଏ, ତେବେ ୮% ରୁ ଅଧିକ ଆର୍ଦ୍ରତା ଅନୁପାତରେ ହ୍ରାସ କରି MSP ପ୍ରଦାନ କରାଯିବ।

ତେଣୁ, ନିଗମ ସମସ୍ତ କପା ଚାଷୀଙ୍କୁ ଅତ୍ୟଧିକ ଆର୍ଦ୍ରତା ଯୋଗୁଁ କୌଣସି କଟନିତୀକୁ ଏଡାଇବା ପାଇଁ କେବଳ ଶୁଖିବା ପରେ ସେମାନଙ୍କର କପା କେନ୍ଦ୍ରକୁ ଆଣିବାକୁ ଅନୁରୋଧ କରୁଛି। ତଥାପି, କୌଣସି ପରିସ୍ଥିତିରେ କପାରେ ଆର୍ଦ୍ରତା ୧୨% ଅତିକ୍ରମ କରିବା ଉଚିତ୍ ନୁହେଁ।

ଯଦି କୌଣସି ପ୍ରକାରର ସହାୟତା ଆବଶ୍ୟକ ହୁଏ, ତେବେ ଚାଷୀମାନେ ନିଗମର ରାୟଗଡ଼ା ଶାଖା କାର୍ଯ୍ୟାଳୟ ସହିତ ହ୍ୱାଟସଆପ୍ ହେଲ୍ପଲାଇନ୍ ନମ୍ବର ୬୩୭୦୦୧୧୯୨୦ରେ ଯୋଗାଯୋଗ କରିପାରିବେ।

ସ୍ୱା/-ଶାଖା ପ୍ରମୁଖ



# ଦିଗନ୍ତ

ଶେଷ ପାହାଚରେ ଉପନୀତ ୨୦୨୫। ଚଳିତବର୍ଷ ସ୍ୱାସ୍ଥ୍ୟ, ମହାକାଶ, ପ୍ରତିରକ୍ଷା ପ୍ରଯୁକ୍ତି କ୍ଷେତ୍ରରେ ଘଟିଥିବା ପ୍ରମୁଖ ଘଟଣାବଳୀକୁ ନେଇ ଉପସ୍ଥାପନା...

## ଭି.ନାରାୟଣନ ନୂଆ ଇସ୍ରୋ ଅଧ୍ୟକ୍ଷ



ଡ. ଭି. ନାରାୟଣନଙ୍କୁ ଚଳିତବର୍ଷ ଏକ ସମ୍ମାନଜନକ ଦାୟିତ୍ୱ ପ୍ରଦାନ କରାଯାଇଛି। ନାରାୟଣନ ଭାରତୀୟ ମହାକାଶ ଗବେଷଣା ସଂସ୍ଥା (ଇସ୍ରୋ)ର ନୂଆ ଅଧ୍ୟକ୍ଷ ଦାୟିତ୍ୱ ତୁଲାଇବେ ବୋଲି କେନ୍ଦ୍ର ସରକାରଙ୍କ ପକ୍ଷରୁ ପ୍ରକାଶିତ ରିପୋର୍ଟରେ ଉଲ୍ଲେଖ କରାଯାଇଛି । ସେ ଏହି ନୂଆ ଦାୟିତ୍ୱ ନେଇସାରିଛନ୍ତି ଏବଂ ଆସନ୍ତା ଦୁଇ ବର୍ଷ ପର୍ଯ୍ୟନ୍ତ ସେ ଏହି ପଦବୀରେ ରହିବେ। ଦୀର୍ଘ ୪୦ ବର୍ଷର ବୈଜ୍ଞାନିକ କ୍ୟାରିୟରରେ ସେ ଇସ୍ରୋର ବିଭିନ୍ନ ଉଚ୍ଚ ପଦବୀରେ ରହି ନିଜ ଦାୟିତ୍ୱ ଠିକ୍ ଭାବରେ ତୁଲାଇବାରେ ସକ୍ଷମ ହୋଇଛନ୍ତି। ରକେଟ ଏବଂ ସ୍ପେଶକ୍ରାଫ୍ଟ ପ୍ରପଲଶନରେ ତାଙ୍କର ପାରଦର୍ଶିତା ରହିଛି।

## ଡାଇବେଟିସ୍ ପାଇଁ ନୂଆ ଇଞ୍ଜେକ୍ସନ



ଭାରତରେ ଡାଇବେଟିସ୍ ନିୟନ୍ତ୍ରଣ ପାଇଁ ଏକ ନୂଆ ଇଞ୍ଜେକ୍ସନ ଚଳିତବର୍ଷ ଶେଷାର୍ଦ୍ଧରେ ଲଞ୍ଚ୍ ହୋଇଛି। ଉକ୍ତ ନୂଆ ଇଞ୍ଜେକ୍ସନଟି ହେଲା ମୌଞ୍ଜାରୋ (ଟିରଜେପାଟାଇଡ୍)। ବିଶେଷଭାବରେ ଏହା ଟାଇପ୍-୨ ଡାଇବେଟିସ୍ ରୋଗୀଙ୍କ ପାଇଁ ଲାଭପ୍ରଦ ସାବ୍ୟସ୍ତ ହେବ। ଅନ୍ୟପକ୍ଷରେ ଏହି ନୂଆ ଇଞ୍ଜେକ୍ସନକୁ ସେଣ୍ଟ୍ରାଲ ଡ୍ରଗ୍ସ ଷ୍ଟାଣ୍ଡାର୍ଡ କଣ୍ଟ୍ରୋଲ ଅର୍ଗାନାଇଜେଶନ (ସିଡିଏସ୍‌ସିଓ) ମଞ୍ଜୁରୀ ପ୍ରଦାନ କରିଛି। ଏହା ବ୍ୟତୀତ ଜଣେ ଡାଇବେଟିସ୍ ରୋଗୀ ଖାଦ୍ୟପେୟ ଏବଂ ବ୍ୟାୟାମ ପ୍ରତି ବିଶେଷ ଧ୍ୟାନ ଦେବା ଦରକାର।

## ଦେଖାଗଲା ଲାଲ ଚନ୍ଦ୍ର



ଚଳିତବର୍ଷର ଦ୍ୱିତୀୟ ତଥା ଶେଷ ପୂର୍ଣ୍ଣ ଗ୍ରାସ ଚନ୍ଦ୍ରଗ୍ରହଣ ଏଥର ଚର୍ଚ୍ଚାରେ ରହିଥିଲା। ଏବର୍ଷ ଆକାଶରେ ୮୨ ମିନିଟ୍ ଧରି ଲାଲ ରଙ୍ଗର ଚନ୍ଦ୍ର ଦେଖିବାକୁ ମିଳିଥିଲା। ଭାରତ ସମେତ ଅଷ୍ଟ୍ରେଲିଆ, ନ୍ୟୁଜିଲାଣ୍ଡ, ଆମେରିକା ଏବଂ ଫିଜିରେ ଏହି ସମ୍ପୂର୍ଣ୍ଣ ଚନ୍ଦ୍ରଗ୍ରହଣକୁ ଲୋକେ ଦେଖିଥିଲେ। ଆମ ଓଡ଼ିଶାରେ ମଧ୍ୟ ଏହା ଦେଖାଯାଇଥିଲା। ପୁଣି ଥରେ ଏପରି ମହାଜାଗତିକ ସଂଯୋଗ ୧୩୯ ବର୍ଷ ପରେ ଅର୍ଥାତ୍ ୨୧୬୪ ମସିହା ସେପ୍ଟେମ୍ବର ୩୦ ତାରିଖ ଭାଦ୍ରବ ପୂର୍ଣ୍ଣିମାରେ ଦେଖିବାକୁ ମିଳିବ ବୋଲି ଜ୍ୟୋତିର୍ବିଜ୍ଞାନୀମାନେ ଆକଳନ କରିଛନ୍ତି।

## ଭାରତର ପ୍ରଥମ ଘରୋଇ ସାଟେଲାଇଟ୍ ଆରମ୍ଭ

ମହାକାଶ କ୍ଷେତ୍ରରେ କାମ କରୁଥିବା ଦୁଇଟି ଭାରତୀୟ ଘରୋଇ ଅନୁଷ୍ଠାନ 'ଷ୍ଟାର୍ଟଅପ୍ ପିକ୍ସଲ' ଏବଂ 'ଦିଗଂତାରା' ଏକ ଘରୋଇ ସାଟେଲାଇଟ୍ ଲଞ୍ଚ୍ କରିଛନ୍ତି। 'ସ୍ପେଶ୍ ଏକ୍ସ'ରୁ ଏହି ଲଞ୍ଚ୍ କାମ ହୋଇଥିଲା। ପୃଥିବୀ ଚାରିପଟରେ ପରିକ୍ରମା କରୁଥିବା ବସ୍ତୁଗୁଡିକ ଉପରେ ତୀକ୍ଷ୍ଣ ନଜର ରଖିବା ହେଉଛି ଏହାର ପ୍ରମୁଖ କାମ। ଏହାସହ ମହାକାଶ କ୍ଷେତ୍ରରେ ନୂଆ ଘରୋଇ କମ୍ପାନୀମାନେ ପ୍ରବେଶ କରିବାର ପଥ ଏହା ଉନ୍ମୁକ୍ତ କରିଛି। କାଲିଫର୍ନିଆ ଭାଣ୍ଡେନବର୍ଗ ସ୍ପେଶଫୋର୍ସ ବେସ୍‌ଠାରୁ ପିକ୍ସଲ ପକ୍ଷରୁ ତିନୋଟି 'ଫାୟାରଫ୍ଲାଏ' ସାଟେଲାଇଟକୁ ୫୫୦ କିମି ଦୂର ପୃଥିବୀର ନିମ୍ନ କକ୍ଷକୁ ଉତ୍କ୍ଷେପଣ କରାଯାଇଥିଲା।

## କ୍ୟାନ୍‌ସର ଟିକା




କ୍ୟାନ୍‌ସର ଚିକିତ୍ସା କ୍ଷେତ୍ରରେ ଚଳିତବର୍ଷ ଏକ ବଡ଼ଧରଣର ସଫଳତା ମିଳିଛି। ରୁଷୀୟ ବୈଜ୍ଞାନିକମାନେ ଏକ କ୍ୟାନ୍‌ସର ଟିକା ଉଦ୍ଭାବନ କରି ତାହାର କ୍ଲିନିକାଲ ପରୀକ୍ଷାରେ ମଧ୍ୟ ସଫଳ ହୋଇଛନ୍ତି। ରୁଷିଆର ଫେଡରାଲ ମେଡିକାଲ ଆଣ୍ଡ ବାୟୋଲୋଜିକାଲ ଏଜେନ୍ସି (ଏଫ୍‌ଏମ୍‌ବିଏ) ପକ୍ଷରୁ ସୂଚନା ଦିଆଯାଇଛି ଯେ, କୋଭିଡ-୧୯ ଟିକାରେ ବ୍ୟବହୃତ ଦୃଷ୍ଟିକୋଣ ଏମ୍‌ଆର୍‌ଏନ୍‌ଏ ଟେକ୍ନୋଲୋଜି ଆଧାରରେ ଏହି ଟିକା ପ୍ରସ୍ତୁତ ହୋଇଛି। ଏହାର ନାମ ରଖାଯାଇଛି 'ଇଣ୍ଟରେମିକ୍ସ ଏମ୍‌ଆର୍‌ଏନ୍‌ଏ'। ଏହି ଟିକା କ୍ୟାନ୍‌ସର କୋଷଗୁଡ଼ିକୁ ପ୍ରତିରୋଧ କରିବାରେ ସକ୍ଷମ ହେବ।

## ଶୁଭାଂଶୁଙ୍କ ଐତିହାସିକ ମହାକାଶ ଯାତ୍ରା



ଶୁଭାଂଶୁ

ଭାରତୀୟ ମହାକାଶଚାରୀ ତଥା ଭାରତୀୟ ବାୟୁସେନା ଗ୍ରୁପ୍ କ୍ୟାପ୍ଟେନ୍ ଶୁଭାଂଶୁ ଶୁକ୍ଳା ଭାରତୀୟ ମହାକାଶ ବିଜ୍ଞାନ କ୍ଷେତ୍ରରେ ଆଉ ଏକ ସଫଳତାର ଫର୍ଦ୍ଦ ଯୋଡିଛନ୍ତି। ସ୍କ୍ୱାର୍ଡନ ଲିଡର ରାକେଶ ଶର୍ମାଙ୍କ ପରେ ସେ ଦ୍ୱିତୀୟ ଭାରତୀୟ ମହାକାଶଚାରୀ ଭାବରେ ମହାକାଶକୁ ଯାଇ ସଫଳତାର ସହ ଫେରି ଆସିଛନ୍ତି। ଦୀର୍ଘ ୪୧ବର୍ଷ ପରେ ଭାରତ ଏଭଳି ସଫଳତା ହାସଲ କରିଛି। ଶୁଭାଂଶୁଙ୍କ ସହ ଆମେରିକୀୟ ମହାକାଶଚାରୀ ପେଗୀ ହ୍ୱିଟ୍‌ସନ୍, ପୋଲାଣ୍ଡର ସ୍ଲାଓଜ୍ ଉଜ୍‌ନାନସ୍କି ଏବଂ ହଙ୍ଗେରୀର ଟିୟେବାର କାପୁରଙ୍କ ସହ ଆମେରିକୀୟ ସ୍ପେଶ୍ ଟେକ୍ନୋଲୋଜି କମ୍ପାନୀ ସ୍ପେଶ୍ ଏକ୍ସ'ର ଡ୍ରାଗନ ମହାକାଶଯାନରେ ଅନ୍ତର୍ଜାତୀୟ ମହାକାଶ କେନ୍ଦ୍ର (ଆଇଏସ୍‌ଏସ୍) ଅଭିମୁଖେ ଯାଇଥିଲେ। 'ଆକ୍ସିଓମ୍ ମିଶନ-୪' ନାମକ ଏହି ଅଭିଯାନରେ ଶୁଭାଂଶୁ ପାଇଲଟ୍ ଭୂମିକା ନିର୍ବାହ କରିଥିଲେ। ଚଳିତବର୍ଷ ୧୫ ଜୁଲାଇରେ ସେ ନିରାପଦର ସହ ପୃଥିବୀ ପୃଷ୍ଠକୁ ଫେରି ଆସିଥିଲେ। ଏହି ରହଣି ସମୟରେ ଶୁଭାଂଶୁ ଇସ୍ରୋ ପାଇଁ ୭ଟି ପରୀକ୍ଷା କରିଥିଲେ।

## ଡ୍ରୋନ୍ କିଲର 'ଭାର୍ଗବାସ୍ତ୍ର'

ଡ୍ରୋନ୍ ମାଧ୍ୟମରେ ହେଉଥିବା ଆକ୍ରମଣକୁ ରୋକିବା ପାଇଁ 'ଭାର୍ଗବାସ୍ତ୍ର' ନାମକ ଏକ କାଉଣ୍ଟର ଆଟାକ୍ ସିଷ୍ଟମ ତିଆରି କରାଯାଇଛି। ଗଞ୍ଜାମ ଜିଲାର ଗୋଳାବନ୍ଧ ଆର୍ମି ଏୟାର ଡିଫେନ୍ସ କଲେଜ ପରିସରରେ ଥିବା ଫାୟାରିଂ ରେଞ୍ଜରେ ଏହାର ସଫଳ ପରୀକ୍ଷଣ ମଧ୍ୟ କରାଯାଇଛି। ସୋଲାର ଡିଫେନ୍ସ ଆଣ୍ଡ ଏରୋସ୍ପେଶ ଲିମିଟେଡ୍ (ଏସ୍‌ଡିଏଲ୍) ଦ୍ୱାରା ଏହାକୁ ପ୍ରସ୍ତୁତ କରାଯାଇଛି। ଏହା ଭାରତୀୟ ସେନା ପାଇଁ ବେଶ୍ ଉପକାରୀ ସାବ୍ୟସ୍ତ ହେବ ବୋଲି କୁହାଯାଉଛି। ଏଥିରେ ମାଇକ୍ରୋ ରକେଟ୍ ଟେକ୍ନୋଲୋଜିର ବ୍ୟବହାର କରାଯାଇଛି। ପରୀକ୍ଷଣ ସମୟରେ 'ଭାର୍ଗବାସ୍ତ୍ର' ୧.୫ କିମି ରେଞ୍ଜ ଦୂରତା ଓ ୪୦୦ ମିଟର ଉଚ୍ଚତାରେ ଥିବା ଲକ୍ଷ୍ୟକୁ ଭେଦ କରିପାରିଛି।

## ସୁପର ଆର୍ଥ ଆବିଷ୍କୃତ

ଆମେରିକୀୟ ମହାକାଶ ଗବେଷଣା ସଂସ୍ଥା (ନାସା) ପକ୍ଷରୁ ଏକ ରହସ୍ୟମୟ ତଥା ବିଶାଳ ଗ୍ରହ 'ସୁପର ଆର୍ଥ' ଆବିଷ୍କୃତ ହୋଇଛି। ଏହା ପୃଥିବୀଠାରୁ ୧୫୪ ଆଲୋକବର୍ଷ ଦୂରରେ ଅବସ୍ଥିତ। ଏହି ବିଶାଳ ଗ୍ରହର ନାମ ଦିଆଯାଇଛି 'ଟିଓଆଇ-୧୮୪୬ ବି', ଯାହାର ଆକାର ପୃଥିବୀ ଅପେକ୍ଷା ଦୁଇ ଗୁଣ ଚଉଡା ଏବଂ ଚାରି ଗୁଣ ଓଜନିଆ। ଆମେରିକୀୟ ବୈଜ୍ଞାନିକମାନେ ଏହାକୁ ନର୍ଦ୍ଦେନ ସ୍କାଏର ଲିରା ନକ୍ଷତ୍ର ମଣ୍ଡଳରେ ଆବିଷ୍କାର କରିଛନ୍ତି।

## ପ୍ରତିରକ୍ଷା ପ୍ରଯୁକ୍ତି




❖ବାଲେଶ୍ୱର ଚାନ୍ଦିପୁରସ୍ଥିତ ଲଞ୍ଚପ୍ୟାଡ୍‌ରୁ ସ୍ୱଳ୍ପ ଦୂରଗାମୀ ତଥା ଭୂପୃଷ୍ଠରୁ ଆକାଶକୁ ନିକ୍ଷେପ କରାଯାଇପାରୁଥିବା 'ଭିଏଲ୍-ଏସ୍‌ଆର୍‌ଏସ୍‌ଏମ୍ କ୍ଷେପଣାସ୍ତ୍ର'ର ସଫଳ ପରୀକ୍ଷଣ କରାଯାଇଛି। ଏହି କ୍ଷେପଣାସ୍ତ୍ର ପ୍ରାୟ ୮୦କିମି ଦୂରତାକୁ ଲକ୍ଷ୍ୟଭେଦ କରିପାରିବ।

❖ପ୍ରତିରକ୍ଷା ଉନ୍ନୟନ ଗବେଷଣା ସଂସ୍ଥାନ (ଡିଆର୍‌ଡିଓ) ସହଯୋଗରେ ଭାରତୀୟ ସେନାର ଷ୍ଟ୍ରାଟେଜିକ୍ କମାଣ୍ଡ ପକ୍ଷରୁ ଗୋଟିଏ ଦିନରେ ଦୁଇଟି କ୍ଷେପଣାସ୍ତ୍ର-'ଅଗ୍ନି ୧' ଏବଂ 'ପୃଥ୍ୱୀ ୨'ର ପରୀକ୍ଷା କରାଯାଇଛି। ୧୦୦୦ କିଗ୍ରା ପର୍ଯ୍ୟନ୍ତ ଯୁଦ୍ଧାସ୍ତ୍ର ବହନ କରିପାରୁଥିବା 'ଅଗ୍ନି ୧' କ୍ଷେପଣାସ୍ତ୍ର ୭୦୦-୧୨୦୦ କିମି ପର୍ଯ୍ୟନ୍ତ ଲକ୍ଷ୍ୟଭେଦ କରିପାରିବ।

❖ଚଳିତବର୍ଷ 'ଅଗ୍ନି ୫' କ୍ଷେପଣାସ୍ତ୍ରର ୨୬ତମ ପରୀକ୍ଷା କରାଯାଇଥିଲା।

## ସମୁଦ୍ର ପାଣିରେ ମିଳାଇ ଯାଉଥିବା ପ୍ଲାଷ୍ଟିକ ଉଦ୍ଭାବିତ

ଜାପାନର ବୈଜ୍ଞାନିକମାନେ ଏପରି ଏକ ପ୍ଲାଷ୍ଟିକ ବିକଶିତ କରିଛନ୍ତି, ଯାହା କିଛି ଘଣ୍ଟା ଭିତରେ ସମୁଦ୍ର ପାଣିରେ ମିଳାଇ ଯାଉଛି। ବର୍ତ୍ତମାନ ସମୁଦ୍ରରେ ପ୍ଲାଷ୍ଟିକ ପ୍ରଦୂଷଣ ଚିନ୍ତାର କାରଣ ସାଜିଛି। ତେଣୁ ଏଭଳି ସମସ୍ୟାକୁ ଏବେ ସହଜରେ ଦୂର କରିହେବ ବୋଲି ସେମାନେ ଆଶାପ୍ରକଟ କରିଛନ୍ତି। ଟୋକିଓସ୍ଥିତ ଆର୍‌ଆଇକେଇଏନ୍ ସେଣ୍ଟର ଫର୍ ଇମରଜେଣ୍ଟ ମୋଟର ସାଇନ୍ସ ଏବଂ ଟୋକିଓ ୟୁନିଭର୍ସିଟିର ବୈଜ୍ଞାନିକମାନେ ଏ ନେଇ ମତ ପ୍ରକାଶ କରିଛନ୍ତି ଯେ, ଏଭଳି ପ୍ଲାଷ୍ଟିକ ସମୁଦ୍ର ପାଣିରେ ଖୁବ୍ ଶୀଘ୍ର ତରଳି ଯିବ। କାଚ ପାତ୍ରରେ କିଛି ସମୁଦ୍ର ପାଣି ରଖି ସେଥିରେ ଏହି ନୂଆ ପ୍ଲାଷ୍ଟିକକୁ ପକାଇବା ଦ୍ୱାରା ସେଗୁଡିକ ସହଜରେ ମିଳାଇ ଯାଇଥିଲା।

## ଇସ୍ରୋର ବାହୁବଳୀ ସାଟେଲାଇଟ୍

ଚଳିତବର୍ଷ ଶେଷାର୍ଦ୍ଧରେ ଭାରତୀୟ ମହାକାଶ ଗବେଷଣା ସଂସ୍ଥା (ଇସ୍ରୋ)କୁ ଆଉ ଏକ ଐତିହାସିକ ସଫଳତା ମିଳିଛି। ୬,୧୦୦ କିଗ୍ରା ଓଜନ ବିଶିଷ୍ଟ ବାହୁବଳୀ ସାଟେଲାଇଟ ବା ଉପଗ୍ରହ 'ବ୍ଲୁବାର୍ଡ ବ୍ଲକ୍-୨'କୁ ସଫଳତାର ସହ ଏହାର କକ୍ଷ ପଥରେ ଅବସ୍ଥାପିତ କରାଯାଇଛି। ଏହା ହେଉଛି ଇସ୍ରୋର ସବୁଠାରୁ ଭାରି କୃତ୍ରିମ ଉପଗ୍ରହ।

## ସବୁଠୁ ଓଜନଦାର ଯୋଗାଯୋଗ ସାଟେଲାଇଟ୍



ଭାରତୀୟ ମହାକାଶ ଗବେଷଣା ସଙ୍ଗଠନ (ଇସ୍ରୋ) ଭାରତ ମାଟିରୁ ସବୁଠୁ ଓଜନଦାର ଯୋଗାଯୋଗ ସାଟେଲାଇଟ୍ ବା ଉପଗ୍ରହକୁ ମହାକାଶକୁ ପଠାଇ ତାହାକୁ କକ୍ଷ ପଥରେ ଅବସ୍ଥାପିତ କରିବାର ଇତିହାସ ରଚିଛି। ଆନ୍ଧ୍ର ପ୍ରଦେଶର ଶ୍ରୀହରିକୋଟା ସତୀଶ ଧାୱନ ଲଞ୍ଚ୍ ପ୍ୟାଡ୍‌ରୁ ସ୍ୱଦେଶୀ ଜ୍ଞାନକୌଶଳରେ ନିର୍ମିତ ଉପଗ୍ରହ 'ସିଏମ୍‌ଏସ୍ ୦୩'କୁ ଉତ୍କ୍ଷେପଣ କରାଯାଇଥିଲା। ୪,୪୧୦ କିଗ୍ରା ଓଜନବିଶିଷ୍ଟ ଏହି ଉପଗ୍ରହ ଏକ ମଲ୍‌ଟିବ୍ୟାଣ୍ଡ ଯୋଗାଯୋଗ ଉପଗ୍ରହ, ଯାହା ଭାରତୀୟ ଭୂଖଣ୍ଡ ସମେତ ବିସ୍ତୃତ ମହାସାଗର ଅଞ୍ଚଳ ଉପରେ ସେବା ପ୍ରଦାନ କରିପାରିବ। ଏହା ଅନ୍ୟୂନ ୧୫ ବର୍ଷ ପାଇଁ ସେବା କରିବ ବୋଲି ଇସ୍ରୋ ପକ୍ଷରୁ ସୂଚନା ଦିଆଯାଇଛି।

## ନୂତନ କ୍ଷୁଦ୍ର ଗ୍ରହ ଆବିଷ୍କୃତ



ଚଳିତବର୍ଷ ଏକ ବିରଳ ମହାଜାଗତିକ ଘଟଣା ଘଟିଛି। '୨୦୨୫ ଏଫ୍‌ଏ ୨୨' ନାମକ ଏକ କ୍ଷୁଦ୍ର ଗ୍ରହ ପୃଥ୍ୱୀ ପାଖ ଦେଇ ଅତିକ୍ରମ କରିଛି। ଚଳିତବର୍ଷ ପ୍ରାରମ୍ଭରେ ଆମେରିକାର ହାୱାଇସ୍ଥିତ 'ପ୍ୟାନ୍ ଷ୍ଟାର୍ସ ୨ ସର୍ଭେ' ଦ୍ୱାରା ଏହି ନୂତନ ଗ୍ରହକୁ ଆବିଷ୍କାର କରାଯାଇଥିଲା। ଉକ୍ତ କ୍ଷୁଦ୍ର ଗ୍ରହର ବ୍ୟାସାର୍ଦ୍ଧ୧୨୦-୨୮୦ ମିଟର। ଏହାର କକ୍ଷପଥର ଅବଧି ପ୍ରାୟ ୧.୮୫ ବର୍ଷ ରହିଛି। ଏହି ଗ୍ରହ ପୃଥିବୀଠାରୁ ୮ ଲକ୍ଷ ୪୨ ହଜାର କିମି ଦୂରରେ ଅତିକ୍ରମ କରିଛି।

## ଯୋଗ ଦ୍ୱାରା କମିବ ରକ୍ତଚାପ



ରକ୍ତଚାପ ବା ବ୍ଲଡ୍‌ପ୍ରେସର ଏବେ ଏକ ସାଧାରଣ ସମସ୍ୟା ପାଲଟି ଗଲାଣି। ହେଲେ ଏହାକୁ ହାଲୁକା ଭାବରେ ନେବା ଆଦୌ ଠିକ୍ ନୁହେଁ। କାରଣ ଯଦି ରକ୍ତଚାପ ଦୀର୍ଘଦିନ ଧରି ଅସନ୍ତୁଳିତ ରହିଲା, ତେବେ ତାହା ପରୋକ୍ଷରେ ଆଉ କେତେକ ରୋଗ ସୃଷ୍ଟି କରିଥାଏ। ଏଭଳି ସମସ୍ୟା ଦେଖାଦେଲେ ଡାକ୍ତରଙ୍କ ପରାମର୍ଶ ଅନୁସାରେ ନିୟମିତ ଔଷଧ ଖାଇବାକୁ ପଡିଥାଏ। କେବଳ ସେତିକି ନୁହେଁ, ରକ୍ତଚାପ କେତେ ରହୁଛି ତାହାକୁ ନିର୍ଦ୍ଦିଷ୍ଟ ଦିନ ବ୍ୟବଧାନରେ ମାପିନେବା ଦରକାର। ତେବେ ଏହା କିପରି ସନ୍ତୁଳିତ ରହିବ, ସେ ନେଇ ଏକ ସହଜ ତଥା ସରଳ ଉପାୟ ରହିଛି। ତାହା କ'ଣ ଜାଣନ୍ତି ? ଯଦି ଜଣେ ବ୍ୟକ୍ତି ନିୟମିତ ଯୋଗ କରନ୍ତି, ତେବେ ତାଙ୍କର ରକ୍ତଚାପ ଅନେକାଂଶରେ ସନ୍ତୁଳିତ ରହିଥାଏ ବୋଲି ଲଣ୍ଡନ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ଏକ ସର୍ଭେରୁ ଜାଣିପାରିଛନ୍ତି। ଏଭଳି ସମସ୍ୟା ସହ ଜଡିତ କେତେଜଣ ବ୍ୟକ୍ତିଙ୍କୁ ନିୟମିତ ଯୋଗ କରିବାକୁ ସେମାନେ ପରାମର୍ଶ ଦେଇଥିଲେ। ଅନ୍ୟପକ୍ଷରେ ନିର୍ଦ୍ଦିଷ୍ଟ ସମୟ ବ୍ୟବଧାନରେ ରକ୍ତଚାପ ମାପିବାରୁ ଏହା କେତେକାଂଶରେ ସନ୍ତୁଳିତ ରହୁଥିଲା ବୋଲି ପ୍ରକାଶିତ ରିପୋର୍ଟରେ ଉଲ୍ଲେଖ କରାଯାଇଛି।

## ରୋଗ ନିରୂପଣର ସହଜ ଉପାୟ



ଚିକିତ୍ସା ବିଜ୍ଞାନ ଦିନକୁ ଦିନ ଯେତେ ଉନ୍ନତି କରୁଛି, ସେହି ଅନୁସାରେ କେତେକ ନୂଆ ରୋଗ ମଧ୍ୟ ସୃଷ୍ଟି ହେଉଛି। ଏଗୁଡ଼ିକ ଠିକ୍ ଭାବରେ ନିରୂପଣ କରିପାରିଲେ ତାହାର ଚିକିତ୍ସା ପ୍ରଣାଳୀ ସେହି ଅନୁସାରେ ସ୍ଥିର କରାଯାଇଥାଏ। ତେବେ କେତେକ ରୋଗର ଏକ ସହଜ ନିର୍ଣ୍ଣୟ ପ୍ରଣାଳୀ ନିକଟରେ ଆବିଷ୍କୃତ ହୋଇଛି। ବିଶେଷଭାବରେ ଜଣଙ୍କ ଆଖି ପରୀକ୍ଷା ସମୟରେ କିଛି ରୋଗ ବିଷୟରେ ସୂଚନା ମିଳିପାରିବ ବୋଲି ଦୃଢ଼ୋକ୍ତି ବ୍ୟକ୍ତ କରିଛନ୍ତି ସିଓଲ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ। ଦୀର୍ଘ ଚାରି ବର୍ଷ ସେମାନେ ଏ ନେଇ ଗବେଷଣା କରିଥିଲେ। ଉକ୍ତ ବିଶ୍ୱବିଦ୍ୟାଳୟ ପକ୍ଷରୁ ପ୍ରକାଶିତ ରିପୋର୍ଟରେ ଉଲ୍ଲେଖ କରାଯାଇଛି ଯେ, ଜଣେ ବ୍ୟକ୍ତିଙ୍କର ଆଖି ପରୀକ୍ଷା ସମୟରେ ଏ ସମ୍ପର୍କିତ ତଥ୍ୟ ବ୍ୟତୀତ ଆଲଜିମର୍ସ ବିଷୟରେ ମଧ୍ୟ କେତେକ କଥା ଜାଣିହେବ। ତା' ସହ ରକ୍ତ ସଞ୍ଚାଳନ ସମ୍ପର୍କରେ ମଧ୍ୟ ଏଥିରୁ ସୂଚନା ମିଳିବ। ଏଭଳି ପରୀକ୍ଷା ସମୟରେ ସେମାନେ କିଛି ମୂଷାଙ୍କ ଉପରେ ଗବେଷଣା କରିଥିଲେ। ସେମାନଙ୍କର ଦୃଷ୍ଟିଶକ୍ତିକୁ ତନ୍ନ ତନ୍ନ କରି ପରୀକ୍ଷା କରିବା ଦ୍ୱାରା କେତେକ ମୂଷାଙ୍କ ମସ୍ତିଷ୍କ ବିଷୟରେ କିଛି ସୂଚନା ମିଳିଥିଲା। ଏଭଳି ପଦ୍ଧତି ଯଦି ମଣିଷଠାରେ ଉପଯୋଗ କରାଯିବ, ତେବେ ସେଥିରୁ ମଧ୍ୟ ସଫଳତା ମିଳିବ। କେବଳ ସେତିକି ନୁହେଁ, ପରୀକ୍ଷାମୂଳ ଭାବରେ କେତେଜଣ ବ୍ୟକ୍ତିଙ୍କର ଚକ୍ଷୁ ପରୀକ୍ଷା କରି ସେମାନେ ଆଲଜିମର୍ସର କାରଣ ବିଷୟରେ ଜାଣିପାରିଥିଲେ। ତେବେ ଏ ନେଇ ଆହୁରି ଅଧିକ ତଥ୍ୟ ଲୋକଲୋଚନକୁ ଆଣିବାକୁ ଆଉ କିଛି ବର୍ଷ ସମୟ ଲାଗିବ ବୋଲି ଉକ୍ତ ଗବେଷଣାର ମୁଖ୍ୟ ଡା. ମାୟା କରୋନୋୟ କହିଛନ୍ତି।

## ଇସ୍ରୋର ଏୟାର ଡ୍ରପ୍ ଟେଷ୍ଟ ସଫଳ

ଭାରତର ପ୍ରଥମ ମାନବଯୁକ୍ତ ମହାକାଶ ମିଶନ 'ଗଗନାୟନ'ର ପ୍ରସ୍ତୁତି ଦିଗରେ ଭାରତୀୟ ମହାକାଶ ଗବେଷଣା ସଂସ୍ଥା (ଇସ୍ରୋ)କୁ ଏକ ବଡ ସଫଳତା ମିଳିଛି। ଇସ୍ରୋ ପକ୍ଷରୁ ପ୍ରଥମ ଇଣ୍ଟିଗ୍ରେଟେଡ ଏୟାର ଡ୍ରପ୍ ଟେଷ୍ଟ (ଆଇଏଡିଟି ୦୧) ସଫଳ ହୋଇଛି। ଗଗନାୟନ ମିଶନ ପାଇଁ ପାରାଚ୍ୟୁଟ୍ ସିଷ୍ଟମକୁ ଯାଞ୍ଚ କରିବା ଉଦ୍ଦେଶ୍ୟରେ ଚଳିତବର୍ଷ ଏହି ପରୀକ୍ଷା କରାଯାଇଛି। ଇସ୍ରୋ ସହ ଭାରତୀୟ ନୌସେନା, ଭାରତୀୟ ବାୟୁସେନା, ପ୍ରତିରକ୍ଷା ଗବେଷଣା ଓ ବିକାଶ ସଙ୍ଗଠନ (ଡିଆରଡିଓ), ଭାରତୀୟ ତଟରକ୍ଷୀ ବାହିନୀର ମିଳିତ ପ୍ରୟାସରେ ଏହି ପରୀକ୍ଷଣ କରାଯାଇଛି।

## ନୋବେଲ ପୁରସ୍କାର

### ଭେଷଜ ବିଜ୍ଞାନ



ମେରୀ ଇ ବୃଙ୍କୋ | ଫ୍ରେଡ୍ ରାମସ୍‌ଡେଲ | ସାଇମୋନ ସାକାଗୁଚି

ଆମେରିକୀୟ ମହିଳା ବିଜ୍ଞାନୀ ମେରୀ ଇ ବୃଙ୍କୋ, ଆମେରିକୀୟ ବିଜ୍ଞାନୀ ଫ୍ରେଡ୍ ରାମସଡେଲ୍ ଏବଂ ଜାପାନର ବିଜ୍ଞାନୀ ସାଇମୋନ୍ ସାକାଗୁଚି ଚଳିତ ବର୍ଷର ଶରୀରତତ୍ତ୍ୱ ବା ଭେଷଜ ବିଜ୍ଞାନ ପାଇଁ ନୋବେଲ ପୁରସ୍କାର ଲାଭ କରିବାର ଗୌରବ ଅର୍ଜନ କରିଛନ୍ତି। ବୃଙ୍କୋ ସିଟଲସ୍ଥିତ ଇନଷ୍ଟିଚ୍ୟୁଟ୍ ଫର ସିଷ୍ଟମ୍‌ସ ବାୟୋଲୋଜିର ସିନିୟର ପ୍ରୋଗ୍ରାମ ମ୍ୟାନେଜର, ରାମ୍‌ସଡେଲ ସାନଫ୍ରାନ୍‌ସିସ୍‌କୋର ସୋନୋମ ବାୟୋଥେରାପିଉଟିକ୍ସର ବିଜ୍ଞାନ ଉପଦେଷ୍ଟା ଏବଂ ସାକାଗୁଚି ଓସାକା ୟୁନିଭର୍ସିଟିର ଇମ୍ୟୁନୋଲୋଜି ଫ୍ରଣ୍ଟିୟର ରିସର୍ଚ୍ଚ ସେଣ୍ଟରରେ ପ୍ରଫେସର ଭାବରେ କାର୍ଯ୍ୟରତ। ଶରୀରରେ ଥିବା ରୋଗ ପ୍ରତିରୋଧକ ତନ୍ତ୍ର ବା ଇମ୍ୟୁନ ସିଷ୍ଟମ ଉପରେ ଗବେଷଣା କରି ପେରିଫେରାଲ ଇମ୍ୟୁନ ଟଲେରାନ୍ସ ବା ପ୍ରାନ୍ତୀୟ ପ୍ରତିରକ୍ଷା ସହନଶୀଳତା ସମ୍ପର୍କିତ ଆବିଷ୍କାର ପାଇଁ ସେମାନଙ୍କୁ ଏହି ପୁରସ୍କାର ମିଳିଛି। ଶରୀର ପ୍ରତିରକ୍ଷାତନ୍ତ୍ରର କାର୍ଯ୍ୟ ପଦ୍ଧତିକୁ ବୁଝିବାରେ ଏହା ଏକ ବୈପ୍ଳବିକ ଆବିଷ୍କାର।

### ପଦାର୍ଥ ବିଜ୍ଞାନ



ଜନ୍ କ୍ଲାର୍କ | ମାଇକେଲ୍ ଡେଭୋରେଟ | ଜନ୍ ମାର୍ଟିନିସ୍

ଇଂଲଣ୍ଡର ଜନ୍ କ୍ଲାର୍କ, ଫ୍ରାନ୍ସର ମାଇକେଲ ଡେଭୋରେଟ ଏବଂ ଯୁକ୍ତରାଷ୍ଟ୍ର ଆମେରିକାର ଜନ୍ ମାର୍ଟିନିସ୍-ଏହି ତିନିଜଣ ପଦାର୍ଥ ବିଜ୍ଞାନୀଙ୍କୁ ପଦାର୍ଥ ବିଜ୍ଞାନ ପାଇଁ ଚଳିତ ବର୍ଷର ସମ୍ମାନଜନକ ନୋବେଲ ପୁରସ୍କାର ପ୍ରଦାନ କରାଯାଇଛି। 'ବୈଦ୍ୟୁତିକ ପରିପଥରେ ମାକ୍ରୋସ୍କୋପିକ କ୍ୱାଣ୍ଟମ୍ ଯାନ୍ତ୍ରିକ ଟନେଲିଂ ଏବଂ ଶକ୍ତି କ୍ୱାଣ୍ଟାକରଣ ଆବିଷ୍କାର' ଲାଗି ଏମାନଙ୍କୁ ନୋବେଲ ପୁରସ୍କାର ମିଳିଛି। ଗବେଷଣା ଓ ପରୀକ୍ଷା କରି ଏମାନେ ଦର୍ଶାଇଥିଲେ ଯେ, କୋଟି କୋଟି କ୍ଷୁଦ୍ର କଣିକାକୁ ନେଇ ଗଠିତ ଗୋଟିଏ ବଡ଼ ସିଷ୍ଟମ ମଧ୍ୟ ନିୟନ୍ତ୍ରିତ ଅବସ୍ଥାରେ କ୍ୱାଣ୍ଟମ୍ ଟନେଲିଂ ଆଚରଣ ଦେଖାଇଥାଏ। ଅଣୁ ପରମାଣୁ ଭଳି କ୍ଷୁଦ୍ର ବସ୍ତୁଗୁଡ଼ିକର ଆଚରଣ ଆମେ ଦୈନନ୍ଦିନ ଜୀବନରେ ଦେଖୁଥିବା ପଦାର୍ଥଗୁଡିର ଆଚରଣଠାରୁ ଅନେକ ପୃଥକ। ପୁନଶ୍ଚ ପାରମ୍ପରିକ ପଦାର୍ଥ ବିଜ୍ଞାନର ନିୟମ ସେଗୁଡିକ ଆଚରଣକୁ ବୁଝାଇବାରେ ଅସମର୍ଥ।

### ରସାୟନ ବିଜ୍ଞାନ



ସୁସୁମୁ କିଟାଗାୱା | ରିଚାର୍ଡ ରୋବସନ୍ | ଓମାର ୟାଘି

ଚଳିତବର୍ଷର ରସାୟନ ବିଜ୍ଞାନ ନୋବେଲ ପୁରସ୍କାର ମିଳିତ ଭାବେ ପ୍ରାପ୍ତ ହୋଇଛନ୍ତି ଜାପାନର କ୍ୱିଟୋ ବିଶ୍ୱବିଦ୍ୟାଳୟର ସୁସୁମୁ କିଟାଗାୱା, ମେଲବୋର୍ନ ବିଶ୍ୱବିଦ୍ୟାଳୟ (ଅଷ୍ଟ୍ରେଲିଆ) ରିଚାର୍ଡ ରୋବସନ୍ ଏବଂ ବର୍କଲେସ୍ଥିତ କାଲିଫର୍ନିଆ ବିଶ୍ୱବିଦ୍ୟାଳୟ (ଆମେରିକା) ଓମାର ୟାଘି। ଏକ ନୂତନ ଶ୍ରେଣୀର ସଚ୍ଛିଦ୍ର ସଂରଚନାମାନ ଉଦ୍ଭାବନ ପାଇଁ ଏହି ତିନିଜଣ ରସାୟନବିତ୍‌ଙ୍କୁ ନୋବେଲ ପୁରସ୍କାର ପ୍ରଦାନ କରାଯାଇଛି। ଏଥିରେ ନିୟମିତ ଧାରାରେ ସ୍ଥାନିତ ହୋଇଥାଏ ବହୁ ସଂଖ୍ୟକ ବଡ଼ ବଡ଼ ଛିଦ୍ର। ଅତଏବ ତାହା ବାଷ୍ପ ଶୋଷଣ କରିବା ଏବଂ ଗଚ୍ଛିତ କରିବାଠାରୁ ଶରୀର ମଧ୍ୟରେ ଔଷଧର ପ୍ରବାହ, ଉତ୍ପ୍ରେରକ ରୂପେ କାର୍ଯ୍ୟ କରିବା ଏବଂ ଆହୁରି ଅନେକ କାର୍ଯ୍ୟ ସମ୍ପାଦନ ଲାଗି ସମର୍ଥ। ତମ୍ବା, କୋବାଲଟ୍, ନିକେଲ ଆଦି ଧାତବ ଆୟନ ଚତୁଃପାର୍ଶ୍ୱରେ କେତେକ ଜୈବିକ ଲିଜେଣ୍ଡ ବା ସଂଯୋଜକ ସଜ୍ଜିତ ରହି ଏହାକୁ ଗଠନ କରିଥାଆନ୍ତି। ଏଣୁ ଏହାକୁ ଧାତବ-ଜୈବିକ ବ୍ୟବସ୍ଥା ବା 'ମେଟାଲ-ଅର୍ଗାନିକ ଫ୍ରେମ୍‌ୱାର୍କ' (ଏମ୍‌ଏଫ୍‌ଓ) ରୂପେ ନାମିତ କରାଯାଇଛି।

## ବ୍ରେକ୍‌ଫାଷ୍ଟରେ ଅନିୟମିତତା ହେଲେ...



ସକାଳର ପ୍ରଥମ ଖାଦ୍ୟ ହେଉଛି ବ୍ରେକ୍‌ଫାଷ୍ଟ। ଏହାକୁ ନିୟମିତ ଖାଇବା ଦରକାର। ତଟକା ଫଳମୂଳ, ଜୁସ୍, ସାଲାଡ ଆଦିକୁ ଏଥିରେ ସାମିଲ କରନ୍ତୁ। କିନ୍ତୁ ଯଦି ଏଥିରେ ଅନିୟମିତତା ଦେଖାଯାଏ, ତେବେ ତାହା କେତେକ ସ୍ୱାସ୍ଥ୍ୟ ସମସ୍ୟାର କାରଣ ସାଜିଥାଏ। ବିଶେଷଭାବରେ ଏହି ସମସ୍ୟା ଲାଗି ରହିଲେ ତାହା ଭବିଷ୍ୟତରେ ରକ୍ତଚାପ ବା ବ୍ଲଡପ୍ରେସର ସୃଷ୍ଟି କରିବାର ଆଶଙ୍କା ରହିଛି। ବ୍ରେକ୍‌ଫାଷ୍ଟ ବିଷୟରେ ଅଧିକ ତଥ୍ୟ ଜାଣିବାକୁ ହୋଇଥିବା ଏକ ସର୍ଭେରେ ବର୍ଲିନ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ଏକଥା ଜାଣିବାକୁ ପାଇଥିଲେ। ବ୍ରେକ୍‌ଫାଷ୍ଟରେ ଅନିୟମିତତା ଥିବା କେତେଜଣ ବ୍ୟକ୍ତିଙ୍କୁ ଏହାର ପରିସରଭୁକ୍ତ କରିଥିଲେ। ଏହି ସମୟରେ ସେମାନଙ୍କର ରକ୍ତଚାପ ପରୀକ୍ଷା କରାଯାଇଥିଲା। ସେମାନଙ୍କ ମଧ୍ୟରୁ ପ୍ରାୟ ୪୫ ପ୍ରତିଶତ ବ୍ୟକ୍ତିଙ୍କଠାରେ ରକ୍ତଚାପର ଲକ୍ଷଣ ଦେଖିବାକୁ ମିଳିଥିଲା ବୋଲି ରିପୋର୍ଟରେ ଉଲ୍ଲେଖ କରାଯାଇଛି। ତେଣୁ ନିୟମିତ ବ୍ରେକ୍‌ଫାଷ୍ଟ ଖାଇବାକୁ ସେମାନେ ପରାମର୍ଶ ଦେଇଛନ୍ତି।

# ଭାଗ୍ୟବାଦୀ ଭାବନାକୁ ନେଇ ବଞ୍ଚିଛନ୍ତି ଗ୍ରାମବାସୀ

**ଭିଏସ୍ଏସ୍ ରାଜ୍ୟସ୍ତରୀୟ ସମ୍ବଲପୁରୀ ନାଟକ ପ୍ରତିଯୋଗିତା**

■ଶେଷ ରଜନୀରେ ମାର୍ଜାର କେଶରୀ, ବଳିଦାନ ମଞ୍ଚସ୍ଥ

ସମ୍ବଲପୁର,୨୮।୧୨(ବି.ଶଙ୍କର)



ରବିବାର ମଞ୍ଚସ୍ଥ ମାର୍ଜାର କେଶରୀ ନାଟକର ଏକ ଦୃଶ୍ୟ ।



ରବିବାର ମଞ୍ଚସ୍ଥ ବଳିଦାନ ନାଟକର ଏକ ଦୃଶ୍ୟ ।

ଯୁବ ଉଦୟନ ଅନୁଷ୍ଠାନ ଆୟୋଜିତ ବୀର ସୁରେନ୍ଦ୍ର ସାଏ ୨୮ତମ ରାଜ୍ୟସ୍ତରୀୟ ସମ୍ବଲପୁରୀ ନାଟକ ପ୍ରତିଯୋଗିତାର ରବିବାର ଶେଷ ରଜନୀରେ ମାର୍ଜାର କେଶରୀ ଓ ବଳିଦାନ ନାଟକ ମଞ୍ଚସ୍ଥ ହୋଇଥିଲା । ବରଗଡ଼ ଜିଲା ଢ଼ୋଲବନ୍ଧ ସଚେତନ ହେମା ଅନୁଷ୍ଠାନର କଳାକାରମାନେ ପ୍ରଥମ ନାଟକ ମାର୍ଜାର କେଶରୀ ମଞ୍ଚସ୍ଥ କରିଥିଲେ। ରାଜକୁମାର ସାହୁ ରଚନା ଓ ନିର୍ଦ୍ଦେଶନା ଦେଇଥିଲେ । ବିନ୍ଧ୍ୟ ପର୍ବତମାଳାର ସୁବିସ୍ତୃତ କ୍ଷେତ୍ରରେ ବିନ୍ଧ୍ୟ ପର୍ବତମାଳାର ସୁବିସ୍ତୃତ କ୍ଷେତ୍ରରେ ପବିତ୍ର ଗନ୍ଧମାର୍ଦ୍ଦନ ପର୍ବତ ରହିଛି । ପର୍ବତ ତଳେ ବାସ କରୁଥିଲେ ଏକ ସରଳ ଓ ଭକ୍ତିଶୀଳ କନ୍ଧ ଦମ୍ପତି ହରି ଓ ଯମୁନା । ଏକ ଦିନେ ସେମାନେ ଜଙ୍ଗଲରେ କନ୍ଦା ଖୋଳୁଥିବା ସମୟରେ ଗୋଟିଏ ରକ୍ତାକ୍ତ ମୂର୍ତ୍ତି ପାଇଲେ। କନ୍ଧମାନେ ଖୁବ ସରଳ ଓ ପ୍ରକୃତିର ଉପାସକ। ଏହାକୁ ଦେବତାଙ୍କ ରୂପଭାବି ସେମାନେ ଘରକୁ ନେଇ ପୂଜା ଆରମ୍ଭ କଲେ । ପୂଜା କଲାବେଳେ ପ୍ରଭୁ ବର ମାଗିବା ପାଇଁ କହିଲେ। କିନ୍ତୁ ହରି କନ୍ଧ କେବଳ ନାରଙ୍ଗ ଓ କମଳା ଫଳ ଖାଇବା ପାଇଁ ମାଗି ଆତ୍ମସନ୍ତୋଷ ଲାଭ କଲେ । ପରବର୍ତ୍ତୀ ସମୟରେ ସେଠାରେ ରାଜା ମନ୍ଦିର ନିର୍ମାଣ କରି ମାର୍ଜାର କେଶରୀକୁ ସେଠି ସ୍ଥାପନ କଲେ । କନ୍ଧ ଦମ୍ପତି ମାର୍ଜାର କେଶରୀକୁ ଦର୍ଶନ କରିବାକୁ ବାହାରନ୍ତି ପ୍ରତିଷ୍ଠିତ ମନ୍ଦିର ଅଭିମୁଖେ । ତେବେ ଦିବ୍ୟ ବିରାଡ଼ି ଆତ୍ମା ମାର୍ଜାର କେଶରୀ ଗର୍ଜନ କରେ। ପ୍ରକୃତରେ ମାର୍ଜାର କେଶରୀ ସଂପ୍ରତି ମୂଷିକ ଦାନବକୁ ଖୋଜୁଛନ୍ତି। ସତ୍ୟ ଓ ଅସତ୍ୟ, ଭକ୍ତ ଓ ଅଭିମାନ, ନିର୍ମଳତା ଓ ଶାସନ ମଧ୍ୟରେ ଏହି ଶାଶ୍ୱତ ସଂଘର୍ଷ ଚାଲିଛି । ଆଗକୁ ମଧ୍ୟ ଚାଲିବ ବୋଲି ନାଟକ ମାଧ୍ୟମରେ ବାର୍ତ୍ତା ଦିଆଯାଇଛି।

ସେହିପରି ଦ୍ୱିତୀୟ ନାଟକ ବଳିଦାନ ବରଗଡ ଜିଲା ପଦମପୁର ଲୁ ଅନୁଷ୍ଠାନର କଳାକାରମାନେ ମଞ୍ଚନ କରିଥିଲେ । ନାଟକଟି ମୁନସି ପ୍ରେମଚାନ୍ଦଙ୍କ ମୂଳ ରଚନା ଥିଲା। ମୂଳ ରଚନାକୁ ସମ୍ବଲପୁରୀ ଭାଷାରେ ଜଗନ୍ନାଥ ସେଠ ରଚନା ଓ ନିର୍ଦ୍ଦେଶନା ଦେଇଥିଲେ। ସାଧାରଣ ମଣିଷ ମୁଖ୍ୟତଃ ଜଳ, ଜଙ୍ଗଲ, ଚାଷରୁ ବଞ୍ଚିଥାଏ । ଏଥିସହ ସୁଖ ଓ ଦୁଃଖକୁ ଗ୍ରହଣ କରିଥାଏ । ସଂପ୍ରତି ସହରରୁ ଗ୍ରାମକୁ ମଧ୍ୟ ଅହଂକାର, କପଟ ଆକ୍ରମଣ କରିବାକୁ ବସିଛି । ତଥାପି ଗାଁର ସରଳ ଲୋକ ଭାଗ୍ୟବାଦୀ ଭାବନାକୁ ନେଇ ବଞ୍ଚିଛନ୍ତି। ଏଭଳି ଗ୍ରାମ ପରିବେଶ ଓ ଚରିତ୍ରକୁ ନେଇ ନାଟକ ବଳିଦାନ ଗତିଶୀଳ ହୋଇଥିଲା । ଆୟୋଜକ ଅନୁଷ୍ଠାନ ଯୁବ ଉଦୟନର ସଭାପତି ସଞ୍ଜୟ କୁମାର ମିଶ୍ରଙ୍କ ଅଧ୍ୟକ୍ଷତା ଓ ସାଧାରଣ ସମ୍ପାଦକ ଅଭିଷେକ ମିଶ୍ର ସଂଯୋଜନାରେ କଳାକାର ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ହୋଇଥିଲା। ସମ୍ମାନୀତ ଅତିଥି ଭାବେ ବରିଷ୍ଠ ଖବରଦାତା ଶିବଶଙ୍କର ନନ୍ଦ ଏବଂ ଜଟଣୀ ଅଞ୍ଚଳର ନାଟ୍ୟ କର୍ମୀ ସରୋଜ ସାମଲ ଯୋଗଦେଇ କଳାକାରମାନଙ୍କୁ ପୁରସ୍କୃତ କରିଥିଲେ। ପାଞ୍ଚ ଦିନବ୍ୟାପି ଚାଲିଥିବା ନାଟକ ପ୍ରତିଯୋଗୀତାରେ ଭାଷା ସଂସ୍କୃତି ଗବେଷକ ଡ. ଶ୍ୟାମସୁନ୍ଦର ଧର, ସମ୍ବଲପୁର ଦୁରଦର୍ଶନ କେନ୍ଦ୍ରର ପ୍ରାକ୍ତନ ମୁଖ୍ୟ ପଦ୍ମଲୋଚନ ଦାଶ ଏବଂ ବରିଷ୍ଠ ମଞ୍ଚ ଅଭିନେତ୍ରୀ ପୁଷ୍ପାଞ୍ଜଳି ବେହେରା ବିଚାରକ ରହିଥିଲେ ।

# କଂଗ୍ରେସର ୧୪୦ତମ ପ୍ରତିଷ୍ଠା ଦିବସ ପାଳିତ

**କଂଗ୍ରେସ ସଙ୍ଗଠନ ମଜଭୁତ କରିବାକୁ ଆଲୋଚନା**

ସମ୍ବଲପୁର,୨୮।୧୨(ପ୍ରମୋଦ ବହିଦାର)

ସମ୍ବଲପୁର ଜିଲା କଂଗ୍ରେସ ପକ୍ଷରୁ ରବିବାର କଂଗ୍ରେସର ୧୪୦ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ସ୍ଥାନୀୟ ଜିଲା କଂଗ୍ରେସ କାର୍ଯ୍ୟାଳୟରେ ଜିଲା ସଭାପତି ଅମିତ୍ କୁମାର ଗୁରୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ବହୁ କଂଗ୍ରେସ କର୍ମକର୍ତ୍ତା ଓ କର୍ମୀ ଯୋଗ ଦେଇଥିଲେ। ଏହି ଅବସରରେ ବିଗତ ଦିନରେ ଜିଲାରେ କଂଗ୍ରେସର ଉପଲବ୍ଧି ତଥା ଆଗାମୀ ଦିନରେ କଂଗ୍ରେସକୁ ଜିଲାରେ ତୃଣମୂଳସ୍ତରରୁ କିଭଳି ମଜଭୁତ କରାଯିବ ସେ ନେଇ ଆଲୋଚନା ହୋଇଥିଲା। ଏଥିରେ ପୂର୍ବତନ ଜିଲା ସଭାପତି ଜୟଶଙ୍କର ମିଶ୍ର, ବରିଷ୍ଠ ନେତା ରଞ୍ଜିତ ମିତ୍ର, ପ୍ରେମ ପ୍ରକାଶ ସାହାଣୀ, ପିସିସି ସଭ୍ୟ ସୁବାସ ବିଶ୍ୱାଳ, ସରୋଜ ପୂଜାରୀ, ପିସିସି ଏସ୍ସି ସେଲ ସମ୍ପାଦକ ସଞ୍ଜୟ ଛୁରିଆ, ମହିଳା କଂଗ୍ରେସ ସଭ୍ୟା ବିଜୟଲକ୍ଷ୍ମୀ ବେହେରା, ସୀମା ସିଂ, ହୀରାକୁଦ ନଗର ସଭାପତି ରବି ରାଉତ, ଦୀନବନ୍ଧୁ ପରିଡ଼ା, ମହମ୍ମଦ ମୁକ୍ତାର, ଜିତେନ୍ଦ୍ର ପ୍ରଧାନ, ତିଳୋତ୍ତମା ଚୌଧୁରୀ, ସଦାନନ୍ଦ ବରାଳ, ନକୁଳ ବେହେରା, ମହମ୍ମଦ ସଲିମ, ମୌସୁମୀ ହରିପାଲ, ପ୍ରଭାତୀ ସୁନା ପ୍ରମୁଖ କଂଗ୍ରେସ କର୍ମୀ ଯୋଗ ଦେଇଥିଲେ।

# ବିଏସ୍ଏନ୍ଏଲ୍ ପେନ୍ସନର ସମ୍ମିଳନୀ




ମଞ୍ଚାସୀନ ବିଏସ୍ଏନ୍ଏଲ୍ ପେନସନର ୱେଲଫେୟାର ଆସୋସିଏଶନ ସଦସ୍ୟମାନେ।

ସମ୍ବଲପୁର,୨୮ ।୧୨(ଭବାନୀ ଶଙ୍କର ଭୋଇ)

ଅଖିଳ ଭାରତୀୟ ବିଏସ୍ଏନ୍ଏଲ୍ ପେନ୍ସନର ୱେଲ ଫେୟାର ଆସୋସିଏଶନ ପକ୍ଷରୁ ରବିବାର କଚେରି ରୋଡସ୍ଥିତ ବିଏସ୍ଏନ୍ଏଲ୍ କାର୍ଯ୍ୟାଳୟ ପରିସରରେ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ସମ୍ବଲପୁର ଜିଲା ଶାଖା ସଭାପତି ଆନନ୍ଦ ଚନ୍ଦ୍ର ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସମ୍ମିଳନୀରେ ସର୍କଲ ସମ୍ପାଦକ ବିଶ୍ୱନାଥ ବେହେରା ମୁଖ୍ୟ ଅତିଥି ଏବଂ କଟକ ଡ଼ିଭିଜନର ଧ୍ରୁବ ଚରଣ ପରିଜା ମୁଖ୍ୟବକ୍ତାଭାବେ ଯୋଗଦେଇଥିଲେ। ସମ୍ମିଳନୀରେ ଅବସରପ୍ରାପ୍ତ ତଥା ପେନସନ ଭୋଗୀ କର୍ମଚାରୀଙ୍କ ବିଭିନ୍ନ ସମସ୍ୟା ତଥା ସରକାରଙ୍କ ନୀତି ଉପରେ ଆଲୋଚନା କରାଯାଇଥିଲା। ବିଶେଷ କରି ପେନସନରମାଦଙ୍କ ପେନସନ ରିଭିଜନ କେସ ଉପରେ ଆଲୋଚନା କରାଯାଇଥିଲା। ଏହି ଅବସରରେ ୭୭ବର୍ଷରୁ ଅଧିକ ବୟସର ଅବସରପ୍ରାପ୍ତ କର୍ମଚାରୀମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମରେ ବିଏସ୍ଏନ୍ଏଲ୍ ପରିବାର ଭିତରେ ରହିଥିବା ସମ୍ପର୍କ ଏବଂ ପୁରୁଣା ସ୍ମୃତିକୁ ଅନେକ ମନେ ପକାଇଥିଲେ। କାର୍ଯ୍ୟକ୍ରମକୁ ସନ୍ତୋଷ କୁମାର ପଣ୍ଡା ପରିଚାଳନା କରିଥିଲେ। ବିଏସ୍ଏନ୍ଏଲ୍ ପେନସନର ୱେଲଫେୟାର ଆସୋସିଏଶନର ସମ୍ବଲପୁର ସମ୍ପାଦକ ନିର୍ମଳ ଚନ୍ଦ୍ର ପ୍ରଧାନ ବିବରଣୀ ପାଠ କରିବା ସହ ପ୍ରାରମ୍ଭିକ ସୂଚନା ଦେଇଥିଲେ। ଶେଷରେ ଚତୁର୍ଭୁଜ ଖମାରୀ ଧନ୍ୟବାଦ ଅର୍ପଣ କରିଥିଲେ।

# ଜିଲା ଭାଜପା ସଭାପତି ଗିରିଶ ପଟେଲଙ୍କ ପିତୃ ବିୟୋଗ



ସମ୍ବଲପୁର,୨୮।୧୨(ଭବାନୀ ଶଙ୍କର ଭୋଇ)

ଭାରତୀୟ ଜନତା ପାର୍ଟି ସମ୍ବଲପୁର ଜିଲା ସଭାପତି ଗିରିଶ ପଟେଲଙ୍କ ପିତା ମୋହନଭାଇ ପଟେଲ (୯୧)ଙ୍କ ରବିବାରି ସକାଳେ ଗୋଲବଜାର ସ୍ଥିତ ବାସଭବନରେ ପରଲୋକ ହୋଇଯାଇଛି। ତାଙ୍କ ଅନ୍ତ୍ୟେଷ୍ଟିକ୍ରିୟା ମନ୍ଦଲିଆସ୍ଥିତ ରାଜଘାଟରେ ସମ୍ପନ୍ନ ହୋଇଛି । ଖବର ପାଇ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ତଥା ସମ୍ବଲପୁର ଏମ୍ପି ଧର୍ମେନ୍ଦ୍ର ପ୍ରଧାନ ଶୋକସନ୍ତପ୍ତ ପରିବାରଙ୍କୁ ଗଭୀର ସମବେଦନା ଜଣାଇଥିବା ସହ ସନ୍ଧ୍ୟାରେ ପରିବାର ବର୍ଗଙ୍କୁ ଭେଟି ଶାନ୍ତ୍ୱନା ଦେଇଥିଲେ। ଏହା ସହିତ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ, ପଞ୍ଚାୟତିରାଜ ମନ୍ତ୍ରୀ ରବିନାରାୟଣ ନାଏକ, ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର, ରେଢ଼ାଖୋଲ ବିଧାୟକ ପ୍ରାର୍ଥୀ ଦେବେନ୍ଦ୍ର ମହାପାତ୍ର, ପୂର୍ବତନ ରେଙ୍ଗାଲି ବିଧାୟକ ନାଉରି ନାୟକଙ୍କ ସହ ଭାଜପାର ଜିଲାସ୍ତରୀୟ ନେତା ଓ କାର୍ଯ୍ୟକର୍ତ୍ତା ଅନ୍ତ୍ୟେଷ୍ଟିକ୍ରିୟାରେ ଉପସ୍ଥିତ ଥିଲେ ।

# ସମଲେଶ୍ୱରୀ ମନ୍ଦିରରେ ମନମୋହିଲା ଭଜନ ସନ୍ଧ୍ୟା



ସମଲେଶ୍ୱରୀ ମନ୍ଦିରରେ ରବିବାର ସନ୍ଧ୍ୟାରେ ଆୟୋଜିତ ଭଜନ ସନ୍ଧ୍ୟାରେ ଉପସ୍ଥିତ କଳାକାର ଏବଂ କର୍ମକର୍ତ୍ତା।

ସମ୍ବଲପୁର,୨୮।୧୨(ଭବାନୀ ଶଙ୍କର ଭୋଇ)

ସମଲେଶ୍ୱରୀ ମନ୍ଦିର ପ୍ରାଙ୍ଗଣ ଭକ୍ତିମୟ ପରିବେଶରେ ରବିବାର ସନ୍ଧ୍ୟା ମୁଖରିତ ହୋଇଯାଇଥିଲା। ଭଜନ ସନ୍ଧ୍ୟା କାର୍ଯ୍ୟକ୍ରମକୁ ସମଲେଶ୍ୱରୀ ଟ୍ରଷ୍ଟ ବୋର୍ଡ ଓ କଳାକାରମାନଙ୍କ ମିଳିତ ଉଦ୍ୟମରେ ଆୟୋଜିତ ହୋଇଥିଲା। ଟ୍ରଷ୍ଟ ବୋର୍ଡ ସଭାପତି ସଞ୍ଜୟ ବାବୁ ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଏହି ସମୟରେ ଟ୍ରଷ୍ଟ ବୋର୍ଡ ସଦସ୍ୟ ପ୍ରଫୁଲ୍ଲ ହୋତା, ଦେବ କୁମାର ଆଜମେରିଆ, ଗୁରୁ ରଞ୍ଜନ ସାହୁ, ଗୁରୁ ତ୍ରିଲୋଚନ ତ୍ରିପାଠୀ, ଗୁରୁ ରତନ ପୂଜାରୀ, ବିଶ୍ୱରଞ୍ଜନ ପୂଜାରୀ, ଦୀପାଳି ଚୌଧୁରୀ ପ୍ରମୁଖ ଗଣ୍ୟମାନ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ। ଭଜନ ସନ୍ଧ୍ୟାରେ ସମ୍ବଲପୁରର ପ୍ରସିଦ୍ଧ କଳାକାରମାନେ ମା'ଙ୍କ ମହିମାଗାନ କରିଥିଲେ ଯାହା ଉପସ୍ଥିତ ଭକ୍ତଙ୍କୁ ବିମୋହିତ କରିଥିଲା। ଲହରୀ ସାଂସ୍କୃତିକ ଅନୁଷ୍ଠାନର ସାଇ ସ୍ମିତା ନାୟକ, ପଦନୀ ଦୋରା, ସ୍ୱାଗତିକା ପଣ୍ଡା, ଅଳକା ମିଶ୍ର, ସମୀର ଦାଶ, ପ୍ରିୟାଂଶୁ ପଣ୍ଡା, ପ୍ରକୃତି ପଣ୍ଡା, ପ୍ରଶାନ୍ତ କୁମାର ସାହୁ ଓ ମଣ୍ଟୁ ମହାକୁଡ଼ ପ୍ରମୁଖ ସଙ୍ଗୀତ ପରିବେଷଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଗୁରୁ ରତନ କୁମାର ପୂଜାରୀ ସଙ୍ଗୀତ ପରିଚାଳନା କରିଥିବା ବେଳେ ରାମାଶିଷ ତ୍ରିପାଠୀ ଉଦଘୋଷକ ଭୂମିକା ନିର୍ବାହ କରିଥିଲେ। ସମଲେଶ୍ୱରୀ ଟ୍ରଷ୍ଟ ବୋର୍ଡ ପକ୍ଷରୁ ପ୍ରତିମାସର ଦ୍ୱିତୀୟ ଓ ଚତୁର୍ଥ ରବିବାର ସନ୍ଧ୍ୟାରେ ଏହିପରି ଭଜନ ସନ୍ଧ୍ୟା ଆୟୋଜନ କରାଯାଉଛି। ସ୍ଥାନୀୟ କଳାକାର ଓ ଶିଳ୍ପୀମାନଙ୍କ ସହଭାଗିତାରେ ଏହି ପ୍ରୟାସ ସମ୍ବଲପୁରର ସାଂସ୍କୃତିକ ପରମ୍ପରାକୁ ଆଗକୁ ବଢ଼ାଇବ ବୋଲି ଭକ୍ତମାନେ ଆଶାବ୍ୟକ୍ତ କରିଛନ୍ତି। ଉପସ୍ଥିତ ଭକ୍ତମାନେ ମା'ଙ୍କ ମହିମା ପ୍ରଚାରରେ ଏଭଳି କାର୍ଯ୍ୟକ୍ରମ ସହାୟକ ହେବ ବୋଲି କହିଛନ୍ତି। ଚଳିତବର୍ଷର ଏହି ଶେଷ ଭଜନ ସନ୍ଧ୍ୟା କାର୍ଯ୍ୟକ୍ରମରେ ଉପସ୍ଥିତ ଟ୍ରଷ୍ଟ ବୋର୍ଡ ସଦସ୍ୟ ଓ କଳାକାର ମାନେ ମା' ସମଲେଇଙ୍କ ନିକଟରେ କୃତଜ୍ଞତା ବ୍ୟକ୍ତ କରିଥିଲେ ଓ ସମ୍ବଲପୁରର ସୁଖସମୃଦ୍ଧି ପାଇଁ ପ୍ରାଥନା କରିଥିଲେ।

# ସମ୍ବଲପୁରର ଯୁବଶକ୍ତିକୁ ଗୁରୁତ୍ୱ

**ବିଜେଡି ରାଜ୍ୟ ଯୁବ ସଙ୍ଗଠନରେ ପରିବର୍ତ୍ତନ**

ସମ୍ବଲପୁର,୨୮ ।୧୨(ଭବାନୀ ଶଙ୍କର ଭୋଇ)

ବିଜୁ ଜନତାଦଳ ରାଜ୍ୟ ସଭାପତି ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରାଜ୍ୟ ଯୁବ ସଙ୍ଗଠନରେ ବ୍ୟାପକ ପରିବର୍ତ୍ତନ କରିଛନ୍ତି। ଏଥିରେ ସମ୍ବଲପୁର ଜିଲାର ଯୁବନେତା ହୀରାଲାଲ ବେହେରା ଏବଂ ମିଳନ ହୋତାଙ୍କୁ ରାଜ୍ୟ ଯୁବ ଉପସଭାପତି ଓ ସୁମିତ କୁମାର ପଟେଲ ରାଜ୍ୟ ସାଧାରଣ ସମ୍ପାଦକ ଦାୟିତ୍ୱ ଦିଆଯାଇଛି। ସେହିପରି ପ୍ରକାଶ ଡାଙ୍ଗ ଏବଂ ଅନମୋଲ ଦାସଙ୍କୁ ବିଜୁ ଛାତ୍ର ଜନତା ଦଳର ରାଜ୍ୟ ଉପସଭାପତି, ଚୁମନ ପ୍ରଧାନଙ୍କୁ ସାଧାରଣ ସମ୍ପାଦକଭାବେ ଦାୟିତ୍ୱ ଦିଆଯାଇଛି । ଏହା ସହିତ ବିଜୁ ଜନତା ଦଳର ରାଜ୍ୟ ସାଧାରଣ ସମ୍ପାଦକଭାବେ ସଞ୍ଜିତ ମହାନ୍ତି ନିଯୁକ୍ତ ହୋଇଛନ୍ତି। ଏଥିପାଇଁ ରାଜ୍ୟ ଯୁବ ସଭାପତି ଚନ୍ମୟ ସାହୁ, ରାଜ୍ୟ ଛାତ୍ର ସଭାପତି ଇପ୍ସିତା ସାହୁଙ୍କୁ ନୂତନ ଦାୟିତ୍ୱ ଦିଆଯାଇଥିବା କର୍ମକର୍ତ୍ତା ବୃନ୍ଦ ଧନ୍ୟବାଦ ଅର୍ପଣ କରିଛନ୍ତି।

# ଯୁଯୁମୁରାର ଯମଜ ଭଉଣୀଭାଇ ଆଣିଲେ ସ୍ୱର୍ଣ୍ଣ, ରୌପ୍ୟ ପଦକ

**ରାଜ୍ୟସ୍ତରୀୟ ତୀରନ୍ଦାଜି ପ୍ରତିଯୋଗିତା**

ପଡିଆବାହାଲ,୨୮।୧୨(ରାଧାମୋହନ ଷଡ଼ଙ୍ଗୀ)



୩ ପଦକ ବିଜେତା।

ରାଜ୍ୟସ୍ତରୀୟ ତୀରନ୍ଦାଜି ପ୍ରତିଯୋଗିତାରେ ସମ୍ବଲପୁର ଜିଲା ପାଇଁ ଗୌରବ ଆଣିଛନ୍ତି ଯୁଯୁମୁରା ଗାଁର ୨ ଯମଜ ଭଉଣୀଭାଇ। ଗତ ଦୁଇଦିନ ଧରି କଟକ ଜିଲା କୁରଙ୍ଗ ଶାସନ ମିନି ଷ୍ଟାଡିୟମରେ ଅନୁଷ୍ଠିତ ୧୩ରୁ ୧୫ବର୍ଷ ରାଜ୍ୟସ୍ତରୀୟ ତୀରନ୍ଦାଜି ପ୍ରତିଯୋଗିତାରେ ଅନ୍ୱେଷା ଦେହୁରୀ ବାଳିକା ବିଭାଗରେ ୩୬୦ରୁ ୨୯୮ ପଏଣ୍ଟ ରଖି ସ୍ୱର୍ଣ୍ଣ, ଅର୍ଣ୍ଣବ କୁମାର ଦେହୁରୀ ବାଳକ ବିଭାଗରେ ୩୬୦ରୁ ୩୨୯ ପଏଣ୍ଟ ଆଣି ରୌପ୍ୟ ପଦକ ଜିତିଛନ୍ତି। ସେହିପରି ପ୍ରତିମା ସରୁକାତ ବାଳିକା ବିଭାଗରେ ୩୬୦ରୁ ୨୯୫ ପଏଣ୍ଟ ଆଣି ରୌପ୍ୟ ପଦକ ହାସଲ କରିଛନ୍ତି। ସମସ୍ତ ୩ଜଣ ଯାକ ବିଜେତା ଯୁଯୁମୁରାର। ଏହାକୁ ନେଇ ସମ୍ବଲପୁର ଜିଲାରେ ଆନନ୍ଦର ଲହରୀ ଖେଳିଯାଇଛି। କଟକ ଜିଲା ଆଚେରି ଆସୋସିଏଶନ ଓ ଓଡ଼ିଶା ଆଚେରି ଆସୋସିଏଶନର ମିଳିତ ଆନୁକୂଲ୍ୟ ଓ ଜିନ୍ଦଲ ଫାଉଣ୍ଡେଶନ ସହଯୋଗରେ ୨୭ ଓ ୨୮ ଦୁଇଦିନ ଧରି ଏହି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏହି ସଫଳତା ପାଇଁ ସମ୍ବଲପୁର ଏମ୍ପି ତଥା କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ରେଢ଼ାଖୋଲ ବିଧାୟକ ପ୍ରସନ୍ନ ଆଚାର୍ଯ୍ୟ, ଦୁଲାଲ ପ୍ରଧାନ ସମସ୍ତ ବିଜେତାଙ୍କୁ ଶୁଭେଚ୍ଛା ଜଣାଇବା ସହ ସଫଳତା କାମନା କରିଛନ୍ତି।

# ଜାନୁଆରୀ ସୁଦ୍ଧା ଦାବି ପୂରଣ ନହେଲେ ଆନ୍ଦୋଳନ

**କେନ୍ଦୁପତ୍ର କର୍ମଚାରୀ ସଂଘର ଚେତାବନୀ**

କୁଚିଣ୍ଡା,୨୮।୧୨(ବିରଞ୍ଚି ଦର୍ଶ୍ୱା)

ସମ୍ବଲପୁର ଜିଲା କୁଚିଣ୍ଡା କେନ୍ଦୁପତ୍ର ଶ୍ରମିକ ଭବନରେ ରବିବାର ଓଡ଼ିଶା କେନ୍ଦୁପତ୍ର କର୍ମଚାରୀ ସଂଘ ପକ୍ଷରୁ ଏକ ଡ଼ିଭିଜନସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। କେନ୍ଦୁପତ୍ର ସଂଘ ରାଜ୍ୟ ସମ୍ପାଦକ ମହମ୍ମଦ ମୁର୍ତ୍ତୁଜାଙ୍କ ସଭାପତିତ୍ୱରେ ହୋଇଥିବା କାର୍ଯ୍ୟକ୍ରମରେ କୁଚିଣ୍ଡା ପଞ୍ଚାୟତ ସମିତି ଅଧ୍ୟକ୍ଷ ଭୁବନେଶ୍ୱର କିଷାନ, ପୂର୍ବତନ ପଞ୍ଚାୟତ ସମିତି ଅଧ୍ୟକ୍ଷା ପଦ୍ମାବତୀ କିଷାନ, ବଡରମା ରେଞ୍ଜ ହେଡଚେକର କୈଳାସ ତାଉଡିଆ, ରେଞ୍ଜ ସମ୍ପାଦକ ବିରଞ୍ଚି ନାୟକ, ଜର୍ଡା ରେଞ୍ଜ ହେଡଚେକର ଫିଲମନ ଲୁଗୁନ, ସୋଲବଗା ହେଡଚେକର ଭିକାରୀ ନାୟକ, ବାମରା ରେଞ୍ଜର ଚୈତନ୍ୟ ମେହେର, ଶିବ ପଟେଲ, ହେମନ୍ତ ବଗର୍ତ୍ତୀ, ସୌଦାମିନୀ ନାୟକ, ବଲ୍ଲରୀ ପଟେଲ, ଛସ୍ମିନ ପଟେଲ, ସୁସ୍ମିତା ବୁଢ଼, ସୁକୁନ ଗହୀର ପ୍ରମୁଖ ଯୋଗଦେଇଥିଲେ। କେନ୍ଦୁପତ୍ର ତୋଳାଳି, କର୍ମଚାରୀ ଓ ବନ୍ଧେଇ ଶ୍ରମିକଙ୍କ ବିଭିନ୍ନ ଦାବି ଉପରେ ଆଲୋଚନା କରାଯାଇଥିଲା। ଦାବି ପୂରଣରେ ସରକାର ଆହେତୁକ ବିଳମ୍ବ କରୁଥିବା ବକ୍ତାମାନେ ଅଭିଯୋଗ କରିଥିଲେ। ଆଗାମୀ ଜାନୁଆରୀ ଶେଷ ସୁଦ୍ଧା କେନ୍ଦୁପତ୍ର କେରି ପ୍ରତି ଦର ବୃଦ୍ଧି, ସିଜିନାଲ କର୍ମଚାରୀଙ୍କ ସର୍ବନିମ୍ନ ମଜୁରି ଅନୁପାତରେ ମାସିକ ମଜୁରି ବୃଦ୍ଧି, ବନ୍ଧେଇ ଶ୍ରମିକଙ୍କ ବଣ୍ଡଲ ପ୍ରତି ମଜୁରି ବୃଦ୍ଧି ଏବଂ ବୋନସ ବୃଦ୍ଧି ସରକାର ଘୋଷଣା କରିବାକୁ ଦାବି କରିଥିଲେ। ସିଜିନାଲ କର୍ମଚାରୀଙ୍କ ଛଟେଇ, ଫଡ଼ି ଉଚ୍ଛେଦ, ଶ୍ରମିକ ଓ ତୋଳାଳି ବିରୋଧି ବିଚାରରୁ ସରକାର ନିବୃତ୍ତ ନହେଲେ ଆନ୍ଦୋଳନକୁ ତୀବ୍ରତର କରାଯିବାକୁ ନିଷ୍ପତ୍ତି ନିଆଯାଇଥିଲା। କୁଚିଣ୍ଡା ଡିଭିଜନ କୋଷାଧ୍ୟକ୍ଷ ମିଳନ ପଲେଇ ସଭା ପରିଚାଳନା କରିଥିବାବେଳେ କୁଚିଣ୍ଡା ରେଞ୍ଜ ସମ୍ପାଦକ ପୁଷ୍ପକେତୁ ଦେଓ ଧନ୍ୟବାଦ ଅର୍ପଣ କରିଥିଲେ।

# ନାଟ୍ୟଗୁରୁ ନିରଞ୍ଜନ ପଟ୍ଟନାୟକଙ୍କୁ ସମ୍ବର୍ଦ୍ଧନା

ସମ୍ବଲପୁର,୨୮।୧୨
(ଭବାନୀ ଶଙ୍କର ଭୋଇ)

ସମ୍ବଲପୁର ଜିଲା ଚିପିଲିମା ନିକଟ ଗଡମୁଣ୍ଡା ହାଇସ୍କୁଲ ପ୍ରାଙ୍ଗଣରେ ସ୍କୁଲର ପୂର୍ବତନ ଶିକ୍ଷକ ତଥା ନାଟ୍ୟଗୁରୁ ନିରଞ୍ଜନ ପଟ୍ଟନାୟକଙ୍କୁ ରବିବାର ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଗଡମୁଣ୍ଡା କ୍ଲବ ତରଫରୁ ବିଭିନ୍ନ ସମୟରେ ମଞ୍ଚସ୍ଥ ହୋଇଥିବା ନାଟକଗୁଡ଼ିକର ଅଭିନୟ କିପରି ଦର୍ଶକଙ୍କ ମନ ମୋହୁଥିଲା ସେ ବିଷୟରେ ଅତିଥିମାନେ ସ୍ମୃତିଚାରଣ କରୁଥିଲେ। ଏହି ସମ୍ବର୍ଦ୍ଧନା ସଭାମଞ୍ଚରେ କୃଷ୍ଣଚନ୍ଦ୍ର ପଧାନ, ତ୍ରିଲୋଚନ ପ୍ରଧାନ, ପ୍ରମୋଦ କୁମାର ବେହେରା, ଦୁର୍ବାଦଳ ପ୍ରଧାନ, ଦେବାଶିଷ ପଣ୍ଡା, ଟିକେଶ୍ୱର ପ୍ରଧାନ, ପୀତାମ୍ବର ପ୍ରଧାନ, ଉପେନ୍ଦ୍ର ପ୍ରଧାନ ପ୍ରମୁଖ ମଞ୍ଚାସୀନ ଥିଲେ। କାର୍ଯ୍ୟକ୍ରମକୁ ସଞ୍ଜୀବ କୁମାର ମେଣ୍ଡଲି ପରିଚାଳନା କରିଥିଲେ। ଅଶୋକ କୁମାର ପଣ୍ଡା, ନମ୍ରସକାନ୍ତ ପଟ୍ଟନାୟକ, ଦେବେନ୍ଦ୍ର କର୍ଣ୍ଣ, ମୁଟୁ ଛନ୍ଦ, ସୀତାରାମ ପ୍ରଧାନ, ମିତ୍ରଭାନୁ ପ୍ରଧାନ, ପରମାନନ୍ଦ ମେଣ୍ଡଲି ପ୍ରମୁଖ କାର୍ଯ୍ୟକ୍ରମ ଆୟୋଜନରେ ସହଯୋଗ କରିଥିଲେ। ଶେଷରେ ଅଶୋକ କୁମାର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

# ସମ୍ବଲପୁରରେ ଏଓଏଲ୍ଏର ୫୪ତମ ବାର୍ଷିକ ସମ୍ମିଳନୀ ଆଜି

ସମ୍ବଲପୁର,୨୮।୧୨(ପ୍ରମୋଦ ବହିଦାର)



ସମ୍ବଲପୁର ଜିଲା ଓକିଲ ସଂଘର ଖବରଦାତା ସମ୍ମିଳନୀରେ ଉପସ୍ଥିତ କର୍ମକର୍ତ୍ତା।

■ ରାଜ୍ୟର ଓକିଲଙ୍କ ମଧ୍ୟରେ ଏକତା ଫେରିଛି

■ ଓକିଲ ପେଶାରେ ବୈଷୟିକ ପଦ୍ଧତି ପାଇଁ ହେବ ଆଲୋଚନା

ନିଖିଳ ଓଡ଼ିଶା ଓକିଲ ସଂଘ(ଏଓଏଲ୍ଏ)ର ଦୁଇ ପୃଥକ ଓକିଲ ସଂଘ ଏକତ୍ରିତ ହେବା ପରେ ପ୍ରଥମ ଥର ପାଇଁ ସମ୍ବଲପୁରରେ ଚଳିତବର୍ଷର ବାର୍ଷିକ ସମ୍ମିଳନୀ ଅୟୋଜିତ ହେଉଛି। ସମ୍ବଲପୁର ଜିଲା ଓକିଲ ସଂଘ ଆନୁକୂଲ୍ୟରେ ଗଙ୍ଗାଧର ମେହେର ବିଶ୍ୱ ବିଦ୍ୟାଳୟ(ଜିଏମ୍)ରେ ଡିସେମ୍ବର ୨୯ ଓ ୩୦ ତାରିଖରେ ଏଓଏଲ୍ଏର ଦୁଇଦିନିଆ ୫୪ତମ ରାଜ୍ୟସ୍ତରୀୟ ବାର୍ଷିକ ସମ୍ମିଳନୀ–୨୦୨୫ ଅନୁଷ୍ଠିତ ହେବ। ଏଥିରେ ରାଜ୍ୟ ଓ ରାଜ୍ୟ ବାହାରୁ ପ୍ରାୟ ୨ହଜାରରୁ ଅଧିକ ଓକିଲ ଯୋଗ ଦେବା କାର୍ଯ୍ୟକ୍ରମ ରହିଛି ବୋଲି ସମ୍ବଲପୁର ଓକିଲ ସଂଘର ସଭାପତି ପ୍ରଦୀପ କୁମାର ବହିଦାର ସୂଚନା ଦେଇଛନ୍ତି। ସମ୍ବଲପୁର ଓକିଲ ସଂଘର ପାଠାଗାରରେ ରବିବାର ପୂର୍ବାହ୍ନରେ ଅନୁଷ୍ଠିତ ଏକ ଖବରଦାତା ସମ୍ମିଳନୀରେ ସେ ସୂଚନା ଦେଇ କହିଛନ୍ତି, ଦୁଇ ଦିନଧରି ଏଠାରେ ଚାଲିବାକୁ ଥିବା ବାର୍ଷିକ ସମ୍ମିଳନୀକୁ ୩ଟି ଅଧିବେଶନରେ ବିଭକ୍ତ କରାଯାଇଛି। ୨୯ ତାରିଖ ପୂର୍ବାହ୍ନରେ ଉଦ୍‌ଘାଟନୀ ଅଧିବେଶନ, ଅପରାହ୍ନ ୨ଟା ୩୦ରୁ 'ଆଇନ୍ ଓ ପ୍ରଯୁକ୍ତି: ଆଇନ୍ ପେଶା ପାଇଁ ଆହ୍ୱାନ' ଶୀର୍ଷକ ବୈଷୟିକ ଅଧିବେଶନ ଏବଂ ୩୦ ତାରିଖ ପୂର୍ବାହ୍ନ ସାଢ଼େ ୧୦ଟାରୁ ୨ଟା ୩୦ ପର୍ଯ୍ୟନ୍ତ 'ଆଇନ୍ ପେଶାରେ ମହିଳାଙ୍କ ପାଇଁ ସମସ୍ୟା, ସୁଯୋଗ ଓ ଆହ୍ୱାନ' ଶୀର୍ଷକ ଅନ୍ତିମ ଅଧିବେଶନ ଅନୁଷ୍ଠିତ ହେବ। ଏଥିପାଇଁ ସମସ୍ତ ପ୍ରକାର ପ୍ରସ୍ତୁତି ଶେଷ ହୋଇ ସାରିଛି ବୋଲି ସେ କହିଥିଲେ।

ସମ୍ବଲପୁର ଏମ୍ ତଥା କେନ୍ଦ୍ର ଶିକ୍ଷାମନ୍ତ୍ରୀ ମୁଖ୍ୟଅତିଥି ଭାବେ ଯୋଗଦେଇ ସମ୍ମିଳନୀକୁ ଉଦ୍‌ଘାଟନ କରିବା କାର୍ଯ୍ୟକ୍ରମ ରହିଛି। ସମ୍ମାନୀତ ଅତିଥିଭାବେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ, ଓଡ଼ିଶା ହାଇକୋର୍ଟର ବିଚାରପତି ଜଷ୍ଟିସ୍ ସଞ୍ଜିବ କୁମାର ପାଣିଗାହୀ, ଆଡ୍‌ଭୋକେଟ୍ ଜେନେରାଲ ପୀତାମ୍ବର ଆଚାର୍ଯ୍ୟ, ବିଧାୟକ ଜୟନାରାୟଣ ମିଶ୍ର ଓ ଓଏସ୍‌ବିସିର ଅଧ୍ୟକ୍ଷ ସୀତାଂଶୁ ମୋହନ ମିଶ୍ର, ମୁଖ୍ୟବକ୍ତା ଭାବେ ଆଇନ ଆୟୋଗ ଅଧ୍ୟକ୍ଷ ଅବସରପ୍ରାପ୍ତ ବିଚାରପତି ବିଶ୍ୱନାଥ ରଥ ଯୋଗଦେବା କାର୍ଯ୍ୟକ୍ରମ ରହିଛି। ଏଓଏଲ୍ଏର ସଭାପତି ଶିଶିର କୁମାର ପାଢ଼ୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହେବାକୁ ଥିବା ଉତ୍ସବ ପ୍ରାରମ୍ଭରେ ସେ ନିଜେ ଜିଲା ଓକିଲ ସଂଘର ସଭାପତି ଭାବେ ସ୍ୱାଗତ ଅଭିଭାଷଣ ଦେବେ। ଏଓଏଲ୍ଏର ସ୍ମରଣିକା 'ଲୟର୍ସ' ଉନ୍ମୋଚିତ ହେବ। ଅନୁରୂପ ଭାବେ ଏଓଏଲ୍ଏ କାର୍ଯ୍ୟକାରୀ ସଭାପତି ବିଭୁପ୍ରସାଦ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଦ୍ୱିତୀୟ ବୈଷୟିକ ଅଧିବେଶରେ ମୁଖ୍ୟଅତିଥି ଭାବେ ହାଇକୋର୍ଟ ବିଚାରପତି ଜଷ୍ଟିସ୍ ଶିଶିରକାନ୍ତ ମିଶ୍ର ଯୋଗଦେବେ। ହାଇକୋର୍ଟ ବିଚାରପତି ଜଷ୍ଟିସ୍ ଆଦିତ୍ୟ କୁମାର ମହାପାତ୍ର ମୁଖ୍ୟବକ୍ତା, ଓଡ଼ିଶା ମାନବାଧିକାର ଆୟୋଗ ଅଧ୍ୟକ୍ଷ ଅବସରପ୍ରାପ୍ତ ବିଚାରପତି ଶତ୍ରୁଘ୍ନ ପୂଜାରୀ, ହାଇକୋର୍ଟର ବରିଷ୍ଠ ଓକିଲ ମାନସ ରଞ୍ଜନ ମହାପାତ୍ର ଓ ରାଜ୍ୟ ବାର କାଉନସିଲ ସଦସ୍ୟ ଜ୍ଞାନ ରଞ୍ଜନ ମହାନ୍ତି ସମ୍ମାନିତ ଅତିଥି ଭାବେ ଯୋଗଦେବ। ସେହିପରି ୩୦ ତାରିଖରେ ଏଓଏଲ୍ଏର ସଭାପତି ଶିଶିର କୁମାର ପାଢ଼ୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହେବାକୁ ଥିବା ଅନ୍ତିମ ବୈଷୟିକ ଅଧିବେଶନକୁ ମୁଖ୍ୟଅତିଥିଭାବେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ ଉଦ୍‌ଘାଟନ କରିବେ। ସମ୍ମାନୀତ ଅତିଥିଭବେ ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଓ ମୁଖ୍ୟବକ୍ତା ଭାବେ ହାଇକୋର୍ଟ ବିଚାରପତି ଜଷ୍ଟିସ୍ ଭି ନରସିଂହ ଯୋଗଦେବା କାର୍ଯ୍ୟକ୍ରମ ରହିଛି ବୋଲି ସେ ସୂଚନା ଦେଇଛନ୍ତି। ଖବରଦାତା ସମ୍ମିଳନୀରେ ଉପସଭାପତି ଅରବିନ୍ଦ ନାଏକ, ସାଧାରଣ ସମ୍ପାଦକ ପ୍ରଦ୍ୟୋତ କୁମାର ଶର୍ମା ଉପସ୍ଥିତ ଥିଲେ।


ଦହିଚୋରି ଯୋଗୁ ଶ୍ରୀକୃଷ୍ଣଙ୍କୁ ମା' ଯଶୋଦା ଗଛରେ ବାନ୍ଧିଛନ୍ତି ।


ଶ୍ରୀକୃଷ୍ଣଙ୍କ ଦ୍ୱାରା ଯାମଳାର୍ଜ୍ଜୁନ ଉଦ୍ଧାର ।


ବରଗଡ଼ ଧନୁଯାତ୍ରା ମହୋତ୍ସବ ରାଜଦରବାରରେ କଂସ ମହାରାଜ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀଙ୍କୁ ସମ୍ମାନିତ କରୁଛନ୍ତି ।

# କଂସ ବ୍ୟସ୍ତବିବ୍ରତ, ଆଜି ରଙ୍ଗସଭା

**ମଥୁରାନଗରୀ/ଗୋପପୁର, ୨୮।୧୨ (ପ୍ରେମାନନ୍ଦ ଖମାରୀ**


ଗୋପାଳ ବାଳକଙ୍କ ଗହଣରେ ବେନିଭାଇଙ୍କ ବଣଭୋଜି ।

ରବିବାର ଥିଲା ବୃହତ୍ ମୁକ୍ତାକାଶ ରଙ୍ଗମଞ୍ଚ ବରଗଡ଼ ଧନୁଯାତ୍ରା ମହୋତ୍ସବର ପଞ୍ଚମ ଦିବସ। ଉଭୟ ମଥୁରାନଗରୀ ଏବଂ ଗୋପପୁର ଦୃଶ୍ୟାଭିନୟ ଚିତ୍ତାକର୍ଷକ ଥିଲା। ଗୋପପୁରରେ ଦୁଇଭାଇ ଯାମଳାର୍ଜ୍ଜୁନ ଭଗବାନ ଶ୍ରୀକୃଷ୍ଣଙ୍କ ଦ୍ୱାରା ଉଦ୍ଧାର ହୋଇଥିଲେ। ସେହିପରି ଗୋପାଳ ବାଳକଙ୍କ ଗହଣରେ ବେନିଭାଇଙ୍କ ବଣଭୋଜି, ଭଗବାନ୍ ଶ୍ରୀକୃଷ୍ଣଙ୍କୁ ବ୍ରହ୍ମାଙ୍କ ମୋହନ ବଇଁଶୀ ପ୍ରଦାନ ଏବଂ କାଳିନ୍ଦୀ ହ୍ରଦରେ କାଳୀୟଦଳନ ଦୃଶ୍ୟାଭିନୟ ଦର୍ଶକଙ୍କୁ ବେଶ୍ ଆମୋଦିତ କରିଥିଲା। କୃଷ୍ଣ ଦହିହାଣ୍ଡି ଭାଙ୍ଗିଦେବାରୁ ଯଶୋଦା ଶ୍ରୀକୃଷ୍ଣଙ୍କୁ ବୃକ୍ଷରେ ବାନ୍ଧି ଦେଇଥିବାବେଳେ ଭଗବାନ ଶ୍ରୀକୃଷ୍ଣ ଶାପଗ୍ରସ୍ତ ଦୁଇ ଗର୍ନ୍ଧବ ଭାଇ ଯାମଳାର୍ଜ୍ଜୁନଙ୍କୁ ମୁକ୍ତ ଦୃଶ୍ୟାଭିନୟ ହୃଦୟସ୍ପର୍ଶୀ ହୋଇଥିଲା। ଏହି ଦୃଶ୍ୟାଭିନୟ ଦେଖିବା ପାଇଁ ପ୍ରବଳ ଦର୍ଶକଙ୍କ ଭିଡ଼ ହୋଇଥିଲା। ଅନ୍ୟପଟେ ସବୁଦିନ ଭଳି କଂସ ମହାରାଜ ନିଜ ପାତ୍ରମନ୍ତ୍ରୀଙ୍କ ଗହଣରେ ରାଜମହଲରୁ ମଥୁରା ଭ୍ରମଣରେ ବାହାରିଥିଲେ ଏବଂ ରଙ୍ଗମହଲକୁ ପହଞ୍ଚିଥିଲେ। ଗୋପପୁରରେ ଷଡ଼ମଲ୍ଲଙ୍କ ନିଧନ ପରେ ବିବ୍ରତ ଥିବା କଂସ ମହାରାଜ ନାଚଗୀତରେ ମସ୍‌ଗୁଲ ହୋଇଥିଲେ। ପରେ ରାଜଦରବାର ଅଭିମୁଖେ କଂସ ମହାରାଜ ବାହାରିଥିଲେ। ରାଜଦରବାରରେ ପହଞ୍ଚିବା ପରେ କଂସ ମହାରାଜ ବେନିଭାଇ କୃଷ୍ଣ, ବଳରାମଙ୍କୁ କିଭଳି ହତ୍ୟା କରିବେ, ସେନେଇ ମହାମନ୍ତ୍ରୀଙ୍କ ସହ ଆଲୋଚନା କରିଥିଲେ। ନାରଦଙ୍କ ପରାମର୍ଶକ୍ରମେ କରଦ ରାଜାମାନଙ୍କୁ ଆମନ୍ତ୍ରଣ କରିବା ପାଇଁ ଯୋଜନା କରିଥିଲେ। ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ରାଜ ଅତିଥିଭାବେ ଯୋଗଦେଇଥିଲେ। ସୋମବାର ରାଜଦରବାରରେ ରଙ୍ଗସଭା ଏବଂ ଗୋପପୁରରେ ବସ୍ତ୍ରହରଣ ଦୃଶ୍ୟାଭିନୟ କାର୍ଯ୍ୟକ୍ରମ ରହିଛି।

## ଧନୁଯାତ୍ରା ମହୋତ୍ସବରେ ଚିତ୍ରକଳା ଶିବିର

**ମଥୁରା ନଗରୀ, ୨୮।୧୨ (ପ୍ରେମାନନ୍ଦ ଖମାରୀ )**

ବରଗଡ଼ ଧନୁଯାତ୍ରା ମହୋତ୍ସବ ଅବସରରେ ରବିବାର ସ୍ଥାନୀୟ ଗାନ୍ଧୀ ପାର୍କ ପରିସରରେ ଚିତ୍ରକଳା ଶିବିର ଆୟୋଜିତ ହୋଇଯାଇଛି। ଧନୁଯାତ୍ରା ପ୍ରଚାର ଓ ପ୍ରସାର କମିଟି ଏବଂ ଧନୁଯାତ୍ରା ମହୋତ୍ସବ ସମିତିର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି ଶିବିରରେ ଜିଲା ତଥା ଜିଲା ବାହାରୁ ୩୧ଜଣ ଚିତ୍ରଶିଳ୍ପୀ ଭାଗନେଇ ଧନୁଯାତ୍ରା ସମେତ ପଶ୍ଚିମ ଓ କଳା, ସଂସ୍କୃତି ଓ ପରମ୍ପରାର ବିଭିନ୍ନ ଦୃଶ୍ୟ ଓ କାହାଣୀକୁ ତୂଳୀରେ ଜୀବନ୍ତ ରୂପ ଦେଇଥିଲେ। ଅତିରିକ୍ତ ଜିଲାପାଳ ମହେନ୍ଦ୍ର ମହାପାତ୍ର, ଧନୁଯାତ୍ରା ମହୋତ୍ସବ ସମିତିର ସମ୍ପାଦକ ସୁରେଶ୍ୱର ଶତପଥୀ ପ୍ରଦର୍ଶନୀକୁ ବୁଲି ଦେଖିବା ସହ ଶିଳ୍ପୀମାନଙ୍କୁ ଉତ୍ସାହିତ କରିଥିଲେ। ଧନୁଯାତ୍ରା ପ୍ରଚାର ପ୍ରସାର କମିଟିର ଆବାହକ ତଥା ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପ୍ରହ୍ଲାଦ ଖୋସଲା, ସହ- ଆବାହକ ରବି ପଣ୍ଡାଙ୍କ ସଂଯୋଜନାରେ ତଥା ଚିତ୍ରଶିଳ୍ପୀ ଶିବିରର ସଂଯୋଜକ ସନ୍ତୋଷ ଭୋଇଙ୍କ ପରିଚାଳନାରେ ଅନୁଷ୍ଠିତ ଏହି ଶିବିରରେ ୩୧ ଜଣ ପ୍ରତିଯୋଗୀ ଉପସ୍ଥିତ ରହି ଧନୁଯାତ୍ରା ସମ୍ପର୍କିତ ଚିତ୍ର ଆଙ୍କି ଦର୍ଶକଙ୍କ ମନ ମୋହିଥିଲେ। ଶିବିର ପରିଚାଳନାରେ ସତ୍ୟଜିତ ଦାଶ, ଶ୍ରୀକାନ୍ତ ମଟାରୀ, ସତ୍ୟ ପ୍ରଧାନ, ଲଲାଟେନ୍ଦୁ ଦାଶ, ବଦ୍ରି ପ୍ରସାଦ ସାହୁ, ପ୍ରଦୀପ ପାଢ଼ୀଙ୍କ ସମେତ ଗଣମାଧ୍ୟମ ପ୍ରତିନିଧିମାନେ ଏବଂ ଏହି କମିଟିର ସଦସ୍ୟମାନେ ସହଯୋଗ କରିଥିଲେ। ଏହି ଶିବିରରେ ଅଂଶଗ୍ରହଣ କରିଥିବା ସମସ୍ତ ଚିତ୍ରଶିଳ୍ପୀମାନଙ୍କୁ ସନ୍ଧ୍ୟାରେ ରଙ୍ଗମହଲଠାରେ ମହାରାଜ କଂସଙ୍କ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା।


ବ୍ରହ୍ମା ଶ୍ରୀକୃଷ୍ଣଙ୍କୁ ବଇଁଶୀ ପ୍ରଦାନ କରୁଛନ୍ତି ।

## ୧୯୮୫ ମାଟ୍ରିକ ବ୍ୟାଚ୍ ବନ୍ଧୁମିଳନ



**ପାଇକମାଳ ୨୬।୧୨ (ବଡ଼ ଶତପଥୀ)**

ବରଗଡ଼ ଜିଲା ନୃସିଂହନାଥସ୍ଥିତ ଫରେଷ୍ଟ ବିଭାଗର ନର୍ସରି ପରିସରରେ ପାଟଣାଗଡ଼ ରମାଇ ହାଇସ୍କୁଲର ୧୯୮୫ ମାଟ୍ରିକ ବ୍ୟାଚ୍‌ର ବନ୍ଧୁମିଳନ କାର୍ଯ୍ୟକ୍ରମ ଶୁକ୍ରବାର ଅନୁଷ୍ଠିତ ହୋଇଥିଲା। ଏଥିରେ ୧୨୫ ଜଣ ସାଙ୍ଗସାଥୀମାନେ ପ୍ରାୟ ୫୦ଗୋଟି ପରିବାର ସହ ଆସି ଯୋଗଦେଇଥିଲେ। ଏମାନେ ସମସ୍ତେ ମିଳିମିଶି ପାପନାଶିନୀ ଝରଣାରେ ଗାଧୋଇ ସାରି ଭଗବାନ ନୃସିଂହନାଥଙ୍କୁ ଦର୍ଶନ କରିଥିଲେ। ଏହାପରେ ବିଭିନ୍ନ ମନୋରମ ସ୍ଥାନ ବୁଲାବୁଲି କରି ଫରେଷ୍ଟ ନର୍ସରିରେ ରୋଷେଇ କରି ଭୋଜନ କରିଥିଲେ। ଭୋଜନ ସାରି ଗୀତ ନାଚ, ଖେଳ ସହ ଏକ ଆଲୋଚନା କାର୍ଯ୍ୟକ୍ରମ ହୋଇଥିଲା। ରାୟପୁର, ମହାଶମୁନ, ବୈସେନା, ଭୁବନେଶ୍ୱର, କଟକ, ସମ୍ବଲପୁର, ବରଗଡ, ସାରାଇପାଲି, ରାୟଗଡ଼, ପଦ୍ମପୁର ପ୍ରମୁଖ ସ୍ଥାନରୁ ସାଙ୍ଗସାଥୀମାନେ ଆସିଥିଲେ। ରମେଶ କୁମାର ଜୈନ, ସୁରେଶ ପାତ୍ର, ସୁରେଶ ମେହେର, ନିର୍ମଳା ଅଗ୍ରୱାଲ, ମୀନା ସାହୁ, ମଦନା ପଟ୍ଟନାୟକ, ବାସନ୍ତୀ ଠାକୁର, ସନ୍ତୋଷିନୀ ରଥ ପ୍ରମୁଖ ସମସ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ପଦ୍ମପୁର ଅଶୋକ ଖେଳପଡ଼ିଆରେ ନିର୍ମିତ ହେବ ଷ୍ଟାଡିୟମ

**ପଦ୍ମପୁର, ୨୮।୧୨ (ପ୍ରଦୀପ୍ତ ଦାଶ)**

ପଦ୍ମପୁର ବୁଢ଼ାସମ୍ବର ଅଞ୍ଚଳର ସର୍ବପୁରାତନ ଅଶୋକ ଖେଳ ପଡ଼ିଆରେ ଷ୍ଟାଡିୟମ ନିର୍ମାଣ କରିବା ପାଇଁ ରାଜ୍ୟ କ୍ରୀଡ଼ା ବିଭାଗ ତରଫରୁ ୫ କୋଟି ୧୮ ଲକ୍ଷ ୧୧ ହଜାର ବ୍ୟୟ ବରାଦ ରାଶି ଘୋଷଣା କରାଯାଇଛି। ବିଭାଗୀୟ କ୍ରୀଡ଼ା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ପଞ୍ଚମ ପଦ୍ମପୁର ଲୋକ ମହୋତ୍ସବରେ ଯୋଗଦାନ ଦେବାପାଇଁ ଆସିଥିବା ବେଳେ ଅଶୋକ ପଡ଼ିଆରେ ଷ୍ଟାଡିୟମର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଏ ନେଇ ପଦ୍ମପୁର ଆଥ୍‌ଲେଟିକ ଆସୋସିଏଶନ ଓ ସ୍ଥାନୀୟ ଅଞ୍ଚଳର କ୍ରୀଡ଼ାବିତଙ୍କ ମହଲରେ ଖୁସି ଦେଖା ଦେଉଛି। ତାଙ୍କ ସହିତ ବରଗଡ଼ ଏମ୍‌ପି ପ୍ରଦୀପ ପୁରୋହିତ, ଝାରସୁଗୁଡ଼ା ବିଧାୟକ ଟଙ୍କଧର ତ୍ରିପାଠୀ ଓ ପଦ୍ମପୁର ଉପଜିଲାପାଳ ସ୍ନେହା ଅରୁଗୁଲା ମଧ୍ୟ ଉପସ୍ଥିତ ରହିଥିଲେ। ଦୀର୍ଘ ଦିନର ଦାବି ପୂରଣ ହେବାକୁ ଯାଉଥିବାରୁ ଏହି ଭିତ୍ତିପ୍ରସ୍ତର ସ୍ଥାପନ ପାଇଁ ଆଥ୍‌ଲେଟିକ ଆସୋସିଏଶନ ପଦ୍ମପୁର ସମ୍ପାଦକ ଶିରିଶ ବହିଦାର ଶୁଭେଚ୍ଛା ଓ ଧନ୍ୟବାଦ ଜଣାଇଛନ୍ତି। ଡବଲ ଇଞ୍ଜିନ ସରକାରରେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସବୁ ସମୟରେ ଆମ ଅଞ୍ଚଳକୁ ଗୁରୁତ୍ୱ ଦେଇ ଆସୁଥିବାରୁ ପଦ୍ମପୁର ଆଥ୍‌ଲେଟିକ ଆସୋସିଏଶନ ତରଫରୁ ଓଡିଶା ସରକାର କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ବରଗଡ଼ ଏମ୍‌ପି ପ୍ରଦୀପ ପୁରୋହିତଙ୍କୁ ଧନ୍ୟବାଦ ଅର୍ପଣ କରାଯାଇଛି। ଏହି ସମୟରେ ଆଥ୍‌ଲେଟିକ ଆସୋସିଏଶନର ସତ୍ୟନାରାୟଣ ତ୍ରିପାଠୀ, ଗୋବିନ୍ଦ ଅଗ୍ରୱାଲ, ନିରୋଜ ଦୋରା, ନୀଳମାଧବ ଦୋରା, ଗୋବିନ୍ଦ ପାଣିଗ୍ରାହୀ, ନୀଳମଣି ସାହୁ, ଅଶୋକ କୁମାର ମିଶ୍ର ଓ ବିଶିଷ୍ଟ ଖେଳାଳି ପ୍ରମୁଖ ଉପସ୍ଥିତ ରହିଥିଲେ।

## ଉପଖଣ୍ଡ ଚିକିତ୍ସାଳୟ ରାସ୍ତା ଅନ୍ଧାରରେ

**ଖଡ଼ିଆଳ, ୨୮।୧୨ (ସୁଜିତ କୁମାର ପ୍ରଧାନ)**

ନୂଆପଡ଼ା ଜିଲା ଖଡିଆଳ ଉପଖଣ୍ଡ ଚିକିତ୍ସାଳୟ ଯିବା ରାସ୍ତା ଅନ୍ଧାରରେ ରହିଛି। ଏହି ରାସ୍ତାରେ ଲାଗିଥିବା ବିଦ୍ୟୁତ୍ ଲାଇଟ୍ ଦୀର୍ଘଦିନ ହେଲା ଜଳୁ ନ ଥିବାରୁ ଏହା ଉପରେ ନିର୍ଭର କରୁଥିବା ରୋଗୀ ଓ ସମ୍ପର୍କୀୟଙ୍କ ସମେତ ୩ ଗ୍ରାମ ପଞ୍ଚାୟତ ଚନାବେଡା, ଭୋଜପୁର ଓ ଭୁଲିଆସିକୁଆଁର ଲୋକେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହିସମସ୍ୟା ଯୋଗୁ ରୋଗୀ ତଥା ସମ୍ପର୍କୀୟ ଅନ୍ଧାରରେ ଯିବା ଆସିବା କରିବାକୁ ଭୟ କରୁଛନ୍ତି। ଅନ୍ଧାର ଯୋଗୁ ଲୋକେ ସନ୍ଧ୍ୟା ଓ ସକାଳ ଭ୍ରମଣ ବନ୍ଦ କରିଥିବା ପ୍ରକାଶ କରିଛନ୍ତି। ଜିଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

## ସ୍ୱାସ୍ଥ୍ୟ ଶିବିର ସହ ଚାରା ରୋପଣ

**ପାଇକମାଳ, ୨୮।୧୨ (ବଡ ଶତପଥୀ)**

ପାଇକମାଳସ୍ଥିତ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଡାକ୍ତର କୃପାସିନ୍ଧୁ ଭୋଇଙ୍କ ସୂର୍ଯ୍ୟକୃପା ନିବାସ ପରିସରରେ ଚାରିଦିନ ଧରି ମାଗଣା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମେଡିସିନ ବିଶେଷଜ୍ଞ ଡାକ୍ତର ସଞ୍ଜୀବ ଭୋଇଙ୍କ ଛଅ ଜଣ ବିଭିନ୍ନ ବିଭାଗର ବିଶେଷଜ୍ଞ ଡାକ୍ତର ଯୋଗଦେଇଥିଲେ। ୪୫୨ ଜଣ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ପାଇଁ ନାମ ରେଜିଷ୍ଟ୍ରେଶନ ହୋଇଥିଲା। ଗରିବ ଲୋକଙ୍କୁ ଦାନ ଦକ୍ଷିଣା ସହ କମ୍ବଳ ବଣ୍ଟନ ହୋଇଥିଲା। ସୂର୍ଯ୍ୟକୁମାରୀ ଭୋଇଙ୍କ ସ୍ମୃତି ପାଇଁ ଏହି ଦାନ ଦକ୍ଷିଣା କରାଯାଇଥିବା ବେଳେ ପ୍ରକୃତିବନ୍ଧୁ ବଡ଼ ଶତପଥୀ ସ୍ମୃତି ପାଇଁ ଏକ ଅଶୋକ ଚାରା ଲଗାଇ ଏହାର ଯତ୍ନ ନେବା ପାଇଁ ପରିବାରର ସମସ୍ତ ସଦସ୍ୟଙ୍କ ଉପସ୍ଥିତିରେ ପ୍ରଦାନ କରିଥିଲେ। ଏହି ଅଶୋକ ଚାରା ଲଗାଇବା ବେଳେ ଜଗବନ୍ଧୁ ଭୋଇ, ଡାକ୍ତର ସଞ୍ଜୀବ ଭୋଇ, ପୂର୍ବତନ ବରଗଡ ଏମ୍‌ପି ସଞ୍ଜୟ ଭୋଇ, କଲ୍ୟାଣୀ ଭୋଇ ଡାକ୍ତର ବନ୍ଦିନୀ ଭୋଇ, ଡ. ଶିବାନୀ ଭୋଇ, ଡ. ଦାମିନୀ ଭୋଇ, ଡ. ଇସାନି ଭୋଇ, ଡ. ପ୍ରିୟଦର୍ଶିନୀ ଭୋଇ, ପରିବାରର ଅନ୍ୟ ସଦସ୍ୟଙ୍କ ସହ ବିନୋଦ କାଳିଆ, ମନୋଜ ତ୍ରିବେଦୀ, ହରଦୀପ ସିଂ, ପ୍ରତାପ ନାୟକ, ସୁଶୀଲ ଭୋଇ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ। ଏହି ଗଛର ଚାରିପଟେ ଏକ ସୁନ୍ଦର ଚାନ୍ଦିନୀ ତିଆରି କରି ସୁରକ୍ଷା ପାଇଁ ଶୀଘ୍ର ତାରଜାଲିର ବ୍ୟବସ୍ଥା କରାଯିବ ବୋଲି ଜଗବନ୍ଧୁ ଭୋଇ କହିଥିଲେ।

## ମଜୁରି ବୃଦ୍ଧି ପରେ ଗାଁକୁ ଫେରୁଛନ୍ତି ଶ୍ରମିକ

**ଗୋଲାମୁଣ୍ଡା, ୨୮।୧୨ (ବଟକୃଷ୍ଣ ପଣ୍ଡା)**

ରାଜ୍ୟ ସରକାର ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ଶ୍ରମ ଦିବସ ଓ ମଜୁରି ବୃଦ୍ଧି ପରେ କଳାହାଣ୍ଡି ଜିଲା ଗୋଲାମୁଣ୍ଡା ବ୍ଲକର ବାହାରକୁ ଯାଇଥିବା ବହୁ ଶ୍ରମିକ ଘରକୁ ଫେରିବା ଆରମ୍ଭ କରିଛନ୍ତି। ଶ୍ରମିକମାନଙ୍କୁ ଅଧିକ କାମ ଯୋଗାଇବା ଓ ଦାଦନ ଶ୍ରମିକ ରୋକିବାକୁ ରାଜ୍ୟ ସରକାର ପ୍ରତି ପରିବାର ପାଇଁ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଶ୍ରମ ଦିବସକୁ ୧୦୦ରୁ ୩୦୦ ଦିନ ସଂଶୋଧିତ କରିଛନ୍ତି। ସେହିପରି ପ୍ରତି ବ୍ୟକ୍ତି ପାଇଁ ଦୈନିକ ଅତିରିକ୍ତ ମଜୁରି ୯୮ ଟଙ୍କା ବୃଦ୍ଧି କରିଛନ୍ତି। ବର୍ତ୍ତମାନ ଏହି ବ୍ଲକରେ ୨୯୫୦୭ ଜବ୍ କାର୍ଡ ଥିବାବେଳେ ୨୫୪୨୫ ଜବ୍‌କାର୍ଡ ଆକ୍ଟିଭ ଅଛି। ଅର୍ଥାତ୍ ବ୍ଲକରେ ୭୫ ପ୍ରତିଶତରୁ ଅଧିକ ଜବ୍‌କାର୍ଡ ଆକ୍ଟିଭ ରହିଛି। ଗୋଲାମୁଣ୍ଡା ବ୍ଲକ ଏକ ଦାଦନ ପ୍ରବଣ ଅଞ୍ଚଳ ହୋଇଥିବା ବେଳେ ବିଗତ ବର୍ଷରେ ଦାଦନ ଖଟିବାକୁ ଯାଇଥିବା ଅନେକ ଶ୍ରମିକଙ୍କ ମୃତଦେହ ଫେରିଥିବା ନଜିର ରହିଛି। ସେହିପରି ସିନାପାଲି ଓ ମହାଲିଙ୍ଗ ଗ୍ରାମ ପଞ୍ଚାୟତର ୨ ଶ୍ରମିକ ବାହାର ରାଜ୍ୟକୁ ଦାଦନ ଖଟିବାକୁ ନିଖୋଜ ହୋଇଯାଇଛନ୍ତି। ସାଧାରଣତଃ ନୂଆଖାଇ ଓ ଦଶହରା ପରେ ଦାଦନ ଖଟିବାକୁ ଗୋଲାମୁଣ୍ଡା ବ୍ଲକର ବିଭିନ୍ନ ଗାଁରୁ ୩୦ ହଜାରରୁ ଅଧିକ ଶ୍ରମିକ ଚାଲିଯାଇଥିଲେ।

## ବିଦ୍ୟୁତ୍ ସମସ୍ୟାକୁ ନେଇ କଂଗ୍ରେସର ପ୍ରତିବାଦ ସଭା

**ଭବାନୀପାଟଣା, ୨୮।୧୨ (ଉତ୍ତମ କୁମାର ଦାଶ)**

ରାଜ୍ୟରେ ଦେଖାଯାଉଥିବା ବିଦ୍ୟୁତ୍ ସମସ୍ୟା, ଅହେତୁକ ବିଦ୍ୟୁତ ବିଲ୍ ବୃଦ୍ଧି ଓ ଟାଟା ପାୱାରର ମନମୁଖୀ କାର୍ଯ୍ୟ ପ୍ରତିବାଦରେ ଶୁକ୍ରବାର ଅପରାହ୍ନରେ ଭବାନୀପାଟଣାସ୍ଥିତ ଗାନ୍ଧୀ ଛକରେ କଳାହାଣ୍ଡି କଂଗ୍ରେସ ପକ୍ଷରୁ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଯାଇଛି।

## ବିନା ବିସ୍ଥାପନରେ ଜଳସେଚନ ବ୍ୟବସ୍ଥା କରିବାକୁ ଦାବି


ବରଗଡ଼ ଏମ୍‌ପିଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି ।

**ପଦ୍ମପୁର, ୨୮।୧୨ (ପ୍ରଦୀପ୍ତ ଦାସ)**

ପ୍ରସ୍ତାବିତ ବୃହତ୍ ଅଙ୍ଗ ନଦୀ ବନ୍ଧ ପ୍ରକଳ୍ପ ନେଇ ବୁଢ଼ି ଅଞ୍ଚଳବାସୀଙ୍କ ତରଫରୁ ଏକ ପ୍ରତିନିଧି ମଣ୍ଡଳୀ ଶନିବାର ବରଗଡ଼ ଏମ୍‌ପି ପ୍ରଦୀପ ପୁରୋହିତଙ୍କୁ ଲିଖିତ ଗୁହାରି ଜଣାଇଛନ୍ତି । ସରକାରଙ୍କ ପ୍ରସ୍ତାବ ଅନୁସାରେ, ଏହି ପ୍ରକଳ୍ପ କାର୍ଯ୍ୟକାରୀ ହେଲେ ୧୧ଖଣ୍ଡ ଗାଁ ସମ୍ପୂର୍ଣ୍ଣ ଓ ୨୧ଖଣ୍ଡ ଗାଁ ଆଂଶିକ ଜଳମଗ୍ନ ହେବ। ବୃହତ୍ ସଂଖ୍ୟାରେ ବିସ୍ଥାପିତ ହେବା ଆଶଙ୍କା କରି ବୁଢ଼ି ଅଞ୍ଚଳବାସୀଙ୍କ ତରଫରୁ ୨୦ ଜଣିଆ ପ୍ରତିନିଧି ମଣ୍ଡଳୀ ବିନା ବିସ୍ଥାପନରେ ଛୋଟ ଛୋଟ ଆନିକଟ କରାଯାଇ ଚାଷୀଙ୍କୁ ଜଳ ଯୋଗାଇଦେବା ପାଇଁ ଲିଖିତ ଗୁହାରି କରିଛନ୍ତି । ଏମ୍‌ପିଙ୍କୁ ଦାବିପତ୍ର ପ୍ରଦାନ ସମୟରେ ପ୍ରତିନିଧି ମଣ୍ଡଳୀରୁ ଡ୍ୟାମ୍ ପ୍ରତିରୋଧ କମିଟି ଉପସଭାପତି ସୁଶାନ୍ତ କୁମାର ସାହୁ, ସମ୍ପାଦକ କେଶବ ସାହୁ, ସରେଇକେଲା ସରପଞ୍ଚ ଉପେନ୍ଦ୍ର ପଟେଲ, ଚର୍ଦାପାଲି ସରପଞ୍ଚ ପ୍ରତିନିଧି ଗଣେଶ ନାଏକ, ପଦ୍ମଲୋଚନ ବେରିଆ, ଜଗଦଳପୁର ଗ୍ରାମପଞ୍ଚାୟତରୁ ମଦନ ମୋହନ ପଟେଲ, ଗୋପବନ୍ଧୁ ସାହୁଙ୍କ ସମେତ ପ୍ରକାଶ ପ୍ରଧାନ, ରମଣି ରଞ୍ଜନ ବେହେରା, ଗଜରାଜ ଡନସନା, ନିମାଇଁ ପଟେଲ ପ୍ରମୁଖ ଉପସ୍ଥିତ ରହିଥିଲେ।

## ହୁଗୁଳିକୁ ହରାଇ ସେମିରେ ଝାରସୁଗୁଡ଼ା ପ୍ରୋଗ୍ରେସିଭ୍

### ସର୍ବଭାରତୀୟ ଛିନ୍ଦେଇକେଲା କ୍ରିକେଟ କପ

**ପାଇକମାଳ, ୨୮।୧୨ (ବଡ଼ ଶତପଥୀ)**

ପାଇକମାଳ ବ୍ଲକ ଛିନ୍ଦେଇକେଲା ଚନ୍ଦ୍ରଶେଖର ମିନି ଷ୍ଟାଡିୟମରେ ରାଜିଂ ଷ୍ଟାର କ୍ରିକେଟ କ୍ଲବ ପକ୍ଷରୁ ଚାଲିଥିବା ୨୯ତମ ସର୍ବଭାରତୀୟ ଛିନ୍ଦେଇକେଲା କ୍ରିକେଟ କପ ଟୁର୍ନାମେଣ୍ଟରେ ରବିବାର ଥିଲା ପଞ୍ଚମ ଦିନ। ପଞ୍ଚମ ଦିନ ଅନୁଷ୍ଠିତ ମ୍ୟାଚ୍‌ରେ ହୁଗୁଳି (କୋଲକାତା)କୁ ହରାଇ ଝାରସୁଗୁଡ଼ା ପ୍ରୋଗ୍ରେସିଭ ସେମିଫାଇନାଲରେ ପ୍ରବେଶ କରିଛି। ଉଦ୍‌ଘାଟନୀ ଉତ୍ସବରେ ଜାମସେଠ ଡାକ୍ତରଖାନା ଡ. ପଙ୍କଜ କୁମାର ଭୋଇ ଓ ଛିନ୍ଦେଇକେଲା ପୂର୍ବତନ ସରପଞ୍ଚ ରାମଚନ୍ଦ୍ର ସାହୁ ଯୋଗ ଖେଳ ଉଦ୍‌ଘାଟନ କରି ଖେଳ ଶୁଭାରମ୍ଭ କରିଥିଲେ। ଝାରସୁଗୁଡ଼ା ପ୍ରୋଗେସିଭ ଦଳ ପ୍ରଥମ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୩ ଉଇକେଟ ହରାଇ ୨୨୧ ରନ ସଂଗ୍ରହ କରିଥିଲେ। ୨୨୨ ରନ ବିଜୟ ଲକ୍ଷ୍ୟ ନେଇ ହୁଗୁଳି ଦଳ ୧୯.୨ ଓଭରରେ ସମସ୍ତ ଉଇକେଟ ହରାଇ ୧୬୭ ରନ କରି ୫୪ ରନରେ ପରାଜିତ ହୋଇଥିଲେ। ଓସିଏ ଅମ୍ପାୟାର ସଚ୍ଚିଦାନନ୍ଦ ପଣ୍ଡା ଓ ଓସିଏ ଅମ୍ପାୟାର ସୁଶାନ୍ତ ପାଣିଗ୍ରାହୀ ଖେଳ ପରିଚାଳନା କରିଥିଲେ। ବୁନିଲ କୁମାର ସାହୁ, ଶୋଭିତ ସାହୁ, ଧିରେଶ କୁମାର ସାହୁ ସ୍କୋରର ଥିବା ବେଳେ ରମେଶ ଚନ୍ଦ୍ର ସାହୁ , ପ୍ରହଲ୍ଲାଦ ଭୋଇ, ଜୟେକ୍ରିଷ୍ଣା ସୁନାନୀ ଖେଳ ଧାରା ବିବରଣୀ ପ୍ରଦାନ କରିଥିଲେ। ପୁରସ୍କାର ବିତରଣୀ ଉତ୍ସବରେ ଅତିଥି ଭାବେ ସାଧୁ ସାହୁ, ମଦନ ସାହୁ, ପର୍ଶୁରାମ ସାହୁ, ବ୍ରଜକିଶୋର ସାହୁ, ଚନ୍ଦ୍ରମଣି ସାହୁ, ପ୍ରଦୀପ ସାହୁ ପ୍ରମୁଖ ଯୋଗ ଦେଇ ଝାରସୁଗୁଡ଼ା ଦଳର ପିୟୁଷ ଯାଦବଙ୍କୁ ପ୍ଲେୟାର ଅଫ ଦି ମ୍ୟାଚ ଦେଇ ପୁରସ୍କୃତ କରିଥିଲେ। ଏହି ଅବସରରେ ଆୟୋଜକ ସଭାପତି ଯତୀନ ସାହୁ, ଉପଦେଷ୍ଟା ହେମସାଗର ସାହୁ, ପ୍ରଶାନ୍ତ ସାହୁ, ରୋହିତ ସାହୁ, ସ୍ୱତନ୍ତ୍ର ସାହୁ, ବିନନ୍ଦ ସାହୁ, ଆନନ୍ଦ ସାହୁ, ମଣ୍ଟୁ ସାହୁ, ନରେଶ ସାହୁ, ପ୍ରମୋଦ ସାହୁ, ଜୁନିୟର ପ୍ରଶାନ୍ତ ସାହୁ, ସୁଶାନ୍ତ ସାହୁ, ଅଶ୍ୱିନୀ ସାହୁ, ନିରାକାର ରଣା ଉପସ୍ଥିତ ଥିବା ବେଳେ କାହ୍ନୁଚରଣ ସାହୁ, ଆକାଶ ସାହୁ, ଆଦର୍ଶ ସାହୁ, ଜୟକିଶୋର ସୁନା, ରୂପକ ସେଠ, ସୁଫିନ ସାହୁ, ଦୀପକ ସାହୁ, ଋଷଭ ସାହୁ, ବିକାଶ ବେହେରା, ବିଲାଶ ବେହେରା, ପିଙ୍କୁ ସେଠ, ପ୍ରକାଶ ସେଠ, ସୁରଜ ସାହୁ, ପୁଷ୍ପମ ବର୍ଗର୍ତ୍ତି ପ୍ରମୁଖ ପରିଚାଳନା ସହଯୋଗ କରିଥିଲେ। ସୋମାବାର ଝାରସୁଗୁଡ଼ା ପ୍ରୋଗେସିଭ ଓ ରାଞ୍ଚି ମେକନ ମଧ୍ୟରେ ଦ୍ୱିତୀୟ ସେମିଫାଇନାଲ ମ୍ୟାଚ ଖେଳହେବ ଏବଂ ମଙ୍ଗଳବାର ଫାଇନାଲ ମ୍ୟାଚ ଖେଳାଯିବ ବୋଲି ଉପଦେଷ୍ଟା ହେମସାଗର ସାହୁ ସୂଚନା ଦେଇଛନ୍ତି।


ଅତିଥିଙ୍କ ଗହଣରେ ଖେଳାଳିମାନେ ।

## ହତ୍ୟା ଘଟଣା: ୨ ଅଭିଯୁକ୍ତ କୋର୍ଟ ଚାଲାଣ

ଧର୍ମଗଡ଼, ୨୮।୧୨ (ଘାସିରାମ ଜଗତ)

ଧର୍ମଗଡ଼ ଥାନା ଗଡ଼ିଆଜୋର ଗାଁର ଅବସରପ୍ରାପ୍ତ ଏଏନ୍ଏମ୍ ସୁପରଭାଇଜରଙ୍କୁ ହତ୍ୟା ଘଟଣାରେ ପୋଲିସ ୨ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ମହେନ୍ଦ୍ର ମେହେର ଓ କାହ୍ନୁ ଚରଣ କର। ଏହାସହ ପୋଲିସ ଜଣେ ନାବାଳକଙ୍କୁ ମଧ୍ୟ ଧରିଛି। ସୂଚନା ଅନୁସାରେ ଏଏନ୍ଏମ୍ ସୁପରଭାଇଜର ସୁଚିତ୍ରା ଖୁଣ୍ଟିଆ ଗଡ଼ିଆଜୋରର ଏକ ନିଛାଟିଆ ସ୍ଥାନରେ ଘରଦ୍ୱାର କରି ରହିଆସୁଥିଲେ। ୨୨ତାରିଖ ବିଳମ୍ବିତ ରାତିରେ ଏହାର ସୁଯୋଗ ନେଇ ଅଭିଯୁକ୍ତମାନେ ଘର ଭିତରେ ପଶି ସୁନା ଅଳଙ୍କାର ଲୁଟ କରି ମହିଳାଙ୍କୁ ହତ୍ୟା କରି ବାଇକ୍‌ରେ ଫେରାର ମାରିଥିଲେ। ଏ ନେଇ ଧର୍ମଗଡ ଥାନାରେ ଅଭିଯୋଗ ପରେ ପୋଲିସ ଏକ ମାମଲା (ନଂ.୩୮୭/୨୫) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଘଟଣାସ୍ଥଳରେ ସାଇଣ୍ଟିଫିକ ଟିମ୍ ସହ ସନ୍ଧାନୀ କୁକୁର ପହଞ୍ଚି ତଦନ୍ତକୁ ତୀବ୍ର କରିଥିଲେ।

# ଟୋକନ ବିଭ୍ରାଟ, ଧାନକିଣା ମନ୍ଥର

ଭବାନୀପାଟଣା,୨୮।୧୨(ଉତ୍ତମ କୁମାର ଦାଶ)

### ୩୨,୩୦୩ ଚାଷୀ ବିକିଲେଣି ୧୪ ଲକ୍ଷ ୬୪ ହଜାର କୁଇଣ୍ଟାଲ


ଜିଲାର ଏକ ମଣ୍ଡିରେ ଧାନ ବିକ୍ରି ନ ହୋଇ ପଡିରହିଛି।

କଳାହାଣ୍ଡି ଜିଲାରେ ଧାନ କିଣା ମନ୍ଥର ଗତିରେ ଚାଲିଛି। ଜିଲାରେ ଗତ ନଭେମ୍ବର ୨୯ରୁ ଖରିଫ ଧାନ କ୍ରୟ ପାଇଁ ମଣ୍ଡି ଶୁଭାରମ୍ଭ ହୋଇଥିଲା। ଇତିମଧ୍ୟରେ ମାସେ ବିତିଯାଇଥିଲେ ମଧ୍ୟ ଆଶାନୁରୂପ ଧାନ ଉଠି ପାରିନାହିଁ। ଏହାକୁ ନେଇ ଚାଷୀଙ୍କ ମଧ୍ୟରେ ଉଦ୍‌ବେଗ ପ୍ରକାଶ ପାଇଛି।

ଜିଲା ଯୋଗାଣ ବିଭାଗରୁ ମିଳିଥିବା ସୂଚନା ଅନୁଯାୟୀ, ଜିଲାରେ ଶନିବାର ସୁଦ୍ଧା ୩୨,୩୦୩ ଜଣ ଚାଷୀ ୧୪ଲକ୍ଷ ୬୪ ହଜାର ୧୧୧ କୁଇଣ୍ଟାଲ ଧାନ ବିକ୍ରି କରିଛନ୍ତି। କେବଳ ଶନିବାର ଗୋଟିଏ ଦିନରେ ୩୦୪୪ ଜଣ ଚାଷୀଙ୍କ ୧ଲକ୍ଷ ୩୮ ହଜାର ୭୬ କୁଇଣ୍ଟାଲ ଧାନ ଉଠାଣ ହୋଇଛି। ଗତବର୍ଷ ଏହି ତାରିଖରେ ୨୯ହଜାର ୫୬୮ ଚାଷୀ ୧୩ଲକ୍ଷ ୪୪ ହଜାର ୯୩୧ କୁଇଣ୍ଟାଲ ଧାନ ବିକ୍ରି କରି ସାରିଥିଲେ। ବର୍ତ୍ତମାନ ଜିଲାର ସମସ୍ତ ୨୩୦ ମଣ୍ଡି ଖୋଲିଛି। କଳାହାଣ୍ଡି ଜିଲାକୁ ପ୍ରଥମ ପର୍ଯ୍ୟାୟରେ ୩୬ ଲକ୍ଷ ୫୮ ହଜାର କୁଇଣ୍ଟାଲ ଧାନ ଟାର୍ଗେଟ ଆସିଛି। ବର୍ତ୍ତମାନ ଜିଲାର ଚାଷୀ ଧାନ ବିକ୍ରି ଆଶାରେ ଶୀତ କାକରରେ ମଣ୍ଡିରେ ପଡି ରହିଛନ୍ତି। ସେହିପରି ଅନେକ ଚାଷୀଙ୍କ ଟୋକନ ପଛରେ ରହିଥିବାରୁ ସେମାନେ ଖଳାରେ ଧାନ ରଖି ଟୋକନ ତାରିଖକୁ ଜଗି ବସିଛନ୍ତି। କେବେ ସେମାନଙ୍କ ଟୋକନ ତାରିଖ ଆସିବ ଓ ସେମାନେ ଧାନ ବିକ୍ରି କରିବେ ସେ ନେଇ ଚିନ୍ତାରେ ରହିଛନ୍ତି। ବିଶେଷ କରି ଟୋକନ ବିଭ୍ରାଟକୁ ନେଇ ଚାଷୀମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। ଚାଷୀମାନେ ଅନ୍‌ଲାଇନରେ ପଞ୍ଜୀକରଣ କରିଥିବା ବେଳେ ଟୋକନ ନିମନ୍ତେ ମୋବାଇଲରେ ମେସେଜ ଆସିଛି। ହେଲେ ମଣ୍ଡିରେ ଏ ନେଇ କୌଣସି ତଥ୍ୟ ନ ଥିବା ଯୋଗୁ ଚାଷୀମାନେ ଧାନ ବିକିପାରୁ ନାହାନ୍ତି। ସେହିପରି ଜଳସେଚିତ ଜମିରେ କିଛି ଚାଷୀଙ୍କ ଏକରପିଛା ମାତ୍ର ୧ କୁଇଣ୍ଟାଲ ୬ କିଲୋଗ୍ରାମ ଟୋକନ ଆସିଥିବା ଯୋଗୁ ସେମାନେ ଅଡୁଆରେ ପଡ଼ିଛନ୍ତି। ଖରିଫ ଧାନ ବିକ୍ରୟ ବିଳମ୍ବିତ ଯୋଗୁ ଚଳିତ ରବିଚାଷ ବିଳମ୍ବ ହେବା ଆଶଙ୍କା କରାଯାଉଛି।

## ମଜୁରି ବୃଦ୍ଧି ପରେ ଗାଁକୁ ଫେରୁଛନ୍ତି ଶ୍ରମିକ

ଗୋଲାମୁଣ୍ଡା,୨୮।୧୨(ବଟକୃଷ୍ଣ ପଣ୍ଡା)

ରାଜ୍ୟ ସରକାର ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ଶ୍ରମ ଦିବସ ଓ ମଜୁରି ବୃଦ୍ଧି ପରେ କଳାହାଣ୍ଡି ଜିଲା ଗୋଲାମୁଣ୍ଡା ବ୍ଲକର ବାହାରକୁ ଯାଇଥିବା ବହୁ ଶ୍ରମିକ ଘରକୁ ଫେରିବା ଆରମ୍ଭ କରିଛନ୍ତି। ଶ୍ରମିକମାନଙ୍କୁ ଅଧିକ କାମ ଯୋଗାଇବା ଓ ଦାଦନ ଶ୍ରମିକ ରୋକିବାକୁ ରାଜ୍ୟ ସରକାର ପ୍ରତି ପରିବାର ପାଇଁ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଶ୍ରମ ଦିବସକୁ ୧୦୦ରୁ ୩୦୦ ଦିନ ସଂଶୋଧିତ କରିଛନ୍ତି। ସେହିପରି ପ୍ରତି ବ୍ୟକ୍ତି ପାଇଁ ଦୈନିକ ଅତିରିକ୍ତ ମଜୁରି ୯୮ ଟଙ୍କା ବୃଦ୍ଧି କରିଛନ୍ତି। ବର୍ତ୍ତମାନ ଏହି ବ୍ଲକରେ ୨୯୫୦୭ ଜବ୍ କାର୍ଡ ଥିବାବେଳେ ୨୫୪୨୫ ଜବ୍‌କାର୍ଡ ଆକ୍ଟିଭ ଅଛି। ଅର୍ଥାତ୍ ବ୍ଲକରେ ୭୫ ପ୍ରତିଶତରୁ ଅଧିକ ଜବ୍‌କାର୍ଡ ଆକ୍ଟିଭ ରହିଛି। ଗୋଲାମୁଣ୍ଡା ବ୍ଲକ ଏକ ଦାଦନ ପ୍ରବଣ ଅଞ୍ଚଳ ହୋଇଥିବା ବେଳେ ବିଗତ ବର୍ଷରେ ଦାଦନ ଖଟିବାକୁ ଯାଇଥିବା ଅନେକ ଶ୍ରମିକଙ୍କ ମୃତଦେହ ଫେରିଥିବା ନଜିର ରହିଛି। ସେହିପରି ସିନାପାଲି ଓ ମହାଲିଙ୍ଗ ଗ୍ରାମ ପଞ୍ଚାୟତର ୨ ଶ୍ରମିକ ବାହାର ରାଜ୍ୟକୁ ଦାଦନ ଖଟିବାକୁ ନିଖୋଜ ହୋଇଯାଇଛନ୍ତି। ସାଧାରଣତଃ ନୂଆଖାଇ ଓ ଦଶହରା ପରେ ଦାଦନ ଖଟିବାକୁ ଗୋଲାମୁଣ୍ଡା ବ୍ଲକର ବିଭିନ୍ନ ଗାଁରୁ ୩୦ ହଜାରରୁ ଅଧିକ ଶ୍ରମିକ ଚାଲିଯାଇଥିଲେ। ବର୍ତ୍ତମାନ ରାଜ୍ୟ ସରକାର ଶ୍ରମ ଦିବସ ଓ ମଜୁରି ଟଙ୍କା ବୃଦ୍ଧି କରିଥିବାରୁ ଅନେକ ଶ୍ରମିକ ନିଜ ଗାଁକୁ ଫେରି ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ କାର୍ଯ୍ୟ କରୁଛନ୍ତି। ବାକିଥିବା ଶ୍ରମିକଙ୍କୁ ପ୍ରଶାସନ, ସ୍ଥାନୀୟ ସରପଞ୍ଚ, ଗାଁ ସାଥି, ସମିତି ସଭ୍ୟ ଜରିଆରେ ଫେରାଇ ଆଣି କାର୍ଯ୍ୟ ଯୋଗାଇଦେବାକୁ ପ୍ରୟାସ ଜାରି ରହିଥିବା ବ୍ଲକ ଅଧ୍ୟକ୍ଷ ବିନ୍ଦୁ ମହାନନ୍ଦ ପ୍ରକାଶ କରିଛନ୍ତି।

## ଲାଞ୍ଜିଗଡ଼ କଂଗ୍ରେସ ଦଳ ପକ୍ଷରୁ ପ୍ରତିଷ୍ଠା ଦିବସ

ଲାଞ୍ଜିଗଡ଼,୨୮।୧୨ (ରମେଶ ଚନ୍ଦ୍ର ନାୟକ)

କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକ କଂଗ୍ରେସ ଦଳ ପକ୍ଷରୁ ରବିବାର ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ବିଶ୍ୱନାଥପୁର ପଞ୍ଚାୟତ ଧଅରାଭଟା ଆମ୍ବ ବଗିଚାଠାରେ ବ୍ଲକ ସଭାପତି ବିଜୟ ନାଏକଙ୍କ ନେତୃତ୍ୱରେ ଏହି ଦିବସ ପାଳନ କରାଯାଇଛି। ମୁଖ୍ୟ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ଡ. ବଳଭଦ୍ର ମାଝୀ ଯୋଗଦେଇ ଦଳକୁ ତୃଣମୂଳ ସ୍ତରରେ ମଜବୁତ କରିବା ସହିତ ଆଗାମୀ ପଞ୍ଚାୟତ ନିର୍ବାଚନରେ କଂଗ୍ରେସ ସମର୍ଥିତ ସରପଞ୍ଚ, ସମିତି ସଭ୍ୟ ଓ ଜିଲା ପରିଷଦ ସଭ୍ୟ କିଭଳି ନିର୍ବାଚିତ ହେବେ ସେ ନେଇ କର୍ମୀମାନଙ୍କୁ ଗୁରୁମନ୍ତ୍ର ଦେଇଥିଲେ। ଏଥିରେ ପୂର୍ବତନ ବ୍ଲକ ଅଧ୍ୟକ୍ଷ ଫକିର ମୋହନ ମାଝୀ, ଜିଲାପରିଷଦ ସଭ୍ୟ ଟଙ୍କଧର ମାଝୀ, ଜଗନ୍ନାଥପୁର ପଞ୍ଚାୟତ ସମିତି ସଭ୍ୟ ପ୍ରଦିପ ମାଝୀ, ପୂର୍ବତନ ବ୍ଲକ ସଭାପତି ଗୋବିନ୍ଦ ପ୍ରଧାନୀ, ରାଜିବ ଗାନ୍ଧୀ ପଞ୍ଚାୟତିରାଜ ସଂଗଠନ ଆବାହକ ମୁଲୁ ମାଝୀ, ବ୍ଲକ ମହିଳା ନାରୀନେତ୍ରୀ ଶାନ୍ତି ହରିଜନ ଉପସ୍ଥିତ ଥିଲେ।

## ଉନ୍ନୟନ କାର୍ଯ୍ୟ ତଦାରଖ କଲେ ଏମ୍‌ପି

ଲାଞ୍ଜିଗଡ଼, ୨୮।୧୨(ରମେଶ ଚନ୍ଦ୍ର ନାୟକ)


ଉନ୍ନୟନ କାର୍ଯ୍ୟ ବୁଲି ଦେଖିବା ଅବସରରେ ଏମ୍‌ପିଙ୍କ ସହ ଅନ୍ୟମାନେ।

ରାଜ୍ୟ ସଭା ସଦସ୍ୟ ସୁଜିତ କୁମାର ରବିବାର କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକ ଲାଞ୍ଜି ପଞ୍ଚାୟତର ଦୁର୍ଗମ ତୁର୍କା ଗାଁ ଗସ୍ତ କର ସେଠାରେ ଚାଲିଥିବା ବିଭିନ୍ନ ଉନ୍ନୟନ କାର୍ଯ୍ୟର ତଦାରଖ କରିଛନ୍ତି। ସେ ପ୍ରଥମେ ମୂଷାନାଳ ପହଞ୍ଚିବା ପରେ ସେଠାରେ ତାଙ୍କୁ ଭବ୍ୟ ସ୍ୱାଗତ କରାଯାଇଥିଲା। ସେଠାରୁ ସ୍ତୁର୍କା ଗାଁକୁ ଯାଇ ସେଠାରେ ନିଜସ୍ୱ ପାଣ୍ଠିରେ ଲାଗିଥିବା ସୋଲାର ଷ୍ଟ୍ରିଟ ଲାଇଟ ଓ ହାଇମାଷ୍ଟ ଲାଇଟ ଲୋକାର୍ପଣ କରିଥିଲେ। ସେହିପରି ଦୁର୍ଗମ ତୁର୍କା ଗାଁକୁ ପକ୍କା ରାସ୍ତା ନିର୍ମାଣର ତଦାରଖ କରିଥିଲେ। ଶିକ୍ଷା, ସ୍ୱାସ୍ଥ୍ୟ ଓ ଗମନାଗମନ କ୍ଷେତ୍ରରେ ଅବହେଳିତ ତୁର୍କା ଗାଁର ଚାରିଜଣ ଝିଅଙ୍କୁ ଏମ୍‌ପି ନିଜସ୍ୱ ଖର୍ଚ୍ଚରେ ପାଠ ପଢାଉଥିବାବେଳେ ସେମାନଙ୍କୁ ଭେଟି ଭଲମନ୍ଦ ପଚାରି ବୁଝିଥିଲେ। ଏହାପରେ ସେ ସିନ୍ଧିପଦର ଗାଁରେ ପହଞ୍ଚିବା ପରେ ସେଠାରେ ଗ୍ରାମବାସୀଙ୍କ ତରଫରୁ ଭବ୍ୟ ସ୍ୱାଗତ କରାଯାଇଥିଲା। ସେଠାରେ ସେ ଗ୍ରାମବାସୀଙ୍କ ସହିତ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ଏମ୍‌ପି କୁମାରଙ୍କ ସହ ଲାଞ୍ଜିଗଡ଼ ବ୍ଲକ ଅଧ୍ୟକ୍ଷା କମଳା ପାତ୍ର, ଉପାଧ୍ୟକ୍ଷ ସଞ୍ଜୀବ କୁମାର ନାୟକ, ବିଡିଓ ଶଶାଙ୍କ ପାତ୍ର, ଭଟାଙ୍ଗପଦର ସମିତି ସଭ୍ୟ ରୂପେନ୍ଦ୍ର ଛତ୍ରିଆ, ସ୍ୱଦେଶ କୁମାର, ଚିନ୍ମୟ ମିଶ୍ର, ମିତ୍ରଜିତ ସିଂ, ନରେଶ ସୁନାନୀ ପ୍ରମୁଖ ଉପସ୍ଥିତ ଥିଲେ।

## ଲୋକେଶ୍ୱର ନାଏକ ମେମୋରିଆଲ କ୍ରିକେଟ ଉଦ୍‌ଘାଟିତ

ଧର୍ମଗଡ଼, ୨୮।୧୨ (ଘାସିରାମ ଜଗତ)

କଳାହାଣ୍ଡି ଜିଲା ଧର୍ମଗଡ଼ ବ୍ଲକ ଡୁମେରଗୁଡାରେ ରବିବାର ଲୋକେଶ୍ୱର ନାଏକ ମେମୋରିଆଲ କ୍ରିକେଟ୍ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଛି। ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ତ୍ରିଲୋଚନ ନାଏକ ମୁଖ୍ୟ ଅତିଥି ଓ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ପ୍ରେମଲାଲ ନାଏକ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଉଗ୍ରସେନ ନାଏକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଉଦ୍‌ଘାଟନୀ ମ୍ୟାଚ କନ୍ଧାମାଳ ଓ ଆମଗୁଡା ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଆମଗୁଡା ଦଳ ବିଜୟୀ ହୋଇଛି।

## ବୃକ୍ଷ ରୋପଣ ପାଇଁ ସଚେତନ ହେବା ଆବଶ୍ୟକ: ପଦ୍ମଶ୍ରୀ ବାବା ବଳିଆ

ଭବାନୀପାଟଣା,୨୮।୧୨(ଉତ୍ତମ କୁମାର ଦାଶ)

ମଦ୍ୟ ମାଦକତାରୁ ଦୂରେଇ ରହି ଏକ ସୁସ୍ଥ ସାମାଜିକ ଜୀବନ ଏବଂ ଏକ ସୁସ୍ଥ ପରିବେଶ ସୃଷ୍ଟି କରିବା ପାଇଁ ବୃକ୍ଷ ରୋପଣ ଦିଗରେ ସମସ୍ତେ ସଚେତନ ହେବା ଆବଶ୍ୟକ ବୋଲି ପୂଜ୍ୟ ପୂଜକ ପଦ୍ମଶ୍ରୀ ବାବା ବଳିଆ ପ୍ରକାଶ କରିଛନ୍ତି। ଭବାନୀପାଟଣା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଚାଲିଥିବା ଗୁରୁ କୃପା ମହୋତ୍ସବରେ ଯୋଗଦେବା ଅବସରରେ ବାବା ବଳିଆ ରବିବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଏହା ପ୍ରକାଶ କରିଛନ୍ତି। ବିବାହ ପୂର୍ବରୁ ରକ୍ତ ମେଳକ ଓ ସାସ୍ଥ୍ୟ ପରୀକ୍ଷା ନିତାନ୍ତ ଜରୁରୀ। ଅନ୍ଧ ବିଶ୍ୱାସ ଓ କୁସଂସ୍କାରରୁ ଦୂରେଇ ରହି ଏକ ଆଦର୍ଶ ପରିବାର ଗଠନ ପୂର୍ବକ ଗରୁ ଗୁରୁଜନଙ୍କୁ ସମ୍ମାନ ଦେଇ ସୁସ୍ଥ ଗୃହସ୍ଥ ଜୀବନଯାପନକୁ ସେ ଗୁରୁତ୍ୱ ଦେଇଥିଲେ। ରାସ୍ତା ଘାଟ ତିଆରି କରିବା ପାଇଁ ସରକାର ବୃକ୍ଷ କାଟି ଦେଉଛନ୍ତି। ଗୋଟିଏ ବୃକ୍ଷ କାଟିବା ବଦଳରେ ୧୦୦ଟି ଗଛ ଲଗାନ୍ତୁ। ଏହା ଦ୍ୱାରା ପରିବେଶ ସୁରକ୍ଷା ହୋଇପାରିବ ବୋଲି ସେ ପ୍ରକାଶ କରିଥିଲେ। ଖବରଦାତା ସମ୍ମିଳନୀକୁ ଶିଷ୍ୟ ଆଶୀର୍ବାଦ ଜୀ ମହାରାଜ ପରିଚାଳନା କରିଥିବା ବେଳେ ବାବାଜୀ ସଞ୍ଜୟ ଦାସ, ଗୋପାଳ ଦାସ, ନରହରି ଦାସ, ବିଶ୍ୱମ୍ଭର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ଏନ୍ଏସ୍ଏସ୍‌ର ଶୀତକାଳୀନ ଶିବିର ଉଦ୍‌ଯାପିତ


ଶିବିରରେ ଯୋଗଦେଇଥିବା ଅତିଥି ଓ ସ୍ୱେଚ୍ଛାସେବୀ।

ଖଡ଼ିଆଲ,୨୮।୧୨(ସୁଜିତ କୁମାର ପ୍ରଧାନ)

ନୂଆପଡ଼ା ଜିଲା ଖଡ଼ିଆଳ ସ୍ୱୟଂଶାସିତ ମହାବିଦ୍ୟାଳୟ ଜାତୀୟ ସେବା ଯୋଜନା (ଏନ୍ଏସ୍ଏସ୍) ପକ୍ଷରୁ ଚାଲିଥିବା ଶୀତକାଳୀନ ସ୍ୱତନ୍ତ୍ର ଶିବିର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରଶାନ୍ତ କୁମାର ପଣ୍ଡା ଅଧ୍ୟକ୍ଷତା କରିଥିଲେ। ବ୍ଲକ ଅଧ୍ୟକ୍ଷା ପୁଷ୍ପାଞ୍ଜଳି ନନ୍ଦ ମୁଖ୍ୟ ଅତିଥି ଓ ଖଡ଼ିଆଳ ବିଧାୟକ ପ୍ରତିନିଧି ଅକ୍ଷୟ ନନ୍ଦ, କମ୍ବୁପାଣି ବାରିକ, ଯୁକ୍ତ ୨ ଅଧ୍ୟକ୍ଷ ଡ. ରଣବୀର ସିଂହ ପ୍ରମୁଖ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ଶିବିରରେ ୫୫ରୁ ଅଧିକ ସ୍ୱେଚ୍ଛାସେବୀ ସାତ ଦିନ ଧରି କୋଟିପଦର ଗାଁ ରାସ୍ତା, ପୋଖରୀ, ମନ୍ଦିର ପରିସର ସଫେଇ କରିଥିଲେ। ଏହାସହ ପଥପ୍ରାନ୍ତ ନାଟକ କରି ସଚେତନତା ସୃଷ୍ଟି କରିଥିଲେ। ଅତିଥିମାନେ ସମସ୍ତ ଅଂଶ ଗ୍ରହଣକାରୀଙ୍କୁ ପ୍ରମାଣପତ୍ର ଦେଇ ସମ୍ମାନିତ କରିଥିଲେ। କାର୍ଯ୍ୟକ୍ରମରେ କୋଟିପଦର ଗ୍ରାମର ୩୦୦ରୁ ଊର୍ଦ୍ଧ୍ୱ ଗ୍ରାମବାସୀ ଯୋଗଦେଇଥିଲେ। ଏନ୍ଏସ୍ଏସ୍ କାର୍ଯ୍ୟକ୍ରମ ଅଧିକାରୀ ଡ. ସୁରଞ୍ଜନ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

## ଉପଖଣ୍ଡ ଚିକିତ୍ସାଳୟ ରାସ୍ତା ଅନ୍ଧାରରେ

ଖଡ଼ିଆଲ,୨୮।୧୨ (ସୁଜିତ କୁମାର ପ୍ରଧାନ)

ନୂଆପଡ଼ା ଜିଲା ଖଡିଆଳ ଉପଖଣ୍ଡ ଚିକିତ୍ସାଳୟ ଯିବା ରାସ୍ତା ଅନ୍ଧାରରେ ରହିଛି। ଏହି ରାସ୍ତାରେ ଲାଗିଥିବା ବିଦ୍ୟୁତ୍ ଲାଇଟ୍ ଦୀର୍ଘଦିନ ହେଲା ଜଳୁ ନ ଥିବାରୁ ଏହା ଉପରେ ନିର୍ଭର କରୁଥିବା ରୋଗୀ ଓ ସମ୍ପର୍କୀୟଙ୍କ ସମେତ ୩ ଗ୍ରାମ ପଞ୍ଚାୟତ ଚନାବେଡା, ଭୋଜପୁର ଓ ଭୁଲିଆସିକୁଆଁର ଲୋକେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହି ସମସ୍ୟା ଯୋଗୁ ରୋଗୀ ତଥା ସମ୍ପର୍କୀୟ ଅନ୍ଧାରରେ ଯିବା ଆସିବା କରିବାକୁ ଭୟ କରୁଛନ୍ତି। ଅନ୍ୟପକ୍ଷରେ ଏହି ରାସ୍ତା ପାର୍ଶ୍ୱରେ ଗଛଲତା ଥିବାରୁ ଅନେକ ସମୟରେ ସରୀସୃପଙ୍କ ଆତଯାତ ଲାଗିରହିଥାଏ। ଅନ୍ଧାର ଯୋଗୁ ଲୋକେ ସନ୍ଧ୍ୟା ଓ ସକାଳ ଭ୍ରମଣ ବନ୍ଦ କରିଥିବା ପ୍ରକାଶ କରିଛନ୍ତି। ଜିଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

## ଗାୟତ୍ରୀ ଶକ୍ତି ପୀଠର ପ୍ରତିଷ୍ଠା ଦିବସ


କାର୍ଯ୍ୟକ୍ରମରେ ଯୋଗଦେଇଥିବା ଶ୍ରଦ୍ଧାଳୁମାନେ।

ଖଡ଼ିଆଲ,୨୮।୧୨ (ସୁଜିତ କୁମାର ପ୍ରଧାନ)

ନୂଆପଡ଼ା ଜିଲା ଖଡ଼ିଆଳ ବ୍ଲକ ଚଲାନପଡ଼ା ଗାୟତ୍ରୀ ଶକ୍ତିପୀଠର ୪୫ତମ ପ୍ରତିଷ୍ଠା ଦିବସ ଅନୁଷ୍ଠିତ ହୋଇଯାଇଛି। ଶକ୍ତିପୀଠରେ ବରିଷ୍ଠ ପରିଜନ ରଘୁପତି ସିଂ ବାରିକ ଆଧ୍ୟାତ୍ମିକ ପତାକା ଉତ୍ତୋଳନ କରିଥିଲେ। ପରେ ପଞ୍ଚକୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞ ଅନୁଷ୍ଠିତ ହୋଇଥିଲା। ଏଥିରେ ଶତାଧିକ ଗାୟତ୍ରୀ ପରିବାର ପରିଜନ ଭାଗ ନେଇଥିଲେ। ଏ ଅବସରରେ ଷୋଡ଼ଶ ସଂସ୍କାର କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ଏଥିରେ ଲଣେଶ୍ୱର ବାରିକ, ଦୟାନିଧି ବାରିକ, ନନ୍ଦଲାଲ ବାରିକ, ତ୍ରିଲୋଚନ ବିଶି, ଡମ୍ବୁଲାଲ ରଣା, ଜୟରାମ ଶବର, ସନାତନ ଶବର, ଗୀତାଞ୍ଜଳି ବାରିକ, କୁସୁମ ମଞ୍ଜରୀ ପଣ୍ଡା, ତୁଳସୀରାଣୀ ବାରିକଙ୍କ ସମେତ ଶତାଧିକ ଗାୟତ୍ରୀ ପରିଜନ ଉପସ୍ଥିତ ଥିଲେ। ଏ ଅବସରରେ କବି କ୍ଷିର ପ୍ରସାଦ ରାଉତରାୟଙ୍କ ଲିଖିତ ଗାୟତ୍ରୀ ଭଜନମାଳା ଓ ସ୍ତୋତ ଉନ୍ମୋଚିତ ହୋଇଥିଲା।

## କଳାହାଣ୍ଡିକୁ ୧ ସ୍ୱର୍ଣ୍ଣ, ୧ ରୌପ୍ୟ, ୧ କାଂସ୍ୟ ପଦକ

ଲାଞ୍ଜିଗଡ଼,୨୮।୧୨(ରମେଶ ଚନ୍ଦ୍ର ନାୟକ)

### ୨ୟ ରାଜ୍ୟ ତିରନ୍ଦାଜୀ ପ୍ରତିଯୋଗିତା
### ୪ ପ୍ରତିଯୋଗୀ ଜାତୀୟସ୍ତରକୁ ମନୋନୀତ

୨ୟ ରାଜ୍ୟ ତିରନ୍ଦାଜୀ ପ୍ରତିଯୋଗିତାରେ କଳାହାଣ୍ଡିକୁ ୧ ସ୍ୱର୍ଣ୍ଣ, ୧ ରୌପ୍ୟ ଓ ୧ କାଂସ୍ୟ ପଦକ ମିଳିବା ସହ ୪ଜଣ ଜାତୀୟ ସ୍ତରକୁ ମନୋନୀତ ହୋଇଛନ୍ତି। କଟକ କୁରଙ୍ଗ ଶାସନ ମିନି ଷ୍ଟାଡିୟମରେ ଡିସେମ୍ବର ୨୭ ଓ ୨୮ରେ ଅନୁଷ୍ଠିତ ପ୍ରତିଯୋଗିତାରେ ବିଭିନ୍ନ ଜିଲାରୁ ୨୫୦ରୁ ଊର୍ଦ୍ଧ୍ୱ ଓ କଳାହାଣ୍ଡି ଜିଲା ଲାଞ୍ଜିଗଡ଼ରୁ ୮ ପ୍ରତିଯୋଗୀ ଭାଗ ନେଇଥିଲେ। ଏଥିରେ ଲାଞ୍ଜିଗଡ଼ ଏସ୍ଏସ୍‌ଡି ସ୍କୁଲର ୨ଜଣ, ଲାଞ୍ଜିଗଡ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ୧ ଓ ଡ଼ିଏଭି ବେଦାନ୍ତ ଅନ୍ତର୍ଜାତୀୟ ବିଦ୍ୟାଳୟର ୧ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଏମାନଙ୍କ ମଧ୍ୟରେ ୧୫ ବର୍ଷରୁ କମ୍ ବାଳକ ବିଭାଗରେ ତରୁଣ ମାଝୀ ଗୋଟିଏ ସ୍ୱର୍ଣ୍ଣ ପଦକ ଓ ୧୫ ବର୍ଷରୁ କମ୍ ବାଳିକା ବିଭାଗରେ ଲିନା ମାଝୀ ଗୋଟିଏ ରୌପ୍ୟ, ୧୦ ବର୍ଷରୁ କମ୍ ବାଳିକା ବିଭାଗରେ ସିନ୍ଧୁ ତନୟା ନାୟକ ଗୋଟିଏ କାଂସ୍ୟ ପଦକ ହାସଲ କରିଥିଲେ। ୧୦ବର୍ଷରୁ କମ୍ ବାଳକ ବିଭାଗରେ ପ୍ରଦ୍ୟୁମ୍ନ ଲେଙ୍କା ୪ର୍ଥ ସ୍ଥାନ ହାସଲ କରିଛନ୍ତି। ଏହି ୪ଜଣ ପ୍ରତିଯୋଗୀ ଜାତୀୟସ୍ତରୀୟ ପ୍ରତିଯୋଗିତା ପାଇଁ ମନୋନୀତ ହୋଇଛନ୍ତି। ତିରନ୍ଦାଜୀ କୋଚ ଶମ୍ଭୁନାଥ ପରିଡା ଓ ଟିମ୍ ମ୍ୟାନେଜର ମିଥୁନ ନାଏକଙ୍କ ନେତୃତ୍ୱରେ ଏମାନେ ପ୍ରତିଯୋଗିତାରେ ଭାଗ ନେଇଥିଲେ। ଏମାନଙ୍କୁ ଜିଲା ଆଥ୍‌ଲେଟିକ ଆସୋସିଏଶନ ସାଧାରଣ ସମ୍ପାଦକ ଜଗମୋହନ ପଟ୍ଟନାୟକ, ଜିଲା କ୍ରୀଡ଼ା ଅଧିକାରୀ ରମେଶ ଚନ୍ଦ୍ର ପାଢ଼ୀ, ଲାଞ୍ଜିଗଡ ଏସ୍ଏସ୍‌ଡି ସ୍କୁଲ ପ୍ରଧାନ ଶିକ୍ଷକ ପାର୍ଥବ ତାଣ୍ଡି, ଡ଼ିଏଭି ବେଦାନ୍ତ ଆନ୍ତର୍ଜାତୀୟ ବିଦ୍ୟାଳୟ ଅଧ୍ୟକ୍ଷା ଡା. ମାନବୀନ କୌର ସମ୍ବର୍ଦ୍ଧନା ଜ୍ଞାପନ କରିଛନ୍ତି।

## ବିଦ୍ୟୁତ୍ ସମସ୍ୟାକୁ ନେଇ କଂଗ୍ରେସର ପ୍ରତିବାଦ ସଭା

ଭବାନୀପାଟଣା,୨୮।୧୨(ଉତ୍ତମ କୁମାର ଦାଶ)

ରାଜ୍ୟରେ ଦେଖାଯାଉଥିବା ବିଦ୍ୟୁତ୍ ସମସ୍ୟା, ଅହେତୁକ ବିଦ୍ୟୁତ ବିଲ୍ ବୃଦ୍ଧି ଓ ଟାଟା ପାୱାରର ମନମୁଖୀ କାର୍ଯ୍ୟ ପ୍ରତିବାଦରେ ଶୁକ୍ରବାର ଅପରାହ୍ନରେ ଭବାନୀପାଟଣାସ୍ଥିତ ଗାନ୍ଧୀ ଛକରେ କଳାହାଣ୍ଡି କଂଗ୍ରେସ ପକ୍ଷରୁ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଯାଇଛି। ଜିଲା ସଭାପତି ଜଳନ୍ଧର ନାଏକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ପୂର୍ବତନ ଜିଲା ସଭାପତି ଭାରତ ଭୂଷଣ ବେମାଲ, ସନ୍ତୋଷ ମୁଣ୍ଡ, ସିଦ୍ଧାର୍ଥ ନାୟକ, ସୁରେଶ ମହାକୁଡ଼, ମୁରଲୀ ନାଏକ, ସରୋଜ ବାଗ, ମହିଳା ନେତ୍ରୀ ମାର୍ଜିନା ପ୍ରଧାନ, ସୁକାନ୍ତି ସରାଫ ପ୍ରମୁଖ ଉପସ୍ଥିତ ଥିଲେ।

## ଭାଗନେଲେ ୧୫୦୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର

ଭବାନୀପାଟଣା,୨୮।୧୨(ଉତ୍ତମ କୁମାର ଦାଶ)

### ପ୍ରଗତି ପ୍ରତିଭା ପ୍ରତିଯୋଗିତା

କଳାହାଣ୍ଡି ଜିଲା ଭବାନୀପାଟଣା ସହରର ପ୍ରଗତି ଶିକ୍ଷାନସ୍ଥାନରେ ରବିବାର ପ୍ରଗତି ପ୍ରତିଭା ପ୍ରତିଯୋଗିତା-୨୦୨୬ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲା ତଥା ଜିଲା ବାହାରୁ ୧୫୦୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଭାଗନେଇଥିଲେ। ପ୍ରତିଯୋଗିତାର ଫଳାଫଳକୁ ଆଧାର କରି ପରବର୍ତ୍ତୀ ସମୟରେ ଯୋଗ୍ୟ ବିବେଚିତ ପ୍ରତିଯୋଗୀଙ୍କୁ ପ୍ରଗତି ପ୍ରତିଭା ପୁରସ୍କାର ପ୍ରଦାନ ସହିତ ଆଗାମୀ ଶିକ୍ଷାବର୍ଷରେ ଯୁକ୍ତ ୨ ବିଜ୍ଞାନ ବିଭାଗରେ ଦୁଇବର୍ଷ ପର୍ଯ୍ୟନ୍ତ ବିନା ଶୁଳ୍କରେ ପଢ଼ିବାର ସୁଯୋଗ ଦିଆଯିବ ବୋଲି ଅନୁଷ୍ଠାନର ମୁଖ୍ୟ ଅଜୟ ପଣ୍ଡା ଘୋଷଣା କରିଥିଲେ। ସେହିପରି ଶ୍ରେଷ୍ଠ ୫୦ ଛାତ୍ରୀଛାତ୍ର ମେଧାବୃତ୍ତି ପାଇବା ସହ ଅନୁଷ୍ଠାନରେ ପଢ଼ିବାର ସୁବିଧା ପାଇପାରିବେ ବୋଲି ପଣ୍ଡା ସୂଚନା ଦେଇଥିଲେ। ଏହି ଅବସରରେ ସମସ୍ତ ଅଭିଭାବକଙ୍କୁ ନେଇ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା। ପୂର୍ବରୁ ସ୍କୁଲ ସ୍ତରରେ ଅନୁଷ୍ଠିତ ହୋଇଥିବା ଟ୍ୟାଲେଣ୍ଟ ହଣ୍ଟ ପରୀକ୍ଷାର ସମସ୍ତ କୃତୀ ପ୍ରତିଯୋଗୀ ଓ ପ୍ରତିଭା ପରୀକ୍ଷାରେ ଅଂଶଗ୍ରହଣ କରିଥିବା ସମସ୍ତ ଛାତ୍ରୀଛାତ୍ରଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ଶିକ୍ଷାନୁଷ୍ଠାନର ମୁଖ୍ୟ ପଣ୍ଡାଙ୍କ ସମେତ ପ୍ରଶାସନିକ ଅଧିକାରୀ ପ୍ରଣବ ପଣ୍ଡା, ଅଧ୍ୟକ୍ଷ ଶେଷଦେବ ମୁଣ୍ଡ, ଉପାଧ୍ୟକ୍ଷ ଅଶୋକ ସାହୁ, ମୁଖ୍ୟ ଶିକ୍ଷା ସଂଯୋଜକ ଅଞ୍ଜନ ରଣା, କନ୍‌ସେପ୍ଟ ସ୍କୁଲ ଅଧ୍ୟକ୍ଷ ଚିନ୍ମୟ ଗୁରୁ ପ୍ରମୁଖ ଯୋଗଦାନ କରିଥିଲେ। ଅଧ୍ୟାପକ ଅଶୋକ କୁମାର ସାହୁ ମଞ୍ଚ ପରିଚାଳନା କରିଥିବା ବେଳେ ପ୍ରଶାସନିକ ଅଧିକାରୀ ପ୍ରଣବ ପଣ୍ଡା ଧନ୍ୟବାଦ ଦେଇଥିଲେ।



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିଗଣ।

## ବରିଷ୍ଠ ନାଗରିକ ସିକ୍ୟୁରିଟି ସେଲ୍ ଗଠନ ହେଉ

ଭବାନୀପାଟଣା, ୨୮।୧୨ (ଉତ୍ତମ କୁମାର ଦାଶ)



ଉତ୍ସବରେ ଯୋଗଦେଇଥିବା ଅତିଥିମାନେ।

କଳାହାଣ୍ଡି ବରିଷ୍ଠ ନାଗରିକ ସଂଘର ଅଷ୍ଟମ ବାର୍ଷିକ ଉତ୍ସବ ଓ ସାଧାରଣ ସଭା ରବିବାର ରିଷିଗାଁ ଡଙ୍ଗରିପଡ଼ାସ୍ଥିତ ଏସ୍‌କେ ହିଲ ଭ୍ୟୁଠାରେ ଅନୁଷ୍ଠିତ ହୋଇଯାଇଛି। ସଂଘ ସଭାପତି ବିଜୟ କୁମାର ହୋତାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ଓଡ଼ିଶା ବରିଷ୍ଠ ନାଗରିକ ମହାସଂଘର ସାଧାରଣ ସମ୍ପାଦକ ରାଜକିଶୋର ସାମନ୍ତରାୟ ମୁଖ୍ୟଅତିଥି, ପଶ୍ଚିମଓଡ଼ିଶା ବରିଷ୍ଠ ନାଗରିକ ମହାସଂଘ ସଭାପତି ପ୍ରଫେସର ଟହଲୁ ସାହୁ ମୁଖ୍ୟବକ୍ତା ଓ ଧର୍ମଗଡ ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ଦୀପକ କୁମାର ବେହେରା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। କଳାହାଣ୍ଡି ବରିଷ୍ଠ ନାଗରିକ ସଂଘର ଯୁଗ୍ମ ସମ୍ପାଦକ ସବିତା ପଟ୍ଟନାୟକ ଅତିଥି ପରିଚୟ ପ୍ରଦାନ କରିଥିଲେ। ସଂଘର ସାଧାରଣ ସମ୍ପାଦକ ଗିରିଜା ଶଙ୍କର ବାବୁ ସ୍ୱାଗତ ଭାଷଣ ସହ ବାର୍ଷିକ ବିବରଣୀ ପାଠ କରିଥିଲେ। ବରିଷ୍ଠ ନାଗରିକଙ୍କୁ ଏସ୍‌ପିଙ୍କ ଦ୍ୱାରା ପରିଚୟ ପତ୍ର ପ୍ରଦାନ ଓ ଜିଲାରେ ବରିଷ୍ଠ ନାଗରିକ ସିକ୍ୟୁରିଟି ସେଲ ଗଠନ ନିମନ୍ତେ ପଦକ୍ଷେପ ନେବାକୁ ଦାବି କରାଯାଇଥିଲା। ସେହିପରି କଳାହାଣ୍ଡି ବରିଷ୍ଠ ନାଗରିକ ସଂଘ ନିମନ୍ତେ ସରକାରୀ ଜମି ଲିଜ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ପାଇଁ ମତପ୍ରକାଶ ପାଇଥିଲା। ଏହି ଉପଲକ୍ଷେ ଉଭୟ ପୁରୁଷ ଓ ମହିଳା ବର୍ଗରେ ବରିଷ୍ଠ ନାଗରିକଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା କରାଯାଇ ବିଜେତାଙ୍କୁ ପୁରସ୍କୃତ କରାଯାଇଥିଲା। ୮୦ ବର୍ଷରୁ ଊର୍ଦ୍ଧ୍ୱ ବୟସ୍କ ୧୧ ଜଣ ବରିଷ୍ଠ ନାଗରିକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବରିଷ୍ଠ ସଦସ୍ୟ ସୁମନ କୁମାର ରଥ ମଞ୍ଚ ପରିଚାଳନା ଓ ଉପ ସଭାପତି ମଳୟ କୁମାର ମୁଣ୍ଡ ଧନ୍ୟବାଦ ଅର୍ପଣ କରିଥିଲେ।


ଦହିଚୋରି କରିଥିବାରୁ ଶ୍ରୀକୃଷ୍ଣଙ୍କୁ ମା' ଯଶୋଦା ଗଛରେ ବାନ୍ଧିଛନ୍ତି ।


ଶ୍ରୀକୃଷ୍ଣଙ୍କ ଦ୍ୱାରା ଯାମଳାର୍ଜ୍ଜୁନ ଉଦ୍ଧାର ।


ବରଗଡ଼ ଧନୁଯାତ୍ରା ମହୋତ୍ସବ ରାଜଦରବାରରେ କଂସ ମହାରାଜ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀଙ୍କୁ ସମ୍ମାନିତ କରୁଛନ୍ତି ।

# କଂସ ବ୍ୟସ୍ତବିବ୍ରତ, ଆଜି ରଙ୍ଗସଭା

**ମଥୁରାନଗରୀ/ଗୋପପୁର, ୨୮।୧୨ (ପ୍ରେମାନନ୍ଦ ଖମାରୀ**

ରବିବାର ଥିଲା ବୃହତ୍ ମୁକ୍ତାକାଶ ରଙ୍ଗମଞ୍ଚ ବରଗଡ଼ ଧନୁଯାତ୍ରା ମହୋତ୍ସବର ପଞ୍ଚମ ଦିବସ। ଉଭୟ ମଥୁରାନଗରୀ ଏବଂ ଗୋପପୁର ଦୃଶ୍ୟାଭିନୟ ଚିତ୍ତାକର୍ଷକ ଥିଲା। ଗୋପପୁରରେ ଦୁଇଭାଇ ଯାମଳାର୍ଜ୍ଜୁନ ଭଗବାନ ଶ୍ରୀକୃଷ୍ଣଙ୍କ ଦ୍ୱାରା ଉଦ୍ଧାର ହୋଇଥିଲେ। ସେହିପରି ଗୋପାଳ ବାଳକଙ୍କ ଗହଣରେ ବେନିଭାଇଙ୍କ ବଣଭୋଜି, ଭଗବାନ୍ ଶ୍ରୀକୃଷ୍ଣଙ୍କୁ ବ୍ରହ୍ମାଙ୍କ ମୋହନ ବଇଁଶୀ ପ୍ରଦାନ ଏବଂ କାଳିନ୍ଦୀ ହ୍ରଦରେ କାଳୀୟଦଳନ ଦୃଶ୍ୟାଭିନୟ ଦର୍ଶକଙ୍କୁ ବେଶ୍ ଆମୋଦିତ କରିଥିଲା। କୃଷ୍ଣ ଦହିହାଣ୍ଡି ଭାଙ୍ଗିଦେବାରୁ ଯଶୋଦା ଶ୍ରୀକୃଷ୍ଣଙ୍କୁ ବୃକ୍ଷରେ ବାନ୍ଧି ଦେଇଥିବାବେଳେ ଭଗବାନ ଶ୍ରୀକୃଷ୍ଣ ଶାପଗ୍ରସ୍ତ ଦୁଇ ଗନ୍ଧର୍ବ ଭାଇ ଯାମଳାର୍ଜ୍ଜୁନଙ୍କୁ ମୁକ୍ତ ଦୃଶ୍ୟାଭିନୟ ହୃଦୟସ୍ପର୍ଶୀ ହୋଇଥିଲା। ଏହି ଦୃଶ୍ୟାଭିନୟ ଦେଖିବା ପାଇଁ ପ୍ରବଳ ଦର୍ଶକଙ୍କ ଭିଡ଼ ହୋଇଥିଲା। ଅନ୍ୟପଟେ ସବୁଦିନ ଭଳି କଂସ ମହାରାଜ ନିଜ ପାତ୍ରମନ୍ତ୍ରୀଙ୍କ ଗହଣରେ ରାଜମହଲରୁ ମଥୁରା ଭ୍ରମଣରେ ବାହାରିଥିଲେ ଏବଂ ରଙ୍ଗମହଲକୁ ପହଞ୍ଚିଥିଲେ। ଗୋପପୁରରେ ଷଡ଼ମଲ୍ଲଙ୍କ ନିଧନ ପରେ ବିବ୍ରତ ଥିବା କଂସ ମହାରାଜ ନାଚଗୀତରେ ମସ୍‌ଗୁଲ ହୋଇଥିଲେ। ପରେ ରାଜଦରବାର ଅଭିମୁଖେ କଂସ ମହାରାଜ ବାହାରିଥିଲେ। ରାଜଦରବାରରେ ପହଞ୍ଚିବା ପରେ କଂସ ମହାରାଜ ବେନିଭାଇ କୃଷ୍ଣ, ବଳରାମଙ୍କୁ କିଭଳି ହତ୍ୟା କରିବେ, ସେନେଇ ମହାମନ୍ତ୍ରୀଙ୍କ ସହ ଆଲୋଚନା କରିଥିଲେ। ନାରଦଙ୍କ ପରାମର୍ଶକ୍ରମେ କରଦ ରାଜାମାନଙ୍କୁ ଆମନ୍ତ୍ରଣ କରିବା ପାଇଁ ଯୋଜନା କରିଥିଲେ। ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ରାଜ ଅତିଥିଭାବେ ଯୋଗଦେଇଥିଲେ। ସୋମବାର ରାଜଦରବାରରେ ରଙ୍ଗସଭା ଏବଂ ଗୋପପୁରରେ ବସ୍ତ୍ରହରଣ ଦୃଶ୍ୟାଭିନୟ କାର୍ଯ୍ୟକ୍ରମ ରହିଛି।


ଗୋପାଳ ବାଳକଙ୍କ ଗହଣରେ ବେନିଭାଇଙ୍କ ବଣଭୋଜି।

## ଧନୁଯାତ୍ରା ମହୋତ୍ସବରେ ଚିତ୍ରକଳା ଶିବିର

**ମଥୁରା ନଗରୀ, ୨୮।୧୨ (ପ୍ରେମାନନ୍ଦ ଖମାରୀ )**

ବରଗଡ଼ ଧନୁଯାତ୍ରା ମହୋତ୍ସବ ଅବସରରେ ରବିବାର ସ୍ଥାନୀୟ ଗାନ୍ଧୀ ପାର୍କ ପରିସରରେ ଚିତ୍ରକଳା ଶିବିର ଆୟୋଜିତ ହୋଇଯାଇଛି। ଧନୁଯାତ୍ରା ପ୍ରଚାର ଓ ପ୍ରସାର କମିଟି ଏବଂ ଧନୁଯାତ୍ରା ମହୋତ୍ସବ ସମିତିର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି ଶିବିରରେ ଜିଲା ତଥା ଜିଲା ବାହାରୁ ୩୧ଜଣ ଚିତ୍ରଶିଳ୍ପୀ ଭାଗନେଇ ଧନୁଯାତ୍ରା ସମେତ ପଶ୍ଚିମ ଓ କଳା, ସଂସ୍କୃତି ଓ ପରମ୍ପରାର ବିଭିନ୍ନ ଦୃଶ୍ୟ ଓ କାହାଣୀକୁ ତୂଳୀରେ ଜୀବନ୍ତ ରୂପ ଦେଇଥିଲେ। ଅତିରିକ୍ତ ଜିଲାପାଳ ମହେନ୍ଦ୍ର ମହାପାତ୍ର, ଧନୁଯାତ୍ରା ମହୋତ୍ସବ ସମିତିର ସମ୍ପାଦକ ସୁରେଶ୍ୱର ଶତପଥୀ ପ୍ରଦର୍ଶନୀକୁ ବୁଲି ଦେଖିବା ସହ ଶିଳ୍ପୀମାନଙ୍କୁ ଉତ୍ସାହିତ କରିଥିଲେ। ଧନୁଯାତ୍ରା ପ୍ରଚାର ପ୍ରସାର କମିଟିର ଆବାହକ ତଥା ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପ୍ରହ୍ଲାଦ ଖୋସଲା, ସହ- ଆବାହକ ରବି ପଣ୍ଡାଙ୍କ ସଂଯୋଜନାରେ ତଥା ଚିତ୍ରଶିଳ୍ପୀ ଶିବିରର ସଂଯୋଜକ ସନ୍ତୋଷ ଭୋଇଙ୍କ ପରିଚାଳନାରେ ଅନୁଷ୍ଠିତ ଏହି ଶିବିରରେ ୩୧ ଜଣ ପ୍ରତିଯୋଗୀ ଉପସ୍ଥିତ ରହି ଧନୁଯାତ୍ରା ସମ୍ପର୍କିତ ଚିତ୍ର ଆଙ୍କି ଦର୍ଶକଙ୍କ ମନ ମୋହିଥିଲେ। ଶିବିର ପରିଚାଳନାରେ ସତ୍ୟଜିତ ଦାଶ, ଶ୍ରୀକାନ୍ତ ମଟାରୀ, ସତ୍ୟ ପ୍ରଧାନ, ଲଲାଟେନ୍ଦୁ ଦାଶ, ବଦ୍ରି ପ୍ରସାଦ ସାହୁ, ପ୍ରଦୀପ ପାଢ଼ୀଙ୍କ ସମେତ ଗଣମାଧ୍ୟମ ପ୍ରତିନିଧିମାନେ ଏବଂ ଏହି କମିଟିର ସଦସ୍ୟମାନେ ସହଯୋଗ କରିଥିଲେ। ଏହି ଶିବିରରେ ଅଂଶଗ୍ରହଣ କରିଥିବା ସମସ୍ତ ଚିତ୍ରଶିଳ୍ପୀମାନଙ୍କୁ ସନ୍ଧ୍ୟାରେ ରଙ୍ଗମହଲଠାରେ ମହାରାଜ କଂସଙ୍କ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା।


ବ୍ରହ୍ମା ଶ୍ରୀକୃଷ୍ଣଙ୍କୁ ବଇଁଶୀ ପ୍ରଦାନ କରୁଛନ୍ତି।

## ଅଟଳ ବିହାରୀ ବାଜପେୟୀଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ


ଉନ୍ମୋଚନ କାର୍ଯ୍ୟକ୍ରମରେ ଉପସ୍ଥିତ କେନ୍ଦ୍ରମନ୍ତ୍ରୀ ଓ ଅନ୍ୟମାନେ।

**ରାଉରକେଲା, ୨୮।୧୨ (ବିପ୍ଳବ ରଞ୍ଜନ ଦାଶ)**

ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ତଥା ଭାରତ ରତ୍ନ ସ୍ୱର୍ଗତ ଅଟଳ ବିହାରୀ ବାଜପେୟୀଜୀଙ୍କ ଜନ୍ମ ଶତବାର୍ଷିକୀ ଅବସରରେ ରବିବାର କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ଜୁଏଲ ଓରାମ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦିତନଗରସ୍ଥିତ ହନୁମାନ ବାଟିକା ରିଂରୋଡ ଛକରେ ବାଜପେୟୀଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ କରିଛନ୍ତି। ରାଉରକେଲା ମହାନଗର ଅଟଳ ବିହାରୀ ବାଜପେୟୀ ସ୍ମୃତି କମିଟି ସଂଯୋଜକ ପ୍ରକାଶ ପାଶୱାନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସୁନ୍ଦରଗଡ ଜିଲାପାଳ ଶୁଭଙ୍କର ମହାପାତ୍ର, ରାଉରକେଲା ଏସ୍‌ପି ନୀତେଶ ୱାଧୱାନୀ, ରାଜ୍ୟ ସମ୍ପାଦକ ରାମଚନ୍ଦ୍ର ହାଁସଦା, ମୁଖପାତ୍ର ଧିରେନ ସେନାପତି, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ରମେଶ ଅଗ୍ରୱାଲ, ସମାଜସେବୀ ଖୁସ୍‌ବୁ ଯାଦବ, ପୂର୍ବତନ ବଣାଇ ଜିଲା ସଭାପତି ରାସ ବିହାରୀ ପ୍ରଧାନ ଓ ମନୋଜ ପ୍ରଧାନ, ଶୁଭ ପଟ୍ଟନାୟକ, ସୁନ୍ଦରଗଡ ଜିଲା ସାଧାରଣ ସମ୍ପାଦକ ସୁରେନ୍ଦ୍ର ଦେଉରୀ, ଜିଲା ମୁଖପାତ୍ର ଗଙ୍ଗାଧର ଦାଶ, ବରିଷ୍ଠ ନେତା ଶଶାଙ୍କ ଜେନା, ଦୋଳ ଗୋବିନ୍ଦ ଦାସ, ଅମରେନ୍ଦ୍ର ଶର୍ମା, ଅଶୋକ ଲେଙ୍କା ପ୍ରମୁଖ ଥିଲେ। ସାଂସଦ ଖେଳ ମହୋତ୍ସବ ପ୍ରତିଯୋଗିତାର ବିଜେତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅଟଳ ସ୍ମୃତି କମିଟି ସଦସ୍ୟ ଲଖନ୍ ଲୋହାର, ଜହ୍ନ ନାୟକ, ବଟକୃଷ୍ଣ ନାୟକ, ମମତା ମହାନ୍ତି, ପ୍ରତାପ ପଟ୍ଟନାୟକ, ବିନତି ଭୂମିଜ, ଶମ୍ଭୁ ସିଂ, ଅନିଲ ମହାନନ୍ଦିଆ ଓ ସୁନିଲ କୈଁଠ ସହଯୋଗ କରିଥିଲେ। ବନ୍ଧମୁଣ୍ଡା ମଣ୍ଡଳ ସଭାପତି ଲଖନ ଲୋହାର ଧନ୍ୟବାଦ ଅର୍ପଣ କରିଥିଲେ।

## ଡିଜିଟାଲ ସଂଯୋଗ ଯୋଗୁ ପତ୍ରପତ୍ରିକା ପ୍ରଭାବିତ ହେଉଛି

**ରାଉରକେଲା, ୨୮।୧୨ (ଦିନେଶ ମିଶ୍ର)**

### ସୁନାଫୁଲ ସାହିତ୍ୟ ସଂସଦର ସାରସ୍ୱତ ମହୋତ୍ସବ

ରାଉରକେଲା ଛେଣ୍ଡ କଲୋନିସ୍ଥିତ ରିମ୍ସ କଲେଜ ପରିସରରେ ସୁନା ଫୁଲ ସାହିତ୍ୟ ସଂସଦ ଏବଂ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗର ମିଳିତ ଆନୁକୂଲ୍ୟରେ ରାଜ୍ୟସ୍ତରୀୟ ସୁନାଫୁଲ ସାରସ୍ୱତ ମହୋତ୍ସବ-୨୦୨୫ ରବିବାର ଉଦ୍‌ଘାଟିତ ହୋଇଛି। ଏହି ଉତ୍ସବରେ ରିମ୍ସ କଲେଜର ଅଧ୍ୟକ୍ଷା ନଳନୀପ୍ରଭା ପଟ୍ଟନାୟକ ମୁଖ୍ୟ ଅତିଥି, ଶିଶୁ ସାହିତ୍ୟିକ ସତ୍ୟବ୍ରତ ଦାସ, ଶିକ୍ଷାବିତ୍ ଗାୟତ୍ରୀ ସେଠୀ ଓ ସୁଦାମ ଦାସ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ନିରନ୍ତର ଡିଜିଟାଲ ସଂଯୋଗ ଯୋଗୁ ପୁସ୍ତକ ଓ ପତ୍ରପତ୍ରିକା ପଠନ ପ୍ରଭାବିତ ହୋଇଛି। ସମଗ୍ର ଜଗତ ଡିଜିଟାଲ ଆକ୍ରାନ୍ତ ହେବାକୁ ଯାଉଛି। ଭାଷା, ସାହିତ୍ୟ, ସ୍ଥାପତ୍ୟ, କଳା ଓ ସଙ୍ଗୀତ ଇତ୍ୟାଦିକୁ ମନରେ ଭରିଦେଇ ସୁନାଫୁଲ ସାହିତ୍ୟ ସଂସଦ ସୁନ୍ଦରଗଡ ଜିଲାରେ ଇତିହାସ ରଚିଛି ବୋଲି ଅତିଥିମାନେ ମତପ୍ରକାଶ କରିଥିଲେ। ସଂସଦର ସଭାପତି ମହେନ୍ଦ୍ର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ଡ. ଶ୍ୟାମ ପ୍ରସାଦ ସ୍ୱାଇଁ, ତ୍ରିଲୋଚନ ମାଥାନ, ସତ୍ୟବ୍ରତ ଦାସ, ହୃଷୀକେଶ ପୁରୋହିତ, ଡ. କରୁଣାକର ପାତ୍ର ପ୍ରମୁଖ ବକ୍ତା ଭାବେ ଉପସ୍ଥିତ ରହି 'ଶିଶୁ ମନସ୍ତତ୍ତ୍ୱରେ ଡିଜିଟାଲ ସଂଯୋଗର ପ୍ରଭାବ' ଉପରେ ଆଲୋଚନା କରିଥିଲେ।

ଏହି ଅବସରରେ ସ୍ନିଗ୍ଧା ନାୟକଙ୍କୁ ସୁନାଫୁଲ ସାରସ୍ୱତ ଶ୍ରେଷ୍ଠ ସମ୍ମାନ, ବିନତା ପଟେଲଙ୍କୁ ଆଦର୍ଶ ଗୁରୁ ଗୌରବ ସମ୍ମାନ, ଡ. ଶ୍ୟାମ ପ୍ରସାଦ ସ୍ୱାଇଁଙ୍କୁ ପ୍ରଜ୍ଞାଶ୍ରୀ ସମ୍ମାନ, ବଲାଙ୍ଗୀର ଜିଲାର ମଦନମୋହନ ରଥଙ୍କୁ ସୁନାଫୁଲ ନିର୍ମଳ ସ୍ମୃତି ସମ୍ମାନ ଓ ସମାଜସେବୀ ପ୍ରୀତମ ପଟ୍ଟନାୟକଙ୍କୁ ସୁନାଫୁଲ ଆଦର୍ଶ ସେବାଶ୍ରୀ ସମ୍ମାନ ପ୍ରଦାନ କରାଯାଇଥିଲା। ଏହି ଉତ୍ସବରେ ଟିକିଟିକି ସୁନାଫୁଲ ପତ୍ରିକାର ନବବର୍ଷ ସଂଖ୍ୟାକୁ ଅତିଥିମାନେ ଉନ୍ମୋଚନ କରିଥିଲେ। ସାଂସ୍କୃତିକ ସମ୍ପାଦିକା ନିରୁପମା ପତି ଓ ସଙ୍ଗଠନ ସମ୍ପାଦକ ବ୍ରହ୍ମାନନ୍ଦ ପାଢ଼ୀ ମଞ୍ଚ ପରିଚାଳନା କରିଥିଲେ। ସାଧାରଣ ସମ୍ପାଦକ ସୁନୀଲ କୁମାର ମହାନ୍ତି ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଏନ୍‌ଆଇଟି ଉଚ୍ଚ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଦ୍ୱିତୀୟ ପର୍ଯ୍ୟାୟରେ ଜୀବେଶ୍ୱର ପଟେଲଙ୍କ ଅଧ୍ୟକ୍ଷତା ଏବଂ ପୁଷ୍ପଲତା ପାଣିଗ୍ରାହୀ ଓ ପ୍ରତାପରୁଦ୍ର ତ୍ରିପାଠୀଙ୍କ ସଂଯୋଜନାରେ ଏକ କବିତା ପାଠୋତ୍ସବ ହୋଇଥିଲା। ବୁଦ୍ଧଲାଲ ଭୂମିଜ, ସୋମଶ୍ରୀ ମହାନ୍ତି, ସୂର୍ଯ୍ୟନାରାୟଣ ପଣ୍ଡା, ଅକ୍ଷୟ କୁମାର ଦାସ, କିଶୋରୀ ଦାସ, ଅଶୋକ କୁମାର ପଟ୍ଟନାୟକ, ଟିକେଶ୍ୱର ସାହୁ, ଅଶୋକ ପାତ୍ର, ଦେବସ୍ମିତା ଦାସ ପ୍ରମୁଖ ସହଯୋଗ କରିଥିଲେ। ମହେନ୍ଦ୍ର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

## କୁରେଇ ଆର୍‌ସି ଚର୍ଚ୍ଚର ସୁବର୍ଣ୍ଣ ଜୟନ୍ତୀ ସମାରୋହ


ସମାରୋହରେ ଉପସ୍ଥିତ ଖ୍ରୀଷ୍ଟ ଧର୍ମାବଲମ୍ବୀ।

**ବାଲିଶଙ୍କରା, ୨୮।୧୨ (ହୃଦାନନ୍ଦ ବାରିକ)**

ସୁନ୍ଦରଗଡ଼ ଜିଲା ବାଲିଶଙ୍କରା ବ୍ଲକ କୁରେଇ ପଞ୍ଚାୟତ କୁରେଇ ମଣ୍ଡଳୀ ଚର୍ଚ୍ଚର ୫୦ ବର୍ଷ ପୂର୍ତ୍ତି ଉପଲକ୍ଷେ ଚର୍ଚ୍ଚର ସ୍ୱର୍ଣ୍ଣ ଜୟନ୍ତୀ ଧୁମ୍‌ଧାମ୍‌ରେ ପାଳିତ ହୋଇଯାଇଛି। ଏହି ଚର୍ଚ୍ଚ ୧୯୭୫ ମସିହାରେ ଆରମ୍ଭ ହୋଇଥିଲା। ଏଥିରେ ପ୍ୟାରିସ ଫାଦର ଆନ୍ଦ୍ରିଆସ କେର୍କେଟା ମୁଖ୍ୟ ଅତିଥି, ସୁନୀଲ କେର୍କେଟା, ମାଥିୟାସ କେର୍କେଟା, ଅମିତ ବା, ରୋଶନ ଟପ୍ପୋ, ବୀରେନ୍ଦ୍ର ଏକ୍କା, ସିପ୍ରିଆନ ଡିଗା, ଆଶିଷ ଟେଟେ, ରଞ୍ଜିତ ସୋରେଙ୍ଗ, ପ୍ରଫୁଲ ନୋନିଆର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। କୁରେଇ ମଣ୍ଡଳୀ ଚର୍ଚ୍ଚ ସମ୍ପାଦକ ସୁଜିତ ମୋହନ କେର୍କେଟା, ସଭାପତି ସେଲେଷ୍ଟିନ ସରେଙ୍ଗ, ଉପସଭାପତି ଫେବୁଲୁସ ଏକ୍କା, ଉପ ସଂଯୋଜକ ବିନୟ ବା, ମୁଖ୍ୟ ଆୟୋଜକ ବିନୟ ରୋଶନ ଲାକ୍ରା, କୋଷାଧ୍ୟକ୍ଷ କାମିଲ ଏକ୍କା, ରାଜେନ୍ଦ୍ର ଏକ୍କା, ରାଜୀବ ତିର୍କି, ତେଜ କୁମାର ଲାକଡା, ରଞ୍ଜିତ ଲାକ୍ରା, ସଞ୍ଜୟ କୁମାର ମିଞ୍ଜ, ସୁନୀଲ ତିର୍କି, ରମିୟାନ ଗୁଡ଼ିଆ ପ୍ରମୁଖ ସହଯୋଗ କରିଥିଲେ। ଏଥିରେ ବିଭିନ୍ନ ଅଞ୍ଚଳର ଖ୍ରୀଷ୍ଟ ଧର୍ମାବଲମ୍ବୀମାନେ ଉପସ୍ଥିତ ଥିଲେ। ଏହି ଅବସରରେ ଆଦିବାସୀ ନୃତ୍ୟ ପରିବେଷଣରେ କୁରେଇ ଗ୍ରାମ ପ୍ରକମ୍ପିତ ହୋଇ ଉଠିଥିଲା।

## ଅଭିଷେକ ମାଝୀଙ୍କୁ ସମ୍ବର୍ଦ୍ଧନା

**ବଡ଼ଗାଁ, ୨୮।୧୨ (ଅଶୋକ ଷଡଙ୍ଗୀ)**

ସୁନ୍ଦରଗଡ଼ ଜିଲା ବଡ଼ଗାଁ ବ୍ଲକ ଫୁଲବାରି ପଞ୍ଚାୟତ ଅଧୀନ ବିଷ୍ଣୁଗ୍ରାମର ଅବସରପ୍ରାପ୍ତ ଇପିଏଫ୍ ଅଧିକାରୀ ସୁନା ଚରଣ ମାଝୀ ଓ ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ଦ୍ରୋପଦୀ ଲାକ୍ରାଙ୍କ କନିଷ୍ଠ ପୁତ୍ର ଅଭିଷେକ ମାଝୀ ଓସିଏସ୍ ପରୀକ୍ଷାରେ ସଫଳତା ହାସଲ କରିଛନ୍ତି। ଗତ ସେପ୍ଟେମ୍ବର ମାସରେ ପ୍ରକାଶିତ ଓସିଏସ୍ ପରୀକ୍ଷାରେ ସେ ୩୧୮ ର୍‍ୟାଙ୍କରେ ରହିଛନ୍ତି। ବିଷ୍ଣୁ ଗ୍ରାମରେ ପାଳନ ହେଉଥିବା ସାକ୍ଷରତା ଦିବସରେ ଅଭିଷେକଙ୍କୁ ଗ୍ରାମବାସୀ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ। ଏଥିରେ ବ୍ଲକ ଅଧ୍ୟକ୍ଷା ଦୁଲାରୀ ସୋରେଙ୍ଗ ମୁଖ୍ୟ ଅତିଥି, ଜଗନ୍ନାଥ ଲାକ୍ରା ସମ୍ମାନିତ ଅତିଥି ଭାବେ ଅଂଶଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ଅଞ୍ଚଳର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗ ଦେଇଥିଲେ। ଅଭିଷେକଙ୍କୁ ଏକ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରାଯାଇଥିଲା।


ଅଭିଷେକଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

## ବୁଲା ପ୍ରାଣୀଙ୍କଠାରୁ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ

**ସୁନ୍ଦରଗଡ, ୨୮।୧୨ (ଜୟ ନାରାୟଣ ମେଣ୍ଡୁଲି)**

ସୁନ୍ଦରଗଡ଼ ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଗତ ଶୁକ୍ରବାର ବୁଲା ଗାଈଗୋରୁ ଓ କୁକୁରଙ୍କ ପ୍ରତିରୋଧାତ୍ମକ ବ୍ୟବହାର ଏବଂ କୁକୁର କାମୁଡ଼ିବା ମାମଲାରେ ପ୍ରାଥମିକ ଚିକିତ୍ସା ସମ୍ପର୍କିତ ଏକ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ମହାବିଦ୍ୟାଳୟର ଭାରପ୍ରାପ୍ତ ଅଧ୍ୟକ୍ଷ ଆଲୋକ କୁମାର ନାଏକ ସଚେତନତା କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିବା ସହ ବୁଲା ଗାଈଗୋରୁଙ୍କଠାରୁ କିପରି ନିଜକୁ ସୁରକ୍ଷିତ ରଖାଯାଇପାରିବ ସେ ବିଷୟରେ ଆଲୋକପାତ କରିଥିଲେ। ପୂର୍ବତନ ମୁଖ୍ୟ ଜିଲା ପ୍ରାଣୀ ଚିକିତ୍ସାଧିକାରୀ ଡ଼ ବସନ୍ତ କୁମାର ଧଳ ମୁଖ୍ୟ ଅତିଥି ଭାବେ ଯୋଗଦାନ କରି ଆଲୋଚନା କରିଥିଲେ। ଜାତୀୟ ସେବା ଯୋଜନା କାର୍ଯ୍ୟକ୍ରମ ଅଧିକାରୀ ଶିବ ପ୍ରସାଦ ମହାନ୍ତି କାର୍ଯ୍ୟକ୍ରମ ପରିଚାଳନା ଏବଂ ଅନିତା କୁମାରୀ ପରିଜା ଧନ୍ୟବାଦ ଅର୍ପଣ କରିଥିଲେ। ମହାବିଦ୍ୟାଳୟର ଛାତ୍ରୀଛାତ୍ର, ଅଧ୍ୟାପିକା ଅଧ୍ୟାପକ ଏବଂ କର୍ମଚାରୀ ସକ୍ରିୟ ଅଂଶଗ୍ରହଣ କରିଥିଲେ।

## ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ୍: ପୌର ଏକାଦଶ ବିଜୟୀ


ଅତିଥିଙ୍କ ସହିତ ବିଜୟୀ ଓ ରନର୍ସ ଅପ୍ ଦଳର ଖେଳାଳି।

**ସୁନ୍ଦରଗଡ, ୨୮।୧୨ (ଜୟ ନାରାୟଣ ମେଣ୍ଡୁଲି)**

ସୁନ୍ଦରଗଡ଼ ଭବାନୀ ଭବନ ଖେଳ ପଡ଼ିଆରେ ରବିବାର ସୁନ୍ଦରଗଡ଼ ବିଧାୟକ ଯୋଗେଶ କୁମାର ସିଂହଙ୍କ ଦ୍ୱାରା ପରିଚାଳିତ ବିଧାୟକ ଏକାଦଶ ଦଳ ଏବଂ ସୁନ୍ଦରଗଡ଼ ପୌରପାଳିକା ଅଧ୍ୟକ୍ଷା ତନୟା ମିଶ୍ରଙ୍କ ଦ୍ୱାରା ପରିଚାଳିତ ପୌରପାଳିକା ଏକାଦଶ ଦଳ ମଧ୍ୟରେ ଏକ ବନ୍ଧୁତ୍ୱ କ୍ରିକେଟ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଏହି କ୍ରିକେଟ ମ୍ୟାଚ୍‌ରେ ୧୨ ଓଭର ଲେଖାଏଁ ଖେଳ ହୋଇଥିଲା। ବିଧାୟକ ଏକାଦଶ ଦଳର ଅଧିନାୟକ ସୁନ୍ଦରଗଡ଼ ବିଧାୟକ ସିଂହ ଥିବାବେଳେ ପୌରପାଳିକା ଅଧ୍ୟକ୍ଷା ଏକାଦଶ ଦଳର ଅଧିନାୟକ ୧୬ ନମ୍ବର ୱାର୍ଡର କାଉନସିଲର ସୁମନ୍ତ ସାହୁ ଥିଲେ। ମ୍ୟାଚ୍‌ରେ ବିଧାୟକ ଏକାଦଶ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୨ ଓଭରରେ ୭୫ ରନ କରିଥିଲେ। ଜବାବରେ ପୌର ଏକାଦଶ ଦଳ ବ୍ୟାଟିଂ କରି ୭ ଓଭରରେ ୭୬ ରନ୍ କରି ବିଜୟୀ ହୋଇଥିଲେ। ଏହି କ୍ରିକେଟ ମ୍ୟାଚ୍‌ରେ ଭାଜପା ନେତା ସନ୍ତୋଷ ଅମାତ ଏବଂ ବିଜେଡି ନେତା ଜୟ ନାରାୟଣ ତ୍ରିପାଠୀ ଅତିଥି ଭାବେ ଯୋଗ ଦେଇ ବିଜେତା ଓ ଉପବିଜେତା ଦଳକୁ ଟ୍ରଫି ପ୍ରଦାନ କରିଥିଲେ। ପୌର ଏକାଦଶ ଦଳର ବିଜୟ ବରୁଆ ମ୍ୟାନ ଅଫ ଦି ମ୍ୟାଚ ଘୋଷିତ ହୋଇ ପୁରସ୍କୃତ ହୋଇଥିଲେ। ଉପ ନଗରପାଳ ଲଲାଟେନ୍ଦୁ ପରିଡ଼ା, ପୌର ନିର୍ବାହୀ ଅଧିକାରୀ ବିକାଶ ମୁଣ୍ଡାରୀଙ୍କ ସମସ୍ତ କାଉନସିଲର ଓ ପୌର କର୍ମଚାରୀ ଉପସ୍ଥିତ ଥିଲେ।

## ଉପଖଣ୍ଡ ଚିକିତ୍ସାଳୟ ରାସ୍ତା ଅନ୍ଧାରରେ

**ଖଡ଼ିଆଳ, ୨୮।୧୨ (ସୁଜିତ କୁମାର ପ୍ରଧାନ)**

ନୂଆପଡ଼ା ଜିଲା ଖଡିଆଳ ଉପଖଣ୍ଡ ଚିକିତ୍ସାଳୟ ଯିବା ରାସ୍ତା ଅନ୍ଧାରରେ ରହିଛି। ଏହି ରାସ୍ତାରେ ଲାଗିଥିବା ବିଦ୍ୟୁତ୍ ଲାଇଟ୍ ଦୀର୍ଘଦିନ ହେଲା ଜଳୁ ନ ଥିବାରୁ ଏହା ଉପରେ ନିର୍ଭର କରୁଥିବା ରୋଗୀ ଓ ସମ୍ପର୍କୀୟଙ୍କ ସମେତ ୩ ଗ୍ରାମ ପଞ୍ଚାୟତ ଚନାବେଡା, ଭୋଜପୁର ଓ ଭୁଲିଆସିକୁଆଁର ଲୋକେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହି ସମସ୍ୟା ଯୋଗୁ ରୋଗୀ ତଥା ସମ୍ପର୍କୀୟ ଅନ୍ଧାରରେ ଯିବା ଆସିବା କରିବାକୁ ଭୟ କରୁଛନ୍ତି। ଅନ୍ଧାର ଯୋଗୁ ଲୋକେ ସନ୍ଧ୍ୟା ଓ ସକାଳ ଭ୍ରମଣ ବନ୍ଦ କରିଥିବା ପ୍ରକାଶ କରିଛନ୍ତି। ଜିଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

## କ୍ରିକେଟ ପ୍ରତିଯୋଗିତା ଉଦ୍‌ଯାପିତ
## ବଣେଇ ଫ୍ରେଣ୍ଡ୍‌ସ ଇଲେଭେନ ଚାମ୍ପିୟନ

**ଲହୁଣୀପଡା, ୨୮।୧୨ (ଦାଶରଥି ପଣ୍ଡା)**

ସୁନ୍ଦରଗଡ ଜିଲା କେ. ବଲାଙ୍ଗ ଥାନା ଅନ୍ତର୍ଗତ ଗୋପନା ଗ୍ରାମପଞ୍ଚାୟତର ବାନ୍ଧୁପଡ଼ା ସ୍ପୋର୍ଟସ ଆସୋସିଏଶନ ପକ୍ଷରୁ ବାନ୍ଧୁପଡ଼ା କ୍ରିକେଟ ଖେଳ ପଡ଼ିଆଠାରେ ଚାଲିଥିବା ତିନିଦିନିଆ କ୍ରିକେଟ ପ୍ରତିଯୋଗିତା ରବିବାର ଉଦ୍‌ଯାପିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ୧୬ଟି ଦଳ ଅଂଶଗ୍ରହଣ କରିଥିଲେ। ଫାଇନାଲ ଖେଳରେ ଏସ୍‌ଏସ୍ ଇଲେଭେନ କାଲଟା ଦଳକୁ ହରାଇ ଫ୍ରେଣ୍ଡ୍‌ସ ଇଲେଭେନ ବଣେଇ କ୍ରିକେଟ ଦଳ ଚାମ୍ପିୟନ ହୋଇଥିଲା। ଉଦ୍‌ଯାପନୀ ଉତ୍ସବରେ ବଣେଇ ବିଧାୟକ ଲକ୍ଷ୍ମଣ ମୁଣ୍ଡା ମୁଖ୍ୟ ଅତିଥି, ସମାଜସେବୀ ଓମନ୍ତ କୁମାର ମାହାନ୍ତ, ପାର୍ବତୀ ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବିଜେତା ଓ ଉପ ବିଜେତା ଦଳଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ସ୍ପୋର୍ଟସ ଆସୋସିଏଶନ ସଭାପତି ଦୀପକ ତନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ସମ୍ପାଦକ ବାବୁଲା ମାଝୀ ଅତିଥି ପରିଚୟ ପ୍ରଦାନ ଏବଂ ଦିଗ୍‌ବିଜୟ ମାହାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ। ଡୋଲାମଣି ମାହାନ୍ତ, ପଙ୍କଜ ତନ୍ତି, କିରଣ ମାଝୀ ମ୍ୟାଚ୍ ପରିଚାଳନା କରିଥିଲେ। ଗୌରାଙ୍ଗ ମାହାନ୍ତ, ଲୁଲୁ କିଷାନ, ରବି କିଷାନ, ଯଦୁମଣି ନାଏକ, ପବିତ୍ର କିଷାନ, ସୁରେଶ କିଷାନ, ଜୁନା କିଷାନ, କୈବର୍ତ୍ତ ସାହୁ, ଯଶୋବନ୍ତ ତନ୍ତି, ମଣ୍ଟୁ ସାହୁଙ୍କ ସମେତ କ୍ଲବ କର୍ମକର୍ତ୍ତା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ବିଜେତା ଦଳକୁ ଟ୍ରଫି ପ୍ରଦାନ କରାଯାଉଛି।

# ଟ୍ରକ୍ ଧକ୍କାରେ ସ୍କୁଟିଆରୋହୀ ଗୁରୁତର, ରାସ୍ତାରୋକୋ

**ବଲାଙ୍ଗୀର,୨୮।୧୨(ବୀରେନ୍ଦ୍ର କୁମାର ଝାଙ୍କର)**

ବଲାଙ୍ଗୀର ସହରରେ ରବିବାର ମର୍ମନ୍ତୁଦ ଦୁର୍ଘଟଣା ଯୋଗୁ ଉତ୍ତେଜନା ପ୍ରକାଶ ପାଇଛି। ଏପରି କି ଉତ୍ୟକ୍ତ ଲୋକେ ରାସ୍ତାରୋକୋ କରିଛନ୍ତି। ବଲାଙ୍ଗୀର ସହର ମଧ୍ୟଦେଇ ଯାଇଥିବା ବ୍ୟସ୍ତବହୁଳ ୨୬ ନମ୍ବର ଜାତୀୟ ରାଜପଥର ଶାସ୍ତ୍ରୀନଗର ଛକଠାରେ ରବିବାର ଅପରାହ୍ନରେ ଏକ ସ୍କୁଟିଆରୋହୀଙ୍କୁ ମାଲ୍ ବୋଝେଇ ଟ୍ରକ୍ ଧକ୍କା ଦେଇଛି। ସ୍କୁଟି ଆରୋହୀଙ୍କ ଗୋଡ ଉପରେ ଟ୍ରକ୍ ଚକ ମାଡି ଯିବାରୁ ପ୍ରବଳ ରକ୍ତସ୍ରାବ ହୋଇଥିଲା। ଖବରପାଇ ଟାଉନ୍ ଥାନା ପୋଲିସ ପିସିଆର ଭ୍ୟାନ୍ ଘଟଣାସ୍ଥଳରେ ପହଞ୍ଚି ଆହତ ବ୍ୟକ୍ତିଙ୍କୁ ଉଦ୍ଧାର କରି ଭୀମଭୋଇ ମେଡିକାଲ କଲେଜ ହସ୍ପିଟାଲକୁ ପଠାଇଥିଲା। ଦୁର୍ଘଟଣାରେ ଗୁରୁତର ହୋଇଥିବା ସ୍କୁଟି ଆରୋହୀ ହେଲେ ବଲାଙ୍ଗୀର ସହର ଚନ୍ଦ୍ରଶେଖର ନଗରର ଧରମାନନ୍ଦ ଦାଶ (୬୫) ବୋଲି ଜଣାପଡିଛି।



ଉତ୍ୟକ୍ତ ଲୋକେ ଟାୟାର ଜାଳି ରାସ୍ତାରୋକୋ କରିଛନ୍ତି।

ଦୁର୍ଘଟଣା ସମ୍ପର୍କରେ ଖବର ପାଇବା ପରେ ସ୍ଥାନୀୟ ଲୋକ ସେଠାରେ ରୁଣ୍ଡ ହୋଇ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏପରି କି ଟାୟାର ଜାଳି ରାସ୍ତା ଅବରୋଧ କରିଥିଲେ। ବଲାଙ୍ଗୀର ସହର ଭିତରକୁ ସକାଳ ୬ଟାରୁ ରାତି ୧୧ଟା ମଧ୍ୟରେ ଭାରୀଯାନ ଚଳାଚଳ ବନ୍ଦ କରାଯାଇଥିବାବେଳେ ଏହି ୧୦ ଚକିଆ ମାଲ୍ ବୋଝେଇ ଟ୍ରକ୍ କିଭଳି ସହର ଭିତରକୁ ପଶି ଆସିଲା ଏବଂ ପୋଲିସ ଟିମ୍ ଏହାକୁ କାହିଁକି ବାରଣ କଲାନାହିଁ ବୋଲି ଲୋକେ ପ୍ରଶ୍ନ କରି ନାରାବାଜି କରିଥିଲେ। ତୁରନ୍ତ ଗୁରୁତର ବୃଦ୍ଧଙ୍କୁ ୫ ଲକ୍ଷ ଟଙ୍କା କ୍ଷତିପୂରଣ ସହ ଉପଯୁକ୍ତ ଚିକିତ୍ସା ପାଇଁ ଲୋକମାନେ ଦାବି କରିଥିଲେ। ଲୋକଙ୍କ ଆନ୍ଦୋଳନ ପରେ ପୋଲିସ ଟିମ୍ ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିଥିଲା। ବେଶ୍ କିଛି ସମୟ ଧରି ସେଠାରେ ଉତ୍ତେଜନାପୂର୍ଣ୍ଣ ପରିସ୍ଥିତି ଦେଖାଯାଇଥିଲା। ଦାବିପୂରଣ ନ ହେଲେ ଆନ୍ଦୋଳନକାରୀ ରାସ୍ତାରୁ ହଟିବେ ନାହିଁ ବୋଲି ରୋକ୍‌ଠୋକ୍ କହିଥିଲେ। ସଦର ଏସ୍‌ଡିପିଓ ସରୋଜ କୁମାର ଉପାଧ୍ୟାୟ ଘଟଣାସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିବା ପରେ ଲୋକେ ଆନ୍ଦୋଳନ ପ୍ରତ୍ୟାହାର କରିଥିଲେ। ଦୁର୍ଘଟଣା ଘଟାଇଥିବା ଟ୍ରକ୍‌କୁ ପୋଲିସ ଜବତ କରିବା ସହ ଚାଳକଙ୍କୁ ଅଟକ ରଖି ପଚରାଉଚରା ଚଳାଇଛି।

# ମୃତକଙ୍କ ପରିବାରକୁ ଭେଟିଲେ ପୂର୍ବତନ ବିଧାୟକ



ମୃତ ମହିଳାଙ୍କ ପରିବାରକୁ ଭେଟୁଛନ୍ତି ପୂର୍ବତନ ବିଧାୟକ।

**ଲାଠୋର,୨୮।୧୨(ଭୁବନେଶ୍ୱର ବାରିକ)**

## ହାତୀ ଆକ୍ରମଣରେ ମହିଳାଙ୍କ ମୃତ୍ୟୁ ଘଟଣା

ବଲାଙ୍ଗୀର ଜିଲା ଲାଠୋର ରେଞ୍ଜ୍ ଅଧୀନ ବେନ୍ଦେର ରିଜର୍ଭ ଫରେଷ୍ଟ ନିକଟରେ କେତେକ ଗ୍ରାମରେ ୧ ସପ୍ତାହ ହେବ ହାତୀ ଉପଦ୍ରବ ଜାରି ରହିଛି। ଇତିମଧ୍ୟରେ ହାତୀପଲ ଚହକପଡ଼ା ଗ୍ରାମର ଜଣେ ମହିଳାଙ୍କୁ ଦଳି ମାରି ଦେଇଥିବାବେଳେ ଅନେକ ଲୋକଙ୍କ ଘର ଭାଙ୍ଗି ଖାଦ୍ୟଶସ୍ୟ ନଷ୍ଟ କରିଛନ୍ତି। ବନବିଭାଗ କର୍ମଚାରୀ ହାତୀଙ୍କ ଗତିବିଧି ଉପରେ ନଜର ରଖିଛନ୍ତି। ହେଲେ ହାତୀପଲକୁ ଘଉଡାଇବାରେ ସମ୍ପୂର୍ଣ୍ଣ ଭାବେ ସଫଳ ହୋଇପାରୁନାହିଁ। ପାଟଣାଗଡ଼ର ପୂର୍ବତନ ବିଧାୟକ ସରୋଜ ମେହେର ଶନିବାର ଚହକପଡ଼ା ଗ୍ରାମକୁ ପରିଦର୍ଶନରେ ଆସିଥିଲେ । ତାଙ୍କ ସହ ଲାଠୋର ପୂର୍ବତନ ଜିଲା ପରିଷଦ ସଭ୍ୟ ସତ୍ୟନାରାୟଣ ମେହେର, ରମେଶ ପଧାନ, ତେଲେନେପାଲି ସମିତି ସଭ୍ୟ ଶୁଖି ଶାଣ୍ଡେ, ବେନ୍ଦେର ସମିତି ସଭ୍ୟା ରୁକ୍ମଣୀ ମଲ୍ଲିକ, ପୂର୍ବତନ ସମିତି ସଭ୍ୟ ଅରୁଣ ପ୍ରଧାନ ସାମିଲ ଥିଲେ। ପ୍ରଥମେ ମୃତ ମହିଳାଙ୍କ ପରିବାର ଲୋକଙ୍କୁ ଭେଟି ସାନ୍ତ୍ୱନା ଦେବା ସହ କ୍ଷତିପୂରଣ ପାଇଁ ଜିଲାପାଳଙ୍କ ନିକଟରେ ଦାବି କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ସେହିପରି ଅନ୍ୟ ଲୋକଙ୍କ କ୍ଷୟକ୍ଷତି ଆକଳନ କରି ସେମାନଙ୍କୁ ମଧ୍ୟ ସରକାରୀ ସହାୟତା ପ୍ରଦାନ ପାଇଁ ଦାବି କରାଯିବ। ସରକାର ତୁରନ୍ତ ହସ୍ତକ୍ଷେପ କରି ଲୋକଙ୍କ ଧନଜୀବନ ସୁରକ୍ଷା ପାଇଁ ପଦକ୍ଷେପ ଗ୍ରହଣ କରିବାକୁ ମେହେର ଦାବି କରିଛନ୍ତି।



ଝାରସୁଗୁଡ଼ା ଜିଲାରେ ଖାଲି ପଡ଼ିଥିବା ୧୦୨ ହୋମ୍‌ଗାର୍ଡ ପଦବୀ ପାଇଁ ରବିବାର ସକାଳ ୮ଟାରେ ଓଏସ୍‌ଏପି ବାଟାଲିୟନ ପଡ଼ିଆରେ ଅନୁଷ୍ଠିତ ଲିଖିତ ପରୀକ୍ଷାରେ ଯୋଗଦେଇଥିବା ପରୀକ୍ଷାର୍ଥୀ।

# ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଯାପିତ

**ଟିଟିଲାଗଡ଼,୨୮।୧୨(ଶରତ ମିଶ୍ର)**

ଟିଟିଲାଗଡ଼ ଡିଏଭି ପବ୍ଲିକ୍ ସ୍କୁଲର ୨ ଦିନିଆ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ରବିବାର ଉଦ୍‌ଯାପିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଟିଟିଲାଗଡ଼ ବିଧାୟକ ନବୀନ ଜୈନ, ମୁଖ୍ୟବକ୍ତା ଭାବେ ଟିଟିଲାଗଡ଼ ଡିଏଭି ମହାବିଦ୍ୟାଳୟର ଅଧ୍ୟକ୍ଷ ଗୋବିନ୍ଦ ମେହେର, ପିଟିସିସି ସଦସ୍ୟ ମନୋଜ ପଟେଲ, ଡିଏଭି ସ୍କୁଲ ଅଧ୍ୟକ୍ଷ ବାଲ୍ କିଶନ ଶର୍ମା ପ୍ରମୁଖ ଉପସ୍ଥିତ ଥିଲେ। ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। କ୍ରୀଡ଼ା ଶିକ୍ଷକ ସନ୍ତୋଷ କୁମାର ସାହୁ ଖେଳ ପରିଚାଳନା କରିଥିବାବେଳେ ଅନ୍ୟ ଶିକ୍ଷୟିତ୍ରୀ, ଶିକ୍ଷକ ସହଯୋଗ କରିଥିଲେ।



କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ନବୀନ ଜୈନ ଓ ଅନ୍ୟମାନେ।

# କଂଗ୍ରେସର ପ୍ରତିଷ୍ଠା ଦିବସ ପାଳିତ

**ବଲାଙ୍ଗୀର,୨୮।୧୨(ବୀରେନ୍ଦ୍ର କୁମାର ଝାଙ୍କର)**

ସ୍ଥାନୀୟ ଜିଲା କଂଗ୍ରେସ କାର୍ଯ୍ୟାଳୟରେ ବଲାଙ୍ଗୀର ନଗର କଂଗ୍ରେସ ସଭାପତି ବୁଲୁ ଦାନୀଙ୍କ ଅଧ୍ୟକ୍ଷତାରେ ରବିବାର ଭାରତୀୟ ଜାତୀୟ କଂଗ୍ରେସର ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ପ୍ରଥମେ କଂଗ୍ରେସ ଦଳର ମହାପୁରୁଷମାନଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରାଯାଇଥିଲା। ଏହାପରେ ସ୍ଥାନୀୟ ଗାନ୍ଧୀନଗରପଡାସ୍ଥିତ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ଅର୍ପଣ କରି ଭାରତର ସ୍ୱାଧୀନତା ଆନ୍ଦୋଳନ ପାଇଁ କଂଗ୍ରେସର ମହାନ୍ ନେତାମାନଙ୍କ ସଂଘର୍ଷ, ତ୍ୟାଗ ଓ ବଳିଦାନ ବିଷୟରେ ବକ୍ତାମାନେ ମତବ୍ୟକ୍ତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲା କଂଗ୍ରେସ କମିଟି ଉପସଭାପତି ମନୀଷ ମିଶ୍ର, ଉମାଶଙ୍କର ପଣ୍ଡା, ବରିଷ୍ଠ କଂଗ୍ରେସ ନେତା ଜୁଲୁ ପଟ୍ଟନାୟକ, ଅଜୟ ବାଲି, ଅସିତ ମିଶ୍ର, ସାନନ୍ଦ ମିଶ୍ର, ସମୀର କୁମ୍ଭାର, ସୀତାରାମ କୁମ୍ଭାର, କୈଳାସ ମିଶ୍ର, ଦୀପନ ଯୋଷୀ, ନାସିର ଖାନ, ଅଙ୍କିତ ସାହୁ, କିରଣ ସେଠ, ଚିନ୍ମୟ ବେହେରା, ରଶ୍ମିରଞ୍ଜନ ପ୍ରଧାନ, ସୁମନ ସ୍ୱାଇଁ, ସୋହନ ନାଏକ, ଲଳିତ ପଟେଲ ଅଂଶଗ୍ରହଣ କରିଥିଲେ ।



ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ କଂଗ୍ରେସ ପକ୍ଷରୁ ମାଲ୍ୟାର୍ପଣ କରାଯାଉଛି।

# ଗୁରୁ ଘାସି ଦାସଙ୍କ ଜୟନ୍ତୀ

**ଖଡ଼ିଆଳ,୨୮।୧୨(ସୁଜିତ କୁମାର ପ୍ରଧାନ)**

ନୂଆପଡ଼ା ଜିଲା ଖଡିଆଳ ଜୟ ସତନମ ସମାଜ ପକ୍ଷରୁ ଗୁରୁ ଘାସି ଦାସଙ୍କ ୨୬୯ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଏକ ବିଶାଳ ଶୋଭାଯାତ୍ରା ଖଡିଆଳ ସହର ପରିକ୍ରମା କରିଥିଲ। ଏଥିରେ ଗୁରୁ ଘାସି ଦାସଙ୍କ ସମାଜ ପ୍ରତି ବାର୍ତ୍ତା ନେଇ ସମସ୍ତେ ଧଳା ବସ୍ତ୍ର ପରିଧାନ କରିଥିଲେ। ପାରମ୍ପରିକ ନୃତ୍ୟ ଗୀତ ସହ ବିଭିନ୍ନ ରଣକୌଶଳ ପ୍ରଦର୍ଶନ କରି ଖଡିଆଳ ନଗର ପରିକ୍ରମା କରିଛନ୍ତି।

# ବାଇକ୍-ଲୁନା ଧକ୍କା: ଜଣେ ମୃତ

**ବୀରମହାରାଜପୁର,୨୮।୧୨(ଯୁଗଳ କିଶୋର ମିଶ୍ର)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଉପଖଣ୍ଡ ଉଲୁଣ୍ଡା ବ୍ଲକ ଅନ୍ତର୍ଗତ କେସଲପୁରା ନିକଟ ପର୍ଡ଼ିଆମୁଡାଠାରେ ରବିବାର ଏକ ବାଇକ୍ ଓ ଲୁନା ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଛି। ଏଥିରେ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ୨ଜଣ ଗୁରୁତର ହୋଇଛନ୍ତି। ମୃତକ ହେଲେ କେସଲପୁରାର ବିପ୍ର ବେହେରା। ସୂଚନା ଅନୁସାରେ ଭାଲୁପାଲିର ପ୍ରକାଶ ମିର୍ଦ୍ଧା ଓ ମହନ ମିର୍ଦ୍ଧା ଏକ ବାଇକ୍ ଯୋଗେ ଆଡିଆ ଗ୍ରାମରୁ ନିଜ ଘରକୁ ଫେରୁଥିଲେ। ଏହି ସମୟରେ ବିପ୍ର ଲୁନାରେ ଆସୁଥିବା ବେଳେ ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ ସମସ୍ତେ ଛିଟିକିପଡ଼ି ଗୁରୁତର ହୋଇଥିଲେ। ସ୍ଥାନୀୟ ଲୋକେ ବିପ୍ରଙ୍କୁ ଉଦ୍ଧାର କରି ସୋନପୁର ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଅନ୍ୟପକ୍ଷେ ପ୍ରକାଶ ଓ ମହନଙ୍କୁ ଅଗ୍ନିଶମ ବାହିନୀ ଉଦ୍ଧାର କରି ଉଲୁଣ୍ଡା ଡାକ୍ତଖାନାରେ ଭର୍ତ୍ତି କରିଥିଲେ। ସେଠାରୁ ଉଭୟଙ୍କୁ ସୋନପୁର ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି।

# ଶିବିରରେ ୫୫ ୟୁନିଟ୍ ରକ୍ତ ସଂଗ୍ରହ

**ନୂଆପଡ଼ା,୨୮।୧୨ (ମକାରୁ ବେମାଲ)**

ନୂଆପଡ଼ା ଜିଲା ଖରିଆର ରୋଡ୍ ସେବା ସମିତି ଓ ଆଦର୍ଶ ଜୋଙ୍କ ଥାନାଙ୍କ ମିଳିତ ଆନୁକୂଲ୍ୟରେ ବୀରବାଲ ଦିବସ ଉପଲକ୍ଷେ ରବିବାର ଏକ ମେଗା ରକ୍ତଦାନ ଶିବିର ଥାନା ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସଚେତନ କରିବା ପାଇଁ ଏକ ଶୋଭାଯାତ୍ରାରେ ବାହାରି ସହର ପରିକ୍ରମା କରିଥିଲା। ଏଥିରେ ନୂଆପଡ଼ା ଜିଲାପାଳ ମଧୁସୂଦନ ଦାଶ, ଜିଲା ଆରକ୍ଷୀ ଅଧୀକ୍ଷକ ଅମୃତପାଲ ସିଂ, ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡ. ଧନେଶ୍ୱର ସେଠୀ, ନୂଆପଡା ଉପଖଣ୍ଡୀୟ ପୋଲିସ ଅଧିକାରୀ ଖିରେଶ୍ୱର ସାହୁ, ନୂଆପଡା ସଦର ବ୍ଲକ ଅଧ୍ୟକ୍ଷା ତାରେଶ୍ୱରୀ ସାହୁ, ଖରିଆର ରୋଡ୍ ଏନ୍‌ଏସି ଅଧ୍ୟକ୍ଷା ସୋନିଆ ଜୈନ, ସାହୁ ସମାଜ ଜିଲା ସଭାପତି ଧନିରାମ ସାହୁ, ଜୋଙ୍କ ଥାନା ଅଧିକାରୀ ପ୍ରଦୀପ କୁମାର ଧରୁଆ ପ୍ରମୁଖ ଯୋଗଦେଇ ରକ୍ତଦାତାମାନଙ୍କୁ ଉତ୍ସାହିତ କରିଥିଲେ। ଭାରତରେ ବୀରଙ୍କ ଅଭାବ ନାହିଁ, ବାଳିକା ବାଳକ ଜଣେ ଜଣେ ସଚ୍ଚା ବୀର, ସେମାନଙ୍କୁ ଆମେ କେବଳ ଏହି ଭଳି ରକ୍ତଦାନ ପରି ପୁଣ୍ୟ କାମରେ ସମ୍ମାନ ଦେଇପାରିବା ବୋଲି ଜିଲାପାଳ ଦାଶ କହିଥିଲେ। ଶିବିରରେ ୫୫ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା। ସ୍ୱେଚ୍ଛାକୃତ ରକ୍ତଦାତାଙ୍କୁ ମାନପତ୍ର ଦେଇ ସମ୍ମାନିତ କରାଯାଇଥିଲା।




ଶିବିରରେ ଉପସ୍ଥିତ ଅତିଥି ବୃନ୍ଦ।

# ଚିତ୍ରକଳାରେ ନାରୀଶକ୍ତି, ସଶକ୍ତୀକରଣ ପ୍ରଦର୍ଶିତ

**ସମ୍ବଲପୁର,୨୮।୧୨(ବି.ଶଙ୍କର)**

## ଚିତ୍ରକଳା ପ୍ରଦର୍ଶନୀ ଦୁର୍ଗା-୩ରେ ପଶ୍ଚିମ ଓଡ଼ିଶାର ୫୭ଜଣ ନାରୀ

ବନ୍ଦନା ଆର୍ଟ ଆୟୋଜିତ ଚିତ୍ରକଳା ପ୍ରଦର୍ଶନୀ ଦୁର୍ଗା- ୩ ରବିବାର ମଧ୍ୟାହ୍ନ ୧୨ଟାରେ ସମ୍ବଲପୁର ଅମୃତ ବିହାରସ୍ଥିତ ଗଙ୍ଗାଧର ମେହେର(ଜିଏୟୁ) ଆର୍ଟ ଗ୍ୟାଲେରିଠାରେ ଉଦ୍‌ଯାପିତ ହୋଇଛି। ସମଲପୁର ଆଇଆଇଏମ୍ ନିର୍ଦ୍ଦେଶକ ପ୍ରଫେସର ମହାଦେବ ଜୟସ୍ୱାଲ ମୁଖ୍ୟ ଅତିଥି , ଗଙ୍ଗାଧର ମେହେର ବିଦ୍ୟାଳୟ ଉପକୁଳପତି ଡ. ଉମାଚରଣ ପତି, ଜିଏମ୍‌ୟୁ ଭୀମଭୋଇ ଚେୟାର ଅଧ୍ୟକ୍ଷ ଡ. ପ୍ରଦୀପ କୁମାର ପଣ୍ଡା, ରାଷ୍ଟ୍ରିୟ ଗୋପାଳ ବିଦ୍ୟା ମନ୍ଦିର ପ୍ରିନ୍ସିପାଲ ଶାଲୁ ରାଜପୁତ ସମ୍ମାନୀତ ଅତିଥିଭାବେ ଯୋଗଦେଇ ୫୭ଜଣ ନାରୀ ଚିତ୍ରଶିଳ୍ପୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏଥିସହ ଚିତ୍ରାଙ୍କନ, ମେହେନ୍ଦି, ରଙ୍ଗୋଲି, ପୂଜା ଥାଳି ପ୍ରତିଯୋଗିତାର ୨୪ଜଣ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ସେହିପରି ପୂର୍ବରୁ ଆୟୋଜିତ ପଶ୍ଚିମ ଓଡ଼ିଶାର ପାରମ୍ପରିକ ଖାଦ୍ୟ ପ୍ରତିଯୋଗିତାର ୧୫ଜଣ ସଫଳତା ହାସଲ କରିଥିବା ନାରୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଚିତ୍ରକଳା ପ୍ରଦର୍ଶନୀ ମାଧ୍ୟମରେ ନାରୀମାନଙ୍କର ପ୍ରତିଭା ବିକଶିତ ହେବା ସହ ଶକ୍ତି ପ୍ରଦର୍ଶିତ ହୋଇଛି। ତେଣୁ ଚିତ୍ରଶିଳ୍ପୀମାନେ ପ୍ରଦର୍ଶନୀ ଜରିଆରେ ନାରୀ ସଶକ୍ତିକରଣର ବାର୍ତ୍ତା ଦେଇଛନ୍ତି ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଚିତ୍ରଶିଳ୍ପୀ ବନ୍ଦନା ପଣ୍ଡାଙ୍କ ପରିଚାଳନା ଓ ଚିତ୍ରଶିଳ୍ପୀ ସାଂସ୍କୃତିକା ପୁରୋହିତଙ୍କ ସଂଯୋଜନାରେ ଉତ୍ସବ ହୋଇଥିଲା । ଏଥିରେ ସମ୍ବଲପୁର ସମେତ ପଶ୍ଚିମ ଓଡ଼ିଶାର ବିଭିନ୍ନ ଜିଲାରୁ ୫୭ ଜଣ ନାରୀ ଚିତ୍ରଶିଳ୍ପୀଙ୍କ ମୋଟ ୩ ଶହଟି ଚିତ୍ରକଳା ଏବଂ ହସ୍ତକଳା ପ୍ରଦର୍ଶିତ ହୋଇଥିଲା। ଆଧୁନିକ ଚିତ୍ରକଳା, ସମେତ ନାରୀ ସଶକ୍ତିକରଣ, ଶ୍ରୀଜଗନ୍ନାଥ, ଗୌତମ ବୁଦ୍ଧ, ଗଣେଷ, ସମଲେଇ ଦେବୀ, ଶିବଲିଙ୍ଗ, ପିଞ୍ଜରା, ପକ୍ଷୀ, ଚାବି ପ୍ରଭୃତି ସ୍ଥାନିତ ହୋଇଥିଲା। ସତେ ଯେମିତି ରଙ୍ଗ ଓ ସୂକ୍ଷ୍ମତୁଳୀ ସ୍ପର୍ଶରେ ଚିତ୍ରକଳାଗୁଡିକ ଜୀବନ୍ତ ହୋଇଥିଲା । ଅନୁଭା ମୁଣ୍ଡା, ମାହି ଯାଦବ, ମଧୁ ପଣ୍ଡିତ, ମେଘା ଯାଦବ, ଆଦର୍ଶ ବହିଦାର, ଦିପ୍ତିମୟୀ ପ୍ରଧାନ, ସମିର ମହାରଣା, ଆର୍ଯ୍ୟନ ଶର୍ମା, ଅଙ୍କିତା ଜାଲ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।




ଚିତ୍ରକଳା ପ୍ରଦର୍ଶନୀ ଦୁର୍ଗା- ୩ରେ ଅତିଥିଙ୍କ ସହ ସମ୍ବର୍ଦ୍ଧିତ ଚିତ୍ରଶିଳ୍ପୀମାନେ।


କଂଗ୍ରେସର ୧୪୦ତମ ପ୍ରତିଷ୍ଠା ଦିବସ ଅବସରରେ ଦଳ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ ଏବଂ ପୂର୍ବତନ ଅଧ୍ୟକ୍ଷା ସୋନିଆ ଗାନ୍ଧୀ ରବିବାର ନୂଆଦିଲ୍ଲୀର ଇନ୍ଦିରା ଭବନଠାରେ ପତାକା ଉତ୍ତୋଳନ କରୁଛନ୍ତି।

# ଶକ୍ତି ବଳରେ ରୁଷିଆ ଲକ୍ଷ୍ୟ ହାସଲ କରିବ

## ଟ୍ରମ୍ପ-ଜେଲେନ୍‌ସ୍କି ବୈଠକ ପୂର୍ବରୁ ପୁଟିନ୍‌ଙ୍କ ଚେତାବନୀ

**ମସ୍କୋ,୨୮।୧୨**

ରୁଷିଆ-ୟୁକ୍ରେନ୍ ଯୁଦ୍ଧକୁ ୪ ବର୍ଷ ପୂରିବାକୁ ଯାଉଥିବାବେଳେ ଏହାର ପରିସମାପ୍ତି ପାଇଁ ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍‌ସ୍କି ରବିବାର ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍‌ଙ୍କୁ ଫ୍ଲୋରିଡ଼ାରେ ଭେଟୁଛନ୍ତି। ତେବେ ଏହାର କିଛି ଘଣ୍ଟା ପୂର୍ବରୁ ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍ କହିଛନ୍ତି, ମସ୍କୋ ୟୁକ୍ରେନ୍‌ରେ ଏହାର ସମସ୍ତ ଲକ୍ଷ୍ୟ ଜବରଦସ୍ତ ହାସଲ କରିବ। ଏଥିରୁ ଶାନ୍ତି କିମ୍ବା ଯୁଦ୍ଧର ଅବସାନ ପାଇଁ ପୁଟିନ୍ ଚାହୁଁ ନ ଥିବା ଜଣାପଡୁଛି। ପୁଟିନ୍ ଶନିବାର ରୁଷିଆ ସଶସ୍ତ୍ର ବଳର କମାଣ୍ଡ ପୋଷ୍ଟ ଗସ୍ତ କରିବା ଅବସରରେ ଏହା କହିଛନ୍ତି। ସେ କହିଛନ୍ତି, କିଭ୍ କର୍ତ୍ତୃପକ୍ଷ ଯଦି ଘଟଣାର ଶାନ୍ତିପୂର୍ଣ୍ଣ ସମାଧାନ ନ ଚାହାନ୍ତି, ଆମ ଆଗରେ ଥିବା ସମସ୍ତ ଲକ୍ଷ୍ୟକୁ ଆମେ ସ୍ୱତନ୍ତ୍ର ସାମରିକ ଅଭିଯାନ ଦ୍ୱାରା ପୂରା କରିବୁ।

# ମନ୍ କି ବାତ୍‌ରେ ପାର୍ବତୀ ଗିରିଙ୍କ ଅବଦାନକୁ ପ୍ରଧାନମନ୍ତ୍ରୀଙ୍କ ପ୍ରଶଂସା

**ନୂଆଦିଲ୍ଲୀ,୨୮।୧୨**



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରବିବାର ମନ୍ କୀ ବାତ୍‌ରେ ଓଡ଼ିଶାର ସ୍ୱାଧୀନତା ସଂଗ୍ରାମୀ ପାର୍ବତୀ ଗିରିଙ୍କ ଅବଦାନ ସମ୍ପର୍କରେ ଉଲ୍ଲେଖ କରିଛନ୍ତି। ଭାରତର ସ୍ୱାଧୀନତା ଆନ୍ଦୋଳନରେ ତାଙ୍କ ଭୂମିକା ଏବଂ ସାମାଜିକ ସେବା ପାଇଁ ଜୀବନବ୍ୟାପୀ ପ୍ରତିଶ୍ରୁତିବଦ୍ଧତାକୁ ପ୍ରଧାନମନ୍ତ୍ରୀ ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି। ସେ ପାର୍ବତୀଙ୍କୁ ପ୍ରେରଣାର ଉତ୍ସ ଭାବେ ବର୍ଣ୍ଣନା କରିବା ସହ କହିଛନ୍ତି, ବାସ୍ତବରେ ସ୍ୱୀକୃତି ପାଇବାକୁ ହକ୍‌ଦାର ଅନେକ ସ୍ୱାଧୀନତା ସଂଗ୍ରାମୀଙ୍କୁ ତାହା ମିଳିନାହିଁ। ପାର୍ବତୀ ଗିରି ସେମାନଙ୍କ ମଧ୍ୟରୁ ଅନ୍ୟତମ। ତାଙ୍କର ଜନ୍ମ ଶତବାର୍ଷିକୀ ଜାନୁଆରୀ ୨୬ରେ ପାଳନ କରାଯିବ। ତାଙ୍କ ତ୍ୟାଗ ଓ ଅବଦାନ ସମ୍ପର୍କରେ ମନେପକାଇବା ପାଇଁ ଏହା ଦେଶ ପାଇଁ ଏକ ସୁଯୋଗ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

ବିଜ୍ଞାନ, ନବୋନ୍ମେଷ ଏବଂ ପ୍ରଯୁକ୍ତିର ପ୍ରସାର କ୍ଷେତ୍ରରେ ଭାରତର ସଫଳତା ସାରା ବିଶ୍ୱର ଦେଶଗୁଡ଼ିକୁ ବେଶ୍ ପ୍ରଭାବିତ କରିଛି। ଭାରତର ଯୁବଶକ୍ତି ପାଇଁ ସମଗ୍ର ବିଶ୍ୱ ଏହାକୁ ବଡ଼ ଆଶା ନେଇ ଦେଖୁଛି। ନୂଆ ପିଢ଼ିଙ୍କୁ ତାମିଲ ଭାଷା ସହ ଯୋଡ଼ିବାରେ ଫିଜିର ଉଦ୍ୟମକୁ ପ୍ରଧାନମନ୍ତ୍ରୀ ଉଚ୍ଚ ପ୍ରଶଂସା କରିଛନ୍ତି। ସେହିପରି ଦୁବାଇରେ ରହୁଥିବା କନ୍ନଡ ପରିବାର ସେମାନଙ୍କ ପିଲାମାନଙ୍କୁ ଭାଷା ଶିକ୍ଷା ଦେବା ଲାଗି କନ୍ନଡ଼ ପାଠଶାଳା ଖୋଲିଥିବା ପ୍ରଧାନମନ୍ତ୍ରୀ ମନ୍ କୀ ବାତ୍‌ରେ କହିଛନ୍ତି।

# ଆଜି ସୁପ୍ରିମକୋର୍ଟରେ ଆରାବଳି ଶୁଣାଣି

**ନୂଆଦିଲ୍ଲୀ,୨୮।୧୨**

ଆରାବଳି ପର୍ବତମାଳା ଖନନ ସମ୍ପର୍କିତ ମାମଲାକୁ ସୁପ୍ରିମକୋର୍ଟ ନିଜଆଡୁ ବିଚାର ପାଇଁ ଗ୍ରହଣ କରିଛନ୍ତି। ଭାରତର ପ୍ରଧାନ ବିଚାରପତି (ସିଜେଆଇ)ଙ୍କ ନେତୃତ୍ୱରେ ୩ ଜଣିଆ ଖଣ୍ଡପୀଠ ସୋମବାର ଏହାର ଶୁଣାଣି କରିବ। ଏନେଇ ପୂର୍ବତନ ବନ ସଂରକ୍ଷଣ ଅଫିସର ଆର୍.ପି. ବଲୱାନ ସର୍ବୋଚ୍ଚ ଅଦାଲତରେ ପିଟିଶନ ଦାଏର କରିଥିଲେ। ସୁପ୍ରିମକୋର୍ଟ ନିଜଆଡୁ ଏହାକୁ ଶୁଣାଣି ପାଇଁ ଗ୍ରହଣ କରିଥିବାରୁ ପରିବେଶ କର୍ମୀ ଏବଂ ନଭେମ୍ବର ୨୦ ରାୟକୁ ନେଇ ଚିନ୍ତା ପ୍ରକଟ କରିଥିବା ଲୋକଙ୍କ ମଧ୍ୟରେ ଆଶା ସଞ୍ଚାର ହୋଇଛି। ଦିଲ୍ଲୀରୁ ଗୁଜରାଟ ଯାଏ ବ୍ୟାପିଥିବା ଆରାବଳି ପର୍ବତମାଳାରେ ନୂଆ ଖଣି ଲିଜ୍ ଦେବା ଉପରେ ସମ୍ପୂର୍ଣ୍ଣ ନିଷେଧାଦେଶ ଲଗାଇବା ପାଇଁ କେନ୍ଦ୍ର ପରିବେଶ ଓ ଜଙ୍ଗଲ ମନ୍ତ୍ରଣାଳୟ ଗତ ବୁଧବାର ସମସ୍ତ ସମ୍ପୃକ୍ତ ରାଜ୍ୟକୁ ନିର୍ଦ୍ଦେଶ ଦେଇଛନ୍ତି।

ଖଣି ଖନନ ଉଦ୍ଦେଶ୍ୟରେ କେନ୍ଦ୍ର ପରିବେଶ ମନ୍ତ୍ରଣାଳୟ ଆଣିଥିବା ଆରାବଳୀର ନୂଆ ସଂଜ୍ଞାକୁ ନଭେମ୍ବର ୨୦ରେ ସୁପ୍ରିମକୋର୍ଟ ଗ୍ରହଣ କରିଥିଲେ। ଉକ୍ତ ସଂଜ୍ଞା ଅନୁଯାୟୀ, ଆରାବଳି ଅଞ୍ଚଳର ୧୦୦ ମିଟରରୁ ଅଧିକ ଉଚ୍ଚତାକୁ ପର୍ବତ ଭାବେ ବିବେଚନା କରାଯିବ। ଫଳରେ ୧୦୦ ମିଟରରୁ କମ୍ ଉଚ୍ଚତା ମଧ୍ୟରେ ଆସୁଥିବା ପ୍ରାୟ ୯୦ ପ୍ରତିଶତ ଅଞ୍ଚଳକୁ ଖଣି ଖନନ ଅନୁମତି ଦିଆଗଲେ ଆରାବଳି ପାଇଁ ବିପର୍ଯ୍ୟୟ ଆଣିବ ବୋଲି ପରିବେଶବିତ୍ ଆଶଙ୍କା ବ୍ୟକ୍ତ କରିଥିଲେ।

# ବାଂଲାଦେଶରେ ହିଂସା ଉସୁକାଉଛନ୍ତି ସରକାର

## ଏଡିଟର୍ସ କାଉନ୍‌ସିଲ୍‌ର ଅଭିଯୋଗ

**ଢାକା,୨୮।୧୨(ପି.ଟି.)**

ଇନ୍‌କିଲାବ ମଞ୍ଚ ନେତା ଶରିଫ୍ ଓସ୍‌ମାନ ହାଦିଙ୍କ ମୃତ୍ୟୁ ପରେ ବାଂଲାଦେଶ ଅନ୍ତରୀଣ ସରକାରର ଗୋଟିଏ ଗୋଷ୍ଠୀ ନିକଟରେ ହିଂସାର ପ୍ରସାର ପାଇଁ ସୁଯୋଗ ଦେଇଥିବା ସ୍ଥାନୀୟ ଖବରକାଗଜ ସମ୍ପାଦକମାନଙ୍କ ସଂଗଠନ ଏଡିଟର୍ସ କାଉନ୍‌ସିଲ୍ ଅଭିଯୋଗ କରିଛି। ଗତ ୧୨ ତାରିଖରେ ହାଦି ଢାକାଠାରେ ନିର୍ବାଚନ ପ୍ରଚାର କରୁଥିବାବେଳେ ତାଙ୍କ ମୁଣ୍ଡକୁ ଗୁଳି କରାଯାଇଥିଲା। ଚିକିତ୍ସା ଚାଲିଥିବାବେଳେ ୧୮ ତାରିଖରେ ମୃତ୍ୟୁ ଘଟିଥିଲା। ସେହିଦିନ ସନ୍ଧ୍ୟାରେ ଉତ୍ତ୍ୟକ୍ତ ଲୋକେ ୨ଟି ସର୍ବାଧିକ ପ୍ରସାରିତ ଖବରକାଗଜ ଡେଲି ଷ୍ଟାର ଏବଂ


ମହମ୍ମଦ ୟୁନୁସ


ନୁରୁଲ କବିର

ପ୍ରଥୋମ ଅଲୋ କାର୍ଯ୍ୟାଳୟରେ ନିଆଁ ଲଗାଇଦେଇଥିଲେ। ଏଥିସହିତ ଉତ୍ତ୍ୟକ୍ତ ଲୋକଙ୍କ ଆକ୍ରମଣରେ ୫୦ ବର୍ଷର ପୁରୁଣା ସମୃଦ୍ଧ ସାଂସ୍କୃତିକ ସଂଗଠନ ଚୟାନତ ଏବଂ ଉଦିଚି ଶିଳ୍ପୀ ଗୋଷ୍ଠୀ ଧ୍ୱଂସ ହୋଇଥିଲା। କେନ୍ଦ୍ରୀୟ ମିମେନସିଂଠାରେ ସେମାନେ ଜଣେ ହିନ୍ଦୁଙ୍କୁ ପିଟି ମାରିଦେଇଥିଲେ। ଆକ୍ରମଣର ଦିନେ କିମ୍ବା ୨ ଦିନ ପୂର୍ବରୁ ପଥୋମ ଅଲୋ, ଡେଲି ଷ୍ଟାର୍ ଏବଂ ଛାୟାନାତକୁ ଧ୍ୱଂସ କରିବା ପାଇଁ ଘୋଷଣା କରାଯାଇଥିଲା ବୋଲି ସ୍ପଷ୍ଟ ଭାବେ ଜଣାଅଛି। ଏହି ଘୋଷଣା କିଏ କରିଥିଲେ ତାହା ଦେଶବାସୀ ଓ ସରକାର ଜାଣନ୍ତି ବୋଲି ଏଡିଟର୍ସ କାଉନସିଲ୍ ଅଧ୍ୟକ୍ଷ ନୁରୁଲ କବିର ଶନିବାର ବ୍ରଡକାଷ୍ଟ ଜର୍ନାଲିଷ୍ଟସ୍ ସେଣ୍ଟରର ଏକ କାର୍ଯ୍ୟକ୍ରମରେ କହିଛନ୍ତି। ଦେଶର ଆଇନ ଅନୁଯାୟୀ ଏଭଳି ଘୋଷଣା ଏକ ଅପରାଧ ବୋଲି ନ୍ୟୁ ଏଜ୍ ଖବରକାଗଜର ସମ୍ପାଦକ ଥିବା କବିର କହିଛନ୍ତି। ଉତ୍ତେଜନା ପ୍ରଶମିତ କରିବା ପାଇଁ ସରକାର ସେମାନଙ୍କୁ ଗିରଫ କଲେ ନାହିଁ। ତେଣୁ ସରକାରର ଗୋଟିଏ ଗୋଷ୍ଠୀ ହିଂସା ପାଇଁ ସୁଯୋଗ ଦେଇଥିଲେ ବୋଲି କୁହାଯାଇପାରିବ। ଏକ ସଂଗଠିତ ଶକ୍ତି ଏହି ଆକ୍ରମଣ ପରିଚାଳନା କରିଥିଲା। ଏପର୍ଯ୍ୟନ୍ତ ଏହି ମାମଲାରେ ଯେଉଁମାନେ ଗିରଫ ହୋଇଛନ୍ତି, ସେମାନଙ୍କ ରାଜନୈତିକ ପରିଚୟ ସ୍ପଷ୍ଟ ବୋଲି କବିର କହିଛନ୍ତି।

## ହାଦିଙ୍କ ହତ୍ୟାକାରୀ ଭାରତ ପଳାଇଛନ୍ତି: ଢାକା ପୋଲିସ

### ମେଘାଳୟ ପୋଲିସର ଖଣ୍ଡନ

**ଢାକା/ଶିଲଂ,୨୮।୧୨**

ବାଂଲାଦେଶର ଛାତ୍ରନେତା ଓସ୍‌ମାନ ହାଦିଙ୍କ ହତ୍ୟାକାରୀ ୨ ସନ୍ଦିଗ୍ଧଙ୍କ ମଧ୍ୟରୁ ଜଣେ ମେଘାଳୟ ସୀମା ଦେଇ ଭାରତ ପଳାଇଆସିଥିବା ଢାକା ମେଟ୍ରୋପଲିଟାନ ପୋଲିସ କହିଛି। ଡିଏମ୍‌ପି ମିଡିଆ ସେଣ୍ଟରରେ ଗଣମାଧ୍ୟମକୁ ସମ୍ବୋଧନ କରି ଅତିରିକ୍ତ କମିଶନର ଏସ୍.ଏନ୍. ନଜରୁଲ ଇସ୍‌ଲାମ କହିଛନ୍ତି, ସନ୍ଦିଗ୍ଧ ଫୈଜଲ କରିମ୍ ମାସୁଦ ଏବଂ ଆଲମଗିର ଶେଖ୍ ସ୍ଥାନୀୟ ସହକର୍ମୀଙ୍କ ସହଯୋଗରେ ମିମେନସିଂର ହାଲୁଆଘାଟ ସୀମା ଦେଇ ଭାରତ ପଳାଇଛନ୍ତି। ପୁର୍ଟି ନାମକ ଜଣେ ବ୍ୟକ୍ତି ସେମାନଙ୍କୁ ନେବା ପରେ ସାମି ନାମକ ଟ୍ୟାକ୍ସି ଡ୍ରାଇଭର ସେଠାରୁ ମେଘାଳୟର ତୁରା ସହରକୁ ନେଇଯାଇଥିଲେ। ତେବେ ଢାକା ପୋଲିସର ଏଭଳି ଅଭିଯୋଗକୁ ମେଘାଳୟ ପୋଲିସ ମୁଖ୍ୟାଳୟର ଜଣେ ଶୀର୍ଷ ଅଧିକାରୀ ଖଣ୍ଡନ କରିଛନ୍ତି। ଏହା ମିଥ୍ୟା ଓ ମନଗଢ଼ା କାହାଣୀ। ଜନସାଧାରଣଙ୍କୁ ଦ୍ୱନ୍ଦ୍ୱରେ ପକାଇବା ଏବଂ ମେଘାଳୟର ଶାନ୍ତି ଓ ସ୍ଥିରତାକୁ ନଷ୍ଟ କରିବା ପାଇଁ ବାଂଲାଦେଶ ଗଣମାଧ୍ୟମର ଗୋଟିଏ ଗୋଷ୍ଠୀ ଏଭଳି କାହାଣୀ ପ୍ରସ୍ତୁତ କରିଥିବା ସେ କହିଛନ୍ତି।

## ବାଂଲାଦେଶ ନିର୍ବାଚନ ପୂର୍ବରୁ ଏନ୍‌ସିପିରେ ଫାଟ

**ଢାକା,୨୮।୧୨(ପି.ଟି.)**

ବାଂଲାଦେଶରେ ଆଗାମୀ ଫେବୃଆରୀରେ ନିର୍ବାଚନ ହେବାକୁ ଥିବାବେଳେ ଏହା ପୂର୍ବରୁ ଜମାତ-ଇ-ଇସ୍‌ଲାମୀ ସହ ପ୍ରସ୍ତାବିତ ମେଣ୍ଟକୁ ନେଇ ଛାତ୍ରମାନଙ୍କ ନେତୃତ୍ୱରେ ଚାଲିଥିବା ନ୍ୟାଶନାଲ ସିଟିଜେନ୍ ପାର୍ଟି (ଏନ୍‌ସିପି)ରେ ଫାଟ ସୃଷ୍ଟି ହୋଇଛି। ଏନ୍‌ସିପିର ୩୦ ଜଣ ନେତା ଉକ୍ତ ଯୋଜନାକୁ ବିରୋଧ କରି ଏକ ମିଳିତ ପତ୍ର ଜାରି କରିଛନ୍ତି। ଏଥିସହିତ ଏହାର ୨ ପ୍ରମୁଖ ସଦସ୍ୟ ଇସ୍ତଫା ଘୋଷଣା କରିଛନ୍ତି।

ଗତବର୍ଷ ଜୁଲାଇ-ଅଗଷ୍ଟରେ ବାଂଲାଦେଶରେ ହିଂସାତ୍ମକ ଆନ୍ଦୋଳନ ଯୋଗୁ ଶେଖ୍ ହାସିନାଙ୍କ ସରକାର କ୍ଷମତାଚ୍ୟୁତ ହୋଇଥିଲା। ଏହି ଆନ୍ଦୋଳନର ନେତୃତ୍ୱ ନେଇଥିବା ଷ୍ଟୁଡେଣ୍ଟ୍ସ ଏଗେନେଷ୍ଟ ଡିସ୍‌କ୍ରିମିନେଶନ (ଏସ୍‌ଏଡି) ପ୍ରମୁଖ ଶାଖା ଏନ୍‌ସିପି।

# ଅପରେଶନ ସିନ୍ଦୂର ବେଳେ ବଙ୍କରକୁ ଯିବା ପାଇଁ ପାକ୍ ରାଷ୍ଟ୍ରପତିଙ୍କୁ କୁହାଯାଇଥିଲା

**ଇସ୍‌ଲାମାବାଦ,୨୮।୧୨**

ଗତ ଏପ୍ରିଲ ୨୨ରେ ପହଲଗାମ୍ ଆତଙ୍କବାଦୀ ଆକ୍ରମଣର ପ୍ରତିଶୋଧରେ ଭାରତୀୟ ସେନାର ସାମରିକ ଅଭିଯାନ ଅପରେଶନ ସିନ୍ଦୂର ବେଳେ ବଙ୍କରରେ ଆଶ୍ରୟ ନେବା ପାଇଁ ପାକିସ୍ତାନ ରାଷ୍ଟ୍ରପତି ଅସିଫ୍ ଅଲି ଜର୍ଦ୍ଦାରୀଙ୍କୁ ପରାମର୍ଶ ଦିଆଯାଇଥିଲା ବୋଲି ସେ ସ୍ୱୀକାର କରିଛନ୍ତି। ଶନିବାର ଏକ ସାଧାରଣ ଉତ୍ସବରେ ସେ କହିଛନ୍ତି, ଭାରତୀୟ ସେନା ଅପରେଶନ ସିନ୍ଦୂର ନାମରେ ଆକ୍ରମଣ କରିଥିବାରୁ ଯୁଦ୍ଧ ଆରମ୍ଭ ହୋଇଯାଇଥିବା ନେଇ ତାଙ୍କ ସାମରିକ ସଚିବ ତାଙ୍କୁ ଜଣାଇଥିଲେ। ଆମକୁ ବଙ୍କରକୁ ଯିବାକୁ ହେବ ବୋଲି ସେ କହିଥିଲେ। ତେବେ ଜର୍ଦ୍ଦାରୀ ଏଥିରେ ରାଜି ହୋଇ ନ ଥିଲେ ବୋଲି କହିଛନ୍ତି। ପାକ୍ ସେନା ଅପରେଶନ ସିନ୍ଦୂରର ଜୋର୍‌ଦାର ଜବାବ ଦେଇଥିଲା। ଯୁଦ୍ଧ ଭୟଙ୍କର ରୂପ ନେବ ବୋଲି ଆଶଙ୍କା କରାଯାଇଥିଲା। ତେବେ ୪ ଦିନର ଲଢ଼େଇ ପରେ ଉଭୟ ଦେଶ ଅସ୍ତ୍ରବିରତି ପାଇଁ ସହମତ ହୋଇଥିଲେ। ପାକିସ୍ତାନର ସାମରିକ ଅଭିଯାନ ମହାନିର୍ଦ୍ଦେଶକ ତାଙ୍କ ଭାରତୀୟ ପ୍ରତିପକ୍ଷଙ୍କୁ ଆକ୍ରମଣ ବନ୍ଦ କରିବା ପାଇଁ ପ୍ରସ୍ତାବ ଦେବା ପରେ ଭାରତ ଏହାକୁ ଗ୍ରହଣ କରିଥିଲା।

# ମାଲ୍‌ବାହୀ ଟ୍ରେନ୍ ଲାଇନଚ୍ୟୁତ

**ପାଟନା,୨୮।୧୨(ପି.ଟି.)**

ବିହାର ଜାମୁଇ ଜିଲାରେ ଶନିବାର ବିଳମ୍ବିତ ରାତିରେ ଏକ ମାଲ୍‌ବାହୀ ଟ୍ରେନ୍‌ର ୮ଟି ୱାଗନ୍ ଲାଇନଚ୍ୟୁତ ହୋଇଛି। ତେବେ ଏହି ଦୁର୍ଘଟଣାରେ କେହି ମୃତାହତ ହୋଇନାହାନ୍ତି। ହାୱଡ଼ା-ପାଟନା-ଦିଲ୍ଲୀ ରୁଟ୍‌ରେ ଟ୍ରେନ୍ ଚଳାଚଳ ବାଧାପ୍ରାପ୍ତ ହୋଇଛି। ଦୁର୍ଘଟଣାର କାରଣ ଜାଣିବା ପାଇଁ ତଦନ୍ତ ନିର୍ଦ୍ଦେଶ ଦିଆଯାଇଥିବା ଇଷ୍ଟର୍ନ ରେଲ୍‌ୱେର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି। ଇଷ୍ଟର୍ନ ରେଲ୍‌ୱେର ଆସାନସୋଲ ଡିଭିଜନ ଅନ୍ତର୍ଗତ ଲାହାବୋନ୍ ଏବଂ ସମୁଲତାଲା ଷ୍ଟେଶନ ମଧ୍ୟରେ ଦୁର୍ଘଟଣା ଘଟିଥିବାରୁ ରାତିସାରା ଉକ୍ତ ଲାଇନ୍‌ରେ ୨ ଡଜନ ଟ୍ରେନ୍ ଚଳାଚଳ ବାଧାପ୍ରାପ୍ତ ହୋଇଥିଲା। କେତେକ ଏକ୍ସପ୍ରେସ୍ ଟ୍ରେନ୍ ବାତିଲ ହେବା ସହ କେତେକ ଅନ୍ୟ ରୁଟ୍‌ରେ ଯାତ୍ରା କରିଥିଲେ। ଫଳରେ ଯାତ୍ରୀମାନେ ଅସୁବିଧାର ସମ୍ମୁଖୀନ ହୋଇଥିଲେ।




କର୍ନାଟକର କରୱାର ନାଭାଲ ବେସ୍‌ରେ ଥିବା ନୌସେନା ବୁଡ଼ାଜାହାଜ ଆଇଏନ୍‌ଏସ୍ ବାଘଶୀରରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ।

# ମରାଠୀ ନ କହିବାରୁ ୬ ବର୍ଷର ଝିଅଙ୍କୁ ମାରିଦେଲେ ମା'

**ମୁମ୍ବାଇ,୨୮।୧୨**

ମହାରାଷ୍ଟ୍ର ନଭି ମୁମ୍ବାଇ ଅନ୍ତର୍ଗତ କାଲାମ୍ବୋଲିର ଜଣେ ୩୦ ବର୍ଷୀୟା ମହିଳା ତାଙ୍କ ୬ ବର୍ଷର ଝିଅକୁ ହତ୍ୟା କରିବା ଅଭିଯୋଗରେ ଗିରଫ ହୋଇଛନ୍ତି। ଝିଅ ଠିକ୍ ଭାବେ ମରାଠୀ ଭାଷା କହିପାରୁ ନ ଥିବାରୁ ମହିଳା ଜଣଙ୍କ ଗତ ମଙ୍ଗଳବାର ତାଙ୍କୁ ତଣ୍ଟିଚିପି ହତ୍ୟା କରିଥିଲେ ବୋଲି କହିଛନ୍ତି। ଝିଅ ମୃତ୍ୟୁକୁ ସେ ହୃଦ୍‌ଘାତର ରୂପ ଦେବା ପାଇଁ ଉଦ୍ୟମ କରି ବିଫଳ ହୋଇଥିଲେ। କାରଣ ପୋଲିସ ତାଙ୍କ କଥା ଉପରେ ସନ୍ଦେହ କରି ବ୍ୟବଚ୍ଛେଦ ରିପୋର୍ଟ ମାଗିଥିଲେ। ରିପୋର୍ଟରୁ ଝିଅର ଶ୍ୱାସନଳୀ ଅବରୋଧ ହୋଇଥିବାର ସୂଚନା ମିଳିଥିଲା। ୬ ଘଣ୍ଟାର ଜେରା ପରେ ମହିଳା ଜଣକ ହତ୍ୟା କରିଥିବା ସ୍ୱୀକାର କରିଥିଲେ।

## ଫୁର୍‌ସତ

# ଚପଲ ପିନ୍ଧି ଗାଡ଼ି ଚଲାଇବା ମନା

**ନୂଆଦିଲ୍ଲୀ:** ବିଦେଶ ଭ୍ରମଣର ସ୍ୱପ୍ନ ଦେଖିବା ସମୟରେ ଲୋକେ ପ୍ରାୟତଃ ସୁନ୍ଦର ବେଳାଭୂମି, ଐତିହାସିକ ରାସ୍ତା ଏବଂ ସ୍ୱାଚ୍ଛନ୍ଦ୍ୟ ଜୀବନ କଥା ଭାବନ୍ତି। କିନ୍ତୁ ଯଦି ଏହି ସ୍ୱାଚ୍ଛନ୍ଦ୍ୟ ଆଇନ ସହିତ ସଂଘର୍ଷ କରେ, ତେବେ ଏହା ସେମାନଙ୍କ ପକେଟ ଉପରେ ବୋଝ ହୋଇପାରେ। ବହୁ ପରିଚିତ ୟୁରୋପୀୟ ପର୍ଯ୍ୟଟନ ସହର ଏବେ କଠୋର ନିୟମ ସହିତ ପର୍ଯ୍ୟଟକଙ୍କୁ ସ୍ୱାଗତ କରୁଛି। କିଛି ସ୍ଥାନରେ ବିକିନି ପିନ୍ଧିବା ଏକ ଅପରାଧ ତ ଅନ୍ୟ ସ୍ଥାନରେ ଚପଲ ପିନ୍ଧି ଗାଡ଼ି ଚାଳନାକୁ ମଧ୍ୟ ଏକ ଅପରାଧ ଭାବେ ବିବେଚନା କରାଯାଉଛି।

ଗତ କିଛିବର୍ଷ ମଧ୍ୟରେ କେତେକ ୟୁରୋପୀୟ ଦେଶରେ ଗଣ ପର୍ଯ୍ୟଟନ ଦ୍ରୁତ ବୃଦ୍ଧି ପାଇଛି। ଗ୍ରୀଷ୍ମ ଋତୁରେ ଅନେକ ଲକ୍ଷ ପର୍ଯ୍ୟଟକ ଛୋଟ ସହର ଏବଂ ଦ୍ୱୀପପୁଞ୍ଜକୁ ଯାଆନ୍ତି, ଯାହା ସ୍ଥାନୀୟ ଜୀବନକୁ ବ୍ୟାହତ କରିଥାଏ। ଶବ୍ଦ, ଅଳିଆ, ଅନୁଶାସନହୀନ ଆଚରଣ ଏବଂ ସାର୍ବଜନୀନ ସ୍ଥାନର ଅପବ୍ୟବହାର ଆଦି ସାଧାରଣ ସମସ୍ୟା ପାଲଟିଯାଉଛି। କର୍ତ୍ତୃପକ୍ଷମାନେ କହିଛନ୍ତି, ଏଭଳି ନିୟମଗୁଡ଼ିକ ପର୍ଯ୍ୟଟକଙ୍କୁ ଦଣ୍ଡ ଦେବା ପାଇଁ ନୁହେଁ ବରଂ ସହର ଏବଂ ସ୍ଥାନୀୟ ସଂସ୍କୃତିର ମର୍ଯ୍ୟାଦା ବଜାୟ ରଖିବା ପାଇଁ ଉଦ୍ଦିଷ୍ଟ।

ସ୍ପେନ, ଇଟାଲୀ, ଫ୍ରାନ୍ସ ଏବଂ କ୍ରୋଏସିଆର ବିଭିନ୍ନ ଉପକୂଳବର୍ତ୍ତୀ ସହରଗୁଡ଼ିକରେ ସ୍ପଷ୍ଟ ନିର୍ଦ୍ଦେଶ ରହିଛି ଯେ, ସୁଇମିଂପୁଲ୍ କିମ୍ବା ବିକିନି କେବଳ ବେଳାଭୂମିରେ ସୀମିତ ରହିବ। ବାର୍ସିଲୋନା, କାନ୍ସ, ଭେନିସ, ସ୍ପ୍ଲିଟ ଏବଂ ସୋରେଣ୍ଟୋ ଭଳି ସହରରେ ବିକିନି କିମ୍ବା ସନ୍ତରଣ ପୋଷାକ ପିନ୍ଧି ରାସ୍ତାରେ ବୁଲୁଥିବା ପର୍ଯ୍ୟଟକଙ୍କୁ ଜରିମାନା ଦେବାକୁ ପଡ଼ିପାରେ। କେତେକ ସ୍ଥାନରେ ଏହି ଜରିମାନା ୧ ଲକ୍ଷ ଟଙ୍କାରୁ ଅଧିକ ମଧ୍ୟ ହୋଇପାରେ।

ସ୍ପେନ, ଗ୍ରୀସ, ଇଟାଲୀ ଏବଂ ଫ୍ରାନ୍ସ ଭଳି ଦେଶରେ ଚପଲ ପିନ୍ଧି କାର୍ କିମ୍ବା ବାଇକ ଚଲାଇବା ବେଆଇନ। କାରଣ ଚପଲ ଆପଣଙ୍କ ପାଦରୁ ଖସିଯାଇପାରେ, ଯାହା ଦୁର୍ଘଟଣାର ଆଶଙ୍କା ବୃଦ୍ଧି କରେ। ଏପରି କ୍ଷେତ୍ରରେ ପ୍ରାୟ ୨୫ ହଜାରରୁ ୩୦ ହଜାର ଟଙ୍କା ଜରିମାନା ଲାଗୁ ହୋଇପାରେ। ଏହି ନିୟମ ପର୍ଯ୍ୟଟକ ଏବଂ ସ୍ଥାନୀୟ ଲୋକଙ୍କ ପାଇଁ ସମାନ ଭାବରେ ପ୍ରଯୁଜ୍ୟ।

ମାଲୋର୍କା, ଇବିଜା ଏବଂ କାନାରି ଦ୍ୱୀପପୁଞ୍ଜ ଭଳି ପାର୍ଟି ଗନ୍ତବ୍ୟସ୍ଥଳରେ, ରାସ୍ତାରେ ମଦ୍ୟପାନ କରିବା କଡ଼ାକଡ଼ି ନିଷେଧ। ସାର୍ବଜନୀନ ସ୍ଥାନରେ ମଦ୍ୟପାନ କରୁଥିବାବେଳେ ଧରାପଡ଼ିଲେ ଲକ୍ଷ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଜରିମାନା ଦେବାକୁ ପଡ଼ିପାରେ। ଗ୍ରୀସ ଭଳି ଦେଶରେ ବେଳାଭୂମିରୁ କଙ୍କଣ, ପଥର କିମ୍ବା ବାଲି ଉଠାଇବା ଏକ ଆଇନଗତ ଅପରାଧ। ଯେଉଁମାନେ ଏପରି କରି ଧରାପଡ଼ନ୍ତି ସେମାନଙ୍କୁ କଡ଼ା ଜରିମାନା କରାଯାଏ। ସେହିପରି ଭେନିସର ଐତିହାସିକ କେନାଲରେ ପହଁରିବା କଡ଼ା ନିଷେଧାଦେଶ ରହିଛି। ଏହି ନିୟମଗୁଡ଼ିକ ଭାଙ୍ଗିଲେ ଜରିମାନା ସହ ଆଇନଗତ କାର୍ଯ୍ୟାନୁଷ୍ଠାନ ମଧ୍ୟ ହୋଇପାରେ।

# ଏଲିଜାବେଥ' ଅବତାରରେ ହୁମା କୁରେଶୀ



କନ୍ନଡ଼ ସୁପରଷ୍ଟାର୍ ୟଶଙ୍କ ବହୁପ୍ରତୀକ୍ଷିତ ଚଳଚ୍ଚିତ୍ର 'ଟକ୍ସିକ: ଏ ଫେୟାରୀଟେଲ ଫର୍ ଗ୍ରୋନ-ଅପ୍ସ'କୁ ନେଇ ଦର୍ଶକଙ୍କ ମଧ୍ୟରେ ଉତ୍ସାହ ବଢ଼ିବାରେ ଲାଗିଛି। କିଆରା ଆଡଭାନୀଙ୍କ ପରେ ଏବେ ଏହି ଫିଲ୍ମରେ ବଲିଉଡ ଅଭିନେତ୍ରୀ ହୁମା କୁରେଶୀଙ୍କ ଏଣ୍ଟ୍ରି ହୋଇଛି। ରବିବାର ଫିଲ୍ମରୁ ତାଙ୍କର ଦମଦାର୍ ପ୍ରଥମ ଲୁକ ସାମ୍ନାକୁ ଆସିଛି। ଏହି ଚଳଚ୍ଚିତ୍ରରେ ହୁମା 'ଏଲିଜାବେଥ' ନାମକ ଏକ ଗୁରୁତ୍ୱପୂର୍ଣ୍ଣ ଚରିତ୍ରରେ ଅଭିନୟ କରୁଛନ୍ତି। ରିଲିଜ ହୋଇଥିବା ପୋଷ୍ଟରରେ ତାଙ୍କୁ ଏକ ଭିନ୍ନ ଓ ରହସ୍ୟମୟ ଅବତାରରେ ଦେଖିବାକୁ ମିଳିଛି। ତାଙ୍କର ଏହି ଲୁକ୍‌କୁ ଦର୍ଶକମାନେ ହଲିଉଡ ଚଳଚ୍ଚିତ୍ରର ଚରିତ୍ର ସହ ତୁଳନା କରୁଛନ୍ତି।

ଫିଲ୍ମର ନିର୍ଦ୍ଦେଶିକା ଗୀତୁ ମୋହନଦାସଙ୍କ କହିବା ଅନୁଯାୟୀ, 'ଏଲିଜାବେଥ' ଚରିତ୍ର ପାଇଁ କାଷ୍ଟିଂ କରିବା ସବୁଠାରୁ କଷ୍ଟକର ଥିଲା। ଏହି ରୋଲ ପାଇଁ ଜଣେ ଶକ୍ତିଶାଳୀ ଏବଂ ପ୍ରଭାବଶାଳୀ ଅଭିନେତ୍ରୀଙ୍କ ଆବଶ୍ୟକତା ଥିଲା। ହୁମାଙ୍କ ଅଭିନୟ ଦକ୍ଷତା ଏବଂ ଗମ୍ଭୀରତା ଏହି ଚରିତ୍ରକୁ ଜୀବନ୍ତ କରିପାରିବ ବୋଲି ସେ ବିଶ୍ୱାସ ପ୍ରକଟ କରିଛନ୍ତି।

ରକିଙ୍ଗ ଷ୍ଟାର୍ ୟଶଙ୍କ ଏହି ବହୁଭାଷୀ ଫିଲ୍ମଟି ୧୯ ମାର୍ଚ୍ଚ, ୨୦୨୬ରେ ବଡ଼ ପରଦାରେ ମୁକ୍ତିଲାଭ କରିବ। ଏଥିରେ କିଆରା ଆଡଭାନୀ, ନୟନତାରା ଏବଂ ହୁମା କୁରେଶୀଙ୍କ ଭଳି ବଡ଼ କଳାକାରମାନେ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ନଜର ଆସିବେ। କିଆରାଙ୍କ 'ନାଦିଆ' ଲୁକ ପରେ ହୁମାଙ୍କ 'ଏଲିଜାବେଥ' ଅବତାର 'ଟକ୍ସିକ' ଫିଲ୍ମ ପାଇଁ ଦର୍ଶକଙ୍କ ମନରେ ଉତ୍କଣ୍ଠାକୁ ଦ୍ୱିଗୁଣିତ କରିଦେଇଛି।

# ବଣଭୋଜି ବେଳେ ୨ ଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ

- ନିୟନ୍ତ୍ରଣ ପାଇଁ ପୋଲିସର ଲାଠିଚାଳନା
- ଥାନାରେ ୬ ଅଟକ

ଦାରିଙ୍ଗବାଡ଼ି, ୨୮।୧୨ (ଅରୁଣ ସାହୁ)


ପୋଲିସ ଗଣ୍ଡଗୋଳକାରୀଙ୍କୁ ଲାଠିରେ ପିଟୁଛି।


ଲାଠିମାଡ଼ ଭୟରେ ଏଣେ ତେଣେ ଦୌଡ଼ୁଥିବା ପର୍ଯ୍ୟଟକ ଗଣ୍ଡଗୋଳକାରୀ।

କନ୍ଧମାଳ ଜିଲ୍ଲା ଦାରିଙ୍ଗବାଡ଼ିରେ ବର୍ଷର ଶେଷ ରବିବାରରେ ବହୁ ସଂଖ୍ୟାରେ ପର୍ଯ୍ୟଟକଙ୍କ ଭିଡ଼ ଦେଖିବାକୁ ମିଳିଥିଲା। ଶୀତର ମଜା ନେବା ସହ ଅନେକ ପର୍ଯ୍ୟଟକ ଦାରିଙ୍ଗବାଡ଼ିର ଡୁଲୁରି ପାଇନ ବଣରେ ବଣଭୋଜି କରୁଥିଲେ। ତେବେ ଏହି ଭୋଜି ସମୟରେ କୌଣସି କାରଣରୁ ୨ ଗୋଷ୍ଠୀ ମଧ୍ୟରେ ପାଟିତୁଣ୍ଡ ହୋଇ ପରେ ମାରପିଟ୍ ହୋଇଥିଲା। ରୋଷେଇରେ ବ୍ୟବହୃତ ଚଟୁ, ବେଲା ସହ ଅନ୍ୟାନ୍ୟ ସାମଗ୍ରୀରେ ସେମାନେ ପରସ୍ପରକୁ ମାଡ଼ ମାରିଥିଲେ। ଖବରପାଇ ପୋଲିସ ପହଞ୍ଚି ସ୍ଥିତି ନିୟନ୍ତ୍ରଣ କରିବାକୁ ଉଭୟ ଗୋଷ୍ଠୀକୁ ବୁଝାଶୁଝା କରିଥିଲା। ତେବେ କେହି ନ ଶୁଣିବାରୁ ପୋଲିସକୁ ସେଠାରେ ଲାଠିଚାଳନା କରିବାକୁ ପଡିଥିଲା। ୬ ଜଣଙ୍କୁ ପୋଲିସ ଧରି ଆଣି ଥାନାରେ ଅଟକ ରଖି ପଚରାଉଚରା କରୁଛି। ଉଭୟ ଗୋଷ୍ଠୀ ରାନ୍ଧିଥିବା ଭୋଜି ଖାଇପାରି ନ ଥିଲେ।

ଖବରରୁ ଜଣାପଡିଛି, ରବିବାର ଦାରିଙ୍ଗବାଡ଼ି ଡୁଲୁରି ପାଇନ ବଣକୁ ପ୍ରାୟ ୩/୪ ହଜାର ଲୋକ ଭୋଜି କରିବାକୁ ଆସିଥିଲେ। ବ୍ରହ୍ମପୁରରୁ ଗୋଟିଏ ବସ୍ ଓ କାର ଏବଂ ଭୁବନେଶ୍ୱରରୁ ଗୋଟିଏ ବସ୍‌ରେ ପର୍ଯ୍ୟଟକମାନେ ଆସିଥିଲେ। ସେମାନେ ଦାରିଙ୍ଗବାଡ଼ି ବୁଲିବା ସହ ବଣଭୋଜି କରିବା ଯୋଜନାରେ ଆସିଥିଲେ। ଡୁଲୁରି ପାଇନ ବଣରେ ବ୍ରହ୍ମପୁର ଓ ଭୁବନେଶ୍ୱରର ପର୍ଯ୍ୟଟକମାନେ ପାଖାପାଖି ଭୋଜି କରୁଥିଲେ। ଭୋଜିରନ୍ଧା ସହ ନାଚଗୀତରେ ସମସ୍ତେ ମସ୍‌ଗୁଲ ଥିଲେ। ଏହି ସମୟରେ କୌଣସି କାରଣରୁ ଏହି ଦୁଇ ଗୋଷ୍ଠୀଙ୍କ ମଧ୍ୟରେ ବଚସା ହୋଇଥିଲା। ବଚସାରୁ ଏହା ଉଗ୍ରରୂପ ଧାରଣ କରିଥିଲା। ଉଭୟ ଗୋଷ୍ଠୀର ଲୋକେ ହାତାହାତି ହୋଇ ମାରପିଟ୍ ହୋଇଥିଲେ। କିଛି ସମୟ ସେଠାରେ ଭୟର ବାତାବରଣ ଖେଳିଯାଇଥିଲା। ଭୋଜି କରୁଥିବା କେତେକ ପର୍ଯ୍ୟଟକ ଡୁଲୁରି ଛାଡି ପଳାଇଥିଲେ। ବ୍ରହ୍ମପୁରର ପର୍ଯ୍ୟଟକମାନେ ଗୋଟିଏ ବୋଲେରୋ ଡ୍ରାଇଭରଙ୍କୁ ମଧ୍ୟ ଆକ୍ରମଣ କରିଛନ୍ତି। ଉଭୟ ଗୋଷ୍ଠୀର ଗଣ୍ଡଗୋଳରେ ଜଣେ ଆହତ ହୋଇଛନ୍ତି। ତାଙ୍କୁ ସାଥୀ ପର୍ଯ୍ୟଟକମାନେ ଦାରିଙ୍ଗବାଡି ହସ୍‌ପିଟାଲକୁ ନେଇଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ଛାଡ଼ି ଦିଆଯାଇଛି। ଏ ସମ୍ପର୍କରେ ସୂଚନା ପାଇ ଡୁଲୁରି ପର୍ଯ୍ୟଟନ କ୍ଷେତ୍ରର ପରିଚାଳକ ସଞ୍ଜୀବ ପ୍ରଧାନ ତୁରନ୍ତ ପ୍ଲିହେରୀ ସରପଞ୍ଚ ପାଉଲ ପ୍ରଧାନଙ୍କୁ ଫୋନ ଯୋଗେ ଏସବୁ ଜଣାଇଥିଲେ। ସରପଞ୍ଚ ଦାରିଙ୍ଗବାଡ଼ି ଥାନାକୁ ଖବର ଦେବା ପରେ ପୋଲିସ ପହଞ୍ଚି ଉଭୟ ଗୋଷ୍ଠୀଙ୍କୁ ବୁଝାଶୁଝା କରି ଗଣ୍ଡଗୋଳ ବନ୍ଦ କରିବାକୁ ଉଦ୍ୟମ କରିଥିଲା। ମାତ୍ର କେହି କିଛି ନ ଶୁଣିବାରୁ ପୋଲିସ ଲାଠିଚାଳନା କରିଥିଲା। ଦୁଇ ଗୋଷ୍ଠୀର ୫/୬ ଜଣ ଯୁବକଙ୍କୁ ପୋଲିସ ଧରି ନେଇ ଥାନାରେ ଅଟକ ରଖିଛି। ଘଟଣାର ଅଧିକ ତଦନ୍ତ ଚାଲିଛି। ଅତ୍ୟଧିକ ନିଶାସକ୍ତ ଅବସ୍ଥା ଯୋଗୁ ଏଭଳି ଘଟିଥିବା ଥାନା ଅଧିକାରୀ ତଥା ଡିଏସ୍‌ପି କନକ ମାଝୀ କହିଛନ୍ତି।

# ସମ୍ବଲପୁରରେ ପଶ୍ଚିମବଙ୍ଗ ପୋଲିସ

ସମ୍ବଲପୁର, ୨୮।୧୨ (ପ୍ରମୋଦ ବହିଦାର)


ଅଇଁଠାପାଲି ଥାନାରେ ପହଞ୍ଚିଥିବା ପଶ୍ଚିମବଙ୍ଗ ପୋଲିସ ଦଳ।

ସମ୍ବଲପୁରରେ ବଙ୍ଗାଳୀ ଶ୍ରମିକ ଜୁଏଲ୍ ରାଣା ଓରଫ ଆରିଫ ସେଖ୍(୧୯) ହତ୍ୟା ମାମଲାରେ ଜିରୋ ଏଫ୍‌ଆଇଆର୍ ରୁଜୁ କରିଛି ପଶ୍ଚିମବଙ୍ଗ ପୋଲିସ। ଏଥିସହ ଉକ୍ତ ଘଟଣାର ଛାନ୍‌ଭିନ୍ ପାଇଁ ରବିବାର ପଶ୍ଚିମବଙ୍ଗର ଏକ ୩ ଜଣିଆ ସ୍ୱତନ୍ତ୍ର ପୋଲିସ ଦଳ ସମ୍ବଲପୁରରେ ପହଞ୍ଚିଛି। ପଶ୍ଚିମବଙ୍ଗ ମୁର୍ଶିଦାବାଦ ଜଙ୍ଗିପୁର ସୁତି ଥାନାର ସବ୍‌ଇନ୍ସପେକ୍ଟର ମହମ୍ମଦ ସାହାଜାହାନ, ଏଏସ୍‌ଆଇ ଗୁଲାମ ଜାଫର ସିଦ୍ଦିକି ଓ କନ୍‌ଷ୍ଟେବଲ ପରିମଳ ଓରାଓଙ୍କୁ ନେଇ ଗଠିତ ସ୍ୱତନ୍ତ୍ର ଦଳ ସମ୍ବଲପୁର ପୋଲିସ ସହାୟତାରେ ଘଟଣାର ଦତନ୍ତ ଆରମ୍ଭ କରିଛି। ସମ୍ବଲପୁରରେ ହତ୍ୟାର କାରଣ ଓ ଏଥିରେ ପ୍ରକୃତରେ ସାମ୍ପ୍ରଦାୟିକ ଦିଗ ରହିଛି ନା ନାହିଁ ସେନେଇ ସେମାନେ ପୁଙ୍ଖାନୁପୁଙ୍ଖ ତଦନ୍ତ କରିବେ ବୋଲି କୁହାଯାଉଛି।

ସୂଚନାଯୋଗ୍ୟ, ଡିସେମ୍ବର ୨୪ତାରିଖରେ ଅଇଁଠାପାଲି ଥାନା ଅନ୍ତର୍ଗତ ଦାନିପାଲିରେ ସଂଘଟିତ ଉକ୍ତ ହତ୍ୟାକାଣ୍ଡକୁ ନେଇ

## ବଙ୍ଗାଳୀ ଶ୍ରମିକ ହତ୍ୟା ଘଟଣା

### ପଶ୍ଚିମବଙ୍ଗରେ ରୁଜୁ ହୋଇଛି ଜିରୋ ଏଫ୍‌ଆଇଆର୍

ଅଇଁଠାପାଲି ଥାନାରେ ଏକ ମାମଲା (ନଂ.୪୨୯/୨୫)ରୁଜୁ କରି ପୋଲିସ ତଦନ୍ତ ଆରମ୍ଭ କରିଥିଲା। ଏହି ଘଟଣାରେ ପୋଲିସ ସମସ୍ତ ୬ ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତମାନେ ବର୍ତ୍ତମାନ ଜେଲରେ ଅଛନ୍ତି। ଏଭଳି ସ୍ଥିତିରେ ଏହି ମାମଲାର ତଦନ୍ତ ପାଇଁ ପଶ୍ଚିମବଙ୍ଗରୁ ସ୍ୱତନ୍ତ୍ର ପୋଲିସ ଦଳ ସମ୍ବଲପୁର ଆସିବା ଆଗକୁ ଏଠାରେ ଏକ ବିବାଦୀୟ ପରିସ୍ଥିତି ସୃଷ୍ଟି ହେବା ଆଶଙ୍କା ରହିଛି। ସେହିପରି ଉକ୍ତ ହତ୍ୟା ଘଟଣାରେ ସମ୍ବଲପୁର ପୋଲିସ ଦ୍ୱାରା ପଦକ୍ଷେପ ଗ୍ରହଣ ପୂର୍ବକ ସମସ୍ତ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ତେଣୁ ଉକ୍ତ ଘଟଣାରେ ପଶ୍ଚିମବଙ୍ଗ ପୋଲିସର ଜିରୋ ଏଫ୍‌ଆଇଆର୍ ସମ୍ପୂର୍ଣ୍ଣ ମୂଲ୍ୟହୀନ ବୋଲି ପୋଲିସ ପକ୍ଷରୁ କୁହାଯାଇଛି।

# ବନ କର୍ମଚାରୀଙ୍କୁ ଆକ୍ରମଣ କରି ଜବତ କାଠକୁ ଛଡ଼ାଇନେଲେ

## ପାଟ୍ରୋଲିଂ ଗାଡ଼ି ଭଙ୍ଗାରୁଜା, ୧୨ ଘଣ୍ଟା ପରେ ଜଣେ ଅଟକ

ନୀଳଗିରି, ୨୮।୧୨ (ପ୍ରଶାନ୍ତ ବିଶ୍ୱାଳ)


ବନବିଭାଗର ପାଟ୍ରୋଲିଂ ଗାଡ଼ି।

ବାଲେଶ୍ୱର ଜିଲ୍ଲା ନୀଳଗିରି ରେଞ୍ଜରେ ଆତଙ୍କ ଖେଳାଇଛନ୍ତି କାଠ ଚୋରାଚାଲାଣକାରୀ। ଶନିବାର ରାତିରେ ପାଟ୍ରୋଲିଂ ବେଳେ ବନ କର୍ମଚାରୀଙ୍କୁ ଚୋରାଚାଲାଣକାରୀମାନେ ଆକ୍ରମଣ କରିବା ସହ ଗାଡ଼ିକୁ ଭଙ୍ଗାରୁଜା କରି ଜବତ କାଠକୁ ଛଡାଇ ନେଇଛନ୍ତି। ପୋଲିସ, ବନବିଭାଗ ପକ୍ଷରୁ ତଦନ୍ତ କରାଯାଇ ୧୨ ଘଣ୍ଟା ପରେ ଜଣଙ୍କୁ ଅଟକ ରଖାଯାଇ ରାସ୍ତା କଡ଼ରୁ ଖାଲି ଗାଡ଼ି ଜବତ କରାଯାଇଛି।

ରାତି ପ୍ରାୟ ୧୦ଟା ବେଳେ ନୀଳଗିରି ରେଞ୍ଜର ମନୱାର ଖାଁ ମୂଲ୍ୟବାନ ପିଆଶାଳ ଗଛ କାଟି ବାହାରକୁ ଚାଲାଣ ହେଉଥିବା ବିଶେଷ ସୂତ୍ରରୁ ଖବର ପାଇଥିଲେ। ରେଞ୍ଜରଙ୍କ ନିର୍ଦ୍ଦେଶରେ ନୀଳଗିରି ରେଞ୍ଜ ସଜନାଗଡ଼ ସେକ୍ସନର ବନରକ୍ଷୀ ବୁଦ୍ଧୁରାମ ହାଁସଦାଙ୍କ ସମେତ କେତେକ ବନ କର୍ମଚାରୀ ପିଠାହତା ପଞ୍ଚାୟତ ସିମିଳିହୁଡ଼ା ନିକଟରେ ପିଆଶାଳ କାଠ ଗଣ୍ଡି ଭର୍ତ୍ତି ଏକ ଭ୍ୟାନ୍ (ନଂ. ଓଡ଼ି ୦୧ବିଏ-୪୧୧୭)କୁ ଧରିଥିଲେ। ବନ କର୍ମଚାରୀଙ୍କୁ ଦେଖି ଚାଳକ ଜଣକ ଗାଡ଼ି ଛାଡ଼ି ଚମ୍ପଟ ମାରିଥିଲେ। ମାତ୍ର କିଛି ସମୟ ଭିତରେ ଚୋରା କାଠଚାଲାଣକାରୀଙ୍କ ସମେତ ୧୫-୨୦ ଜଣ ସହଯୋଗ ଘଟଣାସ୍ଥଳରେ ପହଞ୍ଚି ବନ କର୍ମଚାରୀଙ୍କୁ ଆକ୍ରମଣ କରିଥିଲେ। ଏଥିରେ ବନରକ୍ଷୀ ହାଁସଦା ଆହତ ହୋଇଥିଲେ। ସେହିପରି ବନବିଭାଗର ପାଟ୍ରୋଲିଂ ଗାଡ଼ିର କାଚକୁ ଭଙ୍ଗାରୁଜା କରିଥିଲେ। ଖବର ପାଇ ନୀଳଗିରି ରେଞ୍ଜର ଖାଁ ଘଟଣାସ୍ଥଳରେ ପହଞ୍ଚିବା ବେଳକୁ ସେମାନଙ୍କଠାରୁ ଜବତ କାଠ ଓ ଗାଡ଼ିକୁ ଛଡ଼ାଇ ନେଇଥିଲେ ଚାଲାଣକାରୀ। ଏ ନେଇ ରବିବାର ବରହମପୁର ପୋଲିସ ଓ ବନବିଭାଗ ପକ୍ଷରୁ ୧୨ଘଣ୍ଟାରୁ ଊର୍ଦ୍ଧ୍ୱ ତନାଘନା ପରେ ଟାଟା ଏସିଇ କାଠଗାଡ଼ିର ମାଲିକ ବରହମପୁର ଥାନା ଛତ୍ରପୁର ଅଞ୍ଚଳର ପ୍ରକାଶ ମହାପାତ୍ର ବୋଲି ବନବିଭାଗକୁ ସୂଚନା ମିଳିଥିଲା। ଏଥିସହ ଜଣଙ୍କୁ ଅଟକ ରଖି ପଚରାଉଚୁରା କରୁଥିବା ବେଳେ କିଶୋରଚନ୍ଦ୍ରପୁର ପଞ୍ଚାୟତ ଟୁଲୁକ ଡାଙ୍ଗ ନିକଟ ରାସ୍ତା କଡ଼ରୁ ଉକ୍ତ ଟାଟା ଏସିଇକୁ ଜବତ କରାଯାଇଥିଲା। ହେଲେ ଖାଲି ଗାଡ଼ିଟିକୁ ବନବିଭାଗ ନିଜ ଆୟତ୍ତକୁ ନେଇଛି।

# ଚୋରି ବେଳେ ଧରାପଡ଼ିଲେ ଯୁବକ
# ବିଦ୍ୟୁତ୍ ଖୁଣ୍ଟରେ ବାନ୍ଧି ମାଡ଼

ଭଦ୍ରକ, ୨୮।୧୨ (ସନାତନ ରାଉତ)


ବିଦ୍ୟୁତ୍ ଖୁଣ୍ଟରେ ବନ୍ଧା ହୋଇଥିବା ଯୁବକ।

ଭଦ୍ରକ ପୁରୁଣାବଜାର ଥାନା ଅଧୀନ ସଚ୍ଛିଆ ଗ୍ରାମରେ ରବିବାର ଚୋରି କରି ପଳାଉଥିବା ଜଣେ ଯୁବକଙ୍କୁ କାବୁ କରି ଗ୍ରାମବାସୀ ବିଦ୍ୟୁତ୍ ଖୁଣ୍ଟରେ ବାନ୍ଧି ମାଡ଼ ମାରିବା ସହ ପୋଲିସ ଜିମା ଦେଇଛନ୍ତି। ସୂଚନା ଅନୁଯାୟୀ, ଉକ୍ତ ଯୁବକ ଭୋର ସମୟରେ ଗ୍ରାମର ଜଣେ ବ୍ୟକ୍ତିଙ୍କ ଘରୁ ଚୋରି କରି ପଳାଇ ଯାଉଥିବା ବେଳେ ଗ୍ରାମବାସୀ ତାଙ୍କୁ କାବୁ କରିଥିଲେ। ପରେ ଗାଁ ମଝିରେ ଥିବା ବିଦ୍ୟୁତ୍ ଖୁଣ୍ଟରେ ତାଙ୍କୁ ଗୋଡ଼ଠାରୁ ଅଣ୍ଟା ପର୍ଯ୍ୟନ୍ତ ବାନ୍ଧି ଦେଇ ମାଡ଼ ମାରିଥିଲେ। ଖବରପାଇ ପୁରୁଣାବଜାର ପୋଲିସ ଘଟଣାସ୍ଥଳରେ ପହଞ୍ଚି ଉକ୍ତ ଯୁବକଙ୍କୁ ଥାନାକୁ ନେଇ ଅଟକ ରଖିଛି। ବିଭିନ୍ନ ସମୟରେ ଉକ୍ତ ଯୁବକ ଚୋରି କରି କୌଶଳକ୍ରମେ ଖସି ଯାଉଥିବା ବେଳେ ଏଥର ଧରାପଡ଼ିଛନ୍ତି ବୋଲି ଗ୍ରାମବାସୀ କହିଛନ୍ତି। ତେବେ ଯୁବକ ଜଣକ ଏତେମାତ୍ରାରେ ନିଶାସକ୍ତ ହୋଇଛନ୍ତି ଯେ ସେ ଠିକ୍ ଭାବେ କଥା ମଧ୍ୟ କହିପାରୁ ନାହାନ୍ତି। ତାଙ୍କଠାରୁ ବସ୍ତାରେ ରଖିଥିବା ଚୋରି ସାମଗ୍ରୀ ତଥା ବାସନକୁସନ ପୋଲିସ ଜବତ କରି ତଦନ୍ତ ଚଳାଇଛି। ଉକ୍ତ ଯୁବକଙ୍କର ଏପର୍ଯ୍ୟନ୍ତ ପରିଚୟ ମିଳି ନ ଥିବା ଥାନାଧିକାରୀ ସୁଶାନ୍ତ ସାହୁ କହିଛନ୍ତି।

## Business

# ଗଢ଼ିଲା ୧୫ ବନ୍ଦେ ଭାରତ, ୧୩ ଅମୃତ ଭାରତ ଟ୍ରେନ୍

ଭୁବନେଶ୍ୱର, ୨୮।୧୨ (ଅନୁରାଧା ମହାରଣା)


ଅଶ୍ୱିନୀ ବୈଷ୍ଣବ

### ଭାରତୀୟ ରେଳପଥର ଉପଲବ୍ଧି ସମୀକ୍ଷା

- ୪୩,୦୦୦ରୁ ଅଧିକ ସ୍ୱତନ୍ତ୍ର ଟ୍ରେନ୍ ଚଳାଚଳ

୨୦୨୫ରେ ଭାରତୀୟ ରେଳର ବିଭିନ୍ନ ଉପଲବ୍ଧି ସମ୍ପର୍କରେ ସମୀକ୍ଷା କରାଯାଇଛି। ବିଦାୟୀ ବର୍ଷରେ ରେଳପଥ ୧୫ଟି ନୂଆ ବନ୍ଦେ ଭାରତ ଟ୍ରେନ ଚଳାଚଳ କରିଥିଲା। ଏଥିସହିତ ଦେଶବ୍ୟାପୀ ମୋଟ ବନ୍ଦେ ଭାରତ ଟ୍ରେନ ସଂଖ୍ୟା ୧୬୪ରେ ପହଞ୍ଚିଛି ଯାହା ଯାତ୍ରୀଙ୍କୁ ସୁରକ୍ଷିତ, ସୁଲଭ ଏବଂ ଆରାମଦାୟକ ଯାତ୍ରା ଅନୁଭୂତି ପ୍ରଦାନ କରୁଛି । ସେହିପରି ସମ୍ପୂର୍ଣ୍ଣ ଶୀତତାପ ନିୟନ୍ତ୍ରିତ ୧୩ଟି ଅମୃତ ଭାରତ ଟ୍ରେନ ଚଳାଚଳ କରିଛି, ଫଳରେ ଏବେ ଅମୃତ ଭାରତ ଟ୍ରେନ ସଂଖ୍ୟା ୩୦ରେ ପହଞ୍ଚିଛି। ଭୁଜ - ଅହମ୍ମଦାବାଦ ଏବଂ ଜୟନଗର - ପାଟନା ମଧ୍ୟରେ ୨ଟି ନମୋ ଭାରତ ରାପିଡ ରେଳ ସେବା କାର୍ଯ୍ୟକ୍ଷମ ହୋଇଛି। ନିୟମିତ ସେବା ବ୍ୟତୀତ, ଅତିରିକ୍ତ ଭିଡ଼କୁ ନିୟନ୍ତ୍ରଣ କରିବା ପାଇଁ ୨୦୨୫ରେ ରେଲୱେ ୪୩,୦୦୦ରୁ ଅଧିକ ସ୍ୱତନ୍ତ୍ର ଟ୍ରେନ ଚଳାଚଳ କରିଥିଲା। ମହାକୁମ୍ଭ ପାଇଁ ୧୭,୩୪୦ରୁଅଧିକଟ୍ରେନଯାତ୍ରା କରିଥିଲା। ଏହାବ୍ୟତୀତ ୧୧୧୪ ହୋଲି ସ୍ପେଶାଲ, ୧୨,୪୧୭ ଗ୍ରୀଷ୍ମ ସ୍ୱତନ୍ତ୍ର, ୧୨,୩୮୩ ଛଟ ପୂଜା ସ୍ୱତନ୍ତ୍ର ଟ୍ରେନ ଚଳାଚଳ କରିଥିଲା। ୧ ଏପ୍ରିଲରୁ ୩୦ ନଭେମ୍ବର ୨୦୨୫ ମଧ୍ୟରେ ୯୦୦ କିଲୋମିଟର ନୂଆ ରେଳଲାଇନ କାର୍ଯ୍ୟକ୍ଷମ ହୋଇଥିଲା। ସେହିପରି ୬୮୮୦ ଟ୍ରାକ କିମି ରେଳର ନବୀକରଣ କରାଯାଇଥିଲା। ୭୦୫୧ ଟ୍ରାକ କିମି ଟ୍ରେନ ଲାଇନ ନବୀକରଣ କରାଯାଇଥିଲା। ୨୦୧୪୨୫ ଅବଧି ମଧ୍ୟରେ ଭାରତୀୟ ରେଲଓ୍ୱେରେ ପ୍ରତିଦିନ ହାରାହାରି ୮.୫୭ କିଲୋମିଟର ବେଗରେ ମୋଟ ୩୪,୪୨୮ କିଲୋମିଟର ନୂତନ ଟ୍ରାକ ବିଛାଯାଇଥିଲା, ଯାହା ୨୦୦୯୧୪ ଅବଧିରେ ପ୍ରତିଦିନ ହାରାହାରି କମିଶନିଂ (୪.୨ କିଲୋମିଟର/ଦିନ) ତୁଳନାରେ ଦୁଇଗୁଣରୁ ଅଧିକ। ଏହାବ୍ୟତୀତ ୫୯୯ ଟ୍ରାକ କିମିରେ ସେକ୍ସନ ଗତିକୁ ଘଣ୍ଟାପ୍ରତି ୧୩୦ କିମି ଏବଂ ୪୦୬୯ ଟ୍ରାକ କିମିରେ ଘଣ୍ଟାପ୍ରତି ବେଗକୁ ୧୧୦ କିମିକୁ ବୃଦ୍ଧି କରାଯାଇଥିଲା। ଏବେ ସୁଦ୍ଧା ଦେଶର ୯୯.୨% ବ୍ରଡ ଗଜ ରେଳ ନେଟୱର୍କର ବିଦ୍ୟୁତୀକରଣ କରାଯାଇଛି। ଏହା ବ୍ରିଟେନ, ରୁଷ ଓ ଚାଇନା ଭଳି ଦେଶଠାରୁ ଅଧିକ। ମୋଟ ୧୪ଟି ରେଳ ଜୋନ ଏବଂ ୨୫ଟି ରାଜ୍ୟ/କେନ୍ଦ୍ର ଶାସିତ ପ୍ରଦେଶରେ ଶତପ୍ରତିଶତ ବିଦ୍ୟୁତୀକରଣ କରାଯାଇଛି। ୨୦୨୫ରେ ଭାରତୀୟ ରେଳପଥ ୧,୧୬୧ ରୋଡ ଓଭର ବ୍ରିଜ ଏବଂ ରୋଡ ଅଣ୍ଡର ବ୍ରିଜ ନିର୍ମାଣ କରିଥିଲା। ଗତ ୧୧ ବର୍ଷ ମଧ୍ୟରେ ମୋଟ ୧୩,୦୦୦ ବ୍ରିଜ ନିର୍ମାଣ କରାଯାଇଛି। ୨୦୨୫-୨୬ରେ ୪,୨୨୪ଟି ଏଲଏଚବି କୋଚ ଉତ୍ପାଦନ ହୋଇଥିଲା। ଗତ ଦଶନ୍ଧିରେ ଏଲଏଚବି କୋଚ ଉତ୍ପାଦନ ପରିମାଣ ପୂର୍ବ ଦଶନ୍ଧି ତୁଳନାରେ ୧୮ ଗୁଣ ବୃଦ୍ଧି ପାଇଛି। ଏହି ସମୟ ମଧ୍ୟରେ ମୋଟ ୪୨,୬୦୦ ଏଲଏଚବି କୋଚ ନିର୍ମାଣ କରାଯାଇଛି ।

ଭାରତ ପମ୍ବନରେ ଏହାର ପ୍ରଥମ ଭୂଲମ୍ବ-ଲିଫ୍ଟ ରେଳ ସେତୁ ଖୋଲିଥିଲା ଏବଂ ସବୁଦିନିଆ ରେଳ ସଂଯୋଗ (ବିଶ୍ୱର ସର୍ବୋଚ୍ଚ ଚେନାବ ସେତୁ ସମେତ) ସହିତ କଶ୍ମୀରରେ ଯୋଗାଯୋଗ ସୁଦୃଢ଼ କରିଥିଲା। ଏହା ସହିତ ଭାରତ ନୂତନ ବୈରାବି-ସାଇରାଙ୍ଗ ଲାଇନ ସହିତ ଉତ୍ତର-ପୂର୍ବକୁ ରେଳ ସଂଯୋଗ ବିସ୍ତାର କରିଥିଲା। ମୁମ୍ବାଇ-ଅହମଦାବାଦ ହାଇସ୍ପିଡ ରେଳ ପ୍ରକଳ୍ପର ୫୫.୬୩% ନିର୍ମାଣ କାର୍ଯ୍ୟ ଅଗ୍ରଗତି କରିସାରିଛି । ୨୦୨୫-୨୬ ଆର୍ଥିକ ବର୍ଷରେ ପ୍ରଧାନମନ୍ତ୍ରୀ ୪୨ଟି ରେଳପ୍ରକଳ୍ପ ଲୋକାର୍ପଣ କରିଥିଲେ। ଭାରତୀୟ ରେଲଓ୍ୱେ ସୁରକ୍ଷା କାର୍ଯ୍ୟଦକ୍ଷତାରେ ଉଲ୍ଲେଖନୀୟ ଅଗ୍ରଗତି ହାସଲ କରିଥିବା ସୂଚନା ଦିଆଯାଇଛି। ୨୦୦୪-୧୪ ମଧ୍ୟରେ ୧୭୧୧ (ବାର୍ଷିକ ହାରାହାରି ୧୭୧) ଟ୍ରେନ ଦୁର୍ଘଟଣା ଘଟିଥିଲା ବେଳେ ୨୦୨୪-୨୫ ରେ ଏହା ୩୧କୁ ହ୍ରାସ ପାଇଛି ଏବଂ ୨୦୨୫-୨୬ ରେ (ନଭେମ୍ବର, ୨୦୨୫ ପର୍ଯ୍ୟନ୍ତ) ୧୧କୁ ହ୍ରାସ ପାଇଛି।

# ପ୍ରମୁଖ ସହରରେ ହେବ କୋଚିଂ ଟର୍ମିନାଲର ବିସ୍ତାର

ଭୁବନେଶ୍ୱର, ୨୮।୧୨ (ଅନୁରାଧା ମହାରଣା)

ବର୍ଦ୍ଧିତ ଯାତ୍ରୀ ଚାହିଦା ପୂରଣ କରିବା ଏବଂ ଭିଡ଼ ହ୍ରାସ କରିବା ପାଇଁ ଆମେ ପ୍ରମୁଖ ସହରଗୁଡ଼ିକରେ କୋଚିଂ ଟର୍ମିନାଲଗୁଡ଼ିକର ବିସ୍ତାର କରୁଛୁ। ଏହି ପଦକ୍ଷେପ ରେଳ ନେଟୱର୍କକୁ ଉନ୍ନତ କରିବ ଏବଂ ଦେଶବ୍ୟାପୀ ସଂଯୋଗୀକରଣରେ ଉଲ୍ଲେଖନୀୟ ଉନ୍ନତି ଆଣିବ। ରେଳ, ସୂଚନା ଏବଂ ପ୍ରସାରଣ, ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଏପରି କହିଛନ୍ତି। ସେ କହିଛନ୍ତି, ଯାତ୍ରା ଚାହିଦାରେ ଦ୍ରୁତ ନିରନ୍ତର ଅଭିବୃଦ୍ଧିକୁ ଦୃଷ୍ଟିରେ ରଖି, ଆଗାମୀ ୫ ବର୍ଷ ମଧ୍ୟରେ ନୂତନ ଟ୍ରେନ ଆରମ୍ଭ କରିବା ପାଇଁ ପ୍ରମୁଖ ସହରଗୁଡ଼ିକର କ୍ଷମତାକୁ ବର୍ତ୍ତମାନର ସ୍ତରରୁ ଦ୍ୱିଗୁଣିତ କରିବାକୁ ପଡିବ। ଉପନଗରୀୟ ଏବଂ ଅଣ-ଉପନଗରୀୟ କ୍ଷେତ୍ରର ସ୍ୱତନ୍ତ୍ର ଆବଶ୍ୟକତାକୁ ଧ୍ୟାନରେ ରଖି ୪୮ଟି ପ୍ରମୁଖ ସହର ପାଇଁ ଏକ ବ୍ୟାପକ ଯୋଜନା ବିଚାରାଧୀନ ଅଛି। ଏହି ଯୋଜନାରେ ସମୟସୀମା ମଧ୍ୟରେ ଟ୍ରେନ ପରିଚାଳନା କ୍ଷମତାକୁ ଦ୍ୱିଗୁଣିତ କରିବା ଲକ୍ଷ୍ୟ ହାସଲ କରିବା ପାଇଁ ଯୋଜନା ରହିଛି। ୨୦୩୦ ସୁଦ୍ଧା କ୍ଷମତାକୁ ଦ୍ୱିଗୁଣିତ କରିବାର ଯୋଜନା ଥିବାବେଳେ, ଏହା ଆଶା କରାଯାଉଛି ଯେ ଆଗାମୀ ପାଞ୍ଚ ବର୍ଷ ମଧ୍ୟରେ କ୍ଷମତାକୁ କ୍ରମାଗତ ଭାବରେ ବୃଦ୍ଧି କରାଯିବ । ଦକ୍ଷିଣ-ପୂର୍ବ ରେଳପଥ ଅଧୀନରେ କୋଲକାତା, ଟାଟାନଗର, ରାଞ୍ଚିକୁ ଏଥିପାଇଁ ଚୟନ କରାଯାଇଛି। ଏହି ସହରଗୁଡ଼ିକରେ ୨୦୩୦ ସୁଦ୍ଧା ଉତ୍ପନ୍ନ କ୍ଷମତା ଦ୍ୱିଗୁଣିତ କରିବା ପାଇଁ କାର୍ଯ୍ୟଗୁଡ଼ିକ ମଧ୍ୟରେ ନିମ୍ନଲିଖିତ କାର୍ଯ୍ୟ ଅନ୍ତର୍ଭୁକ୍ତ ହେବ। ଅତିରିକ୍ତ ପ୍ଲାଟଫର୍ମ ସହିତ ବର୍ତ୍ତମାନର ଟର୍ମିନାଲଗୁଡ଼ିକୁ ବୃଦ୍ଧି କରିବା, ଷ୍ଟାବିଲିଂ ଲାଇନ, ପିଟ୍ ଲାଇନ ଏବଂ ପର୍ଯ୍ୟାପ୍ତ ସଣ୍ଟିଂ ସୁବିଧା ରହିବ।

# ବିଶ୍ୱପ୍ରସିଦ୍ଧ ଧନୁଯାତ୍ରାରେ ଫ୍ରିଡମ୍ ଷ୍ଟଲ୍

ଭୁବନେଶ୍ୱର, ୨୮।୧୨ (ଅନୁରାଧା ମହାରଣା)




ବିଶ୍ୱ ପ୍ରସିଦ୍ଧ ବରଗଡ଼ ଧନୁଯାତ୍ରା ଅବସରରେ ଜର୍ଜ ହାଇସ୍କୁଲ ଖେଳ ପଡ଼ିଆରେ ଭାରତବର୍ଷର ଏକ ନମ୍ବର ମାନ୍ୟତା ପ୍ରାପ୍ତ ଖାଇବା ତେଲ ଫ୍ରିଡମ୍ ଷ୍ଟଲ୍ ଉଦ୍‌ଘାଟିତ ହୋଇଛି। ଷ୍ଟଲର ଉଦ୍‌ଘାଟନୀ ଉତ୍ସବରେ ଫ୍ରିଡମ୍ ଓଡ଼ିଶା ହେଡ୍ ଅମୀୟ କୁମାର ଧଳ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଥିଲେ, ସୁସ୍ଥ ଶରୀର ପାଇଁ ସନ୍ତୁଳିତ ଆହାର ନିତାନ୍ତ ଆବଶ୍ୟକ ହୋଇଥିବାରୁ ଫ୍ରିଡମ୍ ତେଲ ପ୍ରତ୍ୟେକ ଗୃହିଣୀଙ୍କ ପ୍ରଥମ ପସନ୍ଦ ପାଲଟିଛି। ଏହି ଧନୁଯାତ୍ରାକୁ ଆସୁଥିବା ପ୍ରତ୍ୟେକ ଗ୍ରାହକଙ୍କ ପାଇଁ ୨ ଲିଟର ରିଫାଇନ ତେଲ ସହ ଗୋଟେ ଲିଟର ସୋରିଷ ତେଲ ରିହାତି ମୂଲ୍ୟରେ କମ୍ବୋ ଅଫର ରହିଥିବା ବେଳେ ୫ ଲିଟର ସନ୍ ଫ୍ଲାୱାର କିଣିଲେ ୧୦୦ ଗ୍ରାମର ମେଶ୍ୱାକ ଟୁଥ ପେଷ୍ଟ ମାଗଣାରେ ମିଳୁଥିବା ବେଳେ ୫ ଲିଟର ସୋରିଷ ତେଲ କିଣିଲେ ଗୋଟିଏ ବାଲଟି ସମ୍ପୂର୍ଣ୍ଣ ମାଗଣାରେ ଗ୍ରାହକଙ୍କୁ ଯୋଗାଇ ଦିଆଯାଉଛି ବୋଲି ଧଳ ସୂଚନା ଦେଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ବିକ୍ରମ ଆଦିତ୍ୟ ଗୁପ୍ତା, ସତ୍ୟନାରାୟଣ ମହାପାତ୍ରଙ୍କ ସମେତ ବହୁ କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ଓଲା ପକ୍ଷରୁ ସେମ୍-ଡେ ସର୍ଭିସ ଗ୍ୟାରେଣ୍ଟି

ଭୁବନେଶ୍ୱର, ୨୮।୧୨

ଓଲା ପକ୍ଷରୁ ଯୋଗ୍ୟ ଗ୍ରାହକଙ୍କୁ ବିନା କୌଣସି ଅତିରିକ୍ତ ମୂଲ୍ୟରେ ସେମ୍-ଡେ ସର୍ଭିସ ଗ୍ୟାରେଣ୍ଟି ପ୍ରଦାନ କରାଯିବ। ଏଥିପାଇଁ ଡିଜାଇନ କରାଯାଇଥିବା ଡେଡିକେଟେଡ ହାଇପରସର୍ଭିସ ସେଣ୍ଟରର ଶୁଭାରମ୍ଭ କରାଯାଇଛି । ଏଥି ସହିତ ଏହାର ହାଇପରସର୍ଭିସ ଅଭିଯାନର ସମ୍ପ୍ରସାରଣ ମଧ୍ୟ କରାଯାଇଛି। ଏହି ସମ୍ପ୍ରସାରଣର ଅଂଶ ଭାବେ ଓଲା ନିଜର ବର୍ତ୍ତମାନର ସର୍ଭିସ ସେଣ୍ଟରଗୁଡିକୁ ହାଇପରସର୍ଭିସ ସେଣ୍ଟରରେ ଅପ୍‌ଗ୍ରେଡ କରିବ, ଯାହା ବେଙ୍ଗାଲୁରୁରୁ ଆରମ୍ଭ ହୋଇଛି। ଓଲାର ପ୍ରଥମ ହାଇପରସର୍ଭିସ ସେଣ୍ଟର ଏବେ ବେଙ୍ଗାଲୁରୁର ଇନ୍ଦିରାନଗରଠାରେ ପରିଚାଳନାକ୍ଷମ ରହିଛି। ଓଲା ଇଲେକ୍ଟ୍ରିକର ପ୍ରବକ୍ତା କହିଛନ୍ତି, ' ବର୍ତ୍ତମାନ ଜାରି ରହିଥିବା ସର୍ଭିସ ଅପ୍‌ଗ୍ରେଡର ଅଂଶ ଭାବେ ଆମେ ସେବା ଅନୁଭୂତିର ଅନେକ ମୌଳିକ ଦିଗଗୁଡିକୁ ପୁନଃପରିକଳ୍ପନା କରିଛୁ। ହାଇପରସର୍ଭିସ ସେଣ୍ଟରଗୁଡିକ ସହିତ ଆମେ ଏକ ନୂଆ ମାନଦଣ୍ଡ ସ୍ଥାପନ କରିଛୁ, ଯାହାକି ଯେକୌଣସି ଗ୍ରାହକଙ୍କ ପାଇଁ ବିନା କୌଣସି ଅତିରିକ୍ତ ମୂଲ୍ୟରେ ସେମ୍-ଡେ ସର୍ଭିସ ଗ୍ୟାରେଣ୍ଟି।

# ଦୁବାଇ ଟେନିସ ମ୍ୟାଚରେ 'ଖେଳାଡିପ୍ରୋ' ଏଆଇ ପାର୍ଟନର

ଭୁବନେଶ୍ୱର, ୨୮।୧୨ (ଅନୁରାଧା ମହାରଣା)




ଭାରତୀୟ କ୍ରୀଡ଼ା ପ୍ରଯୁକ୍ତିବିଦ୍ୟା କମ୍ପାନୀ 'ଖେଳାଡିପ୍ରୋ'କୁ ଦୁବାଇରେ ଅନୁଷ୍ଠିତ ହେବାକୁ ଥିବା ଏକ ପ୍ରମୁଖ ଟେନିସ ମ୍ୟାଚ 'ବ୍ୟାଟଲ ଅଫ୍ ଦି ସେକ୍ସେସ' ପାଇଁ ସରକାରୀ ଏଆଇ ପାର୍ଟନର ଭାବରେ ମନୋନୀତ କରାଯାଇଛି। ପୂର୍ବରୁ କୌଣସି ଭାରତୀୟ ଷ୍ଟାର୍ଟଅପ ଏପରି ସଫଳତା ହାସଲ କରିନାହିଁ। ଏହି ମ୍ୟାଚରେ ବିଶ୍ୱ ପ୍ରସିଦ୍ଧ ଖେଳାଳି ଆରିନା ସାବାଲେଙ୍କା ଏବଂ ନିକ କିର୍ଗିଓସ ଅଂଶଗ୍ରହଣ କରିବେ। ଏପର୍ଯ୍ୟନ୍ତ ଏପରି ପ୍ରମୁଖ ଅନ୍ତର୍ଜାତୀୟ ମ୍ୟାଚରେ ୟୁରୋପୀୟ କିମ୍ବା ଆମେରିକୀୟ କମ୍ପାନୀଗୁଡ଼ିକର ପ୍ରଯୁକ୍ତିବିଦ୍ୟାକୁ ଗୁରୁତ୍ୱ ଦିଆଯାଉଥିଲା। ଏପରି ମ୍ୟାଚରେ ପୁରୁଷ ଏବଂ ମହିଳା ଖେଳାଳିମାନେ ନିର୍ଦ୍ଦିଷ୍ଟ ନିୟମ ଅନୁଯାୟୀ ପରସ୍ପର ବିପକ୍ଷରେ ଖେଳନ୍ତି। ଏହା କେବଳ ମନୋରଞ୍ଜନ ନୁହେଁ ବରଂ ନୂତନ ପ୍ରଯୁକ୍ତିବିଦ୍ୟା ପରୀକ୍ଷା କରିବା ପାଇଁ ଏକ ବଡ଼ ପ୍ଲାଟଫର୍ମ। କେପ୍ରୋ.ଏଆଇର ଅନନ୍ୟ ବୈଶିଷ୍ଟ୍ୟ ହେଉଛି ଯେ ଖେଳାଳିମାନଙ୍କୁ ଏହାର ପ୍ରଯୁକ୍ତିବିଦ୍ୟା ବ୍ୟବହାର କରିବା ପାଇଁ କୌଣସି ସେନ୍ସର କିମ୍ବା ଭାରି ଉପକରଣ ପିନ୍ଧିବାକୁ ପଡ଼ିବ ନାହିଁ। ଏହି ସ୍ମାର୍ଟଫୋନ-ଆଧାରିତ ଏଆଇ ପ୍ରଯୁକ୍ତିବିଦ୍ୟା ଖେଳାଳିଙ୍କ ଗତିବିଧି, ପ୍ରତିକ୍ରିୟା ସମୟ ଏବଂ ଖେଳିବା ଶୈଳୀକୁ ତୁରନ୍ତ ବିଶ୍ଳେଷଣ କରେ। ଏହା ପ୍ରଶିକ୍ଷକ ଏବଂ ଦର୍ଶକଙ୍କୁ ଖେଳ ବିଷୟରେ ବୁଝାଇବାରେ ସାହାଯ୍ୟ କରେ। କମ୍ପାନୀର 'ବ୍ରାଣ୍ଡ ଫ୍ରେଣ୍ଡ' ସାଇନା ନେହ୍ୱାଲ କହିଛନ୍ତି ଯେ, ଉଚ୍ଚସ୍ତରୀୟ କ୍ରୀଡାରେ ଛୋଟ ଛୋଟ ଉନ୍ନତି ମଧ୍ୟ ବିଜୟ ଏବଂ ପରାଜୟ ମଧ୍ୟରେ ଏକ ବଡ଼ ପାର୍ଥକ୍ୟ ସୃଷ୍ଟି କରିପାରିବ। ଏଆଇ ତଥ୍ୟ ଖେଳାଳିମାନଙ୍କୁ ସେମାନଙ୍କର ପ୍ରକୃତ ଶକ୍ତି ଏବଂ ଦୁର୍ବଳତା ବୁଝିବାରେ ସାହାଯ୍ୟ କରେ।

# ଭୁବନେଶ୍ୱରବାସୀଙ୍କ ଇନ୍‌ଷ୍ଟାମାର୍ଟ ଅର୍ଡରରେ ୪୬୫% ବୃଦ୍ଧି

ଭୁବନେଶ୍ୱର, ୨୮।୧୨ (ଅନୁରାଧା ମହାରଣା)

ଭାରତର ଅଗ୍ରଣୀ ବାଣିଜ୍ୟ ପ୍ଲାଟଫର୍ମ ଇନ୍‌ଷ୍ଟାମାର୍ଟ ତାହାର ବାର୍ଷିକ ରିପୋର୍ଟ 'ହାଓ ଇଣ୍ଡିଆ ଇନ୍‌ଷ୍ଟାମାର୍ଟେଡ୍ ୨୦୨୫' ପ୍ରକାଶ କରିଛି। ଏହି ରିପୋର୍ଟରୁ ଜଣାଯିଛି ଯେ, ଭୁବନେଶ୍ୱରବାସୀ ଏବେ ଭାରତର ସୁବିଧାଜନକ ବାଣିଜ୍ୟ ପରିବର୍ତ୍ତନରେ ସବୁଠାରୁ ଆଗୁଆ। ସହରରେ ଅର୍ଡରରେ ପ୍ରାୟ ୪୬୫% ବୃଦ୍ଧି ଘଟିଛି। ସହରର କ୍ରେତାମାନଙ୍କର ଖର୍ଚ୍ଚରେ ପରମ୍ପରା ଓ ଆଧୁନିକତାର ଦୁଇଟି ମିଶ୍ରଣ ଦେଖିବାକୁ ମିଳିଛି। ଜଣେ ଗ୍ରାହକ ଆଇଫୋନ ପାଇଁ ୭.୩୪ ଲକ୍ଷ ଟଙ୍କା ବ୍ୟୟ କରିଥିବାବେଳେ ସେହିଭଳି ଅନ୍ୟ ଜଣେ ବର୍ଷସାରା ୪.୨୩ ଲକ୍ଷ ଟଙ୍କାର ଆଳୁ କିଣିଥିଲେ। ଭୁବନେଶ୍ୱରରେ ଟେକ୍ ଓ ତରକାରି ୧୦ ମିନିଟ୍‌ରେ ଗ୍ରାହକଙ୍କ ଘରେ ପହଞ୍ଚିଛି। ଜଣେ ଗ୍ରାହକ ମୃଦୁପାନୀୟ ଉପରେ ସର୍ବାଧିକ ୬ ଲକ୍ଷ ଟଙ୍କା ବ୍ୟୟ କରିଥିଲେ। ଗ୍ରାହକ ୧୩,୪୨୮ ମୂଲ୍ୟର ଇୟରବଡ୍ ମଧ୍ୟ ଅର୍ଡର କରିଛନ୍ତି। ଆଞ୍ଚଳିକ ପ୍ରିୟ ଖାଦ୍ୟରେ ସିମେଇ, ସୋରିଷ ଏବଂ କରି ପାଉଡର ପ୍ୟାନଟ୍ରି ମଧ୍ୟ ଚାହିଦାରେ ରହିଛି। ଦୁର୍ଗା ପୂଜା ସମୟରେ ସହର ମୃଦୁ ପାନୀୟ, ଆଇସକ୍ରିମ ଓ ମାରି ବିସ୍କୁଟ ଅଧିକ ଅର୍ଡ଼ରକରି ପାଳନ କରିଥିଲା। ସହରରେ ଅର୍ଡର ହୋଇଥିବା ଅନ୍ୟାନ୍ୟ ସାମଗ୍ରୀରେ ଇଅରବଡ୍, ଘଣ୍ଟା ଓ ଲେଗୋ ସେଟ୍ ମଧ୍ୟ ଥିଲା।

# ୩୧ରେ ସରିବ ପାନ୍-ଆଧାର ଲିଙ୍କ୍ ଅବଧି

ଭୁବନେଶ୍ୱର, ୨୮।୧୨

ପାନ୍ କାର୍ଡକୁ ଆଧାର କାର୍ଡ ସହିତ ଲିଙ୍କ୍ କରିବାର ଶେଷ ତାରିଖ ଡିସେମ୍ବର ୩୧ ଧାର୍ଯ୍ୟ କରାଯାଇଛି। ଯଦି କୌଣସି କାରଣରୁ କେହି ତାଙ୍କ ପାନ୍ କାର୍ଡକୁ ଆଧାର ସହିତ ଲିଙ୍କ୍ କରିବାରେ ବିଫଳ ହୁଅନ୍ତି, ତେବେ ୨୦୨୬ ଜାନୁଆରୀ ୧ରୁ ତାଙ୍କ ପାନ୍ କାର୍ଡକୁ ଅବୈଧ କରିଦିଆଯିବ। ଏହା ପାନ୍ ସମ୍ବନ୍ଧୀୟ କାର୍ଯ୍ୟ ପ୍ରକ୍ରିୟାକରଣରେ ଅସୁବିଧା ସୃଷ୍ଟି କରିବ। ଯଦି ପାନ୍‌କୁ ଆଧାର ସହିତ ଲିଙ୍କ୍ କରିନାହାନ୍ତି, ତେବେ ଆପଣଙ୍କୁ ଯଥାଶୀଘ୍ର କରାଇନେବାକୁ ପରାମର୍ଶ ଦିଆଯାଇଛି।

## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ:..............................
ଜନ୍ମ ତାରିଖ: ..............................


ମାମା
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ବାମଣ୍ଡା କପ୍ କ୍ରିକେଟ: ୟୁନିୟନ ସ୍ପୋର୍ଟିଂ ଚାମ୍ପିୟନ

ଦେବଗଡ଼, ୨୮।୧୨
(ଶଶାଙ୍କ ଶେଖର ଝାଙ୍କର)

ସ୍ଥାନୀୟ ଇନ୍ଦିରା ଗାନ୍ଧୀ ଷ୍ଟାଡିୟମରେ ଚାଲିଥିବା ୩୫ତମ ବାମଣ୍ଡା କପ୍ କ୍ରିକେଟ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲରେ କଟକର ୟୁନିୟନ ସ୍ପୋର୍ଟିଂ ୫ ଉଇକେଟରେ ରାଉରକେଲାର ଏ.ଏସ୍ ଏକାଡେମୀକୁ ପରାସ୍ତକରି ଚାମ୍ପିୟନ ହୋଇଛି।

ଫାଇନାଲରେ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ରାଉରକେଲା ଦଳ ୧୯.୫ ଓଭରରେ ୧୨୪ ରନ୍‌କରି ଅଲଆଉଟ୍ ହୋଇଯାଇଥିଲା। ଦଳ ପକ୍ଷରୁ ଉମେଶ ଗୌତମ ୨୮ ଓ ୱାଲ୍ଟର ଟପୋ ୨୩ ରନ୍ କରିଥିବା ବେଳେ କଟକ ଦଳର ବିଶ୍ୱଜିତ୍ ପ୍ରଧାନ ୪ଟି, ତାପସ ରାଉତ ଓ ଶୁଭମ୍ ପ୍ରିୟଦର୍ଶୀ ୨ଟି ଲେଖାଏଁ ଉଇକେଟ ନେଇଥିଲେ। ଜବାବରେ କଟକ ଦଳ ୧୭ ଓଭରରେ ୫ ଉଇକେଟ ହରାଇ ୧୩୦ ରନ୍‌କରି ମ୍ୟାଚ୍ ଜିତିନେଇଥିଲା। ଦଳ ପକ୍ଷରୁ ବିଶ୍ୱଜିତ୍ ପ୍ରଧାନ ସର୍ବାଧିକ ୬୨ ଓ ତାପସ କୁମାର ରାଉତ ୨୯ ରନ୍ କରିଥିଲା ବେଳେ ରାଉରକେଲା ଦଳର ଶିବମ୍ କ୍ରିଷ୍ଣା ଓ ୱାଲ୍ଟର ଟପ୍ପୋ ୨ଟି ଲେଖାଏ ଉଇକେଟ ନେଇଥିଲେ। ଏହି ମ୍ୟାଚ୍‌କୁ ଅମ୍ପାୟର ସତ୍ୟ ପ୍ରସାଦ ରଥ ଓ ସୌମ୍ୟଦର୍ଶନ ମହାନ୍ତି ପରିଚାଳନା କରିଥିବା ବେଳେ ରୋମି ନାୟକ ଓ ଅମନ ସିଂ ସ୍କୋରର ଦାୟିତ୍ୱ ତୁଲାଇଥିଲେ। ବେଣୁଧର ଗଡ଼ନାଏକ, ନଗେନ୍ଦ୍ର କୁମାର ନାଥ ଓ ଦିଲ୍ଲୁ ଦସଭାୟା ଧାରା ବିବରଣୀ ପ୍ରଦାନ କରିଥିଲେ। ଚାମ୍ପିୟନ କଟକ ଦଳର ବିଶ୍ୱଜିତ ପ୍ରଧାନଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଓ ମ୍ୟାନ୍ ଅଫ୍ ଦି ଟୁର୍ନାମେଣ୍ଟ, କଟକର ଗଣେଶ ତମାରଙ୍କୁ ବେଷ୍ଟ ବୋଲର, କଟକର ରାଜୀବ ଲୋଚନ ସାହୁଙ୍କୁ ବେଷ୍ଟ ବ୍ୟାଟ୍ସମ୍ୟାନ ଓ ରାଉରକେଲା ଦଳର ଦୁଷ୍ମନ୍ତ ସାହୁଙ୍କୁ ବେଷ୍ଟ ଫିଲ୍ଡର ଭାବେ ପୁରସ୍କୃତ କରାଯାଇଥିଲା। ପୁରସ୍କାର ବିତରଣ ଉତ୍ସବରେ ରାଜ୍ୟ ପଞ୍ଚାୟତିରାଜ ଓ ଗ୍ରାମ୍ୟ ଉନ୍ନୟନ ବିଭାଗ ମନ୍ତ୍ରୀ ରବି ନାରାୟଣ ନାୟକ ମୁଖ୍ୟ ଅତିଥି ଏବଂ ସମ୍ମାନିତ ଅତିଥି ଭାବେ ଓଡ଼ିଶା କ୍ରିକେଟ ଆସୋସିଏଶନ ସଭାପତି ପଙ୍କଜ ଲୋଚନ ମହାନ୍ତି, କୋଷାଧ୍ୟକ୍ଷ ବିକାଶ ପ୍ରଧାନ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଚାମ୍ପିୟନ ଦଳକୁ ଟ୍ରଫି ସହ ୭୧ ହଜାର ଏବଂ ଉପବିଜେତା ଦଳକୁ ଟ୍ରଫି ସହିତ ୫୧ ହଜାର ଟଙ୍କା ଅର୍ଥରାଶି ପ୍ରଦାନ କରାଯାଇଥିଲା। ବାମଣ୍ଡା କ୍ରିକେଟ କ୍ଲବ୍‌ର ସଭାପତି ପ୍ରଣବ ପ୍ରଧାନଙ୍କ ସଭାପତିତ୍ୱ ଏବଂ ଉପସଭାପତି ଅଶୋକ କୁମାର ନନ୍ଦଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମ୍ପାଦକ ସତ୍ୟନାରାୟଣ ପାଣି ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଅନ୍ୟତମ ଉପସଭାପତି ସୁଜିତ୍ କୁମାର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ପୁରସ୍କାର ପ୍ରଦାନ ଉତ୍ସବରେ ଜିଲା ଭାଜପା ସଭାପତି ଅରୁଣ କୁମାର ସାହୁ, ପୌର ପରିଷଦ ଭାରପ୍ରାପ୍ତ ଅଧ୍ୟକ୍ଷ ପ୍ରଜିତ୍ ଭୋଜ, ଉପଦେଷ୍ଟା ନବୀନ କୁମାର ପାଣି ମଞ୍ଚାସୀନ ଥିଲେ।



ଅତିଥିଙ୍କ ସହ ଚାମ୍ପିୟନ ୟୁନିୟନ ସ୍ପୋର୍ଟିଂ ଦଳ।

# ସ୍ୱସ୍ତିକ୍ ଚାମ୍ପିୟନ, ଓମ୍ ରନରଅପ୍


କୃତୀ ପ୍ରତିଯୋଗୀମାନେ ଅତିଥିଙ୍କ ସହ।

ଭୁବନେଶ୍ୱର, ୨୮।୧୨(ତପନ ସ୍ୱାଇଁ)

## ୧୩ ବର୍ଷରୁ କମ୍ ଓପନ୍ ଚେସ୍

ଓଡ଼ିଶା ରାଜ୍ୟ ଚେସ୍ ଆସୋସିଏଶନ ଆନୁକୂଲ୍ୟରେ ୧୩ ବର୍ଷରୁ କମ୍ ଓପନ୍ ଚେସ୍ ପ୍ରତିଯୋଗିତା ବଡ଼ଗଡ଼ସ୍ଥିତ ଓମ୍ ଗୁରୁକୁଳ ପବ୍ଲିକ୍ ସ୍କୁଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। ୫ ରାଉଣ୍ଡବିଶିଷ୍ଟ ଏହି ପ୍ରତିଯୋଗିତାରେ ସ୍ୱସ୍ତିକ୍ ତ୍ରିପାଠୀ(୪.୫ ପଏଣ୍ଟ) ଚାମ୍ପିୟନ ଏବଂ ଓମ୍ ଶତପଥୀ(୪) ରନରଅପ୍ ହୋଇଛନ୍ତି। ନିରେକ ପରିଡ଼ା, ଆୟୁଷ ପରିଡ଼ା, ସାରାଂଶ ମିଶ୍ର, ଆଦିତ୍ୟ ଶଙ୍କର ବେହେରା ଓ ବିନୟ ଆଶୁତୋଷ ମହାରଣା ପରବର୍ତ୍ତୀ ୫ ସ୍ଥାନ ଅଧିକାର କରିଛନ୍ତି। ବିଭିନ୍ନ ବୟସ ଓ ବାଳିକା ବର୍ଗର ଶ୍ରେଷ୍ଠ ୨ ଜଣ ଲେଖାଏ ଖେଳାଳିଙ୍କୁ ଏଜ୍ ଗ୍ରୁପ୍ ଏବଂ ୫ ଚେସ୍ ପ୍ରତିଭାଙ୍କୁ ସ୍ୱତନ୍ତ୍ର ପୁରସ୍କାରରେ ସମ୍ମାନିତ କରାଯାଇଛି। ପ୍ରତିଯୋଗିତାକୁ ସ୍କୁଲର ପରିଚାଳନା ନିର୍ଦ୍ଦେଶକ ଲକ୍ଷ୍ମୀଧର ବେହେରା ଉଦ୍‌ଘାଟନ କରିଥିଲେ। ପ୍ରିନ୍ସିପାଲ ମନୋରଞ୍ଜନ ବିଶ୍ୱାଳ, ଆୟୋଜକ ଆସୋସିଏଶନ ନିର୍ଦ୍ଦେଶକ ଦେବାଶିଷ ପାଣିଗ୍ରାହୀ, ଟୁର୍ନାମେଣ୍ଟ ନିର୍ଦ୍ଦେଶକ କନୋଜ କୁମାର ବେହୁରା ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ।

# ଅଷ୍ଟ୍ରେଲିଆନ କ୍ରିକେଟ ହଲ୍ ଅଫ୍ ଫେମ୍‌ରେ ବ୍ରେଟ୍ ଲି’

ଆଡିଲେଡ୍,୨୮।୧୨

ପୂର୍ବତନ ଅଷ୍ଟ୍ରେଲିଆନ୍ ଫାଷ୍ଟ ବୋଲର ବ୍ରେଟ୍ ଲି’ଙ୍କୁ ରବିବାର ଅଷ୍ଟ୍ରେଲିଆନ କ୍ରିକେଟ ହଲ୍ ଅଫ୍ ଫେମ୍‌ରେ ସାମିଲ କରାଯାଇଛି। ଘାତକ ପେସ୍ ସାଙ୍ଗକୁ ଆଦର୍ଶ କ୍ରୀଡ଼ାବିତ୍ ମନୋଭାବରେ ଭରି ରହିଥିବା ଉଲ୍ଲେଖନୀୟ ଅନ୍ତର୍ଜାତୀୟ କ୍ୟାରିୟର ପାଇଁ ତାଙ୍କୁ ଏହି ସମ୍ମାନରେ ସମ୍ମାନିତ କରାଯାଇଛି। ୪୯ ବର୍ଷୀୟ ଲି’ ୧୯୯୯ରୁ ୨୦୧୨ ପର୍ଯ୍ୟନ୍ତ ଅନ୍ତର୍ଜାତୀୟସ୍ତରରେ ଅଷ୍ଟ୍ରେଲିଆର ପ୍ରତିନିଧିତ୍ୱ କରିଥିଲେ। ସେ ୭୬ ଟେଷ୍ଟ, ୨୨୧ ଦିନିକିଆ ଓ ୨୫ ଟି୨୦ ମ୍ୟାଚ୍ ଖେଳି ମୋଟ୍ ଉପରେ ୭୧୮ ଉଇକେଟ ନେଇଥିଲେ। ଅଷ୍ଟ୍ରେଲିଆ ସ୍ୱର୍ଣ୍ଣିମ ଯୁଗର ସେ ଗୁରୁତ୍ୱପୂର୍ଣ୍ଣ ସଦସ୍ୟ ଥିଲେ। ତାଙ୍କ ପ୍ରତିନିଧିତ୍ୱରେ ଅଷ୍ଟ୍ରେଲିଆ ଲଗାତର ୧୯୯୯, ୨୦୦୩ ଓ ୨୦୦୭ ବିଶ୍ୱକପ୍ ଜିତିଥିଲା। ଅନ୍ତର୍ଜାତୀୟ କ୍ରିକେଟ ବ୍ୟତୀତ ସେ ଦୀର୍ଘ ବର୍ଷ ଧରି ଇଣ୍ଡିଆନ୍ ପ୍ରିମିୟର ଲିଗ୍(ଆଇପିଏଲ)ରେ ମଧ୍ୟ ଖେଳିଥିଲେ। ପେସାଦାର କ୍ୟାରିୟରରୁ ଅବସର ନେବା ପରେ ସେ ଭାଷ୍ୟକାର ଭାବେ କ୍ରିକେଟ ସହ ଯୋଡ଼ିହୋଇ ରହିଛନ୍ତି।

# ଜାତୀୟ ସବ୍‌ଜୁନିୟର ସଫ୍ଟ ଟେନିସ୍ ଉଦ୍‌ଘାଟିତ



ଉଦ୍‌ଘାଟନୀ ଉତ୍ସବରେ ଓଡ଼ିଶା ଖେଳାଳି ଓ ଅତିଥିବୃନ୍ଦ।

ଭୁବନେଶ୍ୱର, ୨୮।୧୨(ତପନ ସ୍ୱାଇଁ)

ଖୋର୍ଦ୍ଧାର ବରୁଣେଇସ୍ଥିତ କେଟି ଗ୍ଲୋବାଲ ସ୍କୁଲ ପରିସରରେ ରବିବାର ଜାତୀୟ ସବ୍‌ଜୁନିୟର ସଫ୍ଟ ଟେନିସ୍ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଛି। ଏହି ଟୁର୍ନାମେଣ୍ଟରେ ୨୨ ରାଜ୍ୟରୁ ୫୦୦ରୁ ଊର୍ଦ୍ଧ୍ୱ ଖେଳାଳି ଓ ଅଫିସିଆଲ ଅଂଶଗ୍ରହଣ କରିଛନ୍ତି। ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର ମୁଖ୍ୟ ଅତିଥି ଏବଂ ସାମାଜିକ କର୍ମୀ ବସନ୍ତ କୁମାର ବଡୁ, କେଟି ଗ୍ଲୋବାଲର ପ୍ରତିଷ୍ଠାତା ସୋମଦତ୍ତ ଦେହୁରୀ, ସିଓଓ ସିଦ୍ଧାର୍ଥ ଶଙ୍କର ରାଉତ, ଆମେଚର ସଫ୍ଟ ଟେନିସ୍ ଫେଡେରେଶନ ଅଫ୍ ଇଣ୍ଡିଆର ସିଇଓ ଅନିକେତ ଖୋଦାଧାରା, ସିଓଓ ହସମୁଖ ବେଗଡ଼ା, ପରାମର୍ଶଦାତା ହସରଙ୍ଗ ଖୋଦାଧାରା, ସାମାଜିକ କର୍ମୀ ବିନୟ କୁମାର ସିଂ, ଓଡ଼ିଶା ସଫ୍ଟ ଟେନିସ୍ ଆସୋସିଏଶନ ସମ୍ପାଦକ ମହମ୍ମଦ ଆଜମ, ଉପସଭାପତି ରମେଶ ଚନ୍ଦ୍ର ଦାସ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇ ପ୍ରତିଯୋଗିତାରକ ଉଦ୍‌ଘାଟନ କରିଥିଲେ।

# ପାକିସ୍ତାନ କବାଡ଼ି ଖେଳାଳି ଅନିର୍ଦ୍ଦିଷ୍ଟ କାଳ ପାଇଁ ବାସନ୍ଦ

କରାଚୀ,୨୮।୧୨(ପି.ଟି.)

## ଭାରତକୁ ପ୍ରତିନିଧିତ୍ୱ କରିବା ଘଟଣା

ଭାରତୀୟ ଦଳ ପକ୍ଷରୁ ପ୍ରତିନିଧିତ୍ୱ କରିବା ଲାଗି ପାକିସ୍ତାନର ଜଣେ ଜଣାଶୁଣା ଅନ୍ତର୍ଜାତୀୟ କବାଡ଼ି ଖେଳାଳି ଉବେଦୁଲା ରାଜପୁତଙ୍କୁ ଦେଶର କବାଡ଼ି ଫେଡେରେଶନ ପକ୍ଷରୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ବାସନ୍ଦ କରାଯାଇଛି। ସେ ଚଳିତ ମାସରେ ବାହାରିନ୍‌ଠାରେ ଏକ ପ୍ରାଇଭେଟ୍ ଟୁର୍ନାମେଣ୍ଟରେ ଭାରତୀୟ ଦଳ ପାଇଁ ପ୍ରତିନିଧିତ୍ୱ କରିଥିଲେ। ଏଥିଲାଗି ଶନିବାର ପାକିସ୍ତାନ କବାଡ଼ି ଫେଡେରେଶନ(ପିକେଏଫ୍) ପକ୍ଷରୁ ଏକ ଜରୁରିକାଳୀନ ବୈଠକ ଡକାଯାଇଥିଲା। ଏହି ବୈଠକରେ ବିଦେଶରେ ଖେଳିବା ପାଇଁ ଯିବା ପୂର୍ବରୁ ସେ ଫେଡେରେଶନଠାରୁ ବାଧ୍ୟତାମୂଳକ ନୋ-ଅବ୍‌ଜେକ୍‌ଶନ ସାର୍ଟିଫିକେଟ (ଏନ୍‌ଓସି) ନେଇ ନ ଥିବାରୁ ଦୋଷୀ ସାବ୍ୟସ୍ତ ହୋଇଥିଲେ।

ପିକେଏଫ୍ ସମ୍ପାଦକ ରାଣା ସରୱାର କହିଛନ୍ତି, ରାଜପୁତଙ୍କଠାରେ ଶୃଙ୍ଖଳ କମିଟି ନିକଟରେ ଅପିଲ କରିବାର ଅଧିକାର ରହିଛି। ସେ ଫେଡେରେଶନଠାରୁ ଏନ୍‌ଓସି ନ ନେଇ ବିଦେଶୀ ଟୁର୍ନାମେଣ୍ଟରେ ଭାଗ ନେଇଥିଲେ। କେବଳ ଏତିକି ନୁହେଁ, ସେ ଭାରତକୁ ପ୍ରତିନିଧିତ୍ୱ କରିଥିଲେ, ଜର୍ସି ପିନ୍ଧିଥିଲେ ଏବଂ ଏକ ମ୍ୟାଚ୍ ଜିତିବା ପରେ ଭାରତୀୟ ପତାକାକୁ ନିଜ କାନ୍ଧରେ ଗୁଡ଼ାଇଥିଲେ। ତାଙ୍କ ସହ ଭାଗନେଇଥିବା ଅନ୍ୟ ଖେଳାଳିଙ୍କୁ ବ୍ୟାନ୍ କରାଯିବା ସହ ଅର୍ଥଦଣ୍ଡରେ ମଧ୍ୟ ଦଣ୍ଡିତ କରାଯାଇଛି। ପୂର୍ବରୁ ରାଜପୁତ କ୍ଷମାପ୍ରାର୍ଥନା କରି କହିଥିଲେ, ମୋତେ ବାହାରିନ୍‌ଠାରେ ଏକ ଟୁର୍ନାମେଣ୍ଟରେ ଖେଳିବା ପାଇଁ ଆମନ୍ତ୍ରଣ କରାଯାଇଥିଲା। ସେଠାରେ ଏକ ପ୍ରାଇଭେଟ୍ ଦଳରେ ମୋତେ ସାମିଲ କରାଯାଇଥିଲା। କିନ୍ତୁ ପରେ ଆୟୋଜକମାନେ ସେହି ଦଳର ନାମ ଭାରତ ରଖିଥିଲେ। ମୁଁ କିନ୍ତୁ ଆୟୋଜକଙ୍କୁ ଭାରତ ଓ ପାକିସ୍ତାନ ନାମ ବ୍ୟବହାର ନ କରିବାକୁ କହିଥିଲି। ଅତୀତରେ ପ୍ରାଇଭେଟ୍ ପ୍ରତିଯୋଗିତାରେ ଭାରତ ଓ ପାକିସ୍ତାନ ଖେଳାଳିମାନେ ମଧ୍ୟ ଏକ ପ୍ରାଇଭେଟ ଦଳ ଲାଗି ଏକତ୍ର ଖେଳିଛନ୍ତି।

# ହରପ୍ରିୟା ଚ୍ୟାଲେଞ୍ଜର ଚାମ୍ପିୟନ



ଅତିଥିଙ୍କ ଗହଣରେ ଟ୍ରଫି ସହ ଚାମ୍ପିୟନ ଦଳ।

ନୀଳଗିରି,୨୮।୧୨(ପ୍ରଶାନ୍ତ ବିଶ୍ୱାଳ)

ନୀଳଗିରି କ୍ରିକେଟ ଲିଗ୍ ସିଜନ୍-୫ର ଅନ୍ତିମ ତଥା ଫାଇନାଲ ମ୍ୟାଚ୍ ରବିବାର କେସି ହାଇସ୍କୁଲ କ୍ରିକେଟ ଗ୍ରାଉଣ୍ଡରେ ଉଦ୍‌ଯାପିତ ହୋଇଛି। ଫାଇନାଲ ମ୍ୟାଚ୍‌କୁ ଏମ୍‌ପିଙ୍କ ବ୍ୟକ୍ତିଗତ ସହାୟକ ଚନ୍ଦ୍ରବିନ୍ଦୁ ଦାସ ଉଦ୍‌ଘାଟନ କରିଥିଲେ। ଅମ୍ପାୟର ଜଗବନ୍ଧୁ ଦାସ ଏବଂ କାଳନ୍ଦି ଚରଣ ବେହେରାଙ୍କ ଦକ୍ଷ ପରିଚାଳନାରେ ଚଳିତବର୍ଷର ଫାଇନାଲିଷ୍ଟ ମହାବୀର ୟୁନାଇଟେଡ୍ ଏବଂ ହରପ୍ରିୟା ଚ୍ୟାଲେଞ୍ଜର ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ହରପ୍ରିୟା ଚ୍ୟାଲେଞ୍ଜର ପ୍ରଥମେ ଟସ୍ ଜିତି ଫିଲ୍ଡିଂ କରିବାକୁ ନିଷ୍ପତ୍ତି ନେଇଥିଲା। ମହାବୀର ୟୁନାଇଟେଡ୍ ବ୍ୟାଟିଂକରି ନିର୍ଦ୍ଧାରିତ ୧୨ ଓଭରରେ ୪୪ ରନ୍ ସଂଗ୍ରହ କରିଥିବା ବେଳେ ହରପ୍ରିୟା ଚ୍ୟାଲେଞ୍ଜର ମାତ୍ର ୪.୨ ଓଭରରେ ଆବଶ୍ୟକ ରନ୍ ସଂଗ୍ରହକରି ଚାମ୍ପିୟନ ହୋଇଥିଲା। ମ୍ୟାଚ୍‌ରେ ବିକାଶ ବିଶ୍ୱାଳ ସର୍ବୋତ୍କୃଷ୍ଟ ଖେଳ ପ୍ରଦର୍ଶନ କରି ମ୍ୟାନ୍ ଅଫ୍ ଦି ମ୍ୟାଚ୍ ହୋଇଥିବା ବେଳେ ମହାବୀର ୟୁନାଇଟେଡ୍‌ର ମୀର୍ ହାସିମ୍ ଖାନ୍ ମ୍ୟାନ୍ ଅଫ୍ ଦି ସିରିଜ୍ ବିବେଚିତ ହୋଇଥିଲେ।

ପୁରସ୍କାର ବିତରଣୀ ଉତ୍ସବରେ ସ୍ଥାନୀୟ ବିଧାୟକ ସନ୍ତୋଷ କୁମାର ଖଟୁଆଙ୍କ ସହିତ ନୀଳଗିରି ଏନ୍‌ଏସି ଚେୟାରମ୍ୟାନ୍ ମହିନ୍ଦ୍ର ନାଥ ବେହେରା, ସାମାଜିକ କର୍ମୀ ଶିଶିର ରାଉତ, ଭାସ୍କର ବିଶ୍ୱାଳ, ଶରତ ଚନ୍ଦ୍ର ପୋଇ ପ୍ରମୁଖ ବିଶିଷ୍ଟ ଅତିଥିମାନେ ଯୋଗଦେଇ ବିଜେତା ତଥା ଉପବିଜେତା ଦଳକୁ ପୁରସ୍କୃତ କରିଥିଲେ। ଚାମ୍ପିୟନ ହରପ୍ରିୟା ଦଳକୁ ଟ୍ରଫି ସହ ୧ଲକ୍ଷ ୧୧ ହଜାର ୧ଶହ ୧ଟଙ୍କା ପୁରସ୍କାର ରାଶି ପ୍ରଦାନ କରାଯାଇଥିବା ବେଳେ ଉପ-ବିଜେତା ମହାବୀର ୟୁନାଇଟେଡ୍‌କୁ ଟ୍ରଫି ସହିତ ୭୭ ହଜାର ୭ ଶହ ୭୭ ଟଙ୍କା ପ୍ରଦାନ କରାଯାଇଥିଲା। ଦୀର୍ଘ ୧୨ ଦିନ ଧରି ଚାଲିଥିବା ଏହି ଟୁର୍ନାମେଣ୍ଟରେ ଏନ୍‌ସିଏଲ-୫ର ସଭାପତି ସୁମନ ଦାସଙ୍କ ନେତୃତ୍ୱରେ ସଫଳତାର ସହ ଆୟୋଜିତ ହୋଇଥିଲା ବେଳେ ବିବେକ ସାହୁ, ସନ୍ତୋଷ ସାହୁ, ଗୟାଧର ବେହେରା, ଅଶ୍ୱିନୀ ପାତ୍ର, ଜିତେନ୍ଦ୍ର ରାଉତ, ସୁଧାରଞ୍ଜନ ମହାପାତ୍ର, ଆଦର୍ଶ ଦାସ ପ୍ରମୁଖ ବହୁ ସଦସ୍ୟ ପରିଚାଳନାରେ ସହଯୋଗ କରିଥିଲେ।

# ଲକ୍ଷ୍ମଣଙ୍କୁ ଯୋଗାଯୋଗ କରାଯାଇଥିବା ରିପୋର୍ଟରେ ସତ୍ୟତା ନାହିଁ: ବିସିସିଆଇ

ନୂଆଦିଲ୍ଲୀ,୨୮।୧୨

କିମ୍ବଦନ୍ତୀ ବ୍ୟାଟର ଭିଭିଏସ୍ ଲକ୍ଷ୍ମଣଙ୍କୁ ଭାରତୀୟ ଟେଷ୍ଟ ଦଳର ମୁଖ୍ୟ କୋଚ୍ ଭାବେ ଗୌତମ ଗମ୍ଭୀରଙ୍କ ସ୍ଥାନ ନେବା ପାଇଁ ଯୋଗାଯୋଗ କରାଯାଇଥିବା ନେଇ କିଛି ରିପୋର୍ଟରେ ଦାବି କରାଯାଇଥିଲା। ହେଲେ ରିପୋର୍ଟରେ କୌଣସି ସତ୍ୟତା ନ ଥିବା ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ(ବିସିସିଆଇ) ସମ୍ପାଦକ ଦେବଜିତ ସାଇକିଆ ସ୍ପଷ୍ଟ କରିଛନ୍ତି। ଗମ୍ଭୀରଙ୍କ କାର୍ଯ୍ୟକାଳରେ ଭାରତୀୟ ଟେଷ୍ଟ ଦଳର ପ୍ରଦର୍ଶନ ଅତ୍ୟନ୍ତ ନିମ୍ନମାନର ରହିଛି। ସେନା ଦେଶରେ ଦଳ ୧୪ ଟେଷ୍ଟ ଖେଳିଥିବା ବେଳେ ୧୦ ମ୍ୟାଚ୍‌ରେ ପରାଜିତ ହୋଇଛି। ଏପରିକି ଘରୋଇ କଣ୍ଡିଶନରେ ନ୍ୟୁଜିଲାଣ୍ଡ ଓ ଦକ୍ଷିଣ ଆଫ୍ରିକାଠାରୁ ଭାରତ କ୍ଲିନ୍ ସୁଇପ୍ ବରଣ କରିଛି। ଏଥିଯୋଗୁ ବିସିସିଆଇ ପକ୍ଷରୁ ଲକ୍ଷ୍ମଣଙ୍କୁ ଯୋଗାଯୋଗ କରାଯାଇଥିଲା ବୋଲି ଉକ୍ତ ରିପୋର୍ଟରେ ଦର୍ଶାଯାଇଥିଲା।

ବର୍ତ୍ତମାନ ଏକ ସମ୍ପୂର୍ଣ୍ଣ ଭୁଲ୍ ଖବର ପ୍ରସାରିତ ହେଉଛି। ଏହି ଖବର କେବଳ କଳ୍ପନା ଛଡ଼ା ଆଉକିଛି ନୁହେଁ। କିଛି ଜଣାଶୁଣା ଖବର ସଂସ୍ଥା ଏହାକୁ ପ୍ରସାରିତ କରୁଛନ୍ତି। ଏଥିରେ କୌଣସି ସତ୍ୟତା ନାହିଁ। ବିସିସିଆଇ ଏହାକୁ ସମ୍ପୂର୍ଣ୍ଣ ରୂପେ ଖଣ୍ଡନ କରୁଛି। ଲୋକେ ଯେଭଳି ଚାହିଁବେ, ସେଭଳି ଚିନ୍ତା କରିପାରିବେ। କିନ୍ତୁ ବିସିସିଆଇ କୌଣସି ପଦକ୍ଷେପ ନେଉନାହିଁ। ଏହା କେବଳ କାହାର କଳ୍ପନା ଏବଂ ଏଥିରେ କୌଣସି ସତ୍ୟତା ନାହିଁ। ଏହା ସମ୍ପୂର୍ଣ୍ଣ ଭିତ୍ତିହୀନ ଏବଂ ଏହା ଛଡ଼ା ମୁଁ କିଛି ଅଧିକ କହିପାରିବି ନାହିଁ ବୋଲି ସାଇକିଆ କହିଛନ୍ତି।




D-2968


# ରାଜ୍ୟସ୍ତରୀୟ ଓପନ ଟାଏକୋଣ୍ଡୋ ଉଦ୍‌ଯାପିତ


ପ୍ରତିଯୋଗିତାରେ ଭାଗ ନେଇଥିବା ଖେଳାଳିମାନେ।

ଭୁବନେଶ୍ୱର, ୨୮।୧୨ (ତପନ ସ୍ୱାଇଁ)

ଓଡ଼ିଶା ଟାଏକୋଣ୍ଡୋ ଏବଂ କ୍ରୀଡ଼ା ଓ ଯୁବସେବା ବିଭାଗର ମିଳିତ ଆନୁକୂଲ୍ୟରେ ଭଦ୍ରକର ବିଜୁ ପଟ୍ଟନାୟକ ଇନ୍‌ଡୋର ଷ୍ଟାଡିୟମରେ ରାଜ୍ୟସ୍ତରୀୟ ଓପନ୍ ଟାଏକୋଣ୍ଡୋ ପ୍ରତିଯୋଗିତା ରବିବାର ଉଦ୍‌ଯାପିତ ହୋଇଛି। ୩ ଦିନବିଶିଷ୍ଟ ଏହି ପ୍ରତିଯୋଗିତାରେ ବିଭିନ୍ନ ଜିଲାରୁ ୮୦୦ରୁ ଊର୍ଦ୍ଧ୍ୱ କ୍ରୀଡ଼ାବିତ୍ ଏବଂ ୧୨୦ ପ୍ରଶିକ୍ଷକ ଓ ମ୍ୟାନେଜର ଅଂଶଗ୍ରହଣ କରିଥିଲେ। ଏଥିରେ କୃତିତ୍ୱ ଅର୍ଜନ କରିଥିବା ପ୍ରତିଯୋଗୀ ଆଗାମୀ ଜାତୀୟସ୍ତରୀୟ ଫେଡେରେଶନ କପ୍‌ରେ ଅଂଶଗ୍ରହଣ କରିବେ। ପ୍ରତିଯୋଗିତା ଅବସରରେ ଭଦ୍ରକ ଉପଜିଲାପାଳ କାର୍ତ୍ତିକ ମଣ୍ଡଳ, ଜିଲା ଡିଏସ୍‌ଓ ଅନୁପ କୁମାର ବେହେରା, ଭଦ୍ରକ ଜିଲା ଅଲିମ୍ପିକ ଆସୋସିଏଶନ ସମ୍ପାଦକ ଶୁଭେନ୍ଦୁ ରାୟ ମହାପାତ୍ର, ଓଡ଼ିଶା ଟାଏକୋଣ୍ଡୋର ପରାମର୍ଶଦାତା ତଥା ଜିଲା ଟାଏକୋଣ୍ଡୋ ସଂଘ ସଭାପତି ରଞ୍ଜିତା ସ୍ୱାଇଁ, ରାଜ୍ୟ ଟାଏକୋଣ୍ଡୋ ଆସୋସିଏଶନ ସମ୍ପାଦକ ଚିନ୍ମୟ ବେହେରା, ଭଦ୍ରକ ଜିଲା ଭାଜପା ଅଧ୍ୟକ୍ଷ ଭଗବାନ ପଣ୍ଡା, ପ୍ରାଚୀ ମହାପାତ୍ର ଓ ଅଜୟ ନାୟକ ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ। ଅନ୍ତର୍ଜାତୀୟ ରେଫରି ସ୍ୱଦେଶ ରଞ୍ଜନ ରାଉତ ପ୍ରତିଯୋଗିତାକୁ ପରିଚାଳନା କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ଅଂଶୁମାନ ଦ୍ୱିବେଦୀ, ରୋଜାଲିନ ପଣ୍ଡା ଓ ଏସ୍.କେ. ମଦାନୀ ଅତିଥି ରୂପେ ଯୋଗଦେଇଥିଲେ।


# Classified Everyday
0674-2580101, 9692975378



REAL ESTATE
SALE

ସୁନ୍ଦରପଦାରେ ବାଉଣ୍ଡାରିୱାଲ ଥାଇ ଘରବାରି ପ୍ଲଟ୍ ବର୍ଗଫୁଟ ଟ2800/-ରେ ବିକ୍ରିହେବ। Loan available. Contact: 9668674258. ଧ-୨୯୧୦

2/3 BHK ready to move flat for sale at Jayadev Vihar square. Contact: 9437307086, 7008789347. D-2878

Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:-
classifieddharitri@gmail.com




All types of physiotherapy with massage, Contact number 9556924059/ 7656969134. D-2766

ଧରିତ୍ରୀ DHARITRI
Scan & Pay
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପେଠ କରନ୍ତୁ।
BHIM UPI
ଦେୟ ପେଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।

## AFFIDAVIT

I, Jayendra Behera (Aadhaar: xxxx xxxx 5655), S/o.- Dharani Behera, Kotapokhari, Nayagarh, Odisha declare that DHARANIDHAR BEHERA (as in H.S.C. Certificate) and DHARANI BEHERA (used in other documents) are variant spellings of my father's name, and both refer to the same person. This affidavit is for correcting discrepancies for job and others applications etc. D-2969

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ମନେ ପଡ଼ନ୍ତି

ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ଁ ପ୍ରେମଲତା ମହାନ୍ତି
ସ୍ଥାନ- ନିମେଇଶାପୁର, କଟକ
ତିରୋଧାନ:୧୯।୧୨।୨୦୨୫
ତୁମର ଅନୁପସ୍ଥିତି ଆମେ ପ୍ରତି ମୁହୂର୍ତ୍ତରେ ଅନୁଭବ କରୁଛୁ। ତୁମେ ଦେଇଥିବା ସ୍ନେହ, ଶ୍ରଦ୍ଧା ଓ ପ୍ରେରଣା ଆମ ପାଇଁ ଚିରସ୍ମରଣୀୟ ହୋଇ ରହିବ। ତୁମ ଅମର ଆତ୍ମାର ସଦ୍‌ଗତି ପାଇଁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ।
-:ଶୋକସନ୍ତପ୍ତ:-
ପୁଅ, ବୋହୂ, ଝିଅ, ଜ୍ୱାଇଁ, ନାତିନାତୁଣୀ, ବନ୍ଧୁ ଓ ମହାନ୍ତି ପରିବାରବର୍ଗ।
D-2967

*ବିଦାୟୀ ବର୍ଷ ୨୦୨୫ରେ ଟାରିଫ୍ ଓ ଟଙ୍କାକୁ ନେଇ ଚର୍ଚ୍ଚା ଜୋର ହୋଇଥିବାବେଳେ ସୁନା ଦରରେ ଅହେତୁକ ବୃଦ୍ଧି ଭାରତୀୟ ବଜାର ଓ ଅର୍ଥନୀତିକୁ ପ୍ରଭାବିତ କରିଥିଲା। ଟ୍ରମ୍ପଙ୍କ ଟାରିଫ୍ ଝଡ଼ରେ ଭାରତୀୟ ବାଣିଜ୍ୟ ବାଧାପ୍ରାପ୍ତ ହୋଇଥିଲା। ତେବେ ସେପ୍ଟେମ୍ବର ୨୨ରେ ଜିଏସ୍‌ଟି ସ୍ଲାବରେ ସଂସ୍କାର ବିଭିନ୍ନ ସାମଗ୍ରୀ ଦର ହ୍ରାସ ଆଶା ବଢ଼ାଇଥିଲେ ମଧ ସାଧାରଣ ଲୋକଙ୍କ ଜୀବନରେ ବିଶେଷ ପରିବର୍ତ୍ତନ ଆଣିପାରି ନ ଥିଲା। ବର୍ଷ ଶେଷ ଆଡ଼କୁ ସୌଖୀନ ଇଲେକ୍ଟ୍ରୋନିକ୍ସ ସାମଗ୍ରୀ ବିକ୍ରି ବଢ଼ିଥିଲା। ଆର୍‌ବିଆଇ ପକ୍ଷରୁ ରେପୋ ରେଟ୍‌ରେ ୪ଥର ହ୍ରାସ ଗୃହ ଓ ଗାଡ଼ି ଋଣ ସୁଧ ହାରକୁ କମ୍ କରିଥିଲା। ଅନ୍ୟପକ୍ଷେ ଏହି ବର୍ଷ ଓଡ଼ିଶାରେ ବିଭିନ୍ନ କ୍ଷେତ୍ରରେ ପୁଞ୍ଜିନିବେଶ ପାଇଁ ରାଜ୍ୟ ସରକାର ଅନେକ କମ୍ପାନୀ ସହ ଚୁକ୍ତି କରିଛନ୍ତି, ଯାହାକି ଏଠାରେ ନିଯୁକ୍ତି ସୁଯୋଗ ସୃଷ୍ଟି ପାଇଁ ରାସ୍ତା ପ୍ରଶସ୍ତ କରିଛି। ଓଡ଼ିଶାରେ ରେଳ ବିକାଶକୁ ମଧ ଏହି ବର୍ଷ ଐତିହାସିକ ଗତି ଦେଇଛି।*

# ଡଲାର ତୁଳନାରେ ଟଙ୍କା ଶହେମୁହାଁ



## ବର୍ଷକରେ ଟଙ୍କା ୪.୪୪% ଦୁର୍ବଳ

ବିଦାୟୀ ବର୍ଷ ଆମେରିକୀୟ ଡଲାର ତୁଳନାରେ ଭାରତୀୟ ମୁଦ୍ରାକୁ ବହୁ ତଳକୁ ଠେଲି ଦେଇଥିଲା। ସ୍ଥିତି ଏମିତି ହୋଇଥିଲା ଯେ, ୧୬ ଡିସେମ୍ବରରେ ମୁଦ୍ରା ମୂଲ୍ୟ ଐତିହାସିକ ରେକର୍ଡ ସୃଷ୍ଟି କରି ୯୧ ଟଙ୍କା ୭ ପଇସାରେ ପହଞ୍ଚିଥିଲା। ବର୍ଷ ଆରମ୍ଭରେ ଡଲାର ମୂଲ୍ୟ ୮୫ ଟଙ୍କା ଥିବାବେଳେ ବର୍ଷ ଶେଷ ଆଡ଼କୁ ଏହା ୪.୪୯% ହ୍ରାସ ପାଇଥିଲା। ଭୂ-ରାଜନୈତିକ ଅସ୍ଥିରତା ଓ ବାଣିଜ୍ୟିକ ଯୁଦ୍ଧ ଭାରତୀୟ ମୁଦ୍ରା ଟଙ୍କା ଦୁର୍ବଳ ହେବାର ମୁଖ୍ୟ କାରଣ ଥିଲା। ଫଳରେ ଭାରତୀୟ ଅର୍ଥନୀତି ପ୍ରଭାବିତ ହୋଇଥିଲା। ଆମଦାନୀ ମହଙ୍ଗା ହେବା ଦ୍ୱାରା ମୁଦ୍ରାସ୍ଫୀତି ବଢ଼ୁଛି। ମାତ୍ର ରପ୍ତାନି ପାଇଁ ଏହା ଲାଭଦାୟକ ହେଉଥିଲେ ମଧ ବର୍ଦ୍ଧିତ ଟାରିଫ୍ ଭାରତୀୟ ଅର୍ଥ ବ୍ୟବସ୍ଥାକୁ ଆଘାତ ପହଞ୍ଚାଇଛି।

# ଟ୍ରମ୍ପ୍ ଟାରିଫ୍ ଝଡ଼



୨୦୨୫ରେ ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଭାରତୀୟ ରପ୍ତାନି ଉପରେ ପ୍ରଥମେ ଜୁଲାଇ ୩୦ରେ ୨୫% ରେସିପ୍ରୋକାଲ ଟାରିଫ୍ ଘୋଷଣା କରି ଅଗଷ୍ଟ ୧ରୁ ଲାଗୁ କରିଥିଲେ। ଅଗଷ୍ଟ ୬ରେ ଭାରତର ରୁଷିଆରୁ ରିହାତି ତୈଳ କ୍ରୟକୁ ରୁଷିଆ-ୟୁକ୍ରେନ ଯୁଦ୍ଧର ଫଣ୍ଡିଂ ଭାବେ ଦର୍ଶାଇ ଅଧିକ ୨୫% ଦଣ୍ଡାତ୍ମକ ଟାରିଫ୍ ଯୋଡ଼ି ମୋଟ ୫୦% କରିଦେଇଥିଲେ, ଯାହା ଅଗଷ୍ଟ ୨୭ରୁ କାର୍ଯ୍ୟକାରୀ ହୋଇଥିଲା। ଫଳରେ ବସ୍ତ୍ର, ରତ୍ନ-ଆଭୂଷଣ, ଚମଡ଼ାଜାତ ଦ୍ରବ୍ୟ, ରାସାୟନିକ ପଦାର୍ଥ ଏବଂ ଖାଦ୍ୟ ଭଳି ଶ୍ରିମ୍ପ୍ ଆଦି କ୍ଷେତ୍ରରେ ଭାରତୀୟ ରପ୍ତାନିକାରୀମାନଙ୍କୁ ବଡ଼ କ୍ଷତି ପହଞ୍ଚାଇଥିଲା ଏବଂ ଦୁଇ ଦେଶ ମଧ୍ୟରେ ବାଣିଜ୍ୟ ଏବଂ କୂଟନୈତିକ ସମ୍ପର୍କକୁ ତୀବ୍ର ପ୍ରଭାବିତ କରିଥିଲା। ମାତ୍ର ଭାରତ ଏହାର ଜବାବରେ ରୁଷିଆ ସହ ବାଣିଜ୍ୟ ଜାରି ରଖି ନୂଆ ବଜାର ଅନୁସନ୍ଧାନ କରିଥିଲା। ଓମାନ, ନ୍ୟୁଜିଲାଣ୍ଡ ଓ ବ୍ରିଟେନ୍ ଭଳି ଦେଶ ସହ ମୁକ୍ତ ବାଣିଜ୍ୟ ଚୁକ୍ତି କରି ଅର୍ଥନୀତିର ବିବିଧୀକରଣ ଦ୍ୱାରା ପ୍ରଭାବକୁ କମ୍ କରିବାକୁ ସଫଳ ହୋଇଥିଲା। ଫଳରେ ନଭେମ୍ବରରେ ଆମେରିକାକୁ ରପ୍ତାନି ପୁନର୍ବାର ବଢ଼ିଥିଲା ଏବଂ ଡିସେମ୍ବର ସୁଦ୍ଧା ମୋଦି ଓ ଟ୍ରମ୍ପଙ୍କ ମଧ୍ୟରେ ବାଣିଜ୍ୟ ଚୁକ୍ତି ଆଲୋଚନା ପରେ ସମ୍ପର୍କରେ କିଛିଟା ସ୍ଥିରତା ଆସିଥିଲା। ଅନୁରୂପ ଭାବେ ମେକ୍ସିକୋ ମଧ ଭାରତ ଉପରେ ୫୦ % ତାରିଖ ଟାରିଫ୍ ଲଗାଇବା ସ୍ଥିତିକୁ ସଙ୍ଗିନ୍ କରିଥିଲା।

## ଓଡ଼ିଶାର ଶିରିଶ ଚନ୍ଦ୍ର ମୁର୍ମୁ ଆର୍‌ବିଆଇ ଡେପୁଟି ଗଭର୍ନର



ଓଡ଼ିଶାର ମୟୂରଭଞ୍ଜ ଜିଲାରେ ଜନ୍ମିତ ଶିରିଶ ଚନ୍ଦ୍ର ମୁର୍ମୁ ଆର୍‌ବିଆଇର ଡେପୁଟି ଗଭର୍ନର ଭାବରେ ଅକ୍ଟୋବର ୯ରେ ଦାୟିତ୍ୱ ଗ୍ରହଣ କରିଥିଲେ। ଏହା ପୂର୍ବରୁ ସେ ରିଜର୍ଭ ବ୍ୟାଙ୍କରେ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଭାବରେ କାର୍ଯ୍ୟ କରିବା ସହ ପର୍ଯ୍ୟବେକ୍ଷଣ ବିଭାଗର ଦାୟିତ୍ୱରେ ଅଛନ୍ତି। ୩ ବର୍ଷ ପାଇଁ ସେ ଏହି କାର୍ଯ୍ୟଭାର ତୁଲାଇବେ।

## ଆଶା ବଢ଼ାଇଲା ଜିଏସ୍‌ଟି ସଂସ୍କାର



ଆମେରିକାର ଟାରିଫ୍ ଝଡ଼ ମଧ୍ୟରେ କେନ୍ଦ୍ର ସରକାର ୪ଟିକିଆ ସେବା ଓ ସାମଗ୍ରୀ ଟିକସ (ଜିଏସ୍‌ଟି) ସ୍ଲାବ୍‌ରେ ୨୨ ସେପ୍ଟେମ୍ବରରେ ବଡ଼ ପରିବର୍ତ୍ତନ କରିଥିଲେ। ୫୬ତମ ଜିଏସ୍‌ଟି ପରିଷଦ ବୈଠକରେ ୫%, ୧୨%, ୧୮% ଓ ୨୮% ସ୍ଲାବ୍‌କୁ ହଟାଇ ୨ଟି ଟିକସ ସ୍ଲାବ୍ (୫% ଓ ୧୮%) କରାଯିବା ନେଇ ନିଷ୍ପତ୍ତି ନିଆଯାଇଥିଲା। ନବରାତ୍ରର ପ୍ରଥମଦିନରୁ ୨ଟିକିଆ ଜିଏସ୍‌ଟି ସ୍ଲାବ କାର୍ଯ୍ୟକାରୀ କରାଯାଇଥିଲା। ଉଲ୍ଲେଖଯୋଗ୍ୟ, ୨୦୧୭ ଜୁଲାଇ ୧ରେ ସମଗ୍ର ଦେଶରେ ଜିଏସ୍‌ଟି ଲାଗୁ ହେବା ପରେ କେନ୍ଦ୍ର ସରକାରଙ୍କ ଏହା ଥିଲା ପରୋକ୍ଷ ଟିକସରେ ବଡ଼ ସଂସ୍କାର। ଦେଶରେ ଜିଏସଟି ୨.୦ ଲାଗୁ ହେବା ପରେ କେତେକ ଦୈନନ୍ଦିନ ଜିନିଷର ଦାମ୍ ହ୍ରାସ ପାଇଥିବାବେଳେ ବିଳାସପୂର୍ଣ୍ଣ ଦ୍ରବ୍ୟ ଓ କ୍ଷତିକାରକ ଜିନିଷ ଉପରେ ବର୍ଦ୍ଧିତ ଟିକସ ଲାଗୁ ହୋଇଥିଲା।

## ରାଜ୍ୟରେ ସେମିକଣ୍ଡକ୍ଟର, ଡିଜିଟାଲ ଭିତ୍ତିଭୂମି ବିକାଶ

ଓଡ଼ିଶାରେ ଇଲେକ୍ଟ୍ରୋନିକ୍ସ, ଆଇଟି, ସେମିକଣ୍ଡକ୍ଟର, ଡିଜିଟାଲ ଭିତ୍ତିଭୂମି କ୍ଷେତ୍ରର ବିକାଶ ପାଇଁ ୨ଟି ସେମିକଣ୍ଡକ୍ଟର ନିର୍ମାଣ ୟୁନିଟ୍ ଖୋଲିବ। ଏହି ଦୁଇ ୟୁନିଟ୍‌ରେ ୪,୯୦୦ କୋଟି ଟଙ୍କାରୁ ଅଧିକ ଅର୍ଥ ବ୍ୟୟ ହେବ। ଭୁବନେଶ୍ୱରରେ ୨୦୦ କୋଟି ଟଙ୍କା ବ୍ୟୟରେ ନିର୍ମାଣାଧୀନ ନୂଆ ଇଲେକ୍ଟ୍ରୋନିକ୍ସ ଉତ୍ପାଦନ



କ୍ଲଷ୍ଟର ୧,୫୩୦ କୋଟି ଟଙ୍କାର ପୁଞ୍ଜିନିବେଶ ଆକୃଷ୍ଟ କରିବା ସହିତ ୩ ହଜାର ନିଯୁକ୍ତି ସୁଯୋଗ ସୃଷ୍ଟି କରିବ। ସେମିକଣ୍ଡକ୍ଟର କାରଖାନାରୁ ଉତ୍ପାଦିତ ଚିପ୍, ଅଟୋମୋବାଇଲ, ଏରୋସ୍ପେସ, ପ୍ରତିରକ୍ଷା, ୱେରଲେସ୍ ଉପକରଣ, ବୈଦ୍ୟୁତିକ ବାହନ(ଇଭି), ଡାଟା ସେଣ୍ଟର, ଇଲେକ୍ଟ୍ରୋନିକ୍ସ ଉପକରଣ ଆଦିରେ ବ୍ୟବହୃତ ହେବ। 'ଚିପ୍ ଟୁ ଷ୍ଟାର୍ଟଅପ୍' ଅଧୀନରେ ରାଜ୍ୟର ୧୧ଟି ବିଶ୍ୱବିଦ୍ୟାଳୟକୁ କେନ୍ଦ୍ର ମାଗଣା ଡିଜାଇନ ଟୁଲ୍ ଯୋଗାଉଛି। ଇଲେକ୍ଟ୍ରୋନିକ୍ସ କ୍ଷେତ୍ରରେ ଏବେ ସୁଦ୍ଧା ୩୯୮ କୋଟି ଟଙ୍କା ନିବେଶ ସହ ୫୭୨ରୁ ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇଛି। ଡିଜିଟାଲ ଦକ୍ଷତା ବିକାଶ ଲାଗି ଜାତୀୟ ଇଲେକ୍ଟ୍ରୋନିକ୍ସ ଏବଂ ଆଇଟି ପ୍ରତିଷ୍ଠାନ (ଏନ୍‌ଆଇଇଏଲ୍‌ଆଇଟି) ରାଜ୍ୟରେ ୨ଟି କେନ୍ଦ୍ର ସ୍ଥାପନ ସହ କଟକ, ଭୁବନେଶ୍ୱର, ସମ୍ବଲପୁର, ବାଲେଶ୍ୱର ସମେତ ବିଭିନ୍ନ ସ୍ଥାନରେ ୩୫ଟି କେନ୍ଦ୍ରକୁ ମାନ୍ୟତା ପ୍ରଦାନ କରିଛି। ସଫ୍ଟୱେର ଟେକ୍ନୋଲୋଜି ପାର୍କ ଅଫ୍ ଇଣ୍ଡିଆ ଦ୍ୱାରା ଟ୍ରିପଲ ଆଇଟି ଭୁବନେଶ୍ୱର ଏବଂ ଇଣ୍ଡିଆନ ଇଲେକ୍ଟ୍ରୋନିକ୍ସ ଆଣ୍ଡ୍ ସେମି କଣ୍ଡକ୍ଟର ଆସୋସିଏସନ ସହଭାଗିତାରେ ଇଲେକ୍ଟ୍ରୋପ୍ରିନ୍ୟୁର୍ ପାର୍କ ସ୍ଥାପନ କରାଯାଇଛି।

## ଦ୍ୱିତୀୟାର୍ଦ୍ଧରେ ବଢ଼ିଲା ଗାଡ଼ି ବିକ୍ରି

ବିଦାୟୀ ବର୍ଷରେ ଭାରତରେ ପ୍ରାୟ ୨କୋଟି ୫ ଲକ୍ଷ ୟୁନିଟ୍ ୨ ଚକିଆ ଯାନ ବିକ୍ରି ହୋଇଛି। ପାସେଞ୍ଜର ଭେହିକଲ୍ସ (ପିଭି) ବିକ୍ରୟ ବର୍ଷର ଆରମ୍ଭରେ ମଧ୍ୟମ ବୃଦ୍ଧି ଦେଖାଯାଇଥିଲା, ମାତ୍ର ବର୍ଷର ପ୍ରଥମାର୍ଦ୍ଧରେ ଅଳ୍ପ ହ୍ରାସ ହୋଇଥିଲ। ତେବେ ଦ୍ୱିତୀୟାର୍ଦ୍ଧରେ ବିଶେଷକରି ଅକ୍ଟୋବର ଓ ନଭେମ୍ବରରେ ଜିଏସଟି ହ୍ରାସ, ପାର୍ବଣ ଋତୁ ଏବଂ ଗ୍ରାମାଞ୍ଚଳରେ ବର୍ଦ୍ଧିତ ଚାହିଦା ଯୋଗୁ ବିକ୍ରିରେ ଉଲ୍ଲେଖନୀୟ ବୃଦ୍ଧି ହୋଇଛି। ବାଣିଜ୍ୟିକ ଯାନବାହନ (ସିଭି) ବିକ୍ରୟ ଯଥେଷ୍ଟ ବୃଦ୍ଧି ପାଇଛି, ଯାହାକି ଭିତ୍ତିଭୂମି ବିକାଶ ଓ ଆର୍ଥିକ ଅଭିବୃଦ୍ଧିରେ ସହାୟକ ହୋଇଛି। ନଭେମ୍ବରରେ ରେକର୍ଡ ବିକ୍ରୟ ସହିତ ମାରୁତି ସୁଜୁକି ପିଭି ବଜାରରେ ଆଗୁଆ ରହିଥିବବେଳେ ଟାଟା ମୋଟର୍ସ ଓ ମହିନ୍ଦ୍ରା ପଛକୁ ଥିଲେ।



## ଟାଟା-ମିସ୍ତ୍ରୀ ପରିବାର ବିବାଦ

୨୦୨୫ରେ ଟାଟା ଗ୍ରୁପର ସବୁଠାରୁ ବଡ଼ ବିବାଦ ଟାଟା ଟ୍ରଷ୍ଟ ମଧ୍ୟରେ ଦେଖିବାକୁ ମିଳିଥିଲା। ୨୦୨୪ରେ ରତନ ଟାଟାଙ୍କ ଦେହାନ୍ତ ପରେ ଗଭର୍ନାନ୍ସ, ପାରଦର୍ଶିତା ଏବଂ ବୋର୍ଡ ନିଯୁକ୍ତି ନେଇ ସାଇରସ୍ ଓ ମିସ୍ତ୍ରୀ ପରିବାର ମଧ୍ୟରେ ମତଭେଦ ସୃଷ୍ଟି କରିଥିଲା। ରତନ ଟାଟାଙ୍କ ସାବତ ଭାଇ ତଥା ଟ୍ରଷ୍ଟର ଅଧ୍ୟକ୍ଷ ନୋଏଲ ଟାଟାଙ୍କ ନେତୃତ୍ୱାଧୀନ ଗୋଷ୍ଠୀ ଏବଂ ସାଇରସ୍ ମିସ୍ତ୍ରୀ ତଥା ରତନ ଟାଟାଙ୍କ ଘନିଷ୍ଠ ମେହଲି ମିସ୍ତ୍ରୀଙ୍କ ଗୋଷ୍ଠୀ ମଧ୍ୟରେ ତିକ୍ତତା ତୀବ୍ର ହୋଇଥିଲା। ଅକ୍ଟୋବରରେ ମେହଲିଙ୍କୁ ପଦରୁ ହଟାଇ ଦିଆଯାଇଥିଲା। ବିବାଦର ସମାଧାନ ପାଇଁ ସରକାରୀ ହସ୍ତକ୍ଷେପ ସ୍ୱରୂପ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ଏବଂ ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍‌ଙ୍କ ସହ ବୈଠକ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲା ଏବଂ ନଭେମ୍ବର ୪ରେ ମେହଲି ନିଜେ ଇସ୍ତଫା ଦେଇ ରତନ ଟାଟାଙ୍କ ଦର୍ଶନକୁ ରକ୍ଷା କରିବା ପାଇଁ ଏହି ନିଷ୍ପତ୍ତି ନେଇଥିବା କହିଥିଲେ। ଫଳରେ ନୋଏଲ ଟାଟାଙ୍କ କ୍ଷମତା ସୁଦୃଢ଼ ହୋଇଥିଲା।

## ଓଡ଼ିଶାରେ ନିବେଶ, ନିଯୁକ୍ତି ଆଶା ବୃଦ୍ଧି

୨୦୨୫ରେ ଓଡ଼ିଶାରେ ନିବେଶ ଓ ରୋଜଗାରର ରାସ୍ତା ପ୍ରଶସ୍ତ ହୋଇଛି। ଉତ୍କର୍ଷ ଓଡ଼ିଶା-ମେକ୍ ଇନ୍ ଓଡ଼ିଶା କନକ୍ଲେଭ୍ ୨୦୨୫ରେ ୧୪୫ଟି ଏମ୍‌ଓୟୁ ହୋଇଛି, ଯାହା ୧୬.୭ ଲକ୍ଷ କୋଟିରୁ ଅଧିକ ନିବେଶ ଆକର୍ଷଣ କରି ୧୨.୯ ଲକ୍ଷ ରୋଜଗାରର ସମ୍ଭାବନା ସୃଷ୍ଟି କରିଛି। ମୁମ୍ବାଇ, ହାଇଦ୍ରାବାଦ, ଦିଲ୍ଲୀ ଓ ସିଙ୍ଗାପୁରରେ ରୋଡ୍ ଶୋ' ମାଧ୍ୟମରେ ହୋଇଥିବା ୬୬,୭୮୧ କୋଟିର ନିବେଶ ଓ ୫୬,୩୪୦ ନିଯୁକ୍ତି ସୁଯୋଗ ନୂଆ ଆଶା ସଞ୍ଚାର କରିଛି। ରାଜ୍ୟରେ କୃଷି ଓ ଆନୁଷଙ୍ଗିକ କ୍ଷେତ୍ରରେ ୪୯% ଶ୍ରମିକ, ଶିଳ୍ପ ୨୬% ଓ ସେବା କ୍ଷେତ୍ରରେ ୨୫% ରୋଜଗାର ପାଇଛନ୍ତି। ୨୦୨୫-୨୬ ବଜେଟରେ ୨.୯୦ ଲକ୍ଷ କୋଟିରୁ ରୋଜଗାର ସୃଷ୍ଟି ଉପରେ ଗୁରୁତ୍ୱ ଦିଆଯାଇଛି। ଟେକ୍ସଟାଇଲ, ଆଇଟି, ଆଇଟିଇଏସ୍ ପର୍ଯ୍ୟଟନ କ୍ଷେତ୍ରରେ ସୃଷ୍ଟି ହୋଇଥିବା ନିଯୁକ୍ତି ସୁଯୋଗ ରାଜ୍ୟର ସ୍ଥାୟୀ ଆର୍ଥିକ ବୃଦ୍ଧିରେ ସହାୟକ ହେବ ବୋଲି ଆଶା କରାଯାଉଛି।

## ଦେଢ଼ ଲକ୍ଷ ଆଡ଼େ ସୁନା, ରୁପା ଅଢ଼େଇ ଲକ୍ଷ



ବିଦାୟୀ ବର୍ଷରେ ସୁନା, ରୁପା ଏବଂ ପ୍ଲାଟିନମ୍ ଚାହିଦା ସହ ଦରରେ ତୀବ୍ର ବୃଦ୍ଧି ଦେଖିବାକୁ ମିଳିଥିଲା। ଅଗଷ୍ଟ ଆରମ୍ଭରୁ ସୁନାଦର ୧୦ ଗ୍ରାମ ପିଛା ଲକ୍ଷେ ଟଙ୍କା ଟପିଥିଲା। ଅକ୍ଟୋବର ଶେଷ ସପ୍ତାହରେ ୨୪ କ୍ୟାରେଟ ସୁନାଦର ୧୦ଗ୍ରାମ ପ୍ରତି ୧ଲକ୍ଷ ୩୦ ହଜାରୁ ଅଧିକ ରହିଥିଲା। ବର୍ଷ ଶେଷ ଆଡ଼କୁ ୨୪ କ୍ୟାରେଟ ସୁନାର ମୂଲ୍ୟ ୧ଲକ୍ଷ ୪୦ ହଜାର ଛୁଇଁଥିଲା। ଗତବର୍ଷ ତୁଳନାରେ ଏହା ୮୨.୮୩% ବୃଦ୍ଧିକୁ ଦର୍ଶାଉଛି। ସେହିପରି ରୁପା ଦର ଗତବର୍ଷ ତୁଳନାରେ ୧୭୧.୦୪% ବୃଦ୍ଧି ପାଇ କିଲୋଗ୍ରାମ ପ୍ରତି ମୂଲ୍ୟ ୨.୫ ଲକ୍ଷ ଟଙ୍କା ନିକଟବର୍ତ୍ତୀ ହୋଇଛି। ଡିସେମ୍ବର ଶେଷ ସପ୍ତାହବେଳକୁ ଏହି ଦର ୨ଲକ୍ଷ ୪୧ ହଜାର ଟପିଛି। ବିକଳ୍ପ ଭାବେ ଗ୍ରାହକ ପ୍ଲାଟିନମ ଗହଣା ବାଛୁଥିବାବେଳେ ଏଥିରେ ମଧ ଅହେତୁକ ବୃଦ୍ଧି ଚିନ୍ତା ବଢ଼ାଇଥିଲା। ହେଲେ ନିବେଶକଙ୍କୁ ଏହି ଦରବୃଦ୍ଧି ବେଶ୍ ସୁହାଇଥିଲା।

## ବର୍ଷାନ୍ତରେ ରେପୋ ରେଟ୍ ୫.୨୫%କୁ ହ୍ରାସ





ଭାରତୀୟ ରିଜର୍ଭ ବ୍ୟାଙ୍କ (ଆରବିଆଇ) ୨୦୨୫ ଆରମ୍ଭରେ ୬.୫୦% ଥିବା ରେପୋ ରେଟ୍‌କୁ ଡିସେମ୍ବର ୨୦୨୫ ସୁଦ୍ଧା ୫.୨୫%କୁ ହ୍ରାସ କରିଛି। ଏହି ହ୍ରାସ ମୁଦ୍ରାସ୍ଫୀତି ନିୟନ୍ତ୍ରଣ, ଅର୍ଥନୈତିକ ଅଭିବୃଦ୍ଧିକୁ ପ୍ରୋତ୍ସାହନ ଏବଂ ଉପଭୋକ୍ତାଙ୍କୁ ସହଜ ଋଣ ଯୋଗାଇବାରେ ଥିଲା ଅଭିପ୍ରେତ। ଫେବୃଆରୀରେ ୨୫ ବେସିସ ପଏଣ୍ଟ (ବିପିଏସ୍) ହ୍ରାସ ହୋଇଥିବାବେଳେ ଏପ୍ରିଲରେ ୨୫, ଜୁନ୍‌ରେ ୫୦ ଏବଂ ଡିସେମ୍ବରରେ ୨୫ ବିପିଏସ୍ ହ୍ରାସ ପାଇଥିଲା। ଆରବିଆଇର ଏହି ନିଷ୍ପତ୍ତି ଅର୍ଥନୀତିର ବିଭିନ୍ନ କ୍ଷେତ୍ରରେ ସକାରାତ୍ମକ ପ୍ରଭାବ ପକାଇବ ବୋଲି ଆଶା କରାଯାଉଛି। ଏହି ପରିବର୍ତ୍ତନର ପ୍ରଭାବ ଉପଭୋକ୍ତା ଏବଂ ବ୍ୟବସାୟୀଙ୍କ ପାଇଁ ସହଜ ଋଣ ଯୋଗାଣ କରିବ, ଯାହାଦ୍ୱାରା ଗୃହଋଣ, ବାହନ ଏବଂ ବ୍ୟବସାୟିକ ଋଣର ସୁଧ ହାର ହ୍ରାସ ପାଇବ। ତେବେ ଏହାର ଅନ୍ୟ ପାର୍ଶ୍ୱରେ ଫିକ୍ସଡ୍ ଡିପୋଜିଟ (ଏଫ୍‌ଡି)ର ରିଟର୍ନ ହ୍ରାସ ହୋଇପାରେ, ଯାହା ଜମାକାରୀଙ୍କୁ ପ୍ରଭାବିତ କରିବ ବୋଲି ବିଶେଷଜ୍ଞ ମତ ଦେଉଛନ୍ତି। ଏହା ସହିତ ଟଙ୍କାର ମୂଲ୍ୟ ଉପରେ ମଧ ପ୍ରଭାବ ପଡ଼ିବ, ଯାହା ଆମଦାନୀ-ରପ୍ତାନି ଏବଂ ବିଦେଶୀ ମୁଦ୍ରା ବଜାରକୁ ପ୍ରଭାବିତ କରିପାରେ।

## ବିଦାୟ ନେଲେ 'ରୁଚି' ପ୍ରତିଷ୍ଠାତା



ପ୍ରାୟ ୭ଟି ଦେଶରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିବା ଓଡ଼ିଶାର ପ୍ରତିଷ୍ଠିତ ବ୍ୟବସାୟୀ ତଥା ରୁଚି ମସଲାର ପ୍ରତିଷ୍ଠାତା ଡ. ଶରତ କୁମାର ସାହୁଙ୍କ ନଭେମ୍ବର ୨ରେ ପରଲୋକ ହୋଇଥିଲା। ଓଡ଼ିଶାର କ୍ଷୁଦ୍ର, ଲଘୁ ଏବଂ ମଧ୍ୟମ ଉଦ୍ୟୋଗକୁ ଆଗେଇ ନେବାରେ ଶରତ ସାହୁଙ୍କ ଥିଲା ବଡ଼ ଭୂମିକା। ୧୯୭୬ ମସିହାରେ ତାଙ୍କର ବ୍ୟବସାୟିକ ଯାତ୍ରା ଆରମ୍ଭ ହୋଇଥିବାବେଳେ 'ରୁଚି'ର ବିଭିନ୍ନ ପ୍ରକାର ମସଲା, ପାସ୍ତା, ନୁଡଲ୍ସ ସହ ବିଭିନ୍ନ ରେଡି-ଟୁ-ଇଟ୍ ଖାଦ୍ୟ ସାମଗ୍ରୀ ପ୍ରସ୍ତୁତ କରୁଛି। ୭୪ ବର୍ଷ ବୟସରେ ଶରତଙ୍କ ଦେହାନ୍ତ ବ୍ୟବସାୟିକ ଜଗତରେ ଶୋକର ଛାୟା ଖେଳାଇଥିଲା।

## ଓଡ଼ିଶା ରେଳ ବିକାଶକୁ ଐତିହାସିକ ଗତି

ଓଡ଼ିଶାରେ ରେଳ ବିକାଶକୁ ବିଦାୟୀ ବର୍ଷରେ ଐତିହାସିକ ଗତି ମିଳିଛି। ୨୦୨୫-୨୬ ଆର୍ଥିକ ବର୍ଷରେ ରାଜ୍ୟକୁ ଏହାର ୧୩ ଗୁଣ ଅର୍ଥାତ୍ ୧୦,୫୯୯ କୋଟି ଟଙ୍କାର ରେଳ ବଜେଟ ଦିଆଯାଇଛି। ନୂଆ ରେଳ ଟ୍ରାକ୍ ନିର୍ମାଣ ମଧ ବାର୍ଷିକ ହାରାହାରି ସାଢ଼େ ତିନି ଗୁଣ ବୃଦ୍ଧି ପାଇଛି। ଏପ୍ରିଲ ୨୦୨୫ ସୁଦ୍ଧା ୧୯ଟି ନୂଆ ଲାଇନ୍ ଏବଂ ୩୦ଟି ଦୋହରୀକରଣ ପ୍ରକଳ୍ପ ସମେତ ସମ୍ପୂର୍ଣ୍ଣ ଏବଂ ଆଂଶିକ ଭାବେ ୪୯ଟି ରେଳ ପ୍ରକଳ୍ପକୁ ମଞ୍ଜୁର କରାଯାଇଛି। ଏଥିପାଇଁ ୬୭ ହଜାର ୪୯୬ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି। ଏଥିମଧ୍ୟରୁ ମାର୍ଚ୍ଚ ୨୦୨୫ ସୁଦ୍ଧା ୧,୪୨୯ କିଲୋମିଟର ରେଳ ମାର୍ଗ କାର୍ଯ୍ୟକ୍ଷମ ହୋଇସାରିଥିବା ବେଳେ ୨୮,୦୪୩ କୋଟି ଟଙ୍କା ଖର୍ଚ୍ଚ ହୋଇଛି। ଏହା ମଧ୍ୟରେ ୧୧ଟି ରେଳ ଲାଇନ୍ କାମ ସମ୍ପୂର୍ଣ୍ଣ ହୋଇଥିବାବେଳେ ୧୭ଟି ରେଳ ଲାଇନ ପ୍ରକଳ୍ପ ନିର୍ମାଣାଧୀନ ଅଛି। ଅଧିକ ମାଲ ପରିବହନ ଲାଗି ଦେଶରେ ୧୨୦ଟି ଗତି-ଶକ୍ତି ବହୁମୁଖୀ କାର୍ଗୋ ଟର୍ମିନାଲ କାର୍ଯ୍ୟକ୍ଷମ କରିଥିବା ବେଳେ ୧୩୩ଟି ସ୍ଥାନରେ ଏଭଳି ଟର୍ମିନାଲ ନିର୍ମାଣ ଜାରି ରଖିଛି। ୧୦ଟି ସ୍ଥାନରେ ଗତିଶକ୍ତି ଟର୍ମିନାଲ କାର୍ଯ୍ୟକ୍ଷମ ହୋଇଛି। ଆହୁରି ୭ଟି ସ୍ଥାନରେ ଗତିଶକ୍ତି ଟର୍ମିନାଲ ନିର୍ମାଣକୁ ଅନୁମୋଦନ କରାଯାଇଛି। ଓଡ଼ିଶାର ୨୭ଟି ଜିଲା ଏବେ ରେଳ ନେଟୱର୍କ ସହିତ ଯୋଡ଼ି ହୋଇଛି। ବର୍ତ୍ତମାନ ୬ଟି ବନ୍ଦେ ଭାରତ ଏକ୍ସପ୍ରେସ ଓ ଗୋଟିଏ ଅମୃତ ଭାରତ ଏକ୍ସପ୍ରେସ ଚଳାଚଳ କରୁଛି। ଏହା ରାଜ୍ୟବାସୀଙ୍କୁ ଦ୍ରୁତ, ଆଧୁନିକ ଏବଂ ଆରାମଦାୟକ ଯାତ୍ରା ପ୍ରଦାନ କରୁଛି।



ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ସୋମବାର, ଡିସେମ୍ବର ୨୯/୨୦୨୫ Bhubaneswar, Monday, December 29/ 2025

# ଭାରତର ବିଜୟ ଧାରା ଜାରି

**ଥିରୁଭାନନ୍ତପୁରମ,୨୮।୧୨**

ସ୍ମୃତି ମନ୍ଧାନା ଓ ଶେଫାଳି ବର୍ମାଙ୍କ ରେକର୍ଡ ଓପନିଂ ଭାଗୀଦାରି ବଳରେ ଶ୍ରୀଲଙ୍କା ବିପକ୍ଷରେ ରବିବାର ଖେଳାଯାଇଥିବା ହାଇ ସ୍କୋରିଂ ଚତୁର୍ଥ ଟି୨୦ ମ୍ୟାଚ୍‌କୁ ଭାରତ ୩୦ ରନରେ ଜିତି ନେଇଛି। ଏହି ବିଜୟ ଯୋଗୁ ଭାରତ ୫ ମ୍ୟାଚ୍ ବିଶିଷ୍ଟ ସିରିଜ୍‌ରେ ୪-୦ରେ ଆଗରେ ରହିଛି। ମ୍ୟାଚ୍‌ରେ ମନ୍ଧାନା ଓ ଶେଫାଳି ପ୍ରଥମ ଉଇକେଟରେ ରେକର୍ଡ ୧୬୨ ରନ ଯୋଡ଼ିଥିଲେ। ଏହି ମ୍ୟାଚ୍ ଜରିଆରେ ମନ୍ଧାନା ଅନ୍ତର୍ଜାତୀୟ କ୍ରିକେଟରେ ୧୦ ହଜାର ରନ ପୂରଣ କରିଛନ୍ତି।

## ମନ୍ଧାନା-ଶେଫାଳିଙ୍କ ରେକର୍ଡ ଭାଗୀଦାରି

ସିରିଜ୍‌ର ଅନ୍ତିମ ତଥା ପଞ୍ଚମ ମ୍ୟାଚ୍ ସମାନ ଗ୍ରାଉଣ୍ଡରେ ୩୦ ତାରିଖରେ ଖେଳାଯିବ।

ଭାରତୀୟ ଦଳକୁ ମନ୍ଧାନା ଓ ଶେଫାଳି ବିସ୍ଫୋରକ ଆରମ୍ଭ ପ୍ରଦାନ କରିଥିଲେ। ଦୁହେଁ ୧୫.୨ ଓଭରରେ ୧୬୨ ରନ ଯୋଡ଼ିଥିଲେ, ଯାହାକି ଟି୨୦ କ୍ରିକେଟରେ ଭାରତୀୟ ମହିଳା ଦଳର ଯେକୌଣସି ଉଇକେଟ ପାଇଁ ସର୍ବାଧିକ। ଶେଫାଳି ୪୬ ବଲରେ ୭୯ (୧୨ ଚୌକା ଓ ୧ ଛକା) ଓ ମନ୍ଧାନା ୪୮ ବଲରେ ୮୦ (୧୧ ଚୌକା ଓ ୩ ଛକା)ରନ କରି ପାଭିଲିଅନ ଫେରିଥିଲେ। ଶେଷ ଆଡ଼କୁ ରିଚା ଘୋଷ ଓ ଅଧିନାୟିକା ହରମନପ୍ରୀତ କୌର ବିସ୍ଫୋରକ ବ୍ୟାଟିଂ କରି ତୃତୀୟ ଉଇକେଟରେ ୨୩ ବଲରେ ୫୩ ରନ ଯୋଡ଼ିଥିଲେ। ଫଳରେ ଭାରତ ନିର୍ଦ୍ଧାରିତ ୨୦ ଓଭରରେ ୨ ଉଇକେଟ ହରାଇ ୨୨୧ ରନ କରିଥିଲା। ଏହା ମହିଳା ଟି୨୦ କ୍ରିକେଟରେ ଭାରତ ପାଇଁ ସର୍ବାଧିକ ଦଳଗତ ସ୍କୋର। ରିଚା ୧୬ ବଲରେ ୪୦ (୪ ଚୌକା ଓ ୩ ଛକା) ଓ ହରମନ ୧୦ ବଲରେ ୧୬ (୧ ଲେଖାଏ ଚୌକା ଓ ଛକା) ରନ କରି ଅପରାଜିତ ରହିଥିଲେ। ଜବାବରେ ଶ୍ରୀଲଙ୍କା ଶେଷ ପର୍ଯ୍ୟନ୍ତ ଲଢ଼େଇ କରିବା ସତ୍ତ୍ୱେ ୨୦ ଓଭରରେ ୬ ଉଇକେଟ ହରାଇ ୧୯୧ ରନ କରିବାକୁ ସକ୍ଷମ ହୋଇଥିଲା। ଦଳ ପାଇଁ ଅଧିନାୟିକା ଚମାରି ଆଥାପାଥୁ ୫୨ (୩ ଲେଖାଏ ଚୌକା ଓ ଛକା), ହସିନି ପେରେରା ୩୩ (୭ ଚୌକା) ଓ ଇମେଶା ଦୁଲାନି ୨୯ (୩ ଚୌକା) ରନ କରିଥିଲେ। ଭାରତ ପକ୍ଷରୁ ଅରୁନ୍ଧତି ରେଡ୍ଡୀ ଓ ବୈଷ୍ଣବୀ ଶର୍ମା ୨ ଲେଖାଏ ଉଇକେଟ ନେଇଥିଲେ।



ଅର୍ଦ୍ଧଶତକୀୟ ଇନିଂସ ଅବସରରେ ଶେଫାଳି ବର୍ମା ଓ ସ୍ମୃତି ମନ୍ଧାନା।

**ସଂକ୍ଷିପ୍ତ ସ୍କୋର**

ଭରତ: ୨୦ ଓଭରରେ ୨୨୧/୨ (ସ୍ମୃତି ମନ୍ଧାନା-୮୦, ଶେଫାଳି ବର୍ମା-୭୯, ରିଚା ଘୋଷ-୪୦*)। ଶ୍ରୀଲଙ୍କା: ୨୦ ଓଭରରେ ୧୯୧/୬ (ଚମାରି ଆଥାପାଥୁ-୫୨, ହସିନି ପେରେରା-୩୩, ବୈଷ୍ଣବୀ ଶର୍ମା-୨/୨୪, ଅରୁନ୍ଧତି ରେଡ୍ଡୀ-୨/୪୨)।

# କ୍ୟାମେରାକୁ ଧକ୍କା ପକାଇଲେ କାର୍ଲସେନ୍

**ଦୋହା,୨୮।୧୨:** କାତାର ରାଜଧାନୀ ଦୋହାଠାରେ ଚାଲିଥିବା ଫିଡେ ୱାର୍ଲ୍ଡ ରାପିଡ୍ ଓ ବ୍ଲିଜ୍ ଚେସ୍ ଚାମ୍ପିୟନଶିପ୍‌ର ଏକ ମ୍ୟାଚ୍‌ରେ ପରାଜିତ ହେବାପରେ ମାଗ୍ନସ କାର୍ଲସେନ୍ କ୍ୟାମେରାକୁ ଧକ୍କା ପକାଇଛନ୍ତି। ୨୦୧୩ରୁ ୨୦୨୩ ପର୍ଯ୍ୟନ୍ତ ବିଶ୍ୱ ଚାମ୍ପିୟନ ରହିଥିବା କାର୍ଲସେନ୍‌ଙ୍କ ପାଇଁ ଶନିବାର ନୈରାଶ୍ୟଜନକ ଥିଲା। ମାକ୍ସିମ ଭାଚିଅର-ଲାଗ୍ରେଭଙ୍କ ବିପକ୍ଷ ମ୍ୟାଚ୍‌ରେ ପଏଣ୍ଟ ଭାଗ କରିବା ପରେ କାର୍ଲସେନ୍ ଦ୍ୱିତୀୟ ମ୍ୟାଚ୍‌ରେ ଭ୍ଲାଡିସ୍ଲାଭ ଆର୍ଟେମିଏଭ୍‌ଙ୍କଠାରୁ ପରାସ୍ତ ହୋଇଥିଲେ। ଏହି ପରାଜୟ ପରେ କାର୍ଲସେନ୍ ଉତ୍ତ୍ୟକ୍ତ ହୋଇ ଭେନ୍ୟୁରୁ ବାହାରକୁ ଯାଉଥିବା ବେଳେ ଜଣେ ଫଟୋଗ୍ରାଫର ତାଙ୍କ ପାଖକୁ ଚାଲିଆସିଥିଲେ। ହେଲେ ନର୍‌ୱେ ଖେଳାଳି ତାଙ୍କ କ୍ୟାମେରାକୁ ଧକ୍କା ପକାଇଥିଲେ। ତେବେ ମ୍ୟାଚ୍ ହାରିବା ପରେ କାର୍ଲସେନ୍‌ଙ୍କର ବିରକ୍ତି ଭାବ ପ୍ରକାଶ କରିବାର ଏହା ପ୍ରଥମ ଘଟଣା ନୁହେଁ। ଚଳିତବର୍ଷ ନର୍‌ୱେ ଚେସ୍ ଟୁର୍ନାମେଣ୍ଟରେ ୱାର୍ଲ୍ଡ ଚାମ୍ପିୟନ ଡି ଗୁକେଶ୍‌ଙ୍କଠାରୁ ହାରିବା ପରେ କାର୍ଲସେନ ଟେବୁଲକୁ ମୁଥ ମାରିଥିଲେ। ଗତବର୍ଷ ମଧ୍ୟ ଜିନ୍ସ ପିନ୍ଧିବା କାରଣରୁ ଫିଡେ ପରିଚାଳନା ସଂସ୍ଥା ପକ୍ଷରୁ ବାରଣ କରାଯିବାରୁ ସେ ନ୍ୟୁୟର୍କରେ ଖେଳାଯାଇଥିବା ୱାର୍ଲ୍ଡ ରାପିଡ୍ ଆଣ୍ଡ ବ୍ଲିଜ୍ ଚେସ୍ ଚାମ୍ପିୟନଶିପ୍‌ରୁ ଓହରି ଯାଇଥିଲେ। ତେବେ କାର୍ଲସେନ୍‌ଙ୍କ ବ୍ୟବହାର ବିରୋଧରେ ଫିଡେ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯିବାର ଯୋଜନା ନାହିଁ। କିନ୍ତୁ ଯଦି ଆନୁଷ୍ଠାନିକ ଭାବେ ଅଭିଯୋଗ ଆସେ, ତେବେ ଘଟଣାର ଯାଞ୍ଚ କରାଯିବ। ପରାଜୟ ସତ୍ତ୍ୱେ କାର୍ଲସେନ୍ ଏବେ ବି ଟାଇଟଲ ଦୌଡ଼ରେ ରହିଛନ୍ତି।

# ତନ୍‌ଭି ରନରଅପ୍



ପଦକ ଓ ପୁରସ୍କାର ସହ ତନଭି ପତ୍ରି।

**ବିଜୟୱାଡ଼ା, ୨୮।୧୨**

## ଜାତୀୟ ସିନିୟର ବ୍ୟାଡ୍‌ମିଣ୍ଟନ

ନିକଟ ଅତୀତରେ ଚମତ୍କାର ପ୍ରଦର୍ଶନ କରିଆସିଥିବା ଓଡ଼ିଶାର ତନ୍‌ଭି ପତ୍ରି ଏଠାରେ ଅନୁଷ୍ଠିତ ଜାତୀୟ ସିନିୟର ବ୍ୟାଡ୍‌ମିଣ୍ଟନ ଚାମ୍ପିୟନଶିପ୍‌ରେ ରନରଅପ୍ ହୋଇଛନ୍ତି। ରବିବାର ଅନୁଷ୍ଠିତ ମହିଳା ସିଙ୍ଗଲ୍ସ ଫାଇନାଲରେ ସେ ସୂର୍ଯ୍ୟା କରିଷ୍ମା ତାମିରିଙ୍କଠାରୁ ୨୧-୧୭, ୧୨-୨୧, ୧୪-୨୧ରେ ହାରିଯାଇଛନ୍ତି। ପାଖାପାଖି ଏକଘଣ୍ଟା ଧରି ଅନୁଷ୍ଠିତ ଫାଇନାଲରେ ତନ୍‌ଭି ପ୍ରଥମ ସେଟ୍‌ରେ ବିଜୟୀ ହୋଇଥିଲେ ହେଁ ପରବର୍ତ୍ତୀ ୨ ସେଟ୍‌ରେ ସେହି ପ୍ରଦର୍ଶନ ବଜାୟ ରଖିପାରି ନ ଥିଲେ। ଅନ୍ୟପକ୍ଷେ ପୁରୁଷ ସିଙ୍ଗଲ୍ସ ଫାଇନାଲରେ ରିତ୍‌ଭିକ୍ ସଞ୍ଜିଭି ପ୍ରତିପକ୍ଷ ଭରତ ରାଘବଙ୍କୁ ୨୧-୧୬, ୨୨-୨୦ରେ ହରାଇ ଚାମ୍ପିୟନ ହୋଇଛନ୍ତି।

# ଦ୍ୱିତୀୟ ଦିବସରେ ଭାଗନେଲେ ୩୦୦ ପ୍ରତିଯୋଗୀ

**ଭୁବନେଶ୍ୱର, ୨୮।୧୨ (ତପନ ସ୍ୱାଇଁ)**

## ସର୍ବଭାରତୀୟ ଓପନ କରାଟେ

ଉତ୍କଳ କରାଟେ ସ୍କୁଲ ପରିସରରେ ଚାଲିଥିବା ୧୫ଶ ସର୍ବଭାରତୀୟ ଓପନ୍ କରାଟେର ଦ୍ୱିତୀୟ ଦିବସ ରବିବାର ୩୦୦ ପ୍ରତିଯୋଗୀ କ୍ୟାଡେଟ୍ ଓ ୧୩ ବର୍ଷରୁ କମ୍ ବର୍ଗ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଛନ୍ତି। କୃତୀ ପ୍ରତିଯୋଗୀଙ୍କୁ ଓଡ଼ିଶା ରାଜ୍ୟ କରାଟେ ସଂଘର ଉପଦେଷ୍ଟା ସନତ କୁମାର ନାୟକ ଓ ସାମାଜିକ କର୍ମୀ ଦୀପକ କୁମାର ନାୟକ ପୁରସ୍କାର ପ୍ରଦାନ କରିଥିଲେ। ବିଜନ କୁମାର ଦଳବେହେରା, ଗୋପାଳ ଦାସ, ଏନ୍.ବି. ପଟ୍ଟନାୟକ, ଶୁଭାଶିଷ ମହାପାତ୍ର, ଉମାକାନ୍ତ ବେହେରା, ଆଦିତ୍ୟ ମିଶ୍ର, ଦେବେନ୍ଦ୍ର ରଣା, ମଣ୍ଟୁ ଯୋଗୀ, ସର୍ଭେସ୍ ଅଗ୍ରୱାଲ, ସୁରେଶ ଚନ୍ଦ୍ର ଜାଲ, ଗୋପାଳ ଚନ୍ଦ୍ର ଦୀପ୍, ସୁଭାଷ ଚନ୍ଦ୍ର ଦଳାଇ, ପ୍ରସନ୍ନ ପଟ୍ଟନାୟକ, ସୁମନ୍ତ ପଣ୍ଡା, ସିଦ୍ଧାର୍ଥ ଭୂୟାଁ, ଆଶୁତୋଷ ପଟ୍ଟନାୟକ, ଗୋପାଳ ଚନ୍ଦ୍ର କଅଁର, ପ୍ରଦୀପ କୁମାର ଦେ, ରୌନକ ପଟ୍ଟନାୟକ ପ୍ରମୁଖ ପରିଚାଳନା କରିଥିଲେ।



କୃତୀ କରାଟେକାମାନେ ପଦକ ସହ ଅତିଥିଙ୍କ ଗହଣରେ।

# ଆଶ୍ଚର୍ଯ୍ୟ ପ୍ରକଟ କଲେ ଏମ୍‌ସିଜି କ୍ୟୁରେଟର

**ମେଲ୍‌ବୋର୍ନ,୨୮।୧୨(ପି.ଟି.)**

ମେଲ୍‌ବୋର୍ନ କ୍ରିକେଟ ଗ୍ରାଉଣ୍ଡ (ଏମ୍‌ସିଜି)ର ମୁଖ୍ୟ କ୍ୟୁରେଟର ମାଥ୍ୟୁ ପେଜ୍ ଅଷ୍ଟ୍ରେଲିଆ ଓ ଇଂଲଣ୍ଡ ମଧ୍ୟରେ ଖେଳାଯାଇଥିବା ବକ୍ସିଂ ଡେ' ଟେଷ୍ଟ ମ୍ୟାଚ୍ ଦୁଇ ଦିନ ମଧ୍ୟରେ ଶେଷ ହେବାକୁ ନେଇ ଆଶ୍ଚର୍ଯ୍ୟପ୍ରକଟ କରିଛନ୍ତି। ଅତ୍ୟଧିକ ବୋଲରଙ୍କୁ ସୁହାଉଥିବା ପିଚ୍‌ରେ ମ୍ୟାଚ୍‌ର ପ୍ରଥମ ଦିନ ୨୦ ଉଇକେଟର ପତନ ଘଟିଥିଲା। ଏହି ମ୍ୟାଚ୍ ଲାଗି ପେଜ୍ ପିଚ୍‌ରେ ୧୦ ଏମ୍‌ଏମ୍ ଲମ୍ବର ଘାସ ଛାଡ଼ିଥିଲେ, ଯାହାକି ଗତବର୍ଷ ଭାରତ ଓ ଅଷ୍ଟ୍ରେଲିଆ ମଧ୍ୟରେ ଖେଳାଯାଇଥିବା ବକ୍ସିଂ ଡେ' ଟେଷ୍ଟ ବେଳେ ରଖାଯାଇଥିବା ଘାସଠାରୁ ୩ ଏମ୍‌ଏମ୍ ଲମ୍ବା ଥିଲା। କିନ୍ତୁ ଏହି ନିଷ୍ପତ୍ତି ବୁମ୍‌ରାଂ ସାବ୍ୟସ୍ତ ହୋଇଥିଲା। ଫଳରେ ମାତ୍ର ୬ ସେସନରେ ୧୪୨ ଓଭର ମଧ୍ୟରେ ୩୬ ଉଇକେଟ ପଡ଼ିଥିଲା। ୨୦୧୧ ପରେ ଅଷ୍ଟ୍ରେଲିଆ ମାଟିରେ ପ୍ରଥମ ଟେଷ୍ଟ ମ୍ୟାଚ୍ ଜିତିବା ପରେ ଇଂଲଣ୍ଡ ଅଧିନାୟକ ବେନ୍ ଷ୍ଟୋକ୍ସ ପିଚ୍‌କୁ କଡ଼ା ସମାଲୋଚନା କରିଥିଲେ।

ପ୍ରଥମ ଦିନରେ ଫିଲ୍ଡରେ ଯାହା ଘଟିଲା, ତାହା ମୋତେ ଆଶ୍ଚର୍ଯ୍ୟ କରିଥିଲା। ମ୍ୟାଚ୍ ଦୁଇ ଦିନ ମଧ୍ୟରେ ଶେଷହେବାରୁ ଆମେ ଦୁଃଖିତ। ଆମେ ଆୟୋଜନ କରୁଥିବା ଟେଷ୍ଟ ମ୍ୟାଚ୍ ଦର୍ଶକଙ୍କୁ ଆକର୍ଷିତ କରୁଛି। କିନ୍ତୁ ଏହା ଯଥେଷ୍ଟ ଲମ୍ବା ନ ଥିଲା। ଆମେ ଏଭଳି ତ୍ରୁଟିରୁ ଶିକ୍ଷା ନେବୁ ଏବଂ ଏହାକୁ ଆସନ୍ତା ବର୍ଷ ସୁଧାରିବାକୁ ନିଶ୍ଚିତ କରିବୁ। ମୁଁ ପୂର୍ବରୁ କଦାପି

## ବକ୍ସିଂ ଡେ' ପିଚ୍ ବିବାଦ

ଏଭଳି ଟେଷ୍ଟ ମ୍ୟାଚ୍‌ରେ ସାମିଲ ହୋଇ ନ ଥିଲି ଏବଂ ଆଶାକରୁଛି ଭବିଷ୍ୟତରେ ମଧ୍ୟ ଏଭଳି ଟେଷ୍ଟ ମ୍ୟାଚ୍‌ର ଅଂଶ ହେବିନାହିଁ ବୋଲି ରବିବାର ଏମ୍‌ସିଜିରେ ଆୟୋଜିତ ଖବରଦାତା ସମ୍ମିଳନୀରେ ପେଜ୍ କହିଛନ୍ତି। ପିଚ୍‌ରେ ଲମ୍ବାଘାସ ଛାଡ଼ିବା ସମ୍ପର୍କରେ ସେ ପ୍ରକାଶ କରିଛନ୍ତି ଯେ, ଆମକୁ ଜଣାଅଛି, ମ୍ୟାଚ୍‌ଟି ଆମ ଯୋଜନା ମୁତାବକ ହେଲାନାହିଁ। ଆମେ ବ୍ୟାଟ୍ ଓ ବଲ୍ ମଧ୍ୟରେ ସନ୍ତୁଳନ ରକ୍ଷା କରିବାକୁ ଚେଷ୍ଟା କରିଥିଲୁ। ମ୍ୟାଚ୍ ପୂର୍ବରୁ ହୋଇଥିବା ପାଣିପାଗ ଆକଳନ ମୁତାବକ, ମ୍ୟାଚ୍ ବେଳେ ଅତ୍ୟଧିକ ଗରମ ହେବାର ଥିଲା।

# ଡକେଟ୍‌ଙ୍କ ସମର୍ଥନରେ ହେଡ୍

**ମେଲ୍‌ବୋର୍ନ,୨୮।୧୨**

ନିଶାସକ୍ତ ଅବସ୍ଥାରେ ଇଂଲଣ୍ଡ ଓପନର ବେନ୍ ଡକେଟ୍‌ଙ୍କ ଭିଡିଓ ଭାଇରାଲ ହେବା ପରେ ତାଙ୍କ ପ୍ରତି ଅଷ୍ଟ୍ରେଲିଆ ଓପ୍‌ନର ଟ୍ରାଭିସ୍ ହେଡ୍ ସମର୍ଥନ ବ୍ୟକ୍ତ କରିଛନ୍ତି। ଦ୍ୱିତୀୟ ଓ ତୃତୀୟ ଆଶେସ୍ ମଧ୍ୟରେ ଇଂଲଣ୍ଡ ଖେଳାଳିମାନେ ନୁସା ନାମକ ଏକ ଉପକୂଳ ସହରରେ ୪ ଦିନ ଛୁଟି କଟାଇଥିଲେ। ଏହି ସମୟରେ ଦଳର ଅନେକ ଖେଳାଳି ଖୁବ୍ ମଦ୍ୟପାନ କରିଥିବା ନେଇ କିଛି ଭିଡିଓ ଓ ରିପୋର୍ଟ ପଦାକୁ ଆସିବା ପରେ ଏ ଘଟଣାର ଇସିବି ପକ୍ଷରୁ ତଦନ୍ତ ଆରମ୍ଭ କରାଯାଇଥିବା ନେଇ ଇଂଲଣ୍ଡ ମ୍ୟାନେଜିଂ ଡାଇରେକ୍ଟର ରବ୍ କି କହିଥିଲେ।

ଉକ୍ତ ଭିଡିଓ ଭାଇରାଲ ହେବା ପରେ ମୁଁ ଡକେଟ୍‌ଙ୍କ ନିକଟରେ ପହଞ୍ଚି ତାଙ୍କ ହାଲ୍‌ଚାଲ୍ ପଚାରି ବୁଝିଥିଲି। ସମସ୍ତେ ମଣିଷ। ତୁମେ ତୁମ ବ୍ୟକ୍ତିଗତ ସମୟରେ କ'ଣ କରୁଛ, ତାହା ତୁମ ଉପରେ ନିର୍ଭର କରେ। ମୋତେ ଜଣା ଯେ, ଆମେ ଏକ ହାଇପ୍ରୋଫାଇଲ ଜୀବନ ବଞ୍ଚୁଛୁ ଏବଂ କିଛି ଲୋକ ଆମଠାରୁ ଅଧିକ ହାଇପ୍ରୋଫାଇଲରେ ଅଛନ୍ତି।

# ସ୍ପୋର୍ଟ୍ସ ହଷ୍ଟେଲ, ୱାଇବିସି ଚାମ୍ପିୟନ

**ଭୁବନେଶ୍ୱର,୨୮।୧୨ (ତପନ ସ୍ୱାଇଁ)**

## ବିଜୟ ସ୍ମାରକୀ ବାସ୍କେଟବଲ ଉଦ୍‌ଯାପିତ

ଭୁବନେଶ୍ୱର ବାସ୍କେଟ୍‌ବଲ ଆସୋସିଏଶନ(ବିବିଏ), ଖୋର୍ଦ୍ଧା ଜିଲା ବାସ୍କେଟ୍‌ବଲ ଆସୋସିଏଶନ୍ ଏବଂ ବାଦଲ ଭାଇ ସ୍ମୃତି କମିଟି ଆନୁକୂଲ୍ୟରେ ଆୟୋଜିତ ୧ମ ବିଜୟ ମହାନ୍ତି ସ୍ମାରକୀ ବାସ୍କେଟ୍‌ବଲ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଛି। ଏହାର ମହିଳା ବର୍ଗରେ ସ୍ପୋର୍ଟ୍ସ ହଷ୍ଟେଲ ଏବଂ ପୁରୁଷରେ ଯୁବ ବାସ୍କେଟ୍‌ବଲ କ୍ଲବ(ୱାଇବିସି) ଚାମ୍ପିୟନ ହୋଇଛି। ୟୁନିଟ୍-୧ସ୍ଥିତ ବାସ୍କେଟ୍‌ବଲ ଗ୍ରାଉଣ୍ଡରେ ଅନୁଷ୍ଠିତ ମହିଳା ବର୍ଗ ଫାଇନାଲରେ ସ୍ପୋର୍ଟ୍ସ ହଷ୍ଟେଲ ୪୦-୩୧ ପଏଣ୍ଟରେ ୟଙ୍ଗ ଷ୍ଟର୍ସ କ୍ଲବକୁ ପରାସ୍ତ କରିଛି। ଚାମ୍ପିୟନ ସ୍ପୋର୍ଟ୍ସ ହଷ୍ଟେଲର ଲିଜାଲିନ ସର୍ବାଧିକ ୧୯ ଓ ୟଙ୍ଗ୍‌ଷ୍ଟର୍ସର ନଭ୍ୟା ୧୮ ପଏଣ୍ଟ ସ୍କୋର କରିଥିଲେ। ନଭ୍ୟାଙ୍କୁ ଟୁର୍ନାମେଣ୍ଟର ଶ୍ରେଷ୍ଠ ଖେଳାଳି ଏବଂ ମିନତି କୁଳଦୀପଙ୍କୁ ଶ୍ରେଷ୍ଠ ଉଦୀୟମାନ ଖେଳାଳି ପୁରସ୍କାର ପ୍ରଦାନ କରାଯାଇଛି। ସେହିପରି ପୁରୁଷ ବର୍ଗର ଫାଇନାଲରେ ଯୁବ ବାସ୍କେଟ୍‌ବଲ କ୍ଲବ୍(ୱାଇବିସି) ୬୯-୬୫ ପଏଣ୍ଟରେ କଟକ ବାସ୍କେଟ୍‌ବଲ ଆସୋସିଏଶନ୍‌କୁ ହରାଇ ଦେଇଛି। ବିଜେତା ଦଳର ସୁମୁନା ପାତ୍ର ୧୫ ଏବଂ ସିବିଏ ଦଳର ରାମକୃଷ୍ଣ ବେହେରା ୨୪ ପଏଣ୍ଟ ସ୍କୋର କରିଥିଲେ। ଚାମ୍ପିୟନ ଦଳର ଭାଗୀରଥି ଗୌତମଙ୍କୁ ଟୁର୍ନାମେଣ୍ଟର ଶ୍ରେଷ୍ଠ ଖେଳାଳି ଏବଂ ଶୁଭମ୍ ବେହେରାଙ୍କୁ ଶ୍ରେଷ୍ଠ ଉଦୀୟମାନ ଖେଳାଳି ପୁରସ୍କାର ପ୍ରଦାନ କରାଯାଇଛି। ଉଦ୍‌ଯାପନୀରେ ବିଧାୟକ ବାବୁ ସିଂ, ପୂର୍ବତନ ବିଧାୟକ ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର, ଓଡ଼ିଶା ବାସ୍କେଟ୍‌ବଲ ଆସୋସିଏଶନ୍ ସଭାପତି ଜ୍ଞାନରଞ୍ଜନ ପରିଡ଼ା, ଭୁବନେଶ୍ୱର ବାସ୍କେଟବଲ ଆସୋସିଏଶନ ସଭାପତି ମକବୁଲ ଅଲୀ, ଖୋର୍ଦ୍ଧା ଜିଲା ବାସ୍କେଟ୍‌ବଲ ଆସୋସିଏଶନ୍ ସମ୍ପାଦକ ପ୍ରଶାନ୍ତ ନାୟକ, ୧୨୦ ବାଟାଲିଅନ କମାଣ୍ଡାଣ୍ଟ ରୋହିତ କୁମାର, ନବରଞ୍ଜନ ପଟ୍ଟନାୟକ ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ।




ଚାମ୍ପିୟନ ସ୍ପୋର୍ଟ୍ସ ହଷ୍ଟେଲ ଓ ଯୁବ ବାସ୍କେଟବଲ କ୍ଲବର ଖେଳାଳିମାନେ ଅତିଥିଙ୍କଠାରୁ ପୁରସ୍କାର ଗ୍ରହଣ କରୁଛନ୍ତି।




Printed and Published by Adyasha Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ–ତଥାଗତ ସତପଥୀ